# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୧/୨୦୨୦ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 21/2020 | ★★★★★★

୪୬ଶ ଭାଗ ୧୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


# ଆସ୍ଥାଭୋଟ ପୂର୍ବରୁ କମଲନାଥଙ୍କ ଇସ୍ତଫା

ଭୋପାଳ,୨୦।୩(ପି.ଟି.)



ଆସ୍ଥାଭୋଟର ସମ୍ମୁଖୀନ ହେବା ପୂର୍ବରୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ପଦରୁ କମଲନାଥ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଫଳରେ ରାଜ୍ୟରେ ୧୫ ମାସର କଂଗ୍ରେସ ସରକାରର ପତନ ଘଟିଛି। ୨୨ କଂଗ୍ରେସ ବିଧାୟକଙ୍କ ଇସ୍ତଫା ପରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଲାଗି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଆସ୍ଥାଭୋଟ ଲୋଡ଼ିବାକୁ ଗୁରୁବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କମଲନାଥ ରାଜଭବନ ଯାଇ ରାଜ୍ୟପାଳ ଲାଲ୍‌ଜୀ ଟଣ୍ଡନଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି।

କମଲନାଥ ତାଙ୍କ ଇସ୍ତଫାପତ୍ରରେ ଲେଖିଛନ୍ତି, ୪୦ ବର୍ଷର ରାଜନୈତିକ ଜୀବନରେ ସେ ସବୁବେଳେ ପବିତ୍ରତାର ରାଜନୀତି କରିଛନ୍ତି ଓ ଗଣତାନ୍ତ୍ରିକ ନୀତି ଆଦର୍ଶକୁ ସମ୍ମାନ ଦେବା ସହ ପ୍ରାଥମିକତା ଦେଇଆସିଛନ୍ତି। ଗତ ଦୁଇସପ୍ତାହରେ ଯାହା ସବୁ ଘଟିଲା ତାହା ଗଣତାନ୍ତ୍ରିକ ମୂଲ୍ୟବୋଧ ଅବମୂଲ୍ୟାୟନର ଏକ ନୂଆ ☞ପୃଷ୍ଠା–୪

## ଜନତାଙ୍କ ବିଜୟ: ସିନ୍ଧିଆ

ଭୋପାଳ,୨୦।୩(ପି.ଟି.)



କମଲନାଥଙ୍କ ଇସ୍ତଫାକୁ ମଧ୍ୟପ୍ରଦେଶରେ ଲୋକଙ୍କ ବିଜୟ ବୋଲି ଭାଜପା ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି। ପୂର୍ବତନ ଏମ୍‌ପି ଜ୍ୟୋତିରାଦିତ୍ୟ ଦଳ ଛାଡ଼ିବା ଫଳରେ କମଲନାଥ ସରକାରଙ୍କ ପତନ ଘଟିଛି। ରାଜନୀତି ଲୋକଙ୍କ ସେବା କରିବାର ଏକ ମାଧ୍ୟମ ବୋଲି ସେ ବିଶ୍ୱାସ କରୁଥିଲେ। ତେବେ କମଲନାଥ ସରକାର ଏହି ପଥରୁ ବିଚ୍ୟୁତ ହୋଇଯାଇଥିଲା। ଶେଷରେ ସତ୍ୟର ଜୟ ହେଲା ବୋଲି ସିନ୍ଧିଆ ଟୁଇଟ୍ କରିଛନ୍ତି।

# ନିର୍ଭୟା ଦୋଷୀଙ୍କୁ ଫାଶୀ

ନୂଆଦିଲ୍ଲୀ,୨୦।୩(ପି.ଟି./ଆଇଏଏନ୍‌ଏସ୍)

ଶେଷରେ ସବୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଦିଲ୍ଲୀର ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଫାଶୀ ଦିଆଯାଇଛି। ଶୁକ୍ରବାର ଭୋର ୫ଟା ୩୦ ମିନିଟରେ ଦୋଷୀ ମୁକେଶ ସିଂ (୩୨), ପବନ ଗୁପ୍ତା (୨୫), ବିନୟ ଶର୍ମା (୨୬) ଓ ଅକ୍ଷୟ କୁମାର ସିଂ (୩୧)ଙ୍କୁ ନୂଆଦିଲ୍ଲୀସ୍ଥିତ ତିହାର ଜେଲରେ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଇଛି। ଫାଶୀଘର କୂଅରେ ଅଧଘଣ୍ଟା ଧରି ଝୁଲିରହିବା ପରେ ଜେଲ୍‌ର ଡାକ୍ତର ଦୋଷୀମାନଙ୍କ ନାମରେ ମେଡିକାଲ

## ନ୍ୟାୟ ବିଳମ୍ବିତ କିନ୍ତୁ ବିଡ଼ମ୍ବିତ ନୁହେଁ

ସାର୍ଟିଫିକେଟ ଜାରି କରିବା ସହ ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ଏହାସହ ୨୦୧୨ ଡିସେମ୍ବର ୧୬ରୁ ଚାଲିଥିବା ଆଇନର ଲମ୍ବା ଲଢ଼େଇରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏହି କଠୋର କାର୍ଯ୍ୟାନୁଷ୍ଠାନକୁ ଦେଶବ୍ୟାପୀ ସ୍ୱାଗତ କରାଯାଇଥିବାବେଳେ ଅନ୍ୟ କେତେକ ମହଲରେ ଏହାକୁ ନିନ୍ଦା ମଧ୍ୟ କରାଯାଇଛି। ଦୋଷୀମାନଙ୍କ ପକ୍ଷରୁ ଫାଶୀ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ପାଇଁ ସୁପ୍ରିମକୋର୍ଟରେ ଆବେଦନ ହୋଇଥିବାବେଳେ ଭୋର ୩ଟା ୩୦ ଯାଏ ଶୁଣାଣି ଚାଲିଥିଲା। ସର୍ବୋଚ୍ଚ ଅଦାଲତ ଏହାକୁ ଖାରଜ କରିଦେବା



### ୭ ବର୍ଷ ୩ ମାସ ପରେ ନ୍ୟାୟ

- ତିହାର ଜେଲରେ ଭୋର ୫ଟା ୩୦ରେ ଦିଆଗଲା ଫାଶୀ
- ଏକସଙ୍ଗେ ଫାଶୀଖୁଣ୍ଟରେ ଝୁଲିଲେ ଦୋଷୀ ମୁକେଶ, ବିନୟ, ଅକ୍ଷୟ ଓ ପବନ
- ମୃତ୍ୟୁଦଣ୍ଡକୁ ସ୍ୱାଗତ କଲେ ପ୍ରଧାନମନ୍ତ୍ରୀ
- ବିରୋଧ କଲା ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ
- ଦେଶର ଝିଅମାନଙ୍କ ପାଇଁ ଜାରି ରହିବ ଲଢ଼େଇ: ଆଶାଦେବୀ

ପରେ ନିର୍ଭୟାଙ୍କ ମା' ଆଶାଦେବୀ କହିଛନ୍ତି, ୭ ବର୍ଷ ୩ ମାସ ୩ ଦିନ ପରେ ଶେଷରେ ☞ପୃଷ୍ଠା–୪

# ଆସନ୍ତାକାଲିର 'ଛୁଟିଦିନ' ଆକର୍ଷଣ

ଦୀର୍ଘଦିନର ପାଣି ସମସ୍ୟା ଦୂରେଇବା ଲାଗି ଏମାନେ ଅଣ୍ଟା ଭିଡ଼ିଲେ। କେଉଁଠି ବର୍ଷାଜଳ ସଂରକ୍ଷଣ କଲେ ତ ପୁଣି କେଉଁଠି ଝରଣାକୁ ନେଇ ଆସିଲେ ଗାଁକୁ...



ପାଣି ପାଇଁ...



ନାଟକ ମଣିଷ







ଏ ସପ୍ତାହର ମଡେଲ

## ଆଜିର ସମ୍ପାଦକୀୟ

ଅଡିଓ ବିବାଦ


Vencobb Fresh CHICKEN — Taste the difference!

20.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers



RSPL EVOLUTION IS CONSTANT

ଘଡ଼ୀ ଡିଟର୍ଜେଣ୍ଟ

କଣ ଆପଣ ଜାଣିଛନ୍ତି କି ଆପଣଙ୍କ କପଡା ଦ୍ୱାରା ବେମାରି ବ୍ୟାପି ପାରେ?

ଆଜି ମଇଳା କେବଳ ସେଇଟା ନୁହେଁ ଯାହା ଦେଖା ଯାଉଛି। ଅଜାଣତରେ କୌଣସି ଭାଇରସ୍ ଆପଣଙ୍କ କପଡାରେ ଲାଗିକରି କୌଣସି ବଡ଼ ବେମାରିର କାରଣ ବନି ପାରେ।

ନିଜର କପଡାକୁ ପ୍ରତିଦିନ ଧୁଅନ୍ତୁ। ଅର୍ଥାତ ସୁରକ୍ଷିତ ଏବଂ ସୁସ୍ଥ ରୁହନ୍ତୁ।

ଘଡ଼ୀ ଡିଟର୍ଜେଣ୍ଟ



DSPL-320

NATIONAL HEALTH MISSION

# ସାମାଜିକ ଦୂରତା ବଜାୟ ରଖିବା
# କରୋନା ଭୂତାଣୁଠାରୁ ଦୂରେଇ ରହିବା



ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ



ଜ୍ୱର, କାଶ, ଫ୍ଲୁ ଭଳି ଲକ୍ଷଣ ଥିଲେ ଘରେ ଅଲଗା ରୁହନ୍ତୁ



ହାତ ନମିଳାଇ ନମସ୍କାର କରନ୍ତୁ
ଅତିକମ୍‌ରେ ୧ ମିଟର ଦୂରରେ ରୁହନ୍ତୁ



ଜନ ସମାବେଶ (ବାହାଘର, ସାଂସ୍କୃତିକ, ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ) ଠାରୁ ଦୂରେଇ ରୁହନ୍ତୁ।
ସର୍ବସାଧାରଣ ସ୍ଥାନରେ ସାତ ଜଣରୁ ଅଧିକ ବ୍ୟକ୍ତି ଏକତ୍ରିତ ହେବା ମନା।



୧୪ ଦିନ ମଧ୍ୟରେ ବିଦେଶରୁ ଫେରିଥିବା ଯାତ୍ରୀମାନେ ୧୦୪ରେ କଲ୍ କରି କିମ୍ବା https://covid19.odisha.gov.in ରେ ପଞ୍ଜୀକରଣ କରନ୍ତୁ



ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟ ସହାୟତା ଫୋନ୍ ୧୦୪ରେ ଯୋଗାଯୋଗ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha | http://www.health.odisha.gov.in/ | @HFWOdisha

OIPR-10003/13/0122/1920

**ଚନ୍ଦ୍ରସ୍ୱାମୀଙ୍କ ସହଯୋଗୀ ଥିଲେ ଓକିଲ ଏ.ପି. ସିଂ**

ରିଭ୍ୟୁ ପିଟିଶନ, କ୍ୟୁରେଟିଭ୍ ପିଟିଶନ ତଥା କ୍ଷମା ଆବେଦନ ଆଳରେ ନିର୍ଭୟା ଦୋଷୀଙ୍କ ଫାଶୀକୁ ଦୁଇମାସରୁ ଅଧିକ ସମୟ ଅଟକାଇପାରିଥିବା ଆଇନଜୀବୀ ଏ.ପି. ସିଂ ବେଶ୍ ଚର୍ଚ୍ଚାରେ ରହିଆସିଥିଲେ। ରାଜପୁତ ପରିବାରରେ ଜନ୍ମିତ ଏ.ପି. ସିଂଙ୍କୁ ବିବାଦୟ ଗଡମ୍ୟାନ୍ ଚନ୍ଦ୍ରସ୍ୱାମୀ ଆଇନ ବ୍ୟବସାୟ ମଧକୁ ଆଣିଥିଲେ। ସେ ଚନ୍ଦ୍ରସ୍ୱାମୀଙ୍କ ସହଯୋଗୀ ଭାବେ ଜଣାଶୁଣା ଥିଲେ।

# ୧୧ ହଜାର ଟପିଲା କରୋନା ମୃତ୍ୟୁ

ନୂଆଦିଲ୍ଲୀ,୨୦।୩

ସାରା ବିଶ୍ୱରେ ମହାମାରୀ କରୋନାଜନିତ ମୃତ୍ୟୁସଂଖ୍ୟା ଶୁକ୍ରବାର ରାତି ସୁଦ୍ଧା ୧୧,୧୭୬ରେ ପହଞ୍ଚିଛି। ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷ ୬୫ ହଜାର ୬୭୧ ହୋଇଥିବା ବେଳେ ୯୦, ୬୦୩ ଜଣ ଭଲ ହୋଇ ଘରକୁ ଫେରିଲେଣି। କରୋନା ଭୂତାଣୁ ସୃଷ୍ଟି ହୋଇଥିବା ଚାଇନାରେ ଆକ୍ରାନ୍ତଙ୍କ ସଂଖ୍ୟା ୮୦,୯୬୭ ଥିବାବେଳେ ମୃତକଙ୍କ

**■୨,୬୫,୬୭୧ ଆକ୍ରାନ୍ତ**

**■ଇଟାଲୀରେ ସର୍ବାଧିକ ୪୦୩୨ ମୃତ**

ସଂଖ୍ୟା ୩୨୪୮ ରହିଛି। ୟୁରୋପରେ ମୃତ୍ୟୁସଂଖ୍ୟା ୫ ହଜାର ଟପିଲାଣି। କେବଳ ଇଟାଲୀରେ ମୃତ୍ୟୁସଂଖ୍ୟା ୪୦୩୨ ହୋଇଛି। ସେଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୭,୦୨୧ ରହିଥିବାବେଳେ ସ୍ପେନରେ ୨୦,୪୧୨ ଏବଂ ମୃତକଙ୍କ ସଂଖ୍ୟା ୧୦୪୧ ରହିଛି। ଇରାନରେ ୧୯,୬୪୪ ଆକ୍ରାନ୍ତ ରହିଥିବାବେଳେ ୧୪୩୩ ଜଣଙ୍କ ପ୍ରାଣ ନେଲାଣି କରୋନା। ଜର୍ମାନୀରେ ୧୮, ୩୨୮ ଜଣଙ୍କୁ ଏହି ଭୂତାଣୁ ସଂକ୍ରମିତ ହୋଇଥିବାବେଳେ ୫୨ ଜଣ ପ୍ରାଣ ହରାଇଛନ୍ତି। ଆମେରିକାରେ ୧୬,୦୫୮ ଜଣ ଆକ୍ରାନ୍ତ ଥିବାବେଳେ ମୃତ୍ୟୁସଂଖ୍ୟା ୨୧୯ରେ ପହଞ୍ଚିଛି। ଫ୍ରାନ୍ସରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୯୯୫ ଓ ମୃତକଙ୍କ ସଂଖ୍ୟା ୩୭୨ ହୋଇଥିବାବେଳେ ଦକ୍ଷିଣ କୋରିଆରେ ୮,୬୫୨ ଆକ୍ରାନ୍ତ ଓ ୯୪ ଜଣଙ୍କ ମୃତ୍ୟୁ ଘଟିଛି। ସ୍ୱିଜରଲାଣ୍ଡରେ ୪,୯୦୬ ଆକ୍ରାନ୍ତ ହୋଇଥିବାବେଳେ ପ୍ରାଣ ହରାଇଛନ୍ତି ୫୭ ଜଣ। ସେହିପରି ବ୍ରିଟେନରେ ୩୨୬୯ ଜଣଙ୍କୁ ଏହି ଭୂତାଣୁ ସଂକ୍ରମଣ ହେବା ସହ ୧୮୪ ଜଣଙ୍କ ଜୀବନ ନେଇଛି।



କୋଲକାତାର ଏକ ରାସ୍ତାରେ ପଥଚାରୀମାନେ ଫେସ୍‌ମାସ୍କ ପିନ୍ଧିଛନ୍ତି।

## ଭାରତରେ କରୋନା ମୃତ୍ୟୁସଂଖ୍ୟା ୫

ନୂଆଦିଲ୍ଲୀ,୨୦।୩

ଭାରତରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ଶୁକ୍ରବାର ୫ରେ ପହଞ୍ଚିଛି। ପ୍ରଥମ ବ୍ୟାଚ୍‌ରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଇଟାଲୀର ଜଣେ ୬୯ ବର୍ଷୀୟ ବ୍ୟକ୍ତିଙ୍କର ରାଜସ୍ଥାନର ଜୟପୁରରେ ମୃତ୍ୟୁ ଘଟିଛି। ତେବେ ସେ କରୋନା ସଂକ୍ରମଣରୁ ଭଲ ହୋଇଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଜୟପୁରର ଏସ୍‌ଏମ୍‌ଏସ୍ ହସ୍ପିଟାଲ ପକ୍ଷରୁ କୁହାଯାଇଛି। ତାଙ୍କର କୋଭିଡ-୧୯ ଜନିତ କାରଣରୁ ମୃତ୍ୟୁ ହୋଇଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ପୂର୍ବରୁ କର୍ନାଟକ, ଦିଲ୍ଲୀ, ମହାରାଷ୍ଟ୍ର ଓ ପଞ୍ଜାବରେ କରୋନା ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଭାରତରେ ଗୋଟିଏ ଦିନରେ ୬୩ରୁ ଊର୍ଦ୍ଧ୍ୱ କରୋନା ଆକ୍ରାନ୍ତ ହୋଇ ଥିବାବେଳେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୩୬ରେ ପହଞ୍ଚିଛି।

## ମୁଖ୍ୟମନ୍ତ୍ରୀମାନଙ୍କ ସହ ମୋଦିଙ୍କ ଆଲୋଚନା

କରୋନା ସଂକ୍ରମଣ ରୋକିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। ଭିଡିଓ ଲିଙ୍କ୍ ମାଧ୍ୟମରେ ହୋଇଥିବା ଏହି ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଓ ମନ୍ତ୍ରଣାଳୟର ଶୀର୍ଷ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତିଷେଧକ ବ୍ୟବସ୍ଥା ସହ ରାଜ୍ୟଗୁଡ଼ିକର ସାମର୍ଥ୍ୟ ବୃଦ୍ଧି ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଭିଡିଓ କନ୍‌ଫରେନ୍ସରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ପ୍ରମୁଖ ଯୋଗଦେଇଥିଲେ।

## ମୁମ୍ବାଇ, ପୁଣେରେ କାର୍ଯ୍ୟସ୍ଥଳ ବନ୍ଦ

କରୋନା ସଂକ୍ରମଣ ରୋକିବା ଲାଗି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ମୁମ୍ବାଇ ଓ ପୁଣେ ସମେତ ମହାରାଷ୍ଟ୍ରର ସବୁ ବଡ଼ ସହରର କାର୍ଯ୍ୟସ୍ଥଳକୁ ୩୧ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହାରାଷ୍ଟ୍ରରେ କୋଭିଡ-୧୯ ସଂକ୍ରମିତଙ୍କ ସଂଖ୍ୟା ସର୍ବାଧିକ ୫୨ରେ ପହଞ୍ଚିଛି ଓ ଜଣକ ମୃତ୍ୟୁ ଘଟିଛି। ତେଣୁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ସରକାରୀ କାର୍ଯ୍ୟାଳୟରେ ୨୫ ପ୍ରତିଶତ କର୍ମଚାରୀ ରହିବା ପାଇଁ କୁହାଯାଇଛି। ତେବେ ଖାଦ୍ୟ, ଦୁଗ୍ଧ ଓ ଔଷଧ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ। ସେହିପରି ବ୍ୟାଙ୍କ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ଚାଲୁ ରହିବ ବୋଲି ଉଦ୍ଧବ କହିଛନ୍ତି। ଦିଲ୍ଲୀ ଓ ଉତ୍ତରପ୍ରଦେଶ ସରକାର ମଲ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବଲିଉଡ୍ ଗାୟିକା କନିକା କପୁରଙ୍କୁ କରୋନା ସଂକ୍ରମିତ ହୋଇଥିବା ଜଣାପଡିବା ପରେ ସେ ଯୋଗଦେଇଥିବା ପାର୍ଟିରେ ଅନ୍ୟ କେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଥିଲେ ତାହାର ରିପୋର୍ଟ ୨୪ ଘଣ୍ଟା ମଧ୍ୟରେ ଦାଖଲ କରିବା ଲାଗି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି।



ମୁଖ୍ୟମନ୍ତ୍ରୀ ପଦରୁ କମଲନାଥଙ୍କ ଇସ୍ତଫା ପରେ ଭୋପାଳ ଭାଜପା କାର୍ଯ୍ୟାଳୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ସମେତ ଅନ୍ୟ ନେତା ଓ କର୍ମୀମାନେ ଉତ୍ସବ ମନାଉଛନ୍ତି।

## ସେଲ୍ଫ କ୍ୱାରାଣ୍ଟାଇନରେ ବସୁନ୍ଧରା, ଦୁଷ୍ୟନ୍ତ

ନୂଆଦିଲ୍ଲୀ, ୨୦।୩: ବିଶ୍ୱକୁ କରୋନା ଭୟ ଘାରିଥିବା ବେଳେ ଭାରତ ଏଥିରୁ ବାଦ୍ ଯାଇନାହିଁ। ଭାରତରେ ମଧ୍ୟ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଗୀତିକାର କନିକା କପୁର ଶୁକ୍ରବାର କରୋନା ସଂକ୍ରମିତ ହେବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଅନେକ ନେତା ଏବେ ସେଲ୍ଫ କ୍ୱାରାଣ୍ଟାଇନରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଓ ପୁଅ ତଥା ଏମ୍‌ପି ଦୁଷ୍ୟନ୍ତ ସିଂ। ଲକ୍ଷ୍ନୌରେ ରବିବାର ଅନୁଷ୍ଠିତ ନୈଶ୍ୟଭୋଜିରେ କନିକା ଯୋଗ ଦେଇଥିବା ବେଳେ ଏହି ଦୁଇନେତାଙ୍କ ସମେତ ଏକାଧିକ ଏମ୍‌ପି ସାମିଲ ହୋଇଥିଲେ। ଫଳରେ ରାଷ୍ଟ୍ରପତିଙ୍କୁ ଭେଟିବାକୁ ଥିବା ଏମ୍‌ପିଙ୍କ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଉତ୍ତରପ୍ରଦେଶର ସ୍ୱାସ୍ଥ୍ୟମନ୍ତ୍ରୀ ଜୟପ୍ରତାପ ସିଂ, ଏଏପି ଏମ୍‌ପି ସଞ୍ଜୟ ସିଂ ସେହି ଭୋଜିରେ ଉପସ୍ଥିତ ଥିବାରୁ ସେଲ୍ଫ କ୍ୱାରାଣ୍ଟାଇନରେ ରହିଛନ୍ତି। ଏମାନଙ୍କ ବ୍ୟତୀତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ, କଂଗ୍ରେସ ନେତା ଜିତିନ୍ ପ୍ରସାଦ, ଦୀପିନ୍ଦର ହୁଡା, ଟିଏମ୍‌ସି ଏମ୍‌ପି ଡେରେକ୍ ଓବ୍ରିଏନ୍ ପ୍ରମୁଖ ସେଲ୍ଫ କ୍ୱାରାଣ୍ଟାଇନରେ ଥିବା ଜଣାପଡ଼ିଛି।






## ସମାଧାନ ନୁହେଁ ଫାଶୀ: ଆମନେଷ୍ଟି ଇଣ୍ଟରନ୍ୟାଶନାଲ

**ନୂଆଦିଲ୍ଲୀ,୨୦।୩:** ମହିଳାଙ୍କ କ୍ଷେତ୍ରରେ ହେଉଥିବା ହିଂସା ରୋକିବା ପାଇଁ ମୃତ୍ୟୁଦଣ୍ଡ ଏକମାତ୍ର ସମାଧାନ ପନ୍ଥାର ନୁହେଁ। ନିର୍ଭୟା ମାମଲାରେ ୪ ଦୋଷୀଙ୍କୁ ଫାଶୀ ଦିଆଯିବା ପ୍ରସଙ୍ଗରେ ଏଭଳି ମତ ରଖିଛି ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ। ଭାରତର ମାନବାଧିକାର ଇତିହାସରେ ଏହା ଏକ ବଡ଼ ଦାଗ ବୋଲି ଦର୍ଶାଇଛି ଏହି ସଂସ୍ଥା। ୨୦୧୫ ଅଗଷ୍ଟ ପରଠାରୁ ଭାରତ ଜଣକୁ ମଧ ଫାଶିଖୁଣ୍ଟରେ ଝୁଲାଇ ନ ଥିଲେ ମଧ ମହିଳାଙ୍କ ପ୍ରତି ହିଂସା ରୋକିବା ନାଁରେ ଶୁକ୍ରବାର ୪ ଜଣଙ୍କୁ ଫାଶୀ ଦିଆଯିବା ଦୁର୍ଭାଗ୍ୟଜନକ। ଭାରତର ଆଇନପ୍ରଣେତାମାନେ ମୃତ୍ୟୁଦଣ୍ଡକୁ ହିଁ ସବୁବେଳେ ଅପରାଧ ନିୟନ୍ତ୍ରଣର ପ୍ରତୀକ ଭାବେ ଗ୍ରହଣ କରିଆସିଛନ୍ତି। ଏହି ଦଣ୍ଡ ସ୍ୱେଚ୍ଛାଚାର ଓ ଅନୈତିକ ଭାବେ ଲାଗୁ ହୋଇଛି ବୋଲି ଆମନେଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଭିନାଶ କୁମାର କହିଛନ୍ତି।

## ଫାଶୀଗୃହରେ ଭାଙ୍ଗିପଡ଼ିଥିଲେ ଦୋଷୀ

**ନୂଆଦିଲ୍ଲୀ,୨୦।୩(ପି.ଟି.):** ତିହାର ଜେଲରେ ଫାଶୀ ପୂର୍ବର ଶେଷ ଏକ ଘଣ୍ଟା ଥିଲା ଅତି ଗୁରୁତ୍ୱପୂର୍ଣ୍ଣ। ଭୋର ୩ଟାରେ ୪ ଦୋଷୀଙ୍କୁ ସେମାନଙ୍କ ବାରାକ ବାହାରକୁ ନିଆଯାଇଥିଲା। ମୃତ୍ୟୁ ଭୟରେ ସେମାନେ ଗୁରୁବାର ରାତିରେ ଶୋଇପାରି ନ ଥିଲେ। ନିତ୍ୟକର୍ମ ସାରି ନୂଆ ପୋଷାକ ପିନ୍ଧିବାକୁ ଜେଲ୍ କର୍ତ୍ତୃପକ୍ଷ କହିବାରୁ ସେମାନେ କାନ୍ଦିଥିଲେ। ସେମାନଙ୍କୁ ଚା ଓ ଜଳଖିଆ ଦିଆଯାଇଥିଲେ ହେଁ ଖାଇବାକୁ ମନା କରିଦେଇଥିଲେ।

ଭୋର ପ୍ରାୟ ୫ଟା ବେଳେ ଦିଲ୍ଲୀ ପଶ୍ଚିମ ଜିଲାର ଡିସିପି ଜେଲ୍‌ରେ ପହଞ୍ଚିଥିଲେ। ଏହା ପରେ କାଗଜପତ୍ର କାମ ସମ୍ପୂର୍ଣ୍ଣ କରାଯାଇଥିଲା।

### ଶେଷ ଏକ ଘଣ୍ଟା ଥିଲା ଗୁରୁତ୍ୱପୂର୍ଣ୍ଣ



ସେମାନଙ୍କୁ ସେଲ୍ ବାହାରକୁ ନିଆଯିବା ସହ ହାତକୁ ବନ୍ଧାଯାଇଥିଲା ଓ ମୁହଁକୁ କପଡ଼ାରେ ଆବୃତ କରାଯାଇଥିଲା। ଫାଶୀଗୃହରେ ପହଞ୍ଚିବା ପରେ ଜଣେ ଦୋଷୀ ଭାଙ୍ଗି ପଡ଼ିଥିଲେ। ସେ ଖୁବ୍‌ଜୋରରେ ଚିତ୍କାର କରି କାନ୍ଦିଥିଲେ। ପାଦକୁ ବାନ୍ଧିବା ବେଳେ ଜଣେ ପ୍ରତିରୋଧ କରିବାକୁ ଉଦ୍ୟମ କରିଥିଲେ ହେଁ ସୁରକ୍ଷା କର୍ମୀ ତାଙ୍କୁ କାବୁ କରିନେଇଥିଲେ। ୫ଟା ୩୦ରେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଏସ୍. ସୁନୀଲ ଇସାରା ଦେବା ପରେ ଘାତକ ପବନ ଓ ଅନ୍ୟମାନେ ଲିଭର ଟାଣିଥିଲେ। ୩୦ ମିନିଟ ଝୁଲିବା ପରେ ଅପରାଧୀ ମୃତ ବୋଲି ଡାକ୍ତର ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ସ୍ଥାନ୍ତର କରାଯାଇଥିଲା।

## ୧୯୪୭ରୁ ୭୨୦ ଅପରାଧୀ ପାଇଲେଣି ମୃତ୍ୟୁଦଣ୍ଡ

**ନୂଆଦିଲ୍ଲୀ, ୨୦।୩:** ସ୍ୱାଧୀନତା ପରଠାରୁ ଭାରତରେ ମୋଟ ୭୨୦ ଅପରାଧୀ ଫାଶୀ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ପାଖାପାଖି ଅଧା ଉତ୍ତରପ୍ରଦେଶର। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଏକ ପ୍ରକଳ୍ପ ଲାଗି ସଂଗ୍ରହ କରାଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଫାଶୀଦଣ୍ଡ ପାଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ କୌଣସି ସରକାରୀ ରେକର୍ଡ ନ ଥିବାରୁ ଏହା ଅଧିକ ହୋଇପାରେ ବୋଲି ମଧ୍ୟ ସନ୍ଦେହ କରାଯାଉଛି। ନିର୍ଭୟା ଗଣବଳାତ୍କାର, ହତ୍ୟା ମାମଲାରେ ୪ ଦୋଷୀଙ୍କୁ ଶୁକ୍ରବାର ଫାଶୀ ଦିଆଯାଇଥିବା ବେଳେ ଏହା ପୂର୍ବରୁ ୨୦୧୫ ଜୁଲାଇରେ ୟାକୁବ୍ ମେମନ୍‌ଙ୍କୁ ଫାଶୀଖୁଣ୍ଟରେ ଝୁଲାଯାଇଥିଲା।

ପ୍ରକଳ୍ପ ରିପୋର୍ଟ ମୁତାବକ ୧୯୪୭ ପରଠାରୁ ଉତ୍ତରପ୍ରଦେଶରେ ୩୫୪ ବ୍ୟକ୍ତିଙ୍କୁ ଫାଶୀ ଦିଆଯାଇଛି। ହରିୟାଣାରେ ୯୦, ମଧ୍ୟପ୍ରଦେଶରେ ୭୩, ମହାରାଷ୍ଟ୍ରରେ ୫୭, କର୍ନାଟକରେ ୩୬, ପଶ୍ଚିମବଙ୍ଗରେ ୩୦, ଆନ୍ଧ୍ରପ୍ରଦେଶରେ ୨୭,

### ପାଖାପାଖି ଅଧା ଉତ୍ତରପ୍ରଦେଶର

ଦିଲ୍ଲୀରେ ୨୪ ଓ ପଞ୍ଜାବରେ ୧୦, ରାଜସ୍ଥାନରେ ୮, ଓଡ଼ିଶା, ଜମ୍ମୁ-କଶ୍ମୀରରେ ୫ ଜଣ ଲେଖାଏ ଏବଂ ଗୋଆରେ ଜଣେ ଅପରାଧୀଙ୍କୁ ଫାଶୀଦଣ୍ଡ ଦିଆଯାଇଛି। ସୂଚନା ଅଧିକାର ଆଇନ ମାଧ୍ୟମରେ ବିଭିନ୍ନ ରାଜ୍ୟର ରେକର୍ଡରୁ ଏହି ତଥ୍ୟ ମିଳିଥିବା ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନୁପ ସୁରେନ୍ଦ୍ରନାଥ ପ୍ରକାଶ କରିଛନ୍ତି।

ଫେବୃୟାରୀ ୨୦୧୩ରେ ପାର୍ଲାମେଣ୍ଟ ଆକ୍ରମଣକାରୀ ଅଫ୍‌ଜଲ ଗୁରୁଙ୍କୁ ଫାଶୀ ଦିଆଯାଇଥିଲା। ୨୦୦୪ରେ ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ଧନଞ୍ଜୟ ଚାଟାର୍ଜୀଙ୍କୁ ଫାଶୀଦଣ୍ଡ ଦିଆଯାଇଥିଲା। ୨୦୧୨ ନଭେମ୍ବରରେ କସବଙ୍କୁ ଦିଆଯାଇଥିବା ଫାଶୀ।

## [ଇତିହାସର ଆଇନାରେ]


### ମାର୍ଚ୍ଚ ୨୧ର ପ୍ରମୁଖ ଘଟଣା

୧୯୧୩ ମାର୍ଚ୍ଚ ୨୧ରେ ଓହିଓର ଗ୍ରେଟ ମିଆମୀ ନଦୀରେ ଭୟଙ୍କର ବନ୍ୟା ଦେଖାଦେବାରୁ ୩୬୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ପ୍ରାୟ ୨୦ ହଜାର ଲୋକ ବାସଗୃହ ହରାଇଥିଲେ।

୧୯୯୦ ମାର୍ଚ୍ଚ ୨୧ରେ ଆଫ୍ରିକୀୟ ଦେଶ ନାମ୍ବିଆ ସ୍ୱାଧୀନ ରାଷ୍ଟ୍ର ହେବାର ସୌଭାଗ୍ୟ ଅର୍ଜନ କରିଥିଲା। ଦୀର୍ଘ ୭୫ ବର୍ଷକାଳ ଏହି ଦେଶ ଦକ୍ଷିଣ ଆଫ୍ରିକାର ଶାସକଙ୍କ ଦ୍ୱାରା ପରିଚାଳିତ ହୋଇଆସୁଥିଲା।

**୨୩ ଯାଏ ଝଡବର୍ଷା**

ଆସନ୍ତା ୨୩ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡା, ନବରଙ୍ଗପୁର, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡବର୍ଷା ହୋଇପାରେ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ପବନର ବେଗ ୩୦ରୁ ୪୦ କି.ମି ରହିପାରେ । ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୨ ତାରିଖରେ କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡା, ଗଞ୍ଜାମ, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଏବଂ ଜଗତସିଂହପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ଝଡବର୍ଷା ହେବ ବୋଲି ଅନୁମାନ କରାଯାଇଛି।




# ୨୦୨୧ ଜନଗଣନା,ଏନ୍‌ପିଆର ସ୍ଥଗିତ ରହୁ

**ଭୁବନେଶ୍ୱର,୨୦।୩(ବ୍ୟୁରୋ)**

**ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ**

୨୦୨୧ ଜନଗଣନା ଓ ନ୍ୟାଶନାଲ ପପୁଲେଶନ ରେଜିଷ୍ଟ୍ରର(ଏନ୍‌ପିଆର) ଅପ୍‌ଡେଟ ପ୍ରକ୍ରିୟା ସ୍ଥଗିତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁକ୍ରବାର ଚିଠି ଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ୨୦୨୧ ଜନଗଣନା ଏବଂ ଏନ୍‌ପିଆର କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହି ଅନୁଯାୟୀ ଓଡିଶାରେ ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଏବଂ ଗଣନା, ଜନଗଣନା ଏବଂ ବର୍ତ୍ତମାନ ଜନସଂଖ୍ୟା ପଞ୍ଜିକା ପ୍ରସ୍ତୁତ ଲାଗି ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ସରିଛି। ଏହି ପ୍ରକ୍ରିୟାରେ ସମସ୍ତ ତଥ୍ୟ ସଂଗ୍ରହ କରିବାକୁ ଦେଶର ପ୍ରାୟ ୩୦ଲକ୍ଷ କର୍ମଚାରୀ ନିୟୋଜିତ ହେବେ। ଏଥିଲାଗି ସେହି କର୍ମଚାରୀଙ୍କୁ ପର୍ଯ୍ୟାପ୍ତ ଟ୍ରେନିଂ, ସଚେତନତା ପ୍ରଚାର ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବାକୁ କୁହାଯାଇଛି। ମାତ୍ର କରୋନା ସଂକ୍ରମଣ ଆଶଙ୍କା ଦୃଷ୍ଟିରୁ ବର୍ତ୍ତମାନ ପରିସ୍ଥିତିରେ ଜନସଂଖ୍ୟା ଗଣନା କାର୍ଯ୍ୟ କରା ନ ଯିବା ଆବଶ୍ୟକ। କରୋନା ସହ ଲଢିବାକୁ ରାଜ୍ୟ ସରକାର ଅନେକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଜନଗଣନା କାର୍ଯ୍ୟ ଆରମ୍ଭ ହେଲେ ଏଥିରେ ସମ୍ପୃକ୍ତ କର୍ମଚାରୀ ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି ହେବ। ଲୋକଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ବର୍ତ୍ତମାନ ଦେଶରେ ଉକ୍ତ କାର୍ଯ୍ୟକ୍ରମ ବନ୍ଦ କରାଯାଉ ବୋଲି ସେ କହିଛନ୍ତି।


Kalinga Institute of Industrial Technology (KIIT)
Deemed to be University (Established U/S 3 of UGC Act, 1956)
Bhubaneswar, Odisha, India




KIITEE-2020
14th - 23rd April 2020
APPLY ONLINE NOW
through KIIT websites
www.kiitee.kiit.ac.in/ www.kiit.ac.in

No Application / Examination Fee | Computer Based Online Test
Last date to Apply Online is 31st March 2020

PROGRAMMES AVAILABLE

Bachelors Programmes

B.Tech (4 years) • B.Arch (5 Years) • B.Tech (Lateral Entry) (3 Years) • B.Sc. Nursing (4 Years) • Bachelor of Design (Fashion / Textile)(4 Years) • BA.LLB, BBA.LLB & B.Sc.LLB (5 Years) • Bachelor of Film & Television Production (3 Years) • BBA (3 Years) • BCA (3 Years) • B.Tech & M.Tech-Biotechnology (Dual Degree) (5 Years) • B.Sc. Computer Science (3 years) • BA Economics (Hons) (3 Years) • BA English (Hons) (3 Years) • BA Sociology (Hons) (3 Years) • B.Com. (Hons) (3 Years)

Masters Programmes

M.Sc Biotechnology (2 Years) • M.Sc Applied Microbiology (2 Years) • Master of Public Health (2 Years) • Master of Hospital Administration (2 Years) • Master of Mass Communication (Integrated) (5 Years) • M.Sc. Nursing (2 Years) • MCA (3 Years) • MCA (Lateral Entry) (2 Years) • M.Sc. Computer Science (2 Years) • M.Tech. (2 Years) • MA (Yoga Therapy) (2 Years) • MA in Economics (2 Years) • MA in English (2 Years) • MA in Sociology (2 Years) • M.Com. (2Years) • Integrated M.Sc. & Ph.D (Phy/Chem/Math) (5 Years) • LLM (1 Year) • MBA (2 Years) • MBA (Rural Management) (2 Years) • MBA (Agribusiness Management) (2 Years) • Master of Mass Communication (2 Years) • Integrated M.Tech & Ph.D

Ph.D Programme

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India, Ph: 7788889911, 0674 - 2742103, 2741747, Fax : 0674 - 2741465, Email :admission@kiit.ac.in
Websites : www.kiitee.kiit.ac.in & www.kiit.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.


# ଏକତ୍ର ହେବେ ନାହିଁ ୭ରୁ ଅଧିକ ଲୋକ

**ଭୁବନେଶ୍ୱର, ୨୦।୩(ବ୍ୟୁରୋ)**

**କରୋନା ସତର୍କତା**

- ସରକାରୀ ବୈଠକରେ କେବଳ କରୋନା ସମ୍ବନ୍ଧୀୟ ଆଲୋଚନା
- ଜରୁରୀ ବୈଠକରେ ପରସ୍ପର ମଧ୍ୟରେ ରହିବ ୨ ମିଟର ଦୂରତା
- ୪୬ଜଣଙ୍କ ସଂସ୍ପର୍ଶରେ ଆସିଛନ୍ତି ଦ୍ୱିତୀୟ ଆକ୍ରାନ୍ତ
- କରୋନା ଆଳରେ ସମସ୍ୟା ସୃଷ୍ଟିକଲେ କାର୍ଯ୍ୟାନୁଷ୍ଠାନ

କରୋନା ଭୂତାଣୁ (କୋଭିଡ୍-୧୯) ମୁକାବିଲା ପାଇଁ ରାଜ୍ୟ ସରକାର ତତ୍ପର ହୋଇପଡ଼ିଛନ୍ତି। ପ୍ରତିଦିନ ବିଭିନ୍ନ ଆଡ଼ଭାଇଜରି ଜାରି ସହ ସଚେତନତା ଓ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି। ସ୍ଥିତି ଉପରେ କଡ଼ା ନଜର ରଖାଯାଇଥିବାବେଳେ ଶୁକ୍ରବାର ଆଉଏକ ଆଡ୍‌ଭାଇଜରି ଜାରି ହୋଇଛି। କୌଣସି ପରିସ୍ଥିତିରେ ମଧ୍ୟ ୭ଜଣରୁ ଅଧିକ ଲୋକ ସର୍ବସାଧାରଣ ସ୍ଥାନରେ ଏକତ୍ର ହେବେ ନାହିଁ। ସ୍ଥିତିରେ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିବ। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରାଯାଇଛି ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ଗୀତ ଗୋବିନ୍ଦ ସଦନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ସରକାରୀ କାର୍ଯ୍ୟାଳୟରେ କେବଳ କରୋନା ସଂକ୍ରାନ୍ତ ବୈଠକ ହେବ। କୋଭିଡ୍-୧୯ ଓ ମୌଳିକ ସେବା ପରିଚାଳନା ସଂକ୍ରାନ୍ତୀୟ ଛାଡ଼ିଦେଲେ ଅନ୍ୟ କୌଣସି ବୈଠକ ବା ସଭା ହୋଇପାରିବ ନାହିଁ। ଜରୁରୀ ବୈଠକ ବସିଲେ ପରସ୍ପରଠାରୁ ୨ ମିଟର ଦୂରତା ଅନୁପାଳନକୁ କଡ଼ାକଡ଼ି କରାଯିବ। ସମ୍ଭବ ହେଲେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଆଲୋଚନା କରାଯିବ। ସମସ୍ତ ସରକାରୀ ଉତ୍ସବ, ସ୍ମୃତି ଦିବସ, ପ୍ରତିମୂର୍ତ୍ତି ମାଲ୍ୟାର୍ପଣ ଆଦିକୁ ସ୍ଥଗିତ ରଖାଯାଇଛି।

ଅନ୍ୟପକ୍ଷରେ ଓଡ଼ିଶାରେ ଦ୍ୱିତୀୟ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ୧୯ ବର୍ଷୀୟ ଯୁବକ ଜଣକ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ବିଟ୍ରେନ୍‌ରୁ ଫେରି ୧୮ ତାରିଖରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ୧୯ ତାରିଖରେ ତାଙ୍କୁ ଆଇସୋଲୋଶନରେ ରଖାଯାଇଛି। ତାଙ୍କ ପରିବାର ଲୋକଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରୋଗୀ ଜଣକ ବର୍ତ୍ତମାନ ସୁଦ୍ଧା ୪୬ଜଣଙ୍କ ସଂସ୍ପର୍ଶରେ ଆସିଥିବା ତଥ୍ୟ ମିଳିଛି। ସେମାନଙ୍କ ମଧ୍ୟରୁ ୪୩ ଜଣଙ୍କ ସହ ଯୋଗାଯୋଗ ହୋଇସାରିଛି। ଅନ୍ୟ ୩ଜଣଙ୍କ ସହ ଯୋଗାଯୋଗ ପାଇଁ ପ୍ରଚେଷ୍ଟା ଚାଲିଛି। ଏଥିପାଇଁ ୮ ମନିଟରିଂ ଟିମ୍ କାର୍ଯ୍ୟ କରୁଛନ୍ତି। ଯୁଦ୍ଧକାଳୀନ ଭିତରେ ଏହି ଟିମ୍ ସେହି ୩ଜଣଙ୍କୁ ଟ୍ରେସ୍ କରୁଛନ୍ତି। ସେହିଭଳି ପ୍ରଥମ କରୋନା ଆକ୍ରାନ୍ତ ବର୍ତ୍ତମାନ ଭଲ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ପରିବର୍ତ୍ତନ ହେଉଛି ବୋଲି ବାଗ୍‌ଚୀ କହିଛନ୍ତି।

ତେବେ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଦୁଇଟି ଉଦ୍‌ବେଗଜନକ ଘଟଣା ସାମ୍ନାକୁ ଆସିଥିବା ବାଗ୍‌ଚୀ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପରାମର୍ଶରେ ଆଇସୋଲେଶନରେ ଥିବା ବ୍ୟକ୍ତିମାନେ ସମସ୍ୟା ନ ଥିଲେ ଘରକୁ ଫେରିପାରିବେ। କିନ୍ତୁ ଏ ପରିସ୍ଥିତିରେ ସ୍ଥାନୀୟ ଗ୍ରାମବାସୀ, ପଡ଼ୋଶୀ, ଗୋଷ୍ଠୀ ସେମାନଙ୍କ ଫେରିବାକୁ ବିରୋଧ କରିବା ସାମାଜିକ ଦୃଷ୍ଟିକୋଣରୁ ଅନୁଚିତ। ଏଭଳି ବିରୋଧ ନଜରକୁ ଆସିଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ସେହିଭଳି କୌଣସି ବିଦେଶାଗତ ପର୍ଯ୍ୟଟକ, ଅତିଥିଙ୍କୁ ଯଦି କରୋନା ଆଳରେ କେହି ବି ଅସଦାଚରଣ କରିବା ନଜରକୁ ଆସେ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଗ୍‌ଚୀ ସୂଚନା ଦେଇଛନ୍ତି।

ଓଡ଼ିଶାରେ ଅଦ୍ୟାବଧି ୬୬ ନମୁନା ପରୀକ୍ଷା କରାଯାଇଛି। ସେଥିରୁ ୬୨ଟିର ରିପୋର୍ଟ ଆସିଛି ଓ ୪ଟି ରିପୋର୍ଟ ହସ୍ତଗତ ହୋଇନାହିଁ। ତେବେ ମିଳିଥିବା ରିପୋର୍ଟ ମଧ୍ୟରୁ ୬୦ ନେଗେଟିଭ୍ ହୋଇଥିବାବେଳେ ୨ ପଜିଟିଭ୍ ରହିଛି। ଶୁକ୍ରବାର ସନ୍ଧ୍ୟାସୁଦ୍ଧା ଆସିଥିବା ୯ ରିପୋର୍ଟ ନେଗେଟିଭ୍ ଆସିଛି। ବର୍ତ୍ତମାନ ସୁଦ୍ଧା ଜାରି ଫୋନ୍ ନମ୍ବର ଓ ୱେବ୍ ପୋର୍ଟାଲ ଜରିଆରେ ୨୯୩୫ଜଣ ବିଦେଶ ଫେରନ୍ତା ପଞ୍ଜୀକରଣ କରିଛନ୍ତି। ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକାକୁ ଶୃଙ୍ଖଳାର ସହ ଅନୁପାଳନ କରିଥିବାରୁ ଧର୍ମାନୁଷ୍ଠାନମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃତଜ୍ଞତା ଜଣାଇଛନ୍ତି। ସେହିଭଳି ଏ ପରିସ୍ଥିତିରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିବା ବାଗ୍‌ଚୀ କହିଛନ୍ତି।

# ଏଟିଏମ୍, ଶାଖାରେ ଟଙ୍କାର ଅଭାବ ରଖନାହିଁ

**ଭୁବନେଶ୍ୱର, ୨୦।୩(ବ୍ୟୁରୋ)**

**ବ୍ୟାଙ୍କଗୁଡ଼ିକୁ ରାଜ୍ୟ ଅର୍ଥ ବିଭାଗର ନିର୍ଦ୍ଦେଶ**

କରୋନା କଟକଣା ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ବ୍ୟାଙ୍କକୁ ଶୁକ୍ରବାର ଅର୍ଥ ବିଭାଗ ପକ୍ଷରୁ କେତେକ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସ୍ଥିତିରେ ବ୍ୟାଙ୍କଗୁଡିକ ପର୍ଯ୍ୟାପ୍ତ ପରିମାଣର ଟଙ୍କା ବ୍ୟାଙ୍କ ଶାଖା ସମେତ ଏଟିଏମ୍‌ଗୁଡ଼ିକରେ ମହଜୁଦ ରଖିବାକୁ କୁହାଯାଇଛି। ବ୍ୟାଙ୍କ ଶାଖା ଓ ଏଟିଏମ୍‌ଗୁଡ଼ିକରେ ଭବିଷ୍ୟତରେ ଯେପରି ନଗଦ ଟଙ୍କାର ଅଭାବ ପରିଲକ୍ଷିତ ନ ହୁଏ ତାହାକୁ ସୁନିଶ୍ଚିତ କରିବାକୁ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ୨୨ରେ ବସ୍ ଚାଲିବନି

**ଭୁବନେଶ୍ୱର,୨୦।୩(ବ୍ୟୁରୋ)**

କରୋନା(କୋଭିଡ-୧୯)ର ଭୟାବହତାକୁ ଦେଖି ଆସନ୍ତା ୨୨ ତାରିଖରେ ସମଗ୍ର ଦେଶରେ ଜନତା କର୍ଫ୍ୟୁ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣାକୁ ସମର୍ଥନ ଜଣାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଘରୋଇ ବସ ଚଳାଚଳ ବନ୍ଦ ରହିବ। ରାଜ୍ୟ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଏ ନେଇ ଘୋଷଣା କରାଯାଇଛି। ଲୋକମାନେ ପଦାକୁ ନ ବାହାରିବାକୁ କୁହାଯାଇଥିବାରୁ ବସଗୁଡିକ ମଧ୍ୟ ବନ୍ଦ ରହିବ ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।




E Tropical Inverter Series
GENERAL AIR CONDITIONERS The Extreme Machine

TROPICAL COOLING REDEFINED




Presenting tropically designed air conditioners that cool under extreme temperatures. Even at 55°C.
Not just that, they cool even at extremely low and high voltages, and yes, they are built to last longer.

Extreme Hyper Tropical Product Design (55°C)
Extreme Voltage Operation (Range 155V - 280V)
Extreme Surge Voltage Protection 700V
Extreme Protection with Anti-Corrosion Heat Exchanger
Extreme Airflow with Coanda Effect (25m)
Extreme Energy Saving with Human sensor
Extreme Cooling Range 800W - 9000W (13%↔120%)
Free Standard Installation on Inverter and Fixed Speed Split ACs (With 3 Metres Piping)
5 YEAR WARRANTY* ON INVERTER PCB
10 YEAR WARRANTY* ON INVERTER COMPRESSOR
Credit Card EMI POWERED BY mswipe
50%* CASH BACK ON INTEREST | ZERO DOWN PAYMENT
Easy EMI Schemes through NBFCs*

www.fujitsu-general.com/g-in | / fujitsu.general.india
Customer Care: 1860 2081 007 | 6379 881 007 | General Air Conditioner Customer App
*T&C Apply

**Fujitsu General (India) Pvt. Ltd., Email:** info@fujitsu-general.com, **For Enquiries:** Jagannath 78730 78714 / 89175 12415, **General Arcade: Berhampur:** Kalinga Enterprises 93383 01549 / 78095 77777 / 94397 21119 / 98613 28990, **Authorised Distributors: Bhubaneswar:** Gupta Distributors 70089 89330, **Coastal Odisha: Baleswar:** Mohapatra Sales Mart 94370 52545, **South Odisha**: Trupti Agencies 93374 47339, **Sambalpur:** G.N. Electronics 89081 12233, **Authorised Dealers: Bhubaneswar: Sahid Nagar**: Cool Care Refrigeration 94370 44416, **Khandagiri**: Sahoo Engineering Services 89082 27066, **Cuttack: CDA:** LS Refrigeration 94371 63278, **Puri:** JN Enterprises 94370 23688, **Talcher:** The Home Makers 95837 97856, **Salipur:** Zinc Electro Bazar 90403 96003, **Bolangir:** Ably Info Solutions 94370 25475, **Rourkela:** PMA Corporation 94370 43020. **Registered Office:** 1st Floor, 10(26), 80th Street, 18th Avenue, Ashok Nagar, Chennai 600 083. **CIN:** U31100TN2018FTC126102.

Also Available At: Reliance digital | Great Eastern The Trusted One

Terms & Conditions apply. Features and specifications may vary from model to model. Please refer to product catalogue for details. Actual product may differ from the one shown above. 10 years warranty on inverter compressor is on select models and includes 5 years standard warranty & 5 years extended warranty. 5 years warranty on inverter PCB is for the outdoor unit PCB on select models and includes 1 year standard warranty & 4 years extended warranty. To avail extended warranty – a) Registration of product within 30 days of purchase & installation by authorised service partner is mandatory and subject to verification by the company; & b) Servicing & maintenance of product during warranty period at a nominal cost by authorised service partner is mandatory. For product registration, call 1860 2081 007 or Whatsapp 6379 881 007 or register through our General air conditioner customer mobile app. Price offered is at the sole discretion of the authorised channel partner. EMI offer is at the sole discretion of the financier. Easy EMI offer is through select NBFCs. Credit card EMI offer is offered by select banks and can be availed using Mswipe platform only. Cash back offer on interest is eligible only on credit card EMI through Mswipe POS machines. Cashback offer on credit card EMI and easy EMI offer are mutually exclusive of each other and the customer can avail only one of the two offers. All offers are valid against installation by authorised service partner and subject to verification by the company. All offers are valid till stocks last and are subject to change without prior notice. All offers valid on select models sold through authorised channel partners only. We have not authorised any e-commerce website to sell our products. All offers are valid for a limited period only. To dispose e-waste through an authorized recycler please visit www.fujitsu-general.com/g-in/epr-e-waste or call us at 1860 2081 007.

**ଆଜିର ମନ୍ତବ୍ୟ**

"ଆଜି ହୋଟେଲ କୂଟନୀତିଠାରୁ ପରାସ୍ତ ହୋଇଛି ଗଣତନ୍ତ୍ର। -**ଅଭିଷେକ ମନୁ ସିଂଘଭୀ, ବରିଷ୍ଠ କଂଗ୍ରେସ ନେତା**

**କିଛି ତଥ୍ୟ**

ଚଳିତ ବର୍ଷ ଜାନୁୟାରୀ ମାସରେ ଖଣି କ୍ଷେତ୍ର କାର୍ଯ୍ୟଧାରାରେ ୪.୪% ଅଭିବୃଦ୍ଧି ଘଟିଛି। – **ଖଣି ମନ୍ତ୍ରଣାଳୟ**



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଦୀପା
ପରିବାରବର୍ଗ


କୈଳାଶଚନ୍ଦ୍ର
ପରିବାରବର୍ଗ


ସମରଜିତ୍
ପରିବାରବର୍ଗ


ଶିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆସ୍ଥାଭୋଟ ପୂର୍ବରୁ ...

ଅଧ୍ୟାୟ ବୋଲି ସେ କହିଛନ୍ତି। ନୂଆ ମୁଖ୍ୟମନ୍ତ୍ରୀଙ୍କୁ ସେ ଅଭିନନ୍ଦନ ଜଣାଇବା ସହ ରାଜ୍ୟର ବିକାଶ ପାଇଁ ସହାୟତା କରିବେ ବୋଲି କହିଛନ୍ତି। ଇସ୍ତଫା ଦେବା ପୂର୍ବରୁ କମଲନାଥ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ଘୋଷଣା କରିଥିଲେ। ତାଙ୍କ ସରକାର ବିରୋଧରେ ଭାଜପା ଷଡ଼ଯନ୍ତ୍ର କରି ଗଣତାନ୍ତ୍ରିକ ମୂଲ୍ୟବୋଧର ହତ୍ୟା କରିଥିବା ସେ ଅଭିଯୋଗ କରିବା ସହ ପୂର୍ବତନ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ସ୍ଥିତି ପାଇଁ ଦାୟୀ କରିଥିଲେ। ସେ ଇସ୍ତଫା ଦେଉଥିଲେ ହେଁ ରାଜ୍ୟବାସୀଙ୍କ କଲ୍ୟାଣ ଲାଗି କାର୍ଯ୍ୟ ଜାରି ରଖିବେ ବୋଲି କମଲନାଥ କହିଥିଲେ।

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ କମଲନାଥ ୨୦୧୮ ଡିସେମ୍ବର ୧୭ରେ ଦାୟିତ୍ୱ ଗ୍ରହଣ କରିଥିଲେ। ଦଳର ଅନ୍ୟତମ ମୁଖ୍ୟମନ୍ତ୍ରୀ ପଦ ଦାବିଦାର ବରିଷ୍ଠ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଅଣଦେଖା କରାଯାଇଥିଲା। ତାଙ୍କୁ ସରକାରରେ ନିଆଗଲା ନାହିଁ କିମ୍ବା ସମର୍ଥକମାନଙ୍କ ଦାବି ସତ୍ତ୍ୱେ ରାଜ୍ୟ କଂଗ୍ରେସ ସଭାପତି କରାଗଲା ନାହିଁ। ଏପରିକି ତାଙ୍କୁ ରାଜ୍ୟ ସଭାକୁ ଯିବା ଲାଗି ଦଳ ପ୍ରାର୍ଥୀ ମଧ୍ୟ କଲାନାହିଁ। ଫଳରେ ସେ ଦଳ ଛାଡ଼ି ଭାଜପାରେ ଯୋଗଦେଲେ। ଏଥିସହିତ ତାଙ୍କ ସମର୍ଥକ ୨୨ ଜଣ ବିଧାୟକ ଗତ ୧୦ ତାରିଖରେ ଇସ୍ତଫା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣ କମଲନାଥଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିଲେ। ବାଚସ୍ପତି ଏନ୍.ପି. ପ୍ରଜାପତି ଉକ୍ତ ୬ ଜଣଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିଲାବେଳେ ଅନ୍ୟମାନଙ୍କ ଇସ୍ତଫା ସମ୍ପର୍କରେ ନିଷ୍ପତ୍ତି ଝୁଲାଇ ରଖିଥିଲେ। ଗତ ୧୬ ତାରିଖରେ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହୋଇଥିଲେ ହେଁ କରୋନା ଭୂତାଣୁ ସଂକ୍ରମଣ ଆଳ ଦେଖାଇ ବାଚସ୍ପତି ଗୃହକୁ ୨୬ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଆସ୍ଥାଭୋଟ ଲାଗି ରାଜ୍ୟପାଳ ଦୁଇଥର ନିର୍ଦ୍ଦେଶ ଦେବା ସତ୍ତ୍ୱେ ବାଚସ୍ପତି ଏହାକୁ ଏଡାଇଯାଇଥିଲେ। ଶେଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଶିବରାଜ ସିଂ ଚୌହାନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦୁଇଦିନର ଶୁଣାଣି ପରେ ସୁପ୍ରିମକୋର୍ଟ ଶୁକ୍ରବାର ଅପରାହ୍ନ ୫ଟା ସୁଦ୍ଧା ଆସ୍ଥାଭୋଟରେ ସମ୍ମୁଖୀନ ହେବା ଲାଗି କମଲନାଥ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ରାତିରେ ବାଚସ୍ପତି ୧୬ ବିଦ୍ରୋହୀ ବିଧାୟକଙ୍କ ଇସ୍ତଫା ଗ୍ରହଣ କରିନେବାରୁ ବିଧାନସଭାର ସଦସ୍ୟ ସଂଖ୍ୟା ୨୦୬କୁ ହ୍ରାସ ପାଇଥିଲା। ଫଳରେ କୁହୁକ ଅଙ୍କ ୧୦୪ ଯୋଗାଡ଼ କରିବାରେ ଅସମର୍ଥ କମଲନାଥ ଆସ୍ଥାଭୋଟ ପୂର୍ବରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ୧୦୭ ବିଧାୟକଙ୍କ ସମର୍ଥନରେ ଭାଜପା ଖୁବ୍‌ଶୀଘ୍ର ସରକାର ଗଠନ ଲାଗି ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇବ ବୋଲି ଦଳ ପକ୍ଷରୁ କୁହାଯାଇଛି। ବିଏସ୍‌ପିର ୨, ସମାଜବାଦୀ ପାର୍ଟିର ଜଣେ ଏବଂ ୪ ସ୍ୱାଧୀନ ବିଧାୟକ କଂଗ୍ରେସକୁ ସରକାର ଗଢ଼ିବା ଲାଗି ସମର୍ଥନ ଜଣାଇଥିଲେ। ବର୍ତ୍ତମାନ ସ୍ଥିତିରେ ସେମାନେ ନୂଆ ସରକାରଙ୍କୁ ସମର୍ଥନ ଦେବେ କି ନାହିଁ ସ୍ପଷ୍ଟ କରିନାହାନ୍ତି।

## ନିର୍ଭୟା ଦୋଷୀଙ୍କୁ ...

**ପ୍ରଥମ ପୃଷ୍ଠାରୁ...**

ଆମ ଝିଅକୁ ନ୍ୟାୟ ମିଳିଛି। ତେବେ ଭାରତର ଝିଅମାନଙ୍କ ନ୍ୟାୟ ପାଇଁ ଲଢ଼େଇ ଜାରି ରହିବ। ନ୍ୟାୟ ବିଳମ୍ବିତ କିନ୍ତୁ ବିଡ଼ମ୍ବିତ ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର କ୍ୟାବିନେଟର ଅନେକ ନେତା, ବିଭିନ୍ନ ରାଜନୈତିକ ଦଳ, ସଙ୍ଗଠନ ଫାଶୀଦଣ୍ଡକୁ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଭାରତର ଇତିହାସରେ ଏକ ଭୟଙ୍କର ଅଧ୍ୟାୟର ପରିସମାପ୍ତି ଘଟିଛି, ଯାହାକୁ ନେଇ ବଳାତ୍କାର ନିରୋଧୀ ଆଇନ ପ୍ରଣୟନ ହୋଇଛି। ନ୍ୟାୟର ବିଜୟ ହୋଇଛି। ଦେଶର ମହିଳାମାନଙ୍କ ସମ୍ମାନ ଓ ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକତା ବୋଲି ମୋଦି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଏହାକୁ ସ୍ୱାଗତ କରିଥିବାବେଳେ ଯେଉଁଭଳି ଭାବେ ସମସ୍ତ ପ୍ରକ୍ରିୟା ବିଳମ୍ବିତ ହେଲା ତାକୁ ନେଇ ସମାଲୋଚନା ମଧ୍ୟ କରିଛି। ବିଗତ ୫ ବର୍ଷ ମଧ୍ୟରେ ମହିଳା ବିରୋଧୀ ହିଂସା ବୃଦ୍ଧି ପାଇଥିଲେ ହେଁ ମହିଳାମାନଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ନିର୍ଭୟା ପାଣ୍ଠି ବ୍ୟବହାର ନ ହୋଇ ପଡ଼ିରହିବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

୨୦୧୨ ଡିସେମ୍ବର ୧୬ ତାରିଖ ରାତିରେ ନିର୍ଭୟାଙ୍କୁ ଏକ ଚଳନ୍ତା ବସ୍‌ରେ ୬ ଜଣ ଗଣବଳାତ୍କାର କରିଥିଲେ। ପୀଡ଼ିତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ୍ ହସ୍ପିଟାଲକୁ ନିଆଯାଇଥିଲା। ସେ ଚିକିତ୍ସାଧୀନ ଅବସ୍ଥାରେ ୨୯ ତାରିଖରେ ଆଖି ବୁଜିଦେଇଥିଲେ। ବଳାତ୍କାରୀଙ୍କ ମଧ୍ୟରେ ବସ୍ ଡ୍ରାଇଭର ରାମ ସିଂ ଏବଂ ଜଣେ ନାବାଳକଙ୍କ ସହ ମୁକେଶ, ପବନ, ବିନୟ ଓ ଅକ୍ଷୟ ଥିଲେ। ରାମ ସିଂ ଗିରଫ ହୋଇ ତିହାର ଜେଲରେ ଥିବାବେଳେ ମାମଲାର ବିଚାର ଆରମ୍ଭ ହୋଇଥିଲା। ୨୦୧୩ ମାର୍ଚ୍ଚ ୧୧ରେ ରାମ ସିଂ ଜେଲ ଭିତରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବାବେଳେ ନାବାଳକ ଏକ ସୁଧାର ଗୃହରେ ୩ ବର୍ଷ ରହିବା ପରେ ୨୦୧୫ରେ ମୁକୁଳିଥିଲେ। ଏହି ମାମଲାକୁ ନେଇ ନିର୍ଭୟାଙ୍କ ମା'ବାପା ଆରମ୍ଭ କରିଥିବା ଆଇନଗତ ଲଢ଼େଇ ଦୋଷୀମାନଙ୍କୁ ଫାଶୀ ଦିଆଯିବା ପର୍ଯ୍ୟନ୍ତ ଚାଲିଥିଲା। ପଟିଆଲା ହାଉସ୍ କୋର୍ଟରୁ ନେଇ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ୪ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିବାବେଳେ ଆଇନର ଗଳାବାଟକୁ ବ୍ୟବହାର କରି ଦୋଷୀଙ୍କୁ ସୁରକ୍ଷା ଦେଇଆସିଥିଲେ ସେମାନଙ୍କ ଓକିଲ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦୋଷୀମାନଙ୍କ ରାଜକ୍ଷମା ଆବେଦନଗୁଡ଼ିକୁ ଖାରଜ କରିବା ପରେ ମଧ୍ୟ କେତେବେଳେ ରିଭ୍ୟୁ ପିଟିଶନ ତ ଆଉ କେତେବେଳେ କ୍ୟୁରେଟିଭ୍ ପିଟିଶନ ଦାଖଲ କରି ସେମାନଙ୍କ ମୃତ୍ୟୁଦଣ୍ଡକୁ ଗଡ଼ାଇ ଚାଲିଥିଲେ। ଫଳରେ ତିନିଥର ଡେଥ୍ ୱାରେଣ୍ଟ (ପ୍ରଥମ ମୃତ୍ୟୁ ପରୱାନା ଅନୁସାରେ ଫାଶୀ ତାରିଖ ଥିଲା ଜାନୁୟାରୀ ୨୨) ଜାରି ହେବା ସତ୍ତ୍ୱେ ଫାଶୀକୁ ଟାଳିବାରେ ବିଚକ୍ଷଣ ଓକିଲ ସକ୍ଷମ ହୋଇଥିଲେ। ପବନଙ୍କ ଶେଷ ଆବେଦନକୁ ସୁପ୍ରିମକୋର୍ଟ ରାତି ୨ଟା ୩୦ରୁ ଘଣ୍ଟାଏ ଧରି ଶୁଣାଣି କରିବା ପରେ ଖାରଜ କରିଦେଇଥିଲେ। ସେହିପରି ପବନ ଓ ଅକ୍ଷୟଙ୍କୁ ମୃତ୍ୟୁ ପୂର୍ବରୁ ପରିବାର ଲୋକଙ୍କୁ ଭେଟିବା ପାଇଁ ହୋଇଥିବା ଆବେଦନକୁ ମଧ୍ୟ ରଦ୍ଦ କରିଦେଇଥିଲେ। ଶେଷରେ ଅପରାଧ ଘଟିବାର ୨୬୫୧ ଦିନ ପରେ ଅର୍ଥାତ୍ ଶୁକ୍ରବାର ଭୋର ସମୟରେ ସମସ୍ତ ୪ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି।

ଗୁରୁବାର ସନ୍ଧ୍ୟାରେ ଦୋଷୀମାନଙ୍କ ମୁହଁରେ ଦେଖିବାକୁ ମିଳିଥିଲା ମୃତ୍ୟୁ ଭୟଜନିତ ବ୍ୟଗ୍ରତା। ମୃତ୍ୟୁ ପୂର୍ବରୁ ରାତିରେ ବିନୟ ଓ ମୁକେଶ ରାତ୍ରି ଭୋଜନରେ ରୁଟି, ଡାଲି, ଭାତ ଓ ତରକାରି ଖାଇଥିଲେ। ତେବେ ଅକ୍ଷୟ ଓ ପବନ ଖାଦ୍ୟ ଗ୍ରହଣ କରିବାକୁ ମନା କରିଦେଇଥିଲେ। ମୃତ୍ୟୁ ସୁନିଶ୍ଚିତ ବୋଲି ଜାଣିବା ପରେ ରାତିରେ ୪ ଜଣଙ୍କୁ ନିଦ ହୋଇ ନ ଥିଲା। ତିହାର ଜେଲ୍‌ର ଜେଲ ନମ୍ବର ୩ରେ ବିତିଥିଲା ବିନିଦ୍ର ରଜନୀ। ଫାଶୀଖୁଣ୍ଟରେ ଝୁଲିବା ପୂର୍ବରୁ ଚାରିଜଣ ଯାକ ଗାଧୋଇ ନ ଥିଲେ କି ଜଳଖିଆ ଖାଇ ନ ଥିଲେ। ବକ୍ସାର ଜେଲରେ ଫାଶୀ ପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର ଦଉଡ଼ି ସେମାନଙ୍କୁ ଅପେକ୍ଷା କରିଥାଏ। ସେପଟେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଅନ୍ୟ ଅଧିକାରୀମାନଙ୍କ ସହ ଜହ୍ଲାଦ ପବନଙ୍କ ବୈଠକ ଚାଲିଥାଏ। ୫ଟାରେ ହ୍ୟାଣ୍ଡକଫ୍ ପିନ୍ଧାଇ କଡ଼ା ସୁରକ୍ଷା ବନ୍ଦୋବସ୍ତ ମଧ୍ୟରେ ସେମାନଙ୍କୁ ଫାଶୀଘରକୁ ନିଆଯାଇଥିଲା। ମୁକେଶ କହିଥିଲେ, ତାଙ୍କ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ସେ ଦାନ କରିବାକୁ ଚାହାନ୍ତି। ବିନୟ କହିଥିଲେ, ଜେଲରେ ରହଣି କାଳରେ ସେ ଆଙ୍କିଥିବା ପେଣ୍ଟିଂଗୁଡ଼ିକୁ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦିଆଯାଉ। ତାଙ୍କ ପାଖରେ ଥିବା 'ହନୁମାନ ଚାଳିଶା'କୁ ଘର ଲୋକଙ୍କୁ ଦିଆଯାଉ। ଅନ୍ୟ ଦୁଇ ଦୋଷୀ ପବନ ଓ ଅକ୍ଷୟ ନିଜ ଶେଷଇଚ୍ଛା ଜଣାଇ ନ ଥିଲେ। ସେମାନଙ୍କ ହାତଗୋଡ଼କୁ ବାନ୍ଧି ଦିଆଯାଇଥିଲା ଓ ମୁହଁରେ ଘୋଡ଼ାଯାଇଥିଲା କଳାକନା। ସୁପରିଣ୍ଟେଣ୍ଡେଣ୍ଟ ବୃଦ୍ଧାଙ୍ଗୁଳି ଦେଖାଇ ନିର୍ଦ୍ଦେଶ ଦେବା ପରେ ଠିକ୍ ୫ଟା ୩୦ ମିନିଟରେ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଇଥିଲା ସେମାନଙ୍କୁ। ଜେଲ୍ ମାନୁଆଲ ଅନୁସାରେ ଅଧଘଣ୍ଟା ଝୁଲି ରହିବା ଭିତରେ ଦୋଷୀମାନଙ୍କ ଶରୀରରୁ ଉଡ଼ିଯାଇଥିଲା ପ୍ରାଣବାୟୁ। ୧୬,୦୦୦ରୁ ଊର୍ଦ୍ଧ୍ୱ କଏଦୀ ଥିବା ଦକ୍ଷିଣ ଏସିଆର ଏହି ସର୍ବବୃହତ୍ ଜେଲରେ ଏକକାଳୀନ ୪ ଜଣଙ୍କୁ ପୂର୍ବରୁ କେବେ ଫାଶୀ ଦିଆଯାଇ ନ ଥିଲା। ସେମାନଙ୍କ ଫାଶୀ ଖବର ବାହାରକୁ ଆସିବା ପରେ ଜେଲ୍ ଚତୁଃପାର୍ଶ୍ୱରେ ରୁଣ୍ଡ ହୋଇଥିବା ଲୋକେ ଉତ୍ସବ ମନାଇବାରେ ଲାଗିଥିଲେ। ଉତ୍ସାହିତ ଜନତା ଜାତୀୟ ପତାକା ଧରି ପରସ୍ପରକୁ ମିଷ୍ଟାନ୍ନ ଖୁଆଇବାରେ ଲାଗିଥିଲେ। ସେମାନେ ସ୍ଲୋଗାନ ଦେଉଥିଲେ 'ନିର୍ଭୟା ଅମର ରହେ' ଓ 'ଭାରତ ମାତାକୀ ଜୟ'। ସମସ୍ତ ୪ ଦୋଷୀ ବିନୟ, ମୁକେଶ, ଅକ୍ଷୟ ଓ ପବନ ମୃତ ବୋଲି ଡାକ୍ତର ଘୋଷଣା କରିବା ପରେ ସେମାନଙ୍କ ମୃତଦେହଗୁଡ଼ିକୁ ଆମ୍ବୁଲାନ୍ସରେ ଦୀନଦୟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା।

ଫାଶୀଦଣ୍ଡକୁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ସ୍ୱାଗତ କରି କହିଛନ୍ତି, ସେ ନିର୍ଭୟାଙ୍କ ମା'ଙ୍କ ଦୀର୍ଘବର୍ଷର ଲଢ଼େଇ ଦେଖିଛନ୍ତି। ଶେଷରେ ନିର୍ଭୟାଙ୍କୁ ନ୍ୟାୟ ମିଳିଛି। ତୁମେ ଆଇନଠାରୁ କିଛିଦିନ ପାଇଁ ଖସିଯାଇପାରିବ। କିନ୍ତୁ ଆଇନକୁ ଫାଙ୍କି ପାରିବ ନାହିଁ ବୋଲି ଲୋକଙ୍କ ନିକଟକୁ ଏକ ସନ୍ଦେଶ ଯାଇଛି। ସେହିପରି ଏହି ମାମଲାର ତଦନ୍ତ ଭାର ନେଇଥିବା ବର୍ତ୍ତମାନର ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍‌ର ଡେପୁଟି କମିଶନର କହିଛନ୍ତି, ନିର୍ଭୟାଙ୍କ ଆତ୍ମା ପ୍ରତି ଏହି ଫାଶୀ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି। ଆଗକୁ ଦେଶରେ ବଳାତ୍କାର ରୋକିବାରେ ଏହା ସହାୟକ ହେବ। ଅନ୍ୟପକ୍ଷରେ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି। ମହିଳା ବିରୋଧୀ ହିଂସା ରୋକିବାରେ ଫାଶୀ କେବେହେଲେ ସହାୟକ ହୋଇନାହିଁ। ଦୋଷୀଙ୍କୁ ଫାଶୀ ଭାରତୀୟ ମାନବାଧିକାର ରେକର୍ଡରେ ଏକ 'କଳାଦାଗ' ହୋଇ ରହିବ ବୋଲି ଏହି ଅନ୍ତର୍ଜାତୀୟ ସଂସ୍ଥା କହିଛି। ପ୍ରକାଶ ଯେ, ଗତ ୫ ତାରିଖରେ ଦିଲ୍ଲୀର ଏକ ଅଦାଲତ ୪ ଦୋଷୀଙ୍କୁ ଫାଶୀ ଦିଆଯିବା ନେଇ ଚତୁର୍ଥ ତଥା ଚୂଡ଼ାନ୍ତ ଡେଥ୍ ୱାରେଣ୍ଟ ଜାରି କରିଥିଲେ। ମାର୍ଚ୍ଚ ୨୦ ଭୋର ୫ଟା ୩୦ରେ ଏହି କଠୋର ପଦକ୍ଷେପ ନିଆଯିବ ବୋଲି ଅଦାଲତ ସ୍ଥିର କରିଥିଲେ। ଇତିମଧ୍ୟରେ ଦୋଷୀଙ୍କ ଓକିଲ ସେମାନଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ ଜାରି ରଖି ନେଦରଲାଣ୍ଡସ୍ଥିତ ହେଗ୍‌ର ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ) ପର୍ଯ୍ୟନ୍ତ ଯାଇଥିଲେ। ହେଲେ ବିଚକ୍ଷଣ ଓକିଲ ଏ.ପି. ସିଂଙ୍କ ଶେଷ ଚାଲ ଫେଲ୍ ମାରିଥିଲା। ବଳାତ୍କାର କଲେ ମୃତ୍ୟୁ ଅନିବାର୍ଯ୍ୟ। ଏହି ବାର୍ତ୍ତା ଦେଇଛି ଭାରତୀୟ ଗଣତନ୍ତ୍ରର କଠୋର ନ୍ୟାୟିକ ବ୍ୟବସ୍ଥା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ମକର ରାଶିରେ ଶନି ନିଜ ଗୃହରେ ରହି କର୍ମକ୍ଷେତ୍ରରେ ଅସଜଡ଼ା ପରିସ୍ଥିତିକୁ ସୁଧାରି ନେବେ। ଚନ୍ଦ୍ରଙ୍କ ପ୍ରଭାବରେ ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପ୍ରିୟଜନଙ୍କ ନିମନ୍ତ୍ରଣ ପାଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଅର୍ଥ ଲାଭ ସହିତ ଶାରୀରିକ ସୁସ୍ଥତା ରହିବା କାରଣରୁ ମନ ପ୍ରଫୁଲ୍ଲ ରହିବ।

**ବୃଷ** — ସ୍ୱଗୃହକୁ ତୃତୀୟାଧିପ ଦେଖୁଥିବାରୁ ସକାଳୁ ସକାଳୁ କୌଣସି ଶୁଭଖବର ମନକୁ ଆହ୍ଲାଦିତ କରିବ। ଅତୀତ କଥା ଚିନ୍ତା ନ କରି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟାକଲେ ଉପକୃତ ହେବେ। ଉଦ୍ୟମ ସଫଳ ଦିଗରେ ଜଣେ ଦୂର ସମ୍ପର୍କୀୟ ବ୍ୟକ୍ତି ସାହାଯ୍ୟ କରିବେ। କଠିନ ପରିଶ୍ରମ ଓ ଦୀର୍ଘପଥ ଭ୍ରମଣଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ମିଥୁନ** — ରାଶ୍ୟାଧିପ ଭାଗ୍ୟସ୍ଥାନସ୍ଥ ଯୋଗୁ ଆପଣଙ୍କ ଆଶା ନିଶ୍ଚିତ ପୂରଣ ହୋଇପାରିବ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ରହିଥିଲେ ମଧ୍ୟ ନିକଟ ସମ୍ପର୍କୀୟଙ୍କ ସାହାଯ୍ୟରୁ ଉପକୃତ ହେବେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ପରିସ୍ଥିତିବଶତଃ କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ** — ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ସ୍ୱାସ୍ଥ୍ୟ ଭଲ ରହିବ, କିନ୍ତୁ ସାମାନ୍ୟ ଥଣ୍ଡାଜନିତ ପୀଡ଼ାନୁଭବ କରିପାରନ୍ତି। ଆଲୋଚନା ପରିସରରେ ବିଜ୍ଞବ୍ୟକ୍ତିମାନଙ୍କଠାରୁ ପ୍ରେରଣା ପାଇ କାର୍ଯ୍ୟ କରିବେ। କର୍ମକ୍ଷେତ୍ରରେ କିମ୍ବା ରାଜନୈତିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସହକର୍ମୀଙ୍କ ସାମୟିକ ଅସହଯୋଗ କାରଣରୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ।

**ସିଂହ** — ଅଷ୍ଟମଭାବସ୍ଥ ରବିଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ଉପରିସ୍ଥ କର୍ମଚାରୀଙ୍କ କିମ୍ବା ବିଶିଷ୍ଟବ୍ୟକ୍ତିଙ୍କ ସହ ମତାନ୍ତରଜନିତ ପରିସ୍ଥିତି ବିଗିଡ଼ିପାରେ। ପାରିବାରିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବେ। ଘରେ ବନ୍ଧୁମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ।

**କନ୍ୟା** — ଧନାଧିପ ଶୁକ୍ର ଧନଭାବକୁ ଦୃଷ୍ଟିଦେଉଥିବାରୁ ଆର୍ଥିକ ସ୍ଥିତି ଉନ୍ନତ ରହିବା ସହ ଆଶା କରୁଥିବା ଜିନିଷ ପାଇ ଖୁସି ହେବେ। ସ୍ୱତନ୍ତ୍ରଭାବରେ ନିମନ୍ତ୍ରିତ ହୋଇ ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ସୁସମ୍ପର୍କ ନ ଥିବା ବନ୍ଧୁମାନଙ୍କ ଗୁପ୍ତ ଶତ୍ରୁତା ବୃଦ୍ଧି ପାଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରୁ ଖୁସି ରହିବେ।

**ତୁଳା** — ଆଜିର ଶନି ଓ ଚନ୍ଦ୍ରଙ୍କ ଯୋଗ ଆପଣଙ୍କ କାର୍ଯ୍ୟସିଦ୍ଧି କରାଇବା ସହ ଲୋକସମ୍ପର୍କ ବୃଦ୍ଧିରେ ସହାୟକ ହେବ। ଉପରିସ୍ଥଙ୍କ ଦ୍ୱାରା ପ୍ରେରିତ ହୋଇ ନିଜର ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ପୁତ୍ରକନ୍ୟା ହେତୁକ ସୁଖ ମିଳିବା ସାଙ୍ଗକୁ ପରିବାରରେ ଶାନ୍ତି ଫେରିଆସିବ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଙ୍କ ପ୍ରତି ସତର୍କ ରହିବା ଭଲ ହେବ।

**ବିଛା** — ପାପଯୁକ୍ତ ବୃହସ୍ପତି ପ୍ରଭାବରୁ ପ୍ରତ୍ୟେକ କାର୍ଯ୍ୟ ଦରଖଣ୍ଡିଆ ରହିଯାଉଥିବାରୁ କ୍ଷୋଭ ପ୍ରକାଶ କରିପାରନ୍ତି। ଅନ୍ୟାୟ ବିରୋଧରେ ସ୍ୱର ଉଠାଇଲେ ମଧ୍ୟ ସମସ୍ତେ ଶୁଣି ମଧ୍ୟ ନ ଶୁଣୁଥିବାର ଅଭିନୟ କରିବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟରୁ ଖୁସି ହେବେ। ପାରିବାରିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ଆଶଙ୍କା ରହିଛି।

**ଧନୁ** — କର୍ମାଧିପ ନିଜ ଭାବରୁ ଷଷ୍ଠସ୍ଥ ଯୋଗୁ ସହକର୍ମୀଙ୍କ ସହ ସୁସମ୍ପର୍କ ରହି ନ ପାରେ। ପାରିବାରିକ ସମସ୍ୟାର ଆପୋସ ସମାଧାନ ହୋଇଯିବ। ଅଧିକାଂଶ ସମୟରେ ଆପଣଙ୍କ ନୀରବତା ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କର ସନ୍ଦେହକୁ ଦୃଢ଼ୀଭୂତ କରିପାରେ। ପଡ଼ୋଶୀଙ୍କ ଈର୍ଷା ଓ ଅସୂୟାର ହେତୁସ୍ୱରୂପ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** — ବଳବାନ୍ ରାଶ୍ୟାଧିପତି ଓ କର୍ମାଧିପତିଙ୍କ ପ୍ରଭାବରେ ପାରିବାରିକ ଓ କର୍ମକ୍ଷେତ୍ର ବହୁତ ଭଲ ରହିବ। କିନ୍ତୁ ବୃହସ୍ପତିଙ୍କ ଯୋଗୁ ବନ୍ଧୁଙ୍କ ଅନାଦର ଭାବ ଯୋଗୁ ସାମୟିକ ମନ ଦୁଃଖ ହୋଇପାରେ। ଆର୍ଥିକ ଦୁଃସ୍ଥିତିରେ ଭରଣା କରିବାକୁ ଯାଇ କରଜ କରିବାକୁ ପଡ଼ିପାରେ। ଅତୀତ ଘଟଣା, ସ୍ୱାସ୍ଥ୍ୟ ସମସ୍ୟା ମାନସିକ ସ୍ଥିତିକୁ ବିଗାଡ଼ିଦେଇପାରେ।

**କୁମ୍ଭ** — ପାପଗ୍ରହଯୁକ୍ତ ମଙ୍ଗଳ ଯୋଗୁ କର୍ମକ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ ମନୋଭାବ ପୋଷଣକରି ସମସ୍ୟା ସୃଷ୍ଟି କରିପାରନ୍ତି। ଧନଭାବସ୍ଥ ରବିଙ୍କ ପ୍ରଭାବରେ ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବା ଆଶଙ୍କା ରହିଛି। ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ। ପୁତ୍ରକନ୍ୟାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି।

**ମୀନ** — କର୍ମକ୍ଷେତ୍ରରେ ତିନୋଟି ଗ୍ରହଙ୍କ କୁପ୍ରଭାବରେ ପରିବାରରୁ ପୂର୍ଣ୍ଣ ସମର୍ଥନ ନ ପାଇବା କାରଣରୁ କାମଟି ସହଜସାଧ୍ୟ ନ ହୋଇପାରେ। ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

ଆଜି ଚୈତ୍ର କୃଷ୍ଣ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ଶନିବାର, ମାର୍ଚ୍ଚ ୨୧ ତାରିଖ, ବିଶ୍ୱ ଜଙ୍ଗଲ ଓ ବନୀକରଣ ଦିବସ, ବିଶ୍ୱ ବର୍ଣ୍ଣବୈଷମ୍ୟ ଉନ୍ମୂଳନ ଦିବସ, ବିଶ୍ୱ କାବ୍ୟ ଦିବସ, ରାଶି ନକ୍ଷତ୍ର-ଧନିଷ୍ଠା/କୁମ୍ଭ, ରାତ୍ର ଘ୦୭।୩୯ମି. ଗତେ ଶତଭିଷା, ବୃଷ, ସିଂହ ଓ କନ୍ୟା ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ୦୩।୫୩ମି. ଗତେ ଘ୧୦।୦୬ମି. ମଧ୍ୟେ, ରାତ୍ର ଘ୮।୧୮ମି. ଗତେ ଘ୧୦।୦୪।୧୩ମି. ମଧ୍ୟେ, ରାତ୍ର ଘ୧୨।୧୭ମି. ଗତେ ଘ୧।୫୩ମି. ମଧ୍ୟେ, ରାତ୍ର ଘ୨।୪୧ମି. ଗତେ ଘ୪।୧୬ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୩ମି. ଗତେ ଘ୧୦।୨୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

**2BHK flat 1120sqft adjecent to Mountlitera Zee School Kateni Bhubaneswar for sale @ 18,50,000/-** 9937162220.** D-17206

6000sqft. land at Mahanadi Vihar, Cuttack. Mobile: 9437177313 & 8917242678. D-17151

**ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035.** D-68487

Demarcated plots under CMC, 800 mtr from NH Balikuda- 8658182243. D-68076

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-17044

ଭୁବନେଶ୍ୱର AIIMS Medical Janla NH-16ରୁ ମାତ୍ର ଅଳ୍ପ ଦୂରରେ 30FT Road ଥାଇ ଘରବାରି ପ୍ଲଟ୍ ପାଚେରି ସହ ମିଳୁଛି। 9437537549, 9437801541. D-17223

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-17043

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright)7894433357, 9348232008. D-69111

Commercial and residential Plot NH 203, Kesura State Bank Colony, Bhubaneswar 9437283845. D-67113

**ଭୁବନେଶ୍ୱର ପାତ୍ରପଡା Amber ପଛପଟେ 30'Road ଘରବାରି ପ୍ଲଟ୍ ମିଳୁଅଛି। Direct owner. 6370292040.** D-69106

**ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି patta, boundary plot psqft. 1250/-, 750/- ବିକ୍ରିହେବ। 9439270333.** D-69108

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68797

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

ଭୁବନେଶ୍ୱର ସୁନ୍ଦରପଦାରେ ଆଜି ଘର କରିବା ଭଳି ପ୍ଲଟ୍ sqft. 900/- investment plot 280/-. 9938016295. D-69307

**Plot for sale near 2nd Infosys Road, Janla, Bhubaneswar. 3900Sqft. gharabari with boundary. Contact owner. 9238699541.** D-17227

**construction**

Prabhakar Construction construct building. Quality building, timely delivery. 9437025258, 9437484711. D-17173

**healthcare**

Full body herbal massage with refreshment expert therapist. 7381239385, 06742540855. D-69253

Experience full body massage with us (expert). Call: 7377048581, 06742597822. D-69254

Herbal full body massage by smart / expert therapist. Contact: 8338067247. D-69255

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69256

Rejuvenate and Ayurvedic full body massage by smart therapist. 9114402304. D-69257

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69258

Relaxing body massage by trend lady, gents therapist. 9861193818. D-60879

Relaxing body massage by trend lady, gents therapist. 8018656899. D-60880

Ayurvedic full body massage ladies and gents. Contact- 9861064981. D-68796

Monalisa massage: All types body massage with hiprofile smart lady air condition rooms available. 9708545108. D-17180

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

ଆମ୍ଭେ ଶ୍ରୀ ସୁଶୀଲ କୁମାର ଅଗ୍ରୱାଲ୍ ଦି ସୁପ୍ରିମ୍ ଇଣ୍ଡଷ୍ଟ୍ରିଜ୍ ଲି. ଏମ୍.ଜେ କମ୍ପ୍ଲେକ୍ସ-୮୮, ବୁଦ୍ଧେଶ୍ୱରୀ କଲୋନୀ କଟକ ରୋଡ୍, ଭୁବନେଶ୍ୱର। ବିକ୍ରିକର ଭ୍ୟାଟ୍ ପଞ୍ଜୀକରଣ ନଂ-୨୧୭୫୧୧୧୬୩୪୭ଙ୍କର ଭାରପ୍ରାପ୍ତ ଏଜେଣ୍ଟ, ଏତଦ୍ୱାରା ଜଣାଇଅଛୁ କି ଆମ୍ଭ କମ୍ପାନୀକୁ ଭୁବନେଶ୍ୱର ବିକ୍ରୟକର ୧ମ ମଣ୍ଡଳ ଅଧିକାରୀଙ୍କ ଠାରୁ ସରକାରୀ ଫର୍ମ ଏବଂ ଏଫ୍ ନଂ ଓ.ଜି ପିଏୱାଇ ୧୭୬୬୨୩ ଠାରୁ ୧୭୬୬୩୪ ଏବଂ ଓ.ଜି ପିଏୱାଇ ୨୧୯୯୧୫ ଠାରୁ ୨୧୯୯୨୬ ପର୍ଯ୍ୟନ୍ତ ମୋଟ୍‌ରେ ୨୪ ସେଟ୍ ଫର୍ମ ଦୁର୍ଭାଗ୍ୟବଶତଃ ହଜିଯାଇଛି। ଧ-୧୭୨୨୫

This is to inform that I have lost the original sale deed bearing No.-1859, dtd.28.06.1995 pertaining to the Revenue Khata No. 180/136, Plot No. 350/427, Area- Ac 0.150dec, registered before the Sub-registrar, Khandagiri, Bhubaneswar, since then I have made several sincere attempts to trace it out but despite my best efforts I am unable to trace the same. Further, I have not created any mortgage/charge/lien over the said property nor I have taken any loan on the same from any nationalised/private bank, financial institution or private individual. That, if any one has any complain/objection in regards to this or found the said document then please inform The Chief Manager, Home Loan Sales Team, S.B.I. Main Branch, Bhubaneswar, Mph- 9437011233 or Mr. Nityananda Bala, Tomando, P.S-Tomando, Bhubaneswar, Odisha, Mph-9776308807 or M/s Evos Buildcon Pvt. Ltd., Plot No.284/2485, Patrapada, Near Union Bank, Patrapada, P.S.-Khandagiri, Bhubaneswar. Mph-9040051152 in writing within a period of 15 days from the date of publication of this declaration or else it will be concluded that the said land is free from all encumbrances. D-69261

**LEGAL NOTICE**

ସିଭିଲ ଜଜ୍ ସିନିୟର ଡିଭିଜନଙ୍କ ଅଦାଲତ, ମାଲକାନଗିରି
ସି.ଏସ୍. (ମେଟ୍) ୫୦/୨୦୧୯
ପ୍ରଶାନ୍ତ କୁମାର ମଣ୍ଡଳ .......... ବାଦୀ
ବନାମ
ବୀଣା ମଣ୍ଡଳ .......... ପ୍ରତିବାଦୀ

ପ୍ରାପ୍ତେଷୁ,
୧. ବୀଣା ମଣ୍ଡଳ, ବୟସ ପ୍ରାୟ ୨୯ ବର୍ଷ, ସ୍ୱାମୀ ପ୍ରଶାନ୍ତ କୁମାର ମଣ୍ଡଳ, ପିତା- ପ୍ରେମାନନ୍ଦ ବିଶ୍ୱାସ, ଗ୍ରାମ- ଏମ୍.ଭି.୩୪, ପୋଷ୍ଟ ପୋଟ୍ରେଲ, ଥାନା ଓ ଜିଲ୍ଲା- ମାଲକାନଗିରି

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉ ଅଛି କି, ବାଦୀ ପ୍ରତିବାଦୀଙ୍କ ବିରୁଦ୍ଧରେ ଏହି ଅଦାଲତରେ ଛାଡ଼ପତ୍ର ମକଦ୍ଦମା ଆଗତ କରିଛନ୍ତି ଓ ଆପଣଙ୍କୁ ପଠା ଯାଇଥିବା ନୋଟିସ ଅଦାଲତକୁ ଜାରି ନହୋଇ ଫେରସ୍ତ ଆସିଛି। ଆପଣଙ୍କ ବର୍ତ୍ତମାନ ଠିକଣା ବାଦୀଙ୍କ ପାଖରେ ନାହିଁ।

ତେଣୁ ଆପଣଙ୍କୁ ଏହି ଖବର କାଗଜ/ନୋଟିସ ଜରିଆରେ ଜଣାଇଦିଆଯାଉଅଛି କି, ଅଦାଲତ ଏହି ମକଦ୍ଦମା ତା. ୩୧।୦୩।୨୦୨୦ରିଖକୁ ବିଚାର ପାଇଁ ଧାର୍ଯ୍ୟ କରିଛନ୍ତି। ଆପଣ ଉକ୍ତ ଦିନ ନିଜେ କିମ୍ବା ନିଜର ଓକିଲଙ୍କ ଜରିଆରେ ହାଜର ହୋଇ ନିମ୍ନ କୋର୍ଟରେ ଜବାବ ଦାଖଲ କରିବେ।

ଯଦି ଆପଣ ଉକ୍ତ ଦିନ ଅନୁପସ୍ଥିତ ରୁହନ୍ତି ତେବେ ଅଦାଲତ ଆପଣଙ୍କ ଅନୁପସ୍ଥିତିରେ ହିଁ ଏହି ମକଦ୍ଦମାର ଶୁଣାଣି ଓ ବିଚାର କରିବେ।

ଆଜି ତା.୧୨।୦୩।୨୦୨୦ ରିଖରେ ଏହି ନିର୍ଦ୍ଦେଶ ଦିଆଗଲା।

ସ୍ୱା/-
ସିଭିଲ୍ ଜଜ୍ (ସିନିୟର୍ ଡିଭିଜନ୍)
ମାଲକାନଗିରି
ଧ-୧୭୨୨୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




କରୋନା ପ୍ରଭାବ

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ବନ୍ଦ ପରେ ବଡ଼ଦାଣ୍ଡ ଜନଶୂନ୍ୟ।



କଟକର କଦମ-ଇ-ରସୁଲରେ ତାଲା।




ବ୍ରହ୍ମପୁରସ୍ଥିତ ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ ଫାଟକରେ ତାଲା ପଡ଼ିଛି।

# ୨୫ରୁ ସମସ୍ତ ଏସ୍‌ଟି, ଏସ୍‌ସି ହଷ୍ଟେଲ ବନ୍ଦ

ଭୁବନେଶ୍ୱର, ୨୦।୩ (ବ୍ୟୁରୋ)

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ପ୍ରତିକାରମୂଳକ ବ୍ୟବସ୍ଥା ସ୍ୱରୂପ ରାଜ୍ୟର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ସମସ୍ତ ହଷ୍ଟେଲକୁ ଆସନ୍ତା ୨୫ ତାରିଖରୁ ଜୁନ୍ ୧୫ ପର୍ଯ୍ୟନ୍ତ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ପ୍ରତି ଆବାସିକ ବିଦ୍ୟାଳୟଗୁଡ଼ିକରେ ପଢୁଥିବା ପ୍ରାୟ ୬ଲକ୍ଷ ଛାତ୍ରୀଛାତ୍ର ହଷ୍ଟେଲ ଖାଲି କରିବେ। ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟର ଯତ୍ନ ତଥା ଆନୁଷଙ୍ଗିକ ଖର୍ଚ୍ଚ ନିମନ୍ତେ ପ୍ରୋତ୍ସାହନ ରୂପେ ଆଗୁଆ ତିନି ମାସର ପ୍ରାକ୍ ମାଟ୍ରିକ୍ ବୃତ୍ତି ପ୍ରଦାନ କରାଯିବ। ଛାତ୍ରୀମାନଙ୍କୁ ୨୪୦୦ଟଙ୍କା ଓ ଛାତ୍ରମାନଙ୍କୁ ୨୨୫୦ଟଙ୍କା ହିସାବରେ ସହାୟତା ରାଶି ପ୍ରଦାନ କରାଯିବ। ଛାତ୍ରୀଛାତ୍ରଙ୍କ ମାତାପିତା କିମ୍ବା ଅଭିଭାବକମାନେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କଠାରୁ ଏହି ରାଶି ଗ୍ରହଣ କରିବେ। ଏହି ପଦକ୍ଷେପ ଦ୍ୱାରା ସମସ୍ତ ହଷ୍ଟେଲ ଯଥା ସେବାଶ୍ରମ, ଆଶ୍ରମ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ, ଅନ୍ୱେଷା ଏବଂ ଏଜୁକେଶନ କମ୍ପ୍ଲେକ୍ସର ଅନ୍ତେବାସୀ ଛାତ୍ରୀଛାତ୍ରମାନେ ଲାଭାନ୍ୱିତ ହେବେ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ପ୍ରକାଶ କରିଛନ୍ତି।

# ଭିତ୍ତିଭୂମି ସୁଦୃଢ଼ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦାବି

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ଓଡ଼ିଶାରେ ୨ ଜଣଙ୍କ ଶରୀରରେ କରୋନା ପଜିଟିଭ୍ ଥିବା ଜଣାପଡିଲାଣି। ପ୍ରତିଦିନ ନମୁନା ପରୀକ୍ଷା କରାଯାଉଛି। ସଂକ୍ରମିତ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ତେଣୁ ଏହାର ମୁକାବିଲା ପାଇଁ ଆବଶ୍ୟକ କେତେକ ମୌଳିକ ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କରୋନା ମୁକାବିଲା ନିମନ୍ତେ ଉଦ୍ଦିଷ୍ଟ ଭିଡିଓ କନଫରେନ୍ସ ବେଳେ ମୁଖ୍ୟମନ୍ତ୍ରୀ ଏହି ଦାବି ରଖିଛନ୍ତି। ନବୀନ କହିଛନ୍ତି ଯେ, କରୋନା ସମ୍ପର୍କିତ ପରୀକ୍ଷା ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯାଉ। ଉଭୟ ସରକାରୀ ଏବଂ ଘରୋଇ ହସ୍ପିଟାଲସ୍ତରରେ ଏହି ବ୍ୟବସ୍ଥା ଉପଲବ୍ଧ କରାଯାଉ। ଏଥିସହିତ ଏହାକୁ ମାଗଣା କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ସ୍ୱାସ୍ଥ୍ୟ କର୍ମୀ/ଆବଶ୍ୟକ ବ୍ୟକ୍ତିବିଶେଷଙ୍କ ସୁରକ୍ଷା ପାଇଁ ମାସ୍କ ଏବଂ ବିପଜ୍ଜନକ ପରିସ୍ଥିତିରେ ଦରକାର ହେଉଥିବା ସ୍ୱାସ୍ଥ୍ୟ ସାମଗ୍ରୀ ଦେବା ପାଇଁ ରାଜ୍ୟ ପକ୍ଷରୁ ଦାବି କରାଯାଇଛି। ସେହିଭଳି ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅଧୀନରେ ଶ୍ରମିକମାନଙ୍କୁ ଅନ୍ୟୂନ ୫୦ ଦିନର ମଜୁରି ଯୋଗାଇ ଦିଆଯାଉ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ହିତାଧିକାରୀମାନଙ୍କୁ ଆର୍ଥିକ ସହାୟତା ସହ ପିଏମ୍-କିଷାନ ଯୋଜନା ଅଧୀନରେ ଅତିରିକ୍ତ କିସ୍ତି ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ କୁହାଯାଇଛି। ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ ଆର୍ଥିକ ପ୍ୟାକେଜ୍ ଘୋଷଣା ଏବଂ ବିଶେଷଭାବେ ନିର୍ମାଣ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନେଇ ପ୍ରସ୍ତାବ ଦିଆଯାଇଛି। ସେହିପରି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଆଗୁଆ ଅର୍ଥ ପ୍ରଦାନ ନେଇ ପ୍ରସ୍ତାବ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟ ସମ୍ପର୍କିତ ଦାବି ରଖିବା ସମୟରେ କରୋନା ମୁକାବିଲା ନେଇ ଭାରତ ସରକାର ନେଇଥିବା ବିଭିନ୍ନ ପଦକ୍ଷେପକୁ ପ୍ରଶଂସା ମଧ୍ୟ କରିଥିଲେ। ବିଶେଷକରି ଅନ୍ତର୍ଜାତୀୟ ବିମାନ ଉଡାଣ ଉପରେ ଲଗାଯାଇଥିବା କଟକଣା, ବିଦେଶରେ ରହୁଥିବା ଭାରତୀୟଙ୍କୁ ପ୍ରଭାବିତ ଅଞ୍ଚଳରୁ ଉଦ୍ଧାର ପାଇଁ ପଦକ୍ଷେପ ନେଇଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ସେହିଭଳି ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆର୍‌ଏଫ୍)କୁ ସଚଳ କରିଥିବାରୁ ମଧ୍ୟ କେନ୍ଦ୍ରକୁ ଧନ୍ୟବାଦ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

**କରୋନା ମୁକାବିଲା**

- ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କଲେ ନବୀନ
- ପରୀକ୍ଷାକୁ ମାଗଣା କରିବାକୁ ନବୀନଙ୍କ ଅନୁରୋଧ
- କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ପ୍ରଶଂସା
- ମାସ୍କ, ସ୍ୱାସ୍ଥ୍ୟ ସାମଗ୍ରୀ ଯୋଗାଣ ଉପରେ ଗୁରୁତ୍ୱ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପିଏମ୍-କିଷାନରେ ସହାୟତା ମାଗିଲା ରାଜ୍ୟ

# ବନ୍ଦ ହେଲା ଭିନ୍ନକ୍ଷମ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୨୦।୩ (ବ୍ୟୁରୋ)

କରୋନା (କୋଭିଡ-୧୯) ଭୂତାଣୁ ସଂକ୍ରମଣ ବଢ଼ି ଚାଲିଥିବା ବେଳେ ଏହାର ଭୟାବହତାକୁ ଦୃଷ୍ଟିରେ ରଖି ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଏଥିସହ ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟକରୁଥିବା ବିଭିନ୍ନ ଥେରାପି ସେଣ୍ଟରର ଛାତ୍ରାବାସ ଓ ଛାତ୍ରୀ ନିବାସଗୁଡିକୁ ମଧ୍ୟ ବନ୍ଦ କରିଦିଆଯାଇଛି। ଚଳିତ ମାସ ୨୫ରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ହଷ୍ଟେଲଗୁଡ଼ିକୁ ବନ୍ଦ କରାଯାଇଛି। ଏହାର ଅନ୍ତେବାସୀମାନଙ୍କୁ ଆସନ୍ତା ୩ ମାସ ପାଇଁ ଅଗ୍ରିମ ଖାଦ୍ୟପେୟ ଏବଂ ଯାତାୟାତ ଖର୍ଚ୍ଚ ପ୍ରଦାନ କରାଯିବ ବୋଲି ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି।

ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଓ ଥେରାପି ସେଣ୍ଟରଗୁଡିକର ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ଖାଦ୍ୟପେୟ ବାବଦରେ ମାସିକ ୧୨୦୦ଟଙ୍କା ପ୍ରଦାନ କରାଯାଇଥାଏ। ଆସନ୍ତା ୩ ମାସ ପର୍ଯ୍ୟନ୍ତ ସେମାନଙ୍କୁ ଆଗୁଆ ଅର୍ଥରାଶି ଦିଆଯିବ। ବିଭାଗ ପକ୍ଷରୁ ସାହାଯ୍ୟପ୍ରାପ୍ତ ୯୮ଟି ସ୍ୱତନ୍ତ୍ର ଆବାସିକ ଶିକ୍ଷାନୁଷ୍ଠାନ ଓ ୩୨ଟି ଥେରାପି ସେଣ୍ଟରର ଅନ୍ତେବାସୀମାନଙ୍କୁ ଏହି ଅର୍ଥରାଶି ପ୍ରଦାନ କରାଯିବ। ଆସନ୍ତା ୩ ମାସର ଖାଦ୍ୟପେୟ ଖର୍ଚ୍ଚ ଅନ୍ତେବାସୀଙ୍କ ମାତାପିତା କିମ୍ବା ଅଭିଭାବକମାନଙ୍କୁ ମିଳିବ। ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ପକ୍ଷରୁ ସେମାନଙ୍କ ଆଧାର ତଥା ବ୍ୟାଙ୍କ ଖାତା ସମ୍ପର୍କିତ ସମସ୍ତ ତଥ୍ୟ ବିଭାଗରେ ଦାଖଲ କରାଯିବ। ଛାତ୍ରୀଛାତ୍ରଙ୍କୁ ତାଙ୍କ ଘରେ ପହଞ୍ଚାଇବା ପାଇଁ ଜଣେ ସହଯୋଗୀ ସହାୟତା ଦେବେ। ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀ ଓ ତାଙ୍କ ସହଯୋଗୀଙ୍କ ଯାତାୟାତ ଖର୍ଚ୍ଚ ବାବଦରେ ୫୦୦ ଟଙ୍କା ପ୍ରଦାନ କରାଯିବ। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ବିଭାଗ ପକ୍ଷରୁ ବିଭିନ୍ନ ପେନସନ ପାଉଥିବା ହିତାଧିକାରୀମାନଙ୍କୁ ୪ ମାସର ପେନସନ ଆଗୁଆ ପ୍ରଦାନ କରାଯିବ। ମଧୁବାବୁ ପେନସନ ଯୋଜନା ସହିତ ସାମାଜିକ ସୁରକ୍ଷା ଅନ୍ତର୍ଗତ ହିତାଧିକାରୀମାନଙ୍କୁ ସିଧାସଳଖ ସେମାନଙ୍କ ଗ୍ରାମରେ ଭତ୍ତା ଟଙ୍କା ଦିଆଯିବ। ବିଭାଗୀୟ ସଚିବ ଭାସ୍କର ଜ୍ୟୋତି ଶର୍ମା ଏ ନେଇ ଜିଲାପାଳମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ଜିଲାପାଳଙ୍କ ତତ୍ତ୍ୱାବଧାନରେ ହିତାଧିକାରୀମାନଙ୍କୁ ଏପ୍ରିଲରୁ ଜୁଲାଇ ମାସ ପର୍ଯ୍ୟନ୍ତ ଆଗୁଆ ଭତ୍ତା ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଛି।

- ମାର୍ଚ୍ଚ ୨୫ରୁ ଜୁନ ୩୦ ବନ୍ଦହେବ ଛାତ୍ରାବାସ
- ୩ ମାସ ଯାଏ ଆଗୁଆ ଖାଦ୍ୟ ସାମଗ୍ରୀ, ଯାତାୟାତ ଖର୍ଚ୍ଚ
- ଗାଁରେ ମିଳିବ ୪ ମାସର ଅଗ୍ରିମ ପେନସନ

# ରେଷ୍ଟୁରାଣ୍ଟ, ବାର୍, କଫି ଶପ୍ ବନ୍ଦ

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ):** କରୋନା (କୋଭିଡ୍-୧୯)ର କରାଳ ସଂକ୍ରମଣ ସମଗ୍ର ବିଶ୍ୱକୁ ଗ୍ରାସ କରି ଚାଲିଛି। ରାଜ୍ୟରେ ଶପିଂମଲଠାରୁ ଆରମ୍ଭ କରି ସିନେମା ହଲ, ପାର୍କ, ସଭା ସମିତି, ସାମାଜିକ ମିଳାମିଶା ଇତ୍ୟାଦିକୁ ବନ୍ଦ କରି ସାରିବା ପରେ ଏବେ ରେଷ୍ଟୁରାଣ୍ଟ, ବାର, କଫି ଶପ ଏବଂ ଅଧିକ ସଂଖ୍ୟାରେ ଜମା ହେଉଥିବା ଫାଷ୍ଟଫୁଡ ଦୋକାନଗୁଡିକୁ ବନ୍ଦ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ସଂସ୍ଥାଗୁଡିକୁ ସରକାରଙ୍କ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ ରଖିବାକୁ କୁହାଯାଇଛି। ଏଥିସହିତ ରାଜ୍ୟରେ ଥିବା ସମସ୍ତ ବଡବଡ ହୋଟେଲ ଓ ଗେଷ୍ଟ ହାଉସଗୁଡିକରେ ଅତିଥିମାନଙ୍କ ମଧ୍ୟରେ ଅତି କମରେ ୨ ମିଟର ସୋସିଆଲ ଡିଷ୍ଟାନ୍ସ ବା ସାମାଜିକ ଦୂରତ୍ୱ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଅତିଥି ଏବଂ ଗ୍ରାହକମାନେ କିପରି ନିଜକୁ ପରସ୍ପରଠାରୁ ଦୂରେଇ ରଖିବେ ସେ ନେଇ ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡିକ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି।

ଏଥିସହିତ ସହରଗୁଡିକରେ ଚଳାଚଳ କରୁଥିବା ଟ୍ୟାକ୍ସି, ଅଟୋ ରିକ୍ସା ଉପରେ ମଧ୍ୟ କଟକଣା ରଖାଯାଇଛି। ନୂଆଦିଲ୍ଲୀରେ ଲାଗୁ ହୋଇଥିବା ଅଡ୍ ଆଣ୍ଡ ଇଭିନ୍ ନମ୍ବର ଭଳି ଟ୍ୟାକ୍ସି ଏବଂ ଅଟୋ ରିକ୍ସାଗୁଡିକ ରୋଟେଶନ ବେସିସ୍‌ରେ ଦିନେ ଛାଡି ଦିନେ ଚଳାଚଳ କରିବେ। ସମ୍ପୃକ୍ତ ପୌରାଞ୍ଚଳ କର୍ତ୍ତୃପକ୍ଷମାନେ ଏହାକୁ ରେଗୁଲେଟ କରିବେ। ଏଥିସହିତ ହାଟ, ଗ୍ରାମାଞ୍ଚଳ ହାଟ, ଶପିଂ କମ୍ପ୍ଲେକ୍ସଗୁଡିକରେ କେବଳ ଖାଦ୍ୟ ସାମଗ୍ରୀ ଯଥା ତେଜରାତି, ପନିପରିବା, ମାଛ, ଚିକେନ, ମଟନ୍, ଅଣ୍ଡା ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ବିକ୍ରି ହେବ। ଗୋଟିଏ ଜାଗାରେ ୭ ଜଣରୁ ଅଧିକ ଲୋକ ଯେପରି ଏକାଠି ହୋଇ ନ ପାରିବେ ସେ ନେଇ ପଦକ୍ଷେପ ନେବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମ କମିଶନର, ପୋଲିସ କମିଶନର, ଜିଲାପାଳଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

**ଭିଡ କମାଇବାକୁ ସରକାରଙ୍କ ଉଦ୍ୟମ**

- ରୋଟେଶନ ଭାବେ ଦିନେ ଛାଡି ଦିନେ ଚାଲିବ ଟ୍ୟାକ୍ସି, ଅଟୋ ରିକ୍ସା
- ଗାଁ ହାଟ, ଶପିଂ କମ୍ପ୍ଲେକ୍ସରେ ବିକ୍ରି ହେବ ଅତ୍ୟାବଶ୍ୟକ ସାମଗ୍ରୀ





**ଗୁରୁତ୍ୱପୂର୍ଣ୍ଣ ତାରିଖ**

- ଉଚ୍ଚତର ଲାଭ ପାଇବା ପାଇଁ ୩୧ ମାର୍ଚ୍ଚ, ୨୦୨୦ ସୁଦ୍ଧା ପରିଶୋଧ କରନ୍ତୁ

**ଯୋଗ୍ୟତା**

- ତା୩୧।୦୧।୨୦୨୦ରିଖ କିମ୍ୱା ତାହା ପୂର୍ବରୁ ଦାଏର ଓ ବିଚାରାଧୀନ ରହିଥିବା ଅପିଲ/ରିଟ୍
- ଆଦେଶ ଯାହା ଲାଗି ଅପିଲ ଦାଏର କରିବାର ସମୟ ତା୩୧।୦୧।୨୦୨୦ରିଖରେ ସମାପ୍ତ ହୋଇ ନ ଥିବ
- ତା୩୧।୦୧।୨୦୨୦ରିଖରେ ବିବାଦ ମୀମାଂସା ପ୍ୟାନେଲ୍ (ଡିଆର୍‌ପି) ନିକଟରେ ବିଚାରାଧୀନ ମାମଲା
- ତା୩୧।୦୧।୨୦୨୦ରିଖ କିମ୍ୱା ତାହା ପୂର୍ବରୁ ଡିଆର୍‌ପି ଦ୍ୱାରା ଜାରି କରାଯାଇଥିବା କିନ୍ତୁ କୌଣସି ଆଦେଶ ଗୃହୀତ ହୋଇ ନ ଥିବା ମାମଲା
- ମାମଲା ଯେଉଁଠି ଆସେସି ତା୩୧।୦୧।୨୦୨୦ରିଖ କିମ୍ୱା ତାହା ପୂର୍ବରୁ ରିଭିଜନ୍ (ଧାରା ୨୬୪) ଦାଏର କରିଥିବେ
- ବିବାଦିତ ଟିକସ ଗୋଟିଏ ବର୍ଷରେ ଟ.୫ କୋଟିରୁ କମ୍ ହୋଇଥିଲେ ସର୍ଚ୍ଚ ମାମଲା
- ଟିକସଦାତା କିମ୍ୱା ବିଭାଗ ଦ୍ୱାରା ଦାଏର କରାଯାଇଥିବା ଅପିଲ/ରିଟ୍
- ଇତିମଧ୍ୟରେ ପରିଶୋଧ କରାଯାଇସାରିଥିବା ବିବାଦଗୁଡ଼ିକ ମଧ୍ୟ ଯୋଗ୍ୟ ହେବ
- ଭାରତ କିମ୍ୱା ବିଦେଶରେ ମଧ୍ୟସ୍ଥତା ଅଧୀନରେ ଥିବା ମାମଲା

**ଅନ୍ତର୍ଭୁକ୍ତ ବିବାଦ**

- ନିମ୍ନ ସଂକ୍ରାନ୍ତୀୟ ସମସ୍ତ ବିବାଦ, କେତେକ ବିବାଦ ବହିର୍ଭୁତ–
  (i) ବିବାଦିତ ଟିକସ
  (ii) ବିବାଦିତ ଜରିମାନା
  (iii) ବିବାଦିତ ସୁଧ
  (iv) ବିବାଦିତ ଫି
  (v) ବିବାଦିତ ଉତ୍ସରେ କଟାଯାଇଥିବା ଟିକସ (ଟିଡିଏସ୍) କିମ୍ୱା ଉତ୍ସରେ ସଂଗୃହୀତ ଟିକସ (ଟିସିଏସ୍)

**ପ୍ରମୁଖ ବୈଶିଷ୍ଟ୍ୟାବଳୀ... ପରିଶୋଧର ସର୍ତ୍ତାବଳୀ**

| ପରିଶୋଧ ତାରିଖ କିମ୍ୱା ତାହା ପୂର୍ବରୁ | ବିବାଦିତ ଟିକସ ସମ୍ବନ୍ଧିତ ଅପିଲ | କେବଳ ବିବାଦିତ ଜରିମାନା କିମ୍ୱା ସୁଧ କିମ୍ୱା ଫି ସମ୍ବନ୍ଧିତ ଅପିଲ |
|---|---|---|
| ୩୧ ମାର୍ଚ୍ଚ, ୨୦୨୦ | ବିବାଦିତ ଟିକସର ୧୦୦% ଟିକସ (ସର୍ଚ୍ଚ କେସ୍‌ରେ ୧୨୫%) | ବିବାଦିତ ଜରିମାନା କିମ୍ୱା ସୁଧ କିମ୍ୱା ଫିର ୨୫% |
| ଶେଷ ତାରିଖ (୩୦ ଜୁନ୍, ୨୦୨୦) | ବିବାଦିତ ଟିକସର ୧୧୦% (ସର୍ଚ୍ଚ କେସ୍‌ରେ ୧୩୫%) ଯଦି ଏହା ମୋଟ ଦାବିକୁ ବୃଦ୍ଧି କରୁ ନ ଥିବ | ବିବାଦିତ ଜରିମାନା କିମ୍ୱା ସୁଧ କିମ୍ୱା ଫିର ୩୦% |

ଯଦି ଟିକସଦାତାଙ୍କ ବିଚାରାଧୀନ ଅପିଲରେ ଥିବା ସମସ୍ୟାର ନିର୍ଣ୍ଣୟ ଅପିଲୀୟ ଫୋରମ୍ ଦ୍ୱାରା ତାଙ୍କ ସପକ୍ଷରେ କରାଯାଏ କିମ୍ୱା ଯଦି ବିଭାଗ ଏକ ସମସ୍ୟା ଉପରେ ଅପିଲ ଦାଏର କରିଥାଏ, ତେବେ ଦେୟଯୋଗ୍ୟ ପରିମାଣ ହେଉଛି ଉପରୋକ୍ତ ପରିମାଣର ୫୦%।

davp 15401/13/0021/1920

Visit: www.incometaxindia.gov.in
www.incometaxindiaefiling.gov.in

आयकर विभाग
केन्द्रीय प्रत्यक्ष कर बोर्ड

@IncomeTaxIndia
@incometaxindiaofficial

ବାହାର ଜଗତରେ ଘୂରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ୍ୟ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। -ଶ୍ରୀମା

# ଅଡିଓ ବିବାଦ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ (ଏସ୍‌ବିଆଇ)ର ଅଧ୍ୟକ୍ଷ ରଜନୀଶ କୁମାର ଏବଂ ଅନ୍ୟ ବ୍ୟାଙ୍କ ଅଧିକାରୀଙ୍କୁ ଗାଳିଦେବାର ବିବାଦୀୟ ଅଡିଓ କ୍ଲିପ୍ ଉପରେ ଏବେ ତଦନ୍ତ କରାଯିବ। ପ୍ରକାଶ୍ୟ ଯେ, ଅଡିଓ କ୍ଲିପ୍ ବାହାରକୁ କେମିତି ପ୍ରକାଶ ପାଇଲା ତା’ ଉପରେ ବ୍ୟାଙ୍କ୍ ଏବେ ଏକ ଏଫ୍‌ଆଇଆର୍ ଦାୟର କରିବାକୁ ବିଚାର କରୁଛି। ବ୍ୟାଙ୍କ୍ କର୍ମଚାରୀମାନେ ବିଶ୍ୱାସ କରୁଛନ୍ତି ଯେ, ଅଡିଓ କ୍ଲିପ୍ ଲିକ୍ ଏକ ଦୁଷ୍ଟବୁଦ୍ଧିର କାର୍ଯ୍ୟ ଏବଂ ଏହାକୁ ଅନଧିକୃତ ଭାବେ ରେକର୍ଡିଂ କରାଯାଇଥିଲା, ଯାହାର ତଦନ୍ତ ଠିକ୍‌ଭାବେ ହେବା ଉଚିତ। ବ୍ୟାଙ୍କ କର୍ମଚାରୀ ସଂଘ ଅର୍ଥମନ୍ତ୍ରୀଙ୍କ ବକ୍ତବ୍ୟକୁ ସମାଲୋଚନା କରିଥିବାବେଳେ, ଅର୍ଥ ମନ୍ତ୍ରଣାଳୟ ତାଙ୍କ ସୁରକ୍ଷା ଲାଗି ଅଣ୍ଟାଭିଡିଛି। ଅର୍ଥ ମନ୍ତ୍ରଣାଳୟର କର୍ମଚାରୀମାନେ କହିଛନ୍ତି ଯେ, ଆସାମର ଚା ବଗିଚା ଶ୍ରମିକମାନଙ୍କ ସମସ୍ୟାର ସମାଧାନ କରିପାରି ନ ଥିବାରୁ ରାଜ୍ୟ ଏବଂ ସ୍ଥାନୀୟ ଏସ୍‌ବିଆଇର କାର୍ଯ୍ୟଧାରା ଉପରେ ମନ୍ତ୍ରଣାଳୟ ତା’ର ବିଧିସଙ୍ଗତ ପ୍ରତିକ୍ରିୟା ପ୍ରକାଶ କରିବା ଯୁକ୍ତିଯୁକ୍ତ ଥିଲା। ଗତମାସରେ ଗୁଆହାଟୀ ଫାଇନାନ୍‌ସିଆଲ ଇନ୍‌କ୍ଲୁଜନ କନ୍‌କ୍ଲେଭ୍‌ରେ ଏସ୍‌ବିଆଇ ଅଧିକାରୀମାନଙ୍କ ସହ ସୀତାରାମନ୍ କଥାହେବା ସମୟରେ ଏହି ଭିଡିଓ କ୍ଲିପ୍ ପ୍ରସ୍ତୁତ କରାଯାଇଥିଲା ବୋଲି ଜଣାପଡିଛି। ତେବେ ଏହି କ୍ଲିପ୍ ସୋସିଆଲ୍ ମଡ଼ିଆରେ ଏକମାସ ପରେ ଦେଖିବାକୁ ମିଳିଥିଲା। ତେଣୁ ବିବାଦ ସୃଷ୍ଟିକରିବା ଏହାର ଲକ୍ଷ୍ୟ ଥିଲା ବୋଲି ଅନେକେ ସନ୍ଦେହ ପ୍ରକଟ କରିଛନ୍ତି। ଏବେ କାହିଁକି ବ୍ୟାଙ୍କ ବାବୁମାନେ ଏହାକୁ ତେଜୁଛନ୍ତି, ତାହା ଅନୁମାନଯୋଗ୍ୟ।

### ବଦଳି ଦ୍ୱନ୍ଦ୍ୱ

କର୍ଣ୍ଣାଟକ ଆଇପିଏସ୍ ଅଧିକାରୀ ଈଶା ପନ୍ତଙ୍କ ୪ ଦିନରେ ଦୁଇଥର ବଦଳି ପଛର କାହାଣୀ ଦେଶର ଦୃଷ୍ଟି ଆକର୍ଷଣ କରିଛି। ସମ୍ଭବତଃ ତାହା ଥିଲା ବେଙ୍ଗାଲୁରୁ ସିଟି ପୋଲିସ ମଧ୍ୟରେ ଥିବା କ୍ଷମତା ଯୁଦ୍ଧର କଥା। ଯେତେବେଳେ ସରକାର ସାଉଥ୍-ଇଷ୍ଟ୍ ଜୋନ୍ ଡିସିପି ଈଶା ପନ୍ତଙ୍କ ସମେତ ଆଇପିଏସ୍ ଅଧିକାରୀଙ୍କର ଏକାଧିକ ବଦଳି ନିର୍ଦ୍ଦେଶନାମା ଜାରି କରିଥିଲେ, ସେତେବେଳେ ଏହି ବଦଳି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ପ୍ରାରମ୍ଭରୁ ତାଙ୍କୁ କ୍ରିମିନାଲ ଇନ୍‌ଭେଷ୍ଟିଗେଶନ ଡିପାର୍ଟମେଣ୍ଟ (ସିଆଇଡି)ରେ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଏସ୍‌ପି) ଭାବେ ଯୋଗଦେବା ଲାଗି କୁହାଯାଇଥିଲା। କିନ୍ତୁ ତିନିଦିନ ପରେ ଏହି ଭାଜପାଶାସିତ ରାଜ୍ୟ ଦ୍ୱାରା ଆଉ ଗୋଟିଏ ନିର୍ଦ୍ଦେଶନାମା ଜାରି କରାଯାଇଥିଲା, ଯାହାଦ୍ୱାରା ପ୍ରଥମ ନିର୍ଦ୍ଦେଶନାମା ପ୍ରତ୍ୟାହାର କରାଯାଇଥିଲା ଏବଂ ତାଙ୍କୁ ପୁଣି ମୂଳ ପଦରେ ଅବସ୍ଥାପିତ କରାଯାଇଥିଲା। ତେବେ କେଇ ଘଣ୍ଟା ପରେ ଆଉ ଏକ ନୂଆ ନିର୍ଦ୍ଦେଶନାମାରେ ପନ୍ତଙ୍କୁ ସିଟି ପୋଲିସ କମିଶନରଙ୍କ କାର୍ଯ୍ୟାଳୟରେ ଥିବା କମାଣ୍ଡ ସେଣ୍ଟର୍‌ରେ ଡିସିପି ଭାବେ ଅବସ୍ଥାପିତ କରାଯାଇଥିଲା। ତାଙ୍କୁ ଜିନେନ୍ଦ୍ର ଖାନାଗାଓଁଙ୍କ ଜାଗାରେ ନିଯୁକ୍ତି ଦିଆଯାଇଥିଲା ଯିଏକି ଏବେ ଜଣେ ଏସ୍‌ପି ଭାବେ ଇଣ୍ଟର୍‌ନାଲ ସିକ୍ୟୁରିଟି ଡିଭିଜନରେ ନିଯୁକ୍ତି ପାଇଛନ୍ତି। ୨୦୧୫ ବ୍ୟାଚର ଆଇପିଏସ୍ ଅଧିକାରୀ ଶ୍ରୀନାଥ ମହାଦେବ ଜୋଷୀଙ୍କୁ ତାଙ୍କ ଜାଗାରେ ନିଯୁକ୍ତି ଦିଆଯାଇଥିଲା। ଜୋଷୀ ଏବେ ବେଙ୍ଗାଲୁରୁ ସାଉଥ-ଇଷ୍ଟ ଡିଭିଜନ କଥା ବୁଝିବେ। ସେ ପୂର୍ବରୁ ଚିତ୍ରଦୁର୍ଗର ଏସ୍‌ପି ଥିଲେ। ଜଣେ ଭାଜପା ମନ୍ତ୍ରୀଙ୍କ ଚାପରେ ପନ୍ତଙ୍କ ଦ୍ୱିତୀୟ ବଦଳି କରାଯାଇଥିଲା ବୋଲି ବିଶ୍ୱାସ କରାଯାଉଛି।

### ମୂଲ୍ୟାଙ୍କନ ବ୍ୟବସ୍ଥାକୁ ସମର୍ଥନ

ଏକ ଆବଶ୍ୟକ ପ୍ରଶାସନିକ ସଂସ୍କାର ପାଇଁ ମୋଦି ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ୩୬୦ ଡିଗ୍ରୀ ମୂଲ୍ୟାୟନ ବ୍ୟବସ୍ଥା ଉପରେ ସମୀକ୍ଷା କରିବାକୁ ଜଣେ ବରିଷ୍ଠ ପ୍ରଶାସକ ଦାୟର କରିଥିବା ଏକ ପିଟିଶନକୁ ଦିଲ୍ଲୀ ଉଚ୍ଚନ୍ୟାୟାଳୟ ଖାରଜ କରିଦେବା ପରେ ଏହାର ମର୍ଯ୍ୟାଦା ବଢ଼ିଯାଇଛି। ଉକ୍ତ ମୂଲ୍ୟାଙ୍କନ ପଦ୍ଧତି ୨୦୧୫ରେ ଆରମ୍ଭ କରାଯାଇଥିଲା ଏବଂ ବରିଷ୍ଠ ପ୍ରଶାସକଙ୍କ ଉପରେ ନିରୀକ୍ଷଣକୁ ଅଧିକରୁ ଅଧିକ କଡ଼ା କରାଯାଇଥିଲା। ତେବେ ବାର୍ଷିକ ଗୁପ୍ତ ରିପୋର୍ଟ (ଏସିଆର୍) ବଦଳରେ ଆରମ୍ଭ କରାଯାଇଥିବା ଏହି ପଦ୍ଧତିକୁ ଅପାରଦର୍ଶୀ ଓ ଅସ୍ୱଚ୍ଛ କହି ଗୋଟିଏ ଶ୍ରେଣୀର ବାବୁମାନେ ସମାଲୋଚନା କରିଥିଲେ। ଉକ୍ତ ମୂଲ୍ୟାଙ୍କନ ପଦ୍ଧତିକୁ ତାଙ୍କ ରିଭ୍ୟୁ ପିଟିଶନରେ ଚ୍ୟାଲେଞ୍ଜ କରିଥିବା ବରିଷ୍ଠ ବାବୁ ଦର୍ଶାଇଥିଲେ ଯେ, ତାଙ୍କୁ ପଦୋନ୍ନତି ପାଇଁ ମନୋନୟନ ତାଲିକାରେ ରଖିବାରେ ତିନିଥର ଅଣଦେଖା କରାଯାଇଥିଲା ଏବଂ ସେ ଏଥିପାଇଁ ତାଙ୍କ ମୂଲ୍ୟାଙ୍କନ ରିପୋର୍ଟର ଗୋଟିଏ ନକଲ ଚାହିଁଥିଲେ। ୩୬୦ ଡିଗ୍ରୀ ମୂଲ୍ୟାଙ୍କନ ପଦ୍ଧତିକୁ ବି ମଲ୍‌ଟି ସୋର୍ସ ଫିଡ୍‌ବ୍ୟାକ ଗାଇଡ୍‌ଲାଇନ୍‌ସ (ଏମ୍‌ଏସ୍‌ଏଫ୍) କୁହାଯାଏ, ଯାହା ଏବେ ଉଚ୍ଚନ୍ୟାୟାଳୟର ସମର୍ଥନ ପାଇଛି। କୋର୍ଟ ସରକାରଙ୍କ ଦୃଷ୍ଟିକୋଣକୁ ଗ୍ରହଣ କରି କହିଛନ୍ତି ଯେ, ଏମ୍‌ଏସ୍‌ଏଫ୍‌ର ନୀତିନିୟମକୁ ସର୍ବସାଧାରଣରେ ପ୍ରକାଶ କରିବା ପାଇଁ କରାଯାଇନି। ଯୁଗ୍ମ ସଚିବମାନଙ୍କ ନିଯୁକ୍ତି ପାଇଁ ବାବୁମାନଙ୍କ ନାମ ତାଲିକାଭୁକ୍ତ କରିବାକୁ ଚାହୁଁଥିବା କମିଟି ଅଫ୍ ସେକ୍ରେଟାରିଜ୍ କିମ୍ବା ଏମ୍‌ପ୍ୟାନେଲ୍‌ମେଣ୍ଟ କମିଟି ପାଇଁ ଆଭ୍ୟନ୍ତରୀଣ ଗାଇଡ୍‌ଲାଇନରୂପେ କାର୍ଯ୍ୟ କରିବାକୁ ଏହା କରାଯାଇଛି।

Email: dilipcherian@gmail.com

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ମାର୍ଚ୍ଚ ୧୯୯୫**

- ଜାପାନର ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ଏଚ୍-୨ ରକେଟ ଦ୍ୱାରା ପ୍ରେରିତ ଏକ ଉପଗ୍ରହ ପୃଥିବୀର ଚତୁଃପାର୍ଶ୍ୱରେ ଥିବା ଏକ କକ୍ଷପଥରେ ସଫଳତାର ସହିତ ଅବସ୍ଥାପିତ ହୋଇପାରିଛି।
- ବରିଷ୍ଠ କଂଗ୍ରେସ ନେତା ନାରାୟଣ ଦତ୍ତ ତିଓ୍ୱାରୀ ଏଆଇସିସି କାର୍ଯ୍ୟକାରୀ କମିଟି ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | 9 | | | 2 | | C | | D | | 0 | | | 4 |
| | | | | 3 | D | 8 | E | | | | B | | | |
| D | | B | | 1 | | | | | | | 6 | | | |
| | 2 | | B | | | | | | A | | | | 3 | 8 |
| | | 4 | A | | | 7 | | | | 5 | | | | |
| | | | | | 4 | | 6 | | | | | 5 | E | |
| | E | | | | 9 | 3 | | 0 | | 8 | | 6 | | |
| | 3 | | | 6 | 7 | | | | 4 | 2 | C | 0 | D | A |
| | | | | | C | | | | | | 7 | | | |
| A | 5 | | D | | | 1 | | | | | | | | |
| | | | | C | 3 | | 2 | | | | | | 0 | 1 |
| 0 | | | 5 | | B | D | | | | | 8 | C | 2 | |
| | | 8 | | | A | | | | | | | | | 9 |
| | 9 | | | E | | | 8 | | B | 3 | 1 | 4 | | 7 |
| 4 | | 3 | | | | | | | 7 | E | D | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | D | C | B | 7 | E | 1 | 8 | 0 | 6 | 5 | 9 | 2 | 3 | 4 |
| 3 | B | 9 | 1 | D | 2 | 6 | 5 | C | A | 4 | 7 | 0 | 8 | E |
| E | 6 | 1 | 8 | 4 | 0 | B | 9 | 7 | 2 | 3 | C | 5 | A | D |
| 4 | 2 | 8 | 9 | A | 5 | E | 3 | D | B | 1 | 0 | 7 | C | 6 |
| 5 | 7 | 0 | C | 6 | 3 | 4 | 2 | A | 8 | E | D | 9 | B | 1 |
| 7 | A | 3 | E | 0 | B | 8 | C | 9 | D | 6 | 4 | 1 | 5 | 2 |
| 1 | C | 2 | 4 | 9 | 7 | A | B | 5 | 3 | 0 | E | D | 6 | 8 |
| 0 | 8 | E | D | C | A | 3 | 6 | 2 | 5 | 9 | 1 | 4 | 7 | B |
| B | 5 | D | 6 | 3 | 1 | 0 | 7 | 4 | C | 2 | 8 | A | E | 9 |
| 9 | 4 | 6 | 5 | 2 | 8 | D | 1 | E | 7 | B | A | 3 | 0 | C |
| C | 1 | B | 7 | E | 6 | 5 | A | 3 | 4 | D | 2 | 8 | 9 | 0 |
| 2 | 0 | 7 | 3 | B | 4 | 9 | D | 8 | E | C | 5 | 6 | 1 | A |
| D | 9 | 5 | A | 1 | C | 7 | 4 | B | 0 | 8 | 6 | E | 2 | 3 |
| 8 | 3 | 4 | 0 | 5 | 9 | 2 | E | 6 | 1 | A | B | C | D | 7 |
| 6 | E | A | 2 | 8 | D | C | 0 | 1 | 9 | 7 | 3 | B | 4 | 5 |

ଗତକାଲିର ଉତ୍ତର

# ସାମାଜିକ ରେଜିଷ୍ଟ୍ରି ଓ ସମଗ୍ରମ୍



କୁମାରସମ୍ଭବ ଶ୍ରୀବାସ୍ତବ

ତେଲଙ୍ଗାନା ରାଜ୍ୟ ସରକାର ଆଧାର ଉପରେ ନିର୍ଭର ନ କରି ଭାରତର ୧୩୦ କୋଟି ବାସିନ୍ଦାଙ୍କ ୩୬୦-ଡିଗ୍ରୀ ପ୍ରୋଫାଇଲ ନିର୍ମାଣ ପାଇଁ ମୋଦି ସରକାରଙ୍କୁ ଏକ ଇନ୍‌କ୍ଲୁସିଭ୍ ଓ ସର୍ଚ୍ଚେବ୍‌ଲ ଡାଟାବେସ୍ ନିର୍ମାଣ କରିବାରେ ସାହାଯ୍ୟ କରିବାକୁ ପ୍ରସ୍ତାବ ଦେଇଛନ୍ତି ବୋଲି ହଫ୍‌ପୋଷ୍ଟ ଇଣ୍ଡିଆ ଦ୍ୱାରା ସମୀକ୍ଷିତ ଦଲିଲଗୁଡ଼ିକରୁ ଜଣାପଡ଼ିଛି। ଅକ୍ଟୋବର ୧୯, ୨୦୧୮ରେ ତେଲଙ୍ଗାନାର ସୂଚନା ପ୍ରଯୁକ୍ତି, ଇଲେକ୍ଟ୍ରୋନିକ୍ସ ଏବଂ ଯୋଗାଯୋଗ ବିଭାଗର ପ୍ରମୁଖ ସଚିବ ଜୟେଶ ରଞ୍ଜନ ତାଙ୍କ ପ୍ରତିପକ୍ଷ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ସଚିବ ଅଜୟ ପ୍ରକାଶ ସାହନୀଙ୍କୁ କହିଛନ୍ତି ଯେ, ତେଲଙ୍ଗାନା ଏପରି ଏକ ବ୍ୟବସ୍ଥା ଲାଗୁ କରିସାରିଛି। ଏହି ବ୍ୟବସ୍ଥା ଦ୍ୱାରା ରାଜ୍ୟର ୩୦ ନିୟୁତ ବାସିନ୍ଦାଙ୍କୁ ଟ୍ରାକ୍ କରାଯାଇପାରୁଛି ଏବଂ କେନ୍ଦ୍ର ସରକାର ୧୩୦ କୋଟି ଲୋକଙ୍କୁ ଟ୍ରାକ୍ କରିବା ପାଇଁ ଏହାକୁ ଏକ ସିଷ୍ଟମ୍‌ରେ ପରିଣତ କରିବାକୁ ଯାଉଥିବାରୁ ତେଲଙ୍ଗାନା ଏଥିରେ ତାଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ।

ସୁପ୍ରିମ୍‌କୋର୍ଟ ଆଧାରର ସାମ୍ବିଧାନିକ ବୈଧତାକୁ ସମର୍ଥନ କରିବା ସହ ନାଗରିକଙ୍କ ଗୋପନୀୟତାକୁ ଉଲ୍ଲଂଘନ ନ କରିବା ପାଇଁ କହିବାର ତିନିସପ୍ତାହ ପରେ ତେଲଙ୍ଗାନା ଏହି ପ୍ରସ୍ତାବ ଦେଇଥିଲା। ରଞ୍ଜନ ତାଙ୍କ ଇମେଲରେ ଲେଖିଛନ୍ତି ଯେ, ଆଧାର ଉପରେ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଦୃଷ୍ଟିରେ ରଖି ତୁରନ୍ତ ଏହାର ସମାଧାନ ଖୋଜିବା ଆବଶ୍ୟକ ପଡ଼ିଲା, ଯାହାଦ୍ୱାରା ଆଧାର ବିନା ଉକ୍ତ ୩୬୦-ଡିଗ୍ରୀ ଟ୍ରାକ୍ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇପାରିବ। ପ୍ରାୟ ଅଢ଼େଇ ବର୍ଷ ପୂର୍ବେ ତେଲଙ୍ଗାନା ସମଗ୍ରମ୍ ବା ସମଗ୍ର ବେଦିକା ନାମକ ଏକ ପ୍ରକଳ୍ପ ଆରମ୍ଭ କରିଥିଲା, ଯାହା ବହୁବିଧ ପ୍ରଶାସନିକ ଉଦ୍ଦେଶ୍ୟ ପୂରଣ କରୁଥିବା ବିଭିନ୍ନ ରେକର୍ଡ ଲିଙ୍କେଜ୍ ବିଶିଷ୍ଟ ଏକ ବୃହତ୍ ଡାଟାବେସ୍। ରଞ୍ଜନ ତାଙ୍କ ଇମେଲରେ ଲେଖିଛନ୍ତି, ଏହି ସମାଧାନ ଉପାୟ ଅନ୍ୟ ରାଜ୍ୟ ତଥା ଭାରତ ସରକାରଙ୍କ ବିଭିନ୍ନ ବିଭାଗକୁ ପ୍ରଦାନ କରିପାରିଲେ ତେଲଙ୍ଗାନା ବହୁତ ଖୁସି ହେବ। ଏ ବିଷୟରେ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ ପାଇଁ ଦିଲ୍ଲୀ ଆସିବାକୁ ସେ ପ୍ରସ୍ତାବ ଦେଇଥିଲେ।

ସମଗ୍ରମ୍ ନାମକ ତେଲଙ୍ଗାନା ପ୍ରୟୋଗ ମୋଦି ସରକାରଙ୍କ ଉଚ୍ଚାଭିଳାଷୀ ତଥା ବିବାଦୀୟ ସାମାଜିକ ରେଜିଷ୍ଟ୍ରି ପାଇଁ ଏକ କାର୍ଯ୍ୟକାରୀ ଆଦିରୂପ- ଏହା ପ୍ରମାଣ କରେ ଯେ ବିରାଟ ଡାଟାବେସ୍‌କୁ ନେଇ ଦେଶର ନାଗରିକଙ୍କ ଉପରେ ନଜରଦାରି କରିବା କୌଣସି ସୁଖସ୍ୱପ୍ନ ନୁହେଁ, ବରଂ ଏକ ଚିନ୍ତାଜନକ ବାସ୍ତବତା। ସାମାଜିକ ରେଜିଷ୍ଟ୍ରି ଯେପରି ୨୦୧୧ରେ ପ୍ରଥମେ ପରିଚାଳିତ ସାମାଜିକ-ଅର୍ଥନୈତିକ ଜାତି ଗଣନା (ଏସ୍‌ଇସିସି) ଉପରେ ନିର୍ମିତ ହେବାକୁ ଯାଉଛି; ସମଗ୍ରମ୍ ସେହିପରି ସମଗ୍ର କୁଟୁମ୍ବ ସର୍ଭେ ଉପରେ ଭିତ୍ତିକରି ନିର୍ମିତ ହୋଇଛି, ଯାହା ଇଣ୍ଟିଗ୍ରେଟେଡ୍ ହାଉସ୍‌ହୋଲ୍ଡ ସର୍ଭେ ଭାବରେ ମଧ୍ୟ ଜଣାଶୁଣା। ତାହା ତେଲଙ୍ଗାନା ସରକାରଙ୍କ ଦ୍ୱାରା ୨୦୧୪ରେ ରାଜ୍ୟର ପ୍ରତ୍ୟେକ ବାସିନ୍ଦାଙ୍କ ଜନସାଂଖ୍ୟିକ ତଥା ସାମାଜିକ-ଅର୍ଥନୈତିକ ତଥ୍ୟ ସଂଗ୍ରହ ପାଇଁ କରାଯାଇଥିଲା।

କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ତଥା ପ୍ରସ୍ତାବିତ ସୋସିଆଲ ରେଜିଷ୍ଟ୍ରିର ଅନ୍ୟତମ ସ୍ଥପତି ମନୋରଞ୍ଜନ କୁମାର ହଫ୍‌ପୋଷ୍ଟ ଇଣ୍ଡିଆକୁ କହିଛନ୍ତି ଯେ, ସୋସିଆଲ ରେଜିଷ୍ଟ୍ରିର ଅପବ୍ୟବହାର ହେବାର ଯଥେଷ୍ଟ ସମ୍ଭାବନା ରହିଛି। କୁମାର କହିଛନ୍ତି, ଏହାର ଚାରିପାଖରେ ଥିବା ଅନ୍ୟାନ୍ୟ ବ୍ୟବସ୍ଥାରେ ସଂସ୍କାର ନ ହେବା ପର୍ଯ୍ୟନ୍ତ ସେ ଏହାକୁ କାର୍ଯ୍ୟକାରୀ କରିବେ ନାହିଁ। ସରକାର ଡାଟା ସୁରକ୍ଷାକୁ ସୁଦୃଢ଼ କରନ୍ତୁ। କୋର୍ଟଗୁଡ଼ିକର କ୍ଷମତା ବୃଦ୍ଧି କରନ୍ତୁ। ତା’ପରେ ଏହି ବ୍ୟବସ୍ଥାର ଉପଯୋଗ କରିବାରେ ଅସୁବିଧା ନାହିଁ। ନଚେତ୍ ଏହା ରାଜ୍ୟ ଦ୍ୱାରା ଅପବ୍ୟବହାର ହୋଇପାରିବ।

ହାଇଦ୍ରାବାଦରେ ଥିବା ଏକ ଦୁଇ ମହଲା କାର୍ଯ୍ୟାଳୟରେ ଜଣେ ବରିଷ୍ଠ ସରକାରୀ ଅଧିକାରୀ ଏକ ବିଶିଷ୍ଟ କ୍ରୀଡ଼ାବିତ୍ ଏବଂ ତାଙ୍କ ପିତାଙ୍କ ନାମ ଟାଇପ କରିଥିଲେ। କେଇ ସେକେଣ୍ଡ ଭିତରେ ତାଙ୍କ ନାମ ସହିତ ସଂଯୁକ୍ତ ୧୨ଟି ରେକର୍ଡ ସ୍କ୍ରିନ୍‌ରେ ପ୍ରଦର୍ଶିତ ହୋଇଗଲା- ଠିକଣା, ଫୋନ ନମ୍ବର, ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ପରୀକ୍ଷା ବିବରଣୀ, ପାସ୍‌ପୋର୍ଟ, ଡ୍ରାଇଭିଂ ଲାଇସେନ୍ସ ସୂଚନା ଏବଂ ଯାନ ମାଲିକାନା ବିବରଣୀ ଇତ୍ୟାଦି। ସେ ବହୁତ ଧନୀ। ତାଙ୍କ ପାଖରେ ଚାରିଟି ଗାଡି ଅଛି ବୋଲି ଅଧିକାରୀ ଜଣକ କହିଛନ୍ତି। କେବଳ ଜଣକର ଫୋନ୍ ନମ୍ବର ଦେଇଦେଲେ ସେଥିରୁ ସବୁ ତଥ୍ୟ ଜଣାପଡ଼ିଯିବ। ମାଉସ୍‌ର ଆଉ ଦୁଇଟି କ୍ଲିକ୍, ତା’ପରେ ଅଧିକାରୀ ତାଙ୍କ ସହିତ ସଂଯୁକ୍ତ ସମସ୍ତଙ୍କ ନାମ ସହିତ ସେମାନଙ୍କର ସମସ୍ତ ସମ୍ପର୍କର ଚିତ୍ର ଉପସ୍ଥାପନା କରିପାରିବେ।

ଅଧିକାରୀ ହଫ୍‌ପୋଷ୍ଟ ଇଣ୍ଡିଆକୁ କହିଛନ୍ତି ଯେ, ସମଗ୍ର ସିଷ୍ଟମ୍ ପାଞ୍ଚ ପ୍ରକାରର ସମ୍ପର୍କକୁ ମ୍ୟାପିଂ କରେ: ପିତାମାତା, ପିଲା, ଭାଇଭଉଣୀ, ପତି-ପତ୍ନୀ ଏବଂ ଅନ୍ୟାନ୍ୟ ଅବଶିଷ୍ଟ ସମ୍ପର୍କ ଯେପରିକି ସମାନ ଠିକଣାରେ ରହୁଥିବା ଲୋକ, ସମାନ ଫୋନ୍ ନମ୍ବର କିମ୍ବା ଇମେଲ ଆଇଡି ବ୍ୟବହାର କରୁଥିବା ଲୋକ ଇତ୍ୟାଦି। ଯଦି ଆପଣ ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ କୌଣସି ଉପରେ କ୍ଲିକ କରିବେ, ସେମାନଙ୍କ ବିଷୟରେ ଆହୁରି ଅନେକ ତଥ୍ୟ ଜଣାପଡ଼ିବ। ଶେଷ ପାହାଚରେ ପହଞ୍ଚିବା ପର୍ଯ୍ୟନ୍ତ ଆପଣ ଖୋଳତାଡ଼ ଜାରି ରଖିପାରିବେ ବୋଲି ଅଧିକାରୀ କହିଛନ୍ତି।

ଅଧିକାରୀ କହିଛନ୍ତି ଯେ, ସମଗ୍ରମ୍ ପ୍ରୟୋଗର ସମ୍ପର୍କ-ନେଟ୍‌ୱାର୍କ ବୈଶିଷ୍ଟ୍ୟ କେବଳ ଆଇନ ଏବଂ ଆଦେଶ କାର୍ଯ୍ୟକାରୀ କରୁଥିବା ଏଜେନ୍ସିର ବରିଷ୍ଠ ଅଧିକାରୀଙ୍କ ପାଇଁ ଉପଲବ୍ଧ। ଅନେକ ଭାରତୀୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଅନୁରୂପ ଡାଟାବେସ୍ ନିର୍ମାଣ କରିବାକୁ ଚେଷ୍ଟା କରୁଛନ୍ତି। ଏହି ପ୍ରକାରର ନେଟ୍‌ୱାର୍କ ତିଆରି କରିବା ପାଇଁ ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍, ଆୟକର ବିଭାଗ, ନ୍ୟାଶ୍‌ନାଲ ଇଣ୍ଟେଲିଜେନ୍ସ ଗ୍ରୀଡ୍ ପ୍ରଭୃତି ସମସ୍ତ ଆଇନ ପ୍ରବର୍ତ୍ତନ ଏଜେନ୍ସି ଚାହୁଁଛନ୍ତି। ସେମାନେ ନିଜ ନିଜ ସ୍ତରରେ ଅଛନ୍ତି। କିନ୍ତୁ ତେଲଙ୍ଗାନା ପରି ଏଭଳି ଉନ୍ନତ ସ୍ତରରେ କେହି ପହଞ୍ଚି ନାହାନ୍ତି ବୋଲି ଅଧିକାରୀ କହିଛନ୍ତି।

ଯେହେତୁ ଆମେ ସମସ୍ତେ ସଚେତନ, ଆମ ସମସ୍ତଙ୍କର ଡିଜିଟାଲ ଫୁଟ୍‌ପ୍ରିଣ୍ଟ ଅଛି। ଯେତେବେଳେ ଆମେ ଏକ କାରବାର କରୁ ଯେଉଁଠାରେ ରେକର୍ଡ ରକ୍ଷଣାବେକ୍ଷଣ ଆବଶ୍ୟକ ହୁଏ, ସେତେବେଳେ ଆମେ ଏକ ଡିଜିଟାଲ ପାଦଚିହ୍ନ ଛାଡିଥାଉ ବୋଲି ଜୁଲାଇ ୨୦୧୯ରେ ତେଲଙ୍ଗାନା ଆଇଟି ବିଭାଗର ପ୍ରିନ୍ସିପାଲ ରଞ୍ଜନ କହିଛନ୍ତି। ଯଦି ଆପଣ ମୋତେ ଜଣଙ୍କର ନାମ କହିବେ ତେବେ ମୁଁ ତାଙ୍କର ସମ୍ପୂର୍ଣ୍ଣ ଡିଜିଟାଲ ପାଦଚିହ୍ନ ପ୍ରାୟ ୯୬% ସଠିକତା ପର୍ଯ୍ୟନ୍ତ ଦେଇ ପାରିବି ବୋଲି ସେ କହିଛନ୍ତି। ରଞ୍ଜନ ତାଙ୍କ ସାର୍ବଜନୀନ ଭାଷଣରେ କହିଛନ୍ତି, ତେଲଙ୍ଗାନା ସରକାର ରାଜ୍ୟରେ ପ୍ରତ୍ୟେକ ବାସିନ୍ଦାଙ୍କ ବିସ୍ତୃତ ଡିଜିଟାଲ ପ୍ରୋଫାଇଲ ନିର୍ମାଣ ପାଇଁ ୩୦ଟି ବିଭିନ୍ନ ସରକାରୀ ଡାଟାବେସ୍‌କୁ ଏକତ୍ର କରି ଏହି ସିଷ୍ଟମ୍ ନିର୍ମାଣ କରିଛନ୍ତି। ଉଦାହରଣ ସ୍ୱରୂପ, ଯଦି ଆପଣ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲନ୍ତି, ତେବେ ବ୍ୟାଙ୍କ ଡାଟାବେସ୍ ଆପଣଙ୍କୁ ରେକର୍ଡ କରେ। ଯଦି ଆପଣ ଏକ ମୋବାଇଲ ଫୋନ୍, ଏକ ସିମ୍‌କାର୍ଡ କିଣନ୍ତି, ତେବେ ଅପରେଟରଙ୍କ ଡାଟାବେସ୍ ଆପଣଙ୍କୁ ରେକର୍ଡ କରେ। ଭୋଟର ତାଲିକାରେ ଆପଣଙ୍କ ରେକର୍ଡ ତ ରହିବ। ଯଦି ଆପଣ ସମ୍ପତ୍ତି କର ଦେଉଛନ୍ତି, ତେବେ ଆପଣ ସମ୍ପତ୍ତି କର ତାଲିକାରେ ରେକର୍ଡ ହେବେ। ଯଦି ଆପଣଙ୍କର କୌଣସି ବାଣିଜ୍ୟିକ କାରବାର ଚାଲିଛି ବା ଧରାଯାଉ ଆପଣ ଜିଏସ୍‌ଟି ଦେଉଛନ୍ତି ତେବେ ଆପଣ ସେଠାରେ ଜିଏସ୍‌ଟି ଡାଟାବେସ୍‌ରେ ରହିବେ। ଆମର ପ୍ରତ୍ୟେକଟି ତଥ୍ୟ ଏକାଧିକ ଡାଟାବେସ୍‌ରେ ଅଛି ଯାହା ଆମର ଡିଜିଟାଲ ପ୍ରୋଫାଇଲ ଗଠନ କରେ।

ସମଗ୍ରମ୍ ସିଷ୍ଟମ୍ ଜଣେ ବ୍ୟକ୍ତିର ନାମ ଓ ଠିକଣାକୁ ବ୍ୟବହାର କରି ତାଙ୍କର ବ୍ୟକ୍ତିଗତ ଡିଜିଟାଲ ପ୍ରୋଫାଇଲ ସୃଷ୍ଟି କରିପାରିବ। ଫୋନ୍ ନମ୍ବର ପରି ଅତିରିକ୍ତ ବିବରଣୀ ଯୋଡିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ ଏବଂ ଏହାକୁ ଅଧିକ ନିର୍ଭୁଲ୍ କରିଥାଏ। ପ୍ରଶାସନକୁ ସୁଦୃଢ଼ କରିବା ଓ ସେଥିରେ ଉନ୍ନତି ଆଣିବା ଆଳରେ ରାଜ୍ୟ ସରକାରୀ କର୍ମଚାରୀମାନେ ଏହି ସ୍ତରର ନଜରଦାରିକୁ ଯଥାର୍ଥ ବୋଲି କହିଛନ୍ତି। ପ୍ରକୃତ ଯୋଗ୍ୟ ବ୍ୟକ୍ତିଙ୍କୁ ସରକାରୀ ସୁବିଧା ମିଳୁନାହିଁ। ଗରିବଙ୍କ ସୁବିଧା ଧନୀମାନେ ମାରିନେଉଛନ୍ତି। ତେଣୁ ଶାସନକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ବିଭାଗରେ ଉପଲବ୍ଧ ତଥ୍ୟ ଆଣିବା ପାଇଁ ସମଗ୍ରମ୍ ବା ସମଗ୍ର ବେଦିକା ନାମକ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଗଲା ବୋଲି ଇଲେକ୍‌ଟ୍ରୋନିକ୍ସ ସର୍ଭିସ୍ ଡେଲିଭରି କମିଶନର ଜି.ଟି. ଭେଙ୍କଟେଶ୍ୱର ରାଓ କହିଛନ୍ତି। ଏହି ସିଷ୍ଟମ ଆଧାର ବ୍ୟବହାର କରୁନାହିଁ ବୋଲି ରାଓ କହିଛନ୍ତି। ଅର୍ଥାତ୍ ତାଙ୍କ ମତରେ ସେପ୍ଟେମ୍ବର ୨୦୧୯ରେ ସୁପ୍ରିମ୍‌କୋର୍ଟ ଆଧାର ବ୍ୟବହାର ସମ୍ପର୍କରେ ଦେଇଥିବା ବିଚାରର ଏହା ଉଲ୍ଲଂଘନ କରୁନାହିଁ। ରାଓ କହିଛନ୍ତି ଯେ, ସୁପ୍ରିମ୍‌କୋର୍ଟ ଆଇନସଂଗତ ଉଦ୍ଦେଶ୍ୟରେ ଗୋପନୀୟତାର ବ୍ୟବହାର କରାଯାଇପାରିବ ବୋଲି ଦର୍ଶାଇଛନ୍ତି ଏବଂ ସେହି ଉଦ୍ଦେଶ୍ୟଗୁଡ଼ିକ ହେଉଛି ରାଜ୍ୟର ରାଜସ୍ୱ ସଂରକ୍ଷଣ, ସାମାଜିକ କଲ୍ୟାଣକାରୀ ସୁବିଧା ପ୍ରଦାନ, ଜାତୀୟ ସୁରକ୍ଷା, ଆଇନଶୃଙ୍ଖଳା ରକ୍ଷା, ଅପରାଧ ରୋକିବା ଇତ୍ୟାଦି। ଆଲୋଚିତ ସମଗ୍ର ବେଦିକାର ଉଦ୍ଦେଶ୍ୟ ରାଜ୍ୟର ଏହି ଆଇନସଂଗତ ଉଦ୍ଦେଶ୍ୟ ଅଧୀନରେ ରହିଛି। ରାଓ କହିଛନ୍ତି ଯେ ଏଭଳି ପ୍ରୋଫାଇଲ ସୃଷ୍ଟି କରିବା ପାଇଁ ନାଗରିକଙ୍କ ସହମତି ଲୋଡିବାର କୌଣସି ଆବଶ୍ୟକତା ନାହିଁ କାରଣ ସମଗ୍ରମ୍ ନାଗରିକଙ୍କଠାରୁ ନୂତନ ତଥ୍ୟ ସଂଗ୍ରହ କରିବା ଆବଶ୍ୟକ କରୁନାହିଁ - ବରଂ ଏହି ବ୍ୟବସ୍ଥା ସେହିସବୁ ତଥ୍ୟ ସଂଗ୍ରହ କରିଛି ଯାହା ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ପୂର୍ବରୁ ସଂଗୃହୀତ ହୋଇସାରିଛି। ରାଓ ଦାବି କରିଛନ୍ତି ଯେ, ଏଥିରେ ଅନେକ ସୁରକ୍ଷା ବ୍ୟବସ୍ଥା ରହିଛି ଏବଂ ଡାଟାବେସ୍‌ରେ ପ୍ରବେଶ କେବଳ ସରକାରୀ ବରିଷ୍ଠ ଅଧିକାରୀଙ୍କ ପାଇଁ ସୀମିତ ରହିଛି। ତେବେ ଗୋପନୀୟତା ବିଶେଷଜ୍ଞମାନେ ରାଓଙ୍କ ସହ ସହମତ ନୁହନ୍ତି।। (ସୌଜନ୍ୟ: ହଫ୍‌ପୋଷ୍ଟ ଇଣ୍ଡିଆ)

ସହ-ପ୍ରତିଷ୍ଠାତା, ଲ୍ୟାଣ୍ଡ କଣ୍ଟ୍ରୋଲ ୱାଚ୍, ନୂଆଦିଲ୍ଲୀ,
kumarsambhav.08@gmail.com

# ସଭିଙ୍କ ପାଇଁ ଶୁଦ୍ଧଜଳ



ବିଭୁପ୍ରସାଦ ମହାପାତ୍ର

"Water is life’s matter and matrix, mother and medium. There is no life without water." ଜଳ ହେଉଛି ଜୀବନର ଜନନୀ ଓ ଆଧାର, ମାତା ଓ ମାଧ୍ୟମ। ଜଳ ବିନା ଜୀବନ ଅସମ୍ଭବ। ଭିଟାମିନ୍-ସି, ଫ୍ୟୁମାରିକ୍ ଅମ୍ଳ ତଥା ଜୈବିକ ଜାରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୧୯୩୭ ମସିହାର ଭେଷଜ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା ହଙ୍ଗେରୀର ଆଲବର୍ଟ ସେଣ୍ଟ-ଜ୍ୟୋର୍ଜି ଭନ୍ ନାଗିରାପୋଲ୍ଟ (୧୮୯୩-୧୯୮୬) ଉପରୋକ୍ତ ଯୁକ୍ତିସଙ୍ଗତ ଉକ୍ତିଟିକୁ କହିଥିଲେ। ‘ଜଳ ହିଁ ଜୀବନ’, ‘ଜଳ ବିନା ଜୀବନ ଅସମ୍ଭବ’, ‘ଜଳ ଆମର ସବୁଠାରୁ ମୂଲ୍ୟବାନ ସମ୍ପଦ’, ‘ଜଳ ହାନି ଅର୍ଥ ଜୀବନ ହାନି’- ଆଦି ଖଣ୍ଡବାକ୍ୟର ବହୁଳ ପ୍ରଚାର ଓ ପ୍ରୟୋଗ ସର୍ବତ୍ର ଦୃଷ୍ଟିଗୋଚର ହୁଏ। ଓଡ଼ିଆ ବର୍ଣ୍ଣମାଳା ସହ ପରିଚିତ ହେବା ପରେ ଶିଶୁଟିଏ ଯେତେବେଳେ ଭକ୍ତ କବି ମଧୁସୂଦନ ରାଓଙ୍କର ଓଡ଼ିଆ ବର୍ଣ୍ଣବୋଧ ପାଠ କରୁଥିଲା ସେଥିରେ ସେ ପଢୁଥିଲା- ‘ପଇସା ନେବ ଗଣି, ପାଣି ପିଇବ ଛାଣି’।

ତେବେ ଜଳସଙ୍କଟ ପାଇଁ ପ୍ରମୁଖ କାରଣ ଭାବେ ଆମ ନିକଟରେ ଉଭା ହୋଇଛି ବର୍ଦ୍ଧିଷ୍ଣୁ ଜନସଂଖ୍ୟା। ୧୮୦୦ ମସିହାରେ ୧୦୦ କୋଟି ଛୁଇଁଥିବା ସମଗ୍ର ବିଶ୍ୱ ଜନସଂଖ୍ୟା ୧୯୮୭ ମସିହା ଜୁଲାଇ ୧୧ ତାରିଖରେ ୫୦୦ କୋଟି ଏବଂ ୨୦୧୧ ମସିହା ଅକ୍ଟୋବର ୩୧ ତାରିଖରେ ୭୦୦ କୋଟିରେ ପହଞ୍ଚି ଥିଲା। ମାର୍ଚ୍ଚ ୨୦୧୯ ସୁଦ୍ଧା ସମୁଦାୟ ଜନସଂଖ୍ୟା ୭୭୦ କୋଟି ହେଲାଣି। ଗୁଣୋତ୍ତର ପ୍ରଗତିରେ ବୃଦ୍ଧି ପାଉଥିବା ଜନସମୁଦାୟଙ୍କର ଆବଶ୍ୟକତାକୁ ଜଳ ନିଅଣ୍ଟ ପଡିଲାଣି। ପୃଥିବୀପୃଷ୍ଠର ଶତକଡା ୭୧ ଭାଗ ଜଳଭାଗ ଦ୍ୱାରା ପରିବେଷ୍ଟିତ। ଅଥଚ ସମୁଦାୟ ଜଳଭାଗର ମାତ୍ର ୧ ଶତାଂଶ ମଧୁର ଜଳ ତଥା ବ୍ୟବହାର ଉପଯୋଗୀ। ପୁଣି ମଧୁର ଜଳର ୭୦ ଶତାଂଶ ଚାଷଜମିରେ ଜଳସେଚନ ନିମିତ୍ତ ବ୍ୟୟ ହୋଇଥାଏ। ୧୯୯୫ ମସିହାରେ ୨୫୦ ନିୟୁତ ହେକ୍ଟର ଜମିରେ ଜଳସେଚନ କରାଯାଉଥିଲା। ଜନସମୁଦାୟଙ୍କୁ ଖାଦ୍ୟ ପାନୀୟ, ବସନଭୂଷଣ ଯୋଗାଇବା ନିମନ୍ତେ କଳକାରଖାନାର ବୃଦ୍ଧି ଘଟୁଛି। ସେଗୁଡିକରୁ ନିର୍ଗତ ବିଷାକ୍ତ ରାସାୟନିକ ଦ୍ରବ୍ୟମିଶା ପାଣି ଜଳାଶୟରେ ମିଶିବାରୁ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ନିକଟ ଅତୀତରେ ରାଷ୍ଟ୍ରୀୟ

### ମାର୍ଚ୍ଚ ୨୨ ବିଶ୍ୱ ଜଳଦିବସ ଉପଲକ୍ଷେ

ସବୁଜ ଟ୍ରିବ୍ୟୁନାଲର ନ୍ୟାୟିକ ସଦସ୍ୟଦ୍ୱୟ ରାଘବେନ୍ଦ୍ର ସିଂହ ରାଠୋର୍ ଓ ସତ୍ୟବାନ ସିଂହ ଏକ ପିଟିଶନର ଶୁଣାଣି କରି ଲୁଣି ନଦୀର ପ୍ରଦୂଷଣର କ୍ଷତିପୂରଣ ଭରଣା ନିମନ୍ତେ ୩୦ କୋଟି ଟଙ୍କା ମାସକ ଭିତରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଦେବା ନିମନ୍ତେ ରାଜସ୍ଥାନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାଲୋତ୍ରା, ବିଥୁଜା ଏବଂ ଜାସୋଲ୍‌ରେ ଥିବା ବୟନ ଶିଳ୍ପଗୁଡିକ ପ୍ରଦୂଷଣ ପାଇଁ ଦାୟୀ ଥିବାରୁ କ୍ଷତିପୂରଣ ପରିମାଣ ସେମାନଙ୍କଠାରୁ ଅସୁଲ କରାଯିବ। କେବଳ ଲୁଣି ନଦୀ ନୁହେଁ, ବଣାସ ଓ ବାନ୍ଦି ପରି ନଦୀ ମଧ୍ୟ ପ୍ରଦୂଷିତ ଜଳରେ ଭରପୂର। ସେପଟେ ଭୂଗର୍ଭରେ ସଞ୍ଚିତ ଜଳର ଯଥେଚ୍ଛ ବ୍ୟବହାର ଫଳରେ ଜଳପତ୍ତନର ହ୍ରାସ ଦିନକୁ ଦିନ ଘଟିଚାଲିଛି। ଜଳର ପରିମାଣରେ ବହୁ ଅନିୟମିତତା ଦେଖାଦେଇଛି। ଆଗାମୀ କେଇ ବର୍ଷରେ ଏଥିରୁ ଅନେକ ଶୁଷ୍କ ହୋଇଯିବାର ଆଶଙ୍କା ଉପୁଜୁଛି। ଏହାଦ୍ୱାରା ଆମ ଦେଶର ପ୍ରାୟ ୫୦ କୋଟି ଲୋକ ପ୍ରଭାବିତ ହେବେ।

ଜୀବ ଶରୀରର ୬୦ରୁ ୯୮ ଭାଗ କେବଳ ଜଳ। ସମସ୍ତ ଜୈବିକ କ୍ରିୟା, ପ୍ରକ୍ରିୟା ଓ ପ୍ରତିକ୍ରିୟା ନିମନ୍ତେ ତଥା ଜୀବ ଶରୀରର ସ୍ଥିତିସାମ୍ୟ ବଜାୟ ରଖିବାରେ ଜଳର ଭୂମିକା ଅନସ୍ୱୀକାର୍ଯ୍ୟ। ସେଥିନିମନ୍ତେ ବୋଧହୁଏ ପୃଥିବୀର ପ୍ରଥମ ଜୀବ ‘ଫାଇଟୋ ପ୍ଲାଙ୍କଟନ୍’ ଜଳରୁ ହିଁ ଉଦ୍ଭବ ବୋଲି ଅନୁମେୟ। ଅବତାରବାଦର ପ୍ରଥମ ଦୁଇଟି ଅବତାର (ମତ୍ସ୍ୟ ଓ କଚ୍ଛପ) ମଧ୍ୟ ଜଳରୁ ସୃଷ୍ଟି। ଜୀବର ଅନେକ ବୈଶିଷ୍ଟ୍ୟ ଭାବରେ ଯଦି ଚୟ ଅପଚୟକୁ (metabolism) ମୁଖ୍ୟ ଓ ମୌଳିକ ବୋଲି ଧରାଯାଏ, ତେବେ ସେହି ପ୍ରକ୍ରିୟାରେ ନିହିତ ପ୍ରାୟ ସମସ୍ତ କାର୍ଯ୍ୟ ନିମନ୍ତେ ଜଳ ହିଁ ଅନିବାର୍ଯ୍ୟ। ଫରାସୀ ବୈଜ୍ଞାନିକ ଜାକ୍ କୁଷ୍ଟୋ (୧୯୧୦-୧୯୯୭) ଏକଦା କହିଥିଲେ- ‘ଜଳଚକ୍ର ଓ ଜୀବନଚକ୍ର ସମାନ’। (The water cycle and life cycle are same.)

ଜଳର ଉପକାରିତା ଓ ଉପଯୋଗିତାକୁ ହୃଦୟଙ୍ଗମ କରି ମିଳିତ ଜାତିସଂଘ ତରଫରୁ ୧୯୯୩ ମସିହାରୁ ମାର୍ଚ୍ଚ ୨୨ ତାରିଖକୁ ‘ବିଶ୍ୱ ଜଳ ଦିବସ’ ରୂପେ ପାଳନ କରାଯାଉଛି। ପ୍ରତ୍ୟେକ ବର୍ଷ କିଛି ଥିମ୍ ରହିବା ପରି ଚଳିତବର୍ଷର ବିଷୟବସ୍ତୁ- ‘ଜଳ ଏବଂ ଜଳବାୟୁ ପରିବର୍ତ୍ତନ’। ଜଳ ଓ ଜଳବାୟୁ ପରିବର୍ତ୍ତନ ମଧ୍ୟରେ ଯେଉଁ ଅତୁଟ ସମ୍ବନ୍ଧ ରହିଛି, ସେହି ସମ୍ପର୍କକୁ ବିଷୟବସ୍ତୁଟି ଦର୍ଶାଇଥାଏ।

ଭୋଗଡା, ଖୋର୍ଦ୍ଧା, ମୋ-୭୦୦୮୦୫୩୫୯୭

## ଏଇ ଭାରତରେ

ଜଣେ ମହିଳା ଚାଷୀ ୧୦ ହଜାର ମହିଳାଙ୍କୁ ସଶକ୍ତ କରିବା କିଛି କମ୍ କଥା ନୁହେଁ। ଏମିତି ଜଣେ ମହିଳା ହେଉଛନ୍ତି ବିହାରର ମୁଙ୍ଗେର ଜିଲା ତିତିବମ୍ପର ବ୍ଲକ୍ ଅନ୍ତର୍ଗତ ଧାଉରି ଗାଁର ବୀଣା ଦେବୀ। ସେ ମୁଙ୍ଗେର କୃଷି ବିଜ୍ଞାନ କେନ୍ଦ୍ରରୁ ଛତୁଚାଷ ସମ୍ପର୍କରେ ପ୍ରଶିକ୍ଷଣ ଲାଭ କରି ୨୦୧୩ରେ ପ୍ରଥମେ ଏହି ଚାଷ ଆରମ୍ଭ କରିଥିଲେ। ତାଙ୍କ ପରିବାରରେ କେବଳ ପୁରୁଷମାନେ ଚାଷ କରିବାର ପରମ୍ପରା ରହିଥିବାବେଳେ ବୀଣା ତାକୁ ଭାଙ୍ଗି ଛତୁ ଚାଷ କରିଥିଲେ। ପ୍ରଥମେ ଦୈନିକ ୧ କିଲୋ ଛତୁ ଉତ୍ପାଦନ କରୁଥିଲେ। ପରେ ଏହାକୁ ବଢାଇବାରେ ସକ୍ଷମ ହୋଇଥିଲେ। କେବଳ ଚାଷକରୁ ନ ଥିଲେ ବରଂ ଛତୁ ନେଇ ହାଟକୁ ବିକ୍ରି କରିବା ପାଇଁ ଯାଉଥିଲେ। ଏଭଳି କାର୍ଯ୍ୟ ଅଞ୍ଚଳର ସମସ୍ତ ମହିଳାଙ୍କ ପକ୍ଷରେ ସମ୍ଭବ ନ ଥିଲା। କିନ୍ତୁ ତାଙ୍କ ପ୍ରେରଣାରେ ଏବେ ସବୁ ମହିଳାମାନଙ୍କ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି କହନ୍ତି ୪୩ ବର୍ଷୀୟା ବୀଣା। ସେ ଏବେ ୫ଟି ବ୍ଲକ୍‌ର ପାଖାପାଖି ୧୦୫ଟି ଗାଁରେ ୧୦,୦୦୦ ମହିଳାଙ୍କୁ ଛତୁଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଛନ୍ତି। ତାଙ୍କୁ ବିହାରର ‘ମସ୍‌ରୁମ ଲେଡି’ ବୋଲି କୁହାଯାଉଛି। ତାଙ୍କଠାରୁ ପ୍ରଶିକ୍ଷଣ ପାଇ ଏବେ ୧,୫୦୦ ମହିଳା ଛତୁ ସହ ଅନ୍ୟ ଚାଷ କରୁଛନ୍ତି। ଗୋମୂତ୍ର ଓ ଗୋବରରୁ ବୀଣା ଜୈବିକ ଖତ ମଧ୍ୟ ପ୍ରସ୍ତୁତ କରୁଛନ୍ତି। ୭୦୦ ମହିଳାମାନଙ୍କୁ ମୋବାଇଲ ବ୍ୟବହାର ସମ୍ପର୍କରେ ବି ଶିକ୍ଷା ଦେଇ ଟାଟା ଟ୍ରଷ୍ଟ ପକ୍ଷରୁ ପୁରସ୍କୃତ ହୋଇଛନ୍ତି।

## ଚିରନ୍ତନୀ

କୈଶୋରେ ମୋର ସ୍ୱପନର ସାଥୀ
ପ୍ରୌଢ଼େ ହୃଦୟ ରାଣୀ
ଜରା-ଅଙ୍ଗେ ମୋ’ ଢାଳିବ ନବୀନ
କ୍ଳାନ୍ତି-ହର ତା’ ବାଣୀ।
ମୃତ୍ୟୁ ଅଙ୍କେ ତେଜି ଭୟ ଲଜ୍ଜା
ପାତିବ ସେ ମୋର ଚିର ମଧୁ ସଜ୍ଜା
ଅନ୍ଧାର ସେ ମୋ କକ୍ଷେ ଜାଳିବ ପୀରତି ପ୍ରଦୀପ ଆଣି
କୈଶୋରେ ମୋର ସ୍ୱପନର ସାଥୀ ପ୍ରୌଢ଼େ ହୃଦୟରାଣୀ।
(ମଧୁ-ବିବାହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଳମ୍ବରେ ବାଲୁଙ୍ଗା ବଛା

ମହାଶୟ,

ଗଞ୍ଜାମ ଜିଲାପାଳ ଦକ୍ଷତା ବିହୀନ ୫ ଜଣ ସରକାରୀ କର୍ମଚାରୀଙ୍କୁ ପ୍ରାକ୍ ଅବସର ଦେବା ପାଇଁ ୩ ମାସିଆ ନୋଟିସ ଜାରି କରିବାର ଖବର ପ୍ରକାଶ ପାଇଛି। ଚାକିରିକାଳ ମଧ୍ୟରେ ଏପରି କର୍ମଚାରୀଙ୍କ ଦକ୍ଷତା କାହିଁକି ଯାଞ୍ଚ କରାଗଲା ନାହିଁ ପ୍ରଶ୍ନ ଉଠିବା ସ୍ୱାଭାବିକ। ତେବେ ସରକାର କିପରି ଏପରି ନିକମା କର୍ମଚାରୀଙ୍କୁ ଏତେକାଳ ଚାକିରି କରିବାକୁ ସୁଯୋଗ ଦେଇ ଏବେ କେଉଁ ମାପକାଠିରେ ଦକ୍ଷତା ମାପୁଛନ୍ତି ବୁଝି ହେଉନାହିଁ। ସରକାରଙ୍କ ନିୟମାନୁଯାୟୀ ୫୦ ବର୍ଷ ପରେ ସମସ୍ତ କର୍ମଚାରୀଙ୍କ ଦକ୍ଷତା ଯାଞ୍ଚ ହେବା କଥା, ତାହା କେବେ ହେଉନାହିଁ। ଏବେ ସାରା ଓଡିଶାରେ ୩୦ଟି ଜିଲା ଥିବାବେଳେ କେବଳ ଗଞ୍ଜାମ ଜିଲାରେ କାହିଁକି ୫ ଜଣଙ୍କୁ ନୋଟିସ ଲାଗିଲା ବୁଝି ହେଉନାହିଁ। ଏଥିରୁ କ’ଣ ବୁଝିବାକୁ ହେବ ଯେ ଅନ୍ୟ ସମସ୍ତ ଜିଲାର ସମସ୍ତ କର୍ମଚାରୀ ଦକ୍ଷ ! ଯଦି ନିଯୁକ୍ତି ପ୍ରକ୍ରିୟାର ଗଳାବାଟ ଦେଇ କୌଣସି ଅଯୋଗ୍ୟ ଚାକିରି କ୍ଷେତ୍ରରେ ପ୍ରବେଶ କରେ ତାଙ୍କୁ ପରବର୍ତ୍ତୀ କାଳରେ ବିଦା କରିବା ପାଇଁ ସେପରି ତତ୍ପରତା ପ୍ରକାଶ ପାଏନାହିଁ। ଏତେବର୍ଷ ଚାକିରି କରିଥିବା ଏହି ୫ ଜଣଙ୍କୁ ୩ ମାସିଆ ପ୍ରାକ୍ ଅବସର ନୋଟିସ ଦେବା ଯୁକ୍ତିଯୁକ୍ତ ନୁହେଁ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

### ମଧ୍ୟାହ୍ନଭୋଜନ ବନ୍ଦ କରାଯାଉ

ଯେଉଁ ଉଦ୍ଦେଶ୍ୟ ନେଇ ସରକାର ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଚାଲୁ କରିଥିଲେ ତାହା ସଫଳ ହୋଇନାହିଁ। ମଧ୍ୟାହ୍ନଭୋଜନ ଦ୍ୱାରା ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ପାଇ ନାହିଁ। ବରଂ ବିଭିନ୍ନ ନିମ୍ନମାନର ଖାଦ୍ୟ ଖାଇ ପିଲାଙ୍କର ଦେହ ଖରାପ ହେଉଛି। ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବେଳକୁ ବେଳ କମିବାରେ ଲାଗୁଛି। ଛାତ୍ର ଅଭାବରୁ ଅନେକ ସ୍କୁଲକୁ ସରକାର ବନ୍ଦ କରିବାକୁ ବସିଲେଣି। ମଧ୍ୟାହ୍ନଭୋଜନ କାର୍ଯ୍ୟରେ ଶିକ୍ଷକମାନେ ଧନ୍ଦି ହୋଇ ଶିକ୍ଷାଦାନ ଭଳି କାର୍ଯ୍ୟକୁ ଉପେକ୍ଷା କରୁଛନ୍ତି। ଲାଭ ହେଉଛି ଏତିକି ଯେ ଏ ଖାଦ୍ୟ ଅଧିକାଂଶ ବାଟମାରଣା ହେଉଛି। ଆଉ ପିଲାମାନଙ୍କ ଭବିଷ୍ୟତ ନଷ୍ଟ ନ କରି ସରକାର ଏ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ବନ୍ଦ କରନ୍ତୁ।

ସଚ୍ଚିଦାନନ୍ଦ ମିଶ୍ର, ଗଡହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



## ହାତୀ ଶାବକର ମୃତଦେହ ଉଦ୍ଧାର

ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡରେ ଗତ ଅକ୍ଟୋବର ମାସରୁ ଅଦ୍ୟାବଧି ୨ ହାତୀ ଶାବକ ସହ ୩ ଦନ୍ତା ହାତୀଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ନାକ୍ଟିଦେଉଳ ରେଞ୍ଜ ଅଧୀନ ବାଟଗାଁ ଫରେଷ୍ଟ ସେକ୍ସନର ଚଡ଼ଚଡି ସଂରକ୍ଷିତ ଜଙ୍ଗଲରୁ ଗୋଟିଏ ହାତୀ ଶାବକର ମୃତଦେହ ଉଦ୍ଧାର ହୋଇଛି। ନାକଟିଦେଉଳ ବନାଞ୍ଚଳାଧିକାରୀ ଅଶ୍ୱିନୀ କୁମାର ବେହେରା, ବାଟଗାଁ ଫରେଷ୍ଟର ଛବିଳ ପ୍ରଧାନ ପ୍ରମୁଖ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ହାତୀ ଛୁଆର ଗଳିତ ମୃତଦେହ ଜବତ କରିଥିଲେ।

### ସଂକ୍ଷେପରେ

## ୟୁପିଏସ୍‌ସି ମୁଖ୍ୟ ସାକ୍ଷାତକାର ପରୀକ୍ଷା ବାତିଲ

ନୂଆଦିଲ୍ଲୀ, ୨୦।୩: କରୋନା ଭାଇରସ୍ ଯୋଗୁ ୟୁପିଏସ୍‌ସି ପକ୍ଷରୁ ମୁଖ୍ୟ ସାକ୍ଷାତକାର ପରୀକ୍ଷା(ଇଣ୍ଟରଭ୍ୟୁ)କୁ ବାତିଲ କରାଯାଇଛି। ଏହି ପରୀକ୍ଷା ଫେବୃୟାରୀରୁ ଆରମ୍ଭ ହୋଇ ଏପ୍ରିଲ ପର୍ଯ୍ୟନ୍ତ କରାଯିବାକୁ ଥିବାବେଳେ କରୋନା ଭୟରେ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ନୂଆ ସାକ୍ଷାତକାର ପରୀକ୍ଷା ଲାଗି ତାରିଖ ଘୋଷଣା କରାଯାଇ ପ୍ରାର୍ଥୀଙ୍କୁ ଅବଗତ କରାଯିବ ବୋଲି ୟୁପିଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘୋଷଣା ସହ ୟୁପିଏସ୍‌ସି ଅନ୍ୟ ସାକ୍ଷାତକାର ପରୀକ୍ଷାଗୁଡ଼ିକୁ ଏପ୍ରିଲ ୧୫ ଯାଏ ଘୁଞ୍ଚାଇ ଦେଇଛି। ପ୍ରକାଶଥାଉ କି, ମୁଖ୍ୟ ଲିଖିତ ପରୀକ୍ଷା ସହ ସାକ୍ଷାତକାର ପରୀକ୍ଷାର ମାର୍କ ମିଶି ପ୍ରାର୍ଥୀଙ୍କ ର‍୍ୟାଙ୍କ ଚୟନ କରାଯାଇଥାଏ।

# କରୋନା ଆକ୍ରାନ୍ତଙ୍କ ତଥ୍ୟ ଲୁଚାଇଥିଲେ ଏମ୍ସ ଡାକ୍ତର

- ନିୟମ ମାନି ନ ଥିବା ଅଭିଯୋଗ ଆଣିଲା ଡାକ୍ତର ସଂଘ
- ଏହା ସମ୍ପୂର୍ଣ୍ଣ ଭୁଲ ବୋଲି କହିଲେ ଏମ୍ସ ନିର୍ଦ୍ଦେଶିକା
- ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି : ସୁବ୍ରତୋ ବାଗ୍‌ଚୀ

ଭୁବନେଶ୍ୱର, ୨୦।୩ (ବ୍ୟୁରୋ)

ରାଜ୍ୟରେ ଦ୍ୱିତୀୟ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସେ ଏବେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତେବେ ଆକ୍ରାନ୍ତ ୧୯ବର୍ଷୀୟ ଯୁବକଙ୍କ ବିଷୟରେ ତଥ୍ୟ ଲୁଚାଯାଇଥିବା ଭୁବନେଶ୍ୱର ଏମ୍ସ ରେସିଡେଣ୍ଟ ଡାକ୍ତରୀ ସଂଘ ଅଭିଯୋଗ ଆଣିଛି। ଏନେଇ ସଂଘ ପକ୍ଷରୁ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ ରହିଛି ଯେ, ଗୁରୁବାର ଏମ୍ସର ଜଣେ ବରିଷ୍ଠ ଡାକ୍ତର ଓ ଆଇସୋଲେସନ ୟୁନିଟ୍ ଦାୟିତ୍ୱରେ ଥିବା ଅନ୍ୟଜଣେ ଡାକ୍ତର ସମ୍ପୃକ୍ତ କରୋନା ଆକ୍ରାନ୍ତଙ୍କୁ ଏମ୍ସ ଆଣିବାଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ରହିଥିବା ଗାଇଡ୍‌ଲାଇନ ବା ନିୟମକୁ ପାଳନ କରିନାହାନ୍ତି। ସେ ଏମ୍ସର ଜଣେ ଡାକ୍ତରଙ୍କ ପୁଅ ହୋଇଥିବାରୁ ତାଙ୍କ କ୍ଷେତ୍ରରେ ଏଭଳି କରାଯାଇଛି। ୩ ଦିନ ପୂର୍ବରୁ ପୁଅ ବ୍ରିଟେନରୁ ଫେରିଥିଲେ ମଧ୍ୟ ଡାକ୍ତର ବାପା ଏହାକୁ ଲୁଚାଇଥିଲେ। ଫଳରେ ଏମ୍ସରେ ଅନ୍ୟ ଡାକ୍ତର ଓ କର୍ମଚାରୀମାନେ ବିପଦ ଘେରକୁ ଆସିଯାଇଛନ୍ତି ବୋଲି ଡାକ୍ତରୀ ସଂଘ ଆଶଙ୍କା ପ୍ରକାଶ କରିଛି। ଏପରି ଅଭିଯୋଗ ପରେ ରାଜ୍ୟ ସରକାର ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ଏନେଇ ସର୍ବୋଚ୍ଚ ସ୍ତରରେ ସମୀକ୍ଷା ଓ ଆଲୋଚନା ଚାଲିଥିବା କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ପରସ୍ପର ସଂସ୍ପର୍ଶରେ ଆସିଥିବା ବା ପ୍ରଭାବିତ ସମସ୍ତ ବ୍ୟକ୍ତିଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଥିବା ସେ କହିଛନ୍ତି। ସେପଟେ ଏହି ଘଟଣାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ଏମ୍ସରେ ଏକ ଜରୁରୀ ବୈଠକ ବସିଥିଲା। ଏମ୍ସ ନିର୍ଦ୍ଦେଶିକା ଗୀତାଞ୍ଜଳି ବାଟମାନବେନ ଏନେଇ ଆଲୋଚନା କରିଥିଲେ। ଭୁବନେଶ୍ୱର ଏମ୍ସ ଏ ଦିଗରେ ସବୁପ୍ରକାର ନିୟମକୁ ମାନି କାର୍ଯ୍ୟ କରୁଛି ବୋଲି ନିର୍ଦ୍ଦେଶିକା କହିଛନ୍ତି। ସେ କହିଛନ୍ତି, ଉକ୍ତ ଯୁବକ ଜଣକ ବିମାନବନ୍ଦରରୁ ସିଧା ତାଙ୍କ ଘରକୁ ଯାଇଥିଲେ। ପରଦିନ ଅର୍ଥାତ୍ ୧୯ ତାରିଖ ସକାଳେ ତାଙ୍କର ସେଭଳି କିଛି ଲକ୍ଷଣ ଦେଖାଯିବାରୁ ସେ ହସ୍ପିଟାଲ ଆସିଥିଲେ। ତାଙ୍କୁ ଆମେ ଆଇସୋଲେଶନରେ ରଖି ନମୁନା ପରୀକ୍ଷା ପାଇଁ ପଠାଇଥିଲୁ। ରାତିରେ ଆସିଥିବା ରିପୋର୍ଟ କରୋନା ପଜିଟିଭ୍ ଜଣାପଡ଼ିଥିଲା। ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କର ଅତି ନିକଟତର ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ସେମାନଙ୍କୁ ମଧ୍ୟ ହୋମ୍ ଆଇସୋଲେଶନରେ ରଖାଯାଇଛି। ଶୁଣି ଦୁଃଖ ଲାଗୁଛି ଯେ, ଅନେକ ଡାକ୍ତରଙ୍କୁ ସେମାନଙ୍କ ଘର ଲୋକ ଘରକୁ ଯିବା ପାଇଁ ଅନୁମତି ଦେଉନାହାନ୍ତି। ଏମିତି ଭୟଭୀତ ହେବା ଉଚିତ ନୁହେଁ ବୋଲି ସେ ପରାମର୍ଶ ଦେଇଛନ୍ତି।

### ଆପାର୍ଟମେଣ୍ଟରେ ଭୟର ବାତାବରଣ

ଆକ୍ରାନ୍ତ ଜଣକ ଯେଉଁ ଆପାର୍ଟମେଣ୍ଟରେ ଆସି ରହିଥିଲେ ସେଠାରେ ଅନ୍ୟ ହସ୍ପିଟାଲର ଡାକ୍ତର ଓ କର୍ମଚାରୀ ରୁହନ୍ତି। ତେଣୁ ସେଠାରେ ରହୁଥିବା ସମସ୍ତଙ୍କୁ ୧୪ଦିନିଆ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ସେମାନଙ୍କ ହସ୍ପିଟାଲ ପକ୍ଷରୁ କୁହାଯାଇଥିବା ସୂଚନା ମିଳିଛି। ଏମ୍ସରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କ ସୂଚନାନୁଯାୟୀ, ଆକ୍ରାନ୍ତ ଜଣକ ତାଙ୍କ ବାପାଙ୍କ ସହିତ ୧୮ ତାରିଖରେ ସେହି ଆପାର୍ଟମେଣ୍ଟରେ ହୋଇଥିବା ଏକ ଭୋଜିରେ ଯୋଗଦେଇଥିଲେ। ତେଣୁ ସେଠାକୁ ଆସିଥିବା ଲୋକଙ୍କୁ ମଧ୍ୟ ଟ୍ରେସ୍ କରାଯାଇ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଉ ବୋଲି ସେ ଦାବି କରିଛନ୍ତି। ଉକ୍ତ ଆପାର୍ଟମେଣ୍ଟରେ ରହୁଥିବା ସୁବ୍ରତୋ ପୃଷ୍ଟି କହିଛନ୍ତି, ଡାକ୍ତର ଜଣକ ତାଙ୍କ ପୁଅର ସେପରି ଲକ୍ଷଣ ଦେଖିଥିଲେ ମଧ୍ୟ ସେ କାହାକୁ ନ ଜଣାଇ ଘରେ ଚିକିତ୍ସା କରିଥିଲେ। ତେବେ ଆମେ ଶୁକ୍ରବାର ସକାଳେ ବିଭିନ୍ନ ଗଣମାଧ୍ୟମ ଜରିଆରେ ତାଙ୍କର କରୋନା ପଜିଟିଭ୍ ହୋଇଥିବା ଜାଣିବା ପରେ ଛାନିଆ ହୋଇପଡ଼ିଲୁ। ହୋମ୍ କ୍ୱାରାଣ୍ଟାଇନ୍ ପାଇଁ ଆମେ ନିଜେ ପଦକ୍ଷେପ ନେଲୁ। କିନ୍ତୁ ଜଣେ ଡାକ୍ତର ହୋଇ ବି ସରକାରଙ୍କ ନିୟମକୁ କିପରି ବେଖାତିର କଲେ? ତାଙ୍କ ପାଇଁ ବର୍ତ୍ତମାନ ଏଠାରେ ରହୁଥିବା ୨୬୧ ପରିବାର ବିପଦ ଆଶଙ୍କାରେ ରହିଛୁ।

## ‘ନିର୍ଭୟା ଭଳି କୁହୁଳି ପୀଡ଼ିତାଙ୍କ ଅଭିଯୁକ୍ତଙ୍କୁ ଦଣ୍ଡ ମିଳୁ’

ଜୟପୁର, ୨୦।୩(ନି.ପ୍ର.)

ନିର୍ଭୟା ମାମଲାରେ ଫାଶୀ ଦିଆଯିବା ପରେ ଏହାର ବିଚାର କରିଥିବା ବିଚାରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି କୁହୁଳି ପୀଡ଼ିତାଙ୍କ ସମ୍ପର୍କୀୟ। ପୀଡ଼ିତାଙ୍କ ଖୁଡ଼ୀ କହିଛନ୍ତି, ନିର୍ଭୟାଙ୍କ ଆତ୍ମାକୁ ଏବେ ଶାନ୍ତି ମିଳିଲା, ସେଥିରେ ସେ ଖୁସି। କିନ୍ତୁ ୩ ବର୍ଷ ବିତିବା ପରେ ମଧ୍ୟ ତାଙ୍କ ଝିଆରୀଙ୍କୁ ଗଣବଳାତ୍କାର କରିଥିବା ଅଭିଯୁକ୍ତ ଧରାପଡ଼ିନାହାନ୍ତି। ରାଜ୍ୟ ସରକାରଙ୍କ ପାଖରୁ ଆଶା ନାହିଁ, କେନ୍ଦ୍ର ସରକାର ଚାହିଁଲେ ନ୍ୟାୟ ଦେଇପାରିବେ ବୋଲି ସେ କହିଛନ୍ତି। ନିର୍ଭୟାଙ୍କ ମା’-ବାପାଙ୍କୁ ଯେପରି ଶାନ୍ତି ମିଳିଲା, କୁହୁଳି ପୀଡ଼ିତାଙ୍କ ଅଭିଯୁକ୍ତଙ୍କୁ ଧରି ଦଣ୍ଡ ଦେଇଥିଲେ ପୀଡ଼ିତାର ଆତ୍ମାକୁ ମଧ୍ୟ ଶାନ୍ତି

### ଦାବି କଲେ ଖୁଡ଼ୀ

ମିଳନ୍ତା। ସେମାନେ ଗରିବ ଲୋକ ବୋଲି ସେମାନଙ୍କୁ ନ୍ୟାୟ ମିଳିପାରୁ ନାହିଁ। ତଦନ୍ତରେ କିଛି ସୁଫଳ ମିଳୁନାହିଁ। ରାଜ୍ୟ ସରକାର ଗୁରୁତ୍ୱ ଦେଉ ନ ଥିବାରୁ ଏଯାବତ୍ ଅଭିଯୁକ୍ତ ଚିହ୍ନଟ ହୋଇପାରୁ ନାହାନ୍ତି। ପୂର୍ବରୁ କହୁଥିଲୁ, ଏବେ ମଧ୍ୟ ସିବିଆଇ ଦାବି କରୁଛି ବୋଲି ପୀଡ଼ିତାଙ୍କ ଖୁଡ଼ୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୭ ଅକ୍ଟୋବର ୧୦ରେ ୪ ଜଣ ଦୁର୍ବୃତ୍ତ ଯବାନ ପୋଷାକରେ କୁହୁଳିରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଘଟଣାର ୩ ମାସ ପରେ ୨୦୧୮ ଜାନୁଆରୀ ୨୨ରେ ପୀଡ଼ିତା ନିଜ ଘରେ ଆତ୍ମହତ୍ୟା କରିବା ଘଟଣାକୁ ଆହୁରି ତେଜିଥିଲା। ନଭେମ୍ବର ୮ରେ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ରାଜ୍ୟ ସରକାର ପୁଣି ୨୦୧୮ ଫେବୃଆରୀ ୮ରେ ଏସ୍‌ଆଇଟି ତଦନ୍ତ ପାଇଁ କହିଥିଲେ।

# ସିଲ୍ ହେଲା ବିଶାଲ ମେଗା ମାର୍ଟ

### ‘ଧରିତ୍ରୀ ପ୍ରଭାବ’

- ନିର୍ଦ୍ଦେଶ ଉଲ୍ଲଂଘନ ସହ ମଲ୍‌ର ହୋଲ୍ଡିଂ ଟ୍ୟାକ୍ସ ଖିଲାପ

ଭୁବନେଶ୍ୱର,୨୦।୩ (ବ୍ୟୁରୋ

କରୋନାକୁ ନେଇ ଏବେ ସବୁଠି ଆତଙ୍କର ବାତାବରଣ। ସଂକ୍ରମଣ ଏଡ଼ାଇବା ପାଇଁ ସରକାର ଓ ବିଭିନ୍ନ ବିଭାଗ ଆଡଭାଇଜରି ଜାରି କରି କଟକଣା ଲଗାଇଥିବାବେଳେ ଭୁବନେଶ୍ୱର ମହାନଗର ନିଗମ ସମସ୍ତ ମଲ୍‌କୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି। ମଲ୍‌ରେ ଥିବା ଗ୍ରୋସରୀ ସାମଗ୍ରୀ କାରବାର ପାଇଁ କେବଳ ଅନୁମତି ଦିଆଯାଇଛି। ସେହିଭଳି କମିଶନରେଟ ପୋଲିସ ପକ୍ଷରୁ କଟକଣା ରହିଛି। ହେଲେ ଭୁବନେଶ୍ୱରର ରସୁଲଗଡ଼ ଓ ନୟାପଲ୍ଲୀଠାରେ ଥିବା ବିଶାଲ ମେଗା ମାର୍ଟ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରିଥିବା ଗୁରୁବାର ଦେଖିବାକୁ ମିଳିଥିଲା। ଗ୍ରୋସରୀ ବିକିବା ଆଳରେ ଅନ୍ୟ ବେପାର କରୁଥିଲା। ସେହିଭଳି କର୍ତ୍ତୃପକ୍ଷ ଅନ୍ୟ କେତେକ ଗାଇଡ୍‌ଲାଇନକୁ ମଧ୍ୟ ପାଳନ କରୁ ନ ଥିବା ଦେଖିବାକୁ ମିଳିଥିଲା। ସେଠାରେ ପ୍ରବଳ ଗହଳି ହେବା ସହ ସଂକ୍ରମଣ ଆଶଙ୍କା ରହିଥିଲେ ମଧ୍ୟ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଏ ସଂକ୍ରାନ୍ତରେ ‘ଧରିତ୍ରୀ’ରେ ଫଟୋ ସହ ତଥ୍ୟ ଭିତ୍ତିକ ଖବର ଶୁକ୍ରବାର ପ୍ରକାଶ ପାଇବା ପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ବିଏମ୍‌ସି ଉତ୍ତର ଜୋନ୍‌ର ଜୋନାଲ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି ଟିମ୍ ସହ ରସୁଲଗଡ଼ସ୍ଥିତ ବିଶାଲ ମେଗା ମାର୍ଟରେ ପହଞ୍ଚି ଘଟଣାର ସତ୍ୟାସତ୍ୟ ଯାଞ୍ଚ କରିଥିଲେ। ବିଏମସି ଓ କମିଶନରେଟ ପୋଲିସର ଗାଇଡ୍‌ଲାଇନକୁ ମଲ୍ କର୍ତ୍ତୃପକ୍ଷ ଉଲ୍ଲଂଘନ କରୁଥିବା ପ୍ରମାଣ ପାଇଥିଲେ। ସେହିଭଳି ହୋଲ୍ଡିଂ ଟିକସ ଖିଲାପ ହୋଇଥିବା ଜଣାପଡ଼ିଥିଲା। ଏହାପରେ ଉକ୍ତ ମଲ୍‌କୁ ସିଲ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମଲ୍ ବନ୍ଦ ରହିବ ବୋଲି ପୃଷ୍ଟି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ନୟାପଲ୍ଲୀସ୍ଥିତ ବିଶାଲ ମେଗା ମାର୍ଟରେ ମଧ୍ୟ ସମାନ ଭାବେ ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଇଥିବା ଖବର ପ୍ରକାଶ ପାଇଥିଲା। ଏନେଇ ବିଏମ୍‌ସି ତଦନ୍ତ ଜାରି ରଖିଛି। ଶନିବାର ବିଏମସି ଦକ୍ଷିଣ ପଶ୍ଚିମ ଜୋନର ଜୋନାଲ ଡେପୁଟି କମିଶନର ରବି ନାରାୟଣ ଜେଠୀ ନୟାପଲ୍ଲୀସ୍ଥିତ ବିଶାଲ ମେଗା ମାର୍ଟକୁ ଯାଞ୍ଚ କରିବେ। ମଲରେ ଖାଦ୍ୟ ଓ ଗ୍ରୋସରୀ ସାମଗ୍ରୀ ଛାଡି ଅନ୍ୟକିଛି ବିକ୍ରି ହୋଇଛି କି ନାହିଁ ତାହା ଯାଞ୍ଚ କରାଯିବ। ଏଥିସହ ଗାଇଡ ଲାଇନକୁ ପାଳନ କରାଯାଇ ନ ଥିବା ଜଣାପଡିଲେ ତାହାକୁ ମଧ୍ୟ ସିଲ୍ କରାଯିବ ବୋଲି ପୃଷ୍ଟି କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଉକ୍ତ ମଲ୍‌କୁ ସିଲ୍ କରାଯାଇଥିଲା। ମଲ୍ କର୍ତ୍ତୃପକ୍ଷ ଗ୍ରୋସରୀ ସାମଗ୍ରୀ ବିକ୍ରି ପାଇଁ ବିଏମ୍‌ସିଠାରୁ ଅନୁମତି ଆଣି ୧୭ ତାରିଖରୁ ଅନ୍ୟସବୁ ବେପାର କରୁଥିଲେ। ହେଲେ ବିଏମ୍‌ସି ଅନୁମତି ଦେବାପରେ ତାହାର ଯାଞ୍ଚ କରୁ ନ ଥିବାରୁ ମଲ୍ ମାଲିକମାନେ ଲୋକଙ୍କ ଜୀବନ ସହ ଏପରି ଖେଳ ଖେଳୁଛନ୍ତି। ତେଣୁ ବିଏମ୍‌ସି ପକ୍ଷରୁ ଦିଆଯାଉଥିବା ନିର୍ଦ୍ଦେଶ ବା କଟକଣା ଠିକ୍ ଭାବେ ପାଳନ ହେଉଛି କି ନାହିଁ ତାହାର ତଦାରଖ କରାଯିବାର ଆବଶ୍ୟକତା ରହିଛି। ନଚେତ ବହୁ ଆଡ଼ମ୍ବରରେ ଲଘୁକ୍ରିୟା ପରି କରୋନା ସଂକ୍ରମଣକୁ ରୋକିବା କଷ୍ଟକର ହୋଇପଡିବ।




# ୟୁନିୟନ ବ୍ୟାଙ୍କରେ ରହିବ ମହାପ୍ରଭୁଙ୍କ ଟଙ୍କା

- ଟେଣ୍ଡର ପ୍ରକ୍ରିୟାରେ ହେଲା ନିଷ୍ପତ୍ତି
- ମିଳିବ ବାର୍ଷିକ ୫.୭୫ ପ୍ରତିଶତ ସୁଧ

ପୁରୀ ଅଫିସ,୨୦।୩

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ରେ ରହିବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା। ଶୁକ୍ରବାର ଟେଣ୍ଡର ପ୍ରକ୍ରିୟାରେ ଏହି ବ୍ୟାଙ୍କକୁ ଚୟନ କରାଯାଇଛି। ବାର୍ଷିକ ୫.୭୫ ପ୍ରତିଶତ ସୁଧ ହାରରେ ୩ ବର୍ଷ ପାଇଁ ୟୁନିୟନ ବ୍ୟାଙ୍କରେ ଶ୍ରୀମନ୍ଦିରର କର୍ପସ ଫଣ୍ଡ ଓ ଟେମ୍ପଲ ଫଣ୍ଡ ସ୍ଥାୟୀ ଜମା କରାଯିବ। କିନ୍ତୁ କେତେ ଟଙ୍କା ରଖାଯିବ ତାହା ସ୍ପଷ୍ଟ ହୋଇନାହିଁ। ତେବେ ଫାଉଣ୍ଡେଶନ ଫଣ୍ଡ ୧୦୨ କୋଟି ଟଙ୍କା ଏସ୍‌ବିଆଇରେ ରହିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ଉନ୍ନୟନ ପ୍ରଶାସକ କହିଛନ୍ତି, ଶ୍ରୀମନ୍ଦିରର କର୍ପସ ଫଣ୍ଡ ଏବଂ ଟେମ୍ପଲ ଫଣ୍ଡ ଜମା କରିବା ନେଇ ଗତ ବୁଧବାର ଟେଣ୍ଡର ଡକାଯାଇଥିଲା। ଏଥିରେ ଭାଗନେବା ପାଇଁ ୧୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କଠାରୁ କୋଟେଶନ ମଗାଯାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟା କୋଟେଶନ ଦାଖଲର ଶେଷ ସମୟ ରହିଥିଲା। ଏହି ସମୟ ମଧ୍ୟରେ ୮ଟି ବ୍ୟାଙ୍କ (ଏସ୍‌ବିଆଇ, କାନାଡ଼ା, ୟୁବିଆଇ, ୟୁକୋ, ପଞ୍ଜାବ ନ୍ୟାଶନାଲ, ଆଲ୍ଲାହାବାଦ, ଇଣ୍ଡିଆନ ଓଭରସିଜ୍ ଏବଂ ଇଣ୍ଡିଆନ ବ୍ୟାଙ୍କ) ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଥିଲେ। କିନ୍ତୁ ୪ଟି ବ୍ୟାଙ୍କ (ୟୁନାଇଟେଡ, ବ୍ୟାଙ୍କ ଅଫ ବରୋଦା, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ଓ ସିଣ୍ଡିକେଟ୍ ବ୍ୟାଙ୍କ) ବିଳମ୍ବରେ ସେମାନଙ୍କ କୋଟେଶନ ଦାଖଲ କରିଥିଲେ। ଟେଣ୍ଡର ଅବଧି ମଧ୍ୟରେ ୮ଟି ଏବଂ ବିଳମ୍ବରେ ୪ଟି ବ୍ୟାଙ୍କ ଭାଗ ନେଇଥିଲେ। ବିଳମ୍ବରେ ଭାଗ ନେଇଥିବା ୪ଟି ବ୍ୟାଙ୍କର କୋଟେଶନକୁ ବିଚାରକୁ ନିଆଯାଇ ନାହିଁ। ଏପରି କି ସେମାନଙ୍କ ଏନ୍‌ଭେଲପ୍ ଖୋଲାଯାଇ ନାହିଁ।

୮ଟି ବ୍ୟାଙ୍କ ମଧ୍ୟରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ବାର୍ଷିକ ସର୍ବାଧିକ ୫.୭୫ ପ୍ରତିଶତ ସୁଧ ଦେବାକୁ ରାଜି ହୋଇଥିବାବେଳେ ଦ୍ୱିତୀୟରେ ଇଣ୍ଡିଆନ ବ୍ୟାଙ୍କ ୫.୪୦ ପ୍ରତିଶତ ଏବଂ କାନାଡା ବ୍ୟାଙ୍କ ୫ ପ୍ରତିଶତ ସୁଧ ଦେବା ପାଇଁ ସମ୍ମତି ପ୍ରକାଶ କରିଥିଲେ। ମାତ୍ର ଶ୍ରୀମନ୍ଦିର ପରିଚାଳନା କମିଟିରେ ହୋଇଥିବା ନିଷ୍ପତ୍ତି ଏବଂ ରାଜ୍ୟ ସରକାରଙ୍କ ଅନୁମୋଦନ ଅନୁଯାୟୀ ପ୍ରଥମ ବ୍ୟାଙ୍କ ଯେତିକି ସୁଧ ଦେବ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ବ୍ୟାଙ୍କକୁ ସେତିକି ସୁଧ ଦେବା ପାଇଁ କୁହାଯିବ। ଯଦି ସେମାନେ ରାଜି ନ ହେବେ ତେବେ ଗୋଟିଏ ବ୍ୟାଙ୍କରେ ହିଁ ସମସ୍ତ ଟଙ୍କା ରହିବ। ଇଣ୍ଡିଆନ ଏବଂ କାନାଡା ବ୍ୟାଙ୍କ ବାର୍ଷିକ ୫.୭୫ ପ୍ରତିଶତ ସୁଧ ଦେବାକୁ ରାଜି ନ ହେବାରୁ ସମସ୍ତ ଟଙ୍କା ୟୁନିୟନ ବ୍ୟାଙ୍କରେ ଜମା ରଖାଯିବ ବୋଲି ଉନ୍ନୟନ ପ୍ରଶାସକ କହିଛନ୍ତି। ୩ ବର୍ଷ ପାଇଁ ୟୁନିୟନ ବ୍ୟାଙ୍କରେ ମହାପ୍ରଭୁଙ୍କ କର୍ପସ ଫଣ୍ଡ ଏବଂ ଟେମ୍ପଲ ଫଣ୍ଡ ରଖାଯିବ। କିନ୍ତୁ କେତେ ଟଙ୍କା ରଖାଯିବ ତାହା ସ୍ଥିର ହୋଇ ନ ଥିବା ଉନ୍ନୟନ ପ୍ରଶାସକ ଜେନା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ୟୁନିୟନ ବ୍ୟାଙ୍କ ପୁରୀ ମୁଖ୍ୟ ଶାଖାର ଜେନେରାଲ ମ୍ୟାନେଜର ପ୍ରଶାନ୍ତ ସେନାପତି କହିଛନ୍ତି, ଟେଣ୍ଡରରେ ଆମେ ବାର୍ଷିକ ସର୍ବାଧିକ ୫.୭୫ ପ୍ରତିଶତ ବିଡ଼ିଂ ପକାଇଥିଲୁ। ତେଣୁ ୩ ବର୍ଷ ପାଇଁ ଶ୍ରୀମନ୍ଦିରର ୩୫୨ କୋଟି ଟଙ୍କା ଆମ ବ୍ୟାଙ୍କରେ ଜମା ରଖାଯିବ। ମହାପ୍ରଭୁଙ୍କ ଟଙ୍କା ୟୁନିୟନ ବ୍ୟାଙ୍କରେ ରଖାଯିବାକୁ ଆମ ମୁଖ୍ୟ କାର୍ଯ୍ୟାଳୟ ଓ ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀମାନେ ଚାହୁଁଥିଲେ। ତେଣୁ କେତେ ସୁଧ ଦିଆଯାଇପାରିବ ତାହା ସ୍ଥିର କରିଥିଲେ। ଏ ନେଇ ଯୋଗାଯୋଗରେ ଥିଲୁ, ଟେଣ୍ଡର ଆମକୁ ହିଁ ମିଳିଲା।

ସୂଚନାଥାଉ କି, ଗତ କିଛିଦିନ ଧରି ମହାପ୍ରଭୁଙ୍କ ଟଙ୍କାକୁ ନେଇ ବେଶ୍ ହୋ ହଲ୍ଲା ଚାଲିଥିଲା। ୟେସ୍ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ିବା ପରେ ଟଙ୍କା ଫେରିବ କି ନାହିଁ ତାକୁ ନେଇ ଆଶଙ୍କା ଉପୁଜିଥିଲା। ୟେସ୍ ବ୍ୟାଙ୍କରୁ ଅର୍ଥ ଉଠାଣ ଉପରେ ଆର୍‌ବିଆଇ ଜାରି କରିଥିବା କଟକଣାକୁ ବୁଧବାର ଉଠାଇ ନେବା ପରେ ଗୁରୁବାର ୟେସ୍ ବ୍ୟାଙ୍କରୁ ଇ-ଟ୍ରାନ୍ସଫର ମାଧ୍ୟମରେ ୩୯୭ କୋଟି ୨୩ଲକ୍ଷ ୨୭ ହଜାର ୬୩୬ ଟଙ୍କା ପୁରୀ ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରିଥିଲା।

## ନୋଟିସ

ଆମ୍ଭେ ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛୁ କି ନିମ୍ନଲିଖିତ ସମ୍ପତ୍ତି କ୍ରୟ/ବିକ୍ରୟ ନିମନ୍ତେ ରଘୁନାଥପୁର/ମରିଚିଆ, ଜିଲା-ଖୋର୍ଦ୍ଧା, ଓଡ଼ିଶା ମୌଜାରେ କସ୍ତୁରୀ ପାତ୍ର, ପିତା- କାର୍ତ୍ତିକ ପାତ୍ର ଏବଂ ତାଙ୍କର ଏକମାତ୍ର ଉତ୍ତରାଧିକାରୀ ଗଗନବିହାରୀ ପାତ୍ର, ପିତା-କସ୍ତୁରୀ ପାତ୍ରଙ୍କ ନାମରେ ଥିବା ଖାତା ନଂ.୩୬, ପ୍ଲଟ-୧୨୪୧=୩୨୦ ଡିସିମିଲ, ୧୨୪୮=୨୩୦ ଡିସିମିଲ, ୧୨୫୦=୫୮୦ ଡିସିମିଲ, ରଘୁନାଥପୁର ଜାଲି ମୌଜା ଅନ୍ତର୍ଗତ ଅଟେ। ଉକ୍ତ ସମ୍ପତ୍ତି ଉପରେ ଯଦି କୌଣସି ବ୍ୟକ୍ତି ଜୀବିତ କିମ୍ବା ମୃତକଙ୍କର କୌଣସି ଅଭିଯୋଗ ବା ଦାବି ଥାଏ ସେମାନେ ନିମ୍ନଲିଖିତ ବ୍ୟକ୍ତିଙ୍କ ସହ ସାତ (୭)ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ। ମୋବାଇଲ ନଂ.୮୮୯୫୨୦୮୦୮୮ କିମ୍ବା ମେଲ୍ କରନ୍ତୁ-ଏସ୍. ଦାଶ, ପ୍ଲଟ-ବି-୭୩, ଏଚ୍‌ଆଇଜି ଡୁପ୍ଲେକ୍ସ, ବିଡ଼ିଏ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩।

# ନର୍ସିଂହୋମ୍‌ରୁ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

### ହତ୍ୟା ଅଭିଯୋଗ, ମାମଲା ରୁଜୁ

ସମ୍ବଲପୁର,୨୦।୩(ବ୍ୟୁରୋ)

ସମ୍ବଲପୁରର ବୁର୍ଲା ଥାନା ଅଧୀନ ମେନ୍ ମାର୍କେଟସ୍ଥିତ ନର୍ସିଂହୋମ୍‌ରୁ ଦୀପକ ଅଗ୍ରୱାଲ(୪୦) ନାମକ ଜଣେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ହୋଇଛି। ଦୀପକଙ୍କ ପରିବାର ଲୋକେ ମୃତଦେହ ନେଇ ଯାଉଥିବାବେଳେ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଦୀପକଙ୍କ ଶାଳକ ତଥା ବରଗଡ ଜିଲା ଭଟଲି ଗ୍ରାମର ସଞ୍ଜୟ ଅଗ୍ରୱାଲଙ୍କ ଅଭିଯୋଗକ୍ରମେ ହତ୍ୟା ମାମଲା ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ ତଦନ୍ତ ଆରମ୍ଭ କରିଛି। ଦୀପକଙ୍କ ମୃତଦେହ ଜବତ ହୋଇଥିବା କୋଠରିରୁ ବିଭିନ୍ନ ପୋଡ଼ା ସାମଗ୍ରୀର ନମୁନା ପୋଲିସ ସଂଗ୍ରହ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏସ୍‌ପି କନୱର ବିଶାଳ ସିଂଙ୍କ ନିର୍ଦ୍ଦେଶ ପରେ ଦୀପକଙ୍କ ଭାଇ ଆଲୋକ ଅଗ୍ରୱାଲ, ପ୍ରକାଶ, ଭଉଣୀ ପ୍ରୀତି, ଜ୍ୟୋତି ଓ ମାଆ ଲଳିତାଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଦୀପକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଥିବାରୁ ସେ ଉନ୍ନତ ଚିକିତ୍ସା ପାଇଁ ପରିବାର ଲୋକଙ୍କୁ ଟଙ୍କା ମାଗିଥିଲେ। ଯଦି ଟଙ୍କା ନାହିଁ ମୋ ଭାଗ ଜମି ବିକ୍ରି କରି ଟଙ୍କା ଦିଅ ବୋଲି ସେ ଅନୁରୋଧ କରିଥିଲେ। ହେଲେ ଟଙ୍କା ମାଗିଲେ ଜୀବନରେ ମାରିଦେବୁ ବୋଲି ସେମାନେ ଦୀପକ ଓ ତାଙ୍କ ସ୍ତ୍ରୀ ମୀନାକ୍ଷୀଙ୍କୁ ଧମକ ଦେଇଥିଲେ। ଏହାକୁ ନେଇ ମାର୍ଚ୍ଚ ୮ରେ ବୁର୍ଲା ଥାନାରେ ଅଭିଯୋଗ ହୋଇଥିଲା। କିଛିଦିନ ପରେ ପରିବାର ଲୋକେ ଦୀପକଙ୍କୁ ହତ୍ୟା କରିବା ଯୋଜନା କରି ନର୍ସିଂହୋମରେ ଭର୍ତ୍ତି କରିଥିଲେ। ଗୁରୁବାର ରାତି ୧୦ ଟାରେ ମୀନାକ୍ଷୀ ନର୍ସିଂହୋମରେ ଥିଲେ। ସେହି ସମୟରେ ଆଲୋକ ଓ ପ୍ରକାଶଙ୍କ ସହ ଆଉ ୨ ଯୁବକ ଆସିଥିଲେ। ତୁମେ ଘରକୁ ଯାଅ ଆମେ ରାତିରେ ରହିବୁ ବୋଲି ସେମାନେ ମିନାକ୍ଷୀଙ୍କୁ କହିଥିଲେ। ହେଲେ ସକାଳେ ଦୀପକଙ୍କ ମୃତ୍ୟୁ ଖବର ମିନାକ୍ଷୀଙ୍କ ପାଖରେ ପହଞ୍ଚି ଥିଲା। ମିନାକ୍ଷୀ ନର୍ସିଂହୋମକୁ ପହଞ୍ଚିବାବେଳକୁ ଦୀପକ ଥିବା ପ୍ରକୋଷ୍ଠ ପୋଡ଼ିଯାଇଥିଲା। ଦୀପକଙ୍କୁ କୋଠରିରୁ ବାହାର କରି ଘରକୁ ନେବା ପାଇଁ ଆଲୋକ ଓ ପ୍ରକାଶ ଅପେକ୍ଷା କରିଥିଲେ। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ। ଦୀପକଙ୍କୁ ତାଙ୍କ ଭାଇମାନେ ଜୀବନ୍ତ ଜାଳି ହତ୍ୟା କରିଥିବା ସଞ୍ଜୟ ଅଭିଯୋଗ କରିଛନ୍ତି। ହେଲେ ଶର୍ଟସର୍କିଟରୁ ଏହି ଦୁର୍ଘଟଣା ଘଟିଲା ବୋଲି ପୋଲିସ ସନ୍ଦେହ କରୁଛି। ଅନ୍ୟପକ୍ଷେ ନର୍ସିଂହୋମରେ ଥିବା ଅବଶିଷ୍ଟ ରୋଗୀମାନେ କି ଭଳି ଏହା ଜାଣିପାରିଲେ ନାହିଁ କିମ୍ବା ନିଆଁ ଅନ୍ୟକୋଠରିକୁ କାହିଁକି ବ୍ୟାପିଲା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପାଇଁ କାହିଁକି ସାଇରନ ବାଜିଲା ନାହିଁ। ପୋଲିସ କିମ୍ବା ଆମ ପରିବାରକୁ କାହିଁକି ଖବର ଦିଆଗଲା ନାହିଁ ବୋଲି ସଞ୍ଜୟ ପ୍ରଶ୍ନ କରିଛନ୍ତି। ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି। ପୋଲିସ କହିଛି, ସାଇଣ୍ଟିଫିକ ଟିମ୍ ଯାଞ୍ଚ କରୁଛି। ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଯଦି ଅଭିଯୋଗରେ ସତ୍ୟତା ଥିବ ତେବେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

ପୂର୍ବ ତଟ ରେଳପଥ
ନିର୍ମାଣ କାର୍ଯ୍ୟ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMBBS2020018, ତା.16.03.2020ରିଖ
କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂଆ B.G. ଲାଇନ୍ ପ୍ରକଳ୍ପ ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟ ସହିତ ସୋନପୁର, ଖମ୍ବେଶ୍ୱରପଲି, ଝରତରଭା ଷ୍ଟେସନଠାରେ ଷ୍ଟେସନ ବିଲ୍ଡିଂ, ଷ୍ଟାଫ୍ କ୍ୱାର୍ଟର ଏବଂ ଅନ୍ୟ ସର୍ଭିସ୍ ବିଲ୍ଡିଂଗୁଡ଼ିକର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 2512.81 ଲକ୍ଷ, EMD (ଟଙ୍କାରେ): 14,06,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, କାର୍ଯ୍ୟ ଶେଷ ହେବା ଅବଧି: 12(ବାର)ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.16.04.2020 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-134/CC/19-20

ଏସ୍.ଇ. ରେଳପଥ ଟେଣ୍ଡର
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୧୭୯-ଜିଆର୍‌ସି-ସିଇ-ସି-ଏସ୍‌ଓ-୨୦-୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର୍ (ସିଓଏନ୍)/ ଏସ୍/ଜିଆର୍‌ସି, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.in ରେ ଅପ୍‌ଲୋଡ୍ ହୋଇଛି। ଟେଣ୍ଡର ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ ହେବ। କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଏସ୍.ଇ. ରେଳପଥର ଡେପୁଟି ସିଇ/ସିଓଏନ୍/II/ଆର୍‌ଓୟୁଙ୍କ କ୍ଷେତ୍ରାଧିକାର ଅଧୀନରେ ଏକ୍ସଇଏନ୍/ସିଓଏନ୍/ଆର୍‌ଓୟୁଙ୍କ ବ୍ୟବହାର ପାଇଁ ୧ (ଗୋଟିଏ) ବ୍ୟବସାୟିକ ଭାବେ ପଞ୍ଜୀକୃତ ଅଣ ଏସି ଟାଟା ସୁମୋ ଗୋଲ୍ଡ କିମ୍ବା ସମାନ ଧରଣର ଗାଡ଼ି ଭଡ଼ା ସୂତ୍ରରେ ନେବା। ଆନୁମାନିକ ମୂଲ୍ୟ: ₹୫.୦୦ ଲକ୍ଷ। ଇଏମ୍‌ଡି: ₹୧୦,୦୦୦/- ସମାପ୍ତି ଅବଧି: ୧୨ ମାସ। ଧାର୍ଯ୍ୟ ତାରିଖ: ୧୪।୦୪।୨୦୨୦। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ www.ireps.gov.in ପରିଦର୍ଶନ କରିପାରନ୍ତି। ବିଦ୍ର: “ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡର୍‌ମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି।” (PR-1480)

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ମେକାନିକାଲ), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଦୁଇ ପ୍ୟାକେଟ ପ୍ରଣାଳୀ ଅଧୀନରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ., କାର୍ଯ୍ୟର ନାମ, ବିଭାଗୀୟ ମୂଲ୍ୟ ଓ ଇ.ଏମ୍.ଡି.: (୧) ଏମ୍‌ଇସିଏଚ୍‌ସିକେପି-୧୯-୨୦-୫୨, ତାରିଖ: ୧୮।୦୩।୨୦୨୦। ୧୦୪୫ ଦିନ ଅବଧି ପାଇଁ ରାଉରକେଲା ଷ୍ଟେଶନଠାରେ ଏନ୍‌ରୁଟ୍ ନାମାଙ୍କିତ ଟ୍ରେନ୍‌ଗୁଡ଼ିକର କୋଚ୍‌ରେ ୱାଟରିଂ ଓ ଟ୍ରେନ୍‌ରେ ଲିନେନ୍ ପ୍ୟାକେଟ୍‌ଗୁଡ଼ିକର ଲୋଡିଂ/ ଅନ୍‌ଲୋଡିଂ ଏବଂ ଆର୍‌ଓୟୁ ଷ୍ଟେଶନ ଓ ଡବ୍ଲ୍ୟୁ/ଏଲ୍ ଆର୍‌ଓୟୁ ମଧ୍ୟରେ ଲିନେନ୍‌ର ପରିବହନ। ₹୧,୦୪,୧୪,୯୭୨/- ଏବଂ ₹୨,୦୨,୧୦୦/- (୨) ଏମ୍‌ଇସିଏଚ୍‌ସିକେପି-୧୯-୨୦-୫୧, ତାରିଖ: ୧୮।୦୩।୨୦୨୦। ୨ (ଦୁଇ) ବର୍ଷ ଅବଧି ପାଇଁ ଖୋଲା ଟେଣ୍ଡର ମାଧ୍ୟମରେ ସିଆଣ୍ଡଡବ୍ଲ୍ୟୁ/ଡିପିଏସ୍‌ଠାରେ ମ୍ୟାଟେରିଆଲ୍ ହ୍ୟାଣ୍ଡଲିଂ ଓ ହାଉସ୍-କିପିଂ। ₹୧,୨୧,୨୨,୯୧୭/- ଏବଂ ₹୨,୧୦,୬୦୦/-। ଟେଣ୍ଡର ଫର୍ମ ମୂଲ୍ୟ: ଉଭୟ ପାଇଁ ₹୫,୦୦୦/-। ଟେଣ୍ଡର ଖୋଲାଯିବାର ସ୍ଥାନ: ଉଭୟ ପାଇଁ ସିନିୟର୍ ଡିଏମ୍‌ଇ/ସିକେପି, ଏସ୍.ଇ. ରେଳପଥଙ୍କ କାର୍ଯ୍ୟାଳୟ। ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ଉଭୟ ପାଇଁ ତା୦୮।୦୪।୨୦୨୦ରିଖ ୧୫.୦୦ ଘଟିକା। ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ: ଉଭୟ ପାଇଁ ତା୦୮।୦୪।୨୦୨୦ରିଖ ୧୫.୧୫ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। (PR-1483)

ରେଳ ମନ୍ତ୍ରଣାଳୟ
(ରେଲ୍‌ୱେ ବୋର୍ଡ)
ରେଳ ସୁରକ୍ଷା ବଳ
ଚେତାବନୀ
ଜନହିତରେ ଜାରି
ରେଳପଥ ଚାକିରି ଆଶାୟୀମାନେ
ଦଲାଲମାନଙ୍କ ପ୍ରତି ସାବଧାନ ରୁହନ୍ତୁ
ନକଲି ନିଯୁକ୍ତି ପ୍ରତିଶ୍ରୁତିରୁ ଦୂରେଇ ରୁହନ୍ତୁ
ନିକଟ ଅତୀତରେ, ଏହା ନଜରକୁ ଆସିଛି ଯେ କେତେକ ୱେବ୍‌ସାଇଟ୍ ଓ ସୋସିଆଲ ମିଡିଆ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍)ରେ ୧୯୯୫୨ଟି କନଷ୍ଟେବଲ ପଦବୀରେ ନିଯୁକ୍ତି ସଂକ୍ରାନ୍ତରେ ମିଥ୍ୟା ସୂଚନା ବ୍ୟାପ୍ତ କରୁଛନ୍ତି। ସମସ୍ତ ସମ୍ଭାବ୍ୟ ପ୍ରାର୍ଥୀ ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ଆର୍‌ପିଏଫ୍ କିମ୍ବା ରେଳ ମନ୍ତ୍ରଣାଳୟ ଦ୍ୱାରା ଏହାର ଆନୁଷ୍ଠାନିକ ୱେବ୍‌ସାଇଟ୍ ଅଥବା କୌଣସି ଛପା ବା ବୈଦ୍ୟୁତିକ ଗଣମାଧ୍ୟମରେ ଏପରି କୌଣସି ଅଧିସୂଚନା ଜାରି କରାଯାଇନାହିଁ। ଆର୍‌ପିଏଫ୍‌ରେ ନିଯୁକ୍ତି ସଂକ୍ରାନ୍ତୀୟ ବିଜ୍ଞାପନ କେବଳ ରେଳ ମନ୍ତ୍ରଣାୟର ଆନୁଷ୍ଠାନିକ ୱେବ୍‌ସାଇଟ୍‌ରେ ପ୍ରକାଶିତ ହୋଇଥାଏ।
ମିଥ୍ୟା ଆଶ୍ୱାସନା ଏବଂ ଉତ୍ପୀଡ଼ନର ଶିକାର ନ ହେବା, ତଥା ଅସାଧୁ ତତ୍ତ୍ୱଙ୍କୁ ପ୍ରଶ୍ରୟ କିମ୍ବା ଉତ୍ସାହିତ ନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଏପରି ମିଥ୍ୟା ସୂଚନାକୁ ଗୁରୁତ୍ୱ ଦେଇ କୌଣସି ଠକାମିର ଶିକାର ହେଲେ ଆର୍‌ପିଏଫ୍ କିମ୍ବା ରେଳ ମନ୍ତ୍ରଣାଳୟ କୌଣସି ଉପାୟରେ ଦାୟୀ ରହିବ ନାହିଁ।
ଏପରି ସନ୍ଦେହଜନକ ପ୍ରକୃତିର ଚାକିରି ଅଫର୍ ସମ୍ପର୍କିତ ସୂଚନାର ଅନୁସନ୍ଧାନ ଆର୍‌ପିଏଫ୍ ସୁରକ୍ଷା ହେଲ୍‌ପଲାଇନ୍ ନଂ.-୧୮୨ରେ କରାଯାଇପାରିବ।
ଡିଆଇଜି/ଆର୍ ଆଣ୍ଡ ଟି
ରେଳ ସୁରକ୍ଷା ବଳ
ରେଲ୍‌ୱେ ବୋର୍ଡ
/RailMinIndia ରେ ଆମକୁ ଫଲୋ କରନ୍ତୁ

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in
2 ବର୍ଷୀୟ ଓ 3 ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ
ଓଡ଼ିଶା ରାଜ୍ୟ ସରକାର ସର୍ବମୋଟ୍ ₹2000 କୋଟି ଟଙ୍କା (ଅଙ୍କିତ ମୂଲ୍ୟ) ର ପ୍ରତିଭୂମି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଅଛନ୍ତି।
ଏକାଧିକ ମୂଲ୍ୟ ଫର୍ମାଟ୍ ଅନ୍ତର୍ଗତ ପ୍ରତିଫଳ (yield) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କର କୋର ବ୍ୟାଙ୍କିଂ ସମାଧାନ (ଇ-କୁବେର) ମାଧ୍ୟମରେ 23 ମାର୍ଚ୍ଚ 2020 (ସୋମବାର) ଦିନ ଆୟୋଜନ କରାଯିବ।
ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବ୍‌ସାଇଟ୍ (www.rbi.org.in) ରେ 19 ମାର୍ଚ୍ଚ 2020 (ଗୁରୁବାର) ରେ ପ୍ରକାଶିତ ଆରବିଆଇ ପ୍ରେସ୍ ବିଜ୍ଞପ୍ତି ଦେଖନ୍ତୁ।
“ଇ-ମେଲ୍/ ଏସ୍‌ଏମ୍‌ଏସ୍/ ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମିରେ ପଡ଼ନ୍ତୁ ନାହିଁ”

FORM No. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 93/2019
State Bank of India, SARB, Bhubaneswar ...Applicant
Versus
Bikram Keshari Pradhan ...Defendant(s)
To,
Bikram Keshari Pradhan, Plot No.: 58/83 (B), Road No.: 3, Gangotree Nagar, Near Sisupalgarh, Bhubaneswar, Pin- 751002
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an O.A. No. 93/2019 in the Court of the Debts of Recovery Tribunal, Cuttack for recovery of Rs.45,74,219/- only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 23.04.2020 at 10.30 a.m. as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand seal of this Tribunal on this 17th day of March 2020.
Sd/- (M.K. Patnaik)
REGISTRAR



ଅପରିଣାମଦର୍ଶିତାର ଫଳ ସର୍ବଦା ବିଷମୟ ହୋଇଥାଏ।

-ସେନେକା



# ଧାର୍ମିକ ଅନୁଷ୍ଠାନ ଖାଁ ଖାଁ



କରୋନା ଭୟରେ ରାଜଧାନୀର ନୟାପଲ୍ଲୀସ୍ଥିତ ଇସ୍କନ ମନ୍ଦିର, ୟୁନିଟ୍-୪ସ୍ଥିତ ଜାମା ମସ୍‌ଜିଦ ଓ ଜବାହରଲାଲ ନେହେରୁ ମାର୍ଗସ୍ଥିତ ଚର୍ଚ୍ଚ ଜନଶୂନ୍ୟ ହୋଇପଡ଼ିଛି।

ଭୁବନେଶ୍ୱର, ୨୦।୩ (ବ୍ୟୁରୋ)

କରୋନା ଭୟରେ ସରକାର ରାଜଧାନୀରେ ଥିବା ଏକାଧିକ ଧାର୍ମିକ ଅନୁଷ୍ଠାନ ଉପରେ ରୋକ ଲଗାଇବାପରେ ଏବେ ସେଠାରେ ବିରଳ ଚିତ୍ର ଦେଖିବାକୁ ମିଳିଛି। ଶୁକ୍ରବାର ରାଜଧାନୀର ରାମନ୍ଦିର ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। କେବଳ ପୂଜକ ପ୍ରଭୁଙ୍କ ନିତିକାନ୍ତି କରିଥିଲେ। ସେହିଭଳି ଚର୍ଚ୍ଚ ଏବଂ ମସ୍‌ଜିଦ ଗେଟରେ ତାଲା ପଡ଼ିଥିଲା। ଅନେକ ଶ୍ରଦ୍ଧାଳୁ ଭଗବାନଙ୍କ ଦର୍ଶନ ପାଇଁ ଆସୁଥିଲେ ମଧ୍ୟ ଗେଟ ଆଗରେ ମୁଣ୍ଡିଆ ମାରି ଚାଲିଯାଉଥିଲେ। ସବୁଠୁ ଅଧିକ ହଇରାଣ ହୋଇଥିଲେ ମୁସ୍‌ଲିମ୍ ସମ୍ପ୍ରଦାୟର ଭାଇମାନେ। ଶୁକ୍ରବାର ଥିବାରୁ ସେମାନେ ନମାଜ ପାଠ କରିବା ପାଇଁ ମସ୍‌ଜିଦ ଆସିଥିଲେ। ମସ୍‌ଜିଦ ବନ୍ଦ ଥିବାରୁ ଅନେକ ଗେଟ ଆଗରେ ନମାଜ ପାଠ କରିଥିବା ଦେଖିବାକୁ ମିଳିଥିଲା।



### ମସ୍‌ଜିଦ୍ ଗେଟ୍ ଆଗରେ ନମାଜ ପାଠ

ଅନେକ ମୁସ୍‌ଲିମ୍ ଭାଇ ଘରକୁ ଯାଇ ନମାଜ ପାଠ କରିଥିବା କହିଛନ୍ତି।

### ଚା' ଦୋକାନରେ ଅହେତୁକ ଭିଡ଼

୭ ଜଣ ଲୋକ ଏକାଠି ହେବା ଉପରେ ରୋକ ଲଗାଯାଇଛି। ହେଲେ ରାଜଧାନୀରେ ଥିବା ବଡ଼ବଡ଼ ଚା' ଦୋକାନରେ ଅସମ୍ଭାଳ ଭିଡ ଦେଖିବାକୁ ମିଳୁଛି। ଏକାଥରେ ୨୦ରୁ ଉର୍ଦ୍ଧ୍ୱ ଲୋକ ଭିଡ଼ ଜମାଉଛନ୍ତି। ରାଜଧାନୀର ମାଉସୀ ମା' ମନ୍ଦିର ନିକଟରେ ଏକ ଚା' ଦୋକାନରେ ଏକାଧିକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏନେଇ ଦୋକାନୀଙ୍କୁ ପଚାରିବାରୁ ସେ ଅଜବ ଯୁକ୍ତିକରି କହିଥିଲେ, ପୋଲିସ ଆମକୁ ବନ୍ଦ କରିବାକୁ କହି ନାହାଁନ୍ତି। କେବଳ ଏହି ଗୋଟିଏ ଚା'ଦୋକାନ ନୁହେଁ ସିଆରପି,ରାଜମହଲ,ଏଜି ଛକ,ରବୀନ୍ଦ୍ର ମଣ୍ଡପ ଛକ ନିକଟରେ ଥିବା ଚା'ଦୋକାନରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା।

### ଭୟରେ ପରୀକ୍ଷା ଦେଲେ ଛାତ୍ରୀଛାତ୍ର

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଘରୋଇ ଏବଂ ସରକାରୀ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଛନ୍ତି। ଏପରିକି ଟିଉସନ୍ ସେଣ୍ଟର ଏବଂ କୋଚି ସେଣ୍ଟର ବନ୍ଦ କରିବା ସହ ଆସନ୍ତା ସୋମବାରଠାରୁ ସମସ୍ତ ପରୀକ୍ଷାଗୁଡିକୁ ବାତିଲ କରାଯାଇଛି। ହେଲେ ଶନିବାର ଅନେକ ବିଶ୍ୱ ବିଦ୍ୟାଳୟରେ ପରୀକ୍ଷା ଥିବାରୁ ଛାତ୍ରୀଛାତ୍ରମାନେ ଭୟରେ ଆସି ପରୀକ୍ଷା ଦେଇଛନ୍ତି। ସଂଗୀତ ମହାବିଦ୍ୟାଳୟରେ ଏକାଧିକ ପିଲା ଭୟରେ ପରୀକ୍ଷା ଦେଇଥିବା କହିଛନ୍ତି। ଯାହାକୁ ନେଇ ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଆମେ ପରୀକ୍ଷା ଦେବାକୁ ଆସି ଏକାଠି ହେଉଥିବାରୁ ଆମକୁ କରୋନା ଭୂତାଣୁ ପ୍ରବେଶ କରିବା ଆଶଙ୍କା କରାଯାଉଛି। ଯଦି ଭୂତାଣୁ ଆମ ଦେହରେ ପ୍ରବେଶ କରେ ତେବେ ଏଥିପାଇଁ କିଏ ଦାୟୀ ରହିବ।

### ୨୫ରୁ ଉର୍ଦ୍ଧ୍ୱ ପିଲା ଖେଳୁଛନ୍ତି କ୍ରିକେଟ

ଏକାଧିକ ଲୋକ ରୁଣ୍ଡ ହେବାକୁ ମନା କରାଯାଇଛି। ହେଲେ ଏହା କାହା ଉପରେ ଫରକ୍ ପକାଉନି। ଅନ୍ୟଦିନ ପରି ୨୫ରୁ ଉର୍ଦ୍ଧ୍ୱ ପିଲା ଏକାଠି ହୋଇ କ୍ରିକେଟ ଖେଳୁଛନ୍ତି। ଗୋଟିଏ ବ୍ୟାଟ୍ ଏବଂ ବଲକୁ ଏକାଧିକ ପିଲା ବ୍ୟବହାର କରୁଛନ୍ତି। ଯାହାଦ୍ୱାରା କରୋନା ଭଳି ମାରାତ୍ମକ ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏୟାରପୋର୍ଟ ଥାନା ସମ୍ମୁଖ ପଡ଼ିଆ, ନୟାପଲୀ ଦୁର୍ଗାପୂଜା ମଣ୍ଡପ ସମ୍ମୁଖରେ ଥିବା ପଡ଼ିଆରେ ଏକାଧିକ ପିଲା କ୍ରିକେଟ ଖେଳୁଛନ୍ତି।

### ଥାନା ଏବଂ କ୍ୟାପିଟାଲ ହସ୍ପିଟାଲ ଫାଙ୍କା

କ୍ୟାପିଟାଲ ହସ୍ପିଟାଲରେ ଦିନକୁ ୨ଶହରୁ ଉର୍ଦ୍ଧ୍ୱ ଲୋକ ନିଜର ରୋଗ ଦେଖାଇବାକୁ ଆସୁଥିଲେ। ଏବେ ୨୦ ଜଣ ଆସିବା କଷ୍ଟକର ହୋଇପଡ଼ିଛି। ହସ୍ପିଟାଲରେ ଦୁଇ ଜଣ କରୋନା ରୋଗୀ ଭର୍ତ୍ତି ହୋଇଥିବାରୁ ଏହା ଭୟରେ ଅନେକ ଲୋକ ହସ୍ପିଟାଲ ମାଟି ମାଡ଼ୁନାହାନ୍ତି। ସେହିପରି ରାଜଧାନୀରେ ଥିବା ଏକାଧିକ ଥାନା ଖାଁ ଖାଁ ଲାଗୁଛି। କେବଳ ଡିସିଓ ଅଫିସରଙ୍କୁ ଏବଂ ଥାନାର କର୍ମଚାରୀଙ୍କୁ ଛାଡ଼ିଦେଲେ ଅଭିଯୋଗକାରୀଙ୍କୁ ଦେଖିବାକୁ ମିଳୁନି। ଆଗରୁ ଥାନାରେ ପ୍ରତିଦିନ ୨୫ରୁ ଉର୍ଦ୍ଧ୍ୱ ଅଭିଯୋଗ ହେଉଥିବା ବେଳେ ଏବେ ଦୁଇ, ତିନୋଟି ଅଭିଯୋଗ ଆସୁଛି। କେଉଁଦିନ କୌଣସି ଅଭିଯୋଗ ଆସୁ ନ ଥିବା ଏକାଧିକ ଥାନା ଅଧିକାରୀ କହିଛନ୍ତି।

### ପର୍ଯ୍ୟଟନ ସ୍ଥଳୀରେ ପଶୁପକ୍ଷୀ ହନ୍ତସନ୍ତ

ରାଜଧାନୀରେ ଥିବା ପର୍ଯ୍ୟଟନ ସ୍ଥଳୀରେ ଏକାଧିକ ପଶୁପକ୍ଷୀ ରହିଛନ୍ତି। ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ସେମାନଙ୍କୁ ଖାଇବାକୁ ଦେଇଥାନ୍ତି। ହେଲେ ଏବେ ପର୍ଯ୍ୟଟନ ସ୍ଥଳୀ ବନ୍ଦ ହେବା ଫଳରେ ଏହି ଜନ୍ତୁମାନେ ଖାଦ୍ୟ ପାଇଁ ଆଉଟ ପାଉଟ ହେଉଛନ୍ତି। ବିଶେଷ କରି ଖଣ୍ଡଗିରି ପାହାଡ଼,ଧଉଳି, ନନ୍ଦନକାନନରେ ଥିବା ଏକାଧିକ ମାଙ୍କଡ଼ ଭୋକରେ ଆଉଟ ପାଉଟ ହେଉଛନ୍ତି। ସ୍ଥାନୀୟ କେତେକ ଯୁବକ ସେମାନଙ୍କୁ ଖାଇବାକୁ ଦେଉଥିଲେ ମଧ୍ୟ ତାହା ଯଥେଷ୍ଟ ହେଉନାହିଁ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାତ ନ ଅଣ୍ଟେ ଗୁଡ଼ା ଲୁଣକୁ**
**ଘଇତା ପାଇଛି କୋଉ ଗୁଣକୁ ।**

ଘରର ମୁଖ୍ୟ ବୋଲାଉଥିବା ଗୃହସ୍ୱାମୀ ଉପରେ ପରିବାରର ଭରଣପୋଷଣ ଦାୟିତ୍ୱ ନ୍ୟସ୍ତ ଥାଏ। ଯେତେବେଳେ ଘରର ମୁଖ୍ୟ ଅଯୋଗ୍ୟ ଓ ଅପାରଗ ହୋଇଯାଏ ସେତେବେଳେ ଘରର ଆର୍ଥିକ ସ୍ଥିତି ବିଗିଡ଼ିଯିବାକୁ ବେଶି ଡେରି ଲାଗି ନ ଥାଏ। ସାଧାରଣତଃ ସ୍ୱାମୀ ଉପରେ ସ୍ତ୍ରୀ ନିର୍ଭରଶୀଳ। ସ୍ୱାମୀ ତା'ର ବଳ ଓ ସାହାଭରସା। ପରନ୍ତୁ ସ୍ୱାମୀ ଯଦି ଅଯୋଗ୍ୟ ହୁଏ ତା'ହେଲେ ସ୍ତ୍ରୀର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଏ। ସ୍ତ୍ରୀକୁ ପୋଷି ପାରୁ ନ ଥିବା ବ୍ୟକ୍ତି ସ୍ୱାମୀପଣକୁ ଯୋଗ୍ୟ ହେଉ ନ ଥିବା ସ୍ଥଳେ ଭରଣପୋଷଣ କରି ପାରୁ ନ ଥିବା ଅପାରଗ ସ୍ୱାମୀ ପ୍ରତି ଏଭଳି କ୍ଷଭୋକ୍ତି ପ୍ରକାଶ କରାଯାଇଛି।

**ଭେଲ ମିଶା ସୁନା ବାରିବ ଯେ**
**ବଣିଆଙ୍କ ଭେଦ ପାଇବ ସେ ।**

ସୁନାରି ବଣିଆ ଅଳଙ୍କାର ଗଢ଼ିଥାନ୍ତି। ଅଳଙ୍କାର ଗଢ଼ିବା ସମୟରେ ସୁନାରେ କିଛି ପରିମାଣର ଖାଦ ମିଶାଇଥାନ୍ତି। ଯାହାର ଭେଦ ବା ଟେର୍ ପାଇବା ସାଧାରଣ ଲୋକଙ୍କ ପକ୍ଷେ ଅତୀବ କଷ୍ଟକର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## କରୋନା ସଂକ୍ରମଣକୁ ରୋକିବା ଲାଗି ଜେଏସ୍‌ପିଏଲ୍‌ର ପଦକ୍ଷେପ

ଭୁବନେଶ୍ୱର, ୨୦।୩



କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) ପକ୍ଷରୁ ପଦକ୍ଷେପ ହାତକୁ ନିଆଯାଇଛି। ନବୀନ ଜିନ୍ଦଲଙ୍କ ନେତୃତ୍ୱାଧିନ ଏହି କମ୍ପାନୀରେ ଥର୍ମାଲ ସ୍କାନିଂ ଦ୍ୱାରା କର୍ମଚାରୀଙ୍କ ଯାଞ୍ଚ କରାଯାଉଛି। ମାସ୍କ ଉପଲବ୍ଧ କରାଇବା ସହ ଡାକ୍ତରଙ୍କ ନିୟମିତ ପରାମର୍ଶ ସୁବିଧା କରାଯାଇଛି। ପ୍ରତ୍ୟେକ ଅଫିସରେ ସାନିଟାଇଜର ବ୍ୟବସ୍ଥା ସହ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ବିଶେଷଜ୍ଞ ଡାକ୍ତରୀ ଦଳ ଦ୍ୱାରା ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦିଆଯାଉଛି। କରୋନାକୁ ପ୍ରତିହତ କରିବା ଲାଗି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି ବୋଲି ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ସୂଚନା ଦେଇଛନ୍ତି। କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ସ୍ୱରୁପ ସତର୍କତା ଅବଲମ୍ବନ କରୁଥିବା କମ୍ପାନୀର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ରାହୁଲ ତନେଜା କହିଛନ୍ତି। ଏହାବାଦ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ମଧ୍ୟ ବିଭିନ୍ନ ସତର୍କତା ପଦକ୍ଷେପ ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସୂଚନା ଦିଆଯାଇଛି।

## ଆକାଶର ମାଗଣା ଲାଇଭ କ୍ଲାସ

ନୂଆଦିଲ୍ଲୀ,୨୦।୩

କରୋନା ଯୋଗୁ ସାରା ଦେଶରେ ସ୍କୁଲ ଶିକ୍ଷା ପ୍ରଭାବିତ ହୋଇଛି। ଏହାକୁ ଧ୍ୟାନରେ ରଖି ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ ପକ୍ଷରୁ ଏହାର ସହାୟକ ମେରିଟନେଶନ ପଦକ୍ଷେପ ଜରିଆରେ ଛାତ୍ରୀଛାତ୍ରଙ୍କ ଲାଗି ସ୍ୱତନ୍ତ୍ର ମାଗଣା ଲାଇଭ କ୍ଲାସର ପ୍ରଦାନ ନେଇ ଘୋଷଣା କରାଯାଇଛି। ଏହି କ୍ଲାସଗୁଡିକ କ୍ଲାସ ୧ରୁ କ୍ଲାସ ୧୨ ଛାତ୍ରୀଛାତ୍ରଙ୍କ ଲାଗି ଉଦ୍ଦିଷ୍ଟ। ଏହାବାଦ ସ୍ୱତନ୍ତ୍ର ପରୀକ୍ଷା ଜେଇଇ, ଏନ୍‌ଇଇଟି ଦେଉଥିବା ଛାତ୍ରୀଛାତ୍ରଙ୍କ ଲାଗି ଏହା ସହାୟକ ହୋଇ ପାରିବ। ଘରେ ରହି ପାଠ ପଢିବା ଛାତ୍ରୀଛାତ୍ରଙ୍କ ଲାଗି ଉପଯୋଗୀ ହୋଇ ପାରିବ ବୋଲି ମେରିଟ ନେଶନ ସିଇଓ ପବନ ଚୌହାନ କହିଛନ୍ତି। କରୋନା ଯୋଗୁ ପାଠପଢାରେ ଯେଉଁ ବ୍ୟାଘାତ ସୃଷ୍ଟି ହୋଇଛି ଏଭଳି ଟେକ୍ ପ୍ଲାଟଫର୍ମ ଜରିଆରେ ତାର ସମାଧାନ କରିବାକୁ ପଦକ୍ଷେପ ନିଆଯାଇଛି ବୋଲି ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡର ସିଇଓ ଆକାଶ ଚୌଧୁରୀ ସୂଚନା ଦେଇଛନ୍ତି।

## ଯାତ୍ରୀଙ୍କୁ ଆକ୍ରମଣ: ଅଟୋ ଚାଳକ ଗିରଫ

ଭୁବନେଶ୍ୱର, ୨୦।୩ (ବ୍ୟୁରୋ)

ଅଟୋ ଚାଳକଙ୍କ ଉନ୍ମତ୍ତକାଣ୍ଡ । ଦ୍ରୁତ ଗତିରେ ବେପରୁଆ ଅଟୋଚାଳନା ଯୋଗୁ ଅନ୍ୟ ଅଟୋରେ ଯାଉଥିବା ଯାତ୍ରୀଙ୍କ ଉପରେ ପଡ଼ିଲା ରାସ୍ତାପାଣି। ଏହାକୁ ବିରୋଧ କରିବାରୁ ଜଣେ ଯାତ୍ରୀଙ୍କୁ ଲୁହାରଡ୍‌ରେ ପିଟି ମରଣାନ୍ତକ ଆକ୍ରମଣ କଲେ। ଘଟଣାଟି ଘଟିଛି ଖଣ୍ଡଗିରି ଥାନା ଅନ୍ତର୍ଗତ ସିଟି ମହିଳା ମହାବିଦ୍ୟାଳୟ ପାଖରେ। ଅଭିଯୁକ୍ତ ଅଟୋଚାଳକଙ୍କୁ ଗିରଫ କରିଛି ପୋଲିସ। ସେ ହେଲେ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ରେ ରହୁଥିବା ପ୍ରଶାନ୍ତ ପାଇକରାୟ(୩୧)। ତାଙ୍କ ଅଟୋକୁ ପୋଲିସ ଜବତ କରିବା ସହ ପ୍ରଶାନ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲ ହାଜତକୁ ପଠାଇ ଦିଆଯାଇଛି।

ଗୁରୁବାର ରାତି ସାଢେ ୮ଟା। ଏକ ଅଟୋରେ ଶିଶୁଭବନ ଛକରୁ ନିଜଘର ଡୁମୁଡୁମା ହାଉସିଂବୋର୍ଡକୁ ଫେରୁଥିଲେ ସୟଦ୍ ଅହମ୍ମଦ ରାଜା(୪୯)। ସେ ଆସୁଥିବା ଅଟୋ ପଛରେ ପ୍ରଶାନ୍ତଙ୍କ ଅଟୋ ଦୃତଗତିରେ ଆସି ଓଭରଟେକ୍ କରିଥିଲା। ରାସ୍ତାରେ ଥିବା ପାଣି ପଡ଼ିଥିଲା ସୟଦ୍‌ଙ୍କ ଦେହରେ । ତୁରନ୍ତ ପ୍ରଶାନ୍ତଙ୍କ ଅଟୋକୁ ପିଛା କରି ସିଟି ମହିଳା ମହାବିଦ୍ୟାଳୟ ନିକଟରେ ଅଟକାଇଥିଲେ ସୟଦ୍ । ପଚାରିଥିଲେ ଏମିତି କ'ଣ ଅଟୋ ଚଲାଇବା କଥା! ତୁମ ପାଇଁ ମୋ ଦେହରେ ରାସ୍ତା ପାଣି ପଡ଼ିଲା। ତୁମଭଳି କିଛି ଚାଳକଙ୍କ ପାଇଁ ଦୁର୍ଘଟଣା ଘଟୁଛି। ଏତିକି କଥାରେ ଉତ୍କ୍ଷିପ୍ତ ହୋଇଉଠିଲେ ପ୍ରଶାନ୍ତ। ନିଜ ଅଟୋ ଭିତରେ ରଖିଥିବା ଏକ ଲୁହାରଡରେ ସୟଦ୍‌ଙ୍କୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ ସୟଦ୍ ଦୌଡିବାକୁ ଉଦ୍ୟମ କରିଥିଲେ ମଧ୍ୟ ପ୍ରଶାନ୍ତ ତାଙ୍କୁ ନିର୍ଦ୍ଧୁମ ମାଡ଼ ମାରିବା ସହ ଗୋଇଠା ମାରି ଡ୍ରେନରେ ପକାଇ ଦେଇଥିଲେ। ଗୁରୁତର ସୟଦ୍‌ଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଥାନାରେ ଅଭିଯୋଗ ହେବା ପରେ ପୋଲିସ୨୧୦/୨୦ନମ୍ବରରେ ମାମଲା ରୁଜୁ କରିଥିଲା।

## ସନ୍ଧ୍ୟା ୬ଟାରୁ ଦୋକାନ ବଜାର ବନ୍ଦ କଲା ପୋଲିସ

ବାଲିଅନ୍ତା,୨୦।୩(ଡି.ଏନ୍.ଏ.)

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ କମିଶନରେଟ ପୋଲିସ ଅଧୀନ ବାଲିଅନ୍ତା ଥାନା ପକ୍ଷରୁ ଶୁକ୍ରବାରଠାରୁ ପଦକ୍ଷେପ ନିଆଯାଇଛି। ଶୁକ୍ରବାର ସନ୍ଧ୍ୟା ୬ଟାଠାରୁ ବାଲିଅନ୍ତା ଥାନା ଅଧୀନରେ ଥିବା ବାଲିଅନ୍ତା ବଜାର, ସାଇଫନ ଛକ, ବେଣ୍ଟପୁର, ଭିଙ୍ଗାରପୁର ଆଦି ଅଞ୍ଚଳରେ ଥିବା ଦୋକାନ ବଜାରକୁ ବନ୍ଦ କରିଦିଆଯାଇଛି। ବାଲିଅନ୍ତା ଥାନା ଆଇଆଇସି ସୁଶାନ୍ତ ରାଉତ ସନ୍ଧ୍ୟାରେ ସମସ୍ତ ଦୋକାନକୁ ବୁଲି ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କଟକଣାକୁ ବ୍ୟବସାୟୀମାନେ ମାନି ଦୋକାନକୁ ବନ୍ଦ କରିଦେଇଥିଲେ। ସନ୍ଧ୍ୟାରେ ଗ୍ରୋସେରି ସାମଗ୍ରୀ କିଣିବାକୁ ଆସି ଲୋକେ ହଟହଟା ହୋଇ ଫେରିଥିଲେ।

## ୪ ହଜାର ମାସ୍କ ବାଣ୍ଟିଲେ, ଲୋକଙ୍କୁ ସଚେତନ କଲେ

ପୁରୁଣା ଭୁବନେଶ୍ୱର, ୨୦।୩ (ଡି.ଏନ.ଏ.)

କରୋନା ଭୂତାଣୁଠାରୁ ଦୂରେଇ ରହିବାକୁ ଆବଶ୍ୟକ ସଚେତନ ପ୍ରଶାସନିକ ସ୍ତରରେ ଚାଲିଛି। ଆବଶ୍ୟକତାକୁ ପୂରଣ ନେଇ ପ୍ରଶାସନ ସଙ୍ଗେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗର ହାତ ବଢାଇଛନ୍ତି। ଏହିକ୍ରମରେ ଏକାମ୍ର ସଙ୍ଗଠନ ପକ୍ଷରୁ ଶୁକ୍ରବାର ବିଏମ୍‌ସି ହସ୍ପିଟାଲରେ ରୋଗୀ ଏବଂ ଡାକ୍ତରଖାନା କର୍ମଚାରୀମାନଙ୍କୁ ମାସ୍କ ବଣ୍ଟନ କରାଯାଇଛି। ଗୁରୁବାର ସଙ୍ଗଠନ ପକ୍ଷରୁ ମଧ୍ୟ ରୁକୁଣା ରଥ ନିର୍ମାଣ ପାଇଁ ନିୟୋଜିତ ଥିବା ୭୨ ମହାରଣାଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। ୨ ଦିନରେ ପ୍ରାୟ ୪ ହଜାର ମାସ୍କ ବଣ୍ଟନ କରାଯାଇଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟରେ ଭାଜପା ରାଜ୍ୟ ଉପସଭାପତି ଅମୀୟ ଦାଶ, ବିଏମସି ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଗଣେଶ ପ୍ରସାଦ ଦାଶ, ସମାଜିକ କର୍ମୀ ଶିବ ପ୍ରସାଦ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲିପାଟଣା,୨୦।୩(ଡି.ଏନ୍.ଏ.)

ବାଲିପାଟଣା ଥାନା ଅନ୍ତର୍ଗତ ଭଅଁରାଗଡ ଜଙ୍ଗଲ ନିକଟରୁ ଶୁକ୍ରବାର ପୋଲିସ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ବନମାଳୀପୁରସ୍ଥିତ ବଡ଼ ନୂଆପାଟଣା ଗ୍ରାମର ମୁନା ବେହେରା। ସୂଚନା ଅନୁଯାୟୀ, ମୁନା ଗତ ୩ଦିନ ହେବ ନିଖୋଜ ଥିଲେ। ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏ ନେଇ ବଡ଼ବାପା ରାମଚନ୍ଦ୍ର ବେହେରା ମୁନା ନିଖୋଜ ଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶୁକ୍ରବାର ଜଙ୍ଗଲ ନିକଟରେ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଦେଖି ବାଲିପାଟଣା ପୋଲିସକୁ ଜଣାଇଥିଲେ। ଖବରପାଇ ବାଲିପାଟଣା ଥାନା ଅଧିକାରୀ ରାଧାକାନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ବାଲିପାଟଣା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ .୧୨/୨୦) ରୁଜୁକରି ତଦନ୍ତ ଚଳାଇଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

ହରପ୍ରୀତ କର୍ପୋରେଶନ୍ ଡିଜିଟାଲ କମ୍ପାନୀ
ଡିଜିଟାଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ ଛାତ/ କ୍ଷେତ ଆବଶ୍ୟକ + ଅଗ୍ରିମ 65 ଲକ୍ଷ + ଭଡ଼ା 45 ହଜାର
ଯୋଗାଯୋଗ:- 9811014559

FINANCE

M GROUP FINANCE COMPANY
M GROUP ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜ୍‌ନେସ୍ ଲୋନ୍, ପ୍ରପର୍ଟି, ମାର୍କଶିଟ୍, ସାଲାରୀ ସ୍ଲିପ୍। ମହିଳାଙ୍କ ପାଇଁ 50% ରିହାତି।
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
9911417461
9911417764

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କସିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ASTROLOGY

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉ।, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765






# ଏଇ ସକାଳକୁ ଅପେକ୍ଷା ଥିଲା

୨୦୨୦
ମାର୍ଚ୍ଚ ୨୦ ଶୁକ୍ରବାର ସକାଳ। ଏହି ସକାଳରେ ଦେଶରେ ଉଇଁଥିଲା ନୂଆ ସୂର୍ଯ୍ୟ। ହେଲେ ସୂର୍ଯ୍ୟୋଦୟ ଦେଖିବାକୁ ଆଉ ଜୀବିତ ନ ଥିଲେ ନିର୍ଭୟାଙ୍କ ବଳାତ୍କାରୀ ଓ ହତ୍ୟାକାରୀମାନେ। ଦୀର୍ଘ ସାତବର୍ଷ ଧରି ଜେଲରେ ରହିବା ପରେ ଫାଶୀଖୁଣ୍ଟରେ ଝୁଲି ଚିରନିଦ୍ରାରେ ଶୋଇଯାଇଛନ୍ତି ଯୌନରାକ୍ଷସମାନେ। ବଳାତ୍କାରର ପରିଣାମ ଫାଶୀ ଛଡ଼ା ଭିନ୍ନ କିଛି ନୁହେଁ ବୋଲି ଏକ ସୁଦୂରପ୍ରସାରୀ ସନ୍ଦେଶ ଦିଆଗଲା ସମାନ ଚରିତ୍ରର କାମାସକ୍ତ ପୁରୁଷଙ୍କୁ। ବଳାତ୍କାର ପୂର୍ବରୁ ଶହେ ଥର ଚିନ୍ତା କରୁ ଯୌନବିକୃତ ମଣିଷ। ନଚେତ୍ ଭୋଗିବ ସମଦଶା। ଭାରତୀୟ ନ୍ୟାୟପାଳିକାର ଏହି କଠୋର ନିଷ୍ପତ୍ତିକୁ ଅବଜ୍ଞା କରିପାରିବେନି କେହି। ସତେ ଯେପରି ଏହା ସ୍ଥିର ହେଲା ଆଜି ନୂତନ ସୂର୍ଯ୍ୟୋଦୟ ସହ, ଯାହାକୁ ଅପେକ୍ଷା କରି ନ ଥିଲେ କେବଳ ନିର୍ଭୟାଙ୍କ ମା’, ବରଂ ଏହି ନିର୍ଣ୍ଣାୟକ ମୁହୂର୍ତ୍ତର ପ୍ରତୀକ୍ଷାରେ ଥିଲା ସାରା ଭାରତ।



## କ’ଣ ଘଟିଥିଲା ସେହି କାଳରାତ୍ରିରେ

**ନୂଆଦିଲ୍ଲୀ,୨୦।୩ :** ୨୦୧୨ ଡିସେମ୍ବର ୧୬ ତାରିଖ ରାତି ୯ଟା ୫୪ ମିନିଟ। ସ୍ଥାନ ଦକ୍ଷିଣ–ପଶ୍ଚିମ ଦିଲ୍ଲୀର ମୁନିର୍କାରେ ଘଟିଥିବା ବର୍ବର ଓ ନୃଶଂସ ଘଟଣା ଦେଶର ଇତିହାସରେ ଯୋଡ଼ିଦେଇଥିଲା ଏକ କଳଙ୍କିତ ଅଧ୍ୟାୟ। ୨୬ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟା ଓ ତାଙ୍କ ପୁରୁଷବନ୍ଧୁ ସେହି ରାତିରେ ସାକେତସ୍ଥିତ ଏକ ହଲ୍‌ରେ ‘ଲାଇଫ୍ ଅଫ୍ ପାଇ’ ଫିଲ୍ମ ଦେଖି ଘରକୁ ଫେରୁଥିଲେ। ଦ୍ୱାରକାସ୍ଥିତ ଘରକୁ ଫେରିବା ପାଇଁ ସେମାନେ ମୁନିର୍କାରେ ଏକ ବସ୍‌ରେ ଚଢ଼ିଥିଲେ। ବସ୍‌ରେ ଡ୍ରାଇଭର ରାମ ସିଂ ଓ ଜଣେ ନାବାଳକଙ୍କୁ ମିଶାଇ ମୋଟ ୬ ଜଣ ଥିଲେ। ସେମାନେ ସମସ୍ତେ ଜଣ ଜଣ କରି ନିର୍ଭୟାଙ୍କୁ ଗଣବଳାତ୍କାର କରିଥିଲେ। ଏହାସହ ନିର୍ଭୟା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଅକଥନୀୟ ଶାରୀରିକ ନିର୍ଯାତନା ଦେଇଥିଲେ। ଏତିକିରେ ସୀମିତ ନ ଥିଲା ସେମାନଙ୍କ ବର୍ବରତା। ଯୌନପିପାସୁମାନେ ନିର୍ଭୟାଙ୍କ ଦେହର ଅତି ସମ୍ବେଦନଶୀଳ ଅଙ୍ଗରେ ଲୁହା ରଡ୍ ପୂରାଇଦେଇଥିଲେ। ଶେଷରେ ସେମାନେ ତାଙ୍କୁ ବସ୍‌ରୁ ତଳକୁ ଫିଙ୍ଗିଦେଇଥିଲେ। ରାତି ୧୧ଟାରେ ତାଙ୍କ ଅନାବୃତ ଦେହ ପଡ଼ିଥିବା ଦେଖି କେତେଜଣ ଲୋକ ଦିଲ୍ଲୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସି ତାଙ୍କୁ ସଫଦରଜଙ୍ଗ୍ ହସ୍ପିଟାଲକୁ ନେଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ନିର୍ଭୟାଙ୍କୁ ଏକ ଏୟାର ଆମ୍ବୁଲାନ୍ସରେ ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ତମାମ ଉଦ୍ୟମ ସତ୍ତ୍ୱେ ଡାକ୍ତରୀ ଦଳ ତାଙ୍କୁ ରକ୍ଷା କରିପାରି ନ ଥିଲେ। ଜୀବନ ଯୁଦ୍ଧରେ ପରାଜିତ ହୋଇ ୨୯ ତାରିଖ ଭୋର ୪ଟା ୪୫ରେ ଆଖି ବୁଜିଦେଇଥିଲେ ନିର୍ଭୟା। ୩୦ ତାରିଖରେ ଦିଲ୍ଲୀରେ କଡ଼ା ପୋଲିସ ସୁରକ୍ଷା ମଧ୍ୟରେ ନିର୍ଭୟାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏହି ବହୁଚର୍ଚ୍ଚିତ ଘଟଣାକୁ ନେଇ ସେତେବେଳେ ବିରୋଧୀ ଦଳରେ ଥିବା ଭାଜପା ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନେତୃତ୍ୱାଧୀନ ଉପା ସରକାରକୁ କାଠଗଡ଼ାରେ ଛିଡ଼ା କରାଇଥିଲା।



ଏହି ବସ୍‌ରେ ନିର୍ଭୟାଙ୍କୁ ଗଣବଳାତ୍କାର କରାଯାଇଥିଲା। ନୂଆଦିଲ୍ଲୀ ସାଗରପୁର ଏରିଆରେ ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି।

## ନ୍ୟାୟ ମିଳିଲା: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୦।୩(ଆଇଏନ୍‌ଏସ୍):** ୪ ନିର୍ଭୟା ଦୋଷୀଙ୍କୁ ଫାଶୀ ଦିଆଯିବା ପରେ ନ୍ୟାୟ ମିଳିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ପ୍ରତିକ୍ରିୟାରେ କହିଛନ୍ତି। ମହିଳାମାନଙ୍କ ମର୍ଯ୍ୟାଦା ଓ ସୁରକ୍ଷା ସୁନିଶ୍ଚିତ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ମୋଦି ଟୁଇଟ୍ କରିଛନ୍ତି। ଆମର ନାରୀଶକ୍ତି ସବୁ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଛନ୍ତି। ଆମକୁ ମିଳିମିଶି ଏପରି ଏକ ରାଷ୍ଟ୍ର ଗଠନ କରିବାକୁ ହେବ ଯେଉଁଠି ମହିଳା ସଶକ୍ତୀକରଣ, ସମାନତା ଓ ସୁଯୋଗକୁ ପ୍ରାଧାନ୍ୟ ଦିଆଯାଉଥିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଖୁସି ବ୍ୟକ୍ତକଲେ ଘାତକ ପବନ



ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଫାଶୀ ଦେଇଥିବାରୁ ବେଶ୍ ଖୁସି ବୋଲି କହିଛନ୍ତି ଘାତକ ପବନ ଜଲ୍ଲାଦ। ଫାଶୀ ଦେଇସାରିବା ପରେ ସେ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମିରଟ ଫେରିଯାଇଛନ୍ତି। ପ୍ରଥମ ଥର ପାଇଁ ସେ ଏକସଙ୍ଗେ ୪ ଜଣଙ୍କୁ ଫାଶୀ ଦେଇଥିବାରୁ ବେଶ୍ ଖୁସି। ଏହିଦିନକୁ ସେ ଅପେକ୍ଷା କରି ରହିଥିଲେ ବୋଲି କହିବା ସହ ଭଗବାନ ଏବଂ ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଜିନ୍ଦାବାଦ୍ ଭିଡ଼ରେ ମୁର୍ଦ୍ଦାବାଦ ସ୍ୱର

**ନୂଆଦିଲ୍ଲୀ,୨୦।୩:** ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଶୁକ୍ରବାର ଭୋର୍ ଠିକ୍ ୫ଟା ୩୦ରେ ଫାଶୀ ଖୁଣ୍ଟରେ ଝୁଲାଯିବା ମାତ୍ରେ ଦିଲ୍ଲୀର ତିହାର ଜେଲ୍ ବାହାରେ ଏକପ୍ରକାର ଉତ୍ସବର ପରିବେଶ ସୃଷ୍ଟି ହୋଇଥିଲା। ଦେଶର କୋଣ ଅନୁକୋଣରୁ ଆସି ରାତିରୁ ରାସ୍ତା ଉପରେ ଏକାଠି ହୋଇ ଉକ୍ତ ସମୟକୁ ଅପେକ୍ଷା କରିଥିବା ଶତାଧିକ ମହିଳା ପୁରୁଷ, ସାମାଜିକ କର୍ମୀ ଓ ଅନ୍ୟମାନେ ଖୁସିରେ ଆତ୍ମହରା ହୋଇପଡ଼ିଥିଲେ। କରୋନା ଭାଇରସ୍ ସଂକ୍ରମଣର ଭୟକୁ ଖାତିର ନ କରି ସେମାନେ ଉତ୍ସବ ମନାଇବା ଆରମ୍ଭ କରିଦେଇଥିଲେ। ‘ନିର୍ଭୟା ଜିନ୍ଦାବାଦ୍’ ଓ ’ଭାରତ ମାତା କି ଜୟ’ ଭଳି ଭଳିକି ଭଳି ସ୍ଲୋଗାନ ଦେବା ସହ ପରସ୍ପରକୁ ମିଠା ଖୁଆଇ ମିଳିଥିବା ବହୁ ପ୍ରତୀକ୍ଷିତ ନ୍ୟାୟକୁ ଭରପୂର ଉପଭୋଗ କରିଥିଲେ। ହେଲେ ଏହି ସମୟରେ ଜିନ୍ଦାବାଦ୍‌ର ଭିଡ଼ ଭିତରୁ ମୁର୍ଦ୍ଦାବାଦ୍‌ର ସ୍ୱର ମଧ୍ୟ ଶୁଣିବାକୁ ମିଳିଥିଲା। କିନ୍ତୁ ଉକ୍ତ ସ୍ୱର ଫାଶୀ ବିପକ୍ଷରେ କି ଦୋଷୀଙ୍କ ସପକ୍ଷରେ ନ ଥିଲା। ଏହା ଥିଲା ଆଇନର ଗଳାବାଟ ଦେଇ ଦୋଷୀଙ୍କୁ ଫାଶୀ ଖୁଣ୍ଟରୁ ଖସାଇବା ଓ ପୂରା ପ୍ରକ୍ରିୟାକୁ ବିଳମ୍ବିତ କରିବାକୁ ବାରମ୍ବାର କୋର୍ଟରେ ପିଟିଶନ ଦାଖଲ କରୁଥିବା ଦୋଷୀଙ୍କ ଓକିଲ ଏ.ପି. ସିଂହଙ୍କ ବିରୋଧରେ। ସେହିପରି ଜେଲ୍ ବାହାରେ ଉପସ୍ଥିତ ଶତାଧିକ ଜନତାଙ୍କ ମଧ୍ୟରୁ ଅନେକଙ୍କ ହାତରେ ଥିବା ପ୍ଲାକାର୍ଡ ଓ ପୋଷ୍ଟରରୁ ଏ.ପି.ସିଂହଙ୍କ କାର୍ଯ୍ୟକୁ ନେଇ ସେମାନେ କେତେ କ୍ଷୁବ୍ଧ ତାହାର ଝଲକ ମଧ୍ୟ ଦେଖିବାକୁ ମିଳିଥିଲା।


ଫାଶୀ ବେଳେ ଜେଲ ବାହାରେ ଉତ୍ସବ ମନାଉଛନ୍ତି ଲୋକେ।

## ‘କନ୍ୟାଙ୍କ ପାଇଁ ସୂର୍ଯ୍ୟୋଦୟ ଆଣିଲା ଆଶାର କିରଣ’

୪ ଦୋଷୀଙ୍କୁ ଶୁକ୍ରବାର ସକାଳେ ଫାଶୀ ଦିଆଯିବା ଖବର ଟେଲିଭିଜନ ପରଦାରେ ଦେଖିବା ପରେ ନିର୍ଭୟାଙ୍କ ମାଆ ଆଶାଦେବୀ ଆଶ୍ୱସ୍ତ ହୋଇଥିଲେ। ସେ ଖୁସିରେ ନିଜର ଆତ୍ମୀୟମାନଙ୍କୁ ଆଲିଙ୍ଗନ କରିଥିଲେ। ଶୁକ୍ରବାରର ସୂର୍ଯ୍ୟୋଦୟ ଭାରତର କନ୍ୟାମାନଙ୍କ ପାଇଁ ନୂଆ ଆଶାର କିରଣ ଆଣିଥିବା ଭାବବିହ୍ୱଳ ହୋଇ କହିଥିଲେ ଆଶାଦେବୀ। ୨୦୧୨ ଡିସେମ୍ବର ୧୬ ତାରିଖର ଶୀତୁଆ ରାତିରେ ଚଳନ୍ତା ବସ୍‌ରେ ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଗଣବଳାତ୍କାର କରିଥିବା ୬ ଜଣଙ୍କ ମଧ୍ୟରୁ ୪ ଜଣ ଅକ୍ଷୟ, ପବନ, ବିନୟ ଓ ମୁକେଶଙ୍କୁ ଶୁକ୍ରବାର ସକାଳ ୫ଟା ୩୦ରେ ଫାଶୀଖୁଣ୍ଟରେ ଝୁଲାଯାଇଥିଲା। ୭ ବର୍ଷ ୩ ମାସ ହେଲା ନିର୍ଭୟାଙ୍କ ମା’ବାପା ନ୍ୟାୟ ପାଇଁ ଚଳାଇଥିବା ଲଢ଼େଇର ଅନ୍ତ ହୋଇଛି। କେବଳ ନିର୍ଭୟା ନୁହନ୍ତି, ସାରା ଦେଶ ୨୦୧୨ ଡିସେମ୍ବର ୧୬ ଘଟଣାରେ ଦୋହଲି ଯାଇଥିଲା। ଏହି ଦିନକୁ ତାଙ୍କର ଦୀର୍ଘଦିନର ପ୍ରତୀକ୍ଷା ଥିଲା। ଦେଶର ଆଇନ ବ୍ୟବସ୍ଥା ଉପରେ ତାଙ୍କର ଭରସା ଥିଲା ବୋଲି ନିର୍ଭୟାଙ୍କ ମା’ ତାଙ୍କ ବାସଭବନ ବାହାରେ ଜମା ହୋଇଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି। ୪ ଦୋଷୀଙ୍କୁ ଫାଶୀ ଯୌନ ହିଂସା ବିରୋଧରେ ଏକ ବଳିଷ୍ଠ ବାର୍ତ୍ତା। ଝିଅମାନଙ୍କ ସୁରକ୍ଷା ପାଇଁ ଆମର ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି।



## ନିର୍ଭୟା ପାଣ୍ଠିକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ନିର୍ଭୟା ଦୋଷୀଙ୍କୁ ଫାଶୀ ପରେ ନ୍ୟାୟ ମିଳିଲା ବୋଲି କଂଗ୍ରେସ କହିଛି। ତେବେ ପ୍ରକ୍ରିୟାଗତ ବିଳମ୍ବ ପାଇଁ ଦୁର୍ବଳ ବ୍ୟବସ୍ଥାକୁ ଦାୟୀ କରିଛି କଂଗ୍ରେସ। ଗତ ୫ ବର୍ଷ ମଧ୍ୟରେ ମହିଳାମାନଙ୍କ ପ୍ରତି ଅପରାଧ ବଢ଼ିଛି। ଆଇନରେ ସଂସ୍କାର ଆବଶ୍ୟକ ବୋଲି କଂଗ୍ରେସ ମୁଖପାତ୍ର ଆମି ଯାଜ୍ଞିକ କହିଛନ୍ତି। ୨୦୧୨ ନିର୍ଭୟା ମାମଲା ପରେ ଉପା ସରକାର ନିର୍ଭୟା ପାଣ୍ଠି ନାମରେ ୧୦୦ କୋଟି ମଞ୍ଜୁର କରିଥିଲେ। ୭ ବର୍ଷ ପରେ ମହିଳାଙ୍କ ସୁରକ୍ଷା ଏହି ପାଣ୍ଠିରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତା’ର ହିସାବ ନାହିଁ।

## ‘ମା’ କହିବାରୁ ଲଢ଼ିଥିଲି ମାମଲା’

ଦୋଷୀଙ୍କୁ ବଞ୍ଚାଇବା ଲାଗି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମାମଲା ଲଢ଼ିଥିବା ଓକିଲ ଅଜୟ ପ୍ରକାଶ ସିଂ ମୁହଁ ଖୋଲିଛନ୍ତି। ମା’ଙ୍କ କହିବା ଅନୁଯାୟୀ ସେ ଏହି ମାମଲା ଲଢ଼ିଥିବା ପ୍ରକାଶ କରିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି, ଦୋଷୀ ଅକ୍ଷୟଙ୍କୁ ତିହାର ଜେଲରେ ଭେଟିବାକୁ ତାଙ୍କ ସ୍ତ୍ରୀ ବିହାରରୁ ଆସିବା ପରେ ମୋ ମୋବାଇଲ ନମ୍ବର ସଂଗ୍ରହ କରିବା ସହ ମା’ଙ୍କୁ ମଧ୍ୟ ଘରେ ଭେଟିଥିଲେ। ଘରକୁ ଫେରିବା ପରେ ତାଙ୍କଠାରୁ କୋହଭରା କଥା ଶୁଣିଥିବା ମୋ ମା’ ମାମଲା ଲଢ଼ିବା ଲାଗି ମୋତେ ବାଧ୍ୟ କରିଥିଲେ। ମା’ ଅତି ସରଳ, ସାଦାସିଧା ଓ ଠାକୁର ବିଶ୍ୱାସୀ। ଏଭଳି ମାମଲାର ଫଳାଫଳ କ’ଣ ହୁଏ, ବୁଝାଇବାକୁ ଚେଷ୍ଟା କରିଥିଲେ ହେଁ, ମା’ଙ୍କ ଅନୁରୋଧ ରକ୍ଷାକରି ଏହି ମାମଲା ଲଢ଼ିଥିବା ସିଂ କହିଛନ୍ତି। ବିଭିନ୍ନ ଓକିଲ, ସାମାଜିକ ସଙ୍ଗଠନ ପକ୍ଷରୁ ମୋତେ ଏଥିଲାଗି ସମାଲୋଚନା କରାଯାଇଥିଲା। ହେଲେ ଏତେ ରାତିରେ ବୟଫ୍ରେଣ୍ଡ ସହ ସେ କ’ଣ କରୁଥିଲେ କେହି ପ୍ରଶ୍ନ କରୁନାହାନ୍ତି। ମାମଲାର ଅନେକ ଫର୍ଦ୍ଦ ବାକିଥିବା ବେଳେ ଏହାର ଶୁଣାଣି ନ କରି ଫାଶୀ ଦିଆଯିବା ମାନବାଧିକାରର ଉଲ୍ଲଂଘନ ବୋଲି ସିଂ ପ୍ରକାଶ କରିଛନ୍ତି।


ଓକିଲ ଅଜୟ ପ୍ରକାଶ ସିଂ

‘ମୋ ଝିଅ କି ଭଉଣୀ ପ୍ରି- ମାରିଟାଲ ସେକ୍ସରେ ସମ୍ପୃକ୍ତ ଥିବା ଜାଣିଲେ, ସମସ୍ତଙ୍କ ଆଗରେ ପେଟ୍ରୋଲ ପକାଇ ଜାଳିଦେବି’।

## ନିର୍ଭୟା ମାମଲାର ୬ ଦୋଷୀ

ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର, ହତ୍ୟା ମାମଲାରେ ୬ ଦୋଷୀଙ୍କ ମଧ୍ୟରୁ ୪ଙ୍କୁ ଶୁକ୍ରବାର ଭୋର୍‌ରେ ଫାଶୀ ଦିଆଯାଇଛି। ୨୦୧୨ ଡିସେମ୍ବର ୧୬ରେ ଜଣେ ପୁରୁଷ ବନ୍ଧୁଙ୍କ ସହ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ଏକ ବସ୍‌ରେ ଯାଉଥିବା ବେଳେ ତାଙ୍କୁ ଗଣବଳାତ୍କାର କରାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ଅଭିଯୁକ୍ତମାନେ ଚାଲିଯାଇଥିଲେ। ପରେ ସିଙ୍ଗାପୁର ହସ୍ପିଟାଲରେ ପୀଡ଼ିତା ପ୍ରାଣ ହରାଇଥିଲେ। ଦୀର୍ଘ ୭ ବର୍ଷକାଳ ଆଇନ ଯୁଦ୍ଧ ପରେ ୬ ଦୋଷୀଙ୍କ ମଧ୍ୟରୁ ୪ଙ୍କୁ ଫାଶୀ ଦିଆଯାଇଥିଲା। ପୂର୍ବରୁ ତିହାର ଜେଲରେ ଅଭିଯୁକ୍ତ ତଥା ବସ୍ ଡ୍ରାଇଭର ରାମ ସିଂ ଆତ୍ମହତ୍ୟା କରିଥିବା ବେଳେ ଆଉ ଜଣେ ନାବାଳକ ରିମାଣ୍ଡ ହୋମକୁ ଯାଇ ୨୦୧୫ରେ ମୁକ୍ତ ହୋଇଥିଲେ। ନିର୍ଭୟା ମାମଲାରେ ୬ ଦୋଷୀଙ୍କ ସମ୍ପର୍କରେ ବିସ୍ତୃତ ଭାବେ ନିମ୍ନରେ ଉଲ୍ଲେଖ କରାଯାଇଛି।

**ରାମ ସିଂ:** ନିର୍ଭୟା ମାମଲାର ୬ ଦୋଷୀଙ୍କ ମଧ୍ୟରୁ ରାମ୍ ସିଂ ଅନ୍ୟତମ। ପୀଡ଼ିତାଙ୍କୁ ଯେଉଁ ବସ୍‌ରେ ଗଣବଳାତ୍କାର କରାଯାଇଥିଲା, ସେଇ ବସ୍‌ର ଡ୍ରାଇଭର ହେଉଛନ୍ତି ସେ। ପ୍ରଥମ ଅଭିଯୁକ୍ତ ଭାବେ ତାଙ୍କୁ ପ୍ରଥମେ ନିଜ ଘରୁ ଗିରଫ କରାଯାଇଥିଲା। ଦକ୍ଷିଣ ଦିଲ୍ଲୀର ରବି ଦାସ କ୍ୟାମ୍ପ୍ ସ୍ଲମ୍ କଲୋନୀରେ ତାଙ୍କ ଘର। ତାଙ୍କୁ ଗିରଫ କରାଯିବା ପରେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ପୋଲିସକୁ ସହଜ ହୋଇଥିଲା। ରାମ ସିଂ ୨୦୧୩, ମାର୍ଚ୍ଚ ୧୦ରେ ତିହାର ଜେଲରେ ଦଉଡ଼ିଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ତେବେ ପରିବାର ପକ୍ଷରୁ ତାଙ୍କୁ ଜେଲରେ ହତ୍ୟା କରାଯାଇଥିବା ଅଭିଯୋଗ ଅଣାଯାଇଥିଲା।

**ମୁକେଶ୍ ସିଂ:** ନିର୍ଭୟା ମାମଲାର ଅନ୍ୟତମ ଦୋଷୀ ହେଉଛନ୍ତି ରାମ ସିଂଙ୍କ ଭାଇ ମୁକେଶ୍ ସିଂ। ଶୁକ୍ରବାର ଭୋର୍‌ରେ ତାଙ୍କୁ ତିହାର ଜେଲ ପରିସରରେ ଫାଶୀ ଦିଆଯାଇଛି। ତାଙ୍କୁ ରାଜସ୍ଥାନର କରୋଲିରୁ ଗିରଫ କରାଯାଇଥିଲା। ଅପରାଧ ଘଟାଇବା ପରେ ଗିରଫଦାରିରୁ ବର୍ତ୍ତିବା ପାଇଁ ସେ ସେଠାକୁ ଚାଲିଯାଇଥିଲେ। ପରେ ପୋଲିସ ଜାଲ ବିଛାଇ ସେଠାରୁ ତାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା।

**ପବନ୍ ଗୁପ୍ତା:** ଫଳ ବ୍ୟବସାୟୀ ପବନ୍ ଗୁପ୍ତା ନିର୍ଭୟା ମାମଲାର ଅନ୍ୟତମ ଦୋଷୀ। ଦକ୍ଷିଣ ଦିଲ୍ଲୀର ରବି ଦାସ କ୍ୟାମ୍ପ୍‌ରେ ତାଙ୍କ ଘର। ସେହିଠାରୁ ହିଁ ପୋଲିସ ତାଙ୍କୁ ଗିରଫ କରିଥିଲା। ରାମ ସିଂଙ୍କ ଘରେ ଚଢାଉ କରିବା ପରେ ତାଙ୍କଠାରୁ ସୂଚନା ପାଇ ପବନ୍‌ଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଫୋନ୍ ଡାଟାରୁ ସେ ଉକ୍ତ ବସ୍‌ରେ ସେଇଦିନ ଥିବା ସ୍ପଷ୍ଟ ହୋଇଥିଲା। କିନ୍ତୁ ତାଙ୍କ ପରିବାର ପକ୍ଷରୁ ସେଦିନ ସେ ବସ୍‌ରେ ନ ଥିବା କୁହାଯାଇଥିଲା। ମିଛରେ ପବନ୍‌ଙ୍କ ନାମକୁ ଯୋଡ଼ାଯାଇଥିବା ଅଭିଯୋଗ ମଧ୍ୟ କରାଯାଇଥିଲା। ଦୋଷୀସାବ୍ୟସ୍ତ ହେବା ପରେ ଶୁକ୍ରବାର ସକାଳେ ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଛି।

**ବିନୟ ଶର୍ମା:** ରବି ଦାସ କ୍ୟାମ୍ପ୍‌ରେ ରହୁଥିବା ବିନୟ ଜଣେ ଜିମ୍ ଟ୍ରେନର। ତାଙ୍କୁ ଜିମ୍ ବାହାରୁ ପୋଲିସ ଗିରଫ କରିଥିଲା। ଘଟଣାଦିନ ସେ ବସ୍‌ରେ ନ ଥିବା ଓ ଏକ ମ୍ୟୁଜିକ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପୋଲିସକୁ କହିଥିଲେ। ୨୦୧୬ରେ ସେ ତିହାର ଜେଲ ଭିତରେ ଆତ୍ମହତ୍ୟା କରିବା ଲାଗି ପ୍ରୟାସ କରିଥିବା ଅଭିଯୋଗ ହୋଇଥିଲା। କିନ୍ତୁ ସେଦିନ ସେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ଗତ ଫେବୃୟାରୀରେ ସେ ନିଜ ମୁଣ୍ଡ ଜେଲ କାନ୍ଥରେ ପିଟି ସାମାନ୍ୟ ଆହତ ହୋଇଥିଲେ। ଶୁକ୍ରବାର ଭୋର୍‌ରେ ତାଙ୍କୁ ତିହାର ଜେଲ ପରିସରରେ ଫାଶୀ ଦିଆଯାଇଛି।

**ଅକ୍ଷୟ କୁମାର ସିଂ:** ନିର୍ଭୟାଙ୍କୁ ଗଣବଳାତ୍କାର କରାଯାଇଥିବା ବସ୍‌ର କ୍ଲିନର ହେଉଛନ୍ତି ଅକ୍ଷୟ। ଡ୍ରାଇଭର ରାମ ସିଂଙ୍କ ସହ ସେ ବସ୍‌ରେ କାମ କରୁଥିଲେ। ତାଙ୍କୁ ପୋଲିସ ବିହାରର ମାଓବାଦୀ ପ୍ରବଣ ତଣ୍ଡୱା ଗ୍ରାମରୁ ଗିରଫ କରିଥିଲା। ଫାଶୀର ୩ ଦିନ ପୂର୍ବରୁ ସେ ରାଷ୍ଟ୍ରପତଙ୍କ ନିକଟରେ ଦ୍ୱିତୀୟ ରାଜକ୍ଷମା ଆବେଦନ କରିଥିଲେ। ତାଙ୍କ ସ୍ତ୍ରୀ ବିଧବା ହୋଇ ନ ରହିବା ଲାଗି ବିହାର କୋର୍ଟରେ ଛାଡ଼ପତ୍ର ଆବେଦନ କରିଥିଲେ।

**ନାବାଳକ:** ଏହି ମାମଲାରେ ଧରାପଡିଥିବା ଆଉଜଣେ ଅପରାଧ ବେଳେ ନାବାଳକ ଥିଲେ। ପୁରୁଷ ବନ୍ଧୁଙ୍କ ସହ ନିର୍ଭୟାଙ୍କୁ ସେ ବସ୍‌କୁ ନେଇଥିଲେ। ତାଙ୍କୁ ପୋଲିସ ଆନନ୍ଦ ବିହାରରୁ ଗିରଫ କରିଥିଲା। ନାବାଳକ ହୋଇଥିବାରୁ ତାଙ୍କୁ ସୁଧାରଗୃହକୁ ପଠାଇ ଦିଆଯାଇଥିଲା। ୨୦୧୫ ଡିସେମ୍ବରରେ ତାଙ୍କୁ ମୁକ୍ତ କରାଯାଇଥିଲା।

## ବର୍ବରତା ପାଇଁ ମନେରହିବେ


ରବିଦାସ କ୍ୟାମ୍ପ ସ୍ଲମ୍‌ରେ ଦୋଷୀ ମୁକେଶ, ପବନ, ଅକ୍ଷୟ ଓ ବିନୟଙ୍କ ଘର ।



ଅତିଟା ସବୁକ୍ଷେତ୍ରରେ ଖରାପ, ଯେପରି ଅତି ମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।
- ଭଲ୍‌ଟାୟର



## ସଂକ୍ଷେପରେ

### ବନ୍ଦ ରହିବ ଠିପି ଖୋଲା ମଦ ଦୋକାନ

**ଭୁବନେଶ୍ୱର,୨୦।୩ (ବ୍ୟୁରୋ):** ରାଜ୍ୟ ସରକାର କରୋନା ସଂକ୍ରମଣ ରୋକିବା ଲାଗି ସମସ୍ତ ଠିପି ଖୋଲା ମଦ ଦୋକାନକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ଏନେଇ ସବୁ ଜିଲାର ଜିଲାପାଳଙ୍କୁ ଅବକାରୀ ବିଭାଗ ସଚିବ ଚିଠି ଲେଖି ଜଣାଇଛନ୍ତି। ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶକୁ ପାଳନ କରିବାକୁ କୁହାଯାଇଛି। କେବଳ ଠିପି ବନ୍ଦ ମଦ ଦୋକାନ ଖୋଲା ରହିବ। ଲୋକମାନେ ସେଠାରୁ ମଦ କିଣି ଘରେ ପିଇପାରିବେ। ହେଲେ ମଦ ଆଣିବା ପାଇଁ ଦୋକାନକୁ ଗଲେ ଗ୍ରାହକମାନେ ପରସ୍ପର ମଧ୍ୟରେ ଏକ ମିଟର ଦୂରତା ରଖିବାକୁ ସରକାର ପରାମର୍ଶ ଦେଇଛନ୍ତି।

### ଓଏଚ୍‌ଆର୍‌ସିରେ ୩୧ ପର୍ଯ୍ୟନ୍ତ ଶୁଣାଣି ସ୍ଥଗିତ

**ଭୁବନେଶ୍ୱର,୨୦।୩ (ବ୍ୟୁରୋ):** ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ରେ ହେବାକୁ ଥିବା ଶୁଣାଣି ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରହିବ। କରୋନା ଭାଇରସ ସଂକ୍ରମଣ ରୋକିବା ପାଇଁ କମିଶନ ଏହି ନିଷ୍ପତ୍ତି ନେଇଛନ୍ତି। ଶୁଣାଣି ସମୟରେ ସାଧାରଣତଃ କମିଶନଙ୍କ କାର୍ଯ୍ୟାଳୟରେ ଲୋକଙ୍କ ଗହଳି ହୋଇଥାଏ। ଭାଇରସ୍ ନ ବ୍ୟାପିବା ପାଇଁ ଗହଳି କିମ୍ବା ଭିଡ଼କୁ ସମ୍ପୂର୍ଣ୍ଣ ଏଡ଼ାଇବା ଲାଗି ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ଶୁଣାଣିକୁ ସ୍ଥଗିତ ରଖାଯାଇଥିବାରୁ କୌଣସି ପକ୍ଷ ଓଏଚ୍‌ଆର୍‌ସିକୁ ଆସିବାର ଆବଶ୍ୟକତା ନାହିଁ। ଯଦି ମାମଲା ଗୁରୁତ୍ୱପୂର୍ଣ୍ଣ ଥାଏ, ତେବେ ପକ୍ଷମାନେ କମିଶନଙ୍କ ନିକଟରେ ଇମେଲ କିମ୍ବା ଫାକ୍ସ ଯୋଗେ ପିଟିଶନ ଦାଖଲ କରିପାରିବେ ବୋଲି ଓଏଚ୍‌ଆର୍‌ସି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

### କ୍ୱାରାଣ୍ଟାଇନ୍ ଥିବା ହୋଟେଲ କର୍ମଚାରୀଙ୍କୁ ଘର ମାଲିକ ହଇରାଣ କଲେ ପଦକ୍ଷେପ

**ଭୁବନେଶ୍ୱର,୨୦।୩(ବ୍ୟୁରୋ):** କରୋନା ସଂକ୍ରମଣରୁ ଲୋକଙ୍କୁ ରକ୍ଷା କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରର ୩ ହୋଟେଲକୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ପରିଣତ କରାଯାଇଛି। ଜୟଦେବ ବିହାର, କଳ୍ପନା ଛକ ଓ ଶହୀଦନଗରସ୍ଥିତ ଏକ ହୋଟେଲରେ ବିଏମ୍‌ସି ଦେୟଯୁକ୍ତ କ୍ୱାରାଣ୍ଟାଇନ୍ ସେଣ୍ଟର କରିଛନ୍ତି। ହସ୍ପିଟାଲରେ ରହିବାକୁ ରାଜି ହେଉ ନ ଥିବା ଲୋକେ ଅର୍ଥ ପୈଠକରି ହୋଟେଲ କ୍ୱାରାଣ୍ଟାଇନ୍‌ରେ ରହିପାରିବେ। ଏବେ ଏହି ହୋଟେଲଗୁଡ଼ିକର କର୍ମଚାରୀମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି କର୍ମଚାରୀମାନେ ଭଡ଼ା ରହୁଥିବା ଘରର ମାଲିକମାନେ ସେମାନଙ୍କୁ ଘର ଛାଡ଼ିବାକୁ ବାଧ କରୁଥିବା ଅଭିଯୋଗ ହୋଇଛି। ଏପରି କି କେତେକ ମାଲିକ ସେମାନଙ୍କୁ ଘରେ ପଶିବାକୁ ମଧ ଦେଉନାହାନ୍ତି। ଏନେଇ ଶୁକ୍ରବାର ଗଣମାଧ୍ୟମ ପ୍ରତିନିଧିମାନେ କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଭଳି ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ଫସି ରହିଛନ୍ତି ଶତାଧିକ ବିଦେଶୀ ପର୍ଯ୍ୟଟକ

**ଭୁବନେଶ୍ୱର,୨୦।୩(ବ୍ୟୁରୋ)**

- ଖାଇବାକୁ ମିଳୁନି, ଖୋଲା ଆକାଶତଳେ ଶୋଉଛନ୍ତି
- କରୋନା ଆଳରେ ଅସଦାଚରଣ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ସମଗ୍ର ଦେଶରେ କଟକଣା ଜାରି ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ମାର୍ଚ୍ଚ ୨୨ରୁ ଗୋଟିଏ ସପ୍ତାହ ଲାଗି ସମସ୍ତ ଅନ୍ତର୍ଜାତୀୟ ବିମାନ ସେବାକୁ ବାତିଲ ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଟ୍ରେନ୍ ଓ ବସ୍ ସେବା ମଧ୍ୟ ବ୍ୟାପକଭାବେ ପ୍ରଭାବିତ ହୋଇଛି। ଏଭଳିସ୍ଥଳେ ଓଡ଼ିଶାରେ ଫସି ରହିଛନ୍ତି ଶତାଧିକ ବିଦେଶୀ ପର୍ଯ୍ୟଟକ। ନିଜ ଦେଶକୁ ଫେରି ନ ପାରି ଏଣେ ତେଣେ ବୁଲୁଛନ୍ତି। ବିଦେଶୀ ପର୍ଯ୍ୟଟକଙ୍କୁ ଦେଖିଲେ ଅଧିକାଂଶ ହୋଟେଲ ସେମାନଙ୍କୁ ରଖିବାକୁ ସିଧା ମନା କରିଦେଉଛନ୍ତି। ଏପରି କି ହାତରେ କୋଭିଡ୍-୧୯ ଟେଷ୍ଟ ରିପୋର୍ଟ ଥିଲେ ମଧ୍ୟ କେହି ଶୁଣିବାକୁ ନାରାଜ। ଯେତେ ନେହୁରା ହେଲେ ମଧ୍ୟ ରୁମ୍ ଦେବାକୁ କେହି ରାଜି ହେଉନାହାନ୍ତି। ସେହିଭଳି ଖାଇବାକୁ ଚାହିଁଲେ ହୋଟେଲ କର୍ତ୍ତୃପକ୍ଷ ମନା କରୁଛନ୍ତି। ପରିସ୍ଥିତି ଏଭଳି ହୋଇଛି ବିଦେଶୀ ପର୍ଯ୍ୟଟକମାନେ ଦିନସାରା ଏଠିସେଠି ବୁଲିବୁଲି ନିରାଶ ହୋଇ ଖୋଲା ଆକାଶ ତଳେ ରାତି ବିତାଉଛନ୍ତି।

ନିକଟରେ ୟୁରୋପରୁ ଆସିଥିବା ଜଣେ ପର୍ଯ୍ୟଟକ ଏଭଳି ହଟହଟାର ଶିକାର ହୋଇଥିବା ଦେଖିବାକୁ ମିଳିଥିଲା। କରୋନା ପରୀକ୍ଷା ନେଗେଟିଭ୍ ରିପୋର୍ଟ ଦେଖାଇଥିଲେ ମଧ୍ୟ ତାଙ୍କୁ ହୋଟେଲ ମିଳି ନ ଥିଲା କି କ୍ୟାବ୍, ଅଟୋରେ ନେବାକୁ କେହି ରାଜି ହୋଇ ନ ଥିଲେ। ଏପରି କି ରେଷ୍ଟୁରାଣ୍ଟରେ ବସାଇ ଖାଇବାକୁ ଦେବାକୁ ମଧ୍ୟ କେହି ଚାହିଁ ନ ଥିଲେ। ଫଳରେ ଆଇଜି ପାର୍କରେ ପଡ଼ି ରହିଥିଲେ ଏହି ବିଦେଶୀ ପର୍ଯ୍ୟଟକ। ସୌଭାଗ୍ୟବଶତଃ ଖବରଦାତା ସତ୍ୟବ୍ରତ ଜେନାଙ୍କ ସହାୟତା ପରେ ସେ ନିଜ ଦେଶକୁ ଫେରିଥିବାବେଳେ ଏବେ ବି ଅନେକ ବିଦେଶୀ ପର୍ଯ୍ୟଟକ ହନ୍ତସନ୍ତ ହେଉଛନ୍ତି। ଓଡ଼ିଶା ବୁଲିବାକୁ ଡେନ୍‌ମାର୍କରୁ ଆସିଥିବା ଏକ ପର୍ଯ୍ୟଟକ ଦଳ ରାଜ୍ୟରେ ଫସି ରହି ନାନା ହଟହଟାର ଶିକାର ହେଉଛନ୍ତି। ସେହିଭଳି ଇଟାଲୀ, ଇଂଲଣ୍ଡ, ଆମେରିକା, ଜର୍ମାନ ସମେତ ବିଭିନ୍ନ ୟୁରୋପୀୟ ରାଷ୍ଟ୍ରରୁ ଆସିଥିବା ପର୍ଯ୍ୟଟକ ଏବେ ବି ରାଜ୍ୟରେ ଫସି ରହିଛନ୍ତି। ଏନେଇ ପର୍ଯ୍ୟଟନ ବିଭାଗ ଅସନ୍ତୋଷ ପ୍ରକାଶ କରିଛି। ବିଦେଶୀ ପର୍ଯ୍ୟଟକମାନଙ୍କୁ ହୋଟେଲରେ ରହଣୀ ପାଇଁ ମନା ନ କରିବାକୁ ବିଭାଗ ନିର୍ଦ୍ଦେଶ ଦେଇଥିବାବେଳେ ଆବଶ୍ୟକ ସ୍ଥଳେ ପର୍ଯ୍ୟଟକଙ୍କ ସ୍କ୍ରିନିଂ ତଥା ମେଡିକାଲ ଟେଷ୍ଟିଂ କରିବାକୁ କୁହାଯାଇଛି। ବିଦେଶୀ ପର୍ଯ୍ୟଟକଙ୍କ ଡାଟାବେସ୍ ପ୍ରସ୍ତୁତ କରି ପର୍ଯ୍ୟଟନ ବିଭାଗ ଅଧିକାରୀଙ୍କ ସମେତ ସ୍ଥାନୀୟ ପୋଲିସଙ୍କୁ ସେମାନଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପଟେ କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ ବିଦେଶୀ ପର୍ଯ୍ୟଟକଙ୍କୁ ଯଦି କରୋନା ଆଳରେ କେହି ଅସଦାଚରଣ ନଜର ଆସେ ତା'ହେଲେ ସେମାନଙ୍କ ପ୍ରତି ଦୃଢ଼ରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଘୃଣା କରିବା ପରିବର୍ତ୍ତେ ମଣିଷପଣିଆ ଦେଖାଇବାକୁ ସେ ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେଇଛନ୍ତି।



ରାଜଧାନୀରେ ଜଣେ ବିଦେଶୀ ନାଗରିକ।



କରୋନା କଟକଣା ପରେ ଶୁକ୍ରବାର ପୁରୀ ଦିଗବାରେଣୀ ଛକଠାରୁ ଲାଇଟ୍ ହାଉସ୍ ପର୍ଯ୍ୟନ୍ତ ବେଳାଭୂମି ଓ ରାସ୍ତା ଜନଶୂନ୍ୟ।

## ଅଟୋ ଚାଳକଙ୍କୁ ପିଟିଲେ ଯୁବତୀ

**ଭୁବନେଶ୍ୱର,୨୦।୩ (ବ୍ୟୁରୋ)**

ଶୁକ୍ରବାର ଅଟୋ ଭଡ଼ାକୁ କେନ୍ଦ୍ରକରି ଶହୀଦନଗର ଥାନା ବାଣୀବିହାର ଛକରେ ଅପ୍ରୀତିକର ଘଟଣା ଦେଖିବାକୁ ମିଳିଛି। ଅଟୋ ଭଡ଼ା ଅଧିକ ନେବା କାରଣରୁ ଚାଳକଙ୍କୁ ଯୁବତୀ ଜଣକ ବିଚ୍ ରାସ୍ତାରେ ପିଟିଥିଲେ। ସମସ୍ତେ ଦେଖୁଥିଲେ ମଧ୍ୟ କେହି ଅଟକାଇ ନ ଥିଲେ। ଶେଷରେ ମାମଲା ଥାନାରେ ପହଞ୍ଚିଥିଲା। ଉଭୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏନେଇ ଦୁଇଟି ପୃଥକ ମାମଲା ରୁଜୁ କରି ସିଆରପିସି ୪୧ରେ ଉଭୟଙ୍କୁ ନୋଟିସ ଦେଇଛି।

ସୂଚନାଯୋଗ୍ୟ,ଯୁବତୀ ଜଣକ ମାଷ୍ଟରକ୍ୟାଣ୍ଟିନରୁ ବାଣୀବିହାର ଆସିଥିଲେ। ଡ୍ରାଇଭର ଜଣକ ତାଙ୍କୁ ୨୦ ଟଙ୍କା ଭଡ଼ା ମାଗିଥିଲେ। ଯୁବତୀ ଜଣକ ୧୫ ଟଙ୍କା ଦେଇଥିଲେ। ଡ୍ରାଇଭର କହିଥିଲେ ୨୦ଟଙ୍କାରୁ ଟଙ୍କାଟେ କମ୍ ହେବନି। ଯୁବତୀ ମଧ୍ୟ ତାଙ୍କ ଜିଦ୍‌ରେ ଅଟଳ ରହି କହିଥିଲେ,୧୫ଟଙ୍କାରୁ ଟଙ୍କାଟେ ଅଧିକ ଦେବିନି। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଶେଷରେ ଯୁବତୀ ଜଣକ ଡ୍ରାଇଭରଙ୍କୁ ଅଟୋରୁ ଘୋଷାଡ଼ି ଆଣି ରାସ୍ତା ମଝିରେ ନିସ୍ତୁକ ପିଟିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ବିଶ୍ୱରଞ୍ଜନ



ସଞ୍ଜୟ



ଦୀପା



ଲିଙ୍ଗରାଜ



କ୍ଷୀରୋଦ



ରାକେଶ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ଅସୁସ୍ଥ ମାଈହାତୀର ମୃତ୍ୟୁ

**ନିରାକାରପୁର, ୨୦।୩ (ଡି.ଏନ୍.ଏ.)**

- ଦୁଇଦିନ ଧରି ଖରାବର୍ଷାରେ ପଡିରହିଥିଲା
- ରାତିଅଧିଆ ମୃତଦେହ ଉଠାଇନେଲା ବନ ବିଭାଗ

ଖୋର୍ଦ୍ଧା ବନଖଣ୍ଡର ଟାଙ୍ଗୀ ବନ ବିଭାଗ ଅଧୀନ ଚାରବାଟିଆ ଗହିର ଜମିରେ ବୁଧବାରଠାରୁ ଅସୁସ୍ଥ ଅବସ୍ଥାରେ ପଡିରହିଥିବା ଏକ ମାଈ ହାତୀର ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ଦୁଇଦିନ ଧରି ହାତୀଟି ଖରାବର୍ଷାରେ ପଡିରହିଥିବାବେଳେ ଚିକିତ୍ସା ଅବହେଳାରୁ ତା'ର ମୃତ୍ୟୁ ଘଟିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ବୁଧବାର ସକାଳେ ହାତୀଟି ପଡିରହିଥିବା ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ପରେ ଭୁବନେଶ୍ୱର ଓୟୁଏଟିର ଡାକ୍ତରୀ ଦଳ ପହଞ୍ଚି ହାତୀର ଚିକିତ୍ସା କରି ଫେରିଯାଇଥିଲେ। ବୁଧବାର ଓ ଗୁରୁବାର ପ୍ରଚଣ୍ଡ ଖରା ସାଙ୍ଗକୁ ସନ୍ଧ୍ୟାରେ ବର୍ଷାମାଡ଼ ଖାଇ ହାତୀଟି ସେଠାରେ ପଡିରହିଥିଲା। ଗୁରୁବାର ଅସୁସ୍ଥ ହାତୀ ନିକଟରେ କେତେଜଣ ୱାଚରଙ୍କୁ ଛାଡିଦେଲେ ବନ ବିଭାଗର କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ଦେଖା ନ ଥିଲା। ଉପଯୁକ୍ତ ଚିକିତ୍ସା ନ ପାଇ ଶେଷରେ ହାତୀଟି ପ୍ରାଣ ହରାଇଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ରାତିରେ ପହଞ୍ଚି ଆଖପାଖ ଲୋକଙ୍କ ସହାୟତାରେ ମୃତ ହାତୀକୁ ଟାଙ୍ଗୀ ରେଞ୍ଜ କାର୍ଯ୍ୟାଳୟ ପରିସରକୁ ଆଣିଥିଲେ। ଏ ନେଇ ଭୂଷଣ୍ଡପୁର ଫରେଷ୍ଟର ଗୋଦାବରୀଶ ହୋତା କହନ୍ତି, ରାତି ପ୍ରାୟ ୧୨ଟାରେ ହାତୀର ମୃତ୍ୟୁ ହୋଇଥିଲା। ପୂର୍ବରୁ ଲୋକମାନେ ହୋହଲ୍ଲା କରିଥିବାରୁ କାଳେ ହାତୀ ମରିବା ଖବର ଶୁଣି ଗଣ୍ଡଗୋଳ କରିବେ ସେଥିପାଇଁ ରାତିରେ ମୃତ ହାତୀକୁ ଟାଙ୍ଗୀ ଆଣିଥିଲୁ। ଶୁକ୍ରବାର ଭୁବନେଶ୍ୱର ଓୟୁଏଟିର ଡାକ୍ତରୀ ଦଳ ଓ ଟାଙ୍ଗୀ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଟାଙ୍ଗୀରେ ବ୍ୟବଚ୍ଛେଦ କରାଯାଇଥିଲା। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ। ପରେ ମୃତ ହାତୀକୁ ପୋତି ଦିଆଯାଇଥିବା ସେ ସୂଚନା ଦେଇଥିଲେ। ଟାଙ୍ଗୀ ବନ ଅଧିକାରୀ ଅଜୟ କୁମାର ଜଗଦେବ କହନ୍ତି, ହାତୀ ପେଟରେ ଇନ୍‌ଫେକ୍ସନ ହୋଇଥିଲା। ସେଥିପାଇଁ ମଳ, ପରିସ୍ରା ଓ ରକ୍ତ ପରୀକ୍ଷା କରାଯାଇଥିଲା। ଶୁକ୍ରବାର ଶବ ବ୍ୟବଚ୍ଛେଦ ହୋଇଥିଲେ ବି ରିପୋର୍ଟ ଆସି ନ ଥିବା ସେ କହିଥିଲେ।



# ନନ୍ଦନକାନନ: ୩ ଦିନରେ ୧୨ ଜନ୍ତୁ ମୃତ

**ବାରଙ୍ଗ,୨୦।୩(ଡି.ଏନ୍.ଏ.)**

ରାଜ୍ୟରେ କରୋନାକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ନନ୍ଦନକାନନରେ ଜୀବଜନ୍ତୁମାନଙ୍କ ମୃତ୍ୟୁହାର କମିବାର ନାଁ ଧରୁ ନାହିଁ। ଗତ ବୁଧବାରଠାରୁ ଶୁକ୍ରବାର ୩ଦିନ ମଧ୍ୟରେ ୧୨ଟି ଜନ୍ତୁଙ୍କ ମୃତ୍ୟୁ ଘଟିଥିବାବେଳେ ୯ଟି ଜନ୍ମ ଗ୍ରହଣ କରିଛନ୍ତି। ମୃତ୍ୟୁ ନେଇ ବନ୍ୟଜନ୍ତୁମାନଙ୍କ ମଧ୍ୟରେ ହରିଣମାନଙ୍କ ସଂଖ୍ୟା ଅଧିକ ଥିବା ଜଣାପଡିଛି। ତେବେ ଜନ୍ମ ଅପେକ୍ଷା ମୃତ୍ୟୁ ପରିମାଣ ବଢିବାରେ ଲାଗିଛି। ବୁଧବାର ନନ୍ଦନକାନନର ଅନ୍ୟତମ ଆକର୍ଷକ କଲରାପତରିଆ ବାଘର ମୃତ୍ୟୁ ଘଟିଛି। ଏହିଦିନ ୬୮ନଂ ଏନକ୍ଲୋଜରରେ ଥିବା ଚାରୋଟି ଚିତ୍ରାହରିଣ, ୪୫ସି ଏନ୍‌କ୍ଲୋଜରରେ ଥିବା ଗୋଟିଏ କୁଜିହରିଣରର ମୃତ୍ୟୁ ହୋଇଛି। ଏହିଦିନ ଜନ୍ମ ପରିମାଣ ମଧ୍ୟ ୯ଟି ରହିଛି। ସେଥିମଧ୍ୟରେ କ୍ୱାରାଣ୍ଟାଇନରେ ଥିବା ଓ ଏନକ୍ଲୋଜରରେ ଥିବା ବିଲୁଆ ୭ଟି ଛୁଆ ଜନ୍ମ କରିଛି ଓ କଟାସ ଦୁଇଟି ଛୁଆ ଜନ୍ମ ଦେଇଛି। କିନ୍ତୁ ଗତ୧୨ ତାରିଖଠାରୁ ହରିଣ ଜାତୀୟ ପ୍ରାଣୀମାନଙ୍କର ମୃତ୍ୟୁର ତାଣ୍ଡବ ନନ୍ଦନକାନନରେ ଦେଖାଦେଇଛି। ଦିନକୁଦିନ ମୃତ୍ୟୁହାର ବୃଦ୍ଧିପାଇବାରେ ଲାଗିଥିବାର ଦେଖିବାକୁ ମିଳିଛି। ଗୁରୁବାର ଚିତ୍ରାହରିଣ ଦୁଇ, ଗୋଟିଏ କୁଜିହରିଣ ଓ ଶୁକ୍ରବାର ତିନଟି ଚିତ୍ରାହରିଣ ମୃତ୍ୟୁ ଘଟଣା ଜନ୍ତୁବିଭାଗ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି।



କାର୍ଯ୍ୟକ୍ରମରେ ଡା. ଗଣେଶ ପ୍ରସାଦ ସାହୁଙ୍କୁ 'ଡାକ୍ତର ସୁବାସ ଚନ୍ଦ୍ର ରଥ ସ୍ମୃତି ସେବା ସମ୍ମାନ ପ୍ରଦାନ କରାଯାଉଛି।

# ସୁଖ, ଶାନ୍ତି ପାଇଁ ଲାଭ କରିବାକୁ ହେବ ଆତ୍ମଜ୍ଞାନ

**କଟକ ଅଫିସ,୨୦।୩**

ଡ୍ରିମ୍‌ସ ପକ୍ଷରୁ ଡା. ସୁବାସ ଚନ୍ଦ୍ର ରଥଙ୍କ ପ୍ରୟାଣର ପ୍ରଥମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ଶୁକ୍ରବାର ପଦ୍ମିନୀ ଦେବୀ ଅଡିଟୋରିୟମରେ ପାଳିତ ହୋଇଯାଇଛି। ଏହି ଅବସରରେ ଡ୍ରିମ୍‌ସରେ ସ୍ମୃତି ସମାରୋହ 'ସୁରଭିତ ସୁବାସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାମୀ ଭାଗବତାନନ୍ଦ ସରସ୍ୱତୀ ଯୋଗଦେଇ କହିଥିଲେ, ମଣିଷକୁ ସୁଖ, ଶାନ୍ତି ପାଇଁ ଆତ୍ମଜ୍ଞାନ ଲାଭ କରିବାକୁ ହେବ। ଆତ୍ମାକୁ ଚିହ୍ନିଲେ ହିଁ ମନୁଷ୍ୟ ଭିତରେ ବିବେକର ଜ୍ୟୋତି ପ୍ରଜ୍ୱଳିତ ହୋଇଥାଏ। ଏହାଛଡା ସେ ଡା. ସୁବାସ ରଥଙ୍କ ଚରିତ୍ର ଏବଂ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡା. ଗଣେଶ ପ୍ରସାଦ ସାହୁଙ୍କୁ 'ଡାକ୍ତର ସୁବାସ ଚନ୍ଦ୍ର ରଥ ସ୍ମୃତି ସେବା ସମ୍ମାନ-୨୦୨୦' ପ୍ରଦାନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ବିଧାୟକ ପ୍ରଶାନ୍ତ କୁମାର ବେହେରା, 'ବୟନିକା'ର ସଭାପତି ଶେଷ କୁମାର ମେହେର, ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ ଯୋଗଦେଇ ଡା. ରଥଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧ୍ୟକ୍ଷ, ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ। ଧନେଶ୍ୱର ରଥ ଫାଉଣ୍ଡେସନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ରାଜଧାନୀରେ ଯୁଗ୍ମ ଅଯୁଗ୍ମ ନିୟମ

# ଆଜି ଗଡ଼ିବ ଯୁଗ୍ମ ନମ୍ବର ଥିବା ଗାଡ଼ି

**ଭୁବନେଶ୍ୱର,୨୦।୩ (ବ୍ୟୁରୋ)**

- କେବଳ ପବ୍ଲିକ୍ ଟ୍ରାନ୍ସପୋର୍ଟ ଗାଡ଼ି ପାଇଁ ଲାଗୁ
- ନିର୍ଦ୍ଦେଶ ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶ ପରେ କରୋନାକୁ ନେଇ କଠୋର ହୋଇଛି କମିଶନରେଟ ପୋଲିସ। ଏଥିପାଇଁ ଶୁକ୍ରବାର ଆଉଏକ ଗାଇଡଲାଇନ୍ ଜାରି ହୋଇଛି। ଯେଉଁଥିରେ ଲୋକମାନେ କିପରି ଅଧିକ ସଚେତନ ରହିବେ ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହ ନାନା ପରାମର୍ଶ ଦିଆଯାଇଛି। ନୂଆ ପଦକ୍ଷେପ ସ୍ୱରୂପ ଦିଲ୍ଲୀ ଭଳି ରାଜଧାନୀ ଭୁବନେଶ୍ୱରରେ ଗାଡ଼ି ଚଳାଚଳରେ ଯୁଗ୍ମ ଅଯୁଗ୍ମ ନିୟମ ଲାଗୁ କରାଯାଇଛି। ବସ୍, ଟ୍ୟାକ୍ସି, ଅଟୋ ପାଇଁ ଏହା ଲାଗୁ ହେବ। ପ୍ରଥମ ଦିନ ଶନିବାର ରାଜଧାନୀରେ ଯୁଗ୍ମ ନମ୍ବର ଥିବା ଗାଡ଼ି ଗଡ଼ିବ ଅର୍ଥାତ୍ ଗାଡ଼ି ନମ୍ବରର ଶେଷ ଅକ୍ଷର ଯୁଗ୍ମ ହୋଇଥିବ। ପରଦିନ ରବିବାର ଅଯୁଗ୍ମ ନମ୍ବର ଥିବା ଗାଡ଼ି ଗଡ଼ିବ। ଏନେଇ ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେଶନ(ବିଏମ୍‌ସି) ସ୍ପଷ୍ଟ କରିଛି। ଜନସମାଗମକୁ ରୋକିବା ପାଇଁ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାଦ୍ୱାରା ରାସ୍ତାରେ ଅଯଥା ଭିଡ଼କୁ ନିୟନ୍ତ୍ରଣ କରିବା ସହିତ ପରିବେଶ ପ୍ରଦୂଷଣକୁ ରୋକାଯାଇପାରିବ। ଏହି ନିୟମ କେବଳ ପବ୍ଲିକ୍ ଟ୍ରାନ୍ସପୋର୍ଟ ଗାଡ଼ି ପାଇଁ ଲାଗୁ ହେବ। ପ୍ରାଇଭେଟ୍ ଗାଡ଼ି ପାଇଁ ଏହା ଲାଗୁ ହେବ ନାହିଁ। ସେହିଭଳି ସରକାରୀ, ଭଡ଼ା ଗାଡ଼ି ଓ ଜରୁରୀ କାଳୀନ ଗାଡ଼ି ପାଇଁ ଏହା ଲାଗୁ ହେବ ନାହିଁ। ପ୍ରାଇଭେଟ ହସ୍ପିଟାଲ ଓ ଡାକ୍ତର ବ୍ୟବହାର କରୁଥିବା ଗାଡ଼ି ପାଇଁ ଏହା ଲାଗୁ ହେବ ନାହିଁ ବୋଲି କୁହାଯାଇଛି।

ନିର୍ଦ୍ଦେଶ ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଏଥିପାଇଁ ଥାନା ଅଧିକାରୀ ଓ ଜୋନ୍ ଏସିପିମାନଙ୍କୁ ନିୟମ କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଥାନାକୁ ଆସୁଥିବା ଲୋକଙ୍କୁ ହାତ ଧୋଇବା ପାଇଁ କହିବା ସହ ସାନିଟାଇଜର ବ୍ୟବହାର କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହିସବୁ ଗାଇଡ୍ ଲାଇନ୍‌କୁ ପାଳନ ପାଇଁ ପିସିଆର ଭ୍ୟାନ୍ ମଧ୍ୟ ପଇଁତାରା ମାରିବ। ଜଣେ ଏଏସ୍‌ଆଇ ର୍‍ୟାଙ୍କ୍‌ର ଅଫିସର ପିସିଆର ଭ୍ୟାନ୍‌ରେ ରହି ଏହାକୁ ତଦାରଖ କରିବେ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି।

## ଦୁର୍ଘଟଣାରେ ମହିଳା ମୃତ

**ବାଲିଅନ୍ତା,୨୦।୩(ଡି.ଏନ୍.ଏ.)**

ବାଲିଅନ୍ତା ଥାନା ଅଧୀନ ଭୁବନେଶ୍ୱର-କଟକ ରାସ୍ତାର ପାହାଳ ଛକ ନିକଟରେ ଗୁରୁବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତେବେ ମହିଳାଙ୍କ ବୟସ ୪୫ବର୍ଷ ହେବ ବୋଲି ପୋଲିସ କହୁଥିବାବେଳେ ମହିଳାଙ୍କ ପରିଚୟ ମିଳିପାରି ନାହିଁ। ସୂଚନାଯୋଗ୍ୟ, ମହିଳା ଜଣକ ରାସ୍ତାପାର ହେଉଥିବା ସମୟରେ ଭୁବନେଶ୍ୱରରୁ କଟକରୁ ଆସୁଥିବା ଏକ ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ପିସିଆରଙ୍କୁ ଜଣାଇବାରୁ ପିସିଆର ପହଞ୍ଚି ମହିଳାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ପରେ ପୋଲିସ ମୃତଦେହକୁ ଜବତ କରି ଶୁକ୍ରବାର ବ୍ୟବଚ୍ଛେଦ କରିଛି। ପୋଲିସ ଏ ନେଇ ନଂ.୬୯/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।






**ଭୁବନେଶ୍ୱର,୨୦।୩(ବ୍ୟୁରୋ)-** ନ୍ୟାୟ ମିଳିଲା, ହେଲେ ବହୁ ବିଳମ୍ବ ହୋଇଗଲା। ୨୦୧୨ ଡିସେମ୍ବର ୧୬ରୁ ୨୦୨୦ ମାର୍ଚ୍ଚ ୨୦। ଭାରତର ବୃହତ୍ ନ୍ୟାୟିକ ବ୍ୟବସ୍ଥା ସତ୍ତ୍ୱେ ଦୀର୍ଘ ୭ବର୍ଷ ଧରି ଆଇନ ସହ ଖେଳିଥିଲେ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀ ମୁକେଶ ସିଂ, ପବନ ଗୁପ୍ତା, ବିନୟ ଶର୍ମା ଓ ଅକ୍ଷୟ କୁମାର ସିଂ। ଶେଷରେ ଫାଶୀରୁ ବର୍ତ୍ତିବା ପାଇଁ ମଧ ସମସ୍ତ ଉଦ୍ୟମ ବିଫଳ ହେଲା। ଶୁକ୍ରବାର ସମଗ୍ର ଦେଶ ପାଇଁ ଏକ ନୂଆ ସକାଳ ନେଇ ଆସିଥିଲା। କରୋନା ଭାଇରସ୍ ପାଇଁ ଦେଶବାସୀ ଭୟଭୀତ ଅବସ୍ଥାରେ ଥିବାବେଳେ ଖୁସି ଭରିଦେଇଥିଲା ଫାଶୀ ସୂଚନା। ନ୍ୟାୟ ପାଇଁ ନିର୍ଭୟା ପରିବାରର ଲଢ଼େଇ ଓ ଫାଶୀକୁ ନେଇ ଧରିତ୍ରୀର ମତାମତ ଭିତ୍ତିକ ସ୍ୱତନ୍ତ୍ର ଉପସ୍ଥାପନା...

# ଖୁସି ଆଣିଲା ଫାଶୀ

## ବିଳମ୍ବ ଯୋଗୁ ପ୍ରଭାବ ପଡ଼ିଲାନି



ନ୍ୟାୟ ମିଳିବାରେ ବିଳମ୍ବ ହେବାର ଉଚିତ୍ ନ ଥିଲା। ଏଥିଯୋଗୁ ନ୍ୟାୟ ବ୍ୟବସ୍ଥା ଉପରେ ସନ୍ଦେହ ସୃଷ୍ଟିହେଲା। ସଙ୍ଗେ ସଙ୍ଗେ ଫାଶୀ ହୋଇଥିଲେ ଯେଭଳି ପ୍ରଭାବ ପଡ଼ିଥାନ୍ତା, ଏବେ ସେମିତି ପ୍ରଭାବ ପଡ଼ିବନି। ପ୍ରତିଦିନ ଆମେ ଏମିତି ବହୁ ନିର୍ଭୟାଙ୍କୁ ହରାଉଛେ। କିନ୍ତୁ ବିଳମ୍ବ ନ୍ୟାୟ ଦ୍ୱାରା ଆମେ କେବେ ଆଉ ନିର୍ଭୟାଙ୍କୁ ଫେରି ପାଇବାନି। ହେଲେ ଏମିତି ଦଣ୍ଡ ଦିଆଯିବାର ଥିଲା ଯେମିତି ଲୋକେ ବଳାତ୍କାର ଭଳି ଘୃଣ୍ୟ କାମ କରିବା ପୂର୍ବରୁ ଶହେଥର ଭାବିଥାନ୍ତେ। ସବୁଠାରୁ ଦୁଃଖର କଥା ହେଲା ୪ଜଣ ଦୋଷୀଙ୍କ ପାଇଁ କେତେଜଣ କ୍ଷମା ନିବେଦନ କରୁଥିଲେ। ଭାବିବା କଥା ଯେ ଯେତେବେଳେ ସେ ମହିଳା ଜଣକ ଜୀବନ ପାଇଁ ନେହୁରା ହେଉଥିଲେ, ସେତେବେଳେ ସେମାନେ କେଉଁଠି ଥିଲେ। ତୁମମାନଙ୍କ ଜୀବନ ଭଳି ଅନ୍ୟର ଜୀବନ ବି ମୂଲ୍ୟବାନ୍, ଏହା ବଳାତ୍କାର କରିବା ପୂର୍ବରୁ ଓ ବଳାତ୍କାରୀଙ୍କୁ କ୍ଷମା ଦେବାକୁ ନିବେଦନ କରୁଥିବା ଲୋକେ ଥରେ ଭାବିବା ଉଚିତ୍ ଥିଲା।

- ପଦ୍ମଶ୍ରୀ ଅରୁଣା ମହାନ୍ତି, ଓଡ଼ିଶୀ ନୃତ୍ୟଶିଳ୍ପୀ

## ମାର୍ଚ୍ଚ ୨୦ ନିର୍ଭୟା ନ୍ୟାୟ ଦିବସ



ମାର୍ଚ୍ଚ ୨୦ ସମଗ୍ର ଭାରତ ଓ ଓଡ଼ିଶାବାସୀଙ୍କ ପାଇଁ ଏକ ଖୁସିର ଦିନ। ଓଡ଼ିଆଙ୍କ ପାଇଁ ଏହା ନିର୍ଭୟା ନ୍ୟାୟ ଦିବସ। ଗଣମାଧ୍ୟମର ଚାପ ଓ ଜନସାଧାରଣଙ୍କ ପ୍ରବଳ ଦାବି ସତ୍ତ୍ୱେ ନିର୍ଭୟାଙ୍କୁ ନ୍ୟାୟ ମିଳିବାକୁ କାହିଁକି ୭ବର୍ଷ ଲାଗିଗଲା ତାହା ମୁଁ ଏବେ ବି ଭାବୁଛି। ପ୍ରତିଥର ଫାଶୀ ତାରିଖ ଘୁଞ୍ଚାଯାଇ କ'ଣ ପାଇଁ ବଳାତ୍କାରୀମାନଙ୍କୁ ବିଜୟ ମନାଇବାର ସୁଯୋଗ ଦିଆଗଲା। ନ୍ୟାୟ ମିଳିବାରେ ବହୁଳ ବିଳମ୍ବ ହୋଇଗଲା। ଏହି ସମୟ ମଧ୍ୟରେ ଦୃଢ଼ତାର ସହ ଛିଡ଼ାହୋଇଥିବା ନିର୍ଭୟାଙ୍କ ମା' ଓ ସମର୍ଥକଙ୍କ ପ୍ରତି ମୋର ଶତପ୍ରଣାମ। ଆଗକୁ କୌଣସି ଝିଅ ଏମିତି କଷ୍ଟ ନ ପାଆନ୍ତୁ କି ଭାରତରେ ଏଭଳି ଘୃଣ୍ୟ ଅପରାଧ ଆଉ ନ ହେଉ ଏହା ହିଁ ମୋର କାମନା।

- ଡ. ଅନୀତା ସାବତ, ସାମାଜିକ କର୍ମୀ, ଭୁବନେଶ୍ୱର

## ଖସି ଯାଇଥିବା ନାବାଳକଙ୍କୁ ସମାନ ଦଣ୍ଡ ଦିଆଯିବାର ଥିଲା



ଶୁକ୍ରବାର ସକାଳ ପ୍ରତ୍ୟେକଙ୍କ ପାଇଁ ଏକ ନୂଆ ସକାଳ ଥିଲା। କେବଳ ନିର୍ଭୟାଙ୍କ ମା', ବାପାଙ୍କ ପାଇଁ ନୁହେଁ, ଦେଶର ପ୍ରତ୍ୟେକ ମା', ବାପାଙ୍କ ପାଇଁ ଏକ ଆଶ୍ୱସ୍ତି ଥିଲା। ଭାରତୀୟ ଆଇନ୍ ବ୍ୟବସ୍ଥାର ଦୁରୁପଯୋଗ କରି ଦୋଷୀମାନେ ଯେତେ ଅଧିକ ଦିନ ବଞ୍ଚିବାର ଥିଲା ବଞ୍ଚିଗଲେ। ଯେଉଁ ନାବାଳକ ଏଭଳି ବର୍ବର କାଣ୍ଡରେ ସାମିଲ ଥିଲେ ତାଙ୍କୁ କିନ୍ତୁ ଛାଡ଼ିବାର ନ ଥିଲା। ସେ ଯଦି ଏଭଳି ଜଘନ୍ୟ କାଣ୍ଡ ଘଟାଇ ପାରିଲେ, ତାଙ୍କୁ କାହିଁକି ଆମ ଆଇନ୍ ଦଣ୍ଡ ପାଇବା ବେଳକୁ ନାବାଳକ କହି ଛାଡ଼ିଦେଲା? ଆଗାମୀ ଭବିଷ୍ୟତରେ ଏଭଳି ଘୃଣ୍ୟ ଅପରାଧକୁ ବନ୍ଦ କରିବାକୁ ଆମକୁ ଆଇନ ବ୍ୟବସ୍ଥା ସଂଶୋଧନ ସହ କଠୋର କରିବାକୁ ହେବ।

- ଶାନ୍ତା ବଳିୟାରସିଂହ, ସହ ପ୍ରତିଷ୍ଠାତା, ଉଡ୍ ଆପଲ

## ପିଲାଙ୍କୁ ସଚେତନ ଓ ନୈତିକ ଶିକ୍ଷା ଦିଆଯିବାର ସମୟ ଆସିଛି



ଫାଶୀ ଘଟଣା ବହୁ ସାମାଜିକ ଦିଗକୁ ଇଙ୍ଗିତ ନିର୍ଦ୍ଦେଶ କରୁଛି। ଅପରାଧପ୍ରବଣ ବ୍ୟକ୍ତିଙ୍କ ପାଇଁ ଏହାଏକ ଭୟ ଉଦ୍ରେକକାରୀ ଉଦାହରଣ। ଭାରତୀୟ ନ୍ୟାୟିକ ବ୍ୟବସ୍ଥା ଉପରେ ତୁଟିଯାଇଥିବା ଆସ୍ଥାକୁ ଏକ ଆଶ୍ୱାସନା ମିଳିଛି ସତ, କିନ୍ତୁ ନ୍ୟାୟିକ ବ୍ୟବସ୍ଥାକୁ ଆହୁରି ତ୍ୱରିତ ଏବଂ ସୁଧାରିବାର ଆବଶ୍ୟକତା ରହିଛି। ସାମାଜିକ ଓ ପାରିବାରିକ ମୂଲ୍ୟବୋଧକୁ ବୁଝି କୋମଳମତି ପିଲାମାନଙ୍କୁ ସଚେତନ କରାଇବା ସହିତ ଏକ ଉତ୍ତମ ନାଗରିକ ଗଢିବା ପ୍ରତ୍ୟେକ ପିତାମାତାଙ୍କ ପାଇଁ ଏକ ଆହ୍ୱାନ। ଯୁବ ସମାଜକୁ ବିପଥଗାମୀ ଓ ଉଦ୍‌ଭ୍ରାନ୍ତ କରୁଥିବା ଦିଗଗୁଡିକ ପ୍ରତି ସରକାର ଯତ୍ନବାନ ହେବାର ସମୟ ଆସିଛି। ନୈତିକଶିକ୍ଷାକୁ ବାଧ୍ୟତାମୂଳକ, ବ୍ୟାପକ ସଚେତନତା କାର୍ଯ୍ୟକ୍ରମ, ତ୍ୱରିତ ଓ କଠୋର ଦଣ୍ଡବିଧାନ ସହିତ ସହିତ ନିଶାର ବହୁଳ ପ୍ରସାର ଉପରେ ଶକ୍ତ କାର୍ଯ୍ୟାନୁଷ୍ଠାନ ହିଁ ଆଗାମୀ ଦିନରେ ଆହୁରି ଶହ ଶହ ନିର୍ଭୟାଙ୍କୁ ଏକ ସୁରକ୍ଷିତ ସମାଜରେ ବାସ କରିବାକୁ ସୁଯୋଗ ଦେଇପାରିବ।

- ଡ. ରୀନା ରାଉତରାୟ, ସମାଜବିଜ୍ଞାନୀ

## ସବୁ ମା'ବାପା ନିର୍ଭୟାଙ୍କ ମା' ଭଳି ଦୃଢ଼ମନା ହୁଅନ୍ତୁ



ନିର୍ଭୟାଙ୍କୁ ଶେଷରେ ଆଜି ନ୍ୟାୟ ମିଳିଥିବାରୁ ବହୁତ ଖୁସି ଲାଗୁଛି। ଉଚ୍ଚ ନ୍ୟାୟାଳୟ ଉପରେ ବିଶ୍ୱାସ ଆହୁରି ବଢିଯାଇଛି। କୋର୍ଟରେ ହଜାର ହଜାର ମାମଲା ପଡ଼ି ରହୁଥିବାରୁ ତାହାର ସମାଧାନ ଓ ନ୍ୟାୟ ମିଳିବାରେ ବିଳମ୍ବ ହୋଇଯାଉଛି। ନିର୍ଭୟା ମା'ଙ୍କ ଧୈର୍ଯ୍ୟକୁ ମୁଁ ସମ୍ମାନ ଦେଉଛି। ନିର୍ଭୟାଙ୍କ ଭଳି ବଳାତ୍କାରର ଶିକାର ହେଉଥିବା ଝିଅଙ୍କ ମା' ଓ ବାପାମାନେ ତାଙ୍କଭଳି ଦୃଢ଼ମନା ହେବା ଦରକାର। ଝିଅ ଓ ପୁଅଙ୍କ ମଧ୍ୟରେ ଭେଦଭାବର ମାନସିକତା ବଦଳାଇବା ଦରକାର।

- ଧରିତ୍ରୀ ସାହୁ, ଛାତ୍ରୀ, ଭୁବନେଶ୍ୱର

## ନିର୍ଭୟାଙ୍କ ମା'ଙ୍କୁ ସାଲ୍ୟୁଟ, ଉଦାହରଣ ହୋଇଛନ୍ତି ସୀମା



ଶୁକ୍ରବାର ସକାଳେ ମୋତେ ଏମିତି ଲାଗିଲା ଯେମିତି ଆଜି ମହିଳା ଦିବସ। ୭ବର୍ଷ ୩ମାସ ପରେ ଶେଷରେ ଦେଶର ଝିଅଙ୍କୁ ନ୍ୟାୟ ମିଳିଲା। ସବୁଠାରୁ ଅଧିକ କ୍ରେଡିଟ୍ ମୁଁ ନିର୍ଭୟାଙ୍କ ମା' ଓ ତାଙ୍କ ପାଇଁ ଲଢ଼ିଥିବା ଓକିଲଙ୍କୁ ଦେବି। ଦୀର୍ଘବର୍ଷ ଧରି ନିଜ ଝିଅ ପାଇଁ ଲଢିବା, କୋର୍ଟ ଦୌଡ଼ିବା କୌଣସି ଭାରତୀୟ ମହିଳା ପାଇଁ ସହଜ ନୁହେଁ। ସେ ଏହାକୁ ପ୍ରମାଣିତ କରିଛନ୍ତି ଯେ, ଜଣେ ନାରୀ ଚାହିଁଲେ ସବୁକିଛି କରିପାରିବ। ତାଙ୍କୁ ଆଜି ସାରା ଦେଶ ସାଲ୍ୟୁଟ୍ କରୁଛି। ତାଙ୍କ ଓକିଲ ସୀମା କୁଶୱାହାଙ୍କୁ ମୁଁ ବହୁତ ଧନ୍ୟବାଦ ଦେବି। ପ୍ରତି ଭାରତୀୟ ଓ ପ୍ରତି ନାରୀଙ୍କ ପାଇଁ ଆଜି ସେ ଉଦାହରଣ। ଜୀବନ ପ୍ରତି ବିପଦ ଥାଇ ମଧ ଟଙ୍କାଟିଏ ପାରିଶ୍ରମିକ ନ ନେଇ ସେ ଲଢେଇ ଜାରି ରଖିଥିଲେ। ତେବେ ହାଇଦ୍ରାବାଦ ଘଟଣା ଭଳି ଯଦି ସଙ୍ଗେ ସଙ୍ଗେ ନ୍ୟାୟ ମିଳିଥାନ୍ତା ତା'ହେଲେ ଅଧିକ ଖୁସି ଲାଗିଥାନ୍ତା।

- ପୁନମ ମିଶ୍ର, ଅଭିନେତ୍ରୀ

## ସମାଜକୁ ଉଚିତ ବାର୍ତ୍ତା ଦେଇଛି



ବହୁ ପ୍ରତୀକ୍ଷିତ ନିର୍ଭୟା ମାମଲାର ସମ୍ପୃକ୍ତ ଦୋଷୀଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇବା ଦ୍ୱାରା ସମାଜକୁ ଏହା ଏକ ଉଚିତ୍ ବାର୍ତ୍ତା ଦେଇଛି। କୌଣସି ଲୋକ ଏଭଳି ଘୃଣ୍ୟ ଓ ବର୍ବର କାଣ୍ଡ କରିବା ପୂର୍ବରୁ ଫାଶିଖୁଣ୍ଟ କଥା ଭାବିବାକୁ ସୁଯୋଗ ଦେଇଛି। ନାରୀ ପ୍ରତି ଅନ୍ୟାୟ ଓ ଅତ୍ୟାଚାର ଏକ ଆତ୍ମଘାତୀ ଅପରାଧ ବୋଲି ଏହା ପ୍ରମାଣିତ କରିଛି। ଆଗାମୀ ଦିନରେ ସମାଜକୁ ଏହା ଏକ ମାର୍ଗ ପରିଦର୍ଶନ କରୁ ଓ ନିର୍ଭୟାଙ୍କ ଆତ୍ମାଙ୍କୁ ସଦ୍‌ଗତି ମିଳୁ।

- ହିତେନ୍ ସାହୁ, କର୍ମଜୀବୀ, ଭୁବନେଶ୍ୱର

## ନିର୍ଭୟାଙ୍କୁ ନ୍ୟାୟ ମିଳିଛି



ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ୭ ବର୍ଷ ପରେ ଫାଶୀ ଦିଆଯାଇଛି। ବିଳମ୍ବ ହେଲେ ବି ନିର୍ଭୟାଙ୍କୁ ନ୍ୟାୟ ମିଳିଛି। ଏହାଦ୍ୱାରା ଭାରତୀୟ ନ୍ୟାୟପାଳିକାର ସମ୍ମାନ ସର୍ବୋଚ୍ଚ ହୋଇଛି। ଆଇନରେ ସଂଶୋଧନ ଅଣାଯିବା ଆବଶ୍ୟକ, ଯାହାଦ୍ୱାରା ଶୀଘ୍ର ନ୍ୟାୟ ପ୍ରଦାନ କରାଯାଇପାରିବ।

-ବଂଶୀଧର ଶତପଥୀ, ଆଇନଜୀବୀ

## ଲୋକେ ଆଇନକୁ ଶସ୍ତା ଭାବୁଛନ୍ତି



ଲୋକେ ଆଇନକୁ ଶାସ୍ତ ଭାବୁଛନ୍ତି। ଆଇନ ଭିତରେ ଯେଉଁ ନମନୀୟତା ରହିଛି ତାହାକୁ ବ୍ୟବହାର କରି ନିର୍ଭୟା ଅଭିଯୁକ୍ତମାନେ ଏତେବର୍ଷ ପର୍ଯ୍ୟନ୍ତ ଖେଳିପାରିଲେ। ଗୋଟିଏ ବର୍ଷ ଭିତରେ ଉପଯୁକ୍ତ ତଦନ୍ତ କରାଯାଇ ମାମଲାର ଶୁଣାଣି ଓ ଦଣ୍ଡ ମିଳିବାର ଥିଲା। ତୁରନ୍ତ ତଦନ୍ତ, ତ୍ୱରିତ ଦଣ୍ଡ ପ୍ରଦାନ ଲୋକଙ୍କୁ ଅଧିକ ସଚେତନ କରିପାରିବ।

- କମଳାକାନ୍ତ ଦାସ, ପ୍ରଫେସର, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ

## ନାରୀଟିଏ ହିଁ ନିର୍ଭୟାର କଷ୍ଟ ହୃଦୟଙ୍ଗମ କରିପାରିବ



ନିର୍ଭୟା ଯେଉଁ କଷ୍ଟରେ ଆଖି ବୁଜିଛନ୍ତି, ତାହା କେବଳ ଜଣେ ନାରୀ ହିଁ ହୃଦୟଙ୍ଗମ କରିପାରିବ। ସୁପ୍ରିମକୋର୍ଟଙ୍କ ରାୟ ଓ ଅଭିଯୁକ୍ତଙ୍କ ଫାଶୀକୁ ନେଇ ସମଗ୍ର ଦେଶ ଖୁସି ଥିବାବେଳେ ମୁଁ ବି ଜଣେ ନାରୀ ହିସାବରେ ଗର୍ବ ଅନୁଭବ କରୁଛି। କିନ୍ତୁ ଜଣେ ସାମାଜିକ ପ୍ରାଣୀ ଭାବରେ ଆଉଏକ କଥା ମନକୁ ଆସୁଛି। ଫାଶୀ ଦେଲେ କ'ଣ ଏପରି ହିଂସାତ୍ମକ କାର୍ଯ୍ୟ ବା ବଳାତ୍କାର ଘଟଣାର ଅନ୍ତ ଘଟିବ? ଯେଉଁଦିନ ଭାରତର ପ୍ରତ୍ୟେକ ନାଗରିକ ନାରୀ ସମାଜକୁ ଉଚିତ ସମ୍ମାନ ଦେବେ ସେଦିନ ଏଭଳି ଘଟଣାର ପୁନରାବୃତ୍ତି ଘଟିବ ନାହିଁ।

-ସରଞ୍ଜିତା ଚୌବେ, ଏଚ୍ଆର୍, ଏକ୍‌ଜିକ୍ୟୁଟିଭ୍, କୋକାକୋଲା

## ସତ୍ୟର ଜୟ ନିଶ୍ଚିତ



ଏହା ସୁପ୍ରିମିକୋର୍ଟ ଓ ଦେଶର ନ୍ୟାୟିକ ବ୍ୟବସ୍ଥାର ଏକ ବଡ଼ ବିଜୟ। ଦୀର୍ଘ ୭ ବର୍ଷର ଲଢେଇ ସମସ୍ତଙ୍କୁ ବିଚଳିତ କରିଥିଲା। ଶେଷରେ ସତ୍ୟର ଜୟ ନିଶ୍ଚୟ ହେଲା, ନିର୍ଭୟା ମାମଲାର ରାୟ ସମଗ୍ର ସମାଜକୁ ଏକ ଉଚିତ ବାର୍ତ୍ତା ଦେଲା। ଆଇନଜୀବୀମାନେ ଆଇନର ନମନୀୟତାକୁ ସର୍ବଦା ଉଚିତ ମାର୍ଗରେ ବ୍ୟବହାର କରିବା ଜରୁରୀ। ନିର୍ଭୟା ମାମଲା ବିଚାର ଓ ଦଣ୍ଡବିଧାନର ଲମ୍ବା ପ୍ରକ୍ରିୟା ସମାଜକୁ ଏକ ବଡ଼ ଶିକ୍ଷା ଦେଇଛି।

- ଜ୍ଞାନରଞ୍ଜନ ମହାପାତ୍ର, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ

## ଶତ ପ୍ରଣାମ ସେହି ମା'ଙ୍କୁ



ଦୋଷୀମାନଙ୍କୁ ଦଣ୍ଡ ନିହାତି ଜରୁରୀ ଥିଲା। ଦୋଷୀଙ୍କୁ ଖସାଇବା ପାଇଁ ଯେଉଁ ଉଦ୍ୟମ ଚାଲିଥିଲା, ସେପରି ମାନସିକତାକୁ ଆଦୌ ପ୍ରଶ୍ରୟ ଦିଆଯିବାର ଆବଶ୍ୟକତା ନ ଥିଲା। ଆଇନଜୀବୀମାନେ ସର୍ବଦା ସତ୍ୟକୁ ସମ୍ମାନ ଦେବା ଉଚିତ। ଫାଶୀ ରାୟ ପ୍ରକାଶ ମୁଁ ତାକୁ ସ୍ୱାଗତ କରିବା ସହ ପ୍ରଶଂସା କରୁଛି। ଶତ ପ୍ରଣାମ ଜଣାଇବି ସେହି ମା'ଙ୍କୁ, ଯିଏ ଏତେ ବାଧାବିଘ୍ନ ସତ୍ତ୍ୱେ ଝିଅକୁ ନ୍ୟାୟ ଦେବା ସହ ସମଗ୍ର ଦେଶର ନାରୀ ଜାତିର ସମ୍ମାନକୁ ଅଧିକ ଉଚ୍ଚକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

- ଆକାଶ ଗଡନାୟକ, ଏମ୍‌ଡି, ମେକ୍ ମେମୋରିଜ

## ବ୍ୟବସ୍ଥାକୁ ଫାଶୀ ସଜାଡ଼ି ଦେବା ବୃଥା କଥା



ନିର୍ଭୟା ମାମଲାରେ ୪ଜଣ ଦୋଷୀଙ୍କୁ ଫାଶୀ ନ୍ୟାୟିକ ପ୍ରକ୍ରିୟାର ଏକ ଅଂଶ। ଫାଶୀ ଯେ ବ୍ୟବସ୍ଥାକୁ ସଜାଡ଼ି ଦେବ ଏହା ବୃଥା କଥା। ଏହି ଘଟଣାର ଅନ୍ୟତମ ଦୋଷୀ ନାବାଳକ ଯୋଗୁ ପ୍ରକ୍ରିୟାରୁ ବାଦ୍ ପଡ଼ିଛନ୍ତି। ନିର୍ଭୟା ଘଟଣା ପରେ ଆମ ଦେଶରେ ଆହୁରି ଅନେକ ଗଣବଳାତ୍କାର ଘଟଣା ଘଟିଛି। ଉତ୍ତରପ୍ରଦେଶର ଜଣେ ବିଧାୟକ ଗୋଟିଏ ପରିବାରର ଝିଅକୁ ବଳାତ୍କାର କରିବା ସହ ବାପା, ଖୁଡ଼ୀ ଓ ମାଉସୀଙ୍କୁ ହତ୍ୟା କରିଛନ୍ତି। ତାଙ୍କୁ କିନ୍ତୁ ଫାଶୀ ଦିଆ ନ ଯାଇ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ତେଣୁ ଫାଶୀ ଏହି କାଣ୍ଡକୁ ବଦଳାଇ ଦେବ ନାହିଁ ଏହା ପ୍ରମାଣ କରୁଛି। ଆମ ବ୍ୟବସ୍ଥାରେ କେଉଁଠି ଭୁଲ୍ ରହିଛି ତାକୁ ଦେଖିବା ଦରକାର। ନାରୀକୁ ନେଇ ଯେଉଁ ମାନସିକତା ରହିଛି ତାକୁ ବଦଳାଇବାକୁ ପଡ଼ିବ।

- ଜଗନ୍ନାଥ ଦେଓ, ଶ୍ରମିକ ନେତା, ପୁରୀ

## ଭାରତୀୟ ନ୍ୟାୟପାଳିକାର ବଡ଼ ବିଜୟ



ନିର୍ଭୟା ମାମଲାରେ ଦୋଷୀଙ୍କୁ ଫାଶୀ ଦିଆଯିବା ଭାରତୀୟ ନ୍ୟାୟପାଳିକାର ଏକ ବଡ଼ ବିଜୟ। ଏପରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଫଳରେ ଆଉ କେହି ଜଘନ୍ୟ ଅପରାଧ କରିବାକୁ ଭୟ କରିବେ। ଅଭିଯୁକ୍ତମାନେ ତାଙ୍କ ଓକିଲଙ୍କ ମାଧ୍ୟମରେ ଏହି ପ୍ରକ୍ରିୟାକୁ ବିଳମ୍ବ କରିଥିଲେ ମଧ ଏଥିରୁ ବର୍ତ୍ତିପାରି ନ ଥିଲେ। ଦୀର୍ଘ ୭ ବର୍ଷ ପରେ ଫାଶୀ ଖୁଣ୍ଟରେ ଝୁଲିଲେ ଦୋଷୀ। ଏହା ନିଶ୍ଚିତ ସମସ୍ତଙ୍କ ପାଇଁ ଏକ ଆଶ୍ୱସ୍ତିର ଖବର।

- ବିଶ୍ୱଜିତ ସେନାପତି, ଆଇନଜୀବୀ, ପୁରୀ

## ବଳାତ୍କାର ଆଇନ କଡ଼ାକଡ଼ି ହେଉ



ବିଳମ୍ବରେ ହେଲେ ମଧ ନିର୍ଭୟାଙ୍କୁ ନ୍ୟାୟ ମିଳିଛି। ନ୍ୟାୟିକ ପ୍ରକ୍ରିୟା ଉପରେ ସମସ୍ତଙ୍କର ଆସ୍ଥା ରହିଥିଲା। ହେଲେ ଆଇନର ଗଳାବାଟ ଦୋଷୀଙ୍କୁ ସୁହାଇଲା। ଏହି ଘଟଣାକୁ ନେଇ ଦେଶ ବ୍ୟାପୀ ଜନତା ରାଜରାସ୍ତାକୁ ଓହ୍ଲାଇ ଆସିଥିଲେ ମଧ ଦୋଷୀଙ୍କ ଓକିଲ ଆଇନ ସହ ଖେଳି ଚାଲିଥିଲେ। ତେଣୁ ବଳାତ୍କାର ଆଇନକୁ ଆହୁରି କଡ଼ାକଡ଼ି କରାଯାଉ।

- ଗୋପାଳକୃଷ୍ଣ ଦାସ, ଯୁବ ସାମାଜିକ କର୍ମୀ, ଖୋର୍ଦ୍ଧା

## ନିର୍ଭୟା ଘଟଣା ସମାଜ ଲାଗି କଳଙ୍କ



ଶିଶୁ ଓ ମହିଳାଙ୍କ ଉପରେ ନିର୍ଯାତନା ବଢୁଛି। ସମାଜରେ ଏକ କଳୁଷିତ ବାତାବରଣ ସୃଷ୍ଟି ହେଉଛି। ନିର୍ଭୟା ଘଟଣା ସମାଜ ଲାଗି କଳଙ୍କ। ଏହାଦ୍ୱାରା ଆଗାମୀ ପିଢି ଉପରେ ପ୍ରଭାବ ପଡିବ। ଦୋଷୀମାନଙ୍କୁ ଫାଶୀ ଦିଆଯାଇଛି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ।

- ତପନ ସାମନ୍ତରାୟ, ବ୍ୟବସାୟୀ, ଖୋର୍ଦ୍ଧା

## ପରିବାରକୁ ନ୍ୟାୟ ମିଳିଲା



ସମାଜରେ ଆସୁରିକ ପ୍ରବୃତ୍ତି ବୃଦ୍ଧି ପାଇଲେ ଏଭଳି ଘଟଣା ଘଟିଥାଏ। ଫାଶୀ ଦଣ୍ଡାଦେଶରେ ବିଳମ୍ବ ନେଇ ସାରା ଦେଶରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶୁକ୍ରବାର ଦୋଷୀମାନେ ଫାଶୀରେ ଝୁଲିବା ପରେ ସମାଜକୁ ନୂଆ ବାର୍ତ୍ତା ଆସିଛି। ନିର୍ଭୟା ପରିବାର ଆଶ୍ୱସ୍ତି ଅନୁଭବ କରିଛନ୍ତି।

- ଶକ୍ତିଶଙ୍କର ମିଶ୍ର, ବରିଷ୍ଠ ଆଇନଜୀବୀ

## ଆତ୍ମାକୁ ଶାନ୍ତି ମିଳିଲା



ଦୀର୍ଘ ୭ ବର୍ଷ ପରେ ନିର୍ଭୟାଙ୍କ ଆତ୍ମାକୁ ଶାନ୍ତି ମିଳିଛି। ବିଳମ୍ବିତ ନ୍ୟାୟ ସତ୍ତ୍ୱେ ସମସ୍ତ ମହଲରେ ଏହାକୁ ସ୍ୱାଗତ କରାଯାଇଛି। ଗଣମାଧ୍ୟମରୁ ଏହି ଖବର ପାଇବା ପରେ ଆଶ୍ୱସ୍ତି ଅନୁଭବ କରିଛି, ଯାହା ହେଉ ଶେଷରେ ବହୁ ଘାତ ପ୍ରତିଘାତ ପରେ ନିର୍ଭୟା ପରିବାର ନ୍ୟାୟ ପାଇଲେ।

-ସୁଧାଂଶୁ ଶେଖର ମିଶ୍ର, ସାମାଜିକ କର୍ମୀ

## ଦୁର୍ବଳ ଆଇନ ପାଇଁ ଏପରି ଘଟଣା ବଢୁଛି



ଦୁର୍ବଳ ଆଇନ ବ୍ୟବସ୍ଥା ଲାଗି ସମାଜରେ ଶିଶୁ, ଯୁବତୀ ଓ ମହିଳାଙ୍କ ପ୍ରତି ନିର୍ଯାତନା ବଢିବାରେ ଲାଗିଛି। ଏଥିପ୍ରତି କଠୋର ନ୍ୟାୟ ବ୍ୟବସ୍ଥା ହେବା ଆବଶ୍ୟକ। ନିର୍ଭୟା ଘଟଣା ସାରା ଦେଶରେ ଅସନ୍ତୋଷର ବହ୍ନି ଜାଳିଥିଲା। ଏଭଳି କାଣ୍ଡ ଘଟାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି।

- ପ୍ରସନ୍ନ କୁମାର ମହାନ୍ତି, ପୂର୍ବତନ ବନ ଅଧିକାରୀ

## ଆଧ୍ୟାତ୍ମିକ ପ୍ରଭାବର ଅଭାବ



ଆଧ୍ୟାତ୍ମିକ ପ୍ରଭାବର ଅଭାବ କାରଣରୁ ମନୁଷ୍ୟ ମଧ୍ୟରେ ପଶୁତ୍ୱ ଭାବ ଜାତ ହେଉଛି। ଫଳରେ ନିର୍ଭୟା ଘଟଣା ଘଟୁଛି। ଏହି ମାମଲାରେ ଦୋଷୀଙ୍କ ଫାଶୀକୁ ସ୍ୱାଗତ କରୁଛି। ଏଭଳି ଘଟଣାରେ ନ୍ୟାୟିକ ପ୍ରକ୍ରିୟା ତ୍ୱରିତ ହେବା ଆବଶ୍ୟକ।

- ଜ୍ଞାନରଞ୍ଜନ ଦାଶ, ବରିଷ୍ଠ ବୁଦ୍ଧିଜୀବୀ, ଖୋର୍ଦ୍ଧା

## ବିଳମ୍ବ ହେଲେ ବି ଉପଯୁକ୍ତ ଦଣ୍ଡ



ନିର୍ଭୟା ଗଣବଳାତ୍କାର ମାମଲାର ୪ ଦୋଷୀଙ୍କୁ ଶୁକ୍ରବାର ଫାଶୀ ଦିଆଯାଇଛି। ନ୍ୟାୟିକ ବ୍ୟବସ୍ଥା ପାଇଁ ବିଳମ୍ବ ହୋଇଥିଲେ ମଧ ଦୋଷୀମାନେ ଉପଯୁକ୍ତ ଦଣ୍ଡ ପାଇଛନ୍ତି। ନିର୍ଭୟା ଆତ୍ମା ଶାନ୍ତି ପାଇଛି। ଏହିଭଳି ଅନ୍ୟ ବଳାତ୍କାର ମାମଲାର ଫଇସଲା ତୁରନ୍ତ କରାଯାଇ ଦୋଷୀଙ୍କୁ ଫାଶୀ ଦିଆଯିବା ଆବଶ୍ୟକ। ଦୋଷୀ ଦଣ୍ଡ ପାଇବା ଦରକାର। ଆଇନର ଫାଙ୍କ ଦେଇ ଏହି ୪ ଦୋଷୀଙ୍କୁ ଯେଉଁଭଳି ଦିନ ପରେ ଦିନ ଗଡ଼ାଗଲା ଅନ୍ୟ ମାମଲାରେ ପୁନରାବୃତ୍ତି ନ ହେଉ।

- ଅଞ୍ଜନା ମିଶ୍ର, ସାମାଜିକ କର୍ମୀ, ଭଦ୍ରକ

## ନ୍ୟାୟିକ ବ୍ୟବସ୍ଥା ଉପରେ ବିଶ୍ୱାସ ଆସିଲା



ଦୀର୍ଘ ୭ ବର୍ଷ ପରେ ଭାରତୀୟ ନ୍ୟାୟିକ ବ୍ୟବସ୍ଥା ଉପରେ ମୋର ବିଶ୍ୱାସ ଆସିଲା। ନିର୍ଭୟା ଦୋଷୀଙ୍କୁ କେବେ ଫାଶୀ ଦିଆଯିବ, ସେହି ଦିନକୁ ମୁଁ ଅପେକ୍ଷା କରିଥିଲି। ଶେଷରେ ଧର୍ମର ବିଜୟ ହୋଇଛି ଓ ନିର୍ଭୟାଙ୍କୁ ନ୍ୟାୟ ମିଳିଛି । ଏହା ଅପରାଧ କମାଇବା ପାଇଁ ମଧ ସହାୟକ ହେବ ।

- ରୁବି ଖେମଣି, ମାରୱାଡ଼ି ମହିଳା ସମିତି ସମ୍ପାଦିକା, ବ୍ରହ୍ମପୁର

## ଆସୁରିକ ଶକ୍ତିର ବଧ ହୋଇଛି



ଭାରତୀୟ ସଂସ୍କୃତି ନାରୀଙ୍କୁ ସମ୍ମାନ ଦେଇଥାଏ। ତେବେ କେତେକ ଆସୁରିକ ପ୍ରକୃତିର ବ୍ୟକ୍ତି ନାରୀଙ୍କୁ ସର୍ବଦା ନଷ୍ଟ କରିବାର ଉଦ୍ୟମ ପୁରାଣ ଶାସ୍ତ୍ରରେ ବି ଦେଖାଯାଇଛି। ପରିଶେଷରେ ସମ୍ପୃକ୍ତ ଅସୁରର ବଧ ହେବା ମଧ ଉଲ୍ଲେଖ ରହିଛି। ନିର୍ଭୟା ମାମଲାରେ ନ୍ୟାୟିକ ବ୍ୟବସ୍ଥା ପାଇଁ ବିଳମ୍ବ ହେଲେ ମଧ ସମ୍ପୃକ୍ତ ଅପରାଧୀଙ୍କୁ ଫାଶୀ ହେବା ଶୁଣିବା ପରେ ଅସୁରର ବଧ ହୋଇଛି ବୋଲି ଅନୁଭବ କରୁଛି। ଶିଶୁ ଓ ମହିଳାଙ୍କୁ ବଳାତ୍କାର, ନିର୍ଯାତନା ଆଦି ଅପରାଧର ଶୁଣାଣି ତୁରନ୍ତ ସମାପ୍ତ ପାଇଁ ଆଇନର ଗଳାବାଟକୁ ବନ୍ଦ କରିବା ସାମ୍ପ୍ରତିକ ସମୟର ଆହ୍ୱାନ ହୋଇଛି।

- ଡ. ସଂଯୁକ୍ତା ଦାସ, ପୂର୍ବତନ ଅଧକ୍ଷା, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ

## ତ୍ରୁଟି ସଂଶୋଧନର ସମୟ ଆସିଛି



ଦୋଷୀ ୪ଜଣଙ୍କୁ ଫାଶୀ ଘଟଣା ସୂଚାଇ ଦେଇଛି ଯେ, ଭାରତର ନ୍ୟାୟିକ ପ୍ରକ୍ରିୟା ଉପରେ ସମସ୍ତଙ୍କ ଆସ୍ଥା ଅପରିବର୍ତ୍ତିତ ରହିଛି। ବିଳମ୍ବରେ ହେଉପଛେ କୌଣସି ଚାପର ବଶବର୍ତ୍ତୀ ନ ହୋଇ ଦୋଷୀଙ୍କୁ ଦଣ୍ଡ ଦିଆଯାଇଛି। ବର୍ତ୍ତମାନ ସମୟ ଆସିଛି ନ୍ୟାୟିକ ପ୍ରକ୍ରିୟାରେ ଥିବା ତ୍ରୁଟି, ଦୁର୍ବଳତାକୁ ସଂଶୋଧନ କରି ଏହାକୁ ଲୋକାଭିମୁଖୀ ତଥା କ୍ରିୟାଶୀଳ କରିବା ଉଚିତ। ଏହାଦ୍ୱାରା ଭାରତର ସମସ୍ତ ମହିଳା ନିଜକୁ ଏକ ସୁରକ୍ଷିତ ଓ ସୁସ୍ଥ ପରିବେଶରେ ବଞ୍ଚିବାର ସୁଯୋଗ ପାଇବେ।

- ଜ୍ୟୋତ୍ସ୍ନା ପଣ୍ଡା, ଗୃହିଣୀ, ଯାଜପୁରରୋଡ

## ନାରୀସମାଜ ପାଇଁ ବଡ଼ ସଫଳତା



ନିର୍ଭୟାଙ୍କୁ ନ୍ୟାୟ ମିଳିବା ସମଗ୍ର ନାରୀ ସମାଜ ପାଇଁ ବଡ଼ ସଫଳତା। ଆମ ନ୍ୟାୟିକ ବ୍ୟବସ୍ଥାରେ ନ୍ୟାୟ ପ୍ରଦାନ ପ୍ରକ୍ରିୟା ବିଳମ୍ବିତ ହେଉଛି। ଏଥି ପାଇଁ ଏଭଳି ବର୍ବରତାର ଶିକାର ହେଉଥିବା ଯୁବତୀ ଏବଂ ମହିଳାଙ୍କ ପରିବାର ଧୈର୍ଯ୍ୟହରା ହୋଇପଡୁଛନ୍ତି। ଏଥିରେ ପରିବର୍ତ୍ତନ ଆବଶ୍ୟକ। କାରଣ ସମସ୍ତଙ୍କୁ ସୀମା କୁଶୱାହଙ୍କ ଭଳି ଆଇନଜୀବୀ ମିଳିବେନି।

- ଡ. ପୁଷ୍ପଲତା ରଥ, ଅଧ୍ୟାପିକା, ଢେଙ୍କାନାଳ

## ବିଳମ୍ବ ହେଲେ ମଧ ନ୍ୟାୟ ମିଳିଛି



ଦୀର୍ଘ ୭ ବର୍ଷର ନ୍ୟାୟିକ ପ୍ରକ୍ରିୟା ପରେ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଶୁକ୍ରବାର ଫାଶୀ ଦିଆଯିବା ଘଟଣାକୁ ସମର୍ଥନ କରୁଛି। ବିଳମ୍ବ ହେଲେ ମଧ ନ୍ୟାୟ ମିଳିଛି। ଏଣୁ ଅନ୍ୟ ବୀଭତ୍ସ ଓ ଅମାନବୀୟ ଅପରାଧରେ ଜଡିତ ଅପରାଧୀଙ୍କୁ ଏଭଳି କଠୋର ଦଣ୍ଡ ଦିଆଗଲେ ସମାଜରୁ ନିଶ୍ଚିତ ଭାବେ ଅପରାଧ କମିବ ଓ ଲୋକେ ନ୍ୟାୟାଳୟ ପ୍ରତି ଆସ୍ଥା ପ୍ରକଟ କରିବେ।

- ନୀଳାଦ୍ରି ବିହାରୀ ସିଂ, ଆଡଭୋକେଟ୍, ବଲାଙ୍ଗୀର

## ସମାଜ ପାଇଁ ଶୁଭ ସୂଚନା



ନିର୍ଭୟା ମାମଲାରେ ଅଭିଯୁକ୍ତମାନେ ଦଣ୍ଡ ପାଇଲେ ତାହା ସମାଜ ପାଇଁ ଶୁଭ ସୂଚନା। ଏହି ଦଣ୍ଡବିଧାନ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। ଭାରତର ନ୍ୟାୟିକ ବ୍ୟବସ୍ଥାରେ ବିଳମ୍ବିତ ପ୍ରକ୍ରିୟା ଏକ ସାଧାରଣ କଥା। ହେଲେ ଏହି ଘଟଣାକୁ ନେଇ ଯେଉଁଭଳି ଭାବେ ମିଡିଆ ଟ୍ରାଏଲ ହେଲା ସେଥିମଧ୍ୟରେ ଅଭିଯୁକ୍ତମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତାରେ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ମାନବିକତା ଦୃଷ୍ଟିକୋଣରୁ ସମଗ୍ର ପୃଥିବୀରେ ବର୍ତ୍ତମାନ କ୍ୟାପିଟାଲ ପନିଶମେଣ୍ଟ ବିରୋଧରେ ବିତର୍କ ସୃଷ୍ଟି ହୋଇଛି।

- ନିମାଇଁଚରଣ ନାଏକ, ବରିଷ୍ଠ ଆଇନଜୀବୀ, ସୁନ୍ଦରଗଡ

## ଇତିହାସରେ ସ୍ମରଣୀୟ ଦିନ



ଆଜିର ଦିନଟି ଭାରତ ଇତିହାସରେ ସ୍ମରଣୀୟ ହୋଇ ରହିବ। ୨୦ ମାର୍ଚ୍ଚ ୨୦୨୦ର ପ୍ରଥମ ସୂର୍ଯ୍ୟାଲୋକ ପୃଥିବୀରେ ପଡିବା ବେଳକୁ ନିର୍ଭୟା ଗଣବଳାତ୍କାରୀ ମାନଙ୍କୁ ଫାଶୀ ଦିଆଯାଇଛି। ଫାଶୀର ଦିନ ଘୁଞ୍ଚି ଘୁଞ୍ଚି ଯାଉଥିବାରୁ ଭାରତର ନ୍ୟାୟ ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥା ତୁଟି ଯିବାକୁ ବସିଥିଲା। ଠିକ୍ ଏମିତି ଏକ ମୁହୂର୍ତ୍ତରେ ଏହା ପ୍ରମାଣ କରି ଦେଉଛି ଯେ ଭାରତରେ ମହିଳାମାନେ ସମ୍ମାନନୀୟା। ଏବେ ମହିଳାମାନଙ୍କ ଉପରେ ଏମିତି ଜଘନ୍ୟ ଅତ୍ୟାଚାର କରିବାକୁ କେହି ସାହାସ କରିବେନି। ନିର୍ଭୟାର ଅମର ଆତ୍ମାକୁ ଶାନ୍ତି ମିଳିଛି। ଦୀର୍ଘ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିର୍ଭୟାଙ୍କ ମା'ବାପା ଯେଉଁ ମାନସିକ ସ୍ଥିତିରେ ରହିଥିଲେ ତାର ଅବସାନ ହେଲା। ବିଳମ୍ବ ହେଲେ ମଧ୍ୟ ସବୁବେଳେ ସତ୍ୟର ହିଁ ଜୟ ହୁଏ।


- କିରଣବାଳା ଦାସ, ଅଧକ୍ଷା, ବିଜୁ ପଟ୍ଟନାୟକ ମହିଳା କନିଷ୍ଠ ମହାବିଦ୍ୟାଳୟ, ସୋନପୁର



କରୋନା ଭାଇରସ୍‌କୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ 'ସେଫ୍ ହ୍ୟାଣ୍ଡସ୍' ଚ୍ୟାଲେଞ୍ଜ' ଆରମ୍ଭ କରିଛି। ନିକଟରେ ଏକତା କପୁର ମଧ ଏହି ଚ୍ୟାଲେଞ୍ଜ ନେଇଥିଲେ। ଏଥିପାଇଁ ସେ ହୋଇଛନ୍ତି ଟ୍ରୋଲ୍ । ସ୍ମୃତି ଇରାନୀ ଏକତାଙ୍କୁ ସେଫ୍ ହ୍ୟାଣ୍ଡସ୍ ଚ୍ୟାଲେଞ୍ଜ ପାଇଁ ମନୋନୀତ କରିଥିଲେ। ଏହାର ଏକ ଭିଡିଓ ଏକତା ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଶେୟାର କରିଛନ୍ତି। ରିଙ୍ଗ ଏବଂ ବ୍ରେସ୍‌ଲେଟ୍‌ରେ ଭର୍ତ୍ତି ଏହି ହାତକୁ ଧୋଇବା ପାଇଁ ମୋତେ ୧ ମିନିଟରୁ ଅଧିକ ସମୟ ଲାଗିଛି। ୨୦ ସେକେଣ୍ଡର ଏହି ଚ୍ୟାଲେଞ୍ଜକୁ କରିବା ପାଇଁ ଏକତାଙ୍କୁ ୧ ମିନିଟରୁ ଅଧିକ ସମୟ ଲାଗିଥିବାରୁ ହାତରୁ ଗହଣା ବାହାର କରି ଧୋଇବାକୁ ଲୋକେ ତାଙ୍କୁ ଉପଦେଶ ଦେଇଛନ୍ତି।

# ସତ ହେଲା ବାଇବେଲର କାହାଣୀ





**ତେଲଆଭିଭ୍:** ବାଇବେଲରେ ଥିବା ଏକ କାହାଣୀ ଅନୁସାରେ ଏବେ ପ୍ରତ୍ନତତ୍ତ୍ୱବିଦମାନେ ଏଭଳି ଏକ ସ୍ଥାନ ସମ୍ପର୍କରେ ସୂଚନା ପାଇଛନ୍ତି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ପୁସ୍ତକରେ ଥିବା ଏକ ଗପ ଅନୁସାରେ ଏଭଳି ଏକ ସ୍ଥାନ ଥିଲା ଯାହା ସ୍ୱତନ୍ତ୍ରଭାବେ ପଥରରେ ବେଦି ଭଳି ତିଆରି ହୋଇଥିଲା। ଏଇ ବେଦି ଉପରେ ଇସଲାମ ଧର୍ମର ଲୋକେ ଶାନ୍ତିର ପ୍ରସାଦ ତିଆରି କରୁଥିଲେ ବୋଲି ଗପରେ ବର୍ଣ୍ଣନା ରହିଛି। ପ୍ରତ୍ନତତ୍ତ୍ୱବିଦ୍ ଏଡମ୍ ଜର୍ଣ୍ଣାଲଙ୍କ କହିବା ଅନୁସାରେ ମାଉଣ୍ଟ ଏବଲ ସହିତ ଇସ୍ରାଏଲର ମାନସେହ ଠାରେ ଭୂମି ସର୍ବେକ୍ଷଣ ସମୟରେ ଜଣାପଡ଼ିଛି କି ୧୫୦ ମିଟର ତଳେ ଏଭଳି ଏକ ସ୍ଥାନ ରହିଛି ଯାହା ଗପରେ ବର୍ଣ୍ଣିତ ସ୍ଥାନ ଭଳି ଜଣାପଡ଼ିଛି। ଇତିହାସରୁ ଜଣାପଡ଼ିଛି କି ଅତୀତରେ ଏହି ସ୍ଥାନ ଏକ ପବିତ୍ର ତଥା ଧାର୍ମିକ ସ୍ଥାନଭାବେ ପରିଚିତ ଥିଲା। ଇସ୍ରାଏଲର ଅଧିକାଂଶ ପ୍ରତ୍ନତତ୍ତ୍ୱବିଦ୍‌ଙ୍କ ଅନୁସାରେ ଲୌହ ଯୁଗରେ ମାନସେହର ଏହି କ୍ଷେତ୍ରରେ ଧାର୍ମିକ କାର୍ଯ୍ୟ ହେଉଥିଲା । ଏହି ସ୍ଥାନ ସମ୍ପର୍କରେ ଜଣାପଡ଼ିବା ପରେ ଏବେ ବାଇବେଲର କାହାଣୀରେ ବର୍ଣ୍ଣିତ ହୋଇଥିବା ସେହି ପବିତ୍ର ବେଦି ନେଇ ଚର୍ଚ୍ଚା ହେଉଛି।

# କମ୍ପ୍ୟୁଟର ଗର୍ଲ

**ହିସାର:** କମ୍ପ୍ୟୁଟର ଠାରୁ ବି ଶୀଘ୍ର ଉତ୍ତର ଦେଇପାରୁଛନ୍ତି ଦୁଇ ବର୍ଷର ବାଳିକା । ସେଥିପାଇଁ ଏବେ ଏହି ବାଳିକାଙ୍କୁ କମ୍ପ୍ୟୁଟର ଗର୍ଲ କୁହାଯାଉଛି। ଏଭଳି ବିଚକ୍ଷଣ ସ୍ମରଣ ଶକ୍ତି ଥିବା ବାଳିକା ଜଣକ ହେଉଛନ୍ତି ସନାୟା ହୁଡା। ତାଙ୍କ ଘର ହରିୟାଣାର ରୋହତକ ଜିଲ୍ଲାରେ। ସନାୟାଙ୍କର ଏଭଳି ଅଦ୍ଭୁତ ପ୍ରତିଭା ସମ୍ପର୍କରେ ଜାଣିବା ପରେ ଏବେ ସବୁ ଅଞ୍ଚଳରେ ତାଙ୍କୁ ନେଇ ଲୋକଙ୍କ ମନରେ କୌତୁହଳ ସୃଷ୍ଟି ହୋଇଛି । କୁହାଯାଏ ପ୍ରତିଭା ଲୋକଲୋଚନକୁ ଆସିବାକୁ ବେଶୀ ସମୟ ଲାଗେନି । ଏହାର ଏକ ବଡ଼ ପ୍ରମାଣ ହେଉଛନ୍ତି ସନାୟା । ମାତ୍ର ଦୁଇ ବର୍ଷ ବୟସରେ ସେ ଦେଶ ବିଦେଶର ନାଁ ସହ ସବୁ ଦେଶର ରାଜଧାନୀ ତଥା ଇତିହାସର ବିଭିନ୍ନ ତଥ୍ୟ ଏବଂ ରାଜନେତାଙ୍କ ସମ୍ପର୍କରେ ବହୁ ତଥ୍ୟ ଦେଇପାରୁଛନ୍ତି। ଖାଲି ସେତିକି ନୁହେଁ ବିଭିନ୍ନ ଦେଶର ରାଷ୍ଟ୍ରଧ୍ୱଜକୁ ମଧ ସେ ଦେଖିବା ମାତ୍ରେ କହିପାରନ୍ତି। ଏହା ସହିତ ଭାରତର ସବୁ ରାଜ୍ୟର ରାଜଧାନୀର ନାଁ ବି କେଇ କ୍ଷଣରେ କହିପାରନ୍ତି। ସନାୟାଙ୍କର ଏଇ ପ୍ରତିଭା ଜଣା ପଡ଼ିଥିଲା ମାତ୍ର ୬ ମାସରୁ ଯେତେବେଳେ ସେ କଥା କହିବା ଆରମ୍ଭ କରିଥିଲେ। ଏହା ପରଠାରୁ ସେ ଯାହା ଶୁଣିଥିଲେ ଖୁବଶୀଘ୍ର ସବୁ ମନେ ରଖି ଦେଉଥିଲେ। ଏବେ ସେ ଭାରତ ସମେତ ବିଭିନ୍ନ ଦେଶର ପ୍ରଧାନମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀଙ୍କ ନାଁ ସହିତ କେଉଁ ଜିନିଷକୁ କିଏ ଆବିଷ୍କାର କରିଛନ୍ତି, ବିଭିନ୍ନ ରାଜ୍ୟର ବିଧାନସଭା ସିଟ୍ ଆଦି ସମ୍ପର୍କରେ ଖୁବ୍ ସହଜରେ କହିପାରୁଛନ୍ତି। ସେଥିପାଇଁ ତାଙ୍କୁ ଲୋକେ କମ୍ପ୍ୟୁଟର ଗାର୍ଲ ବୋଲି କହୁଛନ୍ତି ।



# ହୃଦ୍‌ରୋଗୀଙ୍କୁ ସୁସ୍ଥ ରଖେ ସଙ୍ଗୀତ



**ଲଣ୍ଡନ:** ଦିନକୁ ୧ ଘଣ୍ଟା ସଙ୍ଗୀତ ଶୁଣିଲେ ହାର୍ଟ ପାଇଁ ବହୁତ ଭଲ। ସର୍ବିୟାର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏକ ଗବେଷଣା କରି ଏହା କହିଛନ୍ତ। ସଙ୍ଗୀତ ଚିନ୍ତା ଏବଂ ଦୁଃଖ ଦୂର କରିବା ସହ ଯନ୍ତ୍ରଣା ମଧ ଦୂର କରିଥାଏ। ବିଶେଷଜ୍ଞମାନେ କୁହନ୍ତି, ହାର୍ଟ ଆଟାକ୍ ବା ହୃଦ୍‌ରୋଗ ହେଲେ ଛାତିରେ ଦରଜ ଅନୁଭବ ହୁଏ। ହୃଦ୍‌ରୋଗୀମାନେ ସଙ୍ଗୀତ ଶୁଣିଲେ ଏହି ଦରଜ କମିଥାଏ। ବେଲ୍‌ଗ୍ରେଡ୍ ୟୁନିଭର୍‌ସିଟିର ପ୍ରଫେସର ପ୍ରିଡ୍ରାଗ୍ ମାଇଟ୍ରୋଭିକ୍ କୁହନ୍ତି, ୩୫୦ ହୃଦ୍‌ରୋଗୀଙ୍କୁ ନେଇ ଏକ ଅଧ୍ୟୟନ କରାଯାଇଥିଲା। ଏହାକୁ ଆଧାର କରି ମ୍ୟୁଜିକ୍ ଥେରାପୀ ହୃଦ୍‌ରୋଗୀଙ୍କ ପାଇଁ ବହୁତ ଭଲ ବୋଲି କୁହାଯାଉଛି। ଏହି ଅଧ୍ୟୟନ ୭ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା। ଯେଉଁଥିରେ ଜଣାପଡ଼ିଥିଲା ମ୍ୟୁଜିକ୍ ଥେରାପୀରୁ ଅଧିକ ହୃଦରୋଗୀ ଭଲ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୧୮ ପ୍ରତିଶତ ରୋଗୀଙ୍କର ହାର୍ଟ ଫେଲ୍ ଥିଲା। ଦ୍ୱିତୀୟ ଆଟାକ୍‌ଙ୍କ ସଂଖ୍ୟା ୨୩ ପ୍ରତିଶତ କମ୍ ଥିଲା। କଲେଜ ଅଫ୍ କାର୍ଡିଓଲୋଜିର ଆନୁଆଲ ସାଇଣ୍ଟିଫିକ୍ ଏବଂ ୱାର୍ଲ୍ଡ କଗ୍ରାଡ୍ ଅଫ୍ କାର୍ଡିଓଲୋଜିର ମିଳିତ ଭାବେ ଏହି ଗବେଷଣା କରିଥିଲେ। ଅଧଘଣ୍ଟା ସଙ୍ଗୀତ ଶୁଣିଲେ ହାର୍ଟ ସୁସ୍ଥ ରହେ। କାରଣ ସଙ୍ଗୀତ ହୃଦ୍‌ରୋଗୀଙ୍କୁ ଆକର୍ଷିତ କରିବା ସହ ରୋଗୀ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ।

## ପ୍ରଥମ କେସ୍ ଜିତିଲେ ସୀମା କୁଶୱାହ

# ଆଇଏଏସ୍ ଅଫିସର ହେବାକୁ ଚାହୁଁଥିଲେ 'ନିର୍ଭୟା ନାୟିକା'

**ନୂଆଦିଲ୍ଲୀ:** ନିର୍ଭୟା ବଳାତ୍କାର ଘଟଣାରେ ୪ ଦୋଷୀଙ୍କୁ ଫାଶୀ ମିଳିବା ପରେ ଏବେ ଚର୍ଚ୍ଚାରେ ନିର୍ଭୟାଙ୍କ ଓକିଲ ସୀମା କୁଶୱାହ। ୨୦୧୨ର ଏହି ଘଟଣା ପରଠାରୁ ସେ ମାମଲାରେ ନିଜକୁ ଯୋଡିଥିଲେ। ରାଷ୍ଟ୍ରପତି ଭବନ, ଇଣ୍ଡିଆ ଗେଟ୍ ଆଦି ବିଭିନ୍ନ ସ୍ଥାନରେ ନିର୍ଭୟାଙ୍କୁ ନ୍ୟାୟ ଦାବିରେ ହେଉଥିବା ବିକ୍ଷୋଭରେ ସେ ନିଜକୁ ସାମିଲ କରିଥିଲେ। କିନ୍ତୁ ପରେ ସେ ନିଜେ ଏହି କେସ୍ ଲଢିବାକୁ ଚାହିଁଥିଲେ। ଏହା ତାଙ୍କ କ୍ୟାରିୟରର ପ୍ରଥମ କେସ୍ ବୋଲି କୁହାଯାଉଛି। ସାଢେ ୭ ବର୍ଷ ମଧ୍ୟରେ ସେ ବିନା ପାରିଶ୍ରମିକରେ କେସ୍ ଲଢିବା ସହ ନିର୍ଭୟା ଘଟଣାର ନାୟିକା ହୋଇ ସମସ୍ତଙ୍କ ହୃଦୟ ମଧ ଜିତିଛନ୍ତି।

ଦିଲ୍ଲୀ ୟୁନିଭର୍ସିଟିରେ ସୀମା ଆଇନ ପଢିଥିଲେ। ପ୍ରଥମରୁ ସେ ଆଇଏଏସ୍ ହେବାକୁ ଚାହୁଁଥିବା ନେଇ ଏକ ସାକ୍ଷାତକାରରେ କହିଥିଲେ। ପରବର୍ତ୍ତୀ ସମୟରେ ଓକିଲାତି ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ୨୦୧୨ରେ ସେ ଟ୍ରେନିଂ ନେଉଥିବା ସମୟରେ ନିର୍ଭୟା ଘଟଣା ତାଙ୍କୁ ବ୍ୟଥିତ କରିଥିଲା। ପୀଡିତାଙ୍କୁ ନ୍ୟାୟ ଦେବାକୁ ସେ ବିକ୍ଷୋଭ, ଆନ୍ଦୋଳନରେ ସାମିଲ ହୋଇଥିଲେ। ହେଲେ ଏଥିରେ ତାଙ୍କ ମନ ମାନି ନ ଥିଲା। ଶେଷରେ ନିଜେ ଏହି ମାମଲା ଲଢିବାକୁ ଆଗେଇ ଆସିଥିଲେ। କେସ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତିଟି ମୁହୂର୍ତ୍ତ ତାଙ୍କ ପାଇଁ ଚ୍ୟାଲେଞ୍ଜିଂ ଥିଲା ବୋଲି ସେ କହିଛନ୍ତି। କେବଳ କୋର୍ଟ କଚେରୀରେ ନୁହେଁ ବାହାରେ ମଧ ନିର୍ଭୟାଙ୍କ ପରିବାର ସହ ଛିଡା ହୋଇ ସେମାନଙ୍କୁ ମନୋବଳ ଯୋଗାଇଥିଲେ। ଦୋଷୀଙ୍କୁ ଫାଶୀ ହେବା ପରେ ସେ ଖୁସି ବ୍ୟକ୍ତ କରିଛନ୍ତି। ୭ ବର୍ଷ ପରେ ହେଉ ପଛେ ଶେଷରେ ନିର୍ଭୟାଙ୍କୁ ନ୍ୟାୟ ମିଳିଛି ବୋଲି ସେ କହିଛନ୍ତି। ଫାଶୀ ପରେ ନିର୍ଭୟାଙ୍କ ମା' ପ୍ରଥମେ କୁଶୱାହାଙ୍କୁ କୃତଜ୍ଞତା ଜଣାଇଥିଲେ।



ନିର୍ଭୟାଙ୍କ ଓକିଲ ସୀମା କୁଶୱାହଙ୍କ ସହ ମା' ଆଶାଦେବୀ

# ନିର୍ଭୟା ଦୋଷୀଙ୍କ ଆୟ ୧.୩୭ ଲକ୍ଷ



ନୂଆଦିଲ୍ଲୀ: ନିର୍ଭୟାଙ୍କୁ ମିଳିଛି ନ୍ୟାୟ। ତିହାର ଜେଲ୍‌ରେ ଫାଶୀରେ ଝୁଲିଛନ୍ତି ନିର୍ଭୟା ଗଣବଳାତ୍କାର ଏବଂ ହତ୍ୟା ମାମଲାର ୪ ଦୋଷୀ। ଆଉ ତା' ସହିତ ଶେଷ ହୋଇଛି ଦୀର୍ଘ ୭ବର୍ଷର ଆଇନଗତ ପ୍ରକ୍ରିୟା ଏବଂ ସବୁ ଦ୍ୱନ୍ଦ୍ୱରେ ପଡ଼ିଛି ଯବନିକା। ହେଲେ ତିହାର ଜେଲ୍‌ରେ ବନ୍ଦୀଜୀବନ କାଟୁଥିବାବେଳେ ଅପରାଧୀମାନେ ସଞ୍ଚିଛନ୍ତି ୧ ଲକ୍ଷ ୩୭ ହଜାର ଟଙ୍କା, ଯାହା ସେମାନଙ୍କ ପରିବାର ସଦସ୍ୟଙ୍କୁ ପ୍ରଦାନ କରାଯିବ।

ଜେଲରେ କାରାବାସ ସମୟରେ ଅଭିଯୁକ୍ତ ଚାହିଁଲେ କାମ କରିପାରିବେ। ଏଥିଲାଗି ସେମାନଙ୍କୁ ପାରିଶ୍ରମିକ ଦିଆଯିବା ବ୍ୟବସ୍ଥା ରହିଛି। ଏହିକ୍ରମରେ ନିର୍ଭୟା ମାମଲାର ଅନ୍ୟତମ ଦୋଷୀ ଅକ୍ଷୟ ୬୯ ହଜାର ଟଙ୍କା ଆୟ କରିଛନ୍ତି। ସେହିପରି ବିନୟ ଶର୍ମା ୩୯ ହଜାର, ପବନ ଗୁପ୍ତାଙ୍କୁ ୨୯ ହଜାର ଟଙ୍କା ପାରିଶ୍ରମିକ ବାବଦରେ ସଞ୍ଚୟ କରିଛନ୍ତି। ତେବେ ମୁକେଶ ସିଂ କାମ ପାଇଁ ଆବେଦନ କରି ନ ଥିବା ଜଣାପଡ଼ିଛି। ସେହିପରି ଜେଲରେ ଦଣ୍ଡ ଭୋଗୁଥିବା ସମୟରେ ୨୦୧୬ରେ ମୁକେଶ, ପବନ ଏବଂ ଅକ୍ଷୟ ୧୦ମ ଶ୍ରେଣୀରେ ନାମ ଲେଖାଇଥିଲେ। ହେଲେ ସେମାନେ କୃତକାର୍ଯ୍ୟ ହୋଇପାରି ନ ଥିଲେ। ସେହିପରି ୨୦୧୫ରେ ବିନୟ ବର୍ଷିକିଆ ସ୍ନାତକ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ହେଲେ ଆଇନଗତ ପ୍ରକ୍ରିୟା, ମାମଲାର ଶୁଣାଣି କାରଣରୁ ସେ ଏହାକୁ ସମ୍ପୂର୍ଣ୍ଣ କରିପାରି ନ ଥିଲେ।

ଜେଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଫାଶୀ ପାଇଥିବା ସମ୍ପୃକ୍ତ ୪ ଦୋଷୀ ଜେଲ୍‌ରେ ଥିବା ସମୟରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଛନ୍ତି। ଜେଲ୍ ନିୟମ ଭଙ୍ଗ କରି ଅକ୍ଷୟ ଥରେ ଦଣ୍ଡିତ ହୋଇଛନ୍ତି। ସେହିପରି ମୁକେଶଙ୍କୁ ୩ ଥର, ପବନଙ୍କୁ ୮ଥର ଏବଂ ବିନୟଙ୍କୁ ସର୍ବାଧିକ ୧୧ ଥର ଦଣ୍ଡ ଦିଆଯାଇଛି। ଅନ୍ୟ କଏଦୀଙ୍କୁ ଗାଳିଗୁଲଜ କରିବା, ଜେଲର ଆସିବା ସମୟରେ ଠିଆ ନ ହେବା, ତମାଖୁ ଖାଇବା, ମାର୍‌ପିଟ୍ କରିବା ଆଦି ଅଭିଯୋଗରେ ଏହି ଦଣ୍ଡ ବିଧାନ କରାଯାଇଥିଲା। ଦଣ୍ଡ ସ୍ୱରୂପ ସେମାନଙ୍କୁ ଜେଲରେ ଯୋଗାଇ ଦିଆଯାଉଥିବା ସୁବିଧାକୁ ହଟାଇ ନିଆଯାଇଥିଲା। ସୂଚନାଯୋଗ୍ୟ, ବନ୍ଦୀଙ୍କ ଆଚରଣକୁ ଜେଲରେ ଅନୁଧ୍ୟାନ କରାଯାଇଥାଏ। ଏ ନେଇ ଜେଲ୍ କର୍ତ୍ତୃପକ୍ଷ ସେସନ୍ସ କୋର୍ଟକୁ ଅବଗତ କରାଇଥାନ୍ତି। ଏହାର ସମୀକ୍ଷା କରାଯାଇ ଦଣ୍ଡକୁ ସାମାନ୍ୟ କୋହଳ କରାଯାଇପାରିବ।

# ଶୂନ୍ୟରେ ଲେଖିଲେ 'ଷ୍ଟେ-ହୋମ୍'

## ପାଇଲଟଙ୍କ ଅଭିନବ କରୋନା ସଚେତନତା

ଭିଏନା: କରୋନା ଭାଇରସ୍‌କୁ ନେଇ ଏବେ ବିଶ୍ୱବ୍ୟାପୀ ଦେଖାଦେଇଛି ଭୟ ଆତଙ୍କର ବାତାବରଣ। ଏହାର ପ୍ରଭାବରେ ହୋଟେଲ, ପର୍ଯ୍ୟଟନ ଶିଳ୍ପଠାରୁ ଆରମ୍ଭ କରି ଆର୍ଥିକ ବ୍ୟବସ୍ଥା ଯାଏ ସବୁକିଛି ପ୍ରଭାବିତ ହୋଇଛି। କହିବାକୁ ଗଲେ ଭୂତାଣୁ ସ୍ୱାଭାବିକ ଜୀବନଯାତ୍ରାକୁ ଅଟକାଇ ଦେଇଛି। ଏସବୁ ଭିତରେ ସଂଯମ, ସ୍ୱଚ୍ଛତା ଏବଂ ପ୍ରତିରୋଧ ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ବିଭିନ୍ନ ଦେଶର ସରକାର ଆହ୍ୱାନ ଦେଇଛନ୍ତି। ଏସବୁ ଭିତରେ ଅଷ୍ଟ୍ରିଆର ଜଣେ ପାଇଲଟ ନିଆରା ଉପାୟରେ ସୃଷ୍ଟି କରିଛନ୍ତି ଜନସଚେତନତା। ଏଥିଲାଗି ସେ ଆକାଶରେ ଏୟାରକ୍ରାଫ୍ଟ ଉଡ଼ାଇଥିଲେ। ଡିଜିଟାଲ ସ୍କାଏ ରାଇଡିଂ ଜରିଆରେ ଶୂନ୍ୟରେ ସୃଷ୍ଟି କରିଥିଲେ 'ଷ୍ଟେ-ହୋମ୍', ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ୱେବ୍‌ସାଇଟ୍ ଫ୍ଲାଇଟ୍‌ରାଡାର-୨୪ ଅନୁଯାୟୀ, ଷ୍ଟେ-ହୋମ ଲେଖିବା ଲାଗି ପାଇଲଟ ଜଣକ ଫ୍ଲାଇଟ୍ ରାଡାରର ସହାୟତା ନେଇଥିଲେ। ଭିଏନାଠାରୁ ୫୦ ମାଇଲ ଦୂର ୱିନର ନେଷ୍ଟାଇଡ୍ ଏୟାରପୋର୍ଟରୁ ସେ ଉଡ଼ାଣ ଆରମ୍ଭ କରିଥିଲେ। ଷ୍ଟେ ହୋମ୍ ଲେଖିବା ଲାଗି ତାଙ୍କୁ ୨୪ ମିନିଟ୍ ସମୟ ଲାଗିଥିଲା। ସୂଚନାଯୋଗ୍ୟ, ଅଷ୍ଟ୍ରିଆରେ ଅଦ୍ୟାବଧି ୧୮ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନିକଟରେ କରୋନା ଭାଇରସ୍ ଭୂତାଣୁ ଠାବ କରାଯାଇଛି। ପାଇଲଟ ଜଣକ ନିଜର ନାମ ଗୋପନ ରଖି କହିଛନ୍ତି, ଦେଶବାସୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସେ ଏଭଳି ପଦକ୍ଷେପ ନେଇଥିଲେ। ଏହାର ସକାରାତ୍ମକ ପ୍ରଭାବ ଲୋକଙ୍କ ଉପରେ ନିଶ୍ଚିତ ଭାବେ ପଡ଼ିବ। ଅଧିକରୁ ଅଧିକ ସମୟ ଘରେ ବିତାଇଲେ ମହାମାରୀ ପାଲଟିଥିବା ଏହି ଭୂତାଣୁକୁ ମଣିଷ ଜିତିପାରିବ।




# ହସ୍ପିଟାଲକୁ ୫୦ ହଜାର ମାସ୍କ ଦାନ

ଷ୍ଟକ୍‌ହୋମ: ସ୍ୱିଡେନ୍‌ର ସରକାରୀ ହସ୍ପିଟାଲ (ଗୋଥେନ୍‌ବର୍ଗସ୍ଥିତ ସାହଲଗ୍ରେନ୍‌ସ୍କା ବିଶ୍ୱବିଦ୍ୟାଳୟ)କୁ ଏକ ଆସବାବପତ୍ର କମ୍ପାନି ୫୦,୦୦୦ ମାସ୍କ ଦାନ କରିଛି। ବର୍ତ୍ତମାନ ସମୟରେ କରୋନା ଭାଇରସ୍ ଆତଙ୍କ ଖେଳାଇ ଚାଲିଥିବା ବେଳେ ମାସ୍କ ଦାନ କରିବା ବେଶ୍ ପ୍ରଶଂସାଯୋଗ୍ୟ। ଏହା ଲୋକଙ୍କ ଦରକାରରେ କାମରେ ଲାଗିବ। ଯେତେବେଳେ ବାର୍ଡ ଫ୍ଲୁ ହୋଇଥିଲା କମ୍ପାନି ପକ୍ଷରୁ ସେତେବେଳେ ମାସ୍କ କିଣାଯାଇଥିଲା। ଏହାକୁ ଗୋଦାମରେ ରଖି ପରବର୍ତ୍ତୀ ସମୟରେ କମ୍ପାନି କର୍ତ୍ତୃପକ୍ଷ ଭୁଲି ଯାଇଥିଲେ।

ସ୍ୱିଡେନ୍‌ରେ ବର୍ତ୍ତମାନ ସୁଦ୍ଧା ୧,୧୬୭ ଜଣ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଥିବା ବେଳେ ୭ ଜଣଙ୍କ ମୃତ୍ୟୁ ଘଟିଛି। ସ୍ୱିଡେନର ୱେଷ୍ଟ କୋଷ୍ଟର ବୃହତ୍ତମ ଷ୍ଟୋର୍ ବୋଲି ଆଇକେଏର ଲଜିଷ୍ଟିକ ମ୍ୟାନେଜର ଜୋହାନ ଆଣ୍ଡର୍‌ସନ କହିଛନ୍ତି, ବାର୍ଡ ଫ୍ଲୁ ସମୟରେ ହଜାର ହଜାର ମାସ୍କ କ୍ରୟ କରାଯାଇଥିଲା। ଆଜି ଗୋଦାମରେ ହଠାତ୍ କିଛି ଖୋଜୁଥିବା ବେଳେ ତାଙ୍କ ଟିମ୍ ଏହାକୁ ପାଇଛନ୍ତି। ହସ୍ପିଟାଲରେ ମାସ୍କ କମ୍ ରହିଥିବା ସେ ନ୍ୟୁଜ୍‌ରୁ ଜାଣିବାକୁ ପାଇଥିଲେ। ତେଣୁ ସେ ସଙ୍ଗେ ଗୋଥେନ୍ସବର୍ଗର ସାହଲଗ୍ରେନ୍‌ସ୍କା ହସ୍ପିଟାଲ ମ୍ୟାନେଜମେଣ୍ଟକୁ ଫୋନ୍ କରି ମାସ୍କ ଚାହୁଁଛ କି ନାହିଁ ପଚାରିଥିଲେ। ସେ ହଁ କହିବାରୁ ୫୦,୦୦୦ ମାସ୍କ ଦାନ କରିଛି କମ୍ପାନି।



କନିକା କପୁର

# କନିକାଙ୍କୁ କରୋନା

**ମୁମ୍ବାଇ:** ବଲିଉଡ୍ ଗାୟିକା କନିକା କପୁର କରୋନା ଭାଇରସରେ ପୀଡ଼ିତ ଥିବା ଜଣାପଡିଛି। ଶୁକ୍ରବାର ତାଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ସେ କରୋନା ଭାଇରସରେ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। କିଛିଦିନ ପୂର୍ବରୁ ସେ ଲଣ୍ଡନରୁ ଫେରିଥିବା ବେଳେ ଏବେ ତାଙ୍କୁ ଆଇସୋଲେଶନରେ ରଖାଯାଇଛି। ତାଙ୍କ ପରିବାର ଏବେ କ୍ୱାରାଣ୍ଟାଇନରେ ରହିଥିବା ସେ ଟୁଇଟ୍ କରି ଜଣାଇଛନ୍ତି। ସେ ୧୦ ଦିନ ତଳେ ଲଣ୍ଡନରୁ ଫେରିଥିବା ବେଳେ ବିମାନବନ୍ଦରରେ ଯାଞ୍ଚ ସମୟରେ ତାଙ୍କ ପାଖରେ କରୋନାର କୌଣସି ଲକ୍ଷଣ ଦେଖାଯାଇ ନ ଥିବାରୁ ସେ ସାଧାରଣ ଲୋକଙ୍କ ଭଳି ଚଳପ୍ରଚଳ ହୋଇଥିଲେ। ୪ ଦିନ ପୂର୍ବରୁ ତାଙ୍କ ପାଖରେ କରୋନା ଲକ୍ଷଣ ଦେଖାଯିବାରୁ ସେ ନମୁନା ପରୀକ୍ଷା ପାଇଁ ପଠାଇଥିବା କହିଛନ୍ତି। ବେବି ଡଲ ସିଙ୍ଗର କନିକା କରୋନାରେ ପୀଡ଼ିତ ହେବା ପରେ ଏବେ ତାଙ୍କ ଆଖପାଖର ଲୋକେ ଭୟଭୀତ ହୋଇଯାଇଥିବା କୁହାଯାଉଛି।



ଉପକାର କରି କୌଣସି ଆଶା ରଖିବା ନିଜର ସତ୍‌କର୍ମ ଉପରେ ଆଞ୍ଚ ଆଣିବା ଛଡ଼ା ଅନ୍ୟକିଛି ନୁହେଁ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଧାନ ବିଲରେ ଫୁଟିଲା ପଦ୍ମ



**କଣାସ,୨୦।୩(ସ୍ୱ.ପ୍ର.):** ସମାଜ ଯେତିକି ଆଧୁନିକ ଆଡ଼କୁ ଗତି କରୁଛି ପାଣିପାଗର ପରିବର୍ତ୍ତନ ଯୋଗୁ ବେଳେବେଳେ ଅଜବ ଘଟଣାମାନ ଦେଖିବାକୁ ମିଳୁଛି। ଜଣେ ଚାଷୀଙ୍କ ଖରାଟିଆ ଧାନ ବିଲରେ ପଦ୍ମ ଫୁଲ ଫୁଟିଥିବାର ଦେଖାଯାଇଛି। ତାହା ବି ପୁଣି ଗୋଟିଏ ଦିନ ନୁହେଁ ପ୍ରତିଦିନ ପଦ୍ମ ଫୁଲ ଫୁଟୁଥିବାର ଚାଷୀ ଶରତ ଶ୍ରୀଚନ୍ଦନ କହିଛନ୍ତି। ଏହା ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ନୂଆଗାଁ ଗ୍ରାମରେ ଦେଖାଯାଇଛି। ଏହି ଫୁଲ ତୋଳାହୋଇ ଗାଁ ଠାକୁର ରାସ ବିହାରୀ ଏବଂ ହନୁମାନଙ୍କଠାରେ ଲାଗିକରାଯାଇଛି। ନୂଆଗାଁ ଗ୍ରାମଠାରୁ ଲୁଣାନଦୀ ବନ୍ଧରେ କରମଳା ଯିବା ବାଟରେ ଉକ୍ତ ଧାନ ବିଲରେ ଦୈନିକ ପଦ୍ମଫୁଲ ଫୁଟୁଛି। ସାଧାରଣରେ ଯଦି ଧାନ ବିଲରେ ଘାସ ଉଠେ କୃଷକଙ୍କ ପାଇଁ ଚିନ୍ତାର କାରଣ ହୋଇପଡ଼େ ଘାସ ଉପାଡ଼ିଲା ପରେ କୃଷକକୁ ଶାନ୍ତି ମିଳେ। କିନ୍ତୁ ଶରତବାବୁଙ୍କ ଧାନ ବିଲରେ ପଦ୍ମ ଫୁଟୁଥିବାରୁ ଶରତବାବୁ ଓ ତାଙ୍କ ପରିବାର ମନରେ ଖୁସିର ଲହରି ଖେଳିଯାଇଛି।

### ଅଲାରନାଥ ମନ୍ଦିରରେ ଦର୍ଶନ ବନ୍ଦ

**ବ୍ରହ୍ମଗିରି,୨୦।୩(ଡି.ଏନ.ଏ) :** କରୋନା ଭୂତାଣୁ ସଂକ୍ରମଣରୁ ରୋକିବା ପାଇଁ ସମସ୍ତଙ୍କୁ ସଚେତନତା କରାଇବା ସହ ବ୍ରହ୍ମଗିରିରେ ଥିବା ମହାପ୍ରଭୁ ଅଲାରନାଥ ମନ୍ଦିରରେ ଦର୍ଶନ ପାଇଁ କଟକଣା ଲଗାଯାଇଛି। ଏ ନେଇ ଶୁକ୍ରବାର ପ୍ରଶାସନ ତରଫରୁ ମନ୍ଦିରରେ ଦର୍ଶନ ବନ୍ଦ କରି ଦିଆଯାଇଛି। ଫଳରେ ଅନେକ ଦର୍ଶନାର୍ଥୀ ଆସି ବାହାରୁ ଦର୍ଶନ କରି ଫେରିଥିବାର ଦେଖିବାକୁ ମିଳିଛି। ପର୍ଯ୍ୟଟନ କ୍ଷେତ୍ରରେ ବ୍ରହ୍ମଗିରି ଅଲାରନାଥ ମନ୍ଦିର ଏକ ପ୍ରମୁଖ ସ୍ଥାନ। କରୋନା ପାଇଁ ସାମଜିକ ଦୂରତା ରକ୍ଷା କରିବା ପାଇଁ ଏହି ମନ୍ଦିରରେ ବ୍ରହ୍ମଗିରି ତହସିଲଦାର କିଶୋର କୁମାର ପଣ୍ଡା ଓ ବ୍ରହ୍ମଗିରି ପୋଲିସ ଉପସ୍ଥିତିରେ ବନ୍ଦ କରାଯାଇଛି। କେବଳ ସେବାୟତମାନେ ମନ୍ଦିର ମଧରେ ନୀତିକାନ୍ତି ସାରି ମନ୍ଦିର ବନ୍ଦ ରଖିବା ପାଇଁ ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ବ୍ରହ୍ମଗିରି ଅଞ୍ଚଳରେ ଥିବା ବିଭିନ୍ନ ପ୍ରମୁଖ ଦେବାଳୟକୁ ମଧ ବନ୍ଦ କରାଯାଇଛି।

# ଆଜିଠୁ ଦୋକାନ ଉପରେ କଟକଣା

**ପୁରୀ ଅଫିସ,୨୦।୩**

- ଗାଡ଼ି ଚଳାଚଳ ନେଇ ଲାଗୁହେବ ଇଭିନ୍, ଅଡ୍ ଫର୍ମୁଲା
- ଅନୁମତି ବିନା କୌଣସି ପ୍ରଚାରପତ୍ର ବାଣ୍ଟିବା ମନା

କରୋନା ଭାଇରସକୁ ନେଇ ଏବେ ସବୁଠି ଆଲୋଚନା। ଏହି ପ୍ରାଣଘାତୀ ଭାଇରସ୍‌କୁ କିପରି ମୁକାବିଲା କରାଯାଇପାରିବ ସେ ନେଇ ରାଜ୍ୟ ସରକାର ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ଜାରି କରୁଛନ୍ତି। ପୁରୀ ଜିଲା ପ୍ରଶାସନ ଏହିସବୁ ନିର୍ଦ୍ଦେଶ କିପରି ଠିକ୍ ଭାବେ କାର୍ଯ୍ୟକାରୀ ହେବ ତାହା ଉପରେ ଗୁରୁତ୍ୱ ଦେଉଛି। ଶନିବାରଠାରୁ ଦୋକାନ ଖୋଲିବା ଉପରେ କିଛି କଟକଣା ରହିବ। ସେହିପରି ଅଟୋ, ଟ୍ୟାକ୍ସି ଚଳାଚଳ ଉପରେ ନିୟନ୍ତ୍ରଣ ଆଣିବାକୁ ଇଭିନ, ଅଡ୍ ଫର୍ମୁଲା ଲାଗୁ ହେବ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି।

ଶୁକ୍ରବାର ଏକ ଭିଡିଓ ମାଧମରେ ଜିଲାପାଳ କହିଛନ୍ତି, କରୋନା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶମତେ ଆହୁରି କିଛି ନୂଆ ପଦକ୍ଷେପ ନେବାକୁ ଯାଉଛୁ। ଶନିବାରଠାରୁ ଦୋକାନ ଉପରେ କଟକଣା କରାଯିବ। ବିଶେଷକରି ଅତ୍ୟାବଶ୍ୟକ ସାମଗ୍ରୀ (ଗ୍ରସେରି, ପନିପରିବା ଆଦି) ବିକ୍ରି ହେଉଥିବା ଦୋକାନକୁ ବାଦ୍ ଦେଇ ଆଉ ସମସ୍ତ ଦୋକାନ ବନ୍ଦ ରହିବ। ରାସ୍ତାକଡ଼ରେ ଯେଉଁ ଦୋକାନରେ ଲୋକଙ୍କ ଗହଳି ହେଉଛି ତାକୁ ବନ୍ଦ କରାଯିବ। କୌଣସି ଜାଗାରେ ୭ଜଣରୁ ଅଧିକ ଲୋକଙ୍କ ସମାଗମ ହେବ ନାହିଁ। ଏହାକୁ କଡ଼ାକଡି କରାଯିବ। ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ସହରରେ ଅଟୋ ଓ ଟ୍ୟାକ୍ସି ଚଳାଚଳକୁ ନିୟନ୍ତ୍ରଣ କରାଯିବ। ଏଥିପାଇଁ ଯୁଗ୍ମ ଏବଂ ଅଯୁଗ୍ମ ନିୟମ ଲାଗୁ ହେବ। ଯୁଗ୍ମ (ଇଭିନ) ତାରିଖରେ ଯୁଗ୍ମ ନମ୍ବର ଥିବା ଗାଡ଼ି ଚଳାଚଳ କରିବ। ସେହିଭଳି ଅଯୁଗ୍ମ (ଅଡ୍) ତାରିଖରେ ଅଯୁଗ୍ମ ନମ୍ବର ଗାଡ଼ି ଗଡ଼ିବ। ଏଥିପାଇଁ ଟ୍ୟାକ୍ସି ଏବଂ ଅଟୋ ଆସୋସିଏଶନ ସହ ଆର୍‌ଟିଓ ଏବଂ ପୋଲିସ ଆଲୋଚନା କରିବେ। ସେହିପରି କରୋନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଲାଗି ଅନେକ ଲୋକ ବ୍ୟକ୍ତିଗତ ଭାବେ ପ୍ରଚାରପତ୍ର (ଲିଫ୍‌ଲେଟ) ବଣ୍ଟନ କରୁଛନ୍ତି। କିନ୍ତୁ ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଥିପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି। ତେଣୁ ବ୍ୟକ୍ତିଗତ ଭାବେ କେହି ଲିଫ୍‌ଲେଟ୍ ବାଣ୍ଟିବାର ଆବଶ୍ୟକତା ନାହିଁ। ବିଶେଷକରି ବିନା ଅନୁମତିରେ ଯଦି କେହି ପ୍ରଚାରପତ୍ର ବାଣ୍ଟନ୍ତି ତେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏତଦ୍‌ବ୍ୟତୀତ କେତେକ ସଙ୍ଗଠନ ମାସ୍କ ଆଦି ବାଣ୍ଟୁଛନ୍ତି। ଏଥିରୁ ସେମାନେ ନିବୃତ୍ତ ରୁହନ୍ତୁ। ଯଦି କାହାର ବାଣ୍ଟିବା ପାଇଁ ଇଚ୍ଛା ଅଛି ତେବେ ସେମାନେ ଜିଲା ମନିଟରିଂ ସେଲ୍‌ରେ ଆସି ଜଣାନ୍ତୁ। ଏହିସବୁ ସାମଗ୍ରୀ କେଉଁଠି ବଣ୍ଟାଯିବ ତାହା ଜିଲାସ୍ତରରେ ହିଁ ନିଷ୍ପତ୍ତି ନିଆଯିବ। ବିଶେଷକରି ସଚେତନତା କ୍ଷେତ୍ରରେ ସାମିଲ ହେଉଥିବା କର୍ମଚାରୀ, ପୋଲିସ, ସଫେଇ କର୍ମଚାରୀଙ୍କ ପାଇଁ ଏହାର ଯଥେଷ୍ଟ ଆବଶ୍ୟକତା ରହିଛି। ତେଣୁ ପ୍ରଶାସନ ମାଧମରେ ସେମାନଙ୍କୁ ଏହା ବଣ୍ଟା ଯାଇପାରିବ। ଏହିସବୁ କଟକଣା ଶନିବାର ଠାରୁ କଡ଼ାକଡ଼ି ହେବ। ତେବେ କରୋନା ପାଇଁ ଯେତେ ପ୍ରକାର କଟକଣା ଲାଗୁ ହେଉଛି ସବୁଥିରେ ଜିଲାବାସୀ ପ୍ରଶାସନକୁ ସହଯୋଗ କରୁଛନ୍ତି। ଏହିଭଳି ସହଯୋଗ ଆଗକୁ ରହିଲେ କରୋନା ଭୂତାଣୁରୁ ସମସ୍ତେ ରକ୍ଷା ପାଇପାରିବା ବୋଲି ଜିଲାପାଳ ସିଂ କହିଛନ୍ତି।




ମାଷ୍ଟର କ୍ୟାଣ୍ଟିନ ଛକଠାରେ ଟିଜି ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର କରୋନା ମୁକାବିଲା ପାଇଁ ସଚେତନତା କରାଯାଉଛି।

## ଗୋଟିଏ ଟୁରିଷ୍ଟ ବସ୍ ଫେରିଗଲା

**ପୁରୀ ଅଫିସ,୨୦।୩**

କରୋନା ମୁକାବିଲା ପାଇଁ ପୁରୀ ଜିଲା ପ୍ରବେଶ ପଥଗୁଡ଼ିକୁ ସିଲ୍ କରି ଗାଡ଼ି ଯାଞ୍ଚ ଚଳାଇଛି ପ୍ରଶାସନ। ବାହାରୁ ଆସୁଥିବା କୌଣସି ପର୍ଯ୍ୟଟକଙ୍କୁ ପୁରୀରେ ପ୍ରବେଶ ପାଇଁ ଅନୁମତି ଦିଆଯାଉ ନାହିଁ। ଗତ ୫ଦିନ ମଧରେ ପ୍ରାୟ ୩ହଜାର ପର୍ଯ୍ୟଟକଙ୍କୁ ଫେରାଇ ଦିଆଯାଇଛି। ଶୁକ୍ରବାର ପିପିଲି ଟୋଲଗେଟ୍‌ରେ ପରିବହନ, ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଯାଞ୍ଚ ଚାଲିଥିଲା। କେବଳ ଗୋଟିଏ ଟୁରିଷ୍ଟ ବସ୍ ବ୍ୟତୀତ ଅନ୍ୟ କୌଣସି ପର୍ଯ୍ୟଟକ ଗାଡ଼ି ପୁରୀକୁ ଆସି ନ ଥିଲେ। ରାଜସ୍ଥାନରୁ ଆସିଥିବା ଏହି ଟୁରିଷ୍ଟ ବସ୍‌କୁ ପିପିଲି ଟୋଲଗେଟ୍‌ରୁ ଫେରାଇ ଦିଆଯାଇଥିଲା ବୋଲି ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ସମୀର କୁମାର ଦଳାଇ କହିଛନ୍ତି। ଅନ୍ୟପକ୍ଷରେ ବାହାର ରାଜ୍ୟରୁ ଫେରୁଥିବା ଜିଲାବାସୀଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରାଯାଉଛି। ଏଥିଲାଗି ଆଶାକର୍ମୀମାନଙ୍କୁ ପରାମର୍ଶ ଦିଆଯାଇଛି। କେଉଁ ଗାଁରେ କିଏ ବାହାରୁ ଆସିଲେ ତୁରନ୍ତ ପ୍ରଶାସନକୁ ଜଣାଇବା ଲାଗି କୁହାଯାଇଛି। ସତର୍କତା ଓ ସଚେତନତାକୁ ଅଧିକ କଡ଼ାକଡ଼ି କରାଯାଇଛି। ପୁରୀ ସହରର ସମୁଦ୍ରକୂଳ, ବଡ଼ଦାଣ୍ଡ, ଚକ୍ରତୀର୍ଥ ରୋଡ ଏବଂ ଭିଆଇପି ରୋଡର ବିଭିନ୍ନ ହୋଟେଲ, ଲଜିଂ, ଆଶ୍ରମ, ହଲିଡେ ହୋମ୍, ଧର୍ମଶାଳା ଓ ଭକ୍ତନିବାସରେ ରହୁଥିବା ବହୁ ପର୍ଯ୍ୟଟକ ସହର ଛାଡ଼ି ଚାଲିଯାଇଛନ୍ତି। ଏଥିଯୋଗୁ ରାସ୍ତାଘାଟ ଏକପ୍ରକାର ଜନଶୂନ୍ୟ ଲାଗୁଛି ।

# ସୁଧାର ଗୃହରେ ଫସିଛନ୍ତି ୧୩ ମହିଳା

**ଖୋର୍ଦ୍ଧା ଅଫିସ,୨୦।୩**

- ଘରକୁ ଫେରି ପାରୁନାହାନ୍ତି
- ଲିଖିତନାମା ଅଥବା ପ୍ରମାଣପତ୍ର ପାଇଲେ ଛଡ଼ାଯିବ

ସାରା ବିଶ୍ୱରେ ଲାଗି ରହିଛି କରୋନା ଆତଙ୍କ। ଏ ନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। କରୋନା ସଂକ୍ରମଣ ମୁକାବିଲା ଲାଗି ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ବିଦେଶ ଫେରନ୍ତାଙ୍କ ନାମ ପଞ୍ଜୀକରଣ କରାଯାଉଛି। ସେମାନଙ୍କୁ କ୍ୱାରେଣ୍ଟାଇନ କେନ୍ଦ୍ରରେ ରହିବା ଲାଗି ପରାମର୍ଶ ଦିଆଯାଇଛି। ଏହାର ଭୟାବହତାକୁ ଉପଲବ୍ଧ କରି ବିଦେଶ ଅଥବା ବାହାର ରାଜ୍ୟରେ ରହୁଥିବା ବ୍ୟକ୍ତି ବିଶେଷ ନିଜ ରାଜ୍ୟ ଏବଂ ଜିଲାକୁ ଫେରୁଛନ୍ତି। ଏଭଳି ସ୍ଥିତିରେ ଖୋର୍ଦ୍ଧା ସୁଧାର ଗୃହରେ ଥିବା ବାହାର ରାଜ୍ୟର ୧୩ ଜଣ ମହିଳା ଫସି ରହିଛନ୍ତି। ସେମାନେ ନିଜ ଘରକୁ ଯିବାକୁ ବ୍ୟାକୁଳ ହେଉଛନ୍ତି। ହେଲେ କର୍ତ୍ତୃପକ୍ଷ ସେମାନଙ୍କୁ ଉପଯୁକ୍ତ ପ୍ରମାଣପତ୍ର ବିନା ଛାଡିବାକୁ ନାରାଜ। ଏ ନେଇ ସମ୍ପୃକ୍ତ ମହିଳାମାନେ ଏବଂ ସୁଧାର ଗୃହ କର୍ତ୍ତୃପକ୍ଷ ମୁହାଁମୁହିଁ ହୋଇଥିବା ଜଣାପଡିଛି।

ଭୁବନେଶ୍ୱର କମିଶନରେଟ ପୋଲିସ ୩ଦିନ ତଳେ ୧୩ ଜଣ ବାହାର ରାଜ୍ୟର ମହିଳାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ସୁଧାର ଗୃହରେ ଛାଡିଥିଲା। ଗୁରୁବାର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରୀକ୍ଷା ରିପୋର୍ଟ ନେଗେଟିଭ ଆସିବା ପରେ ପୋଲିସ ସେମାନଙ୍କୁ ଛାଡି ଦେବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି। ଏ ନେଇ ସୁଧାର ଗୃହ ଉପଦେଷ୍ଟା ମୀରା ମାନ୍ଧାତାଙ୍କୁ ପଚାରିବାରେ ପୋଲିସ ଆଣି ସେମାନଙ୍କୁ ଏଠାରେ ଛାଡିଥିଲା। ପୋଲିସ ଲିଖିତନାମା ଦେବା ପରେ ସେମାନଙ୍କୁ ଛଡାଯିବ। ଅଥବା ସେମାନଙ୍କ ପରିବାରର କୌଣସି ସଦସ୍ୟ ଆସି ଉପଯୁକ୍ତ ପ୍ରମାଣପତ୍ର ଦେଲେ ଛଡାଯିବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ପଖାଳକୁ ରୋକିପାରିଲାନି କରୋନା

- ଘରେ ପାଳନ ହେଲା ପଖାଳ ଦିବସ



**ଭୁବନେଶ୍ୱର,୨୦।୩(ବ୍ୟୁରୋ)**

ପଖାଳ କଂସାକୁ ରୋକିପାରିଲାନି କରୋନା ଭୟ। ପଖାଳ ଦିବସରେ ଓଡ଼ିଆଙ୍କ ଘରେ ଘରେ ଜମିଲା ପଖାଳର ଆସର। ସାମାଜିକ ଦୂରତ୍ୱ ପାଇଁ ସରକାର ଜାରି କରିଥିବା ଗାଇଡ୍‌ଲାଇନକୁ ମାନି ଲୋକେ ଘରେ ନିଜ ବନ୍ଧୁ ପ୍ରିୟଜନଙ୍କ ସହ ପଖାଳ ଦିବସ ପାଳନ କରିଥିବା ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ସୁସ୍ୱାଦୁ ପଖାଳ ପାଇଁ ପ୍ରସିଦ୍ଧ ରାଜଧାନୀର ଏକାମ୍ର ହାଟରେ ମଧ ଅଳ୍ପ ସଂଖ୍ୟାରେ ଲୋକେ ପଖାଳର ମଜା ନେଇଥିଲେ। ତେବେ କରୋନା ସଂକ୍ରମଣ ଭୟରେ ଅଧିକାଂଶ ରେଷ୍ଟୁରାଣ୍ଟ ଓ ହୋଟେଲ ପୂର୍ବରୁ ଆୟୋଜନ କରିବାକୁ ଥିବା ପଖାଳ ଦିବସ ଇଭେଣ୍ଟକୁ ବାତିଲ କରିଥିଲେ ମଧ ଏହି ଦିବସର କ୍ରେଜ୍ କିନ୍ତୁ ଲୋକଙ୍କ ମଧରେ କମି ନ ଥିଲା, ଯାହାକି ସୋସିଆଲ ମିଡ଼ିଆରେ ଦେଖିବାକୁ ମିଳିଥିଲା। ଘରେ ପଖାଳ ଖାଇ ଟୁଇଟର, ଇନ୍‌ଷ୍ଟାଗ୍ରାମ୍ ଏବଂ ଫେସ୍‌ବୁକ୍‌ରେ ଫଟୋ ଅପ୍‌ଲୋଡ୍ କରିବା ସହ ପରସ୍ପରକୁ ଏହି ଦିବସର ଶୁଭେଚ୍ଛା ଜଣାଇଥିଲେ।

ପଖାଳ ଦିବସ ପାଇଁ ଏକାମ୍ର ହାଟରେ ଶୁକ୍ରବାର ଟିକେ ଗହଳି ଦେଖିବାକୁ ମିଳିଥିଲା। ଅନ୍ୟବର୍ଷ ଭଳି ନ ହେଲେ ବି ପଖାଳ ଖାଇବାକୁ ହାଟ ପରିସରରେ ଥିବା ବିଭିନ୍ନ ହୋଟେଲରେ ଭିଡ଼ ଲାଗିଥିଲା। ୩୦୦ରୁ ୪୦୦ ପରିବର୍ତ୍ତେ ଏଥର ମାତ୍ର ୫୦ରୁ ୬୦ଜଣ ଗ୍ରାହକ ହୋଇଥିବା ଏକାମ୍ର ହାଟର ଜଣେ ହୋଟେଲ ବ୍ୟବସାୟୀ କହିଥିବାବେଳେ ବଡ଼ ବଡ଼ ତାରକା ହୋଟେଲ ମଧ ଫାଙ୍କା ପଡ଼ିଥିଲା। ଏପଟେ କରୋନାକୁ ଦୃଷ୍ଟିରେ ରଖି ମାଇକେଲ୍‌ସ କିଚେନ୍‌ରେ ଆୟୋଜନ ହେବାକୁ ଥିବା ପଖାଳ ଫେଷ୍ଟିଭାଲକୁ ବାତିଲ କରାଯାଇଥିଲା। ଏପଟେ ଘରେ ଘରେ ପଖାଳ ସହ ଚୁନା ମାଛ, ଶାଗ ଭଜା, ବଡି ଚୁରା, କଖାରୁ ଫୁଲ ପିଠଉ, ଚିଙ୍ଗୁଡି ଛେଚା, ମାଛ ଭଜା ଏବଂ ଆଳୁ ଭରତା ଭଳି ଖାଣ୍ଟି ଓଡିଆ ଖାଦ୍ୟର ପସରା ଜମିଥିଲା।

# ଅନ୍ ଲାଇନ୍ କାରବାର ପାଇଁ ଇପିଏଫ୍ ଉପଭୋକ୍ତାଙ୍କୁ ପରାମର୍ଶ

**ଭୁବନେଶ୍ୱର,୨୦।୩ (ବ୍ୟୁରୋ)**

ଇପିଏଫ୍‌ଓ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଉପଭୋକ୍ତାଙ୍କୁ ଅନ୍ ଲାଇନ୍ ଜରିଆରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିବେଦନ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କୋଭିଡ୍-୧୯ ସଂକ୍ରମଣକୁ ରୋକିବା ପାଇଁ କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ ତରଫରୁ ଏହି ନିବେଦନ କରାଯାଇଛି। ଇପିଏଫ୍ ସମ୍ବନ୍ଧୀୟ ଜମା ରାଶି ଟଙ୍କା ଉଠାଇବା ପାଇଁ କାର୍ଯ୍ୟାଳୟକୁ ନ ଆସି www.jeevanpramaan.gov.in ରେ ପ୍ରଦତ୍ତ ୟୁଏଏନ୍ ପୋର୍ଟାଲ ସାହାଯ୍ୟରେ ଦାବିପତ୍ର ଦାଖଲ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ସେହିପରି ପେନସନ୍ ଜୀବନ ପ୍ରମାଣପତ୍ର ପାଇଁ www.jeevanpramaan.gov.in. UMANG App ଏବଂ ଯେକୌଣସି ଅଭିଯୋଗ ପାଇଁ subject columnରେ grievance ଉଲ୍ଲେଖ କରି ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଇମେଲ୍-ro.bhubaneshwar@epfindia.gov.in ରେ ପଠାଇବା ପାଇଁ କୁହାଯାଇଛି। ଏହା ବ୍ୟତୀତ ଅନ୍ୟ କୌଣସି ବିଷୟରେ ଜାଣିବା ପାଇଁ ପ୍ରଦତ୍ତ ଫୋନ୍ ନମ୍ବର ୦୬୭୪-୨୫୪୩୫୬୬, ୨୫୪୩୨୬୯ ତଥା ନ୍ୟାଶନାଲ toll free ନମ୍ବର ୧୮୦୦-୧୧-୮୦୦୫ ରେ ଉପଭୋକ୍ତାମାନେ ଯୋଗାଯୋଗ କରିପାରିବେ। ଅନ୍ ଲାଇନରେ ପ୍ରାପ୍ତ ଆବେଦନ ଉପରେ ତୁରନ୍ତ ପଦକ୍ଷେପ ନିଆଯାଇ ଉପଭୋକ୍ତାଙ୍କ ଫୋନ୍ ଏବଂ ଇମେଲ ଜରିଆରେ ସୂଚିତ କରାଯିବ ବୋଲି ଇପିଏଫଓ ଭୁବନେଶ୍ୱର ଅଫିସ୍ ପକ୍ଷରୁ କୁହାଯାଇଛି।

# କାଠ କୋଇଲା ସହ ପିକ୍‌ଅପ୍ ଭ୍ୟାନ ଜବତ

**ଚୌଦ୍ୱାର,୨୦।୩(ଡି.ଏନ୍.ଏ.)**

ଚୌଦ୍ୱାର ବନବିଭାଗ ଗୁରୁବାର ବିଳମ୍ବିତ ରାତିରେ ଚଢାଉ କରି ୪୦ବସ୍ତା ଚୋରା କାଠ କୋଇଲା ସହିତ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ଜବତ କାଠ କୋଇଲାର ମୂଲ୍ୟ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନପାଳ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି। ସୂଚନା ଅନୁଯାୟୀ, ଖୁଣ୍ଟୁଣୀ ବନାଞ୍ଚଳରୁ ଦୈନିକ ବିଳମ୍ବିତ ରାତିରେ ବିଭିନ୍ନ ଗାଡି ଯୋଗେ କାଠ କୋଇଲା କଟକ ଓ ଭୁବନେଶ୍ୱର ଅଞ୍ଚଳକୁ ବିକ୍ରି ପାଇଁ ଚାଲାଣ ହେଉଥିବା ଡିଏଫ୍‌ଓ ସୁଦର୍ଶନ ପାତ୍ର ଖବର ପାଇଥିଲେ। ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ରାତି ୩ଟାରେ ୫୫ନଂ. ଜାତୀୟ ରାଜପଥ କଜଳକଣା ନିକଟରେ ଏସିଏଫ୍ ଶରତ ସାହୁ, ଅଭିରାମ ଜେନା ଓ ବନପାଳ ଫରେଷ୍ଟ ଗାର୍ଡଙ୍କ ସହିତ ଉକ୍ତ ରାସ୍ତାରେ ଜଗି ରହିଥିଲେ। ବନ କର୍ମଚାରଙ୍କୁ ଦେଖି ପିକ୍‌ଅପ୍ ଭ୍ୟାନ ଡ୍ରାଇଭର ଓ ବେପାରୀ ଗାଡିକୁ ରାସ୍ତାରେ ଛିଡା କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଗାଡି ସହିତ କାଠ କୋଇଲାକୁ ଚୌଦ୍ୱାର କାର୍ଯ୍ୟାଳୟରେ ରଖାଯାଇ ଘଟଣାର ତଦନ୍ତ ଜାରି ରହିଛି।

# କ୍ଷୁଦ୍ର ବ୍ୟବସାୟୀଙ୍କୁ ଆର୍ଥିକ ସହାୟତା ଦିଆଯାଉ

**ପୁରୀ ଅଫିସ,୨୦।୩**

କରୋନା ମୁକାବିଲା ପାଇଁ ବିଭିନ୍ନ ପ୍ରକାର କଟକଣା ଲଗାଯାଇଛି। ଏହାଦ୍ୱାରା ଅନେକ କ୍ଷୁଦ୍ର ବ୍ୟବସାୟୀ, ରିକ୍ସା ଓ ଅଟୋଚାଳକ ଅଧିକ ମାତ୍ରାରେ ପ୍ରଭାବିତ ହେଉଛନ୍ତି। ତେଣୁ ଏମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ପୁରୀର ପ୍ରମୋଦ ସିଂହ ନାମକ ଜଣେ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ପୁରୀ ଅର୍ଥନୀତି କେବଳ ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭରଶୀଳ। ସାମାଜିକ ଦୂରତା ନିୟମ ଲାଗୁ କରାଯାଇଥିବାରୁ ପୁରୀ ସହର ଏକପ୍ରକାର ଅଚଳ ହେବାକୁ ବସିଲାଣି। ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ନିମନ୍ତେ ପୁରୀ ପ୍ରବେଶ ବାରଣ ଥିବାରୁ ଏଠାକାର ପର୍ଯ୍ୟଟନ ଶିଳ୍ପ ଭୁଶୁଡ଼ି ପଡ଼ିଛି। କ୍ଷୁଦ୍ର ବ୍ୟବସାୟୀ ୯୦ ପ୍ରତିଶତ, ଲଜିଂ ଓ ହୋଟେଲ ଶିଳ୍ପ ୯୫ ପ୍ରତିଶତ, ଶଙ୍ଖମାଳି ବ୍ୟବସାୟରେ ଶତପ୍ରତିଶତ ଆର୍ଥିକ କ୍ଷତି ଘଟିଛି । ଦୈନନ୍ଦିନ ଛୋଟ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ହେବାରେ ଲାଗିଛି। ବ୍ୟବସାୟରୁ ଆୟ କମି ଚାଲିଥିବାରୁ ଦୋକାନ ମାଲିକମାନେ କର୍ମଚାରୀ ଛଟେଇ କଲେଣି। ତେଣୁ ଏହିସବୁ ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟବସ୍ଥା କରନ୍ତୁ ବୋଲି ସିଂ ଚିଠିରେ ନିବେଦନ କରିଛନ୍ତି।

# ଐତିହ୍ୟ ସ୍ଥଳ ନିକଟରେ ବେଆଇନ ନିର୍ମାଣ

**ପୁରୁଣା ଭୁବନେଶ୍ୱର, ୨୦।୩ (ଡି.ଏନ.ଏ.)**

ରାଜଧାନୀକୁ ସରସ ସୁନ୍ଦର ରୂପେ ଗଢି ତୋଳିବାର ଦାୟିତ୍ୱ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ(ବିଏମସି) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ଙ୍କର ରହିଛି। ଭୁବନେଶ୍ୱରର ବଢୁଥିବା ଜନସଂଖ୍ୟାକୁ ନଜରରେ ରଖି ନୀତିନିୟମ ଓ କଟକଣା ଅନୁଯାୟୀ ଗୃହ ନିର୍ମାଣ ନକ୍ସା ଅନୁମୋଦନ କରିବାକୁ ନେଇ ବିଡିଏ ନିଜର ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଉଛି। ବେଆଇନ ନିର୍ମାଣ ଭାଙ୍ଗିବା କାମ କେବଳ ବିଏମ୍‌ସି ଚଳାଇଛି। ରାଜଧାନୀର ବହୁ ଐତିହ୍ୟ ଓ ପୁରାତନ କୀର୍ତ୍ତିରାଜି ଜବରଦଖଲ ଏବଂ ବେଆଇନ ନିର୍ମାଣକାରୀଙ୍କଠାରୁ ବାଦ୍ ପଡ଼ିନାହିଁ। ଅଧିକାଂଶ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ) ଦ୍ୱାରା ସଂରକ୍ଷିତ ଐତିହ୍ୟସ୍ଥଳ ଚତୁଃପାର୍ଶ୍ୱରେ ବେଆଇନ ଭାବେ କଲୋନୀ ଓ ବ୍ୟବସାୟ ପ୍ରତିଷ୍ଠାନ ଗଢି ଉଠିଛି। ଏସବୁ ବେଆଇନ ନିର୍ମାଣ ନେଇ ପ୍ରତ୍ୟକ୍ଷ ଭାବେ ବିଏମ୍‌ସି, ବିଡିଏ, ଶକ୍ତି ବିଭାଗ ଜଡିତ ରହିଥିବା ଅଭିଯୋଗ ହେଉଛି। ବିଡିଏ ନିଜ ପକ୍ଷରୁ ୫୬୭ ଏକର ପରିମିତ ଶିଶୁପାଳଗଡ଼ରେ ଗଢି ଉଠିଥିବା ୨୦୦୦ରୁ ଊର୍ଦ୍ଧ୍ୱ ବେଆଇନ ନିର୍ମାଣ ନେଇ ୨୦୧୯ ପର୍ଯ୍ୟନ୍ତ ମାତ୍ର ୩ ଗୋଟି ନୋଟିସ ଜାରି କରି ନିଜର ଦାୟିତ୍ୱ ସାରି ଦେଇଛି। ଏପରି ଦେଖିବାକୁ ଗଲେ ରାଜାରାଣୀ, ଭାସ୍କରେଶ୍ୱର, ବ୍ରହ୍ମେଶ୍ୱର, ନାଗେଶ୍ୱର, ବୈତାଳେଶ୍ୱର ଭଳି ଅନେକ ମନ୍ଦିରକୁ ଲାଗି କରି ଘରୋଇ ଓ କେତେକ ସ୍ଥାନରେ ସରକାରୀ ନିର୍ମାଣ ହୋଇଛି।

### ମୁଣ୍ଡରୁ ଦୋଷ ଖସାଉଛି ଏଏସ୍‌ଆଇ

ଏଏସ୍‌ଆଇର ଆମ୍‌ସାର ଆକ୍ଟ ଲାଗୁ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇ ନିଜ ମୁଣ୍ଡରୁ ଦୋଷ ଖସାଇ ଚୁପ୍ ରହୁଛି। ଭିତ୍ତିଭୂମି ଓ କର୍ମଚାରୀ ଅଭାବ ଏଏସ୍‌ଆଇ ଦର୍ଶାଉଛି। ସଂରକ୍ଷିତ ଐତିହ୍ୟସ୍ଥଳଗୁଡିକ ନିକଟରେ ଆମସାର ଆକ୍ଟ ଅନୁଯାୟୀ ନକ୍ସାକୁ ଅନୁମୋଦନ ଦେବା ଉଦ୍ଦେଶ୍ୟରେ ଏଏସ୍‌ଆଇ କର୍ତ୍ତୃପକ୍ଷ ନ୍ୟାଶନାଲ ମନୁମେଣ୍ଟ ଅଥରିଟି (ଏନଏମଏ)ଦାୟିତ୍ୱରେ ଛାଡ଼ିଛନ୍ତି। ମାତ୍ର ଜଣେ କର୍ମଚାରୀ ଏନଏମଏ ଦାୟିତ୍ୱରେ ରହିଛନ୍ତି। ତାଙ୍କ ଉପସ୍ଥିତି ଯେ ସ୍ଥିତିରେ ସୁଧାର ଆଣିବ ଏହା ଅସମ୍ଭବ ହୋଇ ପଡୁଥିବା ଅଭିଯୋଗ ହେଉଛି। ରାଜାରାଣୀ ମନ୍ଦିରଠାରୁ ମାତ୍ର ୧୦୦ମିଟର ଦୂର ମୁଖ୍ୟରାସ୍ତାକୁ ଲାଗି ଆପାର୍ଟମେଣ୍ଟକୁ ବିଡିଏ କର୍ତ୍ତୃପକ୍ଷଙ୍କ ସହ ଏନ୍‌ଏମଏର ମଧ ସହମତି ମିଳିଛି। ସେହିପରି ଶିଶୁପାଳଗଡ଼ ରାମପାର୍ଟ ଅଧୀନରେ ଥିବା ଲିଙ୍ଗିପୁର ମୌଜାର ଅଧିକାଂଶ ଖାଲି ଅଞ୍ଚଳ ଜାତୀୟ ରାଜପଥ କଡରେ ରହିଛି। ଏଠାରେ ଅନେକ ବହୁତଳ ବ୍ୟବସାୟିକ ପ୍ରତିଷ୍ଠାନ ଗଢି ଉଠିଛି। ଏଏସ୍‌ଆଇର ନିୟମକୁ ଖାତିର ନ କରି ଏଠାରେ କେତେଜଣ ଲୋକଙ୍କୁ ବିଡିଏ ପକ୍ଷରୁ ବେଆଇନ ଭାବେ ନକ୍ସା ଅନୁମୋଦନ କରାଯାଇଛି। ଏ ନେଇ ବିଡିଏ, ବିଏମ୍‌ସି, ଏନ୍‌ଏମ୍‌ଏ ଓ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଭୂମିକାକୁ ସାଧାରଣରେ ସମାଲୋଚନା କରାଯାଇଛି। ବିଏମ୍‌ସି ପକ୍ଷରୁ ଉଚ୍ଛେଦ ବଦଳରେ ଟିକସ୍ ଆଦାୟ ନେଇ ଏନଫୋର୍ସମେଣ୍ଟର ବରିଷ୍ଠ ଅଧିକାରୀ ଅବନୀକାନ୍ତ ପଟ୍ଟନାୟକଙ୍କୁ ପଚାରିବାରେ ପ୍ରତ୍ୟେକ ଐତିହ୍ୟସ୍ଥଳ ନିକଟରେ ଗଢି ଉଠିଥିବା ବେଆଇନ ନିର୍ମାଣ ନେଇ ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ ଆସିଲେ ଉଚ୍ଛେଦ କରାଯିବ। ଏଥିସହ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଭାବେ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ଏଏସ୍‌ଆଇ ସଂରକ୍ଷଣ ଅଧିକାରୀ ନିର୍ମଳ ଚନ୍ଦ୍ର ମହାପାତ୍ରଙ୍କୁ ପଚାରିବାରେ ଶିଶୁପାଳଗଡ଼କୁ ସମ୍ପୂର୍ଣ୍ଣ ଭାବେ ଜବରଦଖଲ ମୁକ୍ତ କରିବାକୁ ଆମର ସର୍ଭେ ଜାରି ରହିଛି ନିକଟ ଭବିଷ୍ୟତରେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଏ ନେଇ ଗଣମାଧମକୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ବେଆଇନ ନିର୍ମାଣକୁ ବିଦ୍ୟୁତ୍ ସଂଯୋଗ ସମ୍ପର୍କରେ ସେସୁର ଯନ୍ତ୍ରୀ ୟୁ. କେ. ସ୍ୱାଇଁଙ୍କୁ ପଚାରିବାରେ ଶ୍ରୀଲିଙ୍ଗରାଜ ମନ୍ଦିର ଭଳି ଐତିହ୍ୟ ସ୍ଥଳର ଉନ୍ନତୀକରଣ ଯୋଜନା ପାଇଁ ଦେବୋତ୍ତର ବିଭାଗ କିମ୍ବା ମନ୍ଦିର ପ୍ରଶାସନ ଲିଖିତ ନୋଟିସ ଦେଲେ ବେଆଇନ ନିର୍ମାଣ ଉପରୁ ବିଦ୍ୟୁତ୍ କାଟ ନିଶ୍ଚିତ କରାଯିବ ବୋଲି ସେ କହିଛନ୍ତି।

### ବେଆଇନ ନିର୍ମାଣକୁ ଠିକ୍ ଦର୍ଶାଇବାକୁ ଟିକସ ଆଦାୟ

ଐତିହ୍ୟସ୍ଥଳ ନିକଟରେ ଆମ୍‌ସାର (ଆନ୍‌ସିଆଣ୍ଟ ମନ୍ୟୁମେଣ୍ଟ ଓ ଆର୍‌କୋଲୋଜିକାଲ ସିଟ୍ସ) ଆକ୍ଟ ଅନୁଯାୟୀ ନିଷିଦ୍ଧାଞ୍ଚଳ ମଧରେ କୌଣସି ନିର୍ମାଣ ହୋଇପାରିବନାହିଁ। ଏ ନେଇ ଏଏସ୍‌ଆଇ ପକ୍ଷରୁ ବହୁବାର ରାଜ୍ୟ ସରକାରଙ୍କୁ ଚିଠି ମାଧମରେ ଅବଗତ କରାଯାଇଛି। ମାତ୍ର ନିର୍ମାଣ କଟକଣା ଜାରି ହୋଇଥିବା ଐତିହ୍ୟସ୍ଥଳଗୁଡ଼ିକ ନିକଟରେ ଗଢି ଉଠିଥିବା ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନରୁ ବିଏମ୍‌ସି କର୍ତ୍ତୃପକ୍ଷ ହୋଲଡିଂ ଟ୍ୟାକ୍ସ, ଟ୍ରେଡ ଲାଇସେନ୍ସ ପରି ଟିକସ ଆଦାୟ କରୁଛି। ବେଆଇନ ନିର୍ମାଣକୁ ଏକ ପ୍ରକାର ଠିକ୍ ବୋଲି ସାର୍ଟିଫିକେଟ ଦିଆଯାଉଛି। ଯେଉଁସବୁ ବିବାଦୀୟ ନିର୍ମାଣଗୁଡିକୁ ଉଚ୍ଛେଦ କରିବା ଅବା ସିଲ୍ କରିବାର ଆବଶ୍ୟକତା ରହିଛି, ସେସବୁ ସ୍ଥାନରେ ଟିକସ୍ ଆଦାୟ ଯୋଗୁ ତାହା ସମ୍ଭବ ହୋଇପାରୁନି। ଶକ୍ତି ବିଭାଗ ମଧ ଆଉ ଗୋଟିଏ ପାଦ ଆଗେଇ ଟ୍ରାନ୍ସଫର୍ମରଠାରୁ ଆରମ୍ଭ କରି ବିଦ୍ୟୁତ୍ ଖୁଣ୍ଟ ତାର ଟାଣି ବେଆଇନ ନିର୍ମାଣକାରୀଙ୍କୁ ଏକ ପ୍ରକାର ପ୍ରୋତ୍ସାହିତ କରୁଛି।

# ମହାପ୍ରଭୁଙ୍କ ଦର୍ଶନ ନ ପାଇ ଫେରିଲେ ଭକ୍ତ

- ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ
- ଖାଁ ଖାଁ ବଡ଼ଦାଣ୍ଡ, ଶୂନ୍‌ଶାନ୍ ବେଳାଭୂମି
- ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ

**ପୁରୀ ଅଫିସ, ୨୦।୩:** ଖାଁ ଖାଁ ବଡ଼ଦାଣ୍ଡ, ଶୂନ୍‌ଶାନ୍ ବେଳାଭୂମି। ପ୍ରତ୍ୟେକ ଦିନ ଭକ୍ତ, ପର୍ଯ୍ୟଟକଙ୍କ ଗହଳିରେ ଫାଟି ପଡୁଥିବା ବଡ଼ଦାଣ୍ଡ ଶୁକ୍ରବାର ସମ୍ପୂର୍ଣ୍ଣ ଭିନ୍ନ ଦେଖାଯାଉଥିଲା। କାଁ ଭାଁ ଲୋକେ ଯା' ଆସ କରୁଥିବାବେଳେ ଗାଡ଼ିମୋଟର ସଂଖ୍ୟା ବି ବହୁତ କମ୍ ଥିଲା। ସେହିପରି ଶୂନଶାନ୍ ରହିଥିଲା ପୁରୀ ବେଳାଭୂମି। ନ ଥିଲେ ପର୍ଯ୍ୟଟକ କି ଖୋଲି ନ ଥିଲା ଉଠାଦୋକାନୀଙ୍କ ପସରା। ସେହିପରି ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ଥିବାବେଳେ ଶୁକ୍ରବାର ରାଜ୍ୟ ବାହାରର କେତେକ ଶ୍ରଦ୍ଧାଳୁ ଆସି ଫେରିଯାଇଥିବା ଦେଖିବାକୁ ମିଳିଥିଲା। କିନ୍ତୁ କରୋନା ମୁକାବିଲା ପାଇଁ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସେମାନେ ସ୍ୱାଗତ କରିଥିଲେ।

ଦିନକୁ ଦିନ କରୋନା ଅଧିକ ଭୟ ଦେଖାଉଛି। ଗୋଟିଏ ପରେ ଗୋଟିଏ ନୂଆ ଦେଶକୁ ମାଡୁଛି। ତେଣୁ ଏହାର ମୁକାବିଲା ପାଇଁ ପ୍ରତିଦିନ ନୂଆ ଆଡଭାଇଜରି ଜାରି କରାଯାଉଛି। ଓଡ଼ିଶାରେ ବି ସରକାରଙ୍କ ପକ୍ଷରୁ ବିଭିନ୍ନ କଟକଣା ଲାଗୁ ହୋଇଛି। ଶୁକ୍ରବାରଠାରୁ ଶ୍ରୀମନ୍ଦିର ସମେତ ରାଜ୍ୟର ବିଭିନ୍ନ ଧର୍ମପୀଠରେ ଭକ୍ତଙ୍କ ଦର୍ଶନ ବନ୍ଦ କରାଯାଇଛି। ଏପ୍ରିଲ ପହିଲା ପର୍ଯ୍ୟନ୍ତ ଏହି କଟକଣା ଲାଗିଥିବାବେଳେ ପୁରୀରେ ଏହାର ପ୍ରଭାବ ଅଧିକ ଦେଖିବାକୁ ମିଳିଛି। ମହାପ୍ରଭୁଙ୍କ ଦର୍ଶନ ଏବଂ ବିଭିନ୍ନ ଦର୍ଶନୀୟ ସ୍ଥଳୀ ବୁଲିବା ଲାଗି ପ୍ରତ୍ୟହ ପୁରୀକୁ ଦେଶ ବିଦେଶରୁ ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। ଭୋର ହେଲେ ଭକ୍ତଙ୍କ ଆତଯାତରେ ପୂରିଉଠେ ବଡ଼ଦାଣ୍ଡ। ଦିନତମାମ୍ ଗହଳି ଲାଗି ରହୁଥିବାବେଳେ ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଭକ୍ତ ଓ ସହରବାସୀ ଯିବାଆସିବା କରିଥାନ୍ତି। ହେଲେ ଶୁକ୍ରବାର ବଡ଼ଦାଣ୍ଡରେ ଦେଖିବାକୁ ମିଳି ନ ଥିଲା ଶ୍ରଦ୍ଧାଳୁଙ୍କ ଗହଳି। ସେହିପରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ରାଜ୍ୟ ବାହାରର ଦର୍ଶନାର୍ଥୀଙ୍କୁ ମଧ୍ୟ ନିରାଶରେ ଫେରିଯିବାକୁ ପଡ଼ିଥିଲା।

ଉତ୍ତରପ୍ରଦେଶରୁ ଆସିଥିବା ସାଗର ଶର୍ମା କହିଥିଲେ, ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ବିଷୟରେ ଜାଣି ନ ଥିଲି। ସକାଳେ ଟ୍ରେନରେ ପହଞ୍ଚି ମନ୍ଦିରକୁ ଆସିଥିଲି। ଏଠାରେ ପହଞ୍ଚିବା ପରେ ଦର୍ଶନ ବନ୍ଦ ଥିବା ପୋଲିସ କର୍ମଚାରୀ କହିଥିଲେ। ସିଂହଦ୍ୱାର ସମ୍ମୁଖରୁ ପତିତପାବନଙ୍କୁ ଦର୍ଶନ କରି ମୁଣ୍ଡିଆ ମାରି ଫେରିଯାଉଛି। ତେବେ କରୋନା ମୁକାବିଲା ନେଇ ରାଜ୍ୟ ସରକାରଙ୍କ ଏପରି ନିଷ୍ପତ୍ତି ଠିକ୍ ଅଛି। ଯଦି କିଛିଦିନ କଷ୍ଟ ସହିଯିବା ତେବେ ଆଗକୁ କରୋନା କବଳରୁ ଆମେ ଓ ଦେଶବାସୀ ରକ୍ଷା ପାଇବେ ବୋଲି ସାଗର କହିଥିଲେ। ସେହିପରି ରାଜ୍ୟ ବାହାରୁ ଅନ୍ୟ କେତେଜଣ ଭକ୍ତ ମଧ୍ୟ ଆସିଥିଲେ। ସେମାନେ ମନ୍ଦିର ଚତୁଃପାର୍ଶ୍ୱ ବୁଲିବା ପରେ ସିଂହଦ୍ୱାରରେ କିଛି ସମୟ ବିତାଇ ଫେରିଯାଇଥିଲେ।

## ପତିତପାବନଙ୍କୁ ମୁଣ୍ଡିଆ ମାରି ମନ ବୁଝାଇଲେ



କରୋନା କଟକଣା ଯୋଗୁ ଶ୍ରୀମନ୍ଦିର ବନ୍ଦ ଥିବାରୁ ଭକ୍ତମାନେ ଗୁମୁଟରେ ପୂଜା ପାଉଥିବା ପତିତପାବନଙ୍କୁ ଦର୍ଶନ କରୁଛନ୍ତି।

ସିଂହଦ୍ୱାର ଗୁମୁଟରେ ପୂଜା ପାଉଛନ୍ତି ପତିତପାବନ। ଯେଉଁମାନେ ମନ୍ଦିର ଭିତରକୁ ଯାଇପାରନ୍ତି ନାହିଁ ସେମାନେ ପତିତପାବନଙ୍କୁ ଦର୍ଶନ କରିଥାନ୍ତି। କରୋନା କଟକଣା ପାଇଁ ଭକ୍ତଙ୍କ ଦର୍ଶନ ବନ୍ଦ କରାଯାଇଛି। ତେଣୁ ଶୁକ୍ରବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁ ପତିତପାବନଙ୍କୁ ମୁଣ୍ଡିଆ ମାରି ମନ ବୁଝାଇ ଫେରିଛନ୍ତି। ଅନ୍ୟପକ୍ଷରେ ପତିତପାବନଙ୍କ ଦର୍ଶନ ମହାପ୍ରଭୁଙ୍କ ଦର୍ଶନ ସହ ସମାନ ବୋଲି କହିଛନ୍ତି ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ। ଗବେଷକଙ୍କ ସୂଚନା ଅନୁଯାୟୀ, ୧୭୩୩ ଖ୍ରୀଷ୍ଟାବ୍ଦରେ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ପତିତପାବନଙ୍କୁ ସ୍ଥାପନା କରାଯାଇଥିଲା। ପତିତପାବନଙ୍କ ଆସ୍ଥାନ ହେଉଛି ପୂର୍ବ ବୈକୁଣ୍ଠ। ତତ୍କାଳୀନ ଖୋର୍ଦ୍ଧା ଭୋଇ ବଂଶର ଗଜପତି ମହାରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବ ସେ ସମୟରେ ମୁସଲମାନ ନବାବ ସୁଜା ଖାଁଙ୍କ କନ୍ୟା ବିବି ରେଜିଆଙ୍କୁ ବିବାହ କରିଥିଲେ। ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ଶ୍ରୀମନ୍ଦିର ପ୍ରବେଶ ମନା ଥିବାରୁ ସେତେବେଳେ ରାମଚନ୍ଦ୍ର ଦେବଙ୍କୁ ବି ଶ୍ରୀମନ୍ଦିର ବାରଣ କରାଯାଇଥିଲା। ମୁକ୍ତିମଣ୍ଡପ ପଣ୍ଡିତମାନେ ମଧ୍ୟ ତାଙ୍କ ଶ୍ରୀମନ୍ଦିର ପ୍ରବେଶକୁ ବିରୋଧ କରିଥିଲେ। ଯେହେତୁ ରାମଚନ୍ଦ୍ର ଦେବ ମହାପ୍ରଭୁଙ୍କ ପରମ ଭକ୍ତ ଥିଲେ ଓ ସର୍ବଦା ଠାକୁରଙ୍କୁ ଦର୍ଶନ କରୁଥିଲେ ସେହି ଦୃଷ୍ଟିରୁ ଶ୍ରୀମନ୍ଦିର ପ୍ରବେଶ ଦ୍ୱାର ଗୁମୁଟରେ ପତିତପାବନଙ୍କୁ ସ୍ଥାପନ କରାଯାଇଥିଲା। ଗଜପତି ରାମଚନ୍ଦ୍ର ଦେବ ସେଠାରୁ ଦୈନିକ ମହାପ୍ରଭୁଙ୍କ ଦର୍ଶନ କରୁଥିଲେ। ଏହାଦ୍ୱାରା ଅନ୍ୟ ଧର୍ମାବଲମ୍ବୀମାନେ ମଧ୍ୟ ଉପକୃତ ହେଲେ। ପ୍ରାୟ ୩୦୦ ବର୍ଷର ଏହି ପରମ୍ପରା ଆଜି ବି ରହିଛି। କେବଳ ଅନ୍ୟ ଧର୍ମାବଲମ୍ବୀ ନୁହନ୍ତି, ଆଖପାଖ ଲୋକେ ଶ୍ରୀମନ୍ଦିର ଯାଇ ନ ପାରିଲେ ପତିତପାବନଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇ ଫେରିଥାନ୍ତି। ବର୍ତ୍ତମାନ କରୋନା ପାଇଁ ସେହିଭଳି ସ୍ଥିତି ପହଞ୍ଚିଛି। ଭକ୍ତଙ୍କ ଦର୍ଶନ ବନ୍ଦ ଥିବାବେଳେ ଶୁକ୍ରବାର ଯେଉଁ ଅଳ୍ପ କେତେଜଣ ଶ୍ରଦ୍ଧାଳୁ ଆସିଥିଲେ ସେମାନେ ବାହାରୁ ପତିତପାବନଙ୍କୁ ଦୁଇହାତ ଟେକି ସମର୍ପଣ ଭାବ ଜଣାଇବା ସହ ମୁଣ୍ଡିଆ ମାରି ଫେରୁଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### କଂଗ୍ରେସ ଭାଇଙ୍କ ପରଲୋକ



**ଠାକୁରମୁଣ୍ଡା, ୨୦।୩ (ଡି.ଏନ.ଏ):** ମୟୂରଭଞ୍ଜର ଭୂମିପୁତ୍ର ସେବକ କଂଗ୍ରେସ ଭାଇଙ୍କର ଶୁକ୍ରବାର ପରଲୋକ ଘଟିଛି। ଶ୍ୱାସ ରୋଗରେ ପୀଡ଼ିତ ହୋଇ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ମଧ୍ୟାହ୍ନ ୧୨.୩୦ ମିନିଟ ସମୟରେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ଏହି ଖବର ପ୍ରସାରିତ ହେବା ପରେ ପାଞ୍ଚପୀଢ ଉପଖଣ୍ଡ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସ୍ୱର୍ଗତ କଂଗ୍ରେସ ଭାଇ ଛାତ୍ର ଜୀବନରେ ଆଚାର୍ଯ୍ୟ ବିନୋବା ଭାବେଙ୍କ ସହିତ ରହି କାର୍ଯ୍ୟ କରି ଆସୁଥିଲେ। ସେ ଭୂଦାନ ଆନ୍ଦୋଳନରେ ଯୋଗ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନୀତ କରାଯାଇଛି। ସେ ବହୁ ଲେଖା ଏବଂ କବିତା ଲେଖି ଯାଇଛନ୍ତି। କରଞ୍ଜିଆ ନିକଟ କୁଚୁଲିଆଠାରେ ଏକ ଅନାଥ ଆଶ୍ରମ କରି ଅସହାୟ ପିଲାମାନଙ୍କୁ ଶିକ୍ଷାଦାନ କରାଉଥିଲେ। ମରଶରୀର କରଞ୍ଜିଆଠାରେ ପହଞ୍ଚିବା ପରେ ଉପ ଜିଲାପାଳଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀ, ବୁଦ୍ଧିଜୀବୀ, ସାଧାରଣ ଲୋକ ତାଙ୍କର ଶେଷ ଦର୍ଶନ କରିଥିଲେ। ଜନ୍ମସ୍ଥାନ ରରୁଆଁ ବ୍ଲକ ସିରାକୁଲ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯିବ।

## ଗବେଷଣା ଓ ବିକାଶରେ ଅଧିକ ନିବେଶ ସପକ୍ଷରେ ଭର୍ତ୍ତୃହରି

**ନୂଆଦିଲ୍ଲୀ, ୨୦।୩:** ଦେଶରେ ଅଧିକ ସଂଖ୍ୟାରେ ସୂଚନା ପ୍ରଯୁକ୍ତି ଶିକ୍ଷାନୁଷ୍ଠାନ ଖୋଲିବା ସହ ଗବେଷଣା ଓ ବିକାଶରେ ଅଧିକ ପୁଞ୍ଜିନିବେଶ ଲାଗି ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ ଯୁକ୍ତି ବାଢ଼ିଛନ୍ତି। ଲୋକ ସଭାରେ ଭାରତୀୟ ସୂଚନା ପ୍ରଯୁକ୍ତି ଶିକ୍ଷାନୁଷ୍ଠାନ ଆଇନ(ସଂଶୋଧନ) ବିଲ, ୨୦୨୦ ଆଲୋଚନାରେ ଭାଗନେଇ ଭର୍ତ୍ତୃହରି କହିଥିଲେ, ଭାରତୀୟ ଇଞ୍ଜିନିୟରମାନେ ବେଶ୍ ନାଁ କରିଛନ୍ତି। ଆଇଟି ଶିଳ୍ପରେ ଘରୋଇ କମ୍ପାନୀଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ ଉଦ୍ୟମ ହେଉଛି। ବିଲ୍‌କୁ ସମର୍ଥନ କରି ବରିଷ୍ଠ ବିଜେଡି ଏମ୍‌ପି କହିଥିଲେ, ଏଥିପାଇଁ ଉପଯୁକ୍ତ ଆର୍ଥିକ ଯୋଜନାର ଆବଶ୍ୟକତା ରହିଛି। ତେବେ ଆମର ଦୁର୍ବଳତା ହେଉଛି, ଆମେ ସଫ୍ଟୱେୟାର ଉପରେ ଅଧିକ ଗୁରୁତ୍ୱ ଦେଉଥିବାରୁ ଅଧିକାଂଶ ହାର୍ଡୱେୟାର ଆମଦାନି କରିବାକୁ ପଡୁଛି। ଅନ୍ୟତମ ବିଜେଡି ଏମ୍‌ପି ଅନୁଭବ ମହାନ୍ତି ଓଡ଼ିଶାରେ ଆଇଆଇଆଇଟି ଖୋଲାଯିବାର ଯୋଜନା ରହିଛି କି ବୋଲି କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ସାରା ଦେଶରେ ଗୋଟିଏ ପାଠ୍ୟକ୍ରମ ପ୍ରଚଳନ ଲାଗି ସେ ପ୍ରସ୍ତାବ ଦେଇଥିଲେ। ଆଇଆଇଆଇଟି ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ ହୋଇଛି। ସରକାରୀ ଓ ଘରୋଇ ଭାଗିଦାରିତାରେ ସୁରଟ୍, ଭାଗଲପୁର, ଭୋପାଳ, ଅଗରତାଲା ଓ ରାଇଚୁରରେ ଆଇଆଇଆଇଟି ସ୍ଥାପନ କରାଯିବ।

## ବନ୍ଦ ହେଲା ରାଜ୍ୟର ସମସ୍ତ ପୋଲିସ ପ୍ରଶିକ୍ଷଣ କେନ୍ଦ୍ର

ଭୁବନେଶ୍ୱର, ୨୦।୩ (ବ୍ୟୁରୋ)

- ପ୍ରଶିକ୍ଷାର୍ଥୀ ଘର ପାଖ ଥାନାରେ କାର୍ଯ୍ୟ କରିବେ
- ପିନ୍ଧିବେ ପୋଲିସ ପୋଷାକ, କିନ୍ତୁ ଲାଗିବନି ଷ୍ଟାର

କୋଭିଡ୍-୧୯ ମହାମାରୀରୁ ରକ୍ଷା ପାଇବା ପାଇଁ ସରକାର ଏବଂ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ କଟକଣା ଜାରି କରାଯାଇଥିଲା କିନ୍ତୁ ରାଜ୍ୟରେ ଥିବା ପୋଲିସ ପ୍ରଶିକ୍ଷଣ ଶିବିରଗୁଡ଼ିକ ଖୋଲା ରହିଥିଲା। ପ୍ରଶିକ୍ଷଣ ଶିବିରଗୁଡିକରେ ଏକା ସାଙ୍ଗରେ ୩୦୦ରୁ ୫୦୦ ଅନ୍ତେବାସୀ ରହୁଥିବାରୁ ସଂକ୍ରମଣ ହେବାର ଆଶଙ୍କା ରହିଛି। ଶୁକ୍ରବାର ଓଡ଼ିଶା ପୋଲିସ ପକ୍ଷରୁ ଭୁବନେଶ୍ୱରରେ ଥିବା ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ ସମେତ ରାଜ୍ୟରେ ଥିବା ଅନ୍ୟ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀରେ ଏବେ ଏସ୍‌ଆଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୩୦୦ ଅଧିକାରୀ ପ୍ରଶିକ୍ଷଣ ନେଉଛନ୍ତି। ସେମାନଙ୍କୁ ଘରକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସେମାନେ ଘର ପାଖ ଥାନାରେ କାର୍ଯ୍ୟ କରିବାକୁ କୁହାଯାଇଛି। ପୋଲିସ ପୋଷାକରେ ରହି କାର୍ଯ୍ୟ କରିବାକୁ କୁହାଯାଇଥିଲେ ମଧ୍ୟ ଷ୍ଟାର୍ ନ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣେ ଅନ୍ତେବାସୀ ସୂଚନା ଦେଇଛନ୍ତି।

ଷ୍ଟେଟ୍ ପୋଲିସ ଏକାଡେମୀରେ ଏକା ସାଙ୍ଗରେ ୩୦୦ ଅଫିସରଙ୍କୁ ଟ୍ରେନିଂ ଦିଆଯାଉଥିବା ବେଳେ ଅନୁଗୋଳରେ ୫୦୦, ନୟାଗଡ଼ରେ ୩୦୦ ଏବଂ ଝାରସୁଗୁଡ଼ା ଟ୍ରେନିଂ ସେଣ୍ଟରରେ ୫୦୦ କର୍ମଚାରୀ ପ୍ରଶିକ୍ଷଣ ନେଉଥିଲେ। ଏହାଛଡା ପ୍ରତି ପୋଲିସ ଜିଲାରେ ୨ରୁ ୪ ଟି ବାରାକ୍ ରହୁଥିବାବେଳେ ପ୍ରତ୍ୟେକ ବାରାକ୍‌ରେ ଅତି କମ୍‌ରେ ୩୦୦ରୁ ଅଧିକ ଅନ୍ତେବାସୀ ରହୁଛନ୍ତି। ତେବେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସମ୍ଭାଳିବା ପାଇଁ ବାରାକ୍ ଖୋଲା ରଖାଯାଇଥିବା ବେଳେ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି।

## କରୋନା ସକାଶେ ଆଜି ସବୁ ପୌରାଞ୍ଚଳ ୱାର୍ଡରେ ବୈଠକ

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ):** ସହରାଞ୍ଚଳ ଲୋକଙ୍କୁ କରୋନା ସଂକ୍ରାନ୍ତରେ ସଚେତନ କରିବା ପାଇଁ ଶନିବାର ସବୁ ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ବୈଠକ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ରାଜ୍ୟ ସରକାର ସମସ୍ତ ମହାନଗର ନିଗମ ଏବଂ ପୌରସଂସ୍ଥାଗୁଡିକୁ ଶୁକ୍ରବାର ଚିଠି ଲେଖିଛନ୍ତି। ଏ ବାବଦରେ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ପଠାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ଶନିବାର ପୂର୍ବାହ୍ନ ୧୦ଟାରେ ୱାର୍ଡ ଅଫିସରମାନେ ନିଜ ଅଞ୍ଚଳରେ ବୈଠକ ଡାକିବେ। ବୈଠକରେ ପୂର୍ବତନ ଏବଂ ବର୍ତ୍ତମାନର କର୍ପୋରେଟର ଏବଂ କାଉନ୍ସିଲରମାନେ ଯୋଗଦେବା ସହିତ ସାଧାରଣ ଲୋକମାନେ ସାମିଲ ହୋଇ ନିଜ ନିଜର ମତାମତ ରଖିପାରିବେ। ଯଦି ଲୋକ ସଂଖ୍ୟା ଅଧିକ ହୁଏ, ତେବେ ସେମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରାଯାଇ ଆଲୋଚନା କରିବାକୁ କୁହାଯାଇଛି। ରାଜ୍ୟ ସରକାର ଜାରି କରିଥିବା ନିର୍ଦ୍ଦେଶାବଳୀକୁ ୱାର୍ଡ ଅଫିସରମାନେ ସମସ୍ତଙ୍କୁ ଜଣାଇବେ। କରୋନା ସଚେତନତା ନେଇ ପୌରସଂସ୍ଥା ସହିତ ସାଧାରଣ ଲୋକମାନଙ୍କୁ ଯେପରି ଜଡିତ କରାଯାଇପାରିବ ସେନେଇ ମଧ୍ୟ ବୈଠକରେ ସୂଚନା ଦିଆଯିବ। ସୁରୁଖୁରୁରେ ବୈଠକ କରିବାକୁ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏ ସମ୍ପର୍କିତ ଏକ ମାର୍ଗଦର୍ଶିକା ପଠାଯାଇଛି।

## ରାଜ୍ୟ ସଭାରେ ଏକାଧିକ ଦାବି ଉଠାଇଲେ ସସ୍ମିତ

ଭୁବନେଶ୍ୱର, ୨୦।୩(ବ୍ୟୁରୋ)

**ବ୍ରହ୍ମପୁରରେ ବିମାନବନ୍ଦର, ଅତ୍ରିରେ ଷ୍ଟେଶନ ପ୍ରତିଷ୍ଠା ଦାବି**

ବ୍ରହ୍ମପୁର ରାଜ୍ୟର ଏକ ପ୍ରମୁଖ ସହର। ହେଲେ ଏଠାରେ ଆକାଶମାର୍ଗରେ ଯୋଗାଯୋଗ ବ୍ୟବସ୍ଥା ନାହିଁ। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ଉତ୍ତର ପ୍ରଦେଶର ଆଲ୍ଲାହାବାଦ(ପ୍ରୟାଗରାଜ) ପରି ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରେ ଏକ ବିମାନବନ୍ଦର ନିର୍ମାଣ କରାଯାଉ। କେନ୍ଦ୍ର ପକ୍ଷରୁ ଉଡାନ କାର୍ଯ୍ୟକ୍ରମ ଅଧୀନରେ ଏହା କରିବାକୁ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଶୁକ୍ରବାର ଦାବି କରିଛନ୍ତି। ଏହା କେବଳ ବ୍ରହ୍ମପୁର ନୁହେଁ ବରଂ ସମଗ୍ର ଦକ୍ଷିଣ ଓଡ଼ିଶାର ଯୋଗାଯୋଗକୁ ଦୃଢ଼ କରିବ ବୋଲି ସସ୍ମିତ କହିଛନ୍ତି। ଏହି ପ୍ରସଙ୍ଗକୁ ଗମ୍ଭୀରତା ସହ ନେବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ସେ ଅନୁରୋଧ କରିଛନ୍ତି। ଅନୁରୂପ ଭାବେ ଖୋର୍ଦ୍ଧା ଜିଲା ବାଘମାରୀ ନିକଟରେ ଥିବା ଅତ୍ରି ଉଷ୍ଣପ୍ରସ୍ରବଣ। ରାଜ୍ୟର ଏକ ପର୍ଯ୍ୟଟନସ୍ଥଳୀ ରୂପେ ପରିଗଣିତ। ତେଣୁ ଏଠାକୁ ପର୍ଯ୍ୟଟକ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଯୋଗାଯୋଗକୁ ପୂର୍ବାପେକ୍ଷା ଅଧିକ ସୁବ୍ୟବସ୍ଥିତ କରିବା ପାଇଁ ଏକ ରେଳଷ୍ଟେଶନ କରିବା ପାଇଁ ସସ୍ମିତ ଦାବି କରିଛନ୍ତି। ସେହିପରି ଝାରସୁଗୁଡା ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇସାରିଛି। ଏହାକୁ ଏୟାର କାର୍ଗୋ ହବ୍‌ରେ ପରିଣତ କରିବା ପାଇଁ ପୂର୍ବରୁ ବିଜ୍ଞାପିତ କରାଯାଇଥିଲା। ହେଲେ ଏ ନେଇ କାମ ଆରମ୍ଭ ହୋଇନାହିଁ। ଅନୁରୂପ ଭାବେ ଝାରସୁଗୁଡ଼ାକୁ କୃଷି ଉଡାନ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ବିଜେଡି ସଦସ୍ୟ ଉଚ୍ଚସଦନରେ ଦାବି କରିଛନ୍ତି। ପୂର୍ବଭଳି ଓଡ଼ିଶାକୁ ସ୍ୱତନ୍ତ୍ର ଧ୍ୟାନକୈନ୍ଦ୍ରିକ ରାଜ୍ୟର ମାନ୍ୟତା ଦିଆଯିବା ସହ ଅର୍ଥ ପ୍ରଦାନ, ରେଳ ଏବଂ ଜାତୀୟ ରାଜପଥ ବୃଦ୍ଧି, ଟେଲି ଏବଂ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି।

## କରୋନା ମୁକାବିଲା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି

**ଭୁବନେଶ୍ୱର, ୨୦।୩(ବ୍ୟୁରୋ):** ଦେଶରେ କରୋନା ସଂକ୍ରମଣ ସମ୍ପର୍କିତ ପରୀକ୍ଷା କରିବା ପାଇଁ ଯଥେଷ୍ଟ ପ୍ରୋବେ ଏବଂ ପ୍ରାଇମର ରହିଥିବା ସମ୍ପର୍କରେ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଶୁକ୍ରବାର ସାର ଓ ରସାୟନ ମନ୍ତ୍ରୀ ମନସୁଖ ଲକ୍ଷ୍ମଣବାଇ ମାଣ୍ଡବ୍ୟଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, ଦେଶର ଜଳପଥ, ଆକାଶପଥ ଏବଂ ପଡୋଶୀ ଦେଶ (ଭୁଟାନ, ବାଲାଂଦେଶ, ନେପାଳ) ସହ ଯୋଗାଯୋଗ କରୁଥିବା ସଡ଼କପଥରେ କଡ଼ା ଚେକିଂ କରାଯାଉଛି। ପ୍ରଭାବିତ ଦେଶରୁ ଆସୁଥିବା ସନ୍ଦିଗ୍ଧଙ୍କୁ ଯାଞ୍ଚ କରାଯାଉଛି। ଦୈନନ୍ଦିନ ମଧ୍ୟ ଚେକିଂ ଜାରି ରହିଛି। ଦେଶରେ ସେଫ୍ଟି ମାସ୍କର ଅଭାବ ହେବ ନାହିଁ। ଦିନକୁ ଦେଢ କୋଟି ମାସ୍କ ପ୍ରସ୍ତୁତ କରିବା ଭଳି ୧୦୦ରୁ ଅଧିକ ୟୁନିଟ୍‌କୁ ଚିହ୍ନଟ କରାଯାଇଛି। ସମୁଦ୍ରପଥ ବିଶେଷ କରି ବନ୍ଦରରେ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ଚେକିଂ ପାଇଁ ଆବଶ୍ୟକ ଉପକରଣ ରହିଥିବା ମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

## ଆରତି ମାଉସୀଙ୍କ ଭୋଜନାଳୟ



ପ୍ରଦୀପ ଦାସ
ଭୋଗରାଇ, ୨୦।୩

- ୭୦ ବର୍ଷରେ ବି ଥକି ପଡ଼ିନାହାନ୍ତି
- ତାଙ୍କ ହାତରନ୍ଧା ଆକର୍ଷଣ
- ୪୦ବର୍ଷ ଧରି ନଡ଼ା, ଆଜବେଷ୍ଟସ ଛପର ତଳେ ଚାଲିଛି ଦୋକାନ

ବାଲେଶ୍ୱର ଜିଲା ଭୋଗରାଇ ଥାନା ସମ୍ମୁଖ ଭାଗରେ ରହିଛି ଏକ ଭୋଜନାଳୟ। ବାହାରେ ନାହିଁ ଅନ୍ୟ ଭୋଜନାଳୟ ଭଳି କିଛି ଚାକଚକ୍ୟ। ନଡ଼ା ଛପର ମିଶା ଆଜବେଷ୍ଟସ ଘର। ଏହା ଭିତରେ ଚାଲିଥିବା ଭୋଜନାଳୟ ଗ୍ରାହକଙ୍କ ଲାଗି ଆକର୍ଷଣ ସାଜିଛି। ୭୦ବର୍ଷର ବୃଦ୍ଧା ଆରତିଙ୍କ ହାତରନ୍ଧା ଖାଇବା ଲାଗି ଏଠି ଗ୍ରାହକମାନେ ଭିଡ଼ ଜମାଇଥାନ୍ତି । ଅନେକ ତାଙ୍କୁ ଶ୍ରଦ୍ଧାରେ ଆରତି ମାଉସୀ ଡାକିଥାନ୍ତି।

ଆରତି ବୃଦ୍ଧା ହୋଇଥିଲେ ବି ନିତିଦିନ ପରିଶ୍ରମ କରି ରୋଷେଇ କାର୍ଯ୍ୟ କରିଥାନ୍ତି। ଅସୁସ୍ଥତା ପାଖରେ କେବେ ବି ହାର ମାନି ନାହାନ୍ତି। ତାଙ୍କ ଶ୍ରମଦାନ ଓ ପରିବାର ପ୍ରତି ତ୍ୟାଗ ଯୋଗୁ ଉକ୍ତ ଭୋଜନାଳୟ ଉପରେ ୫ ପ୍ରାଣୀ ନିର୍ଭର କରି ଚଳୁଛନ୍ତି। ମହିଳାମାନେ ବୋଝ ନ ହୋଇ ପରିବାରକୁ ବି ରୋଜଗାରର ବାଟ ଦେଖାଇ ପାରନ୍ତି ତାହା ସେ ପ୍ରମାଣ କରି ଦେଖାଇଛନ୍ତି ।

ସେ କୁହନ୍ତି, ବିବାହ ପରେ ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିଲା। ସ୍ୱାମୀଙ୍କ ସହିତ ମିଶି ରୋଜଗାର ପାଇଁ ସେ ଘରୁ ଗୋଡ଼ କାଢ଼ିଥିଲେ। ସେ ସମୟରେ ବ୍ରାହ୍ମଣ କୁଳର କୌଣସି ମହିଳା ବାହାରକୁ ଗୋଡ଼ କାଢ଼ିବା ସହଜ ନ ଥିଲା। ସାମାଜିକ ପ୍ରତିବନ୍ଧକକୁ ଖାତିର ନ କରି ଆରତି ସ୍ୱାମୀଙ୍କ ସହିତ ରୋଜଗାର କରି ଛୁଆପିଲାଙ୍କ ଲାଗି ଦାନାକନା ଯୋଗାଡ଼ କରିବା ଲକ୍ଷ୍ୟରେ ୫୦ବର୍ଷ ପୂର୍ବେ ଜଳେଶ୍ୱରରେ ଏକ ଭୋଜନାଳୟ ଆରମ୍ଭ କରିଥିଲେ। ସେତେବେଳେ ପ୍ରତି ମିଲ୍‌ର ଦାମ୍ ଥିଲା ୫୦ ପଇସା। ଦୁଃଖକଷ୍ଟେ ପରିବାର ପୋଷଣ କରୁଥିବା ଏହି ଦମ୍ପତି ସେଠାରୁ ଭୋଗରାଇ ଆସି ଥାନା ଛକରେ ଏକ ଭୋଜନାଳୟ ଖୋଲିଥିଲେ। ପରେ ଏକ ଟଙ୍କା, ଦୁଇ ଟଙ୍କା, ପାଞ୍ଚ ଟଙ୍କା ଓ ପରେ ଦରଦାମ୍ ବଢିବା ଯୋଗୁ ଏବେ ୫୦ ଟଙ୍କାରେ ପ୍ରତି ମିଲ ବିକ୍ରି କରୁଛନ୍ତି। ଭୋଗରାଇରେ ଦୀର୍ଘ ୪୦ରୁ ଊର୍ଦ୍ଧ୍ୱ ବର୍ଷ ରହଣି କାଳ ମଧ୍ୟରେ ସେ ଭୋଜନାଳୟରୁ ରୋଜଗାର କରି ଦେହୁର୍ଦ୍ଧାଠାରେ ୧୨ ଡିସିମିଲର ଏକ ଜାଗା କିଣି ପକ୍କାଘର କରିବା ସହିତ ଦୁଇଝିଅଙ୍କୁ ବିବାହ ଦେବା ପରେ ପୁଅ ବାହାଘର କରି ନାତୁଣୀଙ୍କୁ ନେଇ ସଂସାର ଚଳାଉଛନ୍ତି। ସ୍ୱାମୀ ଖୁଦିରାମ ଦାଶ ଆରପାରିକୁ ଚାଲିଯିବା ପରେ ଆରତି ଏବେ ପରିବାରର ସବୁ କଥା ବୁଝିବା ସହ ଭୋଜନାଳୟର କାର୍ଯ୍ୟକୁ ମୁଖ୍ୟ ଭାବେ ପରିଚାଳନା ଓ ତଦାରଖ କରୁଛନ୍ତି। ତାଙ୍କ ପୁଅ, ବୋହୂ ଓ ଦୁଇନାତି ସହାୟତା କରୁଛନ୍ତି।

ଆରତିଙ୍କ କହିବା ହେଲା ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ରଖିଲେ ଯେ କୌଣସି କାର୍ଯ୍ୟରେ ସଫଳତା ମିଳିବ। ଜୀବନ ଜିଇବାର ସଂଘର୍ଷ ଭିତରେ ବଞ୍ଚିବାରେ ଭିନ୍ନ ଆନନ୍ଦ ଥାଏ । ତାଙ୍କ ଭୋଜନାଳୟ ପରିବାରର ୫ଜଣଙ୍କ ପାଇଁ କର୍ମସଂସ୍ଥାନ ଯୋଗାଇଛି। ସୂର୍ଯ୍ୟୋଦୟ ପୂର୍ବରୁ ସେ ବିଛଣା ତ୍ୟାଗ କରି ପୁଅ, ବୋହୂ, ନାତିଙ୍କୁ ନେଇ ଦୋକାନରେ ପହଞ୍ଚିଯାଆନ୍ତି। ଏହି ଭୋଜନାଳୟକୁ ସେ 'ଲକ୍ଷ୍ମୀ' ଭାବି କାର୍ଯ୍ୟ କରିଥାନ୍ତି। ୫୦ଟଙ୍କାରେ ଭାତ ସହିତ ମାଛ ଝୋଳ, ଖଟା ଓ ଅନ୍ୟାନ୍ୟ ୫ ପ୍ରକାର ତରକାରି ଖାଉଟିଙ୍କୁ ଦେଇଥାନ୍ତି। ଏଥିସହିତ ମାଛଭଜା ସାଙ୍ଗକୁ ମାଛମଞ୍ଜିକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିଥାନ୍ତି, ଯାହାର ସ୍ୱାଦ ନିଆରା। ଦୈନିକ ହାରାହାରି ଦେଢ଼ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଉକ୍ତ ଭୋଜନାଳୟରୁ ରୋଜଗାର ହୋଇପାରୁଛି। ବିବାହ ଉତ୍ସବ ଏବଂ ଆନୁଷ୍ଠାନିକ କାର୍ଯ୍ୟ ଲାଗି ରୋଷେଇ ବରାଦ ମିଳିଲେ ଅଧିକ ରୋଜଗାର ହୋଇଥାଏ। ସେ ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରୁଥିବାରୁ ଏବଂ ତାଙ୍କ ତରକାରି ଭିନ୍ନ ସ୍ୱାଦର ହୋଇଥିବାରୁ ଦୂରଦୂରାନ୍ତରୁ ଆସୁଥିବା ବ୍ୟକ୍ତିମାନେ ତାଙ୍କ ଭୋଜନାଳୟ ଆସି ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି। କୌଣସି ଦୀନଦୁଃଖୀ ବା ଭୋକିଲା ଲୋକଙ୍କୁ ଦେଖିଲେ ସେ ବିନାମୂଲ୍ୟରେ ଖାଇବାକୁ ଦେଇଥାନ୍ତି। କର୍ମଦକ୍ଷତା ଓ ମହତପଣିଆ ଲାଗି ଆରତି ଏଠି ଅନ୍ୟମାନଙ୍କ ଲାଗି ଉଦାହରଣ ସାଜିଛନ୍ତି।

# ‘ଜନତା କର୍ଫ୍ୟୁ’ କରୋନା କବଳରୁ ଦେଶ ଓ ରାଜ୍ୟକୁ ସୁରକ୍ଷିତ ରଖିବ

## ସହଯୋଗ କାମନା କଲେ ଭାଜପା ରାଜ୍ୟ ସଭାପତି

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ସାରା ବିଶ୍ୱରେ କରୋନା ଆତଙ୍କ ସୃଷ୍ଟି କରିଛି। ପ୍ରତିଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କରୋନାକୁ ବିଶ୍ୱ ମହାମାରୀଭାବେ ଘୋଷଣା କରାଯାଇଥିବା ବେଳେ ରାଷ୍ଟ୍ରୀୟ ଏବଂ ରାଜ୍ୟ ବିପର୍ଯ୍ୟୟ ଭାବେ ଘୋଷଣା କରାଯାଇଛି। ଏହି ମହାମାରୀର ମୁକାବିଲା କରିବାକୁ କେନ୍ଦ୍ର ଏବଂ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାର ନିରାକରଣ କରିବାକୁ ହେଲେ ସମସ୍ତଙ୍କୁ ସଂଯମ ଓ ସଂକଳ୍ପର ଆବଶ୍ୟକତା ରହିଛି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ରବିବାର ସକାଳ ୭ଟା ଠାରୁ ରାତି ୯ଟା ପର୍ଯ୍ୟନ୍ତ ‘ଜନତା କର୍ଫ୍ୟୁ’ ପାଳନ କରାଯିବ। ପ୍ରତି ନାଗରିକ ନିଜ ଘର ଭିତରେ ରହିବା ଦରକାର। ‘ଜନତା କର୍ଫ୍ୟୁ’ ପାଳନ କରି କରୋନା କବଳରୁ ଦେଶ ଏବଂ ରାଜ୍ୟକୁ ସୁରକ୍ଷିତ ରଖିବାକୁ ସେ ଅନୁରୋଧ କରିଛନ୍ତି। କେବଳ ଜରୁରୀ ସେବାରେ ନିୟୋଜିତ ଥିବା ଲୋକଙ୍କୁ ଅପରାହ୍ନ ୫ଟାରେ ନିଜନିଜ ଘର ଦୁଆରେ କିମ୍ବା ବାଲ୍‌କୋନିରେ ଛିଡ଼ା ହୋଇ ୫ ମିନିଟ ପର୍ଯ୍ୟନ୍ତ ତାଳି ମାରି କିମ୍ବା ଘଣ୍ଟି ବଜାଇ ଧନ୍ୟବାଦ ଓ କୃତଜ୍ଞତା ଜଣାଇବା। ‘ସାମାଜିକ ଦୂରତା’ ନିୟମ ପାଳନ କରିବା ଜରୁରୀ, ଅଯଥା ଯାତ୍ରା ନ କରିବା ଦରକାର। ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ଆଗାମୀ କିଛି ସପ୍ତାହ ଘରୁ ନ ବାହାରିବା, ସ୍ୱାସ୍ଥ୍ୟ ପରୀକ୍ଷାର ଆବଶ୍ୟକ ନ ଥିଲେ ମେଡିକାଲଠାରୁ ଦୂରରେ ରହିବା, ଅତି ଆବଶ୍ୟକ ନ ପଡିଲେ ଅସ୍ତ୍ରୋପଚାର ନ କରିବା ଦରକାର। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗାଇଡଲାଇନ ଅନୁଯାୟୀ ପ୍ରସ୍ତୁତ ହୋଇଥିବା ଲିଫଲେଟ ଓ ବ୍ୟାନର ମାଧ୍ୟମରେ କରୋନା ସମ୍ପର୍କିତ ସଚେତନତା ବାର୍ତ୍ତା ସାମାଜିକ ଗଣମାଧ୍ୟମ ଦ୍ୱାରା ପହଞ୍ଚାଇବାକୁ ଭାଜପା ରାଜ୍ୟ ଶାଖା ତରଫରୁ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସମୀର ସୂଚନା ଦେଇଛନ୍ତି। ଭୟାବହ ଓ ମାରାତ୍ମକ କରୋନାକୁ ପ୍ରତିହତ କରିବା ପାଇଁ ରାଜ୍ୟବାସୀଙ୍କୁ ସମୀର ନିବେଦନ କରିଛନ୍ତି।

# ୨.୧୧% ସୁଧ ହାରରେ ଟଙ୍କା ଫେରିଲା, ବାକି କୁଆଡ଼େ ଗଲା

## ଜବାବ ମାଗିଲେ ବିରୋଧୀ ଦଳ ନେତା

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ରାଜ୍ୟ ସରକାର କିଛି ଅଧିକା ସୁଧ ଆଶାରେ ଶ୍ରୀମନ୍ଦିର ଜମା ଅର୍ଥକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ନ ରଖି ୟେସ୍ ବ୍ୟାଙ୍କ ଭଳି ଘରୋଇ ବ୍ୟାଙ୍କରେ ରଖିଥିଲେ। ଘରୋଇ ବ୍ୟାଙ୍କରେ ଟଙ୍କା ରଖିବା ସମୟରେ ୮ ପ୍ରତିଶତ ସୁଧ ମିଳିବ ବୋଲି ଆକଳନ କରାଯାଇଥିଲା। ମାତ୍ର ୨.୧୧ ପ୍ରତିଶତ ସୁଧ ହାରରେ ଟଙ୍କା ଫେରସ୍ତ ଆସିଛି। ଅଧିକା ସୁଧ ଲାଭରେ ଘରୋଇ ବ୍ୟାଙ୍କରେ ଶ୍ରୀ ଜଗନ୍ନାଥଙ୍କ ଅର୍ଥକୁ ରଖିଥିବା ସରକାର କହୁଥିଲେ। କିନ୍ତୁ ବର୍ତ୍ତମାନ ତାହା ୮ପ୍ରତିଶତରୁ ୨.୧୧ ପ୍ରତିଶତ କିପରି ହେଲା ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ପ୍ରଶ୍ନ ଉଠାଇଛନ୍ତି।

ସେ କହିଛନ୍ତି, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଦେଉଥିବା ସୁଧ ହାରରୁ ମଧ୍ୟ ଏହା କମ୍ ରହିଛି। ବାକି ସୁଧ ଟଙ୍କା କୁଆଡେ ଗଲା। ସାଢେ ୪ କୋଟି ଓଡ଼ିଆଙ୍କ ପ୍ରାଣକେନ୍ଦ୍ର ଜଗନ୍ନାଥଙ୍କ ଅର୍ଥକୁ ଯେଉଁ ସରକାରୀ ଅଧିକାରୀମାନେ ଅଧିକ ସୁଧ ମିଳିବ କହି ଘରୋଇ ବ୍ୟାଙ୍କରେ ରଖିଥିଲେ ସେମାନଙ୍କ ଠାରୁ ବାକି ସୁଧ ଅର୍ଥ ଆଦାୟ କରାଯାଉ। ପୂର୍ବରୁ ଶ୍ରୀମନ୍ଦିର ଟଙ୍କାକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ରଖାଯାଉଥିଲା। ଜଗନ୍ନାଥଙ୍କ ଟଙ୍କା ଘରୋଇ ବ୍ୟାଙ୍କରେ କିପରି ରହିଲା ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ଜରୁରୀ। ଏହାସହ ଯେଉଁ ସରକାରୀ ଅଧିକାରୀ ମନ୍ଦିର ଟଙ୍କାକୁ ଘରୋଇ ବ୍ୟାଙ୍କରେ ରଖିଥିଲେ ସେମାନଙ୍କ ବିରୋଧରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ଏହି କ୍ଷତି କାହିଁକି ହେଲା ତାହାର ସମୀକ୍ଷା ହେଉ। ୟେସ୍ ବ୍ୟାଙ୍କ ସ୍ଥିତି ଖରାପ ହେବା ଏବଂ ରିଜର୍ଭ ବ୍ୟାଙ୍କ କଟକଣା ଜାରି କରିବା ସତ୍ତ୍ୱେ ଜଗନ୍ନାଥଙ୍କ ଜମା ଅର୍ଥ ଫେରି ଆସିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଦୃଢ ପ୍ରତିଶ୍ରୁତି ଦେଇଥିଲେ। ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅର୍ଥମନ୍ତ୍ରୀ ସୀତାରାମନଙ୍କୁ ନାଏକ ଧନ୍ୟବାଦ ଜଣାଇଛନ୍ତି।

---

**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender ID : 2020_ORULB_60740**

**Short Tender Call Notice No. 1028 (PW) Date. 20.03.2020**

Name & No of Works : Electrical Works
No of Works : 1 Nos
Bid Value : Rs. 20.82 Lakh
Period of Completion : Seven Days
Date and Time schedule :

| Start | End | Opening |
|---|---|---|
| 3.00 PM on dt. 21.03.2020 | 5.00 PM on dt.27.03.2020 | 5.00 P.M. on dt. 30.03.2020 |

Tender Details : can be seen from the procurement portal : **www.tendersorissa.gov.in**

**Executive Engineer, City Div-I**

---

**CUTTACK MUNICIPAL CORPORATION**

**TENDER CALL NOTICE**

**No.3074** **Dt.20.03.2020**

Cuttack Municipal Corporation invites sealed tenders from interested Agencies / NGO / Caterer / Food Business Operators / Individuals for supplying diet to dogs under Animal Birth Control Programme for the year 2020-21.

The details can be downloaded from the official website, **www.cmccuttack.gov.in**. The last date of submission of tender documents is up to 4.00 P.M. dt.30.03.2020.

**Sd./- Commissioner**
**Cuttack Municipal Corporation**

---

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
**DIST: KALAHANDI-766026, Ph.No.7328840415, E-mail: sgmel_uihep@ohpcltd.com**

No. CAD-1147

OHPC
ISO 9001-14001 18001 Certified

**ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)**
**Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,**
**Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com**
**WEB: www.ohpcltd.com, CIN: U40101OR1995SGC003963**

**1st CORRIGENDUM TO Tender Call Notice No. 29/2019-20 DATE 26.02.2020**

Name of work: **Up-gradation of existing faulty GPS system at UIHEP Power House, Mukhiguda, Kalahandi Under PSDF Grant (including Supply, Erection & Commissioning).**

The period of sale / submission and opening of this office Tender Call Notice No. 29/2019-20 Dtd.26.02.2020 for – **"Up-gradation of existing faulty GPS system at UIHEP Power House, Mukhiguda, Kalahandi Under PSDF Grant (including Supply, Erection & Commissioning)"** is extended as follows -

1. Sale of tender paper – Up to 13:00 Hrs of 31.03.2020
2. Last date and time of Receipt of tender paper – Up to 16:00 Hrs of 31.03.2020
3. Date and time of Opening of tender – On 03.04.2020 (at 16:00 Hrs.)

All other terms and conditions of the original tender call notice remain unaltered. Please visit us at www.ohpcltd.com

**Sd./- Unit Head UIHEP, Mukhiguda**
OIPR-32136/11/0042/1920

---

**GOVERNMENT OF ODISHA**
**OFFICE OF THE EXECUTIVE ENGINEER RURAL WORKS DIVISION: TITILAGARH**
**E-Mail ID: eerw_titilagarh@yahoo.co.in**

**e Procurement Notice** No. O-1285

**IFB IDENTIFICATION NO. EETIG-online-09/2019-20**

| | | | |
|---|---|---|---|
| 1. | Name of work | : | Road Works |
| 2. | Total no of works | : | 02 (Two) nos. |
| 3. | Approximate Estimated Cost | : | Varies from Rs. 23.00 to 24.00 lakhs |
| 4. | Time for completion | : | 02 (Two) days. |
| 5. | Mode of Submission of tender | : | Tender should be submitted online in www.tenders.ori.nic.in |
| 6. | Other details are as follow | : | As per TCN No. EETIG-online-09/2019-20 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W.Divn., Titilagarh | EETIG-online-09/2019-20 | 23.03.2020 at 11.00 A.M | 25.03.2020 upto 5.00PM | 24.03.2020 up to 1.00PM | 26.03.2020 at 11.00A.M |

- Further details can be seen from the website www.tenders.ori.nic.in
- Any Corrigendum/Addendum will be displayed in the above e tender website only.

**Sd./-** Executive Engineer R.W. Division, Titilagarh
**OIPR-25078/11/0009/1920**

---

**କେନ୍ଦୁଝରଗଡ଼ ପୌର ପରିଷଦ କାର୍ଯ୍ୟାଳୟ, କେନ୍ଦୁଝରଗଡ଼**

**ନୋଟିସ୍**

**ସଂଖ୍ୟା.2149** **ତା.19.03.2020**

ଏତଦ୍ୱାରା କେନ୍ଦୁଝରଗଡ ପୌର ପରିଷଦର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଆସନ୍ତା ଆର୍ଥିକ ବର୍ଷ ୨୦୨୦-୨୧ମସିହା ପାଇଁ ହୋଲଡିଂ ଟିକସ ତା୦୨।୦୪।୨୦୨୦ରିଖଠାରୁ ୩୦।୦୪।୨୦୨୦ ମଧ୍ୟରେ ପୈଠକଲେ ଶତକଡା ୨୦% ଏବଂ ତା୦୧।୦୫।୨୦୨୦ରିଖଠାରୁ ତା୩୧।୦୫।୨୦୨୦ ମଧ୍ୟରେ ପୈଠକଲେ ଶତକଡା ୧୦% ରିହାତି ପ୍ରଦାନ କରାଯିବ। ଉକ୍ତ ଟିକସ ଜନସେବା କେନ୍ଦ୍ରମାନଙ୍କରେ ଏବଂ କେନ୍ଦୁଝରଗଡ଼ ପୌର କାର୍ଯ୍ୟାଳୟରେ ଅନ୍‌ଲାଇନ୍‌ରେ **(www.ulbodisha.gov.in)** ବିନା ଶୁଳ୍କରେ ପୈଠ କରିପାରିବେ।
ଏହାର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଅନୁରୋଧ।

**ସ୍ୱା./- ନିର୍ବାହୀ ଅଧିକାରୀ**
**କେନ୍ଦୁଝରଗଡ଼ ପୌରପାଳିକା**

---

**DISTRICT URBAN DEVELOPMENT AGENCY, BARGARH**
**ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ବରଗଡ଼**

No.: 90/DUDA Dated: 20.03.2020

**TENDER CALL NOTICE**

Sealed tenders are invited from registered MSME Firm/Any other agency for **"Purchasing of different waste items of Plastic Materials (i.e. Polythene Carry Bags, Disposable Glass & Cups, Bottle & other Plastic Materials etc.) from the 05 (Five) Urban Local Bodies of Bargarh District"**. The details of the DTCN are available in the official website of the district **www.bargarh.nic.in** which can be downloaded from the website. The last date of submission of the DTCN is **Dt.30.03.2020** upto **5.00 P.M.**

| Sl. No. | Description | Date | Time |
|---|---|---|---|
| 01 | Available of Bid documents in website **www.bargarh.nic.in** | From 20.03.2020 to 30.03.2020 | 10.00 A.M. to 05.00 P.M. |
| 02 | Last date and time of submission of tender bid by through **Registered Post/ Speed Post only** | Dt.30.03.2020 | 05.00 P.M. |
| 03 | Date & time of opening Technical Bid & Financial Bid | Dt.04.04.2020 | at 11.00 A.M. |

For downloading of Bid document & set of other term and condition please visit the website of Bargarh district i.e. **https://bargarh.nic.in/**

The authority reserves rights reject any or all the bids without assigning any reason thereof.

**Sd./- Project Director, DUDA, Bargarh**

---

**ଉପନିର୍ଦ୍ଦେଶକ ଉଦ୍ୟାନ କୃଷି, ରାୟଗଡ଼ାଙ୍କ କାର୍ଯ୍ୟାଳୟ**

**ନିଲାମ ଇସ୍ତାହାର**

**No. L-116:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ରାୟଗଡ଼ା ଜିଲ୍ଲାର ଚିଙ୍ଗୁଡ଼ିଝର ଫାର୍ମ, ଗତିଗୁଡ଼ା ଫାର୍ମରେ ଥିବା ସରକାରୀ ଫଳ ବଗିଚାରେ ଫଳଗୁଡ଼ିକ ୨୦୧୯-୨୦ ବର୍ଷ ପାଇଁ ନିଲାମ ନିମିତ୍ତ ଦରଖାସ୍ତ ଆହ୍ୱାନ କରାଯାଉଛି। ନିଲାମ ସମ୍ବନ୍ଧୀୟ ବଗିଚାଗୁଡ଼ିକର ସମସ୍ତ ବିବରଣୀ ନିମ୍ନରେ ଦିଆଗଲା। ନିଲାମ ସମ୍ବନ୍ଧୀୟ ଫର୍ମ ଏବଂ ସର୍ତ୍ତାବଳୀ ସମ୍ପୃକ୍ତ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଗୁଣୁପୁର କିମ୍ବା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ୫୦ ଟଙ୍କା ବିନିମୟରେ ଯେକୌଣସି ସରକାରୀ କାର୍ଯ୍ୟଦିବସରେ ଉପଲବ୍ଧ ହେବ।

ଇଚ୍ଛୁକ ବ୍ୟକ୍ତିମାନେ ନିଲାମ ଫର୍ମ ପୂରଣ କରି ତା ସହିତ ନିଲାମ ଫର୍ମ କିଣାର ରସିଦ୍ ଓ ଅମାନତ ରାଶିର ବ୍ୟାଙ୍କ ଡ୍ରାଫ୍ଟ ସଂଯୋଗ କରି ଜଉମୁଦ ଲଫାପାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ କେବଳ ରେଜିଷ୍ଟ୍ରି ପୋଷ୍ଟ କିମ୍ବା କୋରିୟର ମାଧ୍ୟମରେ ପଠାଇପାରିବେ।

ଅମାନତ ରାଶି ଡ୍ରାଫ୍ଟ ଉପନିର୍ଦ୍ଦେଶକ ଉଦ୍ୟାନ କୃଷି, ରାୟଗଡ଼ା (Deputy Director of Horticulture, Rayagada) ନାମରେ କରିବାକୁ ପଡ଼ିବ। ଅମାନତ ରାଶି ଟଙ୍କା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମେନ୍ ବ୍ରାଞ୍ଚ ରାୟଗଡ଼ାରେ ଦେୟ ହେବ। ଜଉମୁଦିଆ ଲଫାପାଗୁଡ଼ିକ ଆଗ୍ରହୀ ବ୍ୟକ୍ତି ବା ସେମାନଙ୍କର ପ୍ରାଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ନିର୍ଦ୍ଧାରିତ ତାରିଖ ଏବଂ ସମୟ ମଧ୍ୟରେ ଖୋଲାଯିବ। ସର୍ବାଧିକ ନିଲାମ ଡାକିଥିବା ବ୍ୟକ୍ତି ନିଲାମର ସମ୍ପୂର୍ଣ୍ଣ ନିଲାମ ରାଶି ସେହିଦିନ ଦାଖଲ କରି ଫଳ ସଂଗ୍ରହ କରିବାର ଅଧିକାରୀ ହେବେ।

ଯେକୌଣସି ନିଲାମକୁ ନିମ୍ନ ସ୍ୱାକ୍ଷରକାରୀଙ୍କର କୌଣସି କାରଣ ନ ଦର୍ଶାଇ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ରହିଛି।

**ସ୍ୱା./- ଉପନିର୍ଦ୍ଦେଶକ ଉଦ୍ୟାନ କୃଷି, ରାୟଗଡ଼ା**

**ଫାର୍ମଗୁଡ଼ିକର ବିବରଣୀ**

| କ୍ରମିକ ସଂଖ୍ୟା | ଫଳ ବଗିଚାର ନାମ ଓ ଉପସ୍ଥିତି | ଫଳନ୍ତି ଗଛର ନାମ | ସଂଖ୍ୟା | ଅମାନତ ରାଶି | ଟେଣ୍ଡର ଗ୍ରହଣର ଶେଷ ତାରିଖ ଓ ସମୟ | ଟେଣ୍ଡର ଖୋଲିବା ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା କାର୍ଯ୍ୟାଳୟ |
|---|---|---|---|---|---|---|---|
| ୧ | ଚିଙ୍ଗୁଡ଼ିଝର ଫାର୍ମ | ଲିଚୁ | ୨୫ | ୪୦୦୦ | ୨୯।୦୩।୨୦୨୦ ଅପରାହ୍ନ ୧.୦୦ | ୩୦।୦୩।୨୦୨୦ ଅପରାହ୍ନ ୪.୦୦ | ଉପନିର୍ଦ୍ଦେଶକ ଉଦ୍ୟାନ କୃଷି, ରାୟଗଡ଼ା କାର୍ଯ୍ୟାଳୟ |
| | | ଆମ୍ବ | ୩୦ | | | | |
| | | ସପୁରି | ୧୦୦୦ | | | | |
| ୨ | ଗୋତିଗୁଡ଼ା ଫାର୍ମ | ଆମ୍ବ | ୨୦୭ | ୩୪୫୦ | | | |

**ସ୍ୱା./- ଉପନିର୍ଦ୍ଦେଶକ ଉଦ୍ୟାନ କୃଷି, ରାୟଗଡ଼ା**
OIPR-01396/11/0001/1920

---

**ପୌରପାଳିକା, ଜୟପୁର**
**MUNICIPAL OFFICE, JEYPORE**
**Phone: 06854-231098, Fax: 06854-230104**
**E-mail: ulbjeypore@gmail.com**

**Letter No.: 1179** **Date: 19.03.2020**

**QUOTATION CALL NOTICE**

Sealed quotations are invited from local suppliers for supply of printing articles for the year 2020-21 the quotations will be received on 31.03.2020 upto 12.30 P.M. and will be opened on the same day at 4.30 P.M. in presence of the bidder or their authorized representatives Quotationers are required to produce uptodate Income Tax, Sales Tax, GST and VAT Clearance Certificate with the quotation. Which will be received as per time and date mentioned above the rate should be inclusive of all taxed and delivered at Municipal Office go-down the quotationers are required to deposit Rs.3000/- (Rupees Three thousand) only towards S-D refundable and original receipt should be enclosed with the tender paper. The tender paper which will be supplied on payment of Rs.300/- (Rupees three hundred) only excluding CGST/SGST 12% (non-refundable) during the office hours upto 30.03.2020 during the office hours at 5.00 P.M.

The quotationers have to produce the sample of each items of the materials at the time of opening of tender. Correction and overwriting if any should be attested or else it will be liable for rejection. They should quote their rates both in figure and words. Quotationers received after due date & time shall not be entertained. The undersigned reserves the right to reject any of all the quotatioenrs without assigning any reason thereof.

**Sd./- Executive Officer**
**Jeypore Municipality**

---

**NOTICE INVITING TENDER**
**Office of District Manager**
**Odisha State Civil Supplies Corporation Ltd. (OSCSC)**
**GANJAM (District)**

**Tender No.2030** **Date:18.03.2020**

**Cost of tender Document :- Rs.11800/- Inclusive of GST.**

Online tenders are invited from eligible tenderers for selection and appointment of Handling contractor (labour works) for handling of food grain (Rice, Wheat) at all the Receiving Centres (RRCs) of Ganjam District.

| | | |
|---|---|---|
| 1 | Availability of tender documents | **From Date.18.03.2020** Downloadable from website : **www.oscsc.in** **www.foododisha.in** & **www.tendersodisha.gov.in** |
| 2 | Date, time and venue for pre-bid conference. | On **dt.31.03.2020 At 3.00 P.M.** Place - D.M., OSCSC Ltd., Ganjam |
| 3 | Last date and time for online submission of completed tender documents with enclosures | Through e-Procurement Portal : **www.tendersodisha.gov.in** Up to **06.04.2020 of upto 5.30 P.M.** |
| 4 | Date, time and venue for opening of Technical Bid by the Tender Committee | On **dt.07.04.2020 at 12.00 P.M.** Place Collector Conference hal. |
| 5 | Date, time and venue of submission of original documents in support of scanned copies uploaded in the portal for verification | On **dt.08.04.2020 at 12.00 P.M.** Place-Collectors Conference Hall, Chatrapur. |
| 6 | Date & time of Financial Bid opening by the Tender Committee (Only of to be announced after technical bid evaluation. Technically Qualified Tenderers) | |
| 7 | Venue of the opening of Technical & Collector Conference Hall, Chatrapur Financial Bids. | |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note :- The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the tenderers. |
| 9 | Language of the Tender | The tender should be prepared by the tenderer in English language only. |
| 10 | Help Desk telephone No. | (i) **OSCSC Ltd.:-** **District Manager :- No.9438200041** **Accounts Head :- No.9437202059** (ii) **State Procurement Cell :- 0674-2530998 / 18003456765** |

**N.B:**
1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof.
3. Further details can be obtained in the website **www.tendersodisha.gov.in.**
4. The bidder must deposit Tender Document Fee and EMD at the time of submission of tender.
5. Any amendment/ cancellation/ re-tender/ corrigendum please refer to the website **www.tendersodisha.gov.in**, **www.oscsc.in & www.foododisha.in.**

**Sd./- District Manager**
**OSCSC Ltd., Ganjam**

---

**ଓଡ଼ିଶା ସରକାର**
**ଉଚ୍ଚଶିକ୍ଷା ବିଭାଗ**

**ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ୨୦୧୯-୨୦ ଶିକ୍ଷାବର୍ଷ ନିମନ୍ତେ ଦରଖାସ୍ତ ଆହ୍ୱାନ**

**No.N-109:-** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚଳିତ ଶିକ୍ଷାବର୍ଷ ୨୦୧୯-୨୦ ପାଇଁ ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।

**ଆବେଦନକାରୀ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ଓ ନିୟମାବଳୀ ନିମ୍ନରେ ପ୍ରଦାନ କରାଯାଇଅଛି।**

| ଶିକ୍ଷାଗତ ଯୋଗ୍ୟତା | ଅଧ୍ୟୟନରତ ଶିକ୍ଷାନୁଷ୍ଠାନ | ବୃତ୍ତି ସଂଖ୍ୟା | ଆବଶ୍ୟକ ଦସ୍ତାବିଜ୍ | ବୃତ୍ତିର ପରିମାଣ |
|---|---|---|---|---|
| କ) ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷାରେ ସର୍ବମୋଟ୍ ଶତକଡ଼ା ୬୦ ଭାଗ ବା ତଦୂର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇ +୩ ପାଠ୍ୟକ୍ରମରେ ଓଡ଼ିଆରେ ସମ୍ମାନ ବିଷୟ ରଖିଥିବା ପ୍ରଥମ ବର୍ଷର ଛାତ୍ରଛାତ୍ରୀ। | କ) ରାଜ୍ୟ କିମ୍ବା ରାଜ୍ୟ ବାହାର ସ୍ୱୀକୃତିପ୍ରାପ୍ତ ଡିଗ୍ରୀ ମହାବିଦ୍ୟାଳୟ/ ସ୍ୱୟଂଶାସିତ ମହାବିଦ୍ୟାଳୟ | ୧୨୦୦ | ୧) ଯୁକ୍ତଦୁଇ ମାର୍କଶିଟ୍ (ଯେଉଁଠି ପ୍ରଯୁଜ୍ୟ) ୨) +୩ ଓଡ଼ିଆ ସମ୍ମାନ ବିଷୟରେ ମାର୍କଶିଟ୍ (ତିନି ବର୍ଷର) ୩) ମହାବିଦ୍ୟାଳୟ/ ବିଶ୍ୱବିଦ୍ୟାଳୟ ପରିଚୟ ପତ୍ର ୪) ବ୍ୟାଙ୍କ ଆକାଉଣ୍ଟର ବିବରଣୀ (ବ୍ୟାଙ୍କ ଖାତାର ପ୍ରଥମ ପୃଷ୍ଠା), ଯେଉଁଥିରେ ଆକାଉଣ୍ଟ ନମ୍ବର ଏବଂ ଆଇଏଫ୍‌ଏସ୍‌ସି ନମ୍ବର ଉଲ୍ଲେଖ ଥିବ। ୫) ଆଧାର କାର୍ଡ। | ଏକକାଳୀନ ଟ.୨୦,୦୦୦/- |
| ଖ) +୩ କଳା ଓଡ଼ିଆ ସମ୍ମାନ ବିଷୟରେ ଶତକଡ଼ା ୬୦ ଭାଗ ବା ତଦୂର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇ ସ୍ନାତକୋତ୍ତର ପାଠ୍ୟକ୍ରମରେ ଓଡ଼ିଆ ବିଷୟ ରଖିଥିବା ଛାତ୍ରଛାତ୍ରୀ। | ଖ) ରାଜ୍ୟ କିମ୍ବା ରାଜ୍ୟ ବାହାର ସ୍ୱୟଂଶାସିତ ମହାବିଦ୍ୟାଳୟ/ ବିଶ୍ୱବିଦ୍ୟାଳୟ | ୩୦୦ | | |

**ନିର୍ଦ୍ଦେଶାବଳୀ:**

- ଆବେଦନକାରୀ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ବିଭାଗ ୱେବ୍‌ସାଇଟ୍ **www.dheodisha.gov.in** ର ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ଲିଙ୍କ୍ ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ।
- ଅଫ୍‌ଲାଇନ୍ ଆବେଦନ ଗ୍ରହଣ କରାଯିବ ନାହିଁ।
- ଏହି ଭାଷାବୃତ୍ତି ସମ୍ବନ୍ଧୀୟ ନିୟମାବଳୀ ଉଚ୍ଚଶିକ୍ଷା ୱେବ୍‌ସାଇଟ୍ ହୋମ୍ ପେଜ୍‌ରେ ଉପଲବ୍ଧ।
- ଆବେଦନକାରୀ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ହୋଇଥିବା ଓ ସକ୍ରିୟ ଅବସ୍ଥାରେ ଥିବା ବ୍ୟାଙ୍କ ଆକାଉଣ୍ଟର ବିସ୍ତୃତ ବିବରଣୀ ଦେବାକୁ କୁହାଯାଇଛି।
- ଆବେଦନକାରୀ ଅନ୍‌ଲାଇନ୍ ଦରଖାସ୍ତ ନିମ୍ନୋକ୍ତ ସମୟସୀମା ମଧ୍ୟରେ ଆବେଦନ କରିବାକୁ ହେବ।
  ୧. ଅନ୍‌ଲାଇନ୍ ଆବେଦନପତ୍ର ଉପଲବ୍ଧ ତାରିଖ- ୨୧।୦୩।୨୦୨୦
  ୨. ବୃତ୍ତି ପାଇଁ ଆବେଦନର ଶେଷ ତାରିଖ- ୨୫।୦୫।୨୦୨୦ (୧୨.୦୦ ମଧ୍ୟରାତ୍ର)
  ୩. ଅନ୍‌ଲାଇନ୍ ଆବେଦନପତ୍ରର ବୈଧିକରଣ- ୦୧।୦୪।୨୦୨୦ରୁ ୩୦।୦୫।୨୦୨୦ (ସମ୍ପୃକ୍ତ ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟର ଅଧିକାରୀଙ୍କ ଦ୍ୱାରା)

ବି.ଦ୍ର.: ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ ସଂଯୋଗ ହେଲ୍‌ପ ଲାଇନ୍ ନଂ. ୧୫୫୩୩୫ / ୧୮୦୦୩୪୬୭୭୦ (ଦେୟମୁକ୍ତ)।

**ସ୍ୱା./-**
**ଅତିରିକ୍ତ ଶାସନ ସଚିବ**
**OIPR- 11001/11/0034/1920**

---

**ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା, ଫୁଲବାଣୀ**
**ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ବିଭାଗ**
**ଓଡ଼ିଶା ସରକାର**
**OFFICE OF THE PROJECT ADMINISTRATOR, ITDA, PHULBANI**
**ST & SC Development Department**
**GOVERNMENT OF ODISHA**
**Tel : (06842) 254149, E-Mail : itdaphulbani@gmail.com**

**ଜୀବନ ଜୀବିକା ଯୋଜନା :-**

- ଜୀବନ ଜୀବିକା ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଜନଜାତିଙ୍କ ଜୀବନ ଜୀବିକା କାର୍ଯ୍ୟକ୍ରମ ମାଧ୍ୟମରେ ଜନଜାତି ବ୍ୟକ୍ତିଙ୍କର ଅର୍ଥନୈତିକ ଉନ୍ନତି କରିବା।
- ଜନଜାତିଙ୍କ ଜୀବନ ଜୀବିକା କାର୍ଯ୍ୟକ୍ରମ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା (ITDA) ଫୁଲବାଣୀ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଅଛି।
- ଏହି ଯୋଜନା ଅନ୍ତର୍ଗତ ନିୟମ ଅନୁଯାୟୀ ଯୋଗ୍ୟ ହିତାଧିକାରୀମାନଙ୍କୁ ଆର୍ଥିକ ଉନ୍ନତି ପାଇଁ କୃଷି ଓ ଅଣକୃଷି କାର୍ଯ୍ୟକ୍ରମ ନିମନ୍ତେ ବିଭିନ୍ନ ସହାୟତା ପ୍ରଦାନ କରାଯାଇଥାଏ।
- ୨୦୧୯-୨୦ ଆର୍ଥିକ ବର୍ଷରେ ୫ ହଜାର ଜନଜାତି ହିତାଧିକାରୀମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଅଛି।
- ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ହିତାଧିକାରୀମାନଙ୍କୁ ITDA ଫୁଲବାଣୀର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରି କିମ୍ବା ଆପଣଙ୍କ ଅଞ୍ଚଳକୁ ଆସିଥିବା ITDA କର୍ମକର୍ତ୍ତାଙ୍କ ସହିତ ଯୋଗାଯୋଗ କରି ନିଜର ନାମକୁ ପଞ୍ଜୀକୃତ କରି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ।
- ଏତଦ୍ ଭିନ୍ନ ଜଙ୍ଗଲ ଜମି ଅଧିକାର ଆଇନ ମାଧ୍ୟମରେ ଜିଲ୍ଲାର ଜନଜାତି ଅଧିବାସୀମାନଙ୍କୁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଶିରୋନାମା ପ୍ରଦାନ କରାଯାଇଅଛି। ଜମିକୁ ଉପଯୋଗ କରି ଜୀବିକା ନିର୍ବାହ କରିବା ପାଇଁ ପରାମର୍ଶ ଦିଆଯାଉଅଛି।

**ସ୍ୱା./-**
**ପ୍ରକଳ୍ପ ପ୍ରଶାସକ**
**ଜନଜାତି ଉନ୍ନୟନ ସଂସ୍ଥା, ଫୁଲବାଣୀ**

# ଏଥର ହୋଇପାରେ ସ୍ୱତନ୍ତ୍ର ରଥଯାତ୍ରା

**କରୋନା ପାଇଁ ୬ ମାସ ସତର୍କ ପରାମର୍ଶ**


**ପୁରୀ ଅଫିସ୍‌,୨୦।୩:** ନିୟନ୍ତ୍ରଣକୁ ଆସୁନି କରୋନା। ବଢ଼ି ଦିନକୁ ଦିନ ଏହା ଅଧିକ ଉଗ୍ରରୂପ ଧାରଣ କରୁଛି। ଭାରତରେ ବି ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି। ଓଡ଼ିଶାରେ ଦୁଇଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟବାସୀ ଏହି ମାରାତ୍ମକ ଭୂତାଣୁକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ଏହାକୁ କିପରି ମୁକାବିଲା କରାଯାଇପାରିବ ସେ ନେଇ ପରିସ୍ଥିତିକୁ ଦେଖି ରାଜ୍ୟ ସରକାର ନୂଆ ନୂଆ ନିର୍ଦ୍ଦେଶନାମା ଜାରି କରୁଛନ୍ତି। କରୋନା ବିପକ୍ଷରେ ଏହି ଲଢେଇ ପାଇଁ ଆମକୁ ୬ ମାସ ସତର୍କ ରହିବାକୁ ପଡ଼ିବ ବୋଲି ରାଜ୍ୟ ସରକାରଙ୍କ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ଏହାକୁ ଲକ୍ଷ୍ୟ କଲେ ଆସନ୍ତା ଜୁନ୍ ଶେଷରେ ହେବାକୁ ଥିବା ରଥଯାତ୍ରା କିପରି ଅନୁଷ୍ଠିତ ହେବ ତାହାକୁ ନେଇ ନାନା ଚର୍ଚ୍ଚା ଚାଲିଛି। ଏଥର ସ୍ୱତନ୍ତ୍ର ରଥଯାତ୍ରା ହୋଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି।

ରଥଯାତ୍ରାରୁ ସୁନାବେଶ ପର୍ଯ୍ୟନ୍ତ ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ଅନେକ ଶ୍ରଦ୍ଧାଳୁ ରଥଯାତ୍ରା ପୂର୍ବରୁ ଆସି ନୀଳାଦ୍ରି ବିଜେ ପରେ ଯାଇଥାନ୍ତି। ସହରର ବିଭିନ୍ନ ହୋଟେଲ, ଲଜ୍, ଧର୍ମଶାଳା ଆଦି ପ୍ୟାକ୍ ହୋଇଯାଏ। ଏଥର ରଥଯାତ୍ରା ଜୁନ୍ ଶେଷ ଆଡ଼କୁ ପଡୁଛି। ଏହି ସମୟରେ ବର୍ଷାର ସମ୍ଭାବନା ବି ରହିଛି। ଅନ୍ୟପକ୍ଷରେ ରଥଯାତ୍ରାକୁ ଆଉ ପ୍ରାୟ ୩ ମାସ ସମୟ ରହିଲା। ତେଣୁ ଏହି ସମୟରେ ଯଦି କରୋନା ନିୟନ୍ତ୍ରଣକୁ ଆସି ନ ଥାଏ ତେବେ ଏହାର ପ୍ରଭାବ ରଥଯାତ୍ରା ଉପରେ ପଡ଼ିବ। ରାଜ୍ୟ ସରକାର ରଥଯାତ୍ରା ପାଇଁ କୌଣସି ବଡ଼ ନିଷ୍ପତ୍ତି ନେଇପାରନ୍ତି ଏବଂ ସ୍ୱତନ୍ତ୍ର ରଥଯାତ୍ରା ହୋଇପାରେ ବୋଲି ଅନେକଙ୍କ ମଧ୍ୟରେ ଏବେ ଚର୍ଚ୍ଚା ହେଉଛି। କେହି କେହି ଚଳିତବର୍ଷ ରଥଯାତ୍ରା ନିରାଡ଼ମ୍ବର ଭାବେ ପାଳନ କରିବା ଲାଗି ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ରଥଯାତ୍ରାରେ ଦେଶ, ବିଦେଶର ଶ୍ରଦ୍ଧାଳୁ ଯୋଗଦେଇଥାନ୍ତି। ବର୍ଷାଋତୁରେ ରଥଯାତ୍ରା ହେବାକୁ ଥିବାରୁ କରୋନା ଭୂତାଣୁ ବ୍ୟାପିବା ଆଶଙ୍କା ଅଧିକ ରହୁଛି। ତେଣୁ ଚଳିତବର୍ଷ ରଥଯାତ୍ରା ନିରାଡ଼ମ୍ବର ଭାବେ ପାଳନ କରିବା ଦରକାର ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। କରୋନା ବିପତ୍ତି ଯୋଗୁ ଏଥର ନିରାଡ଼ମ୍ବର ଭାବେ ରଥଯାତ୍ରା ପାଳନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ପ୍ରସ୍ତାବ ଦେଇଛନ୍ତି ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନର କର୍ମକର୍ତ୍ତା। ସେହିପରି ଅନେକ ବୁଦ୍ଧିଜୀବୀ ରଥଯାତ୍ରା ଆୟୋଜନକୁ ନେଇ ଆଶଙ୍କାରେ ରହିଛନ୍ତି। ଚଳିତବର୍ଷ ସ୍ୱତନ୍ତ୍ର ରଥଯାତ୍ରା ହେବା ସମ୍ଭାବନା ସୃଷ୍ଟି ହୋଇଛି ବୋଲି ପୁରୀ ସହରର ମହେନ୍ଦ୍ର କୁମାର ବେହେରା କହିଛନ୍ତି।

# ୨୫୯୦ ଘରୋଇ ସୁଲଭ ମୂଲ୍ୟ ଦୋକାନର ଲାଇସେନ୍ସ ୪ ମାସ ପାଇଁ ନବୀକରଣ

**କରୋନା ମୁକାବିଲା**

**ଭୁବନେଶ୍ୱର,୨୦।୩(ବ୍ୟୁରୋ):** କରୋନା (କୋଭିଡ୍‌-୧୯)କୁ ଦୃଷ୍ଟିରେ ରଖାଯାଇ ହିତାଧିକାରୀମାନେ ଯେପରି ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଉପଯୋଗ କରିପାରିବେ, ସେଥିପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ବିଶେଷ କରି ହିତାଧିକାରୀଙ୍କୁ ଖାଦ୍ୟଶସ୍ୟ ସୁବିଧାରେ ଯୋଗାଇବା ପାଇଁ ୨୫୯୦ ଘରୋଇ ସୁଲଭ ମୂଲ୍ୟ ଦୋକାନର ଚଳିତ ବର୍ଷ ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ଲାଇସେନ୍ସ ନବୀକରଣ କରିବା ପାଇଁ ରାଜ୍ୟ ସରକାର ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ଏହି ଖୁଚୁରା ଦୋକାନୀ (ରିଟେଲର) ମାନଙ୍କର ଲାଇସେନ୍ସ ନବୀକରଣ ୪ ମାସ ପାଇଁ କରାଯାଇଛି। ଏହି ମର୍ମରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ବୀରବିକ୍ରମ ଯାଦବ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଲାଇସେନ୍ସ ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ନିର୍ଦ୍ଦେଶ ଦେବା ପାଇଁ ଜିଲାପାଳମାନଙ୍କୁ କୁହାଯାଇଛି, ଯେପରି ସେମାନେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଉକ୍ତ ଖୁଚୁରା ଦୋକାନୀମାନଙ୍କୁ ଲାଇସେନ୍ସ ପ୍ରଦାନ କରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ।



ପ୍ରଧାନମନ୍ତ୍ରୀଙ୍କ **ଜନତା କର୍ଫ୍ୟୁ** ନିବେଦନ

# ‘ପ୍ରହସନ ପରି ଲାଗୁଛି’

ମହାମାରୀ କରୋନା ଭୂତାଣୁ ସଂକ୍ରମଣ ଯୋଗୁ ସାରା ବିଶ୍ୱ ସଂକଟରେ। ଏଥିରୁ ରକ୍ଷା ପାଇବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ଏକମାତ୍ର ଉପାୟ। ଗହଳିଠାରୁ ଯଥାସମ୍ଭବ ଦୂରେଇ ରହିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଆସନ୍ତା ୨୨ ତାରିଖ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ‘ଜନତା କର୍ଫ୍ୟୁ’ ପାଳନ କରିବାକୁ ନିବେଦନ କରିଛନ୍ତି। ହେଲେ ଦେଶର ସ୍ୱାସ୍ଥ୍ୟକ୍ଷେତ୍ରରେ ଅବ୍ୟବସ୍ଥା ଥିବାବେଳେ ଗୋଟିଏ ଦିନ ଜନତା କର୍ଫ୍ୟୁ ଦ୍ୱାରା ଲୋକେ ଘରେ ରହିଗଲେ କରୋନା ଭୂତାଣୁ ଦେଶ ଛାଡ଼ି ଚାଲିଯିବନି ବୋଲି ଲୋକେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅନେକେ ମୋଦିଙ୍କ ନିବେଦନକୁ ପ୍ରହସନ ବୋଲି କହିଥିବାବେଳେ ସଚେତନତା ସୃଷ୍ଟି ହେବା ଦୃଷ୍ଟିରୁ ଆଉ କେତେକ ମହଲରେ ସ୍ୱାଗତ କରାଯାଉଛି।

## ସରକାରଙ୍କ ପଦକ୍ଷେପ ପ୍ରଶଂସାଯୋଗ୍ୟ



■ ନାଗରିକଙ୍କ ସୁରକ୍ଷା ଏବଂ କରୋନା ମହାମାରୀ ପ୍ରତିରୋଧ ଦିଗରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା କରିବା ଲାଗି ସରକାର ଯେତେବେଳେ ଲୋକଙ୍କୁ କହିଥିଲେ ସେତେବେଳେ ଅନେକେ ଏହାକୁ ସମାଲୋଚନା କରିଥିଲେ। ମାତ୍ର ଏହା କେତେ ଜରୁରୀ ବର୍ତ୍ତମାନ ଜଣାପଡୁଛି। ବର୍ତ୍ତମାନ ଲୋକଙ୍କ ଜୀବନ ରକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ। ସରକାର ଗ୍ରହଣ କରିଥିବା ପଦକ୍ଷେପ ପ୍ରଶଂସାଯୋଗ୍ୟ।

**– ଶ୍ୱେତା ଅଗ୍ରୱାଲ, ପରିବେଶବିତ୍**

## ଜନତା କର୍ଫ୍ୟୁର ମହତ୍ତ୍ୱକୁ ବୁଝନ୍ତୁ



■ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ବ୍ୟକ୍ତିଗତ ଭାବେ ଗ୍ରହଣ କରିଛି। ଏହା ବେଶ୍ ସ୍ୱାଗତଯୋଗ୍ୟ ପଦକ୍ଷେପ। ଭାଇରସକୁ ପ୍ରତିରୋଧ କରିବା ଲାଗି ଜନତା କର୍ଫ୍ୟୁର ମହତ୍ତ୍ୱ ଲୋକମାନେ ନ ବୁଝିବା ଯାଏ ଲାଗୁ କରିବା ଆବଶ୍ୟକ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ନିର୍ଦ୍ଦେଶାବଳୀକୁ ପାଳନ କରିବା ଉଚିତ। ଅତି ଦରକାର ନ ହେଲେ ବାହାରକୁ ନ ବାହାରିବାର ଗୁରୁତ୍ୱକୁ ବୁଝିବାକୁ ହେବ। ଘରେ ରହିଲେ ହିଁ ଏହି ସମୟରେ ଅଧିକ ନିରାପଦ।

**–ରଶ୍ମି ମହାପାତ୍ର, ଫ୍ୟାଶନ ଡିଜାଇନର**

## ଅଧିକ ଦୃଢ ଭାବେ ଲଢ଼ିବାକୁ ହେବ



■ ଜନତା କର୍ଫ୍ୟୁ ଆହ୍ୱାନ ବିଳମ୍ବରେ ଦିଆଯାଇଥିଲେ ମଧ ଏହା ଭଲ ନିଷ୍ପତ୍ତି। ଏହି ସମୟରେ ସାମାଜିକ ଗହଳିକୁ ଯିବା ବ୍ୟକ୍ତିଗତ ସ୍ତରରେ ବାରଣ କରିବାର ଆବଶ୍ୟକତା ରହିଛି। ଅର୍ଥ ବ୍ୟବସ୍ଥା ସୁଧାରିବା ନେଇ ଟାସ୍କଫୋର୍ସ କେତେ ସଫଳ ହେବ ସେ ନେଇ ଏବେ ଅନୁମାନ ଲଗାଇ ହେବ ନାହିଁ। ଏବେ କଷ୍ଟ ସମୟ ଚାଲି ଥିବାରୁ ଆମକୁ ଅଧିକ ଦୃଢ ହେବାକୁ ପଡିବ।

**–ସନ୍ତୋଷ କୁମାର ମହାପାତ୍ର, ଅବସରପ୍ରାପ୍ତ ଆଇଏଏସ୍**

## ପଦକ୍ଷେପ ନେବାରେ ବିଳମ୍ବ ହୋଇଗଲା



■ କରୋନା ପ୍ରଭାବକୁ କମ୍ କରିବା ଲାଗି ସରକାର ପଦକ୍ଷେପ ନେବାକୁ ବିଳମ୍ବ କରିଛନ୍ତି। ଲକ୍‌ଡାଉନ ଘୋଷଣା ବିଳମ୍ବିତ ହୋଇଥିବା ବେଳେ ବହୁ କମ୍ ସମୟ ଲାଗି ଆସିଛି। ଅର୍ଥ ବ୍ୟବସ୍ଥା ସାମ୍ନା କରିଥିବା ଅସୁବିଧାକୁ ସମାଧାନ କରିବା ଦିଗରେ ଟାସ୍କଫୋର୍ସ ସକ୍ଷମ ହେବ କି ନାହିଁ ଠିକ୍ ଭାବେ କହି ହେବ ନାହିଁ। ସରକାର ପୂର୍ବରୁ ମଧ ଅର୍ଥନୈତିକ ସମସ୍ୟା ସମାଧାନ କରିବାକୁ ନିଜର ଅକ୍ଷମତା ଦେଖାଇଛନ୍ତି।

**–ବିଶ୍ୱପ୍ରିୟ କାନୁନଗୋ, ମାନବିକ ଅଧିକାର କର୍ମୀ**

## ଗରିବ ଲୋକ ରୋଜଗାରରୁ ବଞ୍ଚିତ ହେବେ



■ ପ୍ରଧାନମନ୍ତ୍ରୀଙ୍କ ଜନତା କର୍ଫ୍ୟୁ ଏକ ପ୍ରହସନ ପରି ଲାଗୁଛି। ଗୋଟିଏ ଦିନ ଘରେ ରହିଗଲେ କରୋନା ମହାମାରୀ ଦେଶରୁ ପଳାଇବ ନାହିଁ। ଦିନଟିଏ ଘରୁ ପଦାକୁ ନ ବାହାରିଲେ ଜଣେ ସାଧାରଣ ଗରିବ ଖଟିଖିଆ ଲୋକର ପରିବାର ରୋଜଗାରରୁ ବଞ୍ଚିତ ହେବ। ମେଳି ଦ୍ୱାରା କରୋନା ସଂକ୍ରମଣ ଅଧିକ ହେଉଥିବା ସୂଚନା ମିଳିଛି। ତେବେ ନିଜ ଘର ଓ ବାୟୁ ମଣ୍ଡଳରେ ସଂକ୍ରମଣ ରୋକିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ସାରା ଦେଶରେ ଏବେ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡିଛି। ଚିକିତ୍ସାଳୟର ଭିତ୍ତିଭୂମିକୁ ସୁଦୃଢ଼ ନ କରି ଜନତାଙ୍କୁ ଗୋଟିଏ ଦିନ ଘର ମଧ୍ୟରେ ରହିବାକୁ କୁହାଯାଉଛି। ଏଥିରେ ଦେଶର କେଉଁ ପ୍ରକାର ଲାଭ ହେବ, ତାହା ପ୍ରଧାନମନ୍ତ୍ରୀ ହିଁ ଜାଣନ୍ତି।

**–ଦିଲୀପ କୁମାର ମହାନ୍ତି, ଚାନ୍ଦୋଳ, କେନ୍ଦ୍ରାପଡ଼ା**

## ସଂକଳ୍ପ ଓ ସଂଯମ ୨ଟି ଅସ୍ତ୍ର



■ କରୋନା ଏକ ବିଶ୍ୱ ମହାମାରୀ। ଚାଇନା, ଇଟାଲି, ଆମେରିକା ଭଳି ଦେଶକୁ ଏହା ଯେଉଁଭଳି ଆକ୍ରାନ୍ତ କରିଛି, ଆଗକୁ ଭାରତରେ ଅବସ୍ଥା ସଙ୍କଟାପନ୍ନ ହୋଇପାରେ। ଏହି ରୋଗରୁ ରକ୍ଷା ପାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଉପାୟ କିମ୍ବା ଔଷଧ ବାହାରିନାହିଁ। ତେଣୁ ଏହି ସଂକ୍ରମଣ ସହ ଲଢ଼ିବା ପାଇଁ ସଂକଳ୍ପ ଓ ସଂଯମ ହେଉଛି ୨ଟି ଅସ୍ତ୍ର। ଏହି ଦୁଇଟି ଅସ୍ତ୍ରକୁ ବ୍ୟବହାର କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଜନତା କର୍ଫ୍ୟୁ ନିମନ୍ତେ ଯେଉଁ ଆହ୍ୱାନ ଦେଇଛନ୍ତି, ତାକୁ ଗ୍ରହଣ କରି ଆସନ୍ତା ୨୨ ତାରିଖରେ ନିଜ ଉପରେ ନିଜେ କର୍ଫ୍ୟୁ ପ୍ରୟୋଗ କରି ଆମକୁ କରୋନା ସହିତ ସଂଘର୍ଷ କରିବାକୁ ପ୍ରସ୍ତୁତ ହେବାକୁ ପଡ଼ିବ।

**–ସଂଯୁକ୍ତା ମହାପାତ୍ର, ଶିକ୍ଷୟିତ୍ରୀ, ଯାଜପୁରରୋଡ**

## ଅର୍ଥନୀତି ଉପରେ ପ୍ରଭାବ ପକାଇବ



■୨୨ ତାରିଖରେ ଲୋକେ ଘରୁ ନ ବାହାରିଲେ କି ଦୋକାନ, ବଜାର ବନ୍ଦ ହୋଇଗଲେ କରୋନା ଭଳି ମହାମାରୀକୁ ପ୍ରତିହତ କରିବା ସମ୍ଭବ ନୁହେଁ। ଏହା ଅର୍ଥନୀତି ଉପରେ ପ୍ରଭାବ ପକାଇବ। ଏ ପରିସ୍ଥିତିରେ ସରକାର ଅନ୍ୟ କିଛି ପନ୍ଥା ବାହାର କରିବା ଦରକାର। ବିଶେଷକରି ଲୋକଙ୍କ ଭିତରେ ସଚେତନତା ସୃଷ୍ଟି ପାଇଁ ଅନ୍ୟ କିଛି ବିକଳ୍ପ ଚିନ୍ତା କରିବା ଜରୁରୀ। ମୋ ମତରେ ଗୋଟିଏ ଦିନ ସବୁ ବନ୍ଦବାନ୍ଦ କରିଦେବା ଅପେକ୍ଷା ପ୍ରତ୍ୟହ କିଛି ଦିନ ପାଇଁ ନିର୍ଦ୍ଦିଷ୍ଟ ସମୟରେ ଜନତା କର୍ଫ୍ୟୁ କରାଗଲେ ଭଲ ହୁଅନ୍ତା।

**–ବିଶ୍ୱଜିତ୍ ପଟ୍ଟନାୟକ, ବ୍ୟବସାୟୀ, ଜଗତ୍‌ସିଂହପୁର**

## ବିଜ୍ଞାନ ସମ୍ମତ ପଦକ୍ଷେପ



■ କରୋନା ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିବେଦନ ଜନତା କର୍ଫ୍ୟୁ ବିଜ୍ଞାନସମ୍ମତ। ରବିବାର ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଲୋକେ ଘରୁ ନ ବାହାରିବା ରୋଗକୁ ନିୟନ୍ତ୍ରଣ କରିବାରେ ସଫଳ ହେବ। ସଙ୍କଟକୁ ଏଡାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ଦଳମତ ନିର୍ବିଶେଷରେ ସମସ୍ତେ ଗ୍ରହଣ କରୁଛନ୍ତି।

**–ମନୋଜ ମିଶ୍ର, ବରିଷ୍ଠ ପାଲା ଗାୟକ, ଗୋଡିପଡ଼ା, ନୟାଗଡ଼**

## ଥାଳି ବଜାଇବା ପାଣିଚିଆ ପରି ଲାଗୁଛି



■ କରୋନା ସଂକ୍ରମଣକୁ ରୋକିବା ଲାଗି ପ୍ରଧାନମନ୍ତ୍ରୀଙ୍କ ଜନତା କର୍ଫ୍ୟୁ ଏକ ସମୟୋପଯୋଗୀ ଆହ୍ୱାନ। ଏହାଦ୍ୱାରା ବାହ୍ୟ ପରିବେଶ ବିଶୋଧନ ହୋଇ ରୋଗକୁ ଆଗକୁ ବଢ଼ାଇବାକୁ ଦେବନି। ପ୍ରତ୍ୟେକ ଜୀବନ ଦେଶ ପାଇଁ ମୂଲ୍ୟବାନ ହେତୁ କର୍ଫ୍ୟୁକୁ ସମସ୍ତେ ମାନିବାର ଆବଶ୍ୟକତା ରହିଛି। ଏହି ଆହ୍ୱାନକୁ ଦେଖିଲେ ଘଣ୍ଟି ବଜାଇବା, ତାଳି ମାରିବା ଓ ଥାଳି ବଜାଇବା ପାଣିଚିଆ ପରି ମନେହୁଏ।

**– ବିରଞ୍ଚି ନାରାୟଣ ତ୍ରିପାଠୀ, ସାହିତ୍ୟିକ ରଣପୁର, ନୟାଗଡ଼**

## ସ୍ୱାଗତଯୋଗ୍ୟ ପଦକ୍ଷେପ



■କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଜନତା କର୍ଫ୍ୟୁ ଆହ୍ୱାନ ସ୍ୱାଗତଯୋଗ୍ୟ ପଦକ୍ଷେପ। ସମସ୍ତେ ନିଜର ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ସଚେତନ ହେବା ଜରୁରୀ। କିନ୍ତୁ ଏଥିରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ରହିବା ଉଚିତ ନୁହେଁ। କାରଣ ଦେଶ ଓ ଦେଶବାସୀଙ୍କ ସୁରକ୍ଷା ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ।

**–ଚନ୍ଦ୍ରକାନ୍ତ ମିଶ୍ର, ଅମଲାପଡ଼ା ବସଷ୍ଟାଣ୍ଡ, ଢେଙ୍କାନାଳ**



**ଜିଲା ଚିଠି**
**ଭଦ୍ରକ**

# ଭାଗ୍ୟରେ ଥିଲେ ଭଦ୍ରକ

କାର୍ଯ୍ୟରେ ସ୍ୱଚ୍ଛତା ଆଣି ପ୍ରଶାସନକୁ ଲୋକଙ୍କ ନିକଟତର କରିବା ପାଇଁ ଉଦ୍ୟମ ହେଉଥିବାବେଳେ ଭଦ୍ରକ ଜିଲାରେ ଏହାର ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଏପରି କି କେତେଜଣ ଅଧିକାରୀ ଠିକ୍ ଭାବେ ଦାୟିତ୍ୱ ନ ତୁଲାଇ ନିଜ ପରିବାରର ସଦସ୍ୟଙ୍କୁ ସରକାରୀ ଯୋଜନାରେ ସାମିଲ କରି ସୁବିଧା ସୁଯୋଗ ଦେବାରେ ଲାଗିଛନ୍ତି। ପୂର୍ବରୁ ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଦୂରତା ଏଯାଏ ଅପରିବର୍ତ୍ତିତ ରହିଛି। କେହି କେହି କହନ୍ତି, ଭାଗ୍ୟରେ ଥିଲେ ଭଦ୍ରକ ଭଳି ଜାଗାରେ ଚାକିରି କରିବାକୁ ସୁଯୋଗ ମିଳିଥାଏ। ଏଭଳି ଏକ ଧାରଣା ବହୁଦିନରୁ ଜନମାନସରେ ସ୍ଥାନ ପାଇଆସିଛି। କେତେଜଣ ଅଧିକାରୀ ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ବିଭାଗର ଗାଦି ମାଡ଼ି ବସିଥିବା ଏଥିରୁ ପ୍ରମାଣିତ କରୁଛି। ସରକାରୀ ନିୟମ ଅନୁସାରେ କୌଣସି ସ୍ଥାନରେ କେହି ଅଧିକ ଦିନ ଥିଲେ ସେମାନଙ୍କୁ ବଦଳି କରାଯିବା ବ୍ୟବସ୍ଥା ରହିଛି। ଏଠାରେ ବଦଳି ଆଦେଶ ଆସୁଥିଲେ ମଧ୍ୟ ତାହା ପରେ କେଉଁଠି ଲୁଚିଯାଉଛି। ଏପରି କି କେତେକ ଅଧିକାରୀ ଭଦ୍ରକ ଛାଡ଼ିବାକୁ ଯେମିତି ନାରାଜ ପ୍ରତୀତ ହେଉଛି। ବର୍ତ୍ତମାନ ସରକାର ଗ୍ରାମାଭିମୁଖୀ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ବିଭିନ୍ନ ଉନ୍ନୟନ ଯୋଜନାରେ ଆବଶ୍ୟକ ଅର୍ଥ ମଞ୍ଜୁର ହୋଇଆସୁଛି। ଏସବୁ ଯୋଜନା କାର୍ଯ୍ୟ ନାଁରେ ଅନିୟମିତତା କରାଯାଇ ସରକାରୀ ଅର୍ଥ ହଡ଼ପ କରାଯିବା ଅଭିଯୋଗ ଏହି ଜିଲା ପାଇଁ କିଛି ନୂଆ କଥା ନୁହେଁ। ସରକାରୀ କାଗଜପତ୍ରରେ ଏଠି ସବୁକିଛି ସମ୍ଭବ ହେଉଥିବା ସାଧାରଣ ଲୋକେ ମତବ୍ୟକ୍ତ କରୁଛନ୍ତି। ଏପରି କି ସଧବାମାନେ ବିଧବା ଭତ୍ତା ପାଇବା ନଜିର ରହିଛି। ସେହିପରି ପୁରୁଣା ପାଇଖାନାରେ ରଙ୍ଗଦେଇ ନୂଆ ପାଇଖାନା ନାମରେ ଅନୁଦାନ ହାତେଇବା, ଅନୁସୂଚିତ ଜାତି ଛାତ୍ରୀଛାତ୍ର ନାଁରେ ଲକ୍ଷାଧିକ ଟଙ୍କା ହଡ଼ପ, ଅଯୋଗ୍ୟଙ୍କୁ ଆବାସ ଯୋଜନାରେ ସାମିଲ କରାଯିବା ଭଳି ଅନିୟମିତତା ପଛରେ କେତେକ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ରହୁଥିବା ଚର୍ଚ୍ଚା ହେଉଛି। ଏଭଳି ଅନିୟମିତତା ନେଇ କେତେଜଣ ଅଧିକାରୀଙ୍କୁ ଭିଜିଲାନ୍ସ ଓ ପ୍ରଶାସନିକ ତଦନ୍ତର ସମ୍ମୁଖୀନ ହେବାକୁ ପଡ଼ିଛି। ଜିଲାରେ ଜଣେ ଜିଆର୍‌ଏସ୍‌ଙ୍କ ପରିବାରର ୩ ଜଣଙ୍କ ନାଁରେ ଇନ୍ଦିରା ଆବାସ ମିଳିଥିବା ଭଳି ଅଭିଯୋଗ ହୋଇଛି। ବର୍ଷ ବର୍ଷ ଧରି ରାସ୍ତା କାମ ଚାଲିଥିଲେ ବି ସରୁନି। ପିଚୁ କରାଯିବାର ୧୦ ଦିନ ପରେ ରାସ୍ତା ଅବସ୍ଥା ବେହାଲ ହୋଇପଡୁଛି। ସ୍ୱଚ୍ଛ ଭାରତ ଯୋଜନାରେ ଜଣେ ମୋଟିଭେଟର୍‌ଙ୍କ ପରିବାରର ୩ ସଦସ୍ୟ ଗାଁ ସାରା ପାଇଖାନା ଟଙ୍କା ଲୁଟି ନେବା ଭଳି ଅନେକ ଦୁର୍ନୀତି ଏହି ଜିଲାରେ ଲୋକଲୋଚନକୁ ଆସିଛି। ଏ ନେଇ କେଉଁଠି ଜିଆର୍‌ଏସ୍‌ଙ୍କ ନାଁରେ ମାମଲା ରୁଜୁ ହୋଇଛି ତ ଅନ୍ୟ କେଉଁଠି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାଁରେ ଚାଲିଛି ଫୌଜଦାରି ମାମଲା। ଜିଲାରେ ଜେଲର ଚେକ୍‌ରେ ଲାଞ୍ଚ ନେଇ ଜେଲ ଯିବା ଏବଂ ଜଣେ ଜେଲର ବଳାତ୍କାର ମାମଲାରେ ଛନ୍ଦିହୋଇ ଫେରାର ହେବା ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରିଛି। ସମିତିସଭ୍ୟ ପଦବୀରେ ଥାଇ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରିବା, ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଓ ଜଣେ କିରାଣି ଭିଜିଲାନ୍ସ ଦ୍ୱାରା ଗିରଫ ହେବା ଘଟଣା ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ଅଧିକାରୀମାନେ ଥରେ ଏଠି କାର୍ଯ୍ୟରେ ଯୋଗଦେଲେ ଜିଲା ଛାଡ଼ି ଯିବାକୁ କାହିଁକି ନାରାଜ ତାହାର କାରଣ ଜଳ ଜଳ ହୋଇ ଦିଶୁଛି।

**–ବିଭୁପ୍ରସାଦ ବେହେରା**

# ୬ କରୋନା ସନ୍ଦିଗ୍ଧଙ୍କୁ ଏସ୍‌ସିବି ପଠାଗଲା

**ନିଶ୍ଚିନ୍ତକୋଇଲି,୨୦।୩(ସ୍ୱ.ପ୍ର.)**

କରୋନା ସନ୍ଦେହରେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ୬ ସନ୍ଦିଗ୍ଧଙ୍କୁ ଶୁକ୍ରବାର ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ ଡାକ୍ତରଖାନା(ଏସ୍‌ସିବି ମେଡିକାଲ) ପଠାଯାଇଛି। ଏହାପୂର୍ବରୁ ସେମାନଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପ୍ରାଥମିକ ଚିକିତ୍ସା କରାଯାଇଥଲା। ସେମାନଙ୍କ ମଧ୍ୟରୁ ବାହାରବମ୍ପୁ ଗ୍ରାମରୁ ୨, ଦୁଦୁରା, ଘଣ୍ଟାଳ,ବନ୍ଧୁପୁର ଓ କୁଦ ଗ୍ରାମରୁ ଜଣେ ଲେଖାଏ ସନ୍ଦିଗ୍ଧ ଥିବା ଜଣାପଡିଛି। ସମସ୍ତ ସନ୍ଦିଗ୍ଧ ବିଦେଶରୁ କିଛି ଦିନ ପୂର୍ବେ ଗ୍ରାମକୁ ଫେରିଥିଲେ। ସ୍ୱାସ୍ଥ୍ୟକର୍ମୀ ଏହାଜାଣିବା ପରେ ସେମାନଙ୍କୁ ସ୍ୱାସ୍ଥ୍ୟପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ମାନିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ):** କରୋନା ଭୂତାଣୁ ବିଶ୍ୱ ମହମାରୀର ରୂପ ନେଇଥିବା ବେଳେ ଆମ ସମସ୍ତଙ୍କୁ ମିଳିମିଶି ଏଭଳି ପ୍ରାକୃତିକ ସଙ୍କଟକୁ ସାମ୍ନା କରିବାକୁ ପଡିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରାଜ୍ୟ ତଥା ଦେଶବାସୀ କୌଣସି ପ୍ରକାର ଭୟଭୀତ ନ ହୋଇ ଧୈର୍ଯ୍ୟ ଓ ସାହସର ସହ କରୋନା ଭାଇରସ୍ ବିରୋଧରେ ମୁକାବିଲା କରନ୍ତୁ ବୋଲି ସାମାଜିକ ଗଣମାଧ୍ୟମରେ ଭିଡିଓ ଜାରି କରି ଧର୍ମେନ୍ଦ୍ର ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ, ଭୟଭୀତ ହେବା ବଦଳରେ ପ୍ରତିଷେଧକ ଓ ସୁରକ୍ଷାଗତ ପଦକ୍ଷେପ ନେବା ଏହି ସମୟରେ ନିତାନ୍ତ ଜରୁରୀ। ସମଗ୍ର ବିଶ୍ୱ ଏକ ଅଭାବନୀୟ ପରିସ୍ଥିତିରେ ପହଞ୍ଚିଛି। କରୋନା ଭୂତାଣୁ ସମଗ୍ର ମାନବ ଜାତିକୁ ସଙ୍କଟରେ ପକାଇଛି। ଏହା ବିଶ୍ୱଯୁଦ୍ଧ ଠାରୁ ବି ଭୟଙ୍କର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଲୋକମାନେ ଧାର୍ମିକ, ବିବାହ ଉତ୍ସବ ସମେତ ଭିଡ ଅଞ୍ଚଳରେ ସାମାଜିକ ଦୂରତା ଅବଲମ୍ବନ କରିବା ଜରୁରୀ। ଏଥିସମେତ ଗରିବ ଲୋକଙ୍କ ବିଶେଷ ଯତ୍ନ ନେବା ସମସ୍ତଙ୍କର ଦାୟିତ୍ୱ। ମୋଦିଙ୍କ ଆହ୍ୱାନକ୍ରମେ ରବିବାର ଦେଶବାସୀ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଘରେ ରହି ‘ଜନତା କର୍ଫ୍ୟୁ’କୁ ସଫଳ କରିବାକୁ ଧର୍ମେନ୍ଦ୍ର କହିଛନ୍ତି।

# ପୀଡ଼ିତାଙ୍କ ଲାଗି ଭାଜପା ଓକିଲ ସାଜିବ: ପ୍ରଭାତୀ

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ):** ଶୁକ୍ରବାର ଆମ ସମସ୍ତଙ୍କ ପାଇଁ ଏକ ଖୁସିର ଦିନ। ବିଳମ୍ବ ହେଲେ ମଧ ନ୍ୟାୟିକ ପ୍ରକ୍ରିୟାରେ ବିଶ୍ୱାସ ରଖିଥିବା ଆମ ସମସ୍ତଙ୍କୁ ନ୍ୟାୟ ମିଳିଛି ଏବଂ ନିର୍ଭୟା ଦୋଷୀମାନଙ୍କୁ ଫାଶୀ ମିଳିଛି। ଗଣତନ୍ତ୍ରର ନ୍ୟାୟିକ ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ବଢିଛି ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ପ୍ରଭାତୀ କହିଛନ୍ତି ଯେ, ଯେଉଁପରି ନିର୍ଭୟା ମାମଲାରେ ଅଭିଯୁକ୍ତମାନଙ୍କୁ ଫାଶୀ ମିଳିଛି, ଠିକ୍ ସେହିପରି ନାବାଳିକା ବଳାତ୍କାରୀଙ୍କୁ ପୋକ୍ସୋ ଆକ୍ଟ ଆଧାରରେ ଫାଶୀ ଦିଆଯାଉ। ଆଇନର ଗଳାବାଟ ବନ୍ଦ ହେଲେ ନିର୍ଭୟା ପରି ରାଜ୍ୟର ଅନ୍ୟ ପୀଡ଼ିତାଙ୍କୁ ଦ୍ରୁତ ନ୍ୟାୟ ମିଳିପାରିବ। ରାଜ୍ୟରେ ଯେଉଁ ପୀଡ଼ିତାମାନେ ନିଜ ମାମଲା ଲଢିବା ପାଇଁ ସମର୍ଥ ହେବେ ନାହିଁ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଭାଜପା ମହିଳା ମୋର୍ଚ୍ଚା ବିନା ପାରିଶ୍ରମିକରେ ଓକିଲ ସାଜିବ। ନିର୍ଭୟା ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ନିର୍ଭୟାଙ୍କ ମାତା, ପିତା ଏବଂ ପରିବାର ଲୋକଙ୍କୁ ଆଜି ନ୍ୟାୟ ମିଳିଛି। ନିର୍ଭୟା ପରିବାର ୭ବର୍ଷ ଧରି ନ୍ୟାୟ ପାଇବା ପାଇଁ ଯେପରି ଲଢେଇ କରିଥିଲେ ତାହା ସମସ୍ତଙ୍କୁ ଏକ ପ୍ରେରଣା ଯୋଗାଇବ। ସତ୍ୟର ବିଜୟ ହୋଇଛି, ଏହି ଦଣ୍ଡବିଧାନ ଯୋଗୁ ଅନ୍ୟ ବଳାତ୍କାରୀମାନେ ସତର୍କ ହେବେ ଏବଂ ଏପରି ହୀନ କାର୍ଯ୍ୟ କରିବାରୁ ଦୂରେଇ ରହିବେ। ପୋଲିସ ଏବଂ ଆଇନ ବ୍ୟବସ୍ଥାରେ କିଛି ତ୍ରୁଟି ଅବା ଗଳାବାଟ ଥିବାରୁ ଅପରାଧୀମାନଙ୍କୁ ଫାଶୀରେ ଝୁଲାଇବା ପାଇଁ ୭ବର୍ଷ ସମୟ ଲାଗିଗଲା। ଅପରାଧୀମାନଙ୍କୁ ତୁରନ୍ତ ସଜା ଶୁଣାଇବା ପାଇଁ ନୂଆ ନିୟମ ଆଣିବା ଦରକାର ବୋଲି ପ୍ରଭାତୀ କହିଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

URGENTLY REQUIRED
1. Import & Export Manager - 1 No. (Experienced)
2. Data Entry Operator - 2 Nos. (Tally & MS office)
Mobile = 9338554697
Email : kukumina_bbsr@rediffmail.com

ଟାଟା ଏସି ପାଇଁ ଲାଇସେନ୍ସ ଥିବା ଡ୍ରାଇଭର -୨ଜଣ, ଅଭିଜ୍ଞତା ଇଲେକ୍ଟ୍ରି ଆର୍କ ଓଲ୍ଡର - ୧, । ଦରମା-୧୦୦୦୦/୧୨୦୦୦, ରହିବା ସୁବିଧା ଅଛି। ଶୀଘ୍ର ଯୋଗାଯୋଗ
ଓଡ଼ିଶା ଆଗ୍ରୋ ମେସିନାରି, ସାକ୍ଷିଗୋପାଳ, ପୁରୀ
9437048854
9238579309

Experienced and well behaved Driver with valid license and experience certificate needed for private cars.
Contact : 9437180218

URGENT REQUIRED
(1) Diploma Civil - 10 Nos.
(2) Graduate - 20 Nos.
Salary (5000 to 50,000)
Contact : 7873563668
9556880775

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ୍,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ। ବେତନ ୧୪୦୦୦ - ୧୭୦୦୦ + ରୁମ୍। ଘର ରୋଷେୟା / ଘରୋଇ ଚାକର/ ହେଲ୍‌ପର/ ଅଫିସ୍ ଆସିଷ୍ଟାଣ୍ଟ।
ଏଫ୍‌ଏଫ୍‌ଏଫ୍ ଲିଃ:
9884761210

URGENTLY REQUIRED
Receptionist
Accountant
Administrative Officer
Graduate with Adequate knowledge in the same field.
Interested Candidates may Contact
Mob.: 7381030715
Or send their updated Resume to srikantapattanaik35@gmail.com

Urgent requirement of a DTP Operator cum Graphics Designer (Photoshop, Pagemaker, Coreldraw).
Salary: 12000+ pm.
Contact No:-
9437529732, 9861040318
Kalinga Vihar, BBSR

WANTED
DRIVER FOR ASHOK LEYLAND DOST PLUS
SALARY : Negotiable
CONTACT
Mobile : 9438820370
Mobile : 9437027670
Mobile : 9437047010

COLOR CLASSIFIED DISPLAY
on Every
Tuesday and Friday

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ନିଜ ବ୍ଲକ୍ ରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ 10th / +2 & above Qualification ଥିବା candidate ଆବଶ୍ୟକ।
ଦରମା - 7000/- ରୁ 40000/-
9777639313

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

RECRUITMENT OF GRADUATE ENGINEERS THROUGH GATE-2020

National Aluminium Company Limited(NALCO), a Navratna Company is looking for recruitment of committed, promising and competent young Graduate Engineers with brilliant academic career in the disciplines of Mechanical, Electrical, Metallurgy, Instrumentation, Cvil, Chemical & Mining from Graduate Aptitude Test in Engineering - 2020 scores(GATE-2020).

- Candidates willing to apply in NALCO may visit career section of NALCO website www.nalcoindia.com or Employment News dated 21st March,2020 for further details.

Important Dates :

| | | |
|---|---|---|
| 1 | Opening of online submission of application | 20/03/2020 (11:30 AM) |
| 2 | Last date of submission of online application | 09/04/2020 (05:30 PM) |

Advt. No.10200207
NALCO Recruitment-2020

URGENTLY REQUIRED
Required one women/girl Graduate or Post Graduate with Psychology subject to work at Bhadrak, apply to President NUHASS, Plot No.773, Jayadev Vihar, Bhubaneswar-751013.
Salary negotiable.
M-9437041228
9040268680

ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ କଲେଜ ନିମନ୍ତେ Clerk, Peon, ବସ୍ ଡ୍ରାଇଭର, କାର ଡ୍ରାଇଭର, ହାଉସକିପିଂ Staff ଆବଶ୍ୟକ। ରହିବା ବ୍ୟବସ୍ଥା ଅଛି।
BIMSR-1480, IRC Village
9040009727
8456845313

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 75.20 (8) | 29,915.96 (1627.73) | 8,745.45 (482) | 41,705.00 (₹1395) | 38,100.00 (₹2889) |



ରିୟଲ ଇଷ୍ଟେଟ, ବେସାମରିକ ବିମାନ ଚଳାଚଳ, ପର୍ଯ୍ୟଟନ ଏବଂ ଆଗ୍ରିଗେଟର ଭଳି ଅନ୍ୟ କ୍ଷେତ୍ର ଏବେ କ୍ଷତିରେ ଚାଲିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏ ନେଇ ଚିଠି ଲେଖାଯିବା ସହ ୨ ଲକ୍ଷ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ କୁହାଯାଇଛି।

–ଚନ୍ଦ୍ରଜୀତ ବାନାର୍ଜୀ, ସିଆଇଆଇ ମହାନିର୍ଦ୍ଦେଶକ



କରୋନାର ପ୍ରଭାବ ଉପରେ ନଜର ରଖାଯାଇଛି। ଗ୍ରୁପ ପକ୍ଷରୁ ଅସ୍ଥାୟୀ କର୍ମଚାରୀଙ୍କ କ୍ଷତିପୂରଣ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି।

–ଏନ୍.ଚନ୍ଦ୍ରଶେକରନ, ଟାଟାସନ୍ସ ଅଧ୍ୟକ୍ଷ

### ଜନତା କର୍ଫ୍ୟୁକୁ ନେଇ ବ୍ୟବସାୟୀ ସଂଘ ପ୍ରସ୍ତୁତ

# ବନ୍ଦ ରହିବ ବ୍ୟବସାୟ ପ୍ରତିଷ୍ଠାନ

ନୂଆଦିଲ୍ଲୀ, ଭୁବନେଶ୍ୱର,୨୦-୩

କରୋନା ପ୍ରଭାବକୁ କମ୍ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସାରା ଦେଶରେ ଜନତା କର୍ଫ୍ୟୁ ଲାଗି ଗୁରୁବାର ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି। ଏହାର ସମର୍ଥନରେ ସର୍ବଭାରତୀୟ ବ୍ୟବସାୟୀ

### ସାମିଲ ହେବେ ଦେଶର ୭ କୋଟି ବ୍ୟବସାୟୀ

ମହାସଂଘ(ସିଏଆଇଟି) ପକ୍ଷରୁ ରବିବାର ଦୋକାନ ବଜାର ବନ୍ଦ ରଖାଯିବାକୁ ନେଇ ନିଷ୍ପତ୍ତି ହୋଇଛି। ଜନତା କର୍ଫ୍ୟୁରେ ଯୋଗଦାନ ସ୍ୱରୂପ ଦେଶର ୭ କୋଟି ବ୍ୟବସାୟୀ ଏହି ଦିନ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିବେ। ଏଥିରେ କାର୍ଯ୍ୟ କରୁଥିବା ପ୍ରାୟ ୪୦ କୋଟି କର୍ମଚାରୀ ଏହିଦିନ ଘରେ ରହିବେ ବୋଲି ସିଏଆଇଟି ମହାସଚିବ ପଓ୍ୱନ ଖଣ୍ଡେଲୱାଲ ସୂଚନା ଦେଇଛନ୍ତି। ଦିଲ୍ଲୀରେ ପ୍ରାୟ ୧୫ ଲକ୍ଷ ବ୍ୟବସାୟୀ ଏବଂ ୩୫ ଲକ୍ଷ କର୍ମଚାରୀ ଏହି କର୍ଫ୍ୟୁରେ ଯୋଗ ଦେବେ ବୋଲି ସେ କହିଛନ୍ତି।



ଏଭଳି ମହାମାରୀର ପ୍ରକୋପକୁ କମ୍ କରିବା ଲାଗି ନିଜ ଘରେ ଗୋଟିଏ ଦିନ ରହିବା ଲାଗି ମୋଦି ଆହ୍ୱାନ ଜଣାଇଛନ୍ତି। ମାର୍ଚ୍ଚ ୨୨ ସକାଳ ୭ରୁ ରାତି ୯ ଯାଏ ଅତି ଆବଶ୍ୟକ ନ ହେଲେ ଘରେ ରହିବାକୁ କୁହାଯାଇଛି। ବିଶ୍ୱଯୁଦ୍ଧ ୧ ଏବଂ ୨ ସମୟରେ ଭାଇରସ କରୋନା ଭଳି ଏତେ ସଂଖ୍ୟକ ଦେଶକୁ କବଳିତ କରି ନ ଥିଲା। ଘରେ ରହିବା ଦ୍ୱାରା ଏହି ରୋଗ ବ୍ୟାପିବାକୁ କମ୍ କରିବ ବୋଲି ମୋଦି ଦେଶବାସୀଙ୍କୁ ନିବେଦନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ବ୍ୟବସାୟୀ ମହାସଂଘ ସଭାପତି ସୁଧାକର ପଣ୍ଡା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସାଦରରେ ଗ୍ରହଣ କରି ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟରେ ବ୍ୟବସାୟୀଙ୍କୁ ଏ ନେଇ ଚିଠି ଲେଖାଯାଇଛି। ସାରା ରାଜ୍ୟରେ ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ବନ୍ଦ ରଖିବା ଲାଗି ନିବେଦନ କରାଯାଇଛି। କରୋନା ବିରୋଧରେ ମିଳିତ ହୋଇ ଲଢିବାର ଏହା ସମୟ। ଏଣୁ ସମସ୍ତେ ଏକାଠି ହୋଇ ଏହାକୁ ଲଢିଲେ ସୁସ୍ଥ ସମାଜ ଗଠନରେ ଯୋଗଦାନ ରଖାଯାଇ ପାରିବ।

# ସ୍ଥିତି ସମୀକ୍ଷା କଲେ ସୀତାରାମନ

ନୂଆଦିଲ୍ଲୀ,୨୦-୩

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର କରୋନାକୁ ନେଇ ଦେଶରେ ଉପୁଜିଥିବା ସ୍ଥିତିକୁ ସମୀକ୍ଷା କରିଛନ୍ତି। ସେ ୪ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଛନ୍ତି। ଏହାବାଦ ବେସାମରିକ ବିମାନ ଚଳାଚଳ ସଚିବ, ପଶୁ ସମ୍ପଦ, ପର୍ଯ୍ୟଟନ ଏବଂ ଏମ୍ଏସ୍ଏମ୍ଇ ସଚିବଙ୍କୁ ସେ ଭେଟି କରୋନା ଯୋଗୁ ଅର୍ଥବ୍ୟବସ୍ଥା, ଉକ୍ତ କ୍ଷେତ୍ରରେ ରହିଥିବା ପ୍ରଭାବକୁ ସମୀକ୍ଷା କରିଛନ୍ତି। ଏହି କ୍ଷେତ୍ରଗୁଡିକ ପକ୍ଷରୁ ରହିଥିବା ଦାବିକୁ ମଧ୍ୟ ସୀତାରାମନ ବିଚାର କରୁଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶନିବାର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଏକ ଅନ୍ତରୀଣ ବୈଠକ ଡକାଯିବ। ବର୍ତ୍ତମାନ ଉପୁଜିଥିବା ସମସ୍ୟାର ସମାଧାନ କିଭଳି କରାଯିବ ସେ ନେଇ ଏଠାରେ ଆକ୍ସନପ୍ଲାନ ପ୍ରସ୍ତୁତ କରାଯିବ



ବୋଲି ନିର୍ମଳା କହିଛନ୍ତି।

କରୋନା ଦ୍ୱାରା କ୍ଷତିଗ୍ରସ୍ତ କ୍ଷେତ୍ରଗୁଡିକୁ ସରକାର ସହାୟତା ପ୍ୟାକେଜ ପ୍ରଦାନ କରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଏଥିଲାଗି ଏକ ଟାସ୍କଫୋର୍ସ ଗଠନ ନେଇ ମୋଦି ଗୁରୁବାର ଘୋଷଣା କରିଛନ୍ତି। କ୍ଷତିଗ୍ରସ୍ତ କ୍ଷେତ୍ରଗୁଡିକୁ ସହାୟତା କରିବା ଲାଗି ଇକୋନୋମିକ ରେସପନ୍ସ ଟାସ୍କ ଫୋର୍ସ ଗଠନ କରାଯିବ। ଏହି ଟାସ୍କଫୋର୍ସ ଦ୍ରୁତ ଭିତ୍ତିରେ ଅଂଶୀଦାରଙ୍କ ସହ ନିରନ୍ତର ସମ୍ପର୍କରେ ଆସିବା ସହ ମତାମତ ସଂଗ୍ରହ କରିବ। ସ୍ଥିତିକୁ ସମୀକ୍ଷା କରିବା ପରେ ଜରୁରୀ ପଦକ୍ଷେପ ଗ୍ରହଣ କରାଯିବ। ଅର୍ଥ ବ୍ୟବସ୍ଥାର ପ୍ରଭାବିତ ସ୍ଥିତିକୁ ସୁଧାରିବା ଲାଗି ବିଭିନ୍ନ ପଦକ୍ଷେପ ଯେଭଳି ଠିକ୍ ଭାବେ କାର୍ଯ୍ୟ କରୁଛି ତାହା ଟାସ୍କଫୋର୍ସ ଦେଖିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏହି ଟାସ୍କଫୋର୍ସର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। କ୍ଷତିଗ୍ରସ୍ତ କ୍ଷେତ୍ରଗୁଡିକ ଅନୁଧ୍ୟାନ କରିବା ପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ବେସାମରିକ ବିମାନ ଚଳାଚଳ, ପର୍ଯ୍ୟଟନ ଭଳି ଅନ୍ୟ କ୍ଷେତ୍ରଗୁଡିକୁ ସରକାର ପୁନରୁଦ୍ଧାର ପ୍ୟାକେଜ ପ୍ରଦାନ କରିବେ ବୋଲି ଜଣାପଡିଛି। ସରକାର ଅର୍ଥ ବ୍ୟବସ୍ଥା ଉପରେ ନିରନ୍ତର ଭିତ୍ତିରେ ନଜର ରଖିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଥ ମନ୍ତ୍ରଣାଳୟ ବିଭିନ୍ନ ବିଭାଗ ଏବଂ ମନ୍ତ୍ରଣାଳୟ ସହ ମାରାଥନ ବୈଠକ କରିଛି।

## ୧୬୦୦ ପଏଣ୍ଟ ବଢ଼ିଲା ସେନ୍ସେକ୍ସ

**ମୁମ୍ବାଇ,୨୦-୩:** ଲଗାତର ୪ ଦିନ ଦେଶର ପୁଞ୍ଜି ବଜାର ହ୍ରାସ ଘଟିବା ପରେ ଶୁକ୍ରବାର ଏଥିରେ ଉନ୍ନତି ଘଟିଛି। ଏହି ସମୟରେ ନିବେଶକଙ୍କୁ ୬.୩୨ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍ସେକ୍ସ ଶୁକ୍ରବାର ୧୬୨୭.୭୨ ବା ୫.୭୫% ପଏଣ୍ଟ ବଢିଛି। ସରକାରଙ୍କ ପ୍ରୋତ୍ସାହନ ପ୍ୟାକେଜ ଏବଂ ବିଶ୍ୱ ସ୍ତରର ଶେୟାର ବଜାର କାରବାରରେ ଉନ୍ନତି ଆସିବା ଯୋଗୁ ଏଭଳି ସ୍ଥିତି ଦେଖାଯାଇଛି। ଏହି ସମୟରେ ଶେୟାର ବଜାରର ବିଭିନ୍ନ କ୍ଷେତ୍ରର ସୂଚୀଗୁଡିକ ଉନ୍ନତ କାରବାର ହାସଲ କରିଛନ୍ତି। ଗତ ୪ ଦିନ ଲଗାତରଭାବେ ସୂଚକାଙ୍କ



ଖସିବା ଯୋଗୁ ନିବେଶକଙ୍କୁ ୧୯.୪୯ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। ୪ ଦିନରେ ସୂଚକାଙ୍କ ୫,୮୧୫.୨୫ ପଏଣ୍ଟ ଖସିଯାଇଥିଲା। ବିଶ୍ୱ ବଜାରରୁ ଉନ୍ନତ ରଖିବା ଲାଗି ସାରା ବିଶ୍ୱରେ କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ଅଧିକ ପଦକ୍ଷେପ ନେବେ ବୋଲି ନିବେଶକମାନେ ଆଶା କରୁଥିବା ଜଣାପଡିଛି।

## ଭାରତର ବିକାଶ ଅନୁମାନ କମାଇଲା ଫିଚ୍




**ନୂଆଦିଲ୍ଲୀ,୨୦-୩:** ଫିଚ୍ ରେଟିଂ ଶୁକ୍ରବାର ଭାରତର ବିକାଶ ଅନୁମାନକୁ କମାଇଛି। ଆର୍ଥିକ ବର୍ଷ ୨୦୨୦-୨୧ରେ ଭାରତର ବିକାଶ ହାର ୫.୧% ରହିବ ବୋଲି ଏହି ଏଜେନ୍ସି ଏହାର ରିପୋର୍ଟରେ ପ୍ରକାଶ କରିଛି। କରୋନା ଭାରତର ବାଣିଜ୍ୟ, ନିବେଶ ଏବଂ ରପ୍ତାନି ଉପରେ ଗଭୀର ଭାବେ ପ୍ରଭାବ ପକାଇବ ବୋଲି ଫିଚ୍ କହିଛି। ୨୦୨୦-୨୧ରେ ଭାରତର ଅଭିବୃଦ୍ଧି ହାର ୫.୬% ରହିବ ବୋଲି ଏହା ଡିସେମ୍ବର ପୂର୍ବାନୁମାନରେ କହିଥିଲା। ଚଳିତ ଆର୍ଥିକ ବର୍ଷ ବିକାଶ ହାର ୬.୫% ନେଇ ଏହି ଏଜେନ୍ସି ମତ ରଖିଥିଲା। ଫିଚ୍ ଏହାର ଗ୍ଲୋବାଲ ଇକୋନୋମିକ ଆଉଟଲୁକ ୨୦୨୦ରେ କହିଛି ଯେ, ଆଗାମୀ ଦିନ ଗୁଡିକରେ ଏହି ରୋଗ ଅନେକଙ୍କୁ ଆକ୍ରାନ୍ତ କରିବାର ଆଶଙ୍କା ବଢିଛି। ଏହାର ପ୍ରଭାବ ବିଶ୍ୱ ଅର୍ଥ ବ୍ୟବସ୍ଥା ଉପରେ ପଡିବ। ଯୋଗାଣ ଚେନ୍ କ୍ଷତିଗ୍ରସ୍ତ ହେବା ସହ ନିବେଶ ଏବଂ ରପ୍ତାନି ମଧ୍ୟ ପ୍ରଭାବିତ ହେବ। ୨୦୨୧-୨୨ରେ ଭାରତର ବିକାଶ ହାର ୬.୪% ରହିବା ନେଇ ରିପୋର୍ଟରେ କୁହାଯାଇଛି।

# କର୍ଫ୍ୟୁ ପାଇଁ ଗଡିବନି ପାସେଞ୍ଜର ଟ୍ରେନ

ନୂଆଦିଲ୍ଲୀ,୨୦-୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନତା କର୍ଫ୍ୟୁ ଆହ୍ୱାନରେ ରବିବାର ପାସେଞ୍ଜର ଟ୍ରେନ ସେବା ବନ୍ଦ ରହିବ। ଶନିବାର ମଧ୍ୟରାତ୍ରଠାରୁ ରବିବାର ରାତି ୧୦ଟା ଯାଏ ପାସେଞ୍ଜର ଟ୍ରେନଗୁଡିକ ସେମାନଙ୍କ ଯାତ୍ରା ଆରମ୍ଭ କରୁଥିବା ଷ୍ଟେଶନରୁ ଗଡିବ ନାହିଁ। ରବିବାର ସକାଳ ୪ଟା ପରଠାରୁ ମେଲ୍ ଏବଂ ଏକ୍ସପ୍ରେସ ଟ୍ରେନଗୁଡିକ ମଧ୍ୟ ଗଡିବ ନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସହରତଳି ଅଞ୍ଚଳଗୁଡିକ



ଲାଗି ଚଳାଚଳ କରୁଥିବା ଟ୍ରେନଗୁଡିକର କମ୍ କରାଯିବ।

### ଆଉ ୯୦ ଟ୍ରେନ୍ ବାତିଲ୍

ଶୁକ୍ରବାର ରେଲୱେ ଆଉ ୯୦ ଟ୍ରେନ ବାତିଲ କରିଛି। ଏଗୁଡିକ ମାର୍ଚ୍ଚ ୨୦ରୁ ୩୧ ଯାଏ ଚଳାଚଳ କରିବ ନାହିଁ। କରୋନା ପ୍ରଭାବରୁ ଯାତ୍ରୀ କମିବା ଯୋଗୁ ରେଳପଥ ପକ୍ଷରୁ ଏଭଳି ନିଷ୍ପତ୍ତି ହୋଇଛି। ଶୁକ୍ରବାରର ବାତିଲ ହୋଇଥିବା ଟ୍ରେନକୁ ସାମିଲ କଲେ ଏବେ ଯାଏ ୨୪୫ ଟ୍ରେନ ବାତିଲ କରାଯାଇଛି। ଗୁରୁବାର ୮୪ ଟ୍ରେନ ବାତିଲ କରାଯାଇଥିଲା। କୋଭିଡ-୧୯ ଯୋଗୁ ପୂର୍ବରୁ ୧୫୫ ଟ୍ରେନ ବାତିଲ ହୋଇଛି। ଯେଉଁ ଲୋକମାନେ ଏଥିରେ ଟିକେଟ କରିଛନ୍ତି ସେମାନଙ୍କୁ ବ୍ୟକ୍ତିଗତ ଭାବେ ବାତିଲ ସମ୍ପର୍କିତ ସୂଚନା ଦିଆଯାଇଛି। ଏହି ଟ୍ରେନଗୁଡିକ ଲାଗି କୌଣସି କ୍ୟାନସେଲେଶନ ଫି ନିଆଯାଉନାହିଁ। ଗ୍ରାହକଙ୍କୁ ଶତପ୍ରତିଶତ ରିଫଣ୍ଡ ଦିଆଯାଉଥିବା ରେଲୱେର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କରୋନା ନେଇ ସତର୍କତା ଅବଲମ୍ବନ କରିବାକୁ ରେଲୱେ ପକ୍ଷରୁ ଏହାର ଜୋନ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଜାରି କରାଯାଇଛି। ରେଲୱେର ଖାଦ୍ୟ ପରିଚାଳନ ବିଭାଗରେ ମଧ୍ୟ ଏ ସଂକ୍ରାନ୍ତ ସତର୍କତାକୁ ସୁନିଶ୍ଚିତ କରିବା ଲାଗି କୁହାଯାଇଛି।

## ସଂକ୍ଷେପରେ

- ଭାରତୀୟ ରିଜର୍ଭ ବ୍ୟାଙ୍କ ବଜାରରେ ୩୦ ହଜାର କୋଟି ନଗଦ ସୁବିଧା କରିବ।
- ୱାର୍କ ଫ୍ରମ ହୋମ୍‌କୁ ସହାୟତା କରିବା ଲାଗି ବିଏସ୍ଏନ୍ଏଲ୍ ମାସେ ମାଗଣା ବ୍ରଡବ୍ୟାଣ୍ଡ ସୁବିଧା ଦେବ।
- ଅଣ କାର୍ଯ୍ୟନିର୍ବାହୀ ବର୍ଗରେ ୫୦% କର୍ମଚାରୀ ଘରୁ କାମ କରିବାକୁ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡିକୁ ସରକାରଙ୍କ ନିର୍ଦ୍ଦେଶ
- ପଶୁ ସମ୍ପଦ କ୍ଷେତ୍ରକୁ ପ୍ୟାକେଜ ପ୍ରଦାନ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ସହ ଆଲୋଚନା କଲେ ଗିରିରାଜ ସିଂ
- କରୋନା ଯୋଗୁ ଜୁଏଲେରୀ ଚାହିଦା ପ୍ରଭାବିତ ହୋଇଥିବା ୱାର୍ଲଡ ଗୋଲ୍ଡ କାଉନସିଲ ପକ୍ଷରୁ ସୂଚନା ରହିଛି।
- କୋଭିଡ-୧୯କୁ ନେଇ ଆଶଙ୍କାର ବାତାବରଣ ଖେଳି ଯାଇଥିବା ବେଳେ ନିରନ୍ତର ବିଦ୍ୟୁତ ଯୋଗାଣ ନେଇ ଏନ୍‌ଟିପିସି ପ୍ରତିଶ୍ରୁତି ଦେଇଛି।
- କାର୍ଯ୍ୟାଳୟ ନ ଆସି ଅନଲାଇନରେ କ୍ଲେମ, ବାଲାନ୍ସ ଭିୟୁ, ପେମେଣ୍ଟ ଭଳି ସେବା ନେବାକୁ ହିତାଧିକାରୀଙ୍କୁ ଇପିଏଫ୍ଓର ନିବେଦନ।
- ସିମେଣ୍ଟ ଶିଳ୍ପ ଉପରେ କରୋନାର ପ୍ରଭାବ ସୀମିତ ସମୟ ଯାଏ ରହିବ ବୋଲି ଶିଳ୍ପ ପକ୍ଷରୁ କୁହାଯାଇଛି।
- ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ (ଏଡିବି) ଏହାର ବାର୍ଷିକ ବୈଠକ ୨ଟି ଭାଗରେ କରିବା ଲାଗି ନିଷ୍ପତ୍ତି ନେଇଛି।
- ୧୪୪ ଧାରା ଲାଗୁ ହୋଇଥିଲେ ମଧ୍ୟ ସୁବିଧା ଯୋଗାଣ କରୁଥିବା ଇଟେଲର୍ସ, ହୋଲସେଲର ଏବଂ ଡେଲିଭରି ପାର୍ଟନରଙ୍କୁ କଟକଣା ନ ଲଗାଇବାକୁ ରାଜ୍ୟଗୁଡିକୁ କେନ୍ଦ୍ରର ପରାମର୍ଶ।

# ଲୋକଙ୍କଠାରୁ ପରାମର୍ଶ ଲୋଡ଼ିଲେ ସରକାର

**ନୂଆଦିଲ୍ଲୀ,୨୦-୩:** ଏବେ ସାରା ବିଶ୍ୱରେ କରୋନା ଯୋଗୁ ୧୦,୦୦୦ ଲୋକଙ୍କର ମୃତ୍ୟୁ ଘଟିଛି। ଏହାର ପ୍ରଭାବ ଦିନକୁ ଦିନ ବଢିଚାଲିଛି। କରୋନାର ପ୍ରଭାବକୁ କମ୍ କରିବା ଲାଗି ସରକାର ଲୋକଙ୍କଠାରୁ ପରାମର୍ଶ ଲୋଡିଥିବା ଜଣାପଡିଛି। ଏହି ଭାଇରସକୁ କିଭଳି ପ୍ରତିରୋଧ କରାଯାଇ ପାରିବ ତାକୁ ନେଇ ମାଇଁ ଗଭର୍ନମେଣ୍ଟ ପୋର୍ଟାଲରେ ଆଲୋଚନା ଆରମ୍ଭ ହୋଇଛି। କରୋନା ବିରୋଧୀ ଲଢେଇରେ ଲୋକଙ୍କୁ ଅନ୍ତର୍ଭୁକ୍ତ କରାଇବା ଦିଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକମାନେ ଏହି ପୋର୍ଟାଲରେ ସେମାନଙ୍କ ମତ ଏବଂ ବିଚାରକୁ ରଖି ପାରିବେ। ଠିକ୍ ସୂଚନା ଦ୍ୱାରା ଲୋକଙ୍କୁ ସଶକ୍ତ କରାଇବା ଫଳରେ ସେମାନେ ଆମ୍ ସଚେତନ ହେଲେ ରୋଗଠାରୁ ନିଜକୁ ଦୂରେଇ ରଖିପାରିବେ ବୋଲି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ପରିମଳ, ହାତଧୋଇବା, ସାମାଜିକ ଦୂରତା ରକ୍ଷା କରିବା, ଗୁଜବଠାରୁ ଦୂରେଇ ରହିବାକୁ ପରାମର୍ଶ ରହିଛି। ଆଲୋଚନା ଉପରେ ମନ୍ତବ୍ୟ ଦେବାର ଶେଷ ସମୟ ଏପ୍ରିଲ ୩୦ ତାରିଖ ରହିଛି।

ODISHA SUB-ORDINATE STAFF SELECTION COMMISSION
ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ
ବ୍ଲକ ନଂ -3 ଏବଂ 5, ୟୁନିଟ -1, ଭୁବନେଶ୍ୱର -751009
ଦୂରଭାଷ – 0674-2597149, 2597152 (ଅଫିସ୍), ଫାକ୍ସ- 0674-2597155, ୱେବସାଇଟ : www.osssc.gov.in

ବିଜ୍ଞାପନ — No. T-222

ସଂଖ୍ୟା : IIE-23/2019- 43 (C)/OSSSC ତାରିଖ- 18 .03. 2020

ଜିଲ୍ଲା ଓ ମଣ୍ଡଳ ସ୍ତରୀୟ ସାଧାରଣ ଚୟନ ଏବଂ ତଫସିଲଭୁକ୍ତ ଜାତି ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ଚୟନ ପ୍ରକ୍ରିୟାରେ ପୂରଣ ହେବାକୁଥିବା କନିଷ୍ଠ କିରାଣୀ / କନିଷ୍ଠ ସହାୟକ ପଦବୀ ପୂରଣ ପାଇଁ ଚୟନ ନିମନ୍ତେ ଓଡିଆ ରଚନା ଓ ପତ୍ରଲିଖନ ଏବଂ କମ୍ପ୍ୟୁଟର ପ୍ରାକ୍ଟିକାଲ ପରୀକ୍ଷା

କନିଷ୍ଠ କିରାଣୀ / କନିଷ୍ଠ ସହାୟକ ପଦବୀରେ ପ୍ରାର୍ଥୀ ଚୟନ ନିମନ୍ତେ ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (OSSSC), ଭୁବନେଶ୍ୱରଙ୍କ ବିଜ୍ଞାପନ ସଂଖ୍ୟା–IIE-11/2018-1100 (C)/OSSSC ତା:28.12.2018 ରିଖ ଅନୁଯାୟୀ ଓଡିଆ ରଚନା ଓ ପତ୍ରଲିଖନ(Essay & Letter Writing in Odia) ଏବଂ କମ୍ପ୍ୟୁଟର ପ୍ରାକ୍ଟିକାଲ(Basic Computer Skills) ପରୀକ୍ଷା ଆସନ୍ତା ତା: 10.05.2020 ରବିବାର ଦିନ ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେବ ।

୨୨.୧୨.୨୦୧୯ ରେ ହୋଇଥିବା ଲିଖିତ ପରୀକ୍ଷାର ଫଳାଫଳ କିଛିଦିନ ମଧ୍ୟରେ ପ୍ରକାଶ ପାଇବ । ଯୋଗ୍ୟ ବିବେଚିତ ହୋଇଥିବା ପ୍ରାର୍ଥୀମାନେ ଆୟୋଗଙ୍କ ୱେବସାଇଟ www.osssc.gov.in କୁ ଯାଇ ନିଜର ପଞ୍ଜୀକୃତ ID ଏବଂ password ବ୍ୟବହାର କରି ପ୍ରବେଶପତ୍ର 25.04.2020 ତାରିଖ ଠାରୁ ଡାଉନଲୋଡ କରି ଅନୁମୋଦିତ କେନ୍ଦ୍ରରେ ପରୀକ୍ଷା ଦେଇ ପାରିବେ । ଛପା ପ୍ରବେଶପତ୍ର କାହାରିକୁ ଡାକ ଦ୍ୱାରା ପ୍ରେରଣ କରାଯିବ ନାହିଁ । ପ୍ରାର୍ଥୀମାନେ ଆୟୋଗଙ୍କ ୱେବସାଇଟରୁ ପରବର୍ତ୍ତୀ ସୂଚନା ପାଇ ପାରିବେ।

ଆୟୋଗଙ୍କ ଆଦେଶମତେ
ସ୍ୱା./-ସଚିବ
OIPR-09007/11/0011/1920

GOVERNMENT OF ODISHA,
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER,
BARIPADA IRRIGATION CIRCLE, BARIPADA.
'e' mail – sebicbpd@gmail.com Telephone No. 06792 - 240055 No. A-767

'e' Procurement Notice No. SEBIC- 02 /2019-20

| Procurement officer | Name of work | Bid identification No. | Cost of work (Rs.in lakhs) | Bid security (Rs.) EMD | Cost of Bid Documents (Rs.) | Class of contractor | Period of completion | Bid documents availability On-line for bidding From | To | Date of opening of Technical bid (Cover-I) |
|---|---|---|---|---|---|---|---|---|---|---|
| Superintending Engineer, Baripada Irrigation Circle, Baripada | Restoration & protection to right bank of river Budhabalanga near village Haripur from RD 00m to 630.00m | SEBIC/ BLS/01 OF 2019-20 | 136.54 | 1,36,600/- | 10,000/- | 'B' Class & 'A' Class | 09 (nine) Calendar months | 25.03.20 From 10.00 AM | 09.04.20 Upto 05.00 PM | 15.04.2020 at 11.00 AM |
| Superintending Engineer, Baripada Irrigation Circle, Baripada | Restoration & protection to right bank of river Budhabalanga near village Alada (Jay Krushna Behera house to Khatuasahi) | SEBIC/ BLS/02 OF 2019-20 | 142.81 | 1,42,900/- | 10,000/- | 'B' Class & 'A' Class | 09 (nine) Calendar months | 25.03.20 From 10.00 AM | 09.04.20 Upto 05.00 PM | 15.04.2020 at 11.00 AM |
| Superintending Engineer, Baripada Irrigation Circle, Baripada | Restoration & protection to left bank of river Budhabalanga near village Gandarda. | SEBIC/ BLS/03 OF 2019-20 | 148.38 | 1,48,400/- | 10,000/- | 'B' Class & 'A' Class | 09 (nine) Calendar months | 25.03.20 From 10.00 AM | 09.04.20 Upto 05.00 PM | 15.04.2020 at 11.00 AM |
| Superintending Engineer, Baripada Irrigation Circle, Baripada | Bank protection work on right bank of river Subarnarekha near village Madhupura, Beli, Gosainpatna and const. of 3 nos. of spur at Madhupura and 1 no. at Beli mouza. | SEBIC/ BLS/04 OF 2019-20 | 256.44 | 2,56,500/- | 10,000/- | 'B' Class & 'A' Class | 09 (nine) Calendar months | 25.03.20 From 10.00 AM | 09.04.20 Upto 05.00 PM | 15.04.2020 at 11.00 AM |
| Superintending Engineer, Baripada Irrigation Circle, Baripada | Restoration & protection work on left bank of river Budhabalanga near village Kasaba, Balighat, Belbaria, Kudia, Dumuria and Pandatangri. | SEBIC/ BLS/05 OF 2019-20 | 297.37 | 2,97,400/- | 10,000/- | 'B' Class & 'A' Class | 09 (nine) Calendar months | 25.03.20 From 10.00 AM | 09.04.20 Upto 05.00 PM | 15.04.2020 at 11.00 AM |

Further details conditions can be seen from the Govt. web site www.tendersorissa.gov.in

Superintending Engineer,
Baripada Irrigation Circle,Baripada
OIPR-32162/11/0003/1920

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

No. RDM-LAB-BOUDH-0029-2018/- 2430 R&DM, Dated 14 JAN 2020

No.XXXI-36:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ରେ ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-**ଭରଥାପୁର,** ଥାନା- ବୌଦ୍ଧ ନଂ ୩୬୦, ତହସିଲ-ହରଭଙ୍ଗା, ଜିଲ୍ଲା-ବୌଦ୍ଧରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋର୍ଦ୍ଧା ରୋଡ୍ ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୨୭୬୨୯ ତା. ୨୬।୦୭।୨୦୧୮** ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ନଂ **୪୨୦୧୮** ତା **୩୧।୧୨।୨୦୧୯** ରିଖ ଅନୁସାରେ ଅଧିସୂଚନାର ବୈଧତା ତା **୩୧।୦୩।୨୦୨୦** ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଭରଥାପୁର,** ଥାନା-ବୌଦ୍ଧଙ୍କ ୩୬୦, ଜିଲ୍ଲା-ବୌଦ୍ଧରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.boudh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ https://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ ବଲାଙ୍ଗୀର ନୂତନ ଓସାରିଆ ରେଳପଥ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରବ।

ତଫସିଲ- 'କ'
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ବୌଦ୍ଧ — ତହସିଲ: ହରଭଙ୍ଗା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଭରଥାପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୯.୦୮୦ | ଏକର ୮.୩୫୦ | ଏଥି ସହିତ ସଂଲଗ୍ନ |

ତଫସିଲ- 'ଖ'
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ବୌଦ୍ଧ — ତହସିଲ: ହରଭଙ୍ଗା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:- ୨୮।୧୦।୨୦୧୮

ରାଜ୍ୟପାଳପଙ୍କ ଆଦେଶକ୍ରମେ
ସ୍ୱା./- ଅତିରିକ୍ତ ଶାସନ ସଚିବ

ଜମିର ତାଲିକା
ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ
ଗ୍ରାମ: ଭରଥାପୁର, ତହସିଲ: ହରଭଙ୍ଗା, ଥାନା: ବୌଦ୍ଧ (ନଂ-୩୬୦), ଜିଲ୍ଲା: ବୌଦ୍ଧ
ଏ.ବ୍ୟକ୍ତିଗତ ଜମି


| କ୍ରମିକ ନଂ | ୧ ଖତିୟାନ ନଂ | ୨ ପ୍ଲଟ୍ ନଂ | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୮ | ୪୦୧ | ୦.୨୬୦ | ୦.୧୮୦ | N/A | ଶୁକଦେବ ଦେହୁରି, ପି: ହରିହର ଦେହୁରି, ଗଜେନ୍ଦ୍ର ମହାକୁଡ଼, ପି: ଯୁଧିଷ୍ଠିର ମହାକୁଡ଼, ବା: ଭରଥାପୁର |
| ୨ | | ୪୦୩ | ୧.୪୨୦ | ୦.୮୫୦ | N/A | |
| ୩ | ୩୧ | ୪୧୭ | ୧.୯୩୦ | ୦.୨୦୦ | N/A | ନଗେନ ଗାଇଗୌରିଆ, ପି: କାଳିଆ ଗାଇଗୌରିଆ, ବା: ଭରଥାପୁର |
| ୪ | ୩୯ | ୪୦୯ | ୦.୦୫୦ | ୦.୦୨୦ | ଜଳାଶୟ | ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ସୁଦର୍ଶନ ଗାଇଗୌରିଆ, ପି: ମନମୋହନ ଗାଇଗୌରିଆ, ସୁକାନ୍ତ ଗାଇଗୌରିଆ, ସୁମନ୍ତ ଗାଇଗୌରିଆ, ରମାକାନ୍ତ ଗାଇଗୌରିଆ, ପି: ଧର୍ମାନନ୍ଦ ଗାଇଗୌରିଆ, ବଂଶୀଧର ମହାକୁଡ଼, ଶଙ୍କର୍ଷଣ ମହାକୁଡ଼, ପି: ପରମାନନ୍ଦ ମହାକୁଡ଼, ସାରସ୍ୱତ ମହାକୁଡ଼, ପି: ମକୁନ୍ଦ ମହାକୁଡ଼, ବା: ଭରଥାପୁର |
| ୫ | | ୪୧୮ | ୬.୦୭୦ | ୩.୧୨୦ | ଜଳାଶୟ | |
| ୬ | | ୪୨୦ | ୦.୯୫୦ | ୦.୪୪୦ | ଜଳାଶୟ | |
| ୭ | ୫୭ | ୪୧୦ | ୧.୨୦୦ | ୧.୦୨୦ | ଆଟ | ରମାକାନ୍ତ ଗାଇଗୌରିଆ, ପି: ଧର୍ମାନନ୍ଦ ଗାଇଗୌରିଆ, ବା: ଭରଥାପୁର |
| ୮ | ୬୯ | ୪୦୪ | ୧.୩୧୦ | ୦.୧୬୦ | N/A | ସାରସ୍ୱତ ମହାକୁଡ଼, ପି: ମକୁନ୍ଦ ମହାକୁଡ଼, ବା: ଭରଥାପୁର |
| ୯ | ୭୪ | ୪୧୧ | ୧.୨୯୦ | ୦.୮୫୦ | ଆଟ | ସୁକାନ୍ତ ଗାଇଗୌରିଆ, ପି: ଧର୍ମାନନ୍ଦ ଗାଇଗୌରିଆ, ବା: ଭରଥାପୁର |
| ୧୦ | ୮୭ | ୪୧୨ | ୨.୧୪୦ | ୦.୩୧୦ | N/A | ହୃଦାନନ୍ଦ ଗାଇଗୌରିଆ, ପି: ଗଙ୍ଗାଧର ଗାଇଗୌରିଆ, ବା: ଭରଥାପୁର |
| ୧୧ | ୯୪/୨ | ୪୨୮ | ୦.୩୦୦ | ୦.୩୦୦ | ଆଟ | ସୁଦର୍ଶନ ପାତ୍ର, ପି: ଅନାଦି ପାତ୍ର, ବା: ଭରଥାପୁର |
| ୧୨ | | ୪୨୯ | ୦.୧୩୦ | ୦.୦୧୦ | ଶାରଦ ଜଳ-୧ | |
| ୧୩ | | ୪୩୩ | ୦.୪୫୦ | ୦.୩୪୦ | ଶାରଦ ଜଳ-୧ | |
| ୧୪ | | ୪୩୪ | ୦.୨୨୦ | ୦.୨୨୦ | ଶାରଦ ଜଳ-୧ | |
| ୧୫ | ୯୪/୫ | ୪୩୨ | ୦.୩୬୦ | ୦.୦୧୦ | N/A | ଆଦ୍ୟ ମହାକୁଡ଼, ପି: ଶ୍ୟାମ ମହାକୁଡ଼, ବା: ଭରଥାପୁର |
| ୧୬ | | ୪୩୨/ ୫୩୪ | ୦.୧୨୦ | ୦.୦୧୦ | N/A | |
| ୧୭ | | ୪୩୫/ ୫୩୩ | ୦.୧୫୦ | ୦.୦୧୦ | N/A | |
| ୧୮ | | ୪୩୫/ ୫୪୦ | ୦.୧୦୦ | ୦.୦୨୦ | N/A | |
| ୧୯ | ୯୪/୧୪ | ୪୩୫ | ୦.୬୩୦ | ୦.୨୮୦ | N/A | ଆଇଦ ମହାକୁଡ଼, ପି: ଶ୍ୟାମ ମହାକୁଡ଼, ବା: ଭରଥାପୁର |
| ମୋଟ | | | ୧୯.୦୮୦ | ୮.୩୫୦ | | |

OIPR-24001/14/0327/1920



“ଜୋର୍ଡାନରୁ ଫେରିବାପରେ ମୁଁ ଆଇସୋଲେଶନରେ ରହିଛି । ଏହାଦ୍ୱାରା କିଛିଟା ଭିନ୍ନ ଅନୁଭବ କରିପାରୁଛି ।

–ଏମ୍.ସି. ମେରୀକମ୍, ଭେଟେରାନ ମହିଳା ବକ୍ସର



“ପି.କେ. ବାନାର୍ଜୀଙ୍କ ଭଳି ଫୁଟ୍‌ବଲ କିମ୍ବଦନ୍ତୀ ଅଧୀନରେ ଖେଳିପାରିଥିଲେ ମୁଁ ନିଜକୁ ଭାଗ୍ୟବାନ ମନେ କରିଥାନ୍ତି।

–ବାଇଚୁଙ୍ଗ ଭୂଟିଆ, ପୂର୍ବତନ ଭାରତ ଅଧିନାୟକ

# ଫୁଟ୍‌ବଲ କିମ୍ବଦନ୍ତୀ

# ବାନାର୍ଜୀଙ୍କ ପରଲୋକ

**କୋଲକାତା, ୨୦।୩(ପି.ଟି.)**

ଭାରତୀୟ ଫୁଟ୍‌ବଲର ଏକ ଯୁଗର ଅନ୍ତ ହୋଇଛି। ଦେଶର ଅନ୍ୟତମ ଶ୍ରେଷ୍ଠ ଫୁଟ୍‌ବଲ ଖେଳାଳି ୮୩ ବର୍ଷୀୟ ପି.କେ. ବାନାର୍ଜୀଙ୍କ ଶୁକ୍ରବାର ପରଲୋକ ଘଟିଛି। ନିମୋନିଆ କାରଣରୁ ତାଙ୍କର ବିଭିନ୍ନ ଅଙ୍ଗ ଅଚଳ ହୋଇପଡ଼ିଥିଲା। ଚଳିତ ମାସ ୨ତାରିଖଠାରୁ ସେ ମେଡିକାଲରେ ଲାଇଫ୍ ସପୋର୍ଟରେ ଥିଲେ। ପାର୍କିନସନ ଓ ଡିମେନ୍ସିଆରେ ପୀଡ଼ିତ ହେବା ସହ ତାଙ୍କର ହୃଦ୍‌ରୋଗ ସମସ୍ୟା ମଧ୍ୟ ଥିଲା। ସେ ଶୁକ୍ରବାର ମଧ୍ୟାହ୍ନ ୧୨.୪୦ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୩୬ ଜୁନ୍ ୨୩ ତାରିଖରେ ପି.କେ. ୱେଷ୍ଟ ବେଙ୍ଗଲର ଜଲପାଇଗୁଡ଼ିରେ ଜନ୍ମ ନେଇଥିଲେ। ଦେଶ ବିଭାଜନ ପୂର୍ବରୁ ତାଙ୍କ ପରିବାର ଜାମସେଦପୁର ଚାଲିଯାଇଥିଲା। ୧୯୫୨ରେ ବିହାର ପକ୍ଷରୁ ସନ୍ତୋଷ କପ୍‌ରେ ପଦାର୍ପଣ କରିଥିଲେ। ଏହାର ୧୦ ବର୍ଷ ମଧ୍ୟରେ ସେ ଜାତୀୟ ଦଳର ପ୍ରତିଷ୍ଠିତ ଖେଳାଳି ହୋଇସାରିଥିଲେ। ୧୯୬୨ ଏସିଆନ ଗେମ୍ସ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏହା ଭାରତୀୟ ଫୁଟ୍‌ବଲର ଜାଜ୍ୱଲ୍ୟମୟ ସମୟ ଥିଲା। ଦେଶ ପକ୍ଷରୁ ୮୪ ମ୍ୟାଚ୍ ଖେଳି ୬୫ ଗୋଲ ସ୍କୋର କରିଥିଲେ। ଭାରତୀୟ ଫୁଟବଲ ପ୍ରତି ତାଙ୍କ ଯୋଗଦାନକୁ ଫିଫା ମଧ୍ୟ ପ୍ରଶଂସା କରିଥିଲା। ଏଥିସହ ବାନାର୍ଜୀଙ୍କୁ ୨୦ ଦଶକର ଶ୍ରେଷ୍ଠ ଭାରତୀୟ ଖେଳାଳି ବିବେଚିତ କରିଥିଲା। ଦୁଇଥର ଅଲିମ୍ପିଆନ ୧୯୬୨ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତର ଏକମାତ୍ର ଗୋଲସ୍କୋରର ଭାବେ ଜୀବିତ ଥିଲେ। ଏହି ମ୍ୟାଚରେ ବାନାର୍ଜୀ ଭାରତୀୟ ଦଳ ପାଇଁ ଖାତା ଖୋଲିଥିଲେ। ସେ ଅଧିନାୟକ ଭାବେ ୧୯୬୦ ରୋମ ଅଲିମ୍ପିକ୍ସରେ ଖେଳିଥିଲେ। ତାଙ୍କ କ୍ୟାରିୟରର ଆଉ ଏକ ଉଲ୍ଲେଖନୀୟ ଘଟଣା ହେଉଛି ୧୯୫୬ ମେଲବୋର୍ନ ଅଲିମ୍ପିକ୍ସ। ଅଲିମ୍ପିକ୍ସର ସେହି ସଂସ୍କରଣରେ ଭାରତ ଚତୁର୍ଥ ସ୍ଥାନରେ ରହିଥିଲା। ସେଥର ଭାରତ ୪-୧ରେ ଅଷ୍ଟ୍ରେଲିଆକୁ ହରାଇଥିଲା। ୧୯୬୭ରେ ପେସାଦାର ଫୁଟ୍‌ବଲରୁ ଅବସର ନେବା ପରେ କୋଚ୍ ଭାବେ ୫୪ ଟ୍ରଫି ହାସଲ କରିଥିଲେ। ୧୯୭୭ ସେ କୋଚ୍ ଥିବାବେଳେ ନ୍ୟୁୟର୍କ କସ୍‌ମସ୍ ବିପକ୍ଷ ଏକ ପ୍ରଦର୍ଶନୀ ମ୍ୟାଚ୍‌କୁ ମୋହନ ବାଗାନ ୨-୨ ଗୋଲରେ ବରାବର ରଖିଥିଲା। ଏହି ମ୍ୟାଚ୍‌ରେ କିମ୍ବଦନ୍ତୀ ଫୁଟବଲ ଖେଳାଳି ପେଲେ ଖେଳିଥିଲେ। ୧୯୭୦ରେ ସେ ଜାତୀୟ ଦଳର କୋଚ୍ ଦାୟିତ୍ୱରେ ଥିଲେ। ସେହିବର୍ଷ ଏସିଆଡ୍‌ରେ ଭାରତ ବ୍ରୋଞ୍ଜ ଜିତିଥିଲା।




ପୂର୍ବତନ ଭାରତୀୟ ଷ୍ଟ୍ରାଇକର ଚୁନି ଗୋସ୍ୱାମୀ(ବାମ) ଓ ତୁଳସୀଦାସ ବଳରାମ(ଡାହାଣ)ଙ୍କ ସହ ପି.କେ. ବାନାର୍ଜୀ।



ସୌରଭ ଗାଙ୍ଗୁଲି ଓ ସଚିନ ତେନ୍ଦୁଲକରଙ୍କ ସହ।

## ପ୍ରତିକ୍ରିୟା

ପି.କେ. ବାନାର୍ଜୀ ତାଙ୍କ ସମୟରେ ଏସିଆ ମହାଦେଶର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଥିଲେ-**ଏସିଆନ୍ ଫୁଟ୍‌ବଲ କନଫେଡେରେଶନ**



ଭାରତୀୟ ଫୁଟ୍‌ବଲର ସୁବର୍ଣ୍ଣ ଯୁଗ କଥା ଉଠିଲେ ସର୍ବଦା ବାନାର୍ଜୀଙ୍କ କଥା ମନେ ପଡ଼ିବ **ପ୍ରଫୁଲ୍ଲ ପଟେଲ, ଏଆଇଏଫ୍‌ଏଫ୍ ସଭାପତି**

ପି.କେ. ବାନାର୍ଜୀଙ୍କୁ ମୁଁ କେତେଥର ଭେଟିଛି। ତାଙ୍କ ବ୍ୟକ୍ତିତ୍ୱ ମୋତେ ପ୍ରଭାବିତ କରିଛି-**ସଚିନ ତେନ୍ଦୁଲକର, କ୍ରିକେଟ ଆଇକନ୍**

ମୁଁ ଯେତେବେଳେ ୧୮ ବର୍ଷର ବାଳକ ହୋଇଥିଲି ସେତେବେଳେ ବାନାର୍ଜୀ ମୋ କ୍ରିକେଟ କ୍ୟାରିୟରକୁ ବିଶେଷ ଭାବେ ପ୍ରଭାବିତ କରିଥିଲେ।-**ସୌରଭ ଗାଙ୍ଗୁଲି, ବିସିସିଆଇ ସଭାପତି**

ନଭେମ୍ବରରେ କୋଲକାତାଠାରେ ଫୁଟ୍‌ବଲ କିମ୍ବଦନ୍ତୀ ପି.କେ. ବାନାର୍ଜୀଙ୍କ ସହିତ ମୋର ଦେଖାହେବାର ସୁଯୋଗ ମିଳିଥିଲା। ତାଙ୍କ ଦେହାନ୍ତ ଖବରରେ ମୁଁ ମର୍ମାହତ।-**ଅଜୟ ଦେବଗନ, ବଲିଉଡ୍ ଅଭିନେତା**



ପି.କେ. ବାନାର୍ଜୀ ଭବିଷ୍ୟତ ପିଢ଼ିର ଫୁଟ୍‌ବଲ ଖେଳାଳିଙ୍କ ଲାଗି ପ୍ରେରଣାର ଉତ୍ସ ହୋଇ ରହିବେ-**ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



## ସଂକ୍ଷେପରେ...

- ନାମ: ପ୍ରଦୀପ କୁମାର ବାନାର୍ଜୀ
- ଜନ୍ମ: ୧୯୩୬ ଜୁନ ୨୩
- ଜନ୍ମସ୍ଥାନ: ଜଲପାଇଗୁଡ଼ି, ବେଙ୍ଗଲ ରେସିଡେନ୍ସି, ବ୍ରିଟିଶ୍ ଇଣ୍ଡିଆ
- ପରଲୋକ: ୨୦୨୦ ମାର୍ଚ୍ଚ ୨୦
- ଉଚ୍ଚତା: ୫ ଫୁଟ ୮.୫ ଇଞ୍ଚ
- ପ୍ଲେଇଂ ପୋଜିଶନ: ଷ୍ଟ୍ରାଇକର
- ଯୁଥ୍ କ୍ୟାରିୟର: ବିହାର
- ସିନିୟର କ୍ୟାରିୟର: ୧୯୫୪- ଆର୍ଯ୍ୟନ ଏଫସି, ୧୯୫୫- ୧୯୬୭ ଇଷ୍ଟର୍ନ ରେଲୱେ ଏଫସି
- ଜାତୀୟ ଦଳ: ଭାରତ, ୮୪ ମ୍ୟାଚ, ୬୫ ଗୋଲ
- ଫିଫା ‘ଏ’ ଗ୍ରେଡ୍: ୪୫ ମ୍ୟାଚ, ୧୪ ଗୋଲ
- ଟିମ୍ ମ୍ୟାନେଜର: ୧୯୭୧- ୧୯୮୧ ଭାରତ, ୧୯୮୫- ଭାରତ

### ପୁରସ୍କାର

- ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ: ୧୯୬୨ ଏସିଆନ ଗେମ୍ସ
- ମେର୍ଡେକା ଟୁର୍ଣ୍ଣାମେଣ୍ଟ ରୌପ୍ୟ ପଦକ: ୧୯୫୯, ୧୯୬୪
- ଭାରତ ନିର୍ମାଣ ପୁରସ୍କାର: ଲାଇଫ୍ ଟାଇମ୍ ଆଚିଭମେଣ୍ଟ ୨୦୧୧
- ଅର୍ଜୁନ: ୧୯୬୧
- ପଦ୍ମଶ୍ରୀ: ୧୯୯୦
- ଆଇଏଫଏଫଏଚଏସ ପକ୍ଷରୁ ଇଣ୍ଡିଆନ ଫୁଟବଲର ଅଫ୍ ଟ୍ୱେଣ୍ଟିଥ୍ ସେଞ୍ଚୁରି
- ଫିଫା ଅର୍ଡର ଅଫ୍ ମେରିଟ(ସେଣ୍ଟେନିଆଲ), ଫିଫାର ସର୍ବୋଚ୍ଚ ପୁରସ୍କାର ୨୦୦୪
- ଏସିଆର ଏକମାତ୍ର ଫୁଟବଲର ଭାବେ ଫେୟାର ପ୍ଲେ ପୁରସ୍କାର ବିଜେତା

### ଫିଫା ‘ଏ’ ମ୍ୟାଚରେ ବାନାର୍ଜୀ

| ବର୍ଷ | ମ୍ୟାଚ | ଗୋଲ |
|---|---|---|
| ୧୯୫୫ | ୩ | ୪ |
| ୧୯୫୬ | ୪ | ୨ |
| ୧୯୫୮ | ୫ | ୦ |
| ୧୯୫୯ | ୫ | ୧ |
| ୧୯୬୦ | ୩ | ୧ |
| ୧୯୬୧ | ୩ | ୧ |
| ୧୯୬୨ | ୫ | ୪ |
| ୧୯୬୪ | ୮ | ୧ |
| ୧୯୬୫ | ୬ | ୦ |
| ୧୯୬୬ | ୩ | ୦ |
| ମୋଟ | ୪୫ | ୧୪ |



ବାନାର୍ଜୀଙ୍କ ସହ ଦୁଇ ଝିଅ ପୂର୍ଣ୍ଣା ଓ ପୌଲା।

### ଅନ୍ତର୍ଜାତୀୟ ଗୋଲ (ଫିଫା ‘ଏ’ ଅନ୍ତର୍ଜାତୀୟ ମ୍ୟାଚ)

| ତାରିଖ | ଭେନ୍ୟୁ | ବିପକ୍ଷ | ଫଳାଫଳ | ପ୍ରତିଯୋଗିତା | ଗୋଲ |
|---|---|---|---|---|---|
| ୧୯୫୫ ଡିସେମ୍ବର ୧୮ | ଢାକା, ଇଷ୍ଟ ପାକିସ୍ତାନ | ସିଲନ | ୪-୩ | ୧୯୫୫ କଲମ୍ବୋ କପ୍ | ୨ |
| ୧୯୫୫ ଡିସେମ୍ବର ୨୨ | ଢାକା, ଇଷ୍ଟ ପାକିସ୍ତାନ | ବର୍ମା | ୨-୧ | ୧୯୫୫ କଲମ୍ବୋ କପ | ୧ |
| ୧୯୫୫ ଡିସେମ୍ବର ୨୬ | ଢାକା, ଇଷ୍ଟ ପାକିସ୍ତାନ | ପାକିସ୍ତାନ | ୨-୧ | ୧୯୫୫ କଲମ୍ବୋ କପ | ୧ |
| ୧୯୫୬ ଡିସେମ୍ବର ୧୨ | ସିଡ୍‌ନୀ ସ୍ପୋର୍ଟ୍ସ ଗ୍ରାଉଣ୍ଡ | ଅଷ୍ଟ୍ରେଲିଆ | ୭-୧ | ଇଣ୍ଟରନ୍ୟାଶନାଲ ଫ୍ରେଣ୍ଡଲୀ | ୨ |
| ୧୯୫୯ ସେପ୍ଟେମ୍ବର ୮ | ସିଟି ଷ୍ଟାଡିୟମ, ପେନାଙ୍ଗ | ଦ.କୋରିଆ | ୧-୧ | ଇଣ୍ଟରନ୍ୟାଶନାଲ ଫ୍ରେଣ୍ଡଲୀ | ୧ |
| ୧୯୬୦ ଅଗଷ୍ଟ ୨୯ | ଷ୍ଟାଡିଓ ଅଲିମ୍ପିଓ, ଗ୍ରସେଟୋ | ଫ୍ରାନ୍ସ | ୧-୧ | ୧୯୬୦ ଅଲିମ୍ପିକ୍ସ | ୧ |
| ୧୯୬୧ ଅଗଷ୍ଟ ୯ | କୁଆଲାଲମ୍ପୁର, ମାଲେସିଆ | ମାଲେସିଆ | ୨-୧ | ୧୯୬୧ ମେର୍ଡେକା | ୧ |
| ୧୯୬୨ ଅଗଷ୍ଟ ୨୭ | ସେନାୟନ ଷ୍ଟାଡିୟମ, ଜାକର୍ତ୍ତା | ଜାପାନ | ୨-୦ | ୧୯୬୨ ଏସିଆନ ଗେମ୍ସ | ୧ |
| ୧୯୬୨ ଅଗଷ୍ଟ ୩୦ | ସେନାୟନ ଷ୍ଟାଡିୟମ, ଜାକର୍ତ୍ତା | ଥାଇଲାଣ୍ଡ | ୪-୧ | ୧୯୬୨ ଏସିଆନ ଗେମ୍ସ | ୨ |
| ୧୯୬୨ ସେପ୍ଟେମ୍ବର ୪ | ସେନାୟନ ଷ୍ଟାଡିୟମ, ଜାକର୍ତ୍ତା | ଦ.କୋରିଆ | ୨-୧ | ୧୯୬୨ ଏସିଆନ ଗେମ୍ସ | ୧ |
| ୧୯୬୪ ସେପ୍ଟେମ୍ବର ୧ | କୁଆଲାଲମ୍ପୁର | ଦ.କୋରିଆ | ୨-୧ | ୧୯୬୪ ମେର୍ଡେକା | ୧ |

## ସେଲ୍‌ଫ ଆଇସୋଲେଶନ ନିୟମ ଭଙ୍ଗ ଲାଗି କ୍ଷମାପ୍ରାର୍ଥନା କଲେ ଜୋଭିକ୍

**ମାଡ୍ରିଡ୍, ୨୦।୩(ଏଏଫ୍‌ପି)**

ରିୟଲ ମାଡ୍ରିଡ୍ ଷ୍ଟ୍ରାଇକର ଲୁକା ଜୋଭିକ୍ ସେଲଫ ଆଇସୋଲେଶନ ନିୟମ ଭଙ୍ଗ କରି ସର୍ବିୟା ଯାତ୍ରା କରିଛନ୍ତି। ତାଙ୍କୁ ସ୍ୱଦେଶ ଫେରିବା ଲାଗି ଅନୁମତି ମିଳିଥିଲା ବୋଲି ସେ ଦାବି କରିଛନ୍ତି। କ୍ଲବର ଜଣେ ବାସ୍କେଟବଲ ଖେଳାଳିଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ରିୟଲ ମାଡ୍ରିଡ୍ ଦଳର ସମସ୍ତ ଖେଳାଳିଙ୍କୁ ଗତ ସପ୍ତାହରେ କ୍ୱାରାଣ୍ଟାଇନ କରାଯାଇଥିଲା। କିନ୍ତୁ ଏକ ସ୍ପାନିଶ ଖବରକାଗଜ ଅନୁଯାୟୀ, ବେଲଗ୍ରେଡଠାରେ ପହଞ୍ଚିବା ପରେ ୨୨ ବର୍ଷୀୟ ଫରୱାର୍ଡ ରାଜଧାନୀ ରାସ୍ତାରେ ନିଜ ମହିଳା ବାନ୍ଧବୀଙ୍କ ଜନ୍ମଦିନ ପାଳନ କରିଥିବା ଦେଖିବାକୁ ମିଳିଥିଲା। ଏ ନେଇ ପୋଲିସ ତାଙ୍କ ବିରୋଧରେ କୌଣସି ମାମଲା ରୁଜୁ କରିଛି କି ନାହିଁ ସ୍ପଷ୍ଟ ହୋଇନାହିଁ। ମୁଁ ନିଜ ତ୍ରୁଟି ପାଇଁ କ୍ଷମା ପ୍ରାର୍ଥନା କରୁଛି। ମାଡ୍ରିଡ୍‌ରେ ଥିବାବେଳେ ମୋର ଟେଷ୍ଟ ହୋଇଥିଲା ଓ ଏହା ନେଗେଟିଭ୍ ଆସିଥିଲା। ଏଣୁ ମୁଁ ଆମ ଲୋକଙ୍କୁ ସାହାଯ୍ୟ ଓ ସମର୍ଥନ କରିବା ପାଇଁ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲି। ଏଥିନେଇ କ୍ଲବ ମୋତେ ଅନୁମତି ଦେଇଥିଲା। ମୁଁ ସର୍ବିୟାରେ ପହଞ୍ଚିବା ପରେ ମୋର ଟେଷ୍ଟ ହୋଇଥିଲା। ଆଉ ଏହା ମଧ୍ୟ ନେଗେଟିଭ୍ ଆସିଥିଲା। ଯାତ୍ରା କରିବା ଉପରେ କୌଣସି କଟକଣା ଲଗାଯାଇ ନ ଥିଲା, ମୋତେ କେହି ଏ ସମ୍ପର୍କରେ ଜଣାଇ ନ ଥିଲେ। ମୋ କାର୍ଯ୍ୟ କାହାକୁ କଷ୍ଟ ଦେଇଥିଲେ, ସେଥିନେଇ ମୁଁ କ୍ଷମା ପ୍ରାର୍ଥନା କରୁଛି।

## ମା’ଙ୍କ ପାଇଁ କ୍ୱାରାଣ୍ଟାଇନ ନିୟମ ଭାଙ୍ଗିଲେ ହିଗୁଏନ୍

ଜୁଭେଣ୍ଟସ, ୨୦।୩– ଜୁଭେଣ୍ଟସ ଆଟାକର ହିଗୁଏନ୍ ଇଟାଲୀରେ କ୍ୱାରାଣ୍ଟାଇନ ନିୟମ ଭଙ୍ଗ କରିଛନ୍ତି। ତାଙ୍କ ମା’ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେ ଆର୍ଜେଣ୍ଟିନା ଗସ୍ତ କରିଛନ୍ତି। ତେବେ ତାଙ୍କ କୋଭିଡ୍-୧୯ ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଛି। ନର୍ଦର୍ନ ଇଟାଲୀରେ କରୋନା ଯୋଗୁ ସ୍ଥିତି ଅତ୍ୟନ୍ତ ଭୟଙ୍କର ହୋଇପଡ଼ିଛି। ଇଟାଲୀରେ କରୋନା ଜନିତ ମୃତ୍ୟୁସଂଖ୍ୟା ଚାଇନାକୁ ଅତିକ୍ରମ କରିଯାଇଛି। ଏପର୍ଯ୍ୟନ୍ତ ଦେଶରେ ୩ ହଜାରରୁ ଊର୍ଦ୍ଧ୍ୱ ମୁଣ୍ଡ ନେଲାଣି କରୋନା। ଏଥିଯୋଗୁ ଇଟାଲି ସମେତ ବହୁ ଦେଶ ବିଦେଶୀ ଯାତ୍ରୀଙ୍କ ଯାତ୍ରା ଉପରେ କଟକଣା ଜାରି କରିଛନ୍ତି। ଏଭଳି ସ୍ଥିତିରେ ହିଗୁଏନ୍ ଆର୍ଜେଣ୍ଟିନା ଫେରିବାକୁ ନିଷ୍ପତ୍ତି ନେଇଛନ୍ତି।

## ଘରୁ ନ ବାହାରିବାକୁ ବିରୁଷ୍କାଙ୍କ ନିବେଦନ

**ନୂଆଦିଲ୍ଲୀ, ୨୦।୩**

ପୂରା ବିଶ୍ୱକୁ କରୋନା ଭାଇରସ ଧୀରେ ଧୀରେ ଗ୍ରାସ କରିବାରେ ଲାଗିଛି। ଏହାକୁ ପ୍ରତିହତ କରିବା ଲାଗି କୌଣସି ଔଷଧ ନାହିଁ। ଏଥିରୁ ବଞ୍ଚିବା ପାଇଁ ଏକମାତ୍ର ବାଟ ସେଲ୍‌ଫ ଆଇସୋଲେଶନ ଅର୍ଥାତ ଘରୁ ନ ବାହାରିବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆସନ୍ତା ରବିବାର ଘରୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି। ଏହାର ଗୋଟିଏ ଦିନ ପରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା (ବିରୁଷ୍କା) ସୋସିଆଲ ମିଡିଆ ଜରିଆରେ ଏକ ଭିଡିଓ ଶେୟାର କରି ନିବେଦନ କରିଛନ୍ତି। ଆମ ସଭିଙ୍କୁ ଜଣାଅଛି କେଉଁ ପରିସ୍ଥିତି ଦେଇ ଗତି କରୁଛୁ। ଆଉ ମାରାତ୍ମକ କରୋନା ଭାଇରସକୁ ରୋକିବା ଲାଗି କେବଳ ଗୋଟିଏ ଉପାୟ ରହିଛି। ନିଜ ସୁରକ୍ଷା ପାଇଁ ଆମେ ଘରେ ରହୁଛୁ। ତୁମେମାନେ ମଧ୍ୟ ଏଭଳି କରିବା ଦରକାର। ଘରେ ରୁହନ୍ତୁ ଓ ସୁରକ୍ଷିତ ରୁହନ୍ତୁ ବୋଲି ବିରୁଷ୍କା ଉକ୍ତ ଭିଡିଓରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦି ମାର୍ଚ୍ଚ ୨୨ ତାରିଖରେ ସକାଳ ୭ରୁ ରାତି ୯ଟା ପର୍ଯ୍ୟନ୍ତ ଜନତା କର୍ଫ୍ୟୁ ଲଗାଇବାକୁ କହିଛନ୍ତି।



## ସଂକ୍ଷେପରେ

### ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଷ୍ଟ୍ରେଲିଆରେ ରହିବ ନ୍ୟୁଜିଲାଣ୍ଡ ରଗ୍‌ବୀ ଟିମ୍

ୱେଲିଂଟନ, ୨୦।୩ (ଏପି)- କରୋନା ଭାଇରସ୍ ସଙ୍କଟ ଜାରି ରହିଥିବାରୁ ନ୍ୟୁଜିଲାଣ୍ଡ ୱାରିୟର୍ସ ରଗ୍‌ବୀ ଲିଗ୍ ଟିମ୍ ଅଷ୍ଟ୍ରେଲିଆରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକି ରହିବ। ସେମାନେ ଅଷ୍ଟ୍ରେଲିଆର ନ୍ୟାଶନାଲ ରଗ୍‌ବୀ ଲିଗ୍ (ଏନ୍‌ଆର୍‌ଏଲ୍)ରେ ଖେଳ ଜାରି ରଖିବେ। କୋଭିଡ୍-୧୯ ଯୋଗୁ ଉଭୟ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ସେମାନଙ୍କ ସୀମାକୁ ସିଲ୍ କରିଦେଇଛନ୍ତି। ନାଗରିକ ଏବଂ ସ୍ଥାୟୀ ବାସିନ୍ଦାଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଦେଶରେ ପ୍ରବେଶ ମନା। ଅଷ୍ଟ୍ରେଲିଆରେ ଲିଗ୍‌ର ଓପନିଂ ରାଉଣ୍ଡରେ ୱାରିୟର୍ସ ନ୍ୟୁକ୍ୟାସେଲ ବିପକ୍ଷରେ ଖେଳିଥିଲା। ଶନିବାର ଅକ୍‌ଲାଣ୍ଡଠାରେ କାନ୍‌ବେରା ବିପକ୍ଷ ମ୍ୟାଚ ଖେଳିଥାନ୍ତା। ଏହି ମ୍ୟାଚ ବର୍ତ୍ତମାନ ୱାରିୟର୍ସ ଦଳର ସାମୟିକ ହୋମ୍ ଗ୍ରାଉଣ୍ଡ ଗୋଲ୍ଡ କୋଷ୍ଟଠାରେ ଖେଳାଯିବ।

### ଅଷ୍ଟ୍ରେଲିଆ ଟି୨୦ ଦଳର ଜର୍ସି ଚୟନ କରିବେ ଫ୍ୟାନ୍

ମେଲବୋର୍ନ, ୨୦।୩- ଅଷ୍ଟ୍ରେଲିଆନ ପ୍ରଶଂସକ ଏବେ ଜାତୀୟ ଦଳର ଟି୨୦ ଜର୍ସି ଚୟନ କରିପାରିବେ। 'ଡିଜାଇନ ଦି କିଟ୍' ଅନ୍‌ଲାଇନ ପ୍ରୋଗ୍ରାମରେ ଫ୍ୟାନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ୧୨୦ ଷ୍ଟାଇଲର ଜର୍ସି ସ୍ଥାନ ପାଇଥିଲା। ଏଥିରୁ ୫ଟି ଜର୍ସିକୁ ଶର୍ଟଲିଷ୍ଟ କରାଯାଇଛି। ଆଗାମୀ ୪ ଦିନ ପର୍ଯ୍ୟନ୍ତ ଅର୍ଥାତ୍ ମଙ୍ଗଳବାର ମଧ୍ୟରାତି ପର୍ଯ୍ୟନ୍ତ ପ୍ରଶଂସକ ଭୋଟ କରିପାରିବେ। ବିଜୟୀ କିଟ୍‌କୁ ଏଏସ୍‌ଆଇସିଏସ୍ ପ୍ରସ୍ତୁତ କରିବ। ଏହି ଜର୍ସିକୁ ଉଭୟ ପୁରୁଷ ଓ ମହିଳା କ୍ରିକେଟ ଦଳ ୨୦୨୧-୨୨ରେ ପରିଧାନ କରିବ। ପ୍ରଶଂସକ ବାଛିଥିବା ଜର୍ସିରେ କେବଳ ପ୍ରାୟୋଜକଙ୍କ ଲୋଗୋ ରହିବ। ଗତବର୍ଷ ମଧ୍ୟ 'ପିକ୍ ଦ କିଟ୍' ଅନ୍‌ଲାଇନ ପ୍ରତିଯୋଗିତା ମାଧ୍ୟମରେ ପ୍ରଶଂସକ ୧୯୯୦ ବେଳର ଅଷ୍ଟ୍ରେଲିଆ ଜର୍ସି ବାଛିଥିଲେ, ଯାହାକୁ ପରିଧାନକରି ଅଷ୍ଟ୍ରେଲିଆ ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଖେଳିଥିଲା। କିନ୍ତୁ କରୋନା ଭାଇରସ୍ ଯୋଗୁ ପ୍ରଥମ ମ୍ୟାଚ୍ ଖାଲି ଷ୍ଟାଡିୟମରେ ଖେଳାଯିବା ପରେ ବଳକା ଦୁଇ ମ୍ୟାଚ୍ ବାତିଲ କରାଯାଇଥିଲା।

### ସ୍କଟଲାଣ୍ଡ କ୍ରିକେଟରଙ୍କ କରୋନା ପଜିଟିଭ୍

ଲଣ୍ଡନ, ୨୦।୩ (ପି.ଟି.)-କରୋନା ଭାଇରସ୍ ପାଇଁ ହୋଇଥିବା ଟେଷ୍ଟରେ ପାକିସ୍ତାନ ବଂଶୋଦ୍ଭବ ସ୍କଟଲାଣ୍ଡ କ୍ରିକେଟର ମାଜିଦ୍ ହକଙ୍କ ପଜିଟିଭ ଆସିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କିଛୁ ଉନ୍ନତି ଘଟିବାରେ ଲାଗିଛି ବୋଲି ଏହି ୩୭ ବର୍ଷୀୟ କ୍ରିକେଟର ଜଣକ କହିଛନ୍ତି। ହକ୍ ହେଉଛନ୍ତି ଜଣେ ଅଫ୍ ସ୍ପିନର। ସେ ୨୦୦୬ରୁ ୨୦୧୫ ମଧ୍ୟରେ ସ୍କଟଲାଣ୍ଡ ତରଫରୁ ୫୪ ଅନ୍ତର୍ଜାତୀୟ ଦିନିକିଆ ଏବଂ ୨୪ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସେ ଗ୍ଲାସ୍‌ଗୋସ୍ଥିତ ରୟାଲ ଆଲେକ୍‌ଜାଣ୍ଡ୍ରା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ସକାଳ ୯ଟା ସୁଦ୍ଧା ସ୍କଟଲାଣ୍ଡରେ କରୋନା ଭାଇରସ୍ ଦ୍ୱାରା ଆକ୍ରାନ୍ତଙ୍କ ସଂଖ୍ୟା ୨୬୬ ରହିଥିଲା। ସେତେବେଳେ ସମଗ୍ର ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ମୋଟ ସଂଖ୍ୟା ୩,୨୬୯ ରହିଥିଲା। ହକ୍ ସ୍କଟଲାଣ୍ଡ ତରଫରୁ ଶେଷଥର ପାଇଁ ୨୦୧୫ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଖେଳିଥିଲେ। ଏକଦା ସେ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ୬୦ ଉଇକେଟ ସହ ସ୍କଟଲାଣ୍ଡର ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇ ଆସୁଥିଲେ। ୨୦୧୯ରେ ଫାଷ୍ଟ ବୋଲର ସାଫିୟାଁ ଶରିଫ୍ ଏହି ରେକର୍ଡକୁ ଭଙ୍ଗ କରିଦେଇଥିଲେ। ବର୍ତ୍ତମାନ ସେ ଘରୋଇ କ୍ରିକେଟରେ ସକ୍ରିୟ ରହିଛନ୍ତି।

### ସ୍ନୁକର ବିଶ୍ୱକପ୍ ଘୁଞ୍ଚିଲା

ଲଣ୍ଡନ, ୨୦।୩ (ଏଏଫ୍‌ପି): କରୋନା ଭାଇରସ ଜନିତ ସଂକଟ ଯୋଗୁ ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖାଯାଇଛି। ୱାର୍ଲ୍ଡ ସ୍ନୁକର ଟୁର୍ (ଡବ୍ଲ୍ୟୁଏସ୍‌ଟି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଟୁର୍ନାମେଣ୍ଟ ଏପ୍ରିଲ ୧୮ରୁ ମେ ୪ ତାରିଖ ପର୍ଯ୍ୟନ୍ତ ଶିଫିଲ୍ଡସ୍ଥିତ କ୍ରୁସିବଲ ଥିଏଟରରେ ଖେଳାଯିବା କାର୍ଯ୍ୟକ୍ରମ ଥିଲା। ଡବ୍ଲ୍ୟୁଏସ୍‌ଟି ଚେୟାରମ୍ୟାନ ବ୍ୟାରି ହିଅର୍ଣ୍ଣ ବର୍ତ୍ତମାନ ଆମେ ସମସ୍ତେ କଠିନ ପରିସ୍ଥିତି ଦେଇ ଗତି କରୁଛେ। ଏଥିରୁ ଯଥାଶୀଘ୍ର ମୁକୁଳିବା ଲାଗି ସମସ୍ତଙ୍କ ଉଦ୍ୟମ ଆବଶ୍ୟକ। ଟୁର୍ନାମେଣ୍ଟ ପୁଣି କେବେ ହେବ ସେ ସମ୍ପର୍କରେ ବ୍ରଡକାଷ୍ଟର, ଅନ୍ୟ ପାର୍ଟନର ଏବଂ ଏଥି ସହିତ ସଂଶ୍ଳିଷ୍ଟ ଭେନ୍ୟୁକୁ ଖୁବ୍ ଶୀଘ୍ର ଜଣାଇ ଦିଆଯିବ ବୋଲି ସେ କହିଛନ୍ତି।

# ଅଲିମ୍ପିକ୍ ଜ୍ୟୋତିକୁ ନୀରବ ସ୍ୱାଗତ

ହିଗାଶିମାତ୍ସୁଶିମା, ୨୦।୩ (ଏଏଫ୍‌ପି)

କରୋନା ଭାଇରସ ସାରା ବିଶ୍ୱ କ୍ରୀଡ଼ାକୁ ପ୍ରଭାବିତ କରିଥିବା ବେଳେ ଏବେ ଟୋକିଓରେ ଅଲିମ୍ପିକ୍ସ ଆୟୋଜନ ନେଇ ଆଶଙ୍କ ବୃଦ୍ଧିପାଇଛି। ତେବେ ଇତିମଧ୍ୟରେ ଶୁକ୍ରବାର ଜାପାନରେ ଅଲିମ୍ପିକ୍ ଜ୍ୟୋତିକୁ ସ୍ୱାଗତ କରାଯାଇଛି। ଏହି ସ୍ୱାଗତ ଉତ୍ସବ ସମ୍ପୂର୍ଣ୍ଣ ରୂପେ ଫିକା ପଡିଥିଲା। ନୀରବରେ ମଶାଲକୁ ସ୍ୱାଗତ କରାଯାଇଥିଲା। ଫଳରେ ନିର୍ଦ୍ଧାରିତ ସମୟରେ ଟୋକିଓ ଅଲିମ୍ପିକ୍ସ ଆୟୋଜନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଲିମ୍ପିକ୍ସ ଜ୍ୟୋତିର ସ୍ୱାଗତ ପାଇଁ ୨୦୦ ସ୍କୁଲ ପିଲାଙ୍କୁ ନିମନ୍ତ୍ରଣ କରିବାକୁ ଯୋଜନା କରାଯାଇଥିଲେ ମଧ୍ୟ ଶେଷରେ ଏହାକୁ ବାଧ୍ୟହୋଇ ବାତିଲ କରିବାକୁ ପଡିଥିଲା।

ଏକ ସ୍ୱତନ୍ତ୍ର ଲଣ୍ଠନରେ ଏହି ଜ୍ୟୋତି ଏକ ଚାର୍ଟାର୍ଡ ବିମାନରେ ଏଠାରେ ଆସି ପହଞ୍ଚିଥିଲା। ଜଣେ ଜାପାନ ଅଲିମ୍ପିକ୍ କମିଟି ସଦସ୍ୟ ଏହି କ୍ରୀଡ଼ା ମହାକୁମ୍ଭକୁ ସ୍ଥଗିତ ରଖିବାକୁ ମତ ଦେଇଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ମୁଖ୍ୟ ଥୋମାସ ବାକ ମଧ୍ୟ ବିଭିନ୍ନ ପରିସ୍ଥିତି ନେଇ ଅନୁଧ୍ୟାନ କରାଯାଉଥିବା କହିଛନ୍ତି। ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆହୁରି ୪ ମାସ ବାକିଥିବାରୁ ସବୁ ପ୍ରକାର ପରିସ୍ଥିତି ଉପରେ ଆମେ ନଜର ରଖିଛୁ ବୋଲି ବାକ କହିଛନ୍ତି। ଏବେ କିଛି ଅନୁମାନ କରିବା କିମ୍ବା ଅନ୍ତିମ ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ପୂର୍ବତନ ଅଲିମ୍ପିକ ଜୁଡୋ ଚାମ୍ପିୟନ ସାଓରି ୟୋଶିଡା ଓ ତାଡାହିରୋ ନେମୁରା ହାତ ଗଣତି କେତେଜଣ ଅଧିକାରୀ ଓ ଅତିଥିଙ୍କ ସମ୍ମୁଖରେ ଆନୁଷ୍ଠାନିକ ଭାବେ କଲଡ୍ରୋନ ବା ହଣ୍ଡ ପ୍ରଜ୍ୱଳନ କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଓ ନିରାପତ୍ତା ଦୃଷ୍ଟିକୋଣରୁ ସ୍କୁଲ ପିଲାମାନଙ୍କୁ ନିମନ୍ତ୍ରଣ କରିବାର ଯୋଜନାକୁ ବାତିଲ କରାଗଲା ବୋଲି ଟୋକିଓ ଅଲିମ୍ପିକ୍ସ ମୁଖ୍ୟ ୟୋଶିରେ ମୋରି କହିଛନ୍ତି। ମାର୍ଚ୍ଚ ୨୬ରେ ଦେଶବ୍ୟାପୀ ମଶାଲ ରିଲେ ଆରମ୍ଭ ହୋଇଛି। ଏହା ଫୁକୁଶିମାର ଜେ- ଭିଲେ ସ୍ପୋର୍ଟ୍ସ କମ୍ପ୍ଲେକ୍ସରୁ ଆରମ୍ଭ ହୋଇଛି। କରୋନା ଭାଇରସ କାରଣରୁ ଏହି ମଶାଲ ରିଲେ ଫିକା ପଡିଛି।

ବିନା ଦର୍ଶକରେ ଗ୍ରୀସ୍‌ରେ ମଶାଲ ରିଲେ ପ୍ରାରମ୍ଭିକ ପର୍ଯ୍ୟାୟକୁ ମଧ୍ୟ କାଣ୍ଟଛାଣ୍ଟ କରାଯାଇଥିଲା। ବର୍ତ୍ତମାନ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଛି ଅଲିମ୍ପିକ୍ସକୁ ସ୍ଥଗିତ ରଖିବାକୁ ଜାପାନିଜ ଅଲିମ୍ପିକ କମିଟି କାର୍ଯ୍ୟକାରୀ ନିର୍ଦ୍ଦେଶକ କାଓରି ୟାମାଗୁଚି କହିଛନ୍ତି। ଅନ୍ୟପଟେ ଆଇଓସି ନିଜ ଟାସ୍କ ଫୋର୍ସ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପରାମର୍ଶ ନେଇ କାର୍ଯ୍ୟ କରିବ। ଅଲିମ୍ପିକ୍ସ ଠିକ୍ ସମୟରେ ଆୟୋଜନ କରିବ ଓ ଏହାକୁ ବାତିଲ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ଆଇଓସି ମୁଖ୍ୟ ଥୋମାସ ବାକ କହିଛନ୍ତି।



ଜାପାନ ଏୟାର ସେଲ୍ଫ-ଡିଫେନ୍ସ ଫୋର୍ସ ମାତ୍ସୁଶୀମା ବେସ୍‌ରେ ପୂର୍ବତନ ଅଲିମ୍ପିକ ଜୁଡୋ ଚାମ୍ପିୟନ ସାଓରି ୟୋସିଡା ଓ ତାଡାହିରୋ ନୋମୁରା ଅଲିମ୍ପିକ୍ ଜ୍ୟୋତି ପ୍ରଜ୍ୱଳନ କରୁଛନ୍ତି।

Birthday Wish



DEEPA
Wishing you Health, Love, Wealth, Happiness and just everything your heart desires.
Happy Birthday!
-:With Best Compliments From:-
Tom, Jerry & Dipty
D-17222

୯ମ ବାର୍ଷିକ ଜନ୍ମଦିନ ଶୁଭେଚ୍ଛା



ସୌମ୍ୟା ଶୁପ୍ରଭା (ଶିୟା)
ଗାଡ଼କଣ, ଭୁବନେଶ୍ୱର
ତୁମକୁ ପ୍ରଭୁ ଶ୍ରୀଜଗନ୍ନାଥ ଦୀର୍ଘାୟୁ କରିବା ସହିତ ଜଣେ ସୁନାଗରିକ କରନ୍ତୁ ଏତିକି କାମନା।
-:ଶୁଭେଚ୍ଛା ସହ:-
ଜେଜେ, ବାପା, ମାମା, ଅଜା, ଆଈ, ମାମୁ ଓ ମାଉସୀମାନେ।
ଧ-୧୭୨୨୬

## ମହିଳା ରେସ୍‌ଲିଂ କୋଚ୍ ସ୍ୱଦେଶ ଫେରିଲେ

ନୂଆଦିଲ୍ଲୀ, ୨୦।୩ (ପି.ଟି.)

କୋଭିଡ୍-୧୯ ଆଶଙ୍କା ଯୋଗୁ ଲକ୍ଷ୍ନୌ ଓ ସୋନେପତ୍‌ଠାରେ ଚାଲିଥିବା ଜାତୀୟ କ୍ୟାମ୍ପକୁ ବର୍ତ୍ତମାନ ପାଇଁ ବନ୍ଦ କରିଦେବା ଲାଗି ଜାତୀୟ ମହାସଂଘ ନିଷ୍ପତ୍ତି ନେଇଛି। ଫଳସ୍ୱରୂପ ଭାରତୀୟ ମହିଳା ରେସ୍‌ଲିଂ ଟିମ୍‌ର ବିଦେଶୀ କୋଚ୍ ଆଣ୍ଡ୍ର୍ୟୁ କୁକ୍ ନିଜ ଦେଶ ଯୁକ୍ତରାଷ୍ଟ୍ର ଆମେରିକାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କୁକ୍ ଲକ୍ଷ୍ନୌସ୍ଥିତ ସାଇ ସେଣ୍ଟର ସହିତ ଜଡ଼ିତ ଥିଲେ। ହୋଲି ପରେ ଅଧିକାଂଶ ରେସ୍‌ଲର ରିପୋର୍ଟ କରି ନ ଥିଲେ। ୪ରୁ ୫ ରେସ୍‌ଲର ସେଠାରେ ତାଲିମ ନେଉଥିଲେ। ଜ୍ୱରରେ ପୀଡ଼ିତ ଥିବାରୁ ସେଠାରେ ନିଯୁକ୍ତ ଭାରତୀୟ କୋଚ୍ କୁଲଦୀପ ମଲିକ ହରିୟାଣାସ୍ଥିତ ନିଜ ବାସସ୍ଥାନକୁ ଫେରି ଯାଇଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ କାରଣରୁ ଇରାନର ହୋସେନ କରିମି ତାଙ୍କ କାର୍ଯ୍ୟକାଳ ଅଧାରୁ ପଦତ୍ୟାଗ କରି ଚାଲିଯିବା ପରଠାରୁ ଭାରତୀୟ ପୁରୁଷ ଦଳ ପାଇଁ ଜଣେ ହେଲେ ବିଦେଶୀ କୋଚ୍ ନିଯୁକ୍ତ ହୋଇ ପାରିନାହାଁନ୍ତି। କରୋନା ଭାଇରସ୍ ଆତଙ୍କ ଯୋଗୁ କ୍ୟାମ୍ପକୁ ବନ୍ଦ କରି ଦିଆଯାଇଥିବାରୁ ମୁଁ ବର୍ତ୍ତମାନ ନିଜକୁ ଏକା ଅନୁଭବ କରୁଛି। ତେଣୁ ନିଜ ଦେଶକୁ ଫେରିଯାଉଛି ବୋଲି କୁକ୍ କହିଛନ୍ତି।

# ବ୍ରିଟିଶ ଅଲିମ୍ପିକ୍ ଆସୋସିଏଶନ ଚିନ୍ତିତ

**କରୋନା ଭାଇରସ ସଂକ୍ରମଣ**

ଲଣ୍ଡନ,୨୦।୩ (ଏଏଫ୍‌ପି)

BRITISH OLYMPIC ASSOCIATION

କରୋନା ଭାଇରସ ସଂକ୍ରମଣ ନେଇ ବ୍ରିଟିଶ୍ ଅଲିମ୍ପିକ୍ସ ମୁଖ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଯଦି ଏହି ଭାଇରସ ସଂକ୍ରମଣକୁ ଠିକ୍ ସମୟରେ ନିୟନ୍ତ୍ରଣ ନ କରାଯାଏ ତା'ହେଲେ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଆଥଲେଟମାନଙ୍କୁ ଉତ୍ସାହିତ କରାଯିବ ନାହିଁ ବୋଲି ସେ କହିଛନ୍ତି। ଅଲିମ୍ପିକ୍ସ ଅପେକ୍ଷା ଆଥଲେଟଙ୍କ ସ୍ୱାସ୍ଥ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜୁଲାଇ ୨୪ରୁ ଟୋକିଓ ଅଲିମ୍ପିକ୍ସ ଆରମ୍ଭ କରିବାକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ଚାହୁଁଛି। କିନ୍ତୁ ବହୁ ସଂଖ୍ୟାରେ ଆଥଲେଟ କରୋନା ଭାଇରସ କାରଣରୁ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତିରେ ସମସ୍ୟାର ସମ୍ମୁଖୀନ ହେବା କଥା କହିଛନ୍ତି। ଭାଇରସ୍‌କୁ ରୋକିବା ପାଇଁ ସାମାଜିକ ଦୂରତ୍ୱ ରକ୍ଷା କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି ଆଥଲେଟମାନେ କହିଛନ୍ତି।

୮୦୦ମିଟର ଦୌଡ଼ରେ ଅଲିମ୍ପିକ୍ସରେ ସାମିଲ ହେବାକୁ ଲକ୍ଷ୍ୟ ରଖିଥିବା ଗେ ଲିୟରମଣ୍ଟ ପ୍ରଥମ ବ୍ରିଟିଶ ଆଥଲେଟ ଭାବେ ଅଲିମ୍ପିକ୍ସ ଅଂଶଗ୍ରହଣ ନେଇ ସତର୍କ କରାଇ ଦେଇଛନ୍ତି। ପୂର୍ବରୁ ମଧ୍ୟ ଅଲିମ୍ପିକ ପୋଲ ଭୋଲ୍ଟ ଚାମ୍ପିୟନ କାଟେରିନା ଷ୍ଟିଫାନିଡି ଏ ନେଇ ଆଇଓସିକୁ କଡ଼ା ସମାଲୋଚନା କରିଛନ୍ତି। କରୋନା ଭାଇରସ ଆତଙ୍କ କାରଣରୁ ୟୁରୋ ୨୦୨୦ ଓ କୋପା ଆମେରିକାକୁ ସ୍ଥଗିତ ରଖାଯାଇଛି। ସେହିପରି ଅଲିମ୍ପିକ୍ସକୁ ସ୍ଥଗିତ କିମ୍ବା ବାତିଲ କରାଯିବା ନେଇ ଦାବି ହୋଇଛି। ଆଥଲେଟମାନଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାଇବାକୁ ଆମେ ଚାହୁଁନାହୁଁ। ଯେତେବେଳେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ ଓ ସରକାର ଓ ପବ୍ଲିକ ହେଲ୍‌ଥ ଗାଇଡ ଲାଇନ୍ ଅନୁସାରେ ଆଥଲେଟମାନେ ଅଲିମ୍ପିକ ପ୍ରସ୍ତୁତି ନେଇ ପ୍ରୟାସ କରିବେ ବୋଲି ବ୍ରିଟିଶ ଅଲିମ୍ପିକ୍ସ ଆସୋସିଏସନ (ବିଓଏ) ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ବିଓଏ ଓ ବ୍ରିଟିଶ୍ ସ୍ପୋର୍ଟ୍ସ ଫେଡେରେଶନର କେତେଜଣ ଅଧିକାରୀ ଟୋକିଓରୁ କେତେଗୁଡିଏ ଭେନ୍ୟୁ, ଆଥଲେଟ ଭିଲେଜ ବା କ୍ରୀଡ଼ା ଗ୍ରାମ ପରିଦର୍ଶନ କରି ସ୍ୱଦେଶ ଫେରିଛନ୍ତି। ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଠିକ୍ ବାଟରେ ଚାଲିଛି ବୋଲି ଏମାନେ କହିଛନ୍ତି।

## ଅସୁସ୍ଥ ଥାଇ ଯୁବି ଖେଳିଥିଲେ ବିଶ୍ୱକପ୍ ବିଜୟୀ ଶତକୀୟ ଇନିଂସ

ନୂଆଦିଲ୍ଲୀ, ୨୦।୩- ଭାରତୀୟ ଅଲରାଉଣ୍ଡର ଯୁବରାଜ ସିଂ (ଯୁବି) ଠିକ୍ ୯ ବର୍ଷ ତଳେ ୨୦୧୧ ବିଶ୍ୱକପ୍‌ରେ ଶତକୀୟ ଇନିଂସ ଖେଳିଥିଲେ। ସେତେବେଳେ କର୍କଟରେ ପୀଡ଼ିତ ଯୁବି ୱେଷ୍ଟଇଣ୍ଡିଜ ବିପକ୍ଷରେ ଶତକ ହାସଲ କରିଥିଲେ। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୧ ରନ୍ ମଧ୍ୟରେ ୨ ଉଇକେଟ ହରାଇ ସାରିଥିଲା। ଯୁବି ଓ ବିରାଟ କୋହଲି ତୃତୀୟ ଉଇକେଟ ଲାଗି ୧୨୨ ରନ୍ ଯୋଡ଼ିଥିଲେ। କୋହଲି ୫୯ ରନ୍‌ର ଇନିଂସ ଖେଳି ଆଉଟ୍ ହୋଇଥିଲେ। ଏହାପରେ ଯୁବି ଖେଳିଥିଲେ ୧୧୩ ରନ୍‌ର ଇନିଂସ। ତାଙ୍କ ଇନିଂସରେ ଥିଲା ୧୦ ଚୌକା ଓ ୩ ଛକା। ଯୁବିଙ୍କ ଇନିଂସ ଏବେ ବି ଭାରତୀୟ କ୍ରିକେଟ ପ୍ରଶଂସକଙ୍କ ମନରେ ଉଜ୍ଜୀବିତ ରହିଛି। ଭାରତୀୟ ଦଳ ଧାର୍ଯ୍ୟ ୫୦ ଓଭରରେ ୨୬୮ ରନ୍ କରିଥିଲା। ପରେ ଯୁବି ବୋଲିଂ କରି ଡେଭନ ଥୋମାସ ଓ ଆଣ୍ଡ୍ରେ ରସେଲଙ୍କ ଉଇକେଟ ନେଇ ଟିମ୍ ଇଣ୍ଡିଆକୁ ୮୦ ରନ୍‌ରେ ଜିତାଇଥିଲେ। କିମ୍ବଦନ୍ତୀ ଅଲରାଉଣ୍ଡରଙ୍କ ଲାଗି ୨୦୧୧ ବିଶ୍ୱକପ୍ ସ୍ମରଣୀୟ ଥିଲା। ଏହି ଇଭେଣ୍ଟରେ ତାଙ୍କୁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଘୋଷିତ କରାଯାଇଥିଲା। ପୂରା ଟୁର୍ନାମେଣ୍ଟରେ ସେ ୩୬୨ ରନ୍ କରିବା ସହ ୧୫ ଉଇକେଟ ନେଇଥିଲେ। ଯୁବରାଜଙ୍କ କ୍ୟାରିୟରରେ ୩୦୪ ଦିନିକିଆ, ୫୮ ଟି୨୦ ଓ ୪୦ ଟେଷ୍ଟ ଖେଳିଥିଲେ। ତାଙ୍କ କ୍ୟାରିୟରର ବହୁ ଉଲ୍ଲେଖନୀୟ ଘଟଣା ରହିଛି। ଓଡ଼ିଶାର କଟକ ସ୍ଥିତ ଐତିହାସିକ ବାରବାଟୀ ଷ୍ଟାଡିୟମରେ ୧୫୦ ରନ୍‌ର ଇନିଂସ ଖେଳିଥିଲେ, ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍କୋର।



# ସେଲ୍‌ଫ ଆଇସୋଲେଶନରେ ରହିବେ ନୀରଜ ଚୋପ୍ରା

ନୂଆଦିଲ୍ଲୀ, ୨୦।୩

ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କୁ ଏନ୍‌ଆଇଏସ୍ ପଟିଆଲାଠାରେ ୧୪ ଦିନ ପାଇଁ ସେଲ୍‌ଫ ଆଇସୋଲେଶନରେ ରହିବାକୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ନିର୍ଦ୍ଦେଶ ଦେଇଛି। ସେ ତୁର୍କୀରେ ଟ୍ରେନିଂ ସାରି ଫେରିଛନ୍ତି। ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିସାରିଥିବା ଚୋପ୍ରା ଓ ରୋହିତ ଯାଦବଙ୍କୁ ସମସ୍ତ ପ୍ରକାର ସୁବିଧା ଥିବା ହଷ୍ଟେଲରେ ରହିବାକୁ ହେଲେ ଅନ୍ୟ କୌଣସି ଆଥ୍‌ଲେଟଙ୍କ ସହ ୧୪ ଦିନ ପର୍ଯ୍ୟନ୍ତ ମିଶିପାରିବେ ନାହିଁ। ସେମାନଙ୍କୁ ରୁମ୍ ଆଲର୍ଟ ହୋଇସାରିଛି। ସେମାନେ ହଷ୍ଟେଲ ନିକଟରେ ଥିବା ପୁରୁଣା ଜିମ୍ ବ୍ୟବହାର କରିପାରିବେ ବୋଲି ସୂତ୍ରରୁ କୁହାଯାଇଛି। ଦକ୍ଷିଣ ଆଫ୍ରିକାରୁ ଫେରିଥିବା ଶିବମାଲ ଓ ବିପିନ ଛୁଟି ନେଇ ଘରକୁ ଫେରିଛନ୍ତି। ବିଦେଶରୁ ଫେରିଥିବା ପ୍ରତ୍ୟେକ ଆଥ୍‌ଲେଟଙ୍କ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସ୍କ୍ରିନଡ କରାଯାଇଥିଲା। ସେଠାରେ କୌଣସି ଲକ୍ଷଣ ନ ଥିବା ଜଣାପଡ଼ିଥିଲା। ମାତ୍ର ଏନ୍‌ଆଇଏସ୍‌ରେ ପହଞ୍ଚିବା ପରେ ସାଇ ୧୪ ଦିନ ସେଲ୍‌ଫ ଆଇସୋଲେଶନରେ ରହିବାକୁ ନିର୍ଦ୍ଦେଶ ଦେଇଥିଲା।



## ଲେକର୍ସ ଖେଳାଳି କୋଭିଡ୍-୧୯ରେ ପୀଡ଼ିତ

ଲସ୍ ଏଞ୍ଜେଲ୍ସ, ୨୦।୩

ବହୁବାର ଏନ୍‌ବିଏ ଚାମ୍ପିୟନ ଲସ ଏଞ୍ଜେଲ୍ସ ଲେକର୍ସ ଦଳର ଦୁଇ ଜଣ ଖେଳାଳି ମାରାତ୍ମକ କୋଭିଡ୍-୧୯ରେ ପୀଡ଼ିତ। ସେମାନଙ୍କୁ ଡାକ୍ତରଙ୍କ ତତ୍ତ୍ୱାବଧାନରେ କ୍ୱାରାଣ୍ଟାଇନରେ ରଖାଯାଇଥିବା ବାସ୍କେଟବଲ ଦଳ ପକ୍ଷରୁ କୁହାଯାଇଛି। କିନ୍ତୁ ଫ୍ରାଞ୍ଚାଇଜ ପକ୍ଷରୁ ଦୁଇ ଖେଳାଳିଙ୍କ ପରିଚୟ ଦିଆଯାଇ ନାହିଁ। ମାତ୍ର ସେମାନଙ୍କ ଟେଷ୍ଟ ଦଳର ଅନ୍ୟ ଖେଳାଳିଙ୍କ ସହ କରାଯାଇଥିଲା। ମାର୍ଚ୍ଚ ୧୦ ତାରିଖରେ ବ୍ରୁକଲିନ ନେଟ୍ସ ଦଳ ବିପକ୍ଷ ମ୍ୟାଚ୍ ପରେ ଟେଷ୍ଟ କରାଯାଇଥିଲା। ନେଟ୍ସ ଦଳର ୪ ଖେଳାଳିଙ୍କ ରିପୋର୍ଟ ପଜିଟିଭ ଆସିଛି। ଲେକର୍ସ ଦଳର ଦୁଇ ଖେଳାଳିଙ୍କ ରିପୋର୍ଟ ପଜିଟିଭ ଆସିଛି। ସେମାନଙ୍କ ନିକଟରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥିଲା। ଏଣୁ ଅନ୍ୟଙ୍କଠାରୁ ସେମାନଙ୍କୁ ଏହି ମାରାତ୍ମକ ଭାଇରସ ବ୍ୟାପିଛି। ଦଳୀୟ ଡାକ୍ତରଙ୍କ ପରାମର୍ଶରେ ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି ବୋଲି ଲେକର୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ବାଲା ଦେବୀଙ୍କ ସ୍କଟ୍‌ଲାଣ୍ଡ ରହଣି ବଢ଼ିଲା

ନୂଆଦିଲ୍ଲୀ, ୨୦।୩ (ପି.ଟି.)

କରୋନା ଭାଇରସ ବା କୋଭିଡ-୧୯ ପ୍ରତିବନ୍ଧ ପାଇଁ ଭାରତୀୟ ମହିଳା ଫୁଟବଲ ତାରକା ଏନ୍ ବାଲା ଦେବୀଙ୍କ ସ୍କଟଲାଣ୍ଡ ରହିଣିରେ ବୃଦ୍ଧି ଘଟିଛି। ପ୍ରଥମ ଭାରତୀୟ ଭାବେ ସେ ସ୍କଟିଶ ମହିଳା ପ୍ରିମିୟର ଲିଗ୍ କ୍ଲବ ରେଞ୍ଜର୍ସ ସହ ଚୁକ୍ତି କରିଥିଲେ। କରୋନା ଭାଇରସ ପାଇଁ ଲାଗୁ ହୋଇଥିବା ପ୍ରତିବନ୍ଧ ଲାଗି ସେ ନିଜ କ୍ଲବ ସହ ଅଧିକ ଦିନ ରହିବାକୁ ବାଧ୍ୟ ହୋଇଛନ୍ତି। ଇତିମଧ୍ୟରେ ଭାରତ ସରକାର ମଧ୍ୟ ମାର୍ଚ୍ଚ ୨୨ରୁ ୩୧ ତାରିଖ ମଧ୍ୟରେ ବିଦେଶରୁ ସବୁ ପ୍ରକାର ଫ୍ଲାଇଟ୍‌କୁ ବନ୍ଦ କରିଛନ୍ତି। ଫଳରେ ସ୍ୱଦେଶ ଫେରିବାରେ ତାଙ୍କର ବିଳମ୍ବ ହେବା ନିଶ୍ଚିତ ହୋଇଛି। ଲିଗ୍‌କୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଫଳରେ ଏବେ କୌଣସି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ନାହିଁ। ସେ ଏବେ ଚାହିଁଲେ ବି ଘରକୁ ଆସିପାରିବେ ନାହିଁ। ଏବେ ସେ ସେଠାରେ ରହି ଟ୍ରେନିଂ ଜାରି ରଖିବେ। ଲିଗ ଆରମ୍ଭ ହେଲେ ସେ ସେଠାରେ ରହି ଖେଳିବେ। ଉଲ୍ଲେଖଥାଉ କି, ବାଲା ଦେବୀଙ୍କ ନେତୃତ୍ୱରେ ଭାରତ ସାଉଥ ଏସିଆନ ଗେମ୍ସରେ ଗତବର୍ଷ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏହି ଟୁର୍ନାମେଣ୍ଟରେ ସେ ୫ଟି ମ୍ୟାଚ୍ ଖେଳି ୧୬ଟି ଗୋଲ ସ୍କୋର କରିଥିଲେ।

**କୋଭିଡ-୧୯ ପ୍ରତିବନ୍ଧକ**



# ଆଉ ୫ ଟୁର୍ନାମେଣ୍ଟକୁ ବାତିଲ କଲା ବିଡବ୍ଲ୍ୟୁଏଫ୍

ନୂଆଦିଲ୍ଲୀ,୨୦।୩ (ପି.ଟି.)

କୋଭିଡ- ୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଆଉ ୫ଟି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ଏଥିରେ ୩ଟି ଅନ୍ତଃ ମହାଦେଶୀୟ ଟୁର୍ନାମେଣ୍ଟ ସାମିଲ ରହିଛି। ଏହି ଟୁର୍ନାମେଣ୍ଟଗୁଡିକ ମଧ୍ୟ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ପାଇଁ ଗୁରୁତ୍ୱ ବହନ କରୁଛି। ଏହାପୂର୍ବରୁ ଏପ୍ରିଲ ୧୨ ପର୍ଯ୍ୟନ୍ତ ସବୁ ଟୁର୍ନାମେଣ୍ଟକୁ ସ୍ଥଗିତ ରଖିଥିଲା। ତେବେ ଗୋଟିଏ ସପ୍ତାହ ପରେ ଆଉ ୫ ଟୁର୍ନାମେଣ୍ଟକୁ ବାତିଲ କରାଯାଇଥିବା ବିଡବ୍ଲ୍ୟୁଏଫ୍ ତରଫରୁ କୁହାଯାଇଛି।

ବାତିଲ ହୋଇଥିବା ଟୁର୍ନାମେଣ୍ଟଗୁଡିକ ହେଲା କ୍ରୋଏସିଆନ ଇଣ୍ଟରନ୍ୟାଶନାଲ (ଏପ୍ରିଲ ୧୬-୧୯), ପେରୁ ଇଣ୍ଟରନ୍ୟାଶନାଲ ୨୦୨୦ (ଏପ୍ରିଲ ୧୬-୧୯), ୟୁରୋପିଆନ ଚାମ୍ପିୟନଶିପ୍ (ଏପ୍ରିଲ ୨୧-୨୬), ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପ (ଏପ୍ରିଲ ୨୧- ୨୬) ଓ ପାନ ଆମ୍ ଇଣ୍ଡିଭିଜୁଆଲ ଚାମ୍ପିୟନଶିପ୍ ୨୦୨୦ (ଏପ୍ରିଲ ୨୩-୨୬)।

କରୋନା ଭାଇରସ ସାରା ବିଶ୍ୱରେ ମହାମାରୀ ରୂପ ନେଇଥିବା ବେଳେ କଣ୍ଟିନେଣ୍ଟାଲ କନ୍‌ଫେଡେରେଶନ ଓ ଆୟୋଜକ ଆସୋସିଏଶନ ସହ ପରାମର୍ଶ କରି ଟୁର୍ନାମେଣ୍ଟଗୁଡିକୁ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ବିଡବ୍ଲ୍ୟୁଏଫ୍ ତରଫରୁ କୁହାଯାଇଛି। ୟୁରୋପିଆନ ଚାମ୍ପିୟନଶିପ୍ ୟୁକ୍ରେନରେ ଓ ଏସିଆ ଇଭେଣ୍ଟ ଫିଲିପାଇନ୍ସରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ଏସିଆନ ଚାମ୍ପିୟନଶିପ୍‌ରେ ଭାରତର ପି.ଭି. ସିନ୍ଧୁ, ସାଇନା ନେହ୍ୱାଲ, ବି. ସାଇ ପ୍ରଣୀଥ ଓ କିଡାମ୍ବି ଶ୍ରୀକାନ୍ତ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ଥିଲା। ଏହି ୫ ଟୁର୍ନାମେଣ୍ଟ ଟୋକିଓ ଅଲିମ୍ପିକ୍ସ କ୍ୱାଲିଫାଇଙ୍ଗ ପିରିୟଡ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ବର୍ତ୍ତମାନ ଏହି ଟୁର୍ନାମେଣ୍ଟଗୁଡିକ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ଦୃଷ୍ଟିକୋଣରୁ ଏବେ କୌଣସି ଗୁରୁତ୍ୱ ବହନ କରୁନାହିଁ। ଅଲିମ୍ପିକ୍ କ୍ୱାଲିଫିକେଶନ ସଂକ୍ରାନ୍ତରେ ବିଡବ୍ଲ୍ୟୁଏଫ୍ ପରେ କୌଣସି ଘୋଷଣା କରିବ ବୋଲି ଆଶା କରାଯାଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୧/୨୦୨୦ Bhubaneswar, Saturday, March 21/2020

# କାର୍ଯ୍ୟକାଳ ସରିବା ପୂର୍ବରୁ ବଦଳିଲେ କୁଳସଚିବ

**ରେଭେନ୍ସା ବିଶ୍ୱବିଦ୍ୟାଳୟ**
- ବିରୋଧ କରୁଥିଲେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ
- କାମଚଳା ଦାୟିତ୍ୱରେ ସିଓଏଫ୍

**କଟକ ଅଫିସ,୨୦।୩**

ରେଭେନ୍ସା ବିଶ୍ୱବିଦ୍ୟାଳୟରେ କୁଳସଚିବ ଭାବେ କାର୍ଯ୍ୟ କରୁଥିବା ଅଶୋକ କୁମାର ଦାଶଙ୍କୁ ରାଜ୍ୟ ସରକାରଙ୍କ ଜେନେରାଲ ଆଡମିନିଷ୍ଟ୍ରେଶନ ଆଣ୍ଡ ପର୍ସନାଲ ଗ୍ରିଭାନ୍ସ ବିଭାଗକୁ ବଦଳି କରାଯାଇଛି। ଏ ନେଇ ଶୁକ୍ରବାର କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ନୋଟିସ ଜାରି ହୋଇଛି। ବିଶ୍ୱବିଦ୍ୟାଳୟର କମ୍ପ୍ଟ୍ରୋଲର ଅଫ ଫାଇନାନ୍ସ(ସିଓଏଫ୍) ଶୁଭେନ୍ଦୁ ସୁବର୍ଣ୍ଣେଶ୍ୱର ରଏ ଏବେ ଅସ୍ଥାୟୀ ଭାବେ କୁଳସଚିବ ଦାୟିତ୍ୱ ତୁଲାଇବେ। ତେବେ ଅଶୋକଙ୍କ ଅଚାନକ ବଦଳିକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶ୍ୱବିଦ୍ୟାଳୟର କେତେଜଣ ବରିଷ୍ଠ ପଦାଧିକାରୀଙ୍କ ସହିତ ଅଶୋକଙ୍କ ମନୋମାଳିନ୍ୟ ଓ କାର୍ଯ୍ୟ କରିବାର ତରିକା ଖାପ ଖାଉ ନ ଥିବାରୁ ତାଙ୍କ ନାମରେ କୁଳାଧିପତିଙ୍କ ନିକଟକୁ କିଛିଦିନ ତଳେ ଚିଠି ଲେଖାଯାଇଥିଲା। ଏହାର ପରିଣାମ ସ୍ୱରୂପ ଅଶୋକଙ୍କୁ ବଦଳି ନିର୍ଦ୍ଦେଶ ମିଳିଥିବା ଆଲୋଚନା ହେଉଛି। ଏହା ପୂର୍ବରୁ କୁଳସଚିବ ଦାୟିତ୍ୱରେ ଥିବା ମହେଶ୍ୱର ଅଗସ୍ତିଙ୍କୁ ମଧ୍ୟ ଅଚାନକ ବଦଳି ଆଦେଶ ମିଳିଥିଲା। ଏହି ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ କାର୍ଯ୍ୟକାଳ ଅବଧି ୩ ବର୍ଷ ରହିଛି। କାର୍ଯ୍ୟକାଳ ପୂରଣ ହେବା ପୂର୍ବରୁ ଦୁଇ ଦୁଇ ଜଣ କୁଳସଚିବ ବଦଳି ହୋଇ ସାରିଲେଣି। ଏହା ପଛରେ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ବିରୋଧ ହିଁ ମୁଖ୍ୟ କାରଣ ବୋଲି କୁହାଯାଉଛି। ବିଶ୍ୱବିଦ୍ୟାଳୟର କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ସହ କୁଳସଚିବଙ୍କ କାର୍ଯ୍ୟଧାରା ଖାପ ଖାଉ ନ ଥିବାରୁ ଏଭଳି ଘଟଣା ପୁନରାବୃତ୍ତି ହେଉଛି ବୋଲି ବିଶ୍ୱବିଦ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି।

୨୦୧୮ ନଭେମ୍ବର ୧ ତାରିଖରେ ବିଶ୍ୱବିଦ୍ୟାଳୟର କୁଳସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଅଶୋକ କୁମାର ଦାଶ। ରାଜ୍ୟର ଜଣେ ବରିଷ୍ଠ ପ୍ରଶାସକ ଭାବେ ଅଶୋକଙ୍କ ଖ୍ୟାତି ଥିଲା। କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇରେ ଅତିରିକ୍ତ ତହସିଲଦାର, ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ସମ୍ପାଦକ, ଖୋର୍ଦ୍ଧା ଉପଜିଲାପାଳ, ରାଜ୍ୟ ନିର୍ବାଚନ ଆୟୋଗର ସ୍ୱତନ୍ତ୍ର ସଚିବ ଭାବେ ଅଶୋକ ପୂର୍ବରୁ କାର୍ଯ୍ୟ କରିଥିଲେ। ସେ ରେଭେନ୍ସା ଶିକ୍ଷାନୁଷ୍ଠାନର ଜଣେ ପୂର୍ବତନ ଛାତ୍ର ହୋଇଥିବାରୁ ଏଠାରେ ଅନେକ ବିକାଶମୂଳକ କାର୍ଯ୍ୟ କରିବେ ବୋଲି ଦାୟିତ୍ୱ ଗ୍ରହଣ ସମୟରେ କହିଥିଲେ। ହେଲେ ଦାୟିତ୍ୱ ଗ୍ରହଣ ପରେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ବିରୋଧୀ ପାଲଟି ଯାଇଥିଲେ। ଅଶୋକଙ୍କ ନିଷ୍ପତ୍ତିକୁ ବିଭିନ୍ନ ସମୟରେ ବିରୋଧ କରାଯାଉଥିଲା। ବିଶ୍ୱବିଦ୍ୟାଳୟର ଅନେକ ଗୁରୁତ୍ୱପୂର୍ଣ୍ଣ ବୈଠକରେ କୁଳସଚିବଙ୍କ ଅନୁପସ୍ଥିତି ବଦଳିର ପୂର୍ବାଭାସ ବୋଲି ଜଣାପଡୁଥିଲା। ଏ ସମ୍ପର୍କରେ ଅଶୋକ କୁହନ୍ତି, ମୋ ନାଁରେ ଯେଉଁ ଅଭିଯୋଗ ହୋଇଛି ତାହା କେବଳ ପିଲାଳିଆମି। ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ପଦକ୍ଷେପ ନିଆଯାଉ। ମୁଁ ମଧ୍ୟ ଏଠାରୁ ବିରତି ଚାହୁଁଥିଲି ବୋଲି ଅଶୋକ କହିଛନ୍ତି। କୁଳପତି ପ୍ରଫେସର ଇଶାନ କୁମାର ପାତ୍ରଙ୍କୁ ଏ ସମ୍ପର୍କରେ ପଚାରିବାରୁ କେବଳ ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇଛି ବୋଲି କହିଥିଲେ।

## ବାରବାଟୀ ଷ୍ଟାଡିୟମରେ ହେବ ଆଇସୋଲେଶନ ୱାର୍ଡ

**୨୦୦ ଶଯ୍ୟା ପାଇଁ ପ୍ରସ୍ତୁତି**

**କଟକ ଅଫିସ,୨୦।୩:** କଟକ ବାରବାଟୀ ଷ୍ଟାଡିୟମକୁ କରୋନା ମୁକାବିଲା ପାଇଁ ପ୍ରସ୍ତୁତ କରାଯାଉଛି। ଏ ନେଇ ଜିଲା ପ୍ରଶାସନ ଓ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କରୋନା ଭୂତାଣୁ ଭୟାବହତାକୁ ଦୃଷ୍ଟିରେ ରଖି ଏବେଠାରୁ ଏଭଳି ପଦକ୍ଷେପ ନିଆଯାଉଛି। ବାରବାଟୀ ଷ୍ଟାଡିୟମର କର୍ପୋରେଟ ବକ୍ସ, ସଚିନ ତେନ୍ଦୁଲକର ଇନ୍‌ଡୋର ହଲ୍, ଏସି ବକ୍ସ ଆଦି ସ୍ଥାନକୁ ଆଇସୋଲେଶନ ୱାର୍ଡରେ ପରିଣତ କରାଯିବ। ଏଠାରେ ପ୍ରାୟ ୨୦୦ ଶଯ୍ୟା ପ୍ରସ୍ତୁତ କରାଯିବ। ଏ ନେଇ ଆମେ ପ୍ରସ୍ତୁତ ଅଛୁ ବୋଲି ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ(ଇନ୍‌ଚାର୍ଜ) ଅଭିଜିତ ପାଲ କହିଛନ୍ତି।




ବାଲୁକା ଶିଳ୍ପୀ ମାନସ କୁମାର ସାହୁଙ୍କ ସ୍ୟାଣ୍ଡ ଆନିମେଶନ।

## ସ୍ୟାଣ୍ଡ ଆନିମେଶନରେ ନିର୍ଭୟା ଦୋଷୀଙ୍କ ଫାଶୀ

**ପୁରୀ ଅଫିସ,୨୦।୩**

ଶେଷରେ ଫାଶୀଖୁଣ୍ଟରେ ଝୁଲିଛନ୍ତି ନିର୍ଭୟା ଦୋଷୀ। ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀ ମୁକେଶ ସିଂ, ଅକ୍ଷୟ ସିଂ, ବିନୟ ଶର୍ମା ଓ ପବନ ଗୁପ୍ତାଙ୍କୁ ଶୁକ୍ରବାର ସକାଳ ସାଢେ ୫ଟାରେ ଫାଶୀ ଦିଆଯାଇଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ତେବେ ଏହିଦିନକୁ ସ୍ୟାଣ୍ଡ ଆନିମେଶନ ଜରିଆରେ ନିର୍ଭୟା ଦିବସ ଭାବେ ଅଭିହିତ କରିଛନ୍ତି ବାଲୁକା ଶିଳ୍ପୀ ମାନସ କୁମାର ସାହୁ। ସେ ତାଙ୍କ ସ୍ୟାଣ୍ଡ ଆନିମେଶନରେ ୪ ଦୋଷୀଙ୍କୁ ଫାଶୀ ଖୁଣ୍ଟରେ ଝୁଲୁଥିବା ଦୃଶ୍ୟ ଦେଖାଇଛନ୍ତି। ମଝିରେ ନିର୍ଭୟାଙ୍କ ଚିତ୍ର ରହିଥିବାବେଳେ ଉଭୟ ପାର୍ଶ୍ୱରେ ୨ଜଣ ଲେଖାଏ ଦୋଷୀ ଫାଶୀ ଖୁଣ୍ଟରେ ଝୁଲୁଥିବା ଦର୍ଶାଯାଇଛି। ଏ ସମ୍ପର୍କରେ ମାନସ କହିଛନ୍ତି, ଆଜି ଏକ ଐତିହାସିକ ଦିନ। ଚାରି ଦୋଷୀଙ୍କୁ ଫାଶୀ ଦିଆଯାଇ ନିର୍ଭୟାଙ୍କୁ ନ୍ୟାୟ ମିଳିଛି। ଏବେ ସ୍ୱର୍ଗରେ ଥାଇ ତାଙ୍କ ଆତ୍ମା ନିଶ୍ଚିତ ଖୁସି ହେଉଥିବ। ଏହା ଉପରେ ଏକ ସ୍ୟାଣ୍ଡ ଆନିମେଶନ କରାଯାଇଛି। ଏହାକୁ ପ୍ରସ୍ତୁତ କରିବାକୁ ପ୍ରାୟ ୧ ଘଣ୍ଟା ସମୟ ଲାଗିଥିଲା ବୋଲି ମାନସ ପ୍ରକାଶ କରିଛନ୍ତି।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# କରୋନା ଭୟ:ସବୁ ଧାର୍ମିକସ୍ଥଳୀ ବନ୍ଦ

**କଟକ ଅଫିସ,୨୦।୩**

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷକରି ଧାର୍ମିକସ୍ଥଳୀଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ ରହୁଥିବା ଯୋଗୁ ସେଠାରେ କରୋନା ଭୂତାଣୁ ସଂକ୍ରମଣ ବ୍ୟାପିବା ଆଶଙ୍କା ଅଧିକ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟର ସମସ୍ତ ଧାର୍ମିକସ୍ଥଳୀକୁ କିଛିଦିନ ପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ରମରେ କଟକ ମହାନଗର ନିଗମ ପକ୍ଷରୁ ଗୁରୁବାର ସହରର ସବୁ ଧାର୍ମିକସ୍ଥଳୀ ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରି ହୋଇଥିଲା। ଏହି ନିର୍ଦ୍ଦେଶ ମୁତାବକ ଶୁକ୍ରବାର କଟକର ସମସ୍ତ





କରୋନା କଟକଣା ପରେ କଟକ ଖାନନଗର ପଞ୍ଚମୁଖୀ ହନୁମାନ ମନ୍ଦିର ଏବଂ କିଲାଖାଇ ପରିସରରେ ଥିବା ମସଜିଦ ବନ୍ଦ ରହିଛି।

ମନ୍ଦିର, ମସ୍‌ଜିଦ୍‌, ଗୀର୍ଜା, ଗୁରୁଦ୍ୱାର ବନ୍ଦ ରହିଛି।

ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ଓଡ଼ିଶା କୋଭିଡ୍‌-୧୯ ରେଗୁଲେଶନ-୨୦୨୦ ଅନୁଯାୟୀ, କଟକ ମହାନଗର ନିଗମ (ସିଏମ୍‌ସି) କମିଶନରଙ୍କୁ ଆବଶ୍ୟକ ସମସ୍ତ ପଦକ୍ଷେପ ନେବା ପାଇଁ ଅଧିକାର ପ୍ରଦାନ କରାଯାଇଛି। ସଂକ୍ରମଣ ଯେମିତି ନ ବ୍ୟାପେ ସେଥିପାଇଁ ଓଡ଼ିଶା ମହାନଗର ନିଗମ ଆଇନ-୨୦୦୩ରେ ସିଏମ୍‌ସି କମିଶନର୍‌ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। କମିଶନରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି, ଧାର୍ମିକସ୍ଥଳଗୁଡିକରେ ପ୍ରବଳ ଜନସମାଗମ ହେଉଥିବାରୁ ଭୂତାଣୁ ସଂକ୍ରମଣ ହେବା ସମ୍ଭାବନା ରହିଛି। ସଂକ୍ରମଣ ନ ବ୍ୟାପିବା ପାଇଁ ରାଜ୍ୟ ସରକାର ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଉଛନ୍ତି। ଏଣୁ ଧାର୍ମିକସ୍ଥଳୀଗୁଡିକରେ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ମାର୍ଚ୍ଚ ୨୦ରୁ ଏପ୍ରିଲ୍‌ ୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। କିନ୍ତୁ ଧର୍ମୀୟ ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯିବ। ଏଥିସହ ସିଏମ୍‌ସି ତରଫରୁ ଜାରି ଏସ୍‌ଓପିକୁ ସମସ୍ତେ ପାଳନ କରିବା ପାଇଁ କମିଶନର୍‌ ଅନନ୍ୟା ଦାସଙ୍କ ତରଫରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଏହାର ଏକ ନକଲ ମହାନଗର ଅନ୍ତର୍ଗତ ସମସ୍ତ ଥାନାର ଆଇଆଇସି, କଟକ ସଦର ଏବଂ ଟାଙ୍ଗୀ ଚୌଦ୍ୱାର ତହସିଲଦାର୍‌, କଟକ ସଦର ଉପଜିଲାପାଳ, କଟକ ଡିସିପି, ଜିଲାପାଳ ଏବଂ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ପାଖକୁ ପଠାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାତ ନ ଅଣ୍ଟେ ଗୁଡ଼ା ଲୁଣକୁ**
**ଘଇତା ପାଇଛି କୋଉ ଗୁଣକୁ ।**

ଘରର ମୁଖ୍ୟ ବୋଲାଉଥିବା ଗୃହସ୍ୱାମୀ ଉପରେ ପରିବାରର ଭରଣପୋଷଣ ଦାୟିତ୍ୱ ନ୍ୟସ୍ତ ଥାଏ। ଯେତେବେଳେ ଘରର ମୁଖ୍ୟ ଅଯୋଗ୍ୟ ଓ ଅପାରଗ ହୋଇଯାଏ ସେତେବେଳେ ଘରର ଆର୍ଥିକ ସ୍ଥିତି ବିଗିଡ଼ିଯିବାକୁ ବେଶି ଡେରି ଲାଗି ନ ଥାଏ। ସାଧାରଣତଃ ସ୍ୱାମୀ ଉପରେ ସ୍ତ୍ରୀ ନିର୍ଭରଶୀଳ। ସ୍ୱାମୀ ତା'ର ବଳ ଓ ସାହାଭରସା। ପରନ୍ତୁ ସ୍ୱାମୀ ଯଦି ଅଯୋଗ୍ୟ ହୁଏ ତା'ହେଲେ ସ୍ତ୍ରୀର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଏ। ସ୍ତ୍ରୀକୁ ପୋଷି ପାରୁ ନ ଥିବା ବ୍ୟକ୍ତି ସ୍ୱାମୀପଣକୁ ଯୋଗ୍ୟ ହେଉ ନ ଥିବା ସ୍ଥଳେ ଭରଣପୋଷଣ କରି ପାରୁ ନ ଥିବା ଅପାରଗ ସ୍ୱାମୀ ପ୍ରତି ଏଭଳି କ୍ଷଭୋକ୍ତି ପ୍ରକାଶ କରାଯାଇଛି।

**ଭେଲ ମିଶା ସୁନା ବାରିବ ଯେ**
**ବଣିଆଙ୍କ ଭେଦ ପାଇବ ସେ ।**

ସୁନାରି ବଣିଆ ଅଳଙ୍କାର ଗଢ଼ିଥାନ୍ତି। ଅଳଙ୍କାର ଗଢ଼ିବା ସମୟରେ ସୁନାରେ କିଛି ପରିମାଣର ଖାଦ ମିଶାଇଥାନ୍ତି। ଯାହାର ଭେଦ ବା ଟେର୍‌ ପାଇବା ସାଧାରଣ ଲୋକଙ୍କ ପକ୍ଷେ ଅତୀବ କଷ୍ଟକର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍‌ ପବ୍ଲିଶର୍ସ

## ସଂକ୍ଷେପରେ

### ଗଡ଼ିଲା ସିଏମ୍‌ସିର ସଚେତନତା ରଥ

**କଟକ ଅଫିସ,୨୦।୩:** କରୋନା ଭୂତାଣୁ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମ ତରଫରୁ ଏକ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଏହି ରଥ ମହାନଗର ନିଗମ ଅଞ୍ଚଳରେ ବୁଲି ଲୋକଙ୍କୁ କରୋନା ଭୁତାଣୁ ସମ୍ପର୍କରେ ସଚେତନ କରିବ। ଘରେ ସୁରକ୍ଷିତ ରହିବା, ଜନସମାବେଶଠାରୁ ଦୂରରେ ରହିବା, ଜ୍ୱର, କାଶ ଏବଂ ଫ୍ଲୁ ଭଳି ଲକ୍ଷଣ ଥିଲେ ଘରେ ଅଲଗା ରହିବା, ୧୦୪କୁ କଲ୍‌ କରି ବିଦେଶ ଗସ୍ତ ସମ୍ପର୍କରେ ତଥ୍ୟ ଦେବା ଏବଂ ହାତ ନ ମିଳାଇ ନମସ୍କାର କରିବା ପାଇଁ ଲୋକମାନଙ୍କୁ ଏହି ରଥ ଜରିଆରେ ସଚେତନ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

### ୩୩ କେଭି ଫିଡର ତାରଟଣା ବନ୍ଦ

**କଟକ ସଦର,୨୦।୩(ଡି.ଏନ୍‌.ଏ.):** କଟକ ସଦର ଓ ଜଗତ୍‌ସିଂହପୁର ଜିଲାର ବିଦ୍ୟୁତ୍‌ ବ୍ୟବସ୍ଥାକୁ ତ୍ରୁଟିମୁକ୍ତ କରିବା ପାଇଁ କନ୍ଦରପୁର-ଏନ୍‌ଆର୍‌ଆର୍‌ଆଇ ସବଷ୍ଟେଶନ ମାଧ୍ୟମରେ ୩୩କେଭି ଫିଡର ତାରଟଣା ଯାଉଥିଲା। ଏହି କାର୍ଯ୍ୟ ଫକୀରପଡ଼ାରୁ ଆରମ୍ଭ ହୋଇ ନାହାଭଙ୍ଗା ପର୍ଯ୍ୟନ୍ତ ହେଉଥିଲା। ଜାତୀୟ ରାଜପଥ ପ୍ରାଧିକରଣ ଏହା ଉପରେ ଆପତ୍ତି ଉଠାଇବା ପରେ ରବିବାରଠାରୁ କାର୍ଯ୍ୟ ବନ୍ଦ ହୋଇଯାଇଛି। ୬ କି.ମି. ଲମ୍ବ ନୂତନ ଫିଡରରେ ବିଦ୍ୟୁତ୍‌ ସଞ୍ଚାର କରାଯାଇଥିଲେ ମଧ କନ୍ଦରପୁର ସମେତ କିଶନନଗର, ରଘୁନାଥପୁର, ବିରିଡି ସେକ୍ସନ ଅଞ୍ଚଳର ଉପଭୋକ୍ତାମାନେ ନିରବଚ୍ଛିନ୍ନ ବିଦ୍ୟୁତ୍‌ ଶକ୍ତି ପାଇଥାନ୍ତେ। ଏହି କାର୍ଯ୍ୟ ମାର୍ଚ୍ଚ ଶେଷ ସୁଦ୍ଧା ସାରିବା ପାଇଁ ସେସୁ କର୍ତ୍ତୃପକ୍ଷ ସମୟ ଧାର୍ଯ୍ୟ କରିଥିଲେ। ଫକୀରପଡ଼ାରୁ ବିରିବାଟୀ ପର୍ଯ୍ୟନ୍ତ ଲାଇନ କଟକ-ପାରାଦୀପ ରାସ୍ତାର ଉତ୍ତର ପାର୍ଶ୍ୱ ଓ ବିରିବାଟୀରୁ ଏନଆରଆରଆଇ ପର୍ଯ୍ୟନ୍ତ ଦକ୍ଷିଣ ପାର୍ଶ୍ୱରେ ଟଣା ଯାଇଥାନ୍ତା। କିନ୍ତୁ ଏନ୍‌ଏଚ୍‌ ୫୫ ସମ୍ପ୍ରସାରଣ ହେଉଥିବାରୁ କାର୍ଯ୍ୟକୁ ଉଚ୍ଚ କର୍ତ୍ତୃପକ୍ଷ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବନ୍ଦ ରଖିଥିବା ସେସୁର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ବର୍ତ୍ତମାନ ପୋପରଡା ଗ୍ରୀଡରୁ ୩୩କେଭି ଲାଇନ ଜଙ୍ଗଲ, କାଠଯୋଡି ନଦୀରେ ଆସିଥିବାରୁ ବିଦ୍ୟୁତ୍‌ ସରାବରହ ଅଧିକାଂଶ ସମୟରେ ବନ୍ଦ ରହୁଥିବା ଜଣାପଡ଼ିଛି।

### ଚିତ୍ରଶିଳ୍ପୀଙ୍କ ପରଲୋକ

**ଚୌଦ୍ୱାର, ୨୦।୩ (ଡି.ଏନ୍‌.ଏ.):** ଚୌଦ୍ୱାର ପୌରପାଳିକା ୧୭ନଂ.ୱାର୍ଡ କପାଳେଶ୍ୱର ନୂଆସାହିରେ ରହୁଥିବା ଚିତ୍ରଶିଳ୍ପୀ ନବ କିଶୋର ଦାସଙ୍କ ଶୁକ୍ରବାର ପୂର୍ବାହ୍ନରେ ପରଲୋକ ଘଟିଛି। ତାଙ୍କୁ ୫୬ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଉଚ୍ଚକୋଟୀର ଚିତ୍ରଶିଳ୍ପୀ ଭାବେ ଖ୍ୟାତି ଅର୍ଜନ କରିଥିଲେ। କିଛିଦିନ ହେବ ସେ ମଧୁମେହ ରୋଗରେ ପୀଡ଼ିତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସ୍ଥାନୀୟ ନୂଆସାହିସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଚିତ୍ରଶିଳ୍ପୀଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ୱାର୍ଡବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

## କାଠ କୋଇଲା ସହ ପିକ୍‌ଅପ୍‌ ଭ୍ୟାନ ଜବତ

**ଚୌଦ୍ୱାର,୨୦।୩(ଡି.ଏନ୍‌.ଏ.)**

ଚୌଦ୍ୱାର ବନବିଭାଗ ଗୁରୁବାର ବିଳମ୍ବିତ ରାତିରେ ଚଢାଉ କରି ୪୦ବସ୍ତା ଚୋରା କାଠ କୋଇଲା ସହିତ ପିକ୍‌ଅପ୍‌ ଭ୍ୟାନ ଜବତ କରିଛି। ଜବତ କାଠ କୋଇଲାର ମୂଲ୍ୟ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନପାଳ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି। ସୂଚନା ଅନୁଯାୟୀ, ଖୁଣ୍ଟୁଣୀ ବନାଞ୍ଚଳରୁ ଦୈନିକ ବିଳମ୍ବିତ ରାତିରେ ବିଭିନ୍ନ ଗାଡି ଯୋଗେ କାଠ କୋଇଲା କଟକ ଓ ଭୁବନେଶ୍ୱର ଅଞ୍ଚଳକୁ ବିକ୍ରି ପାଇଁ ଚାଲାଣ ହେଉଥିବା ଡିଏଫ୍‌ଓ ସୁଦର୍ଶନ ପାତ୍ର ଖବର ପାଇଥିଲେ। ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ରାତି ୩ଟାରେ ୫୫ନଂ. ଜାତୀୟ ରାଜପଥ କଜଳକଣା ନିକଟରେ ଏସିଏଫ୍‌ ଶରତ ସାହୁ, ଅଭିରାମ ଜେନା ଓ ବନପାଳ ଫରେଷ୍ଟ ଗାର୍ଡଙ୍କ ସହିତ ଉକ୍ତ ରାସ୍ତାରେ ଜଗି ରହିଥିଲେ। ବନ କର୍ମଚାରଙ୍କୁ ଦେଖି ପିକ୍‌ଅପ୍‌ ଭ୍ୟାନ ଡ୍ରାଇଭର ଓ ବେପାରୀ ଗାଡିକୁ ରାସ୍ତାରେ ଛିଡା କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଗାଡି ସହିତ କାଠ କୋଇଲାକୁ ଚୌଦ୍ୱାର କାର୍ଯ୍ୟାଳୟରେ ରଖାଯାଇ ଘଟଣାର ତଦନ୍ତ ଜାରି ରହିଛି।

## ବିଶ୍ୱ ଘରଚଟିଆ ଦିବସ ପାଳିତ

**କଟକ ଅଫିସ,୨୦।୩**

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) କାର୍ଯ୍ୟାଳୟଠାରେ ବିଶ୍ୱ ଘରଚଟିଆ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଘରଚଟିଆ ପକ୍ଷୀମାନଙ୍କ ସୁରକ୍ଷା ଓ ବଂଶ ବୃଦ୍ଧି ପାଇଁ କର୍ମଚାରୀମାନେ ସମୂହ ଦୀପଦାନ କରିଥିଲେ। ଏହି ଅବସରରେ ସିଡିଏର ଉପବିତ୍‌ ଅଧିକାରୀ ସୀମନ୍ତ ସେନାନାୟକଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପରିବେଶବିତ୍‌ ପିତାମ୍ବର ରାଉତ, କର୍ମଚାରୀ ନେତା ଅଜୟ ରାଉତ, ବିଜୟ ପାତ୍ର, ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କରୋନା ମୁକାବିଲାରେ ସରକାର ବିଫଳ

**କଟକ ଅଫିସ୍‌,୨୦।୩**

କରୋନା ମୁକାବିଲାରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ନାଗରିକ ଜୀବନ ରକ୍ଷା ଦିଗକୁ ଗୌଣ କରି ଆତ୍ମପ୍ରଚାର ଓ ଆତଙ୍କ ସୃଷ୍ଟିରେ ଲିପ୍ତ ଅଛନ୍ତି। ଚିକିତ୍ସା ବିଜ୍ଞାନୀ ଓ ରୋଗ ପ୍ରତିଷେଧକ ବିଶେଷଜ୍ଞଙ୍କୁ କଣଠେସା କରି ନାଗରିକ ସଚେତନତା ନାଁରେ ସରକାର ନିଜ ଦାୟିତ୍ୱ ଖସାଇବାର ଅପଚେଷ୍ଟା କରୁଛନ୍ତି ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ମହାନଗର ନାଗରିକ ମଞ୍ଚ ଅଭିଯୋଗ କରିଛି।

ସ୍ୱାସ୍ଥ୍ୟ ସୁରକ୍ଷା ପାଇବା ପ୍ରତ୍ୟେକ ନାଗରିକଙ୍କ ଅଧିକାର। କରୋନା ଏକ ମହାମାରୀ ହୋଇଥିବାରୁ ଏଥିରୁ ସୁରକ୍ଷା ଦେବା ସରକାରଙ୍କ ଦାୟିତ୍ୱ। ଏ ଦିଗରେ ରାଜ୍ୟ ପ୍ରଶାସନ ଅଧିକ ସଜାଗ ଓ ସକ୍ରିୟ ହେବା ଜରୁରୀ। କିନ୍ତୁ ସରକାର ନିଜ କାନ୍ଧରୁ ବୋଝ ଖସାଇ ଜନସଚେତନା ଉପରେ ସବୁ ଦାୟିତ୍ୱ ଲଦି ନିଜ ଦାୟିତ୍ୱରୁ ଖସିବାକୁ ଚାହୁଁଛନ୍ତି। ସରକାର ତୁରନ୍ତ ସବୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର, ନର୍ସ ଓ ପରୀକ୍ଷା ଉପକରଣ ଉପଲବ୍ଧ କରାଇବା, ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଏକାନ୍ତରେ ଉପାଚାରର ବ୍ୟବସ୍ଥା କରିବା ପାଇଁ ମଞ୍ଚ ପରାମର୍ଶ ଦେଇଛି। ଏହି ଖବରଦାତା ସମ୍ମିଳନୀରେ ମଞ୍ଚ ଆବାହକ ଚିତ୍ତରଞ୍ଜନ ମହାନ୍ତି, ବରିଷ୍ଠ ଖବରଦାତା ସତ୍ୟ ରାୟ, ସଂଗ୍ରାମୀ ଫୋରମ ସଭାପତି ପ୍ରଶାନ୍ତ ଦାସ, ସମ୍ପୂର୍ଣ୍ଣକ୍ରାନ୍ତୀ ଅଭିଯାନର ସଭାପତି ଶିଶିର ଦାସ, ସମ୍ପାଦକ ଯୁଗଳ କିଶୋର ନାୟକ, ସାମାଜିକ କର୍ମୀ ବିଶ୍ୱାବସୁ ଦାସ, ବସ୍ତିବାସିନ୍ଦା ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ, ଗାନ୍ଧୀ ସ୍ମାରକନିଧି ପକ୍ଷରୁ ଡ. ବିଶ୍ୱଜିତ୍‌, ନିଶାମୁକ୍ତି ଅଭିଯାନର ଡଲି ଦାଶ, ଆଇନଜୀବୀ ସୁକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କରୋନା ସଚେତନତା କାର୍ଯ୍ୟକ୍ରମ




ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମାସ୍କ ବଣ୍ଟନ କରାଯାଉଛି।

**କଟକ ଅଫିସ,୨୦।୩**

କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ମହାସଚିବ ହରିଶଙ୍କର ରାଉତଙ୍କ ନେତୃତ୍ୱରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏସ୍‌ସିବି ମେଡିକାଲ କ୍ୟାମ୍ପସ ଭିତରେ ରାଜ୍ୟର ବିଭିନ୍ନ ଜିଲାରୁ ଆସୁଥିବା ଲୋକମାନଙ୍କୁ ସଚେତନ କରାଯିବା ସହ ମାସ୍କ, ହ୍ୟାଣ୍ଡୱାସ୍‌ ଏବଂ ସଚେତନତାପତ୍ର ବଣ୍ଟନ କରାଯାଇଥିଲା। ଆଶୁତୋଷ ସାହୁ, ଚିନ୍ମୟ ବରାଳ, ମୃତ୍ୟୁଞ୍ଜୟ ମହାନ୍ତି, ଶୁଭେନ୍ଦୁ ରାଉତ, ବିଶ୍ୱଚନ୍ଦନ ବେହେରା, ସତ୍ୟଜିତ୍‌ ମିଶ୍ର, ଦେବୀକୃପା ନନ୍ଦ, ପ୍ରସନ୍ନ ସାହୁ, ସୂର୍ଯ୍ୟକାନ୍ତ ସାହୁ, ସିଦ୍ଧେଶ୍ୱର ସେନାପତିଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## ଲସି ଗ୍ଲାସ୍‌ରୁ ସଂକ୍ରମଣ ଆଶଙ୍କା

**କଟକ ଅଫିସ, ୨୦।୩**

ଖରାଦିନରେ ଲସି, ସର୍ବତ୍‌ ଓ ଆଖୁରସ ଭଳି ଥଣ୍ଡା ପାନୀୟ ପିଇବାକୁ ଲୋକମାନେ ପସନ୍ଦ କରିଥାନ୍ତି। କିନ୍ତୁ ଏବେ କରୋନା ଭୂତାଣୁ ସଂକ୍ରମଣ ବ୍ୟାପୁଥିବାରୁ କିଛିଦିନ ଏହାଠାରୁ ଦୂରେଇ ରହିଲେ ଭଲ ହେବ ବୋଲି ଲୋକମାନେ କହିଛନ୍ତି। ନଚେତ୍‌ ଲସି, ସର୍ବତ ଓ ଆଖୁରସ ପିଇବା ପୂର୍ବରୁ ତାହା କେଉଁ ଗ୍ଲାସରେ ଦିଆଯାଉଛି, ଗ୍ଲାସ୍‌କୁ ଭଲଭାବେ ସାବୁନ କିମ୍ବା ଡିଟରଜେଣ୍ଟରେ ଧୁଆ ହୋଇଛି କି ନାହିଁ ସେ ସବୁ ଦିଗ ଉପରେ ବିଶେଷ ଧ୍ୟାନ ଦେବା ଉଚିତ୍‌ ବୋଲି ପଲମୋନାରୀ ଓ ଇଣ୍ଟରନାଲ ମେଡିସିନ ବିଭାଗର ଡାକ୍ତରମାନେ କହିଛନ୍ତି। ଏସ୍‌ସିବି ପଲମୋନାରୀ ମେଡିସିନ ବିଭାଗୀୟ ମୁଖ୍ୟ ଡାକ୍ତର ଏମ. ଆର. ପଟ୍ଟନାୟକ କହିଛନ୍ତି, ଥଣ୍ଡା ପାନୀୟ ବିକ୍ରି ହେଉଥିବା ଦୋକାନରେ ଲୋକମାନଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହିବା ଦରକାର। ଜଣେ ଗ୍ରାହକ ଥଣ୍ଡାପାନୀୟ କାଚଗ୍ଲାସରେ ପିଇବା ପରେ ବ୍ୟବସାୟୀ ଜଣକ ତାହାକୁ ଭଲ ଭାବେ ଧୋଇବା ଦରକାର। ନ ହେଲେ ଗ୍ଲାସକୁ ହାତରେ ଧରିବା କିମ୍ବା ଓଠ ଲଗାଇ ପିଇଲେ ସୁସ୍ଥବ୍ୟକ୍ତି ସଂକ୍ରମଣର ଶିକାର ହେବା ଆଶଙ୍କା ରହିଛି। ଅନ୍ୟପକ୍ଷରେ ଏଥିରୁ ରକ୍ଷା ପାଇବା ପାଇଁ ବ୍ୟବସାୟୀମାନେ ଡିସ୍‌ପୋଜେବୁଲ ଗ୍ଲାସ୍‌ରେ ଗ୍ରାହକଙ୍କୁ ଥଣ୍ଡାପାନୀୟ ଦେବା ଦରକାର। ଏ ସମ୍ପର୍କରେ ଜଣେ ବ୍ୟବସାୟୀ କହିଛନ୍ତି, କାଚଗ୍ଲାସରେ ଥଣ୍ଡାପାନୀୟ ପିଇବା ପାଇଁ ଲୋକଙ୍କ ଚାହିଦା ରହୁଛି। ଫଳରେ ଆମେ ସେଥିରେ ଦେବାକୁ ବାଧ ହେଉଛୁ।

**ବ୍ୟବସାୟୀ, ଗ୍ରାହକ ଡିସପୋଜେବଲ ପାତ୍ର ବିକଳ୍ପ ଭାବେ ବାଛି ପାରିବେ**

### ଏମାନେ କ'ଣ କୁହନ୍ତି...



ଭଲ ଓ ସ୍ୱଚ୍ଛ ପାତ୍ରରେ ଖାଇବା ପିଇବାକୁ ସମସ୍ତଙ୍କର ଇଚ୍ଛା। କିନ୍ତୁ ବଜାରରେ ଠିକ୍‌ଭାବେ ମିଳୁ ନ ଥିବାରୁ ବାଧ ହୋଇ ଯାହା ମିଳୁଛି ଚଳେଇ ଦେଉଛୁ। ହେଲେ ମନରେ ଅନେକ ଆଶଙ୍କା ରହୁଛି।

*- ପ୍ରମୋଦ ସାହୁ, ଗ୍ରାହକ*



ଏ ବାବଦରେ ଉଭୟ ଦୋକାନୀ ଓ ଗ୍ରାହକ ସଚେତନ ହେବା ଦରକାର। ଏବେ କରୋନା ଭୂତାଣୁ ସଂକ୍ରମଣ ହେବା ଆଶଙ୍କା ଥିବାରୁ କିଛିଦିନ ସ୍ୱଚ୍ଛତା ଅବଲମ୍ବନ କରିବା ଦରକାର।

*-ଚିନ୍ମୟ ମହାନ୍ତି, ଗ୍ରାହକ*


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

ହରପ୍ରୀତ କର୍ପୋରେଶନ୍ ଡିଜିଟାଲ କମ୍ପାନୀ
ଡିଜିଟାଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ ଛାତ/ କ୍ଷେତ ଆବଶ୍ୟକ + ଅଗ୍ରିମ 65 ଲକ୍ଷ + ଭଡ଼ା 45 ହଜାର
ଯୋଗାଯୋଗ:-
9811014559

FINANCE

M GROUP FINANCE COMPANY
M GROUP ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ଲୋନ୍, ପ୍ରପର୍ଟି, ମାର୍କେଟିଂ, ସାଲାରୀ ସ୍ଲିପ୍। ମହିଳାଙ୍କ ପାଇଁ 50% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
9911417461
9911417764

MUDRA FINANCE (Regd Company)
2% ସୁଧ 40% ଛାଡ଼
Lane No - 5, MG Road, Bangalore
8368085900

ମୁଦ୍ରା ଯୋଜନା
୧% ସୁଧ ୫୦% ଛାଡ଼
08765414481, 09126344980

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କେଟିଂ, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟିଂ, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
7653848464
H.No. 12, Sohana Distt. Mohali

ASTROLOGY

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମି ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

HINDUSTAN FINANCE LIMITED (Reg. No. 3367)
୧୯୪୧ ରୁ ଆପଣଙ୍କ ସେବାରେ ମାର୍କେଟିଂ, ପର୍ସନାଲ, ସମ୍ପତ୍ତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
2th floor, Krishna Reddy, Mumbai, Maharastra
8480089848

DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟିଂ, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
76568-87550
B-34/7 A Block Vijay Enclave, Bururi, New Delhi

ଏକ୍ସା ଫାଇନାନ୍ସ
axafinance051@gmail.com
ସବୁ ଋଣ
1% ସୁଧ 50% ଛାଡ଼
8766320840
7982465910

TARIFF

| Size | Amount |
|---|---|
| For Single Day 6×4 cm | 1500.00 |
| For Single Day 12×4 cm | 2000.00 |
| For 7 Days 6×4 cm | 6000.00 |
| For 7 Days 12×4 cm | 12,000.00 |
| For 15 Days 6×4 cm | 12,000.00 |
| For 15 Days 12×4 cm | 25,000.00 |
| For 30 Days 6×4 cm | 20,000.00 |
| For 30 Days 12×4 cm | 40,000.00 |

*GST 5% Extra

ବାବା ଆଲାମ ଖାନ
9773820765

## ବନ୍ଦ ରହିବ ଜନ୍ମମୃତ୍ୟୁ ପଞ୍ଜୀକରଣ କାଉଣ୍ଟର୍

**କଟକ ଅଫିସ:** କରୋନା ଭୂତାଣୁ ବ୍ୟାପିବା ଆଶଙ୍କା ନେଇ ବାଦାମବାଡିସ୍ଥିତ ବିକାଶ ଭବନଠାରେ ଥିବା ଜନ୍ମମୃତ୍ୟୁ ପଞ୍ଜିକରଣ କାଉଣ୍ଟର୍‌କୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଶୁକ୍ରବାରଠାରୁ ବନ୍ଦ କରିଦିଆଯାଇଛି। ଏହି କାଉଣ୍ଟର୍‌କୁ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ଏଥିସହ ହେଲଥ୍ ଅଫିସ୍ କାଉଣ୍ଟର୍‌କୁ ନ ଆସିବାକୁ ପରାମର୍ଶ ଦିଆଯାଇଛି। ତେବେ ପଞ୍ଜୀକରଣ ସଂପୂର୍ଣ୍ଣ ବନ୍ଦ ରହିବ ନାହିଁ। ଅନ୍‌ଲାଇନ୍‌ରେ ନାଗରିକମାନେ ଆବେଦନ କରିପାରିବେ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ନଦୀବନ୍ଧ ରାସ୍ତା ଶୋଚନୀୟ

**ସାଲେପୁର,୨୦।୩(ଡି.ଏନ୍.ଏ.)-** ସାଲେପୁର ବ୍ଲକ୍ ଅନ୍ତର୍ଗତ କୁରୁଳିଠାରୁ ମୁର୍କୁଣ୍ଡି ପର୍ଯ୍ୟନ୍ତ ମହାନଦୀବନ୍ଧ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ନିୟମିତ ଭାରିଯାନ ଚଳାଚଳ ଯୋଗୁ ରାସ୍ତାର ଏପରି ଅବସ୍ଥା ହୋଇଛି ବୋଲି ଲୋକେ କହିଛନ୍ତି। କୁରୁଳି ଗ୍ରାମ ନିକଟରେ ଥିବା ମହାନଦୀରୁ ନିୟମିତଭାବେ ହାଇୱା ଓ ଟ୍ରକ୍ ଯୋଗେ ଶହ ଶହ ଟ୍ରିପ୍ ବାଲି ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଛି। ଫଳରେ ଏହି ରାସ୍ତା ଦେଇ ୨ ଚକିଆ ଯାନ ଯାତାୟାତ କରିବା କଷ୍ଟକର ହୋଇପଡୁଛି ବୋଲି ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ କିଶନନଗର ତହସିଲଦାରଙ୍କ ନିକଟରେ ବାରମ୍ବାର ଲିଖିତ ଅଭିଯୋଗ କରୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଏହି ସମସ୍ୟାର ସ୍ଥାୟୀ ପ୍ରତିକାର କରିବାକୁ ସାଧାରଣରେ ଦାବି ହୋଇଛି।

### ଅଘୋଷିତ ବିଦ୍ୟୁତ୍ କାଟ: ବଢୁଛି ଅସନ୍ତୋଷ

**ସାଲେପୁର,୨୦।୩(ଡି.ଏନ୍.ଏ.)-** ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଅନ୍ତର୍ଗତ ଓରିକଣ୍ଟ ସେକ୍ସନ୍‌ରେ ନିୟମିତ ଭାବେ ଘଣ୍ଟା ଘଣ୍ଟା ବିଦୁତ୍ କାଟ୍ କରାଯାଉଛି। ଏନେଇ ସ୍ଥାନୀୟ ଗ୍ରାହକଙ୍କ ମଧରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଦ୍ୟୁତ୍ କାଟ ଯୋଗୁ ସାଲେପୁର ବ୍ଲକ୍‌ର ପୁରୁଣାହାଟ, ସୁଦ୍ଧଖଣ୍ଡ, ତରିତୋ, ରଟିଲୋ ଏବଂ ନିଶ୍ଚିନ୍ତକୋଇଲି ବ୍ଲକ୍‌ର କଳାମିଶ୍ରୀ, ଜନାର୍ଦ୍ଦନପୁର ଆଦି ପଞ୍ଚାୟତରେ ଗ୍ରାହକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ବିଦ୍ୟୁତ୍ ସେକ୍ସନ ଅଧିକାରୀ କହିଛନ୍ତି, ୩୩କେ.ଭି. ବିଦ୍ୟୁତ୍ ତାର ଖରାପ ଥିବାରୁ ଏଭଳି ସମସ୍ୟା ଉପୁଜିଛି। ବିଦ୍ୟୁତ୍ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ୨ କରୋନା ସନ୍ଦିଗ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

**ଆଠଗଡ,୨୦।୩(ସ୍ୱ.ପ୍ର.)-** ଆଠଗଡ ବ୍ଲକ କଟକିଆ ସାହିରୁ କଟକ ଏସ୍‌ସିବି ପଠାଯାଇଥିବା ୨ ସନ୍ଦିଗ୍ଧଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଥଣ୍ଡା କାଶ ଥିବା ଯୋଗୁ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣେ ଯୁବକ ମହାରାଷ୍ଟ୍ରର ଏକ କମ୍ପାନୀରେ ଚାକିରୀ କରୁଥିବା ବେଳେ ଗତ ୩ ଦିନ ତଳେ ଗ୍ରାମକୁ ଫେରିଥିଲେ । ଅନ୍ୟ ଜଣେ ରାଜସ୍ଥାନକୁ ବୁଲିବାକୁ ଯାଇ ୫ ଦିନ ତଳେ ଗ୍ରାମକୁ ଫେରିଥିଲେ । ଉଭୟଙ୍କୁ ଥଣ୍ଡା ହୋଇଥିବା ଲକ୍ଷ କରି ସ୍ଥାନୀୟ ଆଶା କର୍ମୀମାନେ ସେମାନଙ୍କୁ ପ୍ରଥମେ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଅଧିକ ଚିକିତ୍ସା ନିମନ୍ତେ କଟକ ଏସସିବି ପଠାଯାଇଥିଲା । କରୋନା ଭୂତାଣୁରେ ଉଭୟ୍ ସଂକ୍ରମିତ ହୋଇ ନ ଥିବା ନେଇ ମେଘା ସେକ୍ଟର ବରିଷ୍ଠ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ମହମଦ୍ ଅସଲମ୍ କହିଛନ୍ତି

### ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡି ସବୁ ଦୋକାନ ବନ୍ଦ

**ନରାଜ,୨୦।୩ (ଡି.ଏନ୍.ଏ.)-** କରୋନା ଭୂତାଣୁ ଦାଉରୁ ରକ୍ଷା ପାଇବା ପାଇଁ ଅତ୍ୟାବଶ୍ୟକ ଜିନିଷପତ୍ର ଛାଡି ବାକି ସବୁ ଦୋକାନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଶୁକ୍ରବାର ସନ୍ଧ୍ୟାରେ ବାଙ୍କୀ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଶନିବାରଠାରୁ ଔଷଧ ଦୋକାନ, ପରିବା, ଫଳ,ଗ୍ରସେରି, ଅଣ୍ଡା, ମାଛ ଓ ମାଂସ ଦୋକାନକୁ ଛାଡି ବାକି ସବୁ ବନ୍ଦ ରହିବ ବୋଲି ପୋଲିସ ପକ୍ଷରୁ ପ୍ରତି ବଜାରର ସଭାପତି,ସମ୍ପାଦକ ଓ ଦୋକାନିମାନଙ୍କୁ ସୂଚନା ଦିଆଯାଇଛି।

### ମା'ଚର୍ଚ୍ଚିକାଙ୍କ ମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ

**ବାଙ୍କୀ,୨୦।୩ (ସ୍ୱ.ପ୍ର)-** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମା'ଚର୍ଚ୍ଚିକାଙ୍କ ମନ୍ଦିରକୁ ସର୍ବସାଧାରଣଙ୍କ ଦର୍ଶନ ଶୁକ୍ରବାରଠାରୁ ବନ୍ଦ କରାଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମନ୍ଦିର ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ରଞ୍ଜନ କୁମାର ଜେନା ଏଥିରେ ଅଧ୍ୟକ୍ଷତା କରି ଏହି ବିଷୟରେ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ଜିଲାପାଳଙ୍କ ସୂଚନା ଅନୁସାରେ ମନ୍ଦିରରେ କେବଳ ସେବାୟତଙ୍କ ଦ୍ୱାରା ନୀତି ପରମ୍ପରା କରାଯିବ ବୋଲି ଜେନା କହିଛନ୍ତି। ଅନ୍ୟମାନଙ୍କ ମଧରେ ଏହି ବୈଠକରେ ଦେବେନ୍ଦ୍ର ଖଟୁଆ କାଳନ୍ଦୀ ଚରଣ ମହାପାତ୍ର, ରୁଷି କୁମାର ରଣା, ସୁଶାନ୍ତ କୁମାର ମହାପାତ୍ର, ସନ୍ତୋଷ କୁମାର ରଣା ଓ ନୀଳମଣି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଧାନ ବିକ୍ରି ନ ପାରି ଚିନ୍ତାରେ ଚାଷୀ

**ନିଶ୍ଚିନ୍ତକୋଇଲି,୨୦।୩(ଡି.ଏନ୍.ଏ.)**

- ୩୧୬୧ ଚାଷୀଙ୍କୁ ମିଳିଛି ଟୋକନ
- ମାର୍ଚ୍ଚ ୩୦ ସୁଦ୍ଧା ଧାନକିଣା ବନ୍ଦ କରିବାକୁ ନିଷ୍ପତ୍ତି
- ୧୫ ସେବା ସମବାୟ ସମିତିକୁ ଦାୟିତ୍ୱ ଦିଆଯାଇଛି

ଚାଷୀ କ୍ଷେତରୁ ଉତ୍ପାଦିତ ଧାନକୁ ସହଜରେ ସମବାୟ ସମିତି ଜରିଆରେ ବିକ୍ରି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ବର୍ଷ ଠାରୁ ଟୋକନ ବ୍ୟବସ୍ଥା ଆରମ୍ଭ ହୋଇଛି। ମାତ୍ର ବହୁ ଚାଷୀ ଟୋକନ ପାଇଁ ନାମ ପଞ୍ଜିକରଣ କରି ନପାରି ଧାନ ବିକ୍ରି କରି ପାରି ନ ଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକରେ ବହୁ ଚାଷୀଙ୍କ ପାଖରେ ଟୋକନ ଥାଇ ମଧ ଧାନ ବିକ୍ରି କରି ପାରୁ ନାହାନ୍ତି। ଅପରପକ୍ଷେ ମାର୍ଚ୍ଚ ୩୦ ସୁଦ୍ଧା ବ୍ଲକରେ ଧାନ କ୍ରୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ବ୍ଲକରେ ୧୫ ସେବା ସମବାୟ ସମିତି ଧାନ କିଣିବା ଦାୟିତ୍ୱରେ ରହିଛନ୍ତି। ପ୍ରତି ସେବା ସମବାୟ ସମିତିରେ ଧାନ କ୍ରୟ ପାଇଁ ଏକ ପ୍ୟାଡି ପୋକ୍ରୋମେଣ୍ଟ କମିଟି ଗଠନ କରାଯାଇଛି। ମାତ୍ର ଜିଲା ପ୍ରଶାସନ ପକ୍ଷରୁ କେତେ ଧାନ ବ୍ଲକରେ କିଣାଯିବ ସେନେଇ ସ୍ଥିର ହୋଇ ନଥିବାରୁ ଚାଷୀ ଧାନ ବିକ୍ରି କରି ପାରୁନାହାନ୍ତି। ନିଶ୍ଚିନ୍ତକୋଇଲି ବ୍ଲକରେ ମୋଟ ୩୧୬୧ ଚାଷୀ ପରିବାକୁ ଧାନ ବିକ୍ରି କରିବା ପାଇଁ ଟୋକନ ଦିଆଯାଇଥିଲା। ସେଥିରେ ସେମାନଙ୍କ ଠାରୁ ୮୬,୨୮୫ କୁଇଣ୍ଟାଲ ଧାନ କିଣାଯାଇପାରିବ ବୋଲି ଧାର୍ଯ୍ୟ କରାଯାଇଥିଲା। ମାତ୍ର ଏନେଇ ଜିଲାପ୍ରଶାସନ ପକ୍ଷରୁ ଆଲଟମେଣ୍ଟ ଆସି ନ ଥିଲା। ଫଳରେ ଚାଷୀ ଧାନ ବିକ୍ରି କରିପାରୁନାହାନ୍ତି। ନିଶ୍ଚିନ୍ତକୋଇଲି ସମବାୟ ସମିତିରେ ୧୨୨ ଜଣଙ୍କୁ ଟୋକନ ଦିଆଯାଇଥିବା ବେଳେ ସେମାନଙ୍କ ନିକଟରୁ ୨୯୩୭ କୁଇଣ୍ଟାଲ ଧାନ କିଣିବାର ଆବଶ୍ୟକତା ରହିଛି। ସେହିଭଳି ଅଚ୍ୟୁତାନନ୍ଦ ସେବା ସମବାୟ ସମିତିର ୧୪୯ ଜଣଙ୍କ ପାଖରୁ ୪୧୯୧.୯୮ କୁଇଣ୍ଟାଲ, ନରେନ୍ଦ୍ରପୁର ସେବାସମବାୟ ସମିତିରୁ ୧୭୨ ଜଣଙ୍କ ପାଖରୁ ୭୨୨୫ କୁଇଣ୍ଟାଲ , ବନ୍ଧୁପୁର ସେବା ସମବାୟ ସମିତିରୁ ୩୭୬ ଜଣଙ୍କ ପାଖରୁ ୧୧୨୪୩ କୁଇଣ୍ଟାଲ, ନଗସପୁର ସେବା ସମବାୟ ସମିତିରୁ ୧୫୪ ଜଣଙ୍କ ପାଖରୁ ୪୫୩୩ କୁଇଣ୍ଟାଲ, ପଳିଶ୍ରୀ ସେବା ସମବାୟ ସମିତିରୁ ୧୮୨ ଜଣଙ୍କ ପାଖରୁ ୩୮୯୭ କୁଇଣ୍ଟାଲ ଧାନ କିଣିବାର ଆବଶ୍ୟକତା ରହିଛି। ସେହିଭଳି ଅନ୍ୟାନ୍ୟ ସେବାସମିତି ପାଖରୁ ମଧ ବହୁ କୁଇଣ୍ଟାଲ ଧାନ କିଣିବାର ଆବଶ୍ୟକତା ଥିଲେ ମଧ ଜିଲା ପ୍ରଶାସନ ପକ୍ଷରୁ ଏନେଇ ଚିଠି ଆସୁ ନଥିବାରୁ ଧାନଗୁଡ଼ିକୁ ବିକ୍ରି କରାଯାଇପାରୁନାହିଁ। ଅପରପକ୍ଷେ ମିଲର ଠିକ୍ ସମୟରେ ସମବାୟ ସମିତିରୁ ଧାନ ଉଠାଉ ନ ଥିବାରୁ ଚାଷୀ ସୋସାଇଟିରେ ଧାନ ବିକି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ନିକଟରେ ଅଶୁରେଶ୍ୱର ସେବା ସମବାୟ ସମିତିର ଚାଷୀ ସମବାୟ ସମିତି ସମ୍ମୁଖରେ ଧାରଣାରେ ବସିଥିଲେ। ସମବାୟ ଅଧିକାରୀ ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ଏସମ୍ପର୍କରେ ବ୍ଲକ ସମବାୟ ଅଧିକାରୀ ଅଜୟ ସାହୁ କୁହନ୍ତି ଚାଷୀ ଟୋକନ ପାଇଥିବାରୁ ଧାନ ବିକିବା ପାଇଁ ଆଶା ବାନ୍ଧିଛନ୍ତି। ଯଦି ମିଲରଙ୍କ ସହଯୋଗ ଓ ଯୋଗାଣ ବିଭାଗ ପକ୍ଷରୁ ଆଲଟମେଣ୍ଟ ଆସେ ତେବେ ଚାଷୀମାନେ ଉପକୃତ ହୋଇପାରିବେ। ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର କୁହନ୍ତି, ଚାଷୀଙ୍କ ଆବଶ୍ୟକତା ଅନୁଯାଇ ଧାନ କ୍ରୟ କରାଯାଇଛି। ବହୁ ଚାଷୀ ନିଜ ଧାନ ବିକ୍ରି କରିଛନ୍ତି। ଯଦି କୌଣସି ଚାଷୀ ଧାନ ବିକ୍ରି କରନାହାନ୍ତି ସେନେଇ ପଦକ୍ଷେପ ନିଆଯିବ। ତେବେ ବ୍ୟବସାୟୀ ଚାଷୀଙ୍କ ମାଧ୍ୟମରେ ଧାନ ବିକ୍ରି କରିବାର ସୁଚନା ମିଳିଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଖୋଲିବ ଅସ୍ଥାୟୀ ଡାକ୍ତରଖାନା



ବୈଠକରେ ଯୋଗଦେଇଥିବା ଅତିଥିମାନେ।

**ନିଶ୍ଚିନ୍ତକୋଇଲି,୨୦।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ଜରୁରିକାଳୀନ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ସବିତା ଓଝା ସଭାପତିତ୍ୱ କରିଥିଲେ। କରୋନା ସମ୍ପର୍କିତ ସରକାରଙ୍କ ନିର୍ଦ୍ଦେଶନାମାକୁ ବିଡିଓ କର୍ଣ୍ଣଦେବ ସମାଦ୍ଦାର ପାଠ କରିଥିଲେ। ପ୍ରତି ପଞ୍ଚାୟତରେ ବାହାର ରାଜ୍ୟ ଓ ଦେଶରୁ ଆସୁଥିବା ସନ୍ଦିଗ୍ଧଙ୍କ ଉପରେ ନଜର ରଖିବାକୁ ପରାମର୍ଶ ଦେଇଥିଲେ। ପ୍ରତିପଞ୍ଚାୟତରେ ଆଇସୋଲେଟେଡ ରୁମ୍ ଓ ଆବଶ୍ୟକସ୍ଥଳେ ଅସ୍ଥାୟୀ ଡାକ୍ତରଖାନା ଖୋଲିବା ପାଇଁ ପରାମର୍ଶ ଦିଆଯାଇଛି। ହିତାଧିକାରୀଙ୍କୁ ୪ମାସର ରାଶନ ସାମଗ୍ରୀ ଆଗୁଆ ବଣ୍ଟନ କରିବା ପାଇଁ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧରେ ଏହି ବୈଠକରେ ରମାକାନ୍ତ ମହାନ୍ତି, ଗିରିଶ ମହାପାତ୍ର,ସବିତା ସାମଲ ଓ ଅଶୋକ ଓଝା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକର ୩୨୧୫

**କରୋନା ମୁକାବିଲା ପାଇଁ ପ୍ରସ୍ତୁତି**

ପରିବାରଙ୍କୁ କରୋନା ରୋଗ ସମ୍ପର୍କରେ ସଚେତନତା କରାଯାଇଛି। ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀମାନେ ଘର ଘର ବୁଲି ଏନେଇ ଲୋକଙ୍କ ମଧରେ ସଚେତନତା କରୁଛନ୍ତି ବୋଲି ମେଡିକାଲ ଅଫିସର ଅମିତ ଜେନା ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ସାଧାରଣ ଲୋକଙ୍କୁ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ଡାକ୍ତରଖାନା ପରିସର ସ୍ୱଚ୍ଛତା ରଖିବା ପାଇଁ ସେ କର୍ମଚାରୀମାନଙ୍କୁ ତାଗିଦ୍ କରିଛନ୍ତି। ବରାଦୋ ଗ୍ରାମର ଦଳିତ ସାହିରେ ୨୨ରୁ ଉର୍ଦ୍ଧ୍ୱ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହୋଇଥିବାରୁ ମେଡିକାଲ ଟିମ ପଠାଯାଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସେଠାରେ ମାଗଣା ଔଷଧ ପ୍ରଦାନ କରାଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପକ୍ଷରୁ ୪୧ ପଞ୍ଚାୟତରେ ସଚେତନତା କର୍ମଶାଳା କରାଯାଇଛି।

# ସଚେତନତା ହିଁ ସୁରକ୍ଷାର ପନ୍ଥା

**ବଡ଼ମ୍ବା/ମାହାଙ୍ଗା/ତିଗିରିଆ/ ବାଙ୍କୀ,୨୦।୩(ଡି.ଏନ୍.ଏ)**



ବଡ଼ମ୍ବା ପଞ୍ଚାୟତସମିତି ବୈଠକରେ ବିଧାୟକ ଦେବୀପ୍ରସାଦ ମିଶ୍ର ଓ ଅନ୍ୟମାନେ।

କରୋନା ପାଇଁ କଟକ ଜିଲାର ବିଭିନ୍ନ ବ୍ଲକରେ ସ୍ୱତନ୍ତ୍ର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବଡମ୍ବା ପଞ୍ଚାୟତସମିତି ସଭାଗୃହରେ ବ୍ଲକସ୍ତରୀୟ କରୋନା ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା ନାଏକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ମହାମାରୀ ଭଳି ବ୍ୟାପୁଥିବା କରୋନା ରୋଗର ପ୍ରତିରୋଧ ପାଇଁ ସଚେତନତା ହିଁ ସୁରକ୍ଷାର ପନ୍ଥା ବୋଲି କହିଥିଲେ। ବିଡିଓ ଉତ୍କଳ ରଞ୍ଜନ ଆଚାର୍ଯ୍ୟ କରୋନାରୁ ମୁକ୍ତିପାଇଁ ପ୍ରଶାସନିକସ୍ତରରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ମାହାଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ କରୋନା ସଚେତନତା ଶିବିରରେ ବ୍ଲକ ଅଧ୍ୟକ୍ଷ ଶରତ ନାୟକ ଅଧ୍ୟକ୍ଷତା କରିଥିଲେ। ଶିବିରରେ ବିଡିଓ ନିହାର ରଞ୍ଜନ ମଲ୍ଲିକ, ଏବିଡିଓ ମହେଶ୍ୱର ସେଠୀ, ବ୍ଲକ ଉପାଧ୍ୟକ୍ଷା ରସିଦା ବେଗମ, ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ରାଉତ ପ୍ରମୁଖ ଯୋଗଦେଇ ହାତ ଧୋଇବା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ତିଗିରିଆ ପଞ୍ଚାୟତ ସମିତିର ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ରୂପା ଦଳେଇଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ବିଡ଼ିଓ ଦୀପ୍ତିମୟୀ ବେହେରାଙ୍କ ଜିଲାପରିଷଦ ସଭ୍ୟା ରଶ୍ମୀତା ମହାଳିକ ଓ ବିଜୟଲକ୍ଷ୍ମୀ ଖଟୁଆ, ବ୍ଲକ ଉପାଧ୍ୟକ୍ଷ ଗୌରହରି ପରିଡ଼ା ପ୍ରମୁଖ ଥିଲେ। ଏଥିରେ ତିଗିରିଆ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ କରୋନା ଭୂତାଣୁ ରୋକିବା ଉପରେ ଆଲୋଚନା କରିଥିଲେ। ବାଙ୍କୀ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ପଞ୍ଚାୟତସ୍ତରୀୟ ବୈଠକରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ କରୋନାକୁ ନ ଡରି ଜନସାଧାରଣଙ୍କୁ ସଚେତନ କରିବା ପାଇଁ କହିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ଉପାଧ୍ୟକ୍ଷ ମଦନ ମୋହନ ନାୟକ ଓ ଜିଲାପରିଷଦସଭ୍ୟ ମାସନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍‌ଲାଇନ୍ କାରବାର ପାଇଁ ଇପିଏଫ୍ ଉପଭୋକ୍ତାଙ୍କୁ ପରାମର୍ଶ

**ଭୁବନେଶ୍ୱର,୨୦।୩ (ବ୍ୟୁରୋ)**

ଇପିଏଫ୍‌ଓ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଉପଭୋକ୍ତାମାନଙ୍କୁ ଅନ୍ ଲାଇନ୍ ଜରିଆରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିବେଦନ କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ covid-19 ସଂକ୍ରାମଣକୁ ରୋକିବା ପାଇଁ କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ ତରଫରୁ ଏହି ପ୍ରକାର ନିବେଦନ କରାଯାଇଛି। ଇପିଏଫ୍ ସମ୍ବନ୍ଧୀୟ ଜମା ରାଶି ଟଙ୍କା ଉଠାଇବା ପାଇଁ କାର୍ଯ୍ୟାଳୟକୁ ନ ଆସି www.jeevanpramaan.gov.in ରେ ପ୍ରଦତ୍ତ ୟୁଏଏନ୍ ପୋର୍ଟାଲ ସାହାଯ୍ୟରେ ଦାବିପତ୍ର ଦାଖଲ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି। ସେହିପରି ପେନସନ୍ ଜୀବନ ପ୍ରମାଣପତ୍ର ପାଇଁ www.jeevanpramaan.gov.in. UMANG App ଏବଂ ଯେକୌଣସି ଅଭିଯୋଗ ପାଇଁ subject column ରେ grievance ଉଲ୍ଲେଖ କରି ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଇମେଲ ro.bhubaneshwar@epfindia.gov.in ରେ ପଠାଇବା ପାଇଁ କୁହଯାଇଛି। ଏହା ବ୍ୟତୀତ ଅନ୍ୟ କୌଣସି ବିଷୟରେ ଜାଣିବା ପାଇଁ ପ୍ରଦତ୍ତ ଫୋନ୍ ନମ୍ବର ୦୬୭୪-୨୫୪୩୫୬୬, ୨୫୪୩୨୬୯ ତଥା ନାସନାଲ toll free ନମ୍ବର ୧୮୦୦-୧୧-୮୦୦୫ରେ ଉପଭୋକ୍ତାମାନେ ଯୋଗାଯୋଗ କରିପାରିବେ। ଅନ୍ ଲାଇନରେ ପ୍ରାପ୍ତ ଆବେଦନ ଉପରେ ତୁରନ୍ତ ପଦକ୍ଷେପ ନିଆଯାଇ ଉପଭୋକ୍ତାଙ୍କ ଫୋନ୍ ଏବଂ ଇମେଲ ଜରିଆରେ ସୂଚିତ କରାଯିବ ବୋଲି ଇପିଏଫ୍‌ଓ ଭୁବନେଶ୍ୱର ଅଫିସ୍ ପକ୍ଷରୁ କୁହାଯାଇଛି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ନାମ ପଞ୍ଜୀକରଣ



ସ୍ୱାସ୍ଥ୍ୟକେନ୍ଦ୍ରରେ ବାହାର ରାଜ୍ୟରୁ ଆସିଥିବା ଲୋକଙ୍କ ନାମ ପଞ୍ଜୀକରଣ କରାଯାଉଛି।

**ବାଙ୍କୀ, ୨୦।୩ (ସ୍ୱ.ପ୍ର)**

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ରାଜ୍ୟ ବାହାରୁ ବାଙ୍କୀକୁ ଆସୁଥିବା ଲୋକମାନଙ୍କ ନାମ ପଞ୍ଜିକରଣ କରାଯାଉଛି। କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥା କରାଯାଇଥିବା ବେଳେ ୮ଜଣ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଉପଖଣ୍ଡ ଚିକିତ୍ସାଳୟକୁ ଆସି ନିଜ ନିଜ ନାମ ପଞ୍ଜିକରଣ କରିଛନ୍ତି। ଡାକ୍ତରମାନେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଏକାନ୍ତ କକ୍ଷରେ ନିଜ ନିଜ ଘରେ ୧୪ ଦିନ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ପଞ୍ଜିକୃତ ବ୍ୟକ୍ତିଙ୍କ ମଧ୍ୟରୁ ଗୁଜୁରାଟରୁ ୨, ଚେନାଇରୁ ୩ , ହାଇଦ୍ରାବଦରୁ ୨ ଓ କାନପୁରରୁ ଜଣେ ଆସି ବାଙ୍କୀର ବିଭିନ୍ନ ସ୍ଥାନରେ ରହିଛିନ୍ତି ବୋଲି ଉପଖଣ୍ଡ ଚିକିତ୍ସା ଅଧିକାରୀ ଧୂଳେଶ୍ୱର ପ୍ରଧାନ ପ୍ରକାଶ କରିଛନ୍ତି।

# ୟୁଥ୍ କ୍ଲବ କରଡାପଲ୍ଲୀ ଚାମ୍ପିୟନ




ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ତିଗିରିଆ, ୨୦।୩ (ଡି.ଏନ୍.ଏ.)**

**ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା କରଡ଼ାପଲ୍ଲୀ ଖେଳପଡ଼ିଆରେ ଚାଲିଥିବା ୫ମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୟୁଥ କ୍ଲବ୍ କରଡାପଲ୍ଲୀ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ କରଡାପଲ୍ଲୀ ଓ ଅହମ୍ମଦିୟା କ୍ଲବ୍ କେରଙ୍ଗ,ଖୋର୍ଦ୍ଧା ମଧରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଅହମ୍ମଦୀୟା କ୍ଲବ କେରଙ୍ଗର ୯ ନଂ ଖେଳାଳୀ ତ୍ରିନାଥ ମଖୀ ପ୍ରଥମ ଗୋଲ ସ୍କୋର କରିଥିଲେ। ଦ୍ୱିତିୟାର୍ଦ୍ଧରେ ୟୁଥ କ୍ଲବ କରଡାପଲ୍ଲୀର ୧୫ ନଂ ଖେଳାଳୀ ଅମୀତ ଦାସ ଗୋଟିଏ ଗୋଲ ସ୍କୋର କରି ମ୍ୟାଚକୁ ଟାଇ କରିଥିଲେ। ଏହାପରେ ଟାଇବ୍ରେକର ଜରିଆରେ ମ୍ୟାଚର ଫଇସଲା ହୋଇଥିଲା। ଏଥିରେ ୟୁଥକ୍ଲବ କରଡାପଲ୍ଲୀ ୬-୫ ଗୋଲସ୍କୋର କରି ବିଜୟୀ ହୋଇଥିଲା।

ମ୍ୟାଚରେ ମୁଖ୍ୟ ଅତିଥିଭାବେ ଯୁବ ଅହମ୍ମଦୀୟା ଭାରତର ଉପସଭାପତି ମହମ୍ମଦ ସଫାରତ, ସମ୍ମାନିତ ଅତିଥିଭାବେ ନିଜିଗଡ ସରପଞ୍ଚ ଭବାନି ପ୍ରସାଦ ପଟ୍ଟନାୟକ ଓ ଯୁବ ଅହମ୍ମଦୀୟା କଟକର ସଭାପତି ମହମ୍ମଦ ନଇମ୍ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ସହ ୭୦୦୦ ଟଙ୍କା ଓ ଉପବିଜେତା ଦଳକୁ ରନର୍ସଅପ୍ ଟ୍ରଫି ସହ ୪୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ୟୁଥ କ୍ଲବ କରଡାପଲ୍ଲୀର ଅମୀତ ଦାସଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା। ରେଫରି ଆର୍ଶୀବାଦ କାନୁନଗୋ ଏହାକୁ ସୁପରିଚାଳନା କରିଥିବା ବେଳେ ଲାଇନରେ ସଞ୍ଜିବ ଦାସ ଓ ରଜାକ ଖାଁ ସହାୟତା କରିଥିଲେ। ୪ର୍ଥରେଫରିଭାବେ ସେକ ଅନିଲ ଦାୟିତ୍ୱ ନିର୍ବହ କରିଥିଲେ।

## କଟୁରିରେ ଆକ୍ରମଣ: ଟଙ୍କା, ସୁନା ଅଳଙ୍କାର ଲୁଟ୍

**ନିମାପଡ଼ା,୨୦।୩(ଡି.ଏନ୍.ଏ.)**

ନିମାପଡ଼ା-କାକଟପୁର ରାସ୍ତାର ଖେଦରପୁର ଛକ ନିକଟରେ ଶୁକ୍ରବାର ୩ଜଣ ଦୁର୍ବୃତ୍ତ କଣିଆ ଗ୍ରାମର ସୁଦର୍ଶନ ନାୟକଙ୍କୁ କଟୁରିରେ ଆକ୍ରମଣ କରିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ବନ୍ଧୁକ ଦେଖାଇ ୨୦ହଜାର ଟଙ୍କା ଓ ସୁନାଅଳଙ୍କାର ଲୁଟି ନେଇଛନ୍ତି। ସୁଦର୍ଶନଙ୍କୁ ଗୁରୁତର ଅବସ୍ଥାରେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୭୨/୨୦)ରୁଜୁ ହୋଇଛି।

## ଶ୍ରୀରାମଚରିତ ମାନସ ଉଦ୍‌ଯାପିତ




**ସାଲେପୁର, ୨୦।୩(ଡି.ଏନ୍.ଏ.)**

ସାଲେପୁର ବ୍ଲକ୍ ଅନ୍ତର୍ଗତ ପିକୋଳ ପଞ୍ଚାୟତର କେରଙ୍ଗା ମାଣିତ୍ରୀ ଗ୍ରାମରେ ମହାବୀର ସେବା ପରିଷଦ ପକ୍ଷରୁ ମା' ବୁଢ଼ୀ ଜାଗୁଳାଇଙ୍କ ପୀଠରେ ଚାଲିଥିବା ୩୮ତମ ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ୯ଦିନ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମରେ ପଣ୍ଡିତ ସୂର୍ଯ୍ୟକାନ୍ତ ରଥ, ତ୍ରିଜୀବ ଦାସ, ରାମଚନ୍ଦ୍ର ରାଉତରାୟ, ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ଅର୍ଜୁନ ଚରଣ ନାଥ ପ୍ରମୁଖ ଯୋଗଦେଇ ପ୍ରଭୁ ଶ୍ରୀରାମ କଥା ଉପରେ ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମରେ କପିଳ ଚରଣ ସାହୁ, ବୈକୁଣ୍ଠ ନାଥ ଭୂୟାଁ, ପୂଜକ ହେମନ୍ତ ମିଶ୍ର, ଗୌତମ ବାରିକ ଓ ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବିଜେଡି ପକ୍ଷରୁ କରୋନା ସଚେତନତା



ବିଜେଡି ପକ୍ଷରୁ ମାସ୍କ ବଣ୍ଟନ କରାଯାଉଛି।

**ନିଶ୍ଚିନ୍ତକୋଇଲି,୨୦।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ହାଟରେ ବିଜେଡି ପକ୍ଷରୁ କରୋନା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସବିତା ଓଝା, ଜିଲାପରିଷଦ ସଭ୍ୟା ସବିତା ସାମଲ, ଯୁବ ନେତା ଅଶୋକ ଓଝା,ରାୟଗୁରୁ ବିଜୟ ମିଶ୍ର, ନିଶ୍ଚିନ୍ତକୋଇଲି ସରପଞ୍ଚ ରବୀନ୍ଦ୍ର ସେଠୀ ପମୁଖ ଯୋଗଦେଇ ବ୍ୟବସାୟୀ ଓ ଚାଷୀଙ୍କୁ ମାସ୍କ ବାଣ୍ଟିବା ସହ ରୋଗର ଭୟାବହତା ଓ ଏହାର ମୁକାବିଲା ନେଇ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ମକର ପରିଡା, ମୃତ୍ୟୁଞ୍ଜୟ ସ୍ୱାଇଁ ଓ ଶୁକଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଫନି କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳୁନି ସହାୟତା

**ମାହାଙ୍ଗା,୨୦।୩(ସ୍ୱ.ପ୍ର.)**

- ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ୧୩ରୁ ଉର୍ଦ୍ଧ୍ୱ ପାନ ଚାଷୀ
- ୨୦୧୬ ପରେ ମିଳିନାହିଁ ପ୍ରୋତ୍ସାହନ ରାଶି
- ଚିହ୍ନଟ ହୋଇଛନ୍ତି କ୍ଷତିଗ୍ରସ୍ତ ଚାଷୀ

ରାଜ୍ୟ ସରକାର ଫନି କ୍ଷତିଗ୍ରସ୍ତଙ୍କୁ ସହୟତା ଯୋଗାଇ ଦେଇଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ୧୦ ମାସ ପରେ ବି ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଣସପୁର ପଞ୍ଚାୟତସ୍ଥିତ ଅକରପଡା ଓ ସାହାସପୁର ଗ୍ରାମର ୧୩ରୁ ଉର୍ଦ୍ଧ୍ୱ ପାନ ଚାଷୀଙ୍କୁ ସହାୟତା ମିଳିପାରି ନାହିଁ। ଫଳରେ ଦୁର୍ଦ୍ଦିନରେ ଦିନ କାଟିବାକୁ ସେମାନେ ବାଧ ହେଉଛନ୍ତି। ୨୦୧୬ ମସିହାରେ ଏହି ଚାଷୀମାନଙ୍କୁ ସରକାରଙ୍କ ପକ୍ଷରୁ ପାନ ଚାଷ ପାଇଁ ପ୍ରେତ୍ସାହନ ରାଶି ପ୍ରଦାନ କରାଯାଇଥିଲା । କିନ୍ତୁ ଏହାପରେ ସେମାନଙ୍କୁ କୌଣସି ଆର୍ଥିକ ସହାୟତା ମିଳି ନ ଥିଲା। ଫଳରେ ପାନବରଜ ଚାଷ ପାଇଁ ସେମାନଙ୍କୁ ପୁନର୍ବାର ଉଦ୍ଧାର କରିବାକୁ ପଡ଼ିଥିଲା। ଗତ ଫନି ବାତ୍ୟାରେ ଅକରପଡା ଗ୍ରାମର ଶରତ ଦାସ, ଅଜୟ ଦାସ, ପ୍ରକାଶ କୁମାର ଦାସ, ରାଜେଶ କୁମାର ଦାସ, ରମେଶ ଦାସ, ସୁବାଷ ଦାସ, ସୁରେଶ ଦାସ,ଗଜେନ୍ଦ୍ର ଦାସ ପ୍ରମୁଖଙ୍କ ଧାନ ବରଜ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ସେହପରି ସାହାସପୁର ଗ୍ରାମର ଶରତ ସାହୁ, ରତ୍ନାକର ସାହୁ, ହିମାଂଶୁ ଶେଖର ଦାସ, ଦାମୋଦର ସାହୁ ଓ ବସନ୍ତ ସାହୁ ପ୍ରମୁଖଙ୍କ ପାନ ବରଜ ଚାଷ ଧୋଇହୋଇଯାଇଥିଲା। ଏହାପରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କୁ କ୍ଷତିପୂରଣ ଦେବା ନିମନ୍ତେ ଆବଶ୍ୟକ କାଗଜପତ୍ର ମଧ ନିଆଯାଇଥିଲା । ମାତ୍ର ଦୀର୍ଘ ୧୦ ମାସ ବିତି ଯାଇଥିଲେ ମଧ ଏହି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଏପର୍ଯ୍ୟନ୍ତ ସହାୟତା ମିଳି ନାହିଁ। ସମ୍ପୃକ୍ତ ଚାଷୀ କ୍ଷତିପୂରଣ ପାଇଁ ବିଭାଗୀୟ କାର୍ଯ୍ୟାଳୟକୁ ବାରମ୍ବାର ଯାଇଥିଲେ ମଧ କୌଣସି ସୁଫଳ ମିଳି ପାରି ନାହିଁ ବୋଲି ଅଭିଯୋଗ କରିଛନ୍ତି।

ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ଅପରପକ୍ଷେ ବ୍ଲକ ଉଦ୍ୟାନ କୃଷି ବିଭାଗ କେବଳ କ୍ଷତିଗ୍ରସ୍ତ ଚାଷୀଙ୍କ ନାମ ତାଲିକା ଉଚ୍ଚ ଅଧିକାରୀଙ୍କ ନିକଟକୁ ପଠାଇ ଚୁପ ବସିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ମାହାଙ୍ଗା ଉଦ୍ୟାନ କୃଷି ଅଧିକାରୀ ଶରତ ଦାସ କହିଛନ୍ତି, ଏହି ଅଞ୍ଚଳର କ୍ଷତିଗ୍ରସ୍ତ ପାନ ଚାଷୀଙ୍କୁ ଚିହ୍ନଟ କରାଯାଇଛି। ଯେଉଁମାନେ ପାନବରଜ ଚାଷର ପୁନରୁଦ୍ଧାର କରିଛନ୍ତି ସେମାନଙ୍କ ଫଟୋ ଉଠାଯାଇଛି । ସରକାରଙ୍କ ପକ୍ଷରୁ ସହାୟତା ଅର୍ଥ ଆସିଲେ ଚାଷୀଙ୍କୁ ଏହା ପ୍ରଦାନ କରାଯିବ।

## ବନ୍ଦ ରହିବ ଜନ୍ମମୃତ୍ୟୁ ପଞ୍ଜୀକରଣ କାଉଣ୍ଟର୍

**କଟକ ଅଫିସ:** କରୋନା ଭୂତାଣୁ ବ୍ୟାପିବା ଆଶଙ୍କା ନେଇ ବାଦାମବାଡ଼ିସ୍ଥିତ ବିକାଶ ଭବନଠାରେ ଥିବା ଜନ୍ମମୃତ୍ୟୁ ପଞ୍ଜିକରଣ କାଉଣ୍ଟର୍‌କୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଶୁକ୍ରବାରଠାରୁ ବନ୍ଦ କରିଦିଆଯାଇଛି। ଏହି କାଉଣ୍ଟର୍‌କୁ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ଏଥିସହ ହେଲଥ୍ ଅଫିସ୍ କାଉଣ୍ଟର୍‌କୁ ନ ଆସିବାକୁ ପରାମର୍ଶ ଦିଆଯାଇଛି। ତେବେ ପଞ୍ଜୀକରଣ ସଂପୂର୍ଣ୍ଣ ବନ୍ଦ ରହିବ ନାହିଁ। ଅନ୍‌ଲାଇନ୍‌ରେ ନାଗରିକମାନେ ଆବେଦନ କରିପାରିବେ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଅନ୍‌ଲାଇନ୍ କାରବାର ପାଇଁ ଇପିଏଫ ଉପଭୋକ୍ତାଙ୍କୁ ପରାମର୍ଶ

**ଭୁବନେଶ୍ୱର,୨୦।୩ (ବ୍ୟୁରୋ):** ଇପିଏଫ୍‌ଓ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଉପଭୋକ୍ତାମାନଙ୍କୁ ଅନ୍‌ଲାଇନ୍ ଜରିଆରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିବେଦନ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ covid-19 ସଂକ୍ରମଣକୁ ରୋକିବା ପାଇଁ କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ ତରଫରୁ ଏହି ପ୍ରକାର ନିବେଦନ କରାଯାଇଛି। ଇପିଏଫ୍ ସମ୍ବନ୍ଧୀୟ ଜମା ରାଶି ଟଙ୍କା ଉଠାଇବା ପାଇଁ କାର୍ଯ୍ୟାଳୟକୁ ନ ଆସି www.jeevan-pramaan.gov.in ରେ ପ୍ରଦତ୍ତ ୟୁଏଏନ୍ ପୋର୍ଟାଲ ସାହାଯ୍ୟରେ ଦାବିପତ୍ର ଦାଖଲ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି। ସେହିପରି ପେନସନ୍ ଜୀବନ ପ୍ରମାଣପତ୍ର ପାଇଁ www.jeevanpramaan.gov.in. UMANG App ଏବଂ ଯେକୌଣସି ଅଭିଯୋଗ ପାଇଁ subject column ରେ grievance ଉଲ୍ଲେଖ କରି ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଇମେଲ ro.bhubaneshwar@epfindia.gov.in ରେ ପଠାଇବା ପାଇଁ କୁହାଯାଇଛି। ଏହା ବ୍ୟତୀତ ଅନ୍ୟ କୌଣସି ବିଷୟରେ ଜାଣିବା ପାଇଁ ପ୍ରଦତ୍ତ ଫୋନ୍ ନମ୍ବର ୦୬୭୪-୨୫୪୩୫୬୬, ୨୫୪୩୨୬୯ ତଥା ନାସନାଲ toll free ନମ୍ବର ୧୮୦୦-୧୧-୮୦୦୫ରେ ଉପଭୋକ୍ତାମାନେ ଯୋଗାଯୋଗ କରିପାରିବେ। ଅନ୍‌ଲାଇନରେ ପ୍ରାପ୍ତ ଆବେଦନ ଉପରେ ତୁରନ୍ତ ପଦକ୍ଷେପ ନିଆଯାଇ ଉପଭୋକ୍ତାଙ୍କ ଫୋନ୍ ଏବଂ ଇମେଲ ଜରିଆରେ ସୂଚିତ କରାଯିବ ବୋଲି ଇପିଏଫଓ ଭୁବନେଶ୍ୱର ଅଫିସ୍ ପକ୍ଷରୁ କୁହାଯାଇଛି

### ଟୁରିଷ୍ଟ ବସ୍ ଫେରିଗଲା

**ପୁରୀ ଅଫିସ,୨୦।୩:** କରୋନା ମୁକାବିଲା ପାଇଁ ପୁରୀ ଜିଲା ପ୍ରବେଶ ପଥଗୁଡ଼ିକୁ ସିଲ୍ କରି ଗାଡ଼ି ଯାଞ୍ଚ ଚଳାଇଛି ପ୍ରଶାସନ। ବାହାରୁ ଆସୁଥିବା କୌଣସି ପର୍ଯ୍ୟଟକଙ୍କୁ ପୁରୀରେ ପ୍ରବେଶ ପାଇଁ ଅନୁମତି ଦିଆଯାଉ ନାହିଁ। ଗତ ୫ଦିନ ମଧ୍ୟରେ ପ୍ରାୟ ୩ହଜାର ପର୍ଯ୍ୟଟକଙ୍କୁ ଫେରାଇ ଦିଆଯାଇଛି। ଶୁକ୍ରବାର ପିପିଲି ଟୋଲଗେଟ୍‌ରେ ପରିବହନ, ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଯାଞ୍ଚ ଚାଲିଥିଲା। କେବଳ ଗୋଟିଏ ଟୁରିଷ୍ଟ ବସ୍ ବ୍ୟତୀତ ଅନ୍ୟ କୌଣସି ପର୍ଯ୍ୟଟକ ଗାଡ଼ି ପୁରୀକୁ ଆସି ନ ଥିଲେ। ରାଜସ୍ଥାନରୁ ଆସିଥିବା ଏହି ଟୁରିଷ୍ଟ ବସ୍‌କୁ ପିପିଲି ଟୋଲଗେଟ୍‌ରୁ ଫେରାଇ ଦିଆଯାଇଥିଲା ବୋଲି ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ସମୀର କୁମାର ଦଳାଇ କହିଛନ୍ତି। ଅନ୍ୟପକ୍ଷରେ ବାହାର ରାଜ୍ୟରୁ ଫେରୁଥିବା ଜିଲାବାସୀଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରାଯାଉଛି। ଏଥିଲାଗି ଆଶାକର୍ମୀମାନଙ୍କୁ ପରାମର୍ଶ ଦିଆଯାଇଛି। କେଉଁ ଗାଁରେ କିଏ ବାହାରୁ ଆସିଲେ ତୁରନ୍ତ ପ୍ରଶାସନକୁ ଜଣାଇବା ଲାଗି କୁହାଯାଇଛି। ସତର୍କତା ଓ ସଚେତନତାକୁ ଅଧିକ କଡ଼ାକଡ଼ି କରାଯାଇଛି। ପୁରୀ ସହରର ସମୁଦ୍ରକୂଳ, ବଡ଼ଦାଣ୍ଡ, ଚକ୍ରତୀର୍ଥ ରୋଡ ଏବଂ ଭିଆଇପି ରୋଡର ବିଭିନ୍ନ ହୋଟେଲ, ଲଜିଂ, ଆଶ୍ରମ, ହଲିଡେ ହୋମ୍, ଧର୍ମଶାଳା ଓ ଭକ୍ତନିବାସରେ ରହୁଥିବା ବହୁ ପର୍ଯ୍ୟଟକ ସହର ଛାଡ଼ି ଚାଲିଯାଇଛନ୍ତି। ଏଥିଯୋଗୁ ରାସ୍ତାଘାଟ ଏକପ୍ରକାର ଜନଶୂନ୍ୟ ଲାଗୁଛି ।

### କଟୁରିରେ ଆକ୍ରମଣ: ଟଙ୍କା, ସୁନା ଅଲଙ୍କାର ଲୁଟ୍

**ନିମାପଡ଼ା,୨୦।୩(ଡି.ଏନ୍.ଏ.):** ନିମାପଡ଼ା-କାକଟପୁର ରାସ୍ତାର ଖେଦରପୁର ଛକ ନିକଟରେ ଶୁକ୍ରବାର ୩ଜଣ ଦୁର୍ବୃତ୍ତ କଣିଆ ଗ୍ରାମର ସୁଦର୍ଶନ ନାୟକଙ୍କୁ କଟୁରିରେ ଆକ୍ରମଣ କରିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ବନ୍ଧୁକ ଦେଖାଇ ୨୦ହଜାର ଟଙ୍କା ଓ ସୁନାଅଲଙ୍କାର ଲୁଟି ନେଇଛନ୍ତି। ସୁଦର୍ଶନଙ୍କୁ ଗୁରୁତର ଅବସ୍ଥାରେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୭୨/୨୦)ରୁଜୁ ହୋଇଛି।

# ବାଦ୍‌ପଡ଼ିଲେ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ

**ଉତ୍କଳ ବିଶ୍ୱବିଦ୍ୟାଳୟ ଅକ୍ୟୁପେଶନାଲ ଥେରାପିର ବୋର୍ଡ ଅଫ ଷ୍ଟଡିଜର ପୁନର୍ଗଠନ**

**କଟକ ଅଫିସ,୨୦।୩**

ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ଗଠିତ ଫିଜିଓଥେରାପି ଓ ଅକ୍ୟୁପେଶନାଲ ଥେରାପିର ବୋର୍ଡ ଅଫ ଷ୍ଟଡିଜର ପୁନର୍ଗଠନ କରିଛନ୍ତି। ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ ସଂସ୍ଥାନ(ନିରତାର) ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ (ବୈଷୟିକ), ପିଏମ୍ଆର୍ ବିଭାଗର ମୁଖ୍ୟ ଓ ଟ୍ରେନିଂ କୋଅର୍ଡିନେଟରଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଏହାକୁ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ମହାସଂଘ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଏହା ଅଧୀନରେ ଥିବା କଲେଜଗୁଡ଼ିକରେ ପଢ଼ାଯାଉଥିବା ପ୍ରତ୍ୟେକ ବିଷୟ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଲଗା ବୋର୍ଡ ଅଫ ଷ୍ଟଡିଜ ଗଠନ କରିଥାନ୍ତି। ବିଶ୍ୱବିଦ୍ୟାଳୟର ନିୟମାବଳୀ ଅନୁସାରେ ପ୍ରତ୍ୟେକ ବିଷୟର ବୋର୍ଡ ଅଫ ଷ୍ଟଡିଜ୍‌ରେ ସେହି ବିଷୟର ବିଶେଷଜ୍ଞ ବା ତହିଁରେ ସ୍ୱତନ୍ତ୍ର ଜ୍ଞାନ ଆହରଣ କରିଥିବା ବ୍ୟକ୍ତିମାନେ ସଦସ୍ୟ ରହିବେ। ଅର୍ଥାତ୍ ଅଧ୍ୟାପନା ଓ ଗବେଷଣାରେ ଲିପ୍ତ ଥିବା ଶିକ୍ଷାବିତ୍‌ଙ୍କୁ ବୋର୍ଡ ଅଫ ଷ୍ଟଡିଜର ସଦସ୍ୟ ଭାବେ ନିଆଯାଇଥାଏ। ପ୍ରଶାସନିକ ପଦବୀରେ ଅବସ୍ଥାପିତ ବ୍ୟକ୍ତିଙ୍କ ଏଥିରେ ସ୍ଥାନ ନ ଥାଏ। ଉକ୍ତ ବୋର୍ଡ ଅଫ ଷ୍ଟଡିଜ ସମ୍ପୃକ୍ତ ବିଷୟର ପାଠ୍ୟକ୍ରମ ଆଦି ନିର୍ଦ୍ଧାରଣ କରିବା ସଙ୍ଗେ ସଙ୍ଗେ ପରୀକ୍ଷକଙ୍କୁ ନିଯୁକ୍ତି ଦେଇଥାଏ। ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଫିଜିଓଥେରାପି ଓ ଅକ୍ୟୁପେଶନାଲ ଥେରାପିର ବୋର୍ଡ ଅଫ ଷ୍ଟଡିଜରେ 'ନିରତାର' ନିର୍ଦ୍ଦେଶକ, ଉପନିର୍ଦ୍ଦେଶକଙ୍କ ପରି ପ୍ରଶାସନିକ ଅଧିକାରୀଙ୍କୁ ସ୍ଥାନ ଦେଇଥିବାରୁ ତାହା ରାଜ୍ୟର ଶିକ୍ଷାବିତ୍‌ଙ୍କ ମହଲରେ ଆଲୋଡନ ସୃଷ୍ଟି କରିଥିଲା। ବହୁ ଶିକ୍ଷାବିତ୍ ଏ ନେଇ ଜାନୁୟାରୀ ୭ରେ କୁଳପତି ପ୍ରଫେସର ଏସ୍.ଏମ୍. ପଟ୍ଟନାୟକଙ୍କୁ ଏକ ଚିଠି ଲେଖି ଏହାର ପ୍ରତିବାଦ କରିଥିଲେ। ଉକ୍ତ ଚିଠିରେ ସେମାନେ ଲେଖିଥିଲେ ଯେ, ଫିଜିଓଥେରାପି ଓ ଅକ୍ୟୁପେଶନାଲ ଥେରାପିର ବିଶେଷଜ୍ଞଙ୍କୁ ବାଦଦେଇ 'ନିରତାର' ନିର୍ଦ୍ଦେଶକ ଓ ଉପନିର୍ଦ୍ଦେଶକଙ୍କ ପରି ପ୍ରଶାସନିକ ଅଧିକାରୀଙ୍କୁ ବୋର୍ଡ଼ରେ ସ୍ଥାନ ଦେବା ଆଦୌ ସ୍ପୃହଣୀୟ ନୁହେଁ। ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ 'ନିର୍‌ତାର'ରେ ଟ୍ରେନିଂ କୋଅର୍ଡିନେଟର ପଦବୀ ସୃଷ୍ଟି କରି ନ ଥିବାବେଳେ ସେହି ପଦବୀ କେଉଁଠୁ ଆସି ବୋର୍ଡରେ ଅନ୍ତର୍ଭୁକ୍ତ ହେଲା ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ଶିକ୍ଷାବିତ୍ ପ୍ରଫେସର ଦିନେଶ ପ୍ରସାଦ ପଟ୍ଟନାୟକଙ୍କ ନେତୃତ୍ୱରେ ଶିକ୍ଷାବିତ୍‌ମାନଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ କୁଳପତିଙ୍କୁ ଭେଟି ଏହି ଚିଠି ହସ୍ତାନ୍ତର କରିଥିଲେ। ଏ ନେଇ ମଧ୍ୟ ଆଲୋଚନା କରିଥିଲେ। ଜାନୁୟାରୀ ୮ରେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଏକ ପ୍ରତିନିଧି ଦଳ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲଙ୍କୁ ସାକ୍ଷାତ କରି ଅନୁରୂପ ଏକ ଚିଠି ପ୍ରଦାନ କରିଥିଲେ। ମହାସଂଘର ରାଜ୍ୟ ଶାଖାର ଆବାହକ ଡ. ପବିତ୍ର କୁମାର ରଥଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ମଣ୍ଡଳୀ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିୟମାବଳୀ ଅନୁସାରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ଶେଷରେ କୁଳପତି ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟର ୩ଜଣ ବରିଷ୍ଠ ପ୍ରଫେସରଙ୍କ ମତାମତ ଲୋଡିଥିଲେ। ଏହା ପରେ ବୋର୍ଡ ଅଫ୍ ଷ୍ଟଡିଜ୍‌ରୁ 'ନିରତାର'ର ନିର୍ଦ୍ଦେଶକଙ୍କୁ ବାଦଦେଇ ବୋର୍ଡର ପୁନର୍ଗଠନ କରାଯାଇଛି। ନୂତନ ବୋର୍ଡର ବୈଠକ ଗତ ୧୧ତାରିଖରେ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ପକ୍ଷରୁ ନୂତନ ବୋର୍ଡ ଅଫ ଷ୍ଟଡିଜ ଗଠନକୁ ସ୍ୱାଗତ କରାଯିବା ସଙ୍ଗେ ସଙ୍ଗେ କେଉଁ ପରିସ୍ଥିତିରେ 'ନିରତାର'ର ନିର୍ଦ୍ଦେଶକ, ଉପନିର୍ଦ୍ଦେଶକଙ୍କୁ ତହିଁରେ ନିଆଯାଇଥିଲା, ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଦାବି କରାଯାଇଛି। ମୁଖ୍ୟତଃ ନିରତାରରେ ଟ୍ରେନିଂ କୋଅର୍ଡିନେଟର ପଦବୀ ନ ଥିବାବେଳେ ଏହା କିପରି ବୋର୍ଡ ଅଫ ଷ୍ଟଡିଜ୍‌ରେ ସ୍ଥାନ ପାଇଥିଲା ଏହାର ତଦନ୍ତ କରି ଏଥିପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମହାସଂଘ ପକ୍ଷରୁ ଦାବି ହୋଇଛି।


କଟକ ରାଣୀହାଟ ଠାରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

## ସ୍ୱଚ୍ଛତା ତାଲିମ କାର୍ଯ୍ୟକ୍ରମ

**କଟକ ଅଫିସ,୨୦।୩**

ବିଡ଼ାନାସୀସ୍ଥିତ ଦେବଶିଶୁ ସ୍ନେହ ମନ୍ଦିରଠାରେ ସ୍ୱଚ୍ଛତା ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଡ. ବନଲତା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛ। ଏହି ଉପଲକ୍ଷେ ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଓ କବିତା ପାଠ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜଗମୋହନ ରଥ ଯୋଗଦେଇ ଛାତ୍ରୀଙ୍କୁ ସ୍ୱାସ୍ଥ୍ୟସେବା ସମ୍ବନ୍ଧରେ ବୁଝାଇଥିଲେ। ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛ ରହିବା ପାଇଁ ପରାମର୍ଶ ଦେଇଥିଲେ। କଟକ ଶ୍ରୀ ରାମଚନ୍ଦ୍ରଭଞ୍ଜ ମେଡିକାଲ୍‌ର ଆସୋସିଏଟ୍ ପ୍ରଫେସର୍ ଡା. ବିଜନ ପଟ୍ଟନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ବକ୍ତୃତାରେ ମମିତା ପ୍ରଥମ, ଅଙ୍କିତା ଦ୍ୱିତୀୟ ଏବଂ ପରମଜିତ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନରେ କେ. କବିତା ପ୍ରଥମ, ଦିବ୍ୟାଶ୍ରୀ ଦ୍ୱିତୀୟ ଏବଂ କଲ୍ୟାଣି ଓ ନିନି ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। କବିତା ପାଠରେ ଶୁଭଶ୍ରୀ ପ୍ରଥମ ଏବଂ ସ୍ପୃହା ଦ୍ୱିତୀୟ ପୁରସ୍କାର ପାଇଛନ୍ତି। ଗୁରୁମା ରାଜରାଣୀ ତ୍ରିପାଠୀ ଓ ମଧୁସ୍ମିତା ପଣ୍ଡା ପରିଚାଳନା କରିଥିଲେ।


ନିର୍ଭୟାଙ୍କୁ ନ୍ୟାୟ ମିଳିବା ପରେ ଶୁକ୍ରବାର କଟକ କଲେଜ ଛକ ପାତ୍ରସାହିସ୍ଥିତ ରାଧାକ୍ରିଷ୍ଣ ମନ୍ଦିରରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

## କରୋନାକୁ ନେଇ ସଚେତନତା

**କଟକ ସଦର,୨୦।୩(ଡି.ଏନ୍.ଏ.)**

କଟକ ସଦର ବ୍ଲକ ସମ୍ମିଳନୀ କକ୍ଷରେ କରୋନାକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ବସନ୍ତ ସାହୁ, ଡା. ଶୁଭାଶିଷ ଶତପଥୀ ଯୋଗଦେଇ ସମିତି ସଭ୍ୟାସଭ୍ୟଙ୍କୁ ସଚେତନ କରିବା ସହ ବ୍ଲକ ଅଞ୍ଚଳରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଚନ୍ଦ୍ର ସାରଥି ବେହେରା, ବ୍ଲକ ଅଧ୍ୟକ୍ଷା ଶ୍ରୀମନ୍ତିନୀ ବେହେରା, ଉପାଧ୍ୟକ୍ଷ ବିଭୂତିଭୂଷଣ ପରିଡା, ବିଡିଓ ରାଜୀବ ଲୋଚନ ପରିଡା, ଏବିଡିଓ ଜ୍ଞାନରଞ୍ଜନ ପଣ୍ଡା, ଜିପିଇଓ ଯାଜ୍ଞସେନୀ ଗୋଛାୟତ ପ୍ରମୁଖ ଯୋଗଦେଇଥିଲେ। ସେହିପରି କିଶୋରନଗରଠାରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋରନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିଞ୍ଜୁ ମାରାଣ୍ଡି ସମସ୍ତ ଲୋକଙ୍କୁ ହାତଧୁଆ, ମାସ୍କ ବ୍ୟବହାର ଓ ଜନଗହଳି ସ୍ଥାନରୁ ଦୂରରେ ରହିବାକୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଥାନା ଅଧିକାରୀ ବାମଦେବ ସ୍ୱାଇଁ, ବିଳାସ ମଲ୍ଲିକ, ବୁଦ୍ଧିଆ ପ୍ରଧାନ, ସୁରେଶ ଚନ୍ଦ୍ର ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ସଚେତନତା ରଥକୁ ସ୍ୱାଗତ

**କଣ୍ଟାପଡ଼ା,୨୦।୩(ଡି.ଏନ୍.ଏ.)**

କଣ୍ଟାପଡ଼ା ପ୍ରେସ୍ କ୍ଲବ ପକ୍ଷରୁ କରୋନା ସଚେତନତା ପାଇଁ ଆରମ୍ଭ ହୋଇଥିବା ସଚେତନତା ରଥକୁ ଅଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଛି। ଏହି ରଥ ଗୋବିନ୍ଦପୁର ବଜାରରେ ପହଞ୍ଚିବାପରେ ଗୋବିନ୍ଦପୁର ପଞ୍ଚାୟତର କାର୍ଯ୍ୟକର୍ତ୍ତା ଓ ଗୋବିନ୍ଦପୁର ଥାନା ପକ୍ଷରୁ ରଥକୁ ସ୍ୱାଗତ କରାଯିବା ସହ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଗୋବିନ୍ଦପୁର ପଞ୍ଚାୟତ ସରପଞ୍ଚ ଲଲାଟେନ୍ଦୁ ପ୍ରସାଦ ଦାଶ, ସମିତିସଭ୍ୟ ଜ୍ଞାନ ପୂର୍ଣ୍ଣ ବେହେରା, ଗୋବିନ୍ଦପୁର ଥାନା ଅଧିକାରୀ ମାନସ ମିଶ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଡା.ଦୀପ୍ତିମୟୀ ପଣ୍ଡା, ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଓ ସ୍ଥାନୀୟ ଲୋକ ସଚେତନତା ରଥକୁ ସ୍ୱାଗତ କରିଥିଲେ। ଏହି ଅବସରରେ କରୋନାରୁ ସୁରକ୍ଷା ପାଇଁ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣସାଇଲୋଠାରେ ସଚେତନତା ରଥକୁ ସ୍ୱାଗତ କରାଯିବା ସହ କାର୍ଯ୍ୟାଳୟ ପରିସରରେ ଏକସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଞ୍ଜିତ୍ ରାଉତରାୟ, ରୋଜାଲିନ ବେହେରା ପ୍ରମୁଖ ଯୋଗଦେଇଥିଲେ।

# କରୋନା ପାଇଁ ଏସ୍‌ଭି ନିରତାରରେ ସତର୍କତା

**କଣ୍ଟାପଡ଼ା,୨୦।୩(ଡି.ଏନ୍.ଏ.)**

ଓଲଟପୁରସ୍ଥିତ ଏସ୍‌ଭି ନିରତାରରେ କରୋନା ପାଇଁ ଭିଭିନ୍ନ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। କେନ୍ଦ୍ରୀୟ ବିଭାଗୀୟ ସଚିବଙ୍କ ନିର୍ଦ୍ଦେଶକ୍ରମେ ନିରତାର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ ଗତ ସୋମବାର ଅନୁଷ୍ଠାନର ବିଭିନ୍ନ ବିଭାଗ ବୁଲିବା ସହ ସ୍ୱଚ୍ଛତା ଯାଞ୍ଚ କରିଥିଲେ। ଅନୁଷ୍ଠାନରେ ଏକ ଆଇସୋଲେଶନ ୱାର୍ଡ ଖୋଲାଯାଇଥିବାବେଳେ କାର୍ଯ୍ୟରତ କର୍ମଚାରୀଙ୍କୁ ମାସ୍କ ଓ ହାତଧୋଇବା ପାଇଁ ସାନିଟାଇଜର ଯୋଗାଇ ଦିଆଯାଇଛି। ଛୁଟି ଘୋଷଣାପରେ ଉକ୍ତ ଅନୁଷ୍ଠାନ ଛାତ୍ରୀଛାତ୍ରମାନେ ଘରକୁ ପଳାଇଛନ୍ତି। ଏଠାରେ ଇଣ୍ଟର୍ନିଭାବେ ଥିବା ୧୭୦ ଛାତ୍ରୀଛାତ୍ର ରୋଗୀସେବାରେ ନିୟୋଜିତ ଥିବା ଜଣାପଡିଛି। ସେମାନଙ୍କ ପାଇଁ ନିରତାର କର୍ତ୍ତୃପକ୍ଷ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି ବୋଲି ଅନୁଷ୍ଠାନର ପ୍ରଶାସନିକ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ କହିଛନ୍ତି। ନିରତାର ପରିସରରେ କ୍ଲୋରିନ ଇନଫେକ୍ଟାଣ୍ଟ ସ୍ପ୍ରେ କରାଯାଇଛି। ବାହାରୁ ଆସି ବିଭିନ୍ନ ୱାର୍ଡରେ ଚିକିତ୍ସିତ ହେଉଥିବା ଦିବ୍ୟାଙ୍ଗମାନେ କରୋନା ଭୟରେ ଡିସଚାର୍ଜ ହୋଇ ଘରକୁ ଚାଲିଯାଇଥିବା ଜଣାପଡିଛି। ତେବେ ସତର୍କତାମୂଳକ ପଦକ୍ଷେପ ଯୋଗୁ ନିରତାର ପରିବେଶ ଠିକ୍ ଥିବା ବୈଷୟିକ ଉପ ନିର୍ଦ୍ଦେଶକ ଡା. କିଶୋର ମହାପାତ୍ର କହିଛନ୍ତି।

## ହସ୍ପିଟାଲରେ ବନ୍ଦ ହୋଇପାରେ ସାଧାରଣ ଓପିଡି

**କଟକ ଅଫିସ,୨୦।୩**

କରୋନାରୁ ରକ୍ଷା ପାଇବା ପାଇଁ ସରକାରୀସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜଧାନୀରେ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥାରେ ଅଡ୍ ଇଭିନ ନିୟମକୁ ଲାଗୁ କରାଯାଇଛି। କିନ୍ତୁ ହସ୍ପିଟାଲଗୁଡ଼ିକର ସାଧାରଣ ଓପିଡିରେ ଗହଳି କମୁ ନ ଥିବାରୁ ସରକାରଙ୍କ ଚିନ୍ତାର କାରଣ ପାଲଟିଛି। ଆଗାମୀ ଦିନରେ ସରକାର ସାଧାରଣ ରୋଗ ନିମନ୍ତେ ଉଦ୍ଦିଷ୍ଟ ଓପିଡିକୁ ଅସ୍ଥାୟୀ ଭାବେ ବନ୍ଦ କରିବାକୁ ନିଷ୍ପତ୍ତି ନେଇପାରନ୍ତି ବୋଲି କେତେଜଣ ଡାକ୍ତର ଆଲୋଚନା କରୁଛନ୍ତି। ଯେଉଁମାନଙ୍କ ମେଡିକାଲ ଏମରଜେନ୍ସି ନାହିଁ ଅଥବା ଛୋଟ ସମସ୍ୟା ପାଇଁ ଡାକ୍ତରଖାନା ଆସିବା ଦ୍ୱାରା ହସ୍ପିଟାଲ ପରିସର ଅତ୍ୟଧିକ ଗହଳି ହେଉଛି। ଫଳରେ ସାମାଜିକ ଦୂରତ୍ୱ ନିୟମ ପାଳନ କରାଯାଉ ନ ଥିବାରୁ ଏଭଳି ନିଷ୍ପତ୍ତି ଆସିବାର ସମ୍ଭାବନାକୁ ଏଡାଇ ହେବ ନାହିଁ।

# ପଖାଳକୁ ରୋକିପାରିଲାନି କରୋନା

**ଘରେ ପାଳନ ହେଲା ପଖାଳ ଦିବସ**

**ଭୁବନେଶ୍ୱର,୨୦।୩(ବ୍ୟୁରୋ)**

ପଖାଳ କଂସାକୁ ରୋକିପାରିଲାନି କରୋନା ଭୟ। ପଖାଳ ଦିବସରେ ଓଡ଼ିଆଙ୍କ ଘରେ ଘରେ ଜମିଲା ପଖାଳର ଆସର। ସାମାଜିକ ଦୂରତ୍ୱ ପାଇଁ ସରକାର ଜାରି କରିଥିବା ଗାଇଡ୍‌ଲାଇନକୁ ମାନି ଲୋକେ ଘରେ ନିଜ ବନ୍ଧୁ ପ୍ରିୟଜନଙ୍କ ସହ ପଖାଳ ଦିବସ ପାଳନ କରିଥିବା ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ସୁସ୍ୱାଦୁ ପଖାଳ ପାଇଁ ପ୍ରସିଦ୍ଧ ରାଜଧାନୀର ଏକାମ୍ର ହାଟରେ ମଧ୍ୟ ଅଳ୍ପ ସଂଖ୍ୟାରେ ଲୋକେ ପଖାଳର ମଜା ନେଇଥିଲେ। ତେବେ କରୋନା ସଂକ୍ରମଣ ଭୟରେ ଅଧିକାଂଶ ରେଷ୍ଟୁରାଣ୍ଟ ଓ ହୋଟେଲ ପୂର୍ବରୁ ଆୟୋଜନ କରିବାକୁ ଥିବା ପଖାଳ ଦିବସ ଇଭେଣ୍ଟକୁ ବାତିଲ କରିଥିଲେ ମଧ୍ୟ ଏହି ଦିବସର କ୍ରେଜ୍ କିନ୍ତୁ ଲୋକଙ୍କ ମଧ୍ୟରେ କମି ନ ଥିଲା, ଯାହାକି ସୋସିଆଲ ମିଡ଼ିଆରେ ଦେଖିବାକୁ ମିଳିଥିଲା। ଘରେ ପଖାଳ ଖାଇ ଟୁଇଟର, ଇନ୍‌ଷ୍ଟାଗ୍ରାମ୍ ଏବଂ ଫେସ୍‌ବୁକ୍‌ରେ ଫଟୋ ଅପ୍‌ଲୋଡ୍ କରିବା ସହ ପରସ୍ପରକୁ ଏହି ଦିବସର ଶୁଭେଚ୍ଛା ଜଣାଇଥିଲେ। ପଖାଳ ଦିବସ ପାଇଁ ଏକାମ୍ର ହାଟରେ ଶୁକ୍ରବାର ଟିକେ ଗହଳି ଦେଖିବାକୁ ମିଳିଥିଲା। ଅନ୍ୟବର୍ଷ ଭଳି ନ ହେଲେ ବି ପଖାଳ ଖାଇବାକୁ ହାଟ ପରିସରରେ ଥିବା ବିଭିନ୍ନ ହୋଟେଲରେ ଭିଡ଼ ଲାଗିଥିଲା। ୩୦୦ରୁ ୪୦୦ ପରିବର୍ତ୍ତେ ଏଥର ମାତ୍ର ୫୦ରୁ ୬୦ଜଣ ଗ୍ରାହକ ହୋଇଥିବା ଏକାମ୍ର ହାଟର ଜଣେ ହୋଟେଲ ବ୍ୟବସାୟୀ କହିଥିବାବେଳେ ବଡ଼ ବଡ଼ ତାରକା ହୋଟେଲ ମଧ୍ୟ ଫାଙ୍କା ପଡ଼ିଥିଲା। ଏପଟେ କରୋନାକୁ ଦୃଷ୍ଟିରେ ରଖି ମାଇକେଲ୍‌ସ କିଚେନ୍‌ରେ ଆୟୋଜନ ହେବାକୁ ଥିବା ପଖାଳ ଫେଷ୍ଟିଭାଲକୁ ବାତିଲ କରାଯାଇଥିଲା। ଏପଟେ ଘରେ ଘରେ ପଖାଳ ସହ ଚୁନା ମାଛ, ଶାଗ ଭଜା, ବଡି ଚୁରା, କଖାରୁ ଫୁଲ ପିଠଉ, ଚିଙ୍ଗୁଡି ଛେଚା, ମାଛ ଭଜା ଏବଂ ଆଳୁ ଭରତା ଭଳି ଖାଣ୍ଟି ଓଡିଆ ଖାଦ୍ୟର ପସରା ଜମିଥିଲା।

# ଧାନ ବିକି ନ ପାରି ଚିନ୍ତାରେ ଚାଷୀ

**■ ୩୧୬୧ ଚାଷୀଙ୍କୁ ମିଳିଛି ଟୋକନ**
**■ ମାର୍ଚ୍ଚ ୩୦ ସୁଦ୍ଧା ବିକ୍ରି ବନ୍ଦ କରିବାକୁ ନିଷ୍ପତ୍ତି**
**■ ୧୫ ସେବା ସମୟବାୟ ସମିତିକୁ ଦାୟିତ୍ୱ ଦିଆଯାଇଛି**

**ନିଶ୍ଚିନ୍ତକୋଇଲି,୨୦।୩(ଡି.ଏନ୍.ଏ.)**

ଚାଷୀ କ୍ଷେତରୁ ଉତ୍ପାଦିତ ଧାନକୁ ସହଜରେ ସମବାୟ ସମିତି ଜରିଆରେ ବିକ୍ରି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ବର୍ଷ ଠାରୁ ଟୋକନ ବ୍ୟବସ୍ଥା ଆରମ୍ଭ ହୋଇଛି। ମାତ୍ର ବହୁ ଚାଷୀ ଟୋକନ ପାଇଁ ନାମ ପଞ୍ଜିକରଣ କରି ନପାରି ଧାନ ବିକ୍ରି କରି ପାରି ନ ଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକରେ ବହୁ ଚାଷୀଙ୍କ ପାଖରେ ଟୋକନ ଥାଇ ମଧ୍ୟ ଧାନ ବିକ୍ରି କରି ପାରୁ ନାହାନ୍ତି। ଅପରପକ୍ଷେ ମାର୍ଚ୍ଚ ୩୦ ସୁଦ୍ଧା ବ୍ଲକରେ ଧାନ କ୍ରୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ବ୍ଲକରେ ୧୫ ସେବା ସମବାୟ ସମିତି ଧାନ କିଣିବା ଦାୟିତ୍ୱରେ ରହିଛନ୍ତି। ପ୍ରତି ସେବା ସମବାୟ ସମିତିରେ ଧାନ କ୍ରୟ ପାଇଁ ଏକ ପ୍ୟାଡି ପୋକ୍ରୋମେଣ୍ଟ କମିଟି ଗଠନ କରାଯାଇଛି। ମାତ୍ର ଜିଲା ପ୍ରଶାସନ ପକ୍ଷରୁ କେତେ ଧାନ ବ୍ଲକରେ କିଣାଯିବ ସେନେଇ ସ୍ଥିର ହୋଇ ନଥିବାରୁ ଚାଷୀ ଧାନ ବିକ୍ରି କରି ପାରୁନାହାନ୍ତି। ନିଶ୍ଚିନ୍ତକୋଇଲି ବ୍ଲକରେ ମୋଟ ୩୧୬୧ ଚାଷୀ ପରିବାକୁ ଧାନ ବିକ୍ରି କରିବା ପାଇଁ ଟୋକନ ଦିଆଯାଇଥିଲା। ସେଥିରେ ସେମାନଙ୍କ ଠାରୁ ୮୬,୨୮୫ କୁଇଣ୍ଟାଲ ଧାନ କିଣାଯାଇପାରିବ ବୋଲି ଧାର୍ଯ୍ୟ କରାଯାଇଥିଲା। ମାତ୍ର ଏନେଇ ଜିଲାପ୍ରଶାସନ ପକ୍ଷରୁ ଆଲଟମେଣ୍ଟ ଆସି ନ ଥିଲା। ଫଳରେ ଚାଷୀ ଧାନ ବିକ୍ରି କରିପାରୁନାହାନ୍ତି। ନିଶ୍ଚିନ୍ତକୋଇଲି ସମବାୟ ସମିତିରେ ୧୨୨ ଜଣଙ୍କୁ ଟୋକନ ଦିଆଯାଇଥିବା ବେଳେ ସେମାନଙ୍କ ନିକଟରୁ ୨୯୩୭ କୁଇଣ୍ଟାଲ ଧାନ କିଣିବାର ଆବଶ୍ୟକତା ରହିଛି। ସେହିଭଳି ଅଚ୍ୟୁତାନନ୍ଦ ସେବା ସମବାୟ ସମିତିର ୧୪୯ ଜଣଙ୍କ ପାଖରୁ ୪୧୯୧.୯୮ କୁଇଣ୍ଟାଲ, ନରେନ୍ଦ୍ରପୁର ସେବାସମବାୟ ସମିତିରୁ ୧୭୨ ଜଣଙ୍କ ପାଖରୁ ୭୨୨୫ କୁଇଣ୍ଟାଲ , ବନ୍ଧୁପୁର ସେବା ସମବାୟ ସମିତିରୁ ୩୭୬ ଜଣଙ୍କ ପାଖରୁ ୧୧୨୪୩ କୁଇଣ୍ଟାଲ, ନଗସପୁର ସେବା ସମବାୟ ସମିତିରୁ ୧୫୪ ଜଣଙ୍କ ପାଖରୁ ୪୫୩୩ କୁଇଣଣ୍ଟାଲ, ପଲିଶ୍ରୀ ସେବା ସମବାୟ ସମିତିରୁ ୧୮୨ ଜଣଙ୍କ ପାଖରୁ ୩୮୯୭ କୁଇଣ୍ଟାଲ ଧାନ କିଣିବାର ଆବଶ୍ୟକତା ରହିଛି। ସେହିଭଳି ଅନ୍ୟାନ୍ୟ ସେବାସମିତି ପାଖରୁ ମଧ୍ୟ ବହୁ କୁଇଣ୍ଟାଲ ଧାନ କିଣିବାର ଆବଶ୍ୟକତା ଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ଏନେଇ ଚିଠି ଆସୁ ନଥିବାରୁ ଧାନଗୁଡ଼ିକୁ ବିକ୍ରି କରାଯାଇପାରୁନାହିଁ। ଅପରପକ୍ଷେ ମିଲର ଠିକ୍ ସମୟରେ ସମବାୟ ସମିତିରୁ ଧାନ ଉଠାଉ ନ ଥିବାରୁ ଚାଷୀ ସୋସାଇଟିରେ ଧାନ ବିକି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ନିକଟରେ ଅଣ୍ଟୁରେଶ୍ୱର ସେବା ସମବାୟ ସମିତିର ଚାଷୀ ସମବାୟ ସମିତି ସମ୍ମୁଖରେ ଧାରଣାରେ ବସିଥିଲେ। ସମବାୟ ଅଧିକାରୀ ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ଏସମ୍ପର୍କରେ ବ୍ଲକ ସମବାୟ ଅଧିକାରୀ ଅଜୟ ସାହୁ କୁହନ୍ତି ଚାଷୀ ଟୋକନ ପାଇଥିବାରୁ ଧାନ ବିକିବା ପାଇଁ ଆଶା ବାନ୍ଧିଛନ୍ତି। ଯଦି ମିଲରଙ୍କ ସହଯୋଗ ଓ ଯୋଗାଣ ବିଭାଗ ପକ୍ଷରୁ ଆଲଟମେଣ୍ଟ ଆସେ ତେବେ ଚାଷୀମାନେ ଉପକୃତ ହୋଇପାରିବେ। ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର କୁହନ୍ତି, ଚାଷୀଙ୍କ ଆବଶ୍ୟକତା ଅନୁଯାଇ ଧାନ କ୍ରୟ କରାଯାଇଛି। ବହୁ ଚାଷୀ ନିଜ ଧାନ ବିକ୍ରି କରିଛନ୍ତି। ଯଦି କୌଣସି ଚାଷୀ ଧାନ ବିକ୍ରି କରନାହାନ୍ତି ସେନେଇ ପଦକ୍ଷେପ ନିଆଯିବ। ତେବେ ବ୍ୟବସାୟୀ ଚାଷୀଙ୍କ ମାଧ୍ୟମରେ ଧାନ ବିକ୍ରି କରିବାର ସୁଚନା ମିଳିଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ।


କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ହାୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ କରୋନା ସଚେତନତା କାର୍ଯ୍ୟକ୍ରମ।


କଟକ ପ୍ରେସ ଛକଠାରେ ଶୁକ୍ରବାର ମା' ଦକ୍ଷିଣେଶ୍ୱରୀ ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ଅନୁଷ୍ଠିତ କରୋନା ସଚେତନତା କାର୍ଯ୍ୟକ୍ରମ।


କରୋନା କଟକଣା ପରେ ବାରବାଟୀ ଷ୍ଟାଡ଼ିୟମ ରୋଡ଼ ଜନଶୂନ୍ୟ ହୋଇପଡିଛି।

**ବନ୍ଦ ରହିବ ଜନ୍ମମୃତ୍ୟୁ ପଞ୍ଜୀକରଣ କାଉଣ୍ଟର୍**

**କଟକ ଅଫିସ:** କରୋନା ଭୂତାଣୁ ବ୍ୟାପିବା ଆଶଙ୍କା ନେଇ ବାଦାମବାଡ଼ିସ୍ଥିତ ବିକାଶ ଭବନଠାରେ ଥିବା ଜନ୍ମମୃତ୍ୟୁ ପଞ୍ଜିକରଣ କାଉଣ୍ଟର୍‌କୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଶୁକ୍ରବାରଠାରୁ ବନ୍ଦ କରିଦିଆଯାଇଛି। ଏହି କାଉଣ୍ଟର୍‌କୁ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ଏଥିସହ ହେଲଥ୍ ଅଫିସ୍ କାଉଣ୍ଟର୍‌କୁ ନ ଆସିବାକୁ ପରାମର୍ଶ ଦିଆଯାଇଛି। ତେବେ ପଞ୍ଜୀକରଣ ସଂପୂର୍ଣ୍ଣ ବନ୍ଦ ରହିବ ନାହିଁ। ଅନ୍‌ଲାଇନ୍‌ରେ ନାଗରିକମାନେ ଆବେଦନ କରିପାରିବେ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଅନ୍‌ଲାଇନ୍ କାରବାର ପାଇଁ ଇପିଏଫ ଉପଭୋକ୍ତାଙ୍କୁ ପରାମର୍ଶ

**ଭୁବନେଶ୍ୱର,୨୦।୩ (ବ୍ୟୁରୋ):** ଇପିଏଫ୍‌ଓ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଉପଭୋକ୍ତାମାନଙ୍କୁ ଅନ୍ ଲାଇନ୍ ଜରିଆରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିବେଦନ କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ covid-19 ସଂକ୍ରମଣକୁ ରୋକିବା ପାଇଁ କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ ତରଫରୁ ଏହି ପ୍ରକାର ନିବେଦନ କରାଯାଇଛି। ଇପିଏଫ୍ ସମ୍ବନ୍ଧୀୟ ଜମା ରାଶି ଟଙ୍କା ଉଠାଇବା ପାଇଁ କାର୍ଯ୍ୟାଳୟକୁ ନ ଆସି www.jeevan-pramaan.gov.in ରେ ପ୍ରଦତ୍ତ ୟୁଏଏନ୍ ପୋର୍ଟାଲ ସାହାଯ୍ୟରେ ଦାବିପତ୍ର ଦାଖଲ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି। ସେହିପରି ପେନସନ୍ ଜୀବନ ପ୍ରମାଣପତ୍ର ପାଇଁ www.jeevanpramaan.gov.in. UMANG App ଏବଂ ଯେକୌଣସି ଅଭିଯୋଗ ପାଇଁ subject column ରେ grievance ଉଲ୍ଲେଖ କରି ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଇମେଲ ro.bhubaneshwar@epfindia.gov.in ରେ ପଠାଇବା ପାଇଁ କୁହାଯାଇଛି। ଏହା ବ୍ୟତୀତ ଅନ୍ୟ କୌଣସି ବିଷୟରେ ଜାଣିବା ପାଇଁ ପ୍ରଦତ୍ତ ଫୋନ୍ ନମ୍ବର ୦୬୭୪-୨୫୪୩୫୬୬, ୨୫୪୩୨୬୯ ତଥା ନାସନାଲ toll free ନମ୍ବର ୧୮୦୦-୧୧-୮୦୦୫ରେ ଉପଭୋକ୍ତାମାନେ ଯୋଗାଯୋଗ କରିପାରିବେ। ଅନ୍‌ଲାଇନରେ ପ୍ରାପ୍ତ ଆବେଦନ ଉପରେ ତୁରନ୍ତ ପଦକ୍ଷେପ ନିଆଯାଇ ଉପଭୋକ୍ତାଙ୍କ ଫୋନ୍ ଏବଂ ଇମେଲ ଜରିଆରେ ସୂଚିତ କରାଯିବ ବୋଲି ଇପିଏଫଓ ଭୁବନେଶ୍ୱର ଅଫିସ୍ ପକ୍ଷରୁ କୁହାଯାଇଛି

### ଟୁରିଷ୍ଟ ବସ୍ ଫେରିଗଲା

**ପୁରୀ ଅଫିସ,୨୦।୩:** କରୋନା ମୁକାବିଲା ପାଇଁ ପୁରୀ ଜିଲା ପ୍ରବେଶ ପଥଗୁଡ଼ିକୁ ସିଲ୍ କରି ଗାଡ଼ି ଯାଞ୍ଚ ଚଳାଇଛି ପ୍ରଶାସନ। ବାହାରୁ ଆସୁଥିବା କୌଣସି ପର୍ଯ୍ୟଟକଙ୍କୁ ପୁରୀରେ ପ୍ରବେଶ ପାଇଁ ଅନୁମତି ଦିଆଯାଉ ନାହିଁ। ଗତ ୫ଦିନ ମଧ୍ୟରେ ପ୍ରାୟ ୩ହଜାର ପର୍ଯ୍ୟଟକଙ୍କୁ ଫେରାଇ ଦିଆଯାଇଛି। ଶୁକ୍ରବାର ପିପିଲି ଟୋଲଗେଟ୍‌ରେ ପରିବହନ, ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଯାଞ୍ଚ ଚାଲିଥିଲା। କେବଳ ଗୋଟିଏ ଟୁରିଷ୍ଟ ବସ୍ ବ୍ୟତୀତ ଅନ୍ୟ କୌଣସି ପର୍ଯ୍ୟଟକ ଗାଡ଼ି ପୁରୀକୁ ଆସି ନ ଥିଲେ। ରାଜସ୍ଥାନରୁ ଆସିଥିବା ଏହି ଟୁରିଷ୍ଟ ବସ୍‌କୁ ପିପିଲି ଟୋଲଗେଟ୍‌ରୁ ଫେରାଇ ଦିଆଯାଇଥିଲା ବୋଲି ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ସମୀର କୁମାର ଦଳାଇ କହିଛନ୍ତି। ଅନ୍ୟପକ୍ଷରେ ବାହାର ରାଜ୍ୟରୁ ଫେରୁଥିବା ଜିଲାବାସୀଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରାଯାଉଛି। ଏଥିଲାଗି ଆଶାକର୍ମୀମାନଙ୍କୁ ପରାମର୍ଶ ଦିଆଯାଇଛି। କେଉଁ ଗାଁରେ କିଏ ବାହାରୁ ଆସିଲେ ତୁରନ୍ତ ପ୍ରଶାସନକୁ ଜଣାଇବା ଲାଗି କୁହାଯାଇଛି। ସତର୍କତା ଓ ସଚେତନତାକୁ ଅଧିକ କଡ଼ାକଡ଼ି କରାଯାଇଛି। ପୁରୀ ସହରର ସମୁଦ୍ରକୂଳ, ବଡ଼ଦାଣ୍ଡ, ଚକ୍ରତୀର୍ଥ ରୋଡ ଏବଂ ଭିଆଇପି ରୋଡର ବିଭିନ୍ନ ହୋଟେଲ, ଲଜିଂ, ଆଶ୍ରମ, ହଲିଡେ ହୋମ୍, ଧର୍ମଶାଳା ଓ ଭକ୍ତନିବାସରେ ରହୁଥିବା ବହୁ ପର୍ଯ୍ୟଟକ ସହର ଛାଡ଼ି ଚାଲିଯାଇଛନ୍ତି। ଏଥିଯୋଗୁ ରାସ୍ତାଘାଟ ଏକପ୍ରକାର ଜନଶୂନ୍ୟ ଲାଗୁଛି ।

### କଟୁରିରେ ଆକ୍ରମଣ: ଟଙ୍କା, ସୁନା ଅଳଙ୍କାର ଲୁଟ୍

**ନିମାପଡ଼ା,୨୦।୩(ଡି.ଏନ୍.ଏ.):** ନିମାପଡ଼ା-କାକଟପୁର ରାସ୍ତାର ଖେଦରପୁର ଛକ ନିକଟରେ ଶୁକ୍ରବାର ୩ଜଣ ଦୁର୍ବୃତ୍ତ କଣିଆ ଗ୍ରାମର ସୁଦର୍ଶନ ନାୟକଙ୍କୁ କଟୁରିରେ ଆକ୍ରମଣ କରିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ବନ୍ଧୁକ ଦେଖାଇ ୨୦ହଜାର ଟଙ୍କା ଓ ସୁନାଅଳଙ୍କାର ଲୁଟି ନେଇଛନ୍ତି। ସୁଦର୍ଶନଙ୍କୁ ଗୁରୁତର ଅବସ୍ଥାରେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୭୨/୨୦)ରୁଜୁ ହୋଇଛି।

# ବାଦ୍‌ପଡ଼ିଲେ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ

**ଉତ୍କଳ ବିଶ୍ୱବିଦ୍ୟାଳୟ ଅକ୍ୟୁପେଶନାଲ ଥେରାପିର ବୋର୍ଡ ଅଫ ଷ୍ଟଡିଜର ପୁନର୍ଗଠନ**

**କଟକ ଅଫିସ,୨୦।୩**

ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ଗଠିତ ଫିଜିଓଥେରାପି ଓ ଅକ୍ୟୁପେଶନାଲ ଥେରାପିର ବୋର୍ଡ ଅଫ ଷ୍ଟଡିଜର ପୁନର୍ଗଠନ କରିଛନ୍ତି। ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ ସଂସ୍ଥାନ(ନିରତାର) ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ (ବୈଷୟିକ), ପିଏମ୍‌ଆର୍ ବିଭାଗର ମୁଖ୍ୟ ଓ ଟ୍ରେନିଂ କୋଅର୍ଡିନେଟରଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଏହାକୁ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ମହାସଂଘ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଏହା ଅଧୀନରେ ଥିବା କଲେଜଗୁଡ଼ିକରେ ପଢ଼ାଯାଉଥିବା ପ୍ରତ୍ୟେକ ବିଷୟ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଲଗା ବୋର୍ଡ ଅଫ ଷ୍ଟଡିଜ ଗଠନ କରିଥାନ୍ତି। ବିଶ୍ୱବିଦ୍ୟାଳୟର ନିୟମାବଳୀ ଅନୁସାରେ ପ୍ରତ୍ୟେକ ବିଷୟର ବୋର୍ଡ ଅଫ ଷ୍ଟଡିଜ୍‌ରେ ସେହି ବିଷୟର ବିଶେଷଜ୍ଞ ବା ତହିଁରେ ସ୍ୱତନ୍ତ୍ର ଜ୍ଞାନ ଆହରଣ କରିଥିବା ବ୍ୟକ୍ତିମାନେ ସଦସ୍ୟ ରହିବେ। ଅର୍ଥାତ୍ ଅଧ୍ୟାପନା ଓ ଗବେଷଣାରେ ଲିପ୍ତ ଥିବା ଶିକ୍ଷାବିତ୍‌ଙ୍କୁ ବୋର୍ଡ ଅଫ ଷ୍ଟଡିଜର ସଦସ୍ୟ ଭାବେ ନିଆଯାଇଥାଏ। ପ୍ରଶାସନିକ ପଦବୀରେ ଅବସ୍ଥାପିତ ବ୍ୟକ୍ତିଙ୍କ ଏଥିରେ ସ୍ଥାନ ନ ଥାଏ। ଉକ୍ତ ବୋର୍ଡ ଅଫ ଷ୍ଟଡିଜ ସମ୍ପୃକ୍ତ ବିଷୟର ପାଠ୍ୟକ୍ରମ ଆଦି ନିର୍ଦ୍ଧାରଣ କରିବା ସଙ୍ଗେ ସଙ୍ଗେ ପରୀକ୍ଷକଙ୍କୁ ନିଯୁକ୍ତି ଦେଇଥାଏ।

ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଫିଜିଓଥେରାପି ଓ ଅକ୍ୟୁପେଶନାଲ ଥେରାପିର ବୋର୍ଡ ଅଫ ଷ୍ଟଡିଜରେ 'ନିର୍‌ତାର' ନିର୍ଦ୍ଦେଶକ, ଉପନିର୍ଦ୍ଦେଶକଙ୍କ ପରି ପ୍ରଶାସନିକ ଅଧିକାରୀଙ୍କୁ ସ୍ଥାନ ଦେଇଥିବାରୁ ତାହା ରାଜ୍ୟର ଶିକ୍ଷାବିତ୍‌ଙ୍କ ମହଲରେ ଆଲୋଡ଼ନ ସୃଷ୍ଟି କରିଥିଲା। ବହୁ ଶିକ୍ଷାବିତ୍ ଏ ନେଇ ଜାନୁୟାରୀ ୭ରେ କୁଳପତି ପ୍ରଫେସର ଏସ୍.ଏମ୍. ପଟ୍ଟନାୟକଙ୍କୁ ଏକ ଚିଠି ଲେଖି ଏହାର ପ୍ରତିବାଦ କରିଥିଲେ। ଉକ୍ତ ଚିଠିରେ ସେମାନେ ଲେଖିଥିଲେ ଯେ, ଫିଜିଓଥେରାପି ଓ ଅକ୍ୟୁପେଶନାଲ ଥେରାପିର ବିଶେଷଜ୍ଞଙ୍କୁ ବାଦଦେଇ 'ନିରତାର' ନିର୍ଦ୍ଦେଶକ ଓ ଉପନିର୍ଦ୍ଦେଶକଙ୍କ ପରି ପ୍ରଶାସନିକ ଅଧିକାରୀଙ୍କୁ ବୋର୍ଡ଼ରେ ସ୍ଥାନ ଦେବା ଆଦୌ ସ୍ପୃହଣୀୟ ନୁହେଁ। ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ 'ନିର୍‌ତାର'ରେ ଟ୍ରେନିଂ କୋଅର୍ଡିନେଟର ପଦବୀ ସୃଷ୍ଟି କରି ନ ଥିବାବେଳେ ସେହି ପଦବୀ କେଉଁଠୁ ଆସି ବୋର୍ଡରେ ଅନ୍ତର୍ଭୁକ୍ତ ହେଲା ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ଶିକ୍ଷାବିତ୍ ପ୍ରଫେସର ଦିନେଶ ପ୍ରସାଦ ପଟ୍ଟନାୟକଙ୍କ ନେତୃତ୍ୱରେ ଶିକ୍ଷାବିତ୍‌ମାନଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ କୁଳପତିଙ୍କୁ ଭେଟି ଏହି ଚିଠି ହସ୍ତାନ୍ତର କରିଥିଲେ। ଏ ନେଇ ମଧ୍ୟ ଆଲୋଚନା କରିଥିଲେ। ଜାନୁୟାରୀ ୮ରେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଏକ ପ୍ରତିନିଧି ଦଳ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲଙ୍କୁ ସାକ୍ଷାତ କରି ଅନୁରୂପ ଏକ ଚିଠି ପ୍ରଦାନ କରିଥିଲେ। ମହାସଂଘର ରାଜ୍ୟ ଶାଖାର ଆବାହକ ଡ. ପବିତ୍ର କୁମାର ରଥଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ମଣ୍ଡଳୀ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିୟମାବଳୀ ଅନୁସାରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ଶେଷରେ କୁଳପତି ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟର ୩ଜଣ ବରିଷ୍ଠ ପ୍ରଫେସରଙ୍କ ମତାମତ ଲୋଡ଼ିଥିଲେ। ଏହା ପରେ ବୋର୍ଡ ଅଫ୍ ଷ୍ଟଡିଜ୍‌ରୁ 'ନିରତାର'ର ନିର୍ଦ୍ଦେଶକଙ୍କୁ ବାଦଦେଇ ବୋର୍ଡର ପୁନର୍ଗଠନ କରାଯାଇଛି। ନୂତନ ବୋର୍ଡର ବୈଠକ ଗତ ୧୧ତାରିଖରେ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ପକ୍ଷରୁ ନୂତନ ବୋର୍ଡ ଅଫ ଷ୍ଟଡିଜ ଗଠନକୁ ସ୍ୱାଗତ କରାଯିବା ସଙ୍ଗେ ସଙ୍ଗେ କେଉଁ ପରିସ୍ଥିତିରେ 'ନିରତାର'ର ନିର୍ଦ୍ଦେଶକ, ଉପନିର୍ଦ୍ଦେଶକଙ୍କୁ ତହିଁରେ ନିଆଯାଇଥିଲା, ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଦାବି କରାଯାଇଛି। ମୁଖ୍ୟତଃ ନିରତାରରେ ଟ୍ରେନିଂ କୋଅର୍ଡିନେଟର ପଦବୀ ନ ଥିବାବେଳେ ଏହା କିପରି ବୋର୍ଡ ଅଫ ଷ୍ଟଡିଜ୍‌ରେ ସ୍ଥାନ ପାଇଥିଲା ଏହାର ତଦନ୍ତ କରି ଏଥିପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମହାସଂଘ ପକ୍ଷରୁ ଦାବି ହୋଇଛି।


କଟକ ରାଣୀହାଟ ଠାରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

## ସ୍ୱଚ୍ଛତା ତାଲିମ କାର୍ଯ୍ୟକ୍ରମ

**କଟକ ଅଫିସ,୨୦।୩**

ବିଡ଼ାନାସୀସ୍ଥିତ ଦେବଶିଶୁ ସ୍ନେହ ମନ୍ଦିରଠାରେ ସ୍ୱଚ୍ଛତା ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଡ. ବନଲତା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛ। ଏହି ଉପଲକ୍ଷେ ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଓ କବିତା ପାଠ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜଗମୋହନ ରଥ ଯୋଗଦେଇ ଛାତ୍ରୀଙ୍କୁ ସ୍ୱାସ୍ଥ୍ୟସେବା ସମ୍ବନ୍ଧରେ ବୁଝାଇଥିଲେ। ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛ ରହିବା ପାଇଁ ପରାମର୍ଶ ଦେଇଥିଲେ। କଟକ ଶ୍ରୀ ରାମଚନ୍ଦ୍ରଭଞ୍ଜ ମେଡିକାଲ୍‌ର ଆସୋସିଏଟ୍ ପ୍ରଫେସର୍ ଡା. ବିଜନ ପଟ୍ଟନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ବକ୍ତୃତାରେ ମମିତା ପ୍ରଥମ, ଅଙ୍କିତା ଦ୍ୱିତୀୟ ଏବଂ ପରମଜିତ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନରେ କେ. କବିତା ପ୍ରଥମ, ଦିବ୍ୟାଶ୍ରୀ ଦ୍ୱିତୀୟ ଏବଂ କଲ୍ୟାଣି ଓ ନିନି ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। କବିତା ପାଠରେ ଶୁଭଶ୍ରୀ ପ୍ରଥମ ଏବଂ ସ୍ପୃହା ଦ୍ୱିତୀୟ ପୁରସ୍କାର ପାଇଛନ୍ତି। ଗୁରୁମା ରାଜରାଣୀ ତ୍ରିପାଠୀ ଓ ମଧୁସ୍ମିତା ପଣ୍ଡା ପରିଚାଳନା କରିଥିଲେ।


ନିର୍ଭୟାଙ୍କୁ ନ୍ୟାୟ ମିଳିବା ପରେ ଶୁକ୍ରବାର କଟକ କଲେଜ ଛକ ପାତ୍ରସାହିସ୍ଥିତ ରାଧାକ୍ରିଷ୍ଣ ମନ୍ଦିରରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

## କରୋନାକୁ ନେଇ ସଚେତନତା

**କଟକ ସଦର,୨୦।୩(ଡି.ଏନ୍.ଏ.)**

କଟକ ସଦର ବ୍ଲକ ସମ୍ମିଳନୀ କକ୍ଷରେ କରୋନାକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ବସନ୍ତ ସାହୁ, ଡା. ଶୁଭାଶିଷ ଶତପଥୀ ଯୋଗଦେଇ ସମିତି ସଭ୍ୟାସଭ୍ୟଙ୍କୁ ସଚେତନ କରିବା ସହ ବ୍ଲକ ଅଞ୍ଚଳରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଚନ୍ଦ୍ର ସାରଥି ବେହେରା, ବ୍ଲକ ଅଧ୍ୟକ୍ଷା ଶ୍ରୀମନ୍ତିନୀ ବେହେରା, ଉପାଧ୍ୟକ୍ଷ ବିଭୂତିଭୂଷଣ ପରିଡ଼ା, ବିଡିଓ ରାଜୀବ ଲୋଚନ ପରିଡ଼ା, ଏବିଡିଓ ଜ୍ଞାନରଞ୍ଜନ ପଣ୍ଡା, ଜିପିଇଓ ଯାଜ୍ଞସେନୀ ଗୋଚ୍ଛାୟତ ପ୍ରମୁଖ ଯୋଗଦେଇଥିଲେ। ସେହିପରି କିଶୋରନଗରଠାରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋରନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିଞ୍ଜୁ ମାରାଣ୍ଡି ସମସ୍ତ ଲୋକଙ୍କୁ ହାତଧୁଆ, ମାସ୍କ ବ୍ୟବହାର ଓ ଜନଗହଳି ସ୍ଥାନରୁ ଦୂରରେ ରହିବାକୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଥାନା ଅଧିକାରୀ ବାମଦେବ ସ୍ୱାଇଁ, ବିଳାସ ମଲ୍ଲିକ, ବୁଦ୍ଧିଆ ପ୍ରଧାନ, ସୁରେଶ ଚନ୍ଦ୍ର ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ସଚେତନତା ରଥକୁ ସ୍ୱାଗତ

**କଣ୍ଟାପଡ଼ା,୨୦।୩(ଡି.ଏନ୍.ଏ.)**

କଣ୍ଟାପଡ଼ା ପ୍ରେସ୍ କ୍ଲବ ପକ୍ଷରୁ କରୋନା ସଚେତନତା ପାଇଁ ଆରମ୍ଭ ହୋଇଥିବା ସଚେତନତା ରଥକୁ ଅଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଛି। ଏହି ରଥ ଗୋବିନ୍ଦପୁର ବଜାରରେ ପହଞ୍ଚିବାପରେ ଗୋବିନ୍ଦପୁର ପଞ୍ଚାୟତର କାର୍ଯ୍ୟକର୍ତ୍ତା ଓ ଗୋବିନ୍ଦପୁର ଥାନା ପକ୍ଷରୁ ରଥକୁ ସ୍ୱାଗତ କରାଯିବା ସହ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଗୋବିନ୍ଦପୁର ପଞ୍ଚାୟତ ସରପଞ୍ଚ ଲଲାଟେନ୍ଦୁ ପ୍ରସାଦ ଦାଶ, ସମିତିସଭ୍ୟ ଜ୍ଞାନ ପୂର୍ଣ୍ଣ ବେହେରା, ଗୋବିନ୍ଦପୁର ଥାନା ଅଧିକାରୀ ମାନସ ମିଶ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଡା.ଦୀପ୍ତିମୟୀ ପଣ୍ଡା, ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଓ ସ୍ଥାନୀୟ ଲୋକ ସଚେତନତା ରଥକୁ ସ୍ୱାଗତ କରିଥିଲେ। ଏହି ଅବସରରେ କରୋନାରୁ ସୁରକ୍ଷା ପାଇଁ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣସାଇଲୋଠାରେ ସଚେତନତା ରଥକୁ ସ୍ୱାଗତ କରାଯିବା ସହ କାର୍ଯ୍ୟାଳୟ ପରିସରରେ ଏକସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଞ୍ଜିତ୍ ରାଉତରାୟ, ରୋଜାଲିନ ବେହେରା ପ୍ରମୁଖ ଯୋଗଦେଇଥିଲେ।

# କରୋନା ପାଇଁ ଏସ୍‌ଭି ନିରତାରରେ ସତର୍କତା

**କଣ୍ଟାପଡ଼ା,୨୦।୩(ଡି.ଏନ୍.ଏ.)**

ଓଲଟପୁରସ୍ଥିତ ଏସ୍‌ଭି ନିରତାରରେ କରୋନା ପାଇଁ ଭିଭିନ୍ନ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। କେନ୍ଦ୍ରୀୟ ବିଭାଗୀୟ ସଚିବଙ୍କ ନିର୍ଦ୍ଦେଶକ୍ରମେ ନିରତାର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ ଗତ ସୋମବାର ଅନୁଷ୍ଠାନର ବିଭିନ୍ନ ବିଭାଗ ବୁଲିବା ସହ ସ୍ୱଚ୍ଛତା ଯାଞ୍ଚ କରିଥିଲେ। ଅନୁଷ୍ଠାନରେ ଏକ ଆଇସୋଲେଶନ ୱାର୍ଡ ଖୋଲାଯାଇଥିବାବେଳେ କାର୍ଯ୍ୟରତ କର୍ମଚାରୀଙ୍କୁ ମାସ୍କ ଓ ହାତଧୋଇବା ପାଇଁ ସାନିଟାଇଜର ଯୋଗାଇ ଦିଆଯାଇଛି। ଛୁଟି ଘୋଷଣାପରେ ଉକ୍ତ ଅନୁଷ୍ଠାନ ଛାତ୍ରୀଛାତ୍ରମାନେ ଘରକୁ ପଳାଇଛନ୍ତି। ଏଠାରେ ଇର୍ଣ୍ଟର୍ନିଭାବେ ଥିବା ୧୭୦ ଛାତ୍ରୀଛାତ୍ର ରୋଗୀସେବାରେ ନିୟୋଜିତ ଥିବା ଜଣାପଡିଛି। ସେମାନଙ୍କ ପାଇଁ ନିରତାର କର୍ତ୍ତୃପକ୍ଷ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି ବୋଲି ଅନୁଷ୍ଠାନର ପ୍ରଶାସନିକ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ କହିଛନ୍ତି। ନିରତାର ପରିସରରେ କ୍ଲୋରିନ ଇନଫେକ୍‌ଷ୍ଟାଣ୍ଟ ସ୍ପ୍ରେ କରାଯାଇଛି। ବାହାରୁ ଆସି ବିଭିନ୍ନ ୱାର୍ଡରେ ଚିକିତ୍ସିତ ହେଉଥିବା ଦିବ୍ୟାଙ୍ଗମାନେ କରୋନା ଭୟରେ ଡିସଚାର୍ଜ ହୋଇ ଘରକୁ ଚାଲିଯାଇଥିବା ଜଣାପଡିଛି। ତେବେ ସତର୍କତାମୂଳକ ପଦକ୍ଷେପ ଯୋଗୁ ନିରତାର ପରିବେଶ ଠିକ୍ ଥିବା ବୈଷୟିକ ଉପ ନିର୍ଦ୍ଦେଶକ ଡା. କିଶୋର ମହାପାତ୍ର କହିଛନ୍ତି।

## ହସ୍ପିଟାଲରେ ବନ୍ଦ ହୋଇପାରେ ସାଧାରଣ ଓପିଡି

**କଟକ ଅଫିସ,୨୦।୩**

କରୋନାରୁ ରକ୍ଷା ପାଇବା ପାଇଁ ସରକାରୀସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜଧାନୀରେ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥାରେ ଅଡ୍ ଇଭିନ ନିୟମକୁ ଲାଗୁ କରାଯାଇଛି। କିନ୍ତୁ ହସ୍ପିଟାଲଗୁଡ଼ିକର ସାଧାରଣ ଓପଡିରେ ଗହଳି କମୁ ନ ଥିବାରୁ ସରକାରଙ୍କ ଚିନ୍ତାର କାରଣ ପାଲଟିଛି। ଆଗାମୀ ଦିନରେ ସରକାର ସାଧାରଣ ରୋଗ ନିମନ୍ତେ ଉଦ୍ଦିଷ୍ଟ ଓପିଡିକୁ ଅସ୍ଥାୟୀ ଭାବେ ବନ୍ଦ କରିବାକୁ ନିଷ୍ପତ୍ତି ନେଇପାରନ୍ତି ବୋଲି କେତେଜଣ ଡାକ୍ତର ଆଲୋଚନା କରୁଛନ୍ତି। ଯେଉଁମାନଙ୍କ ମେଡିକାଲ ଏମରଜେନ୍ସି ନାହିଁ ଅଯଥା ଛୋଟ ସମସ୍ୟା ପାଇଁ ଡାକ୍ତରଖାନା ଆସିବା ଦ୍ୱାରା ହସ୍ପିଟାଲ ପରିସର ଅତ୍ୟଧିକ ଗହଳି ହେଉଛି। ଫଳରେ ସାମାଜିକ ଦୂରତ୍ୱ ନିୟମ ପାଳନ କରାଯାଉ ନ ଥିବାରୁ ଏଭଳି ନିଷ୍ପତ୍ତି ଆସିବାର ସମ୍ଭାବନାକୁ ଏଡାଇ ହେବ ନାହିଁ।

# ପଖାଳକୁ ରୋକିପାରିଲାନି କରୋନା

**ଘରେ ପାଳନ ହେଲା ପଖାଳ ଦିବସ**

**ଭୁବନେଶ୍ୱର,୨୦।୩(ବ୍ୟୁରୋ)**

ପଖାଳ କଂସାକୁ ରୋକିପାରିଲାନି କରୋନା ଭୟ। ପଖାଳ ଦିବସରେ ଓଡ଼ିଆଙ୍କ ଘରେ ଘରେ ଜମିଲା ପଖାଳର ଆସର। ସାମାଜିକ ଦୂରତ୍ୱ ପାଇଁ ସରକାର ଜାରି କରିଥିବା ଗାଇଡ୍‌ଲାଇନକୁ ମାନି ଲୋକେ ଘରେ ନିଜ ବନ୍ଧୁ ପ୍ରିୟଜନଙ୍କ ସହ ପଖାଳ ଦିବସ ପାଳନ କରିଥିବା ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ସୁସ୍ୱାଦୁ ପଖାଳ ପାଇଁ ପ୍ରସିଦ୍ଧ ରାଜଧାନୀର ଏକାମ୍ର ହାଟରେ ମଧ୍ୟ ଅଳ୍ପ ସଂଖ୍ୟାରେ ଲୋକେ ପଖାଳର ମଜା ନେଇଥିଲେ। ତେବେ କରୋନା ସଂକ୍ରମଣ ଭୟରେ ଅଧିକାଂଶ ରେଷ୍ଟୁରାଣ୍ଟ ଓ ହୋଟେଲ ପୂର୍ବରୁ ଆୟୋଜନ କରିବାକୁ ଥିବା ପଖାଳ ଦିବସ ଇଭେଣ୍ଟକୁ ବାତିଲ କରିଥିଲେ ମଧ୍ୟ ଏହି ଦିବସର କ୍ରେଜ୍ କିନ୍ତୁ ଲୋକଙ୍କ ମଧ୍ୟରେ କମି ନ ଥିଲା, ଯାହାକି ସୋସିଆଲ ମିଡ଼ିଆରେ ଦେଖିବାକୁ ମିଳିଥିଲା। ଘରେ ପଖାଳ ଖାଇ ଟୁଇଟର, ଇନ୍‌ଷ୍ଟାଗ୍ରାମ୍ ଏବଂ ଫେସ୍‌ବୁକ୍‌ରେ ଫଟୋ ଅପ୍‌ଲୋଡ୍ କରିବା ସହ ପରସ୍ପରକୁ ଏହି ଦିବସର ଶୁଭେଚ୍ଛା ଜଣାଇଥିଲେ। ପଖାଳ ଦିବସ ପାଇଁ ଏକାମ୍ର ହାଟରେ ଶୁକ୍ରବାର ଟିକେ ଗହଳି ଦେଖିବାକୁ ମିଳିଥିଲା। ଅନ୍ୟବର୍ଷ ଭଳି ନ ହେଲେ ବି ପଖାଳ ଖାଇବାକୁ ହାଟ ପରିସରରେ ଥିବା ବିଭିନ୍ନ ହୋଟେଲରେ ଭିଡ଼ ଲାଗିଥିଲା। ୩୦୦ରୁ ୪୦୦ ପରିବର୍ତ୍ତେ ଏଥର ମାତ୍ର ୫୦ରୁ ୬୦ଜଣ ଗ୍ରାହକ ହୋଇଥିବା ଏକାମ୍ର ହାଟର ଜଣେ ହୋଟେଲ ବ୍ୟବସାୟୀ କହିଥିବାବେଳେ ବଡ଼ ବଡ଼ ତାରକା ହୋଟେଲ ମଧ୍ୟ ଫାଙ୍କା ପଡ଼ିଥିଲା। ଏପଟେ କରୋନାକୁ ଦୃଷ୍ଟିରେ ରଖି ମାଇକେଲ୍‌ସ କିଚେନ୍‌ରେ ଆୟୋଜନ ହେବାକୁ ଥିବା ପଖାଳ ଫେଷ୍ଟିଭାଲକୁ ବାତିଲ କରାଯାଇଥିଲା। ଏପଟେ ଘରେ ଘରେ ପଖାଳ ସହ ଚୁନା ମାଛ, ଶାଗ ଭଜା, ବଡି ଚୁରା, କଖାରୁ ଫୁଲ ପିଠଉ, ଚିଙ୍ଗୁଡ଼ି ଛେଚା, ମାଛ ଭଜା ଏବଂ ଆଳୁ ଭରତା ଭଳି ଖାଣ୍ଟି ଓଡିଆ ଖାଦ୍ୟର ପସରା ଜମିଥିଲା।

# ଧାନ ବିକି ନ ପାରି ଚିନ୍ତାରେ ଚାଷୀ

- ୩୧୬୧ ଚାଷୀଙ୍କୁ ମିଳିଛି ଟୋକନ
- ମାର୍ଚ୍ଚ ୩୦ ସୁଦ୍ଧା ବିକ୍ରି ବନ୍ଦ କରିବାକୁ ନିଷ୍ପତ୍ତି
- ୧୫ ସେବା ସମନ୍ୱୟବାୟ ସମିତିକୁ ଦାୟିତ୍ୱ ଦିଆଯାଇଛି

**ନିଶ୍ଚିନ୍ତକୋଇଲି,୨୦।୩(ଡି.ଏନ୍.ଏ.)**

ଚାଷୀ କ୍ଷେତରୁ ଉତ୍ପାଦିତ ଧାନକୁ ସହଜରେ ସମବାୟ ସମିତି ଜରିଆରେ ବିକ୍ରି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ବର୍ଷ ଠାରୁ ଟୋକନ ବ୍ୟବସ୍ଥା ଆରମ୍ଭ ହୋଇଛି। ମାତ୍ର ବହୁ ଚାଷୀ ଟୋକନ ପାଇଁ ନାମ ପଞ୍ଜିକରଣ କରି ନପାରି ଧାନ ବିକ୍ରି କରି ପାରି ନ ଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକରେ ବହୁ ଚାଷୀଙ୍କ ପାଖରେ ଟୋକନ ଥାଇ ମଧ୍ୟ ଧାନ ବିକ୍ରି କରି ପାରୁ ନାହାନ୍ତି। ଅପରପକ୍ଷେ ମାର୍ଚ୍ଚ ୩୦ ସୁଦ୍ଧା ବ୍ଲକରେ ଧାନ କ୍ରୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ବ୍ଲକରେ ୧୫ ସେବା ସମବାୟ ସମିତି ଧାନ କିଣିବା ଦାୟିତ୍ୱରେ ରହିଛନ୍ତି। ପ୍ରତି ସେବା ସମବାୟ ସମିତିରେ ଧାନ କ୍ରୟ ପାଇଁ ଏକ ପ୍ୟାଡି ପୋକ୍ରୋମେଣ୍ଟ କମିଟି ଗଠନ କରାଯାଇଛି। ମାତ୍ର ଜିଲା ପ୍ରଶାସନ ପକ୍ଷରୁ କେତେ ଧାନ ବ୍ଲକରେ କିଣାଯିବ ସେନେଇ ସ୍ଥିର ହୋଇ ନଥିବାରୁ ଚାଷୀ ଧାନ ବିକ୍ରି କରି ପାରୁନାହାନ୍ତି। ନିଶ୍ଚିନ୍ତକୋଇଲି ବ୍ଲକରେ ମୋଟ ୩୧୬୧ ଚାଷୀ ପରିବାକୁ ଧାନ ବିକ୍ରି କରିବା ପାଇଁ ଟୋକନ ଦିଆଯାଇଥିଲା। ସେଥିରେ ସେମାନଙ୍କ ଠାରୁ ୮୬,୨୮୫ କୁଇଣ୍ଟାଲ ଧାନ କିଣାଯାଇପାରିବ ବୋଲି ଧାର୍ଯ୍ୟ କରାଯାଇଥିଲା। ମାତ୍ର ଏନେଇ ଜିଲାପ୍ରଶାସନ ପକ୍ଷରୁ ଆଲଟମେଣ୍ଟ ଆସି ନ ଥିଲା। ଫଳରେ ଚାଷୀ ଧାନ ବିକ୍ରି କରିପାରୁନାହାନ୍ତି। ନିଶ୍ଚିନ୍ତକୋଇଲି ସମବାୟ ସମିତିରେ ୧୨୨ ଜଣଙ୍କୁ ଟୋକନ ଦିଆଯାଇଥିବା ବେଳେ ସେମାନଙ୍କ ନିକଟରୁ ୨୯୩୭ କୁଇଣ୍ଟାଲ ଧାନ କିଣିବାର ଆବଶ୍ୟକତା ରହିଛି। ସେହିଭଳି ଅଚ୍ୟୁତାନନ୍ଦ ସେବା ସମବାୟ ସମିତିର ୧୪୯ ଜଣଙ୍କ ପାଖରୁ ୪୧୯୧.୯୮ କୁଇଣ୍ଟାଲ, ନରେନ୍ଦ୍ରପୁର ସେବାସମବାୟ ସମିତିରୁ ୧୭୨ ଜଣଙ୍କ ପାଖରୁ ୭୨୨୫ କୁଇଣ୍ଟାଲ , ବନ୍ଧୁପୁର ସେବା ସମବାୟ ସମିତିରୁ ୩୭୬ ଜଣଙ୍କ ପାଖରୁ ୧୧୨୪୩ କୁଇଣ୍ଟାଲ, ନଗସପୁର ସେବା ସମବାୟ ସମିତିରୁ ୧୫୪ ଜଣଙ୍କ ପାଖରୁ ୪୫୩୩ କୁଇଣଣ୍ଟାଲ, ପଲିଶ୍ରୀ ସେବା ସମବାୟ ସମିତିରୁ ୧୮୨ ଜଣଙ୍କ ପାଖରୁ ୩୮୯୭ କୁଇଣ୍ଟାଲ ଧାନ କିଣିବାର ଆବଶ୍ୟକତା ରହିଛି। ସେହିଭଳି ଅନ୍ୟାନ୍ୟ ସେବାସମିତି ପାଖରୁ ମଧ୍ୟ ବହୁ କୁଇଣ୍ଟାଲ ଧାନ କିଣିବାର ଆବଶ୍ୟକତା ଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ଏନେଇ ଚିଠି ଆସୁ ନଥିବାରୁ ଧାନଗୁଡ଼ିକୁ ବିକ୍ରି କରାଯାଇପାରୁନାହିଁ। ଅପରପକ୍ଷେ ମିଲର ଠିକ୍ ସମୟରେ ସମବାୟ ସମିତିରୁ ଧାନ ଉଠାଉ ନ ଥିବାରୁ ଚାଷୀ ସୋସାଇଟିରେ ଧାନ ବିକି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ନିକଟରେ ଅଶୁରେଶ୍ୱର ସେବା ସମବାୟ ସମିତିର ଚାଷୀ ସମବାୟ ସମିତି ସମ୍ମୁଖରେ ଧାରଣାରେ ବସିଥିଲେ। ସମବାୟ ଅଧିକାରୀ ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ଏସମ୍ପର୍କରେ ବ୍ଲକ ସମବାୟ ଅଧିକାରୀ ଅଜୟ ସାହୁ କୁହନ୍ତି ଚାଷୀ ଟୋକନ ପାଇଥିବାରୁ ଧାନ ବିକିବା ପାଇଁ ଆଶା ବାନ୍ଧିଛନ୍ତି। ଯଦି ମିଲରଙ୍କ ସହଯୋଗ ଓ ଯୋଗାଣ ବିଭାଗ ପକ୍ଷରୁ ଆଲଟମେଣ୍ଟ ଆସେ ତେବେ ଚାଷୀମାନେ ଉପକୃତ ହୋଇପାରିବେ। ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର କୁହନ୍ତି, ଚାଷୀଙ୍କ ଆବଶ୍ୟକତା ଅନୁଯାଇ ଧାନ କ୍ରୟ କରାଯାଇଛି। ବହୁ ଚାଷୀ ନିଜ ଧାନ ବିକ୍ରି କରିଛନ୍ତି। ଯଦି କୌଣସି ଚାଷୀ ଧାନ ବିକ୍ରି କରନାହାନ୍ତି ସେନେଇ ପଦକ୍ଷେପ ନିଆଯିବ। ତେବେ ବ୍ୟବସାୟୀ ଚାଷୀଙ୍କ ମାଧ୍ୟମରେ ଧାନ ବିକ୍ରି କରିବାର ସୂଚନା ମିଳିଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ।


କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ହାୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ କରୋନା ସଚେତନତା କାର୍ଯ୍ୟକ୍ରମ।


କଟକ ପ୍ରେସ ଛକଠାରେ ଶୁକ୍ରବାର ମା' ଦକ୍ଷିଣେଶ୍ୱରୀ ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ଅନୁଷ୍ଠିତ କରୋନା ସଚେତନତା କାର୍ଯ୍ୟକ୍ରମ।


କରୋନା କଟକଣା ପରେ ବାରବାଟୀ ଷ୍ଟାଡ଼ିୟମ ରୋଡ଼ ଜନଶୂନ୍ୟ ହୋଇପଡିଛି।



ଅପରିଣାମଦର୍ଶିତାର ଫଳ ସର୍ବଦା ବିଷମୟ ହୋଇଥାଏ।
-ସେନେକା



# ଧାର୍ମିକ ଅନୁଷ୍ଠାନ ଖାଁ ଖାଁ






କରୋନା ଭୟରେ ରାଜଧାନୀର ନୟାପଲ୍ଲୀସ୍ଥିତ ଇସ୍କନ ମନ୍ଦିର, ୟୁନିଟ୍-୪ସ୍ଥିତ ଜାମା ମସ୍‌ଜିଦ ଓ ଜବାହରଲାଲ ନେହେରୁ ମାର୍ଗସ୍ଥିତ ଚର୍ଚ୍ଚ ଜନଶୂନ୍ୟ ହୋଇପଡ଼ିଛି।

ଭୁବନେଶ୍ୱର, ୨୦।୩ (ବ୍ୟୁରୋ)

କରୋନା ଭୟରେ ସରକାର ରାଜଧାନୀରେ ଥିବା ଏକାଧିକ ଧାର୍ମିକ ଅନୁଷ୍ଠାନ ଉପରେ ରୋକ ଲଗାଇବାପରେ ଏବେ ସେଠାରେ ବିରଳ ଚିତ୍ର ଦେଖିବାକୁ ମିଳିଛି। ଶୁକ୍ରବାର ରାଜଧାନୀର ରାମନ୍ଦିର ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। କେବଳ ପୂଜକ ପ୍ରଭୁଙ୍କ ନିତିକାନ୍ତି କରିଥିଲେ। ସେହିଭଳି ଚର୍ଚ୍ଚ ଏବଂ ମସ୍‌ଜିଦ ଗେଟରେ ତାଲା ପଡ଼ିଥିଲା। ଅନେକ ଶ୍ରଦ୍ଧାଳୁ ଭଗବାନଙ୍କ ଦର୍ଶନ ପାଇଁ ଆସୁଥିଲେ ମଧ୍ୟ ଗେଟ ଆଗରେ ମୁଣ୍ଡିଆ ମାରି ଚାଲିଯାଉଥିଲେ। ସବୁଠୁ ଅଧିକ ହଇରାଣ ହୋଇଥିଲେ ମୁସ୍‌ଲିମ୍ ସମ୍ପ୍ରଦାୟର ଭାଇମାନେ। ଶୁକ୍ରବାର ଥିବାରୁ ସେମାନେ ନମାଜ ପାଠ କରିବା ପାଇଁ ମସ୍‌ଜିଦ ଆସିଥିଲେ। ମସ୍‌ଜିଦ ବନ୍ଦ ଥିବାରୁ ଅନେକ ଗେଟ ଆଗରେ ନମାଜ ପାଠ କରିଥିବା ଦେଖିବାକୁ ମିଳିଥିଲା।



### ମସ୍‌ଜିଦ୍ ଗେଟ୍ ଆଗରେ ନମାଜ ପାଠ

ଅନେକ ମୁସ୍‌ଲିମ୍ ଭାଇ ଘରକୁ ଯାଇ ନମାଜ ପାଠ କରିଥିବା କହିଛନ୍ତି।

### ଚା' ଦୋକାନରେ ଅହେତୁକ ଭିଡ଼

୭ ଜଣ ଲୋକ ଏକାଠି ହେବା ଉପରେ ରୋକ ଲଗାଯାଇଛି। ହେଲେ ରାଜଧାନୀରେ ଥିବା ବଡ଼ବଡ଼ ଚା' ଦୋକାନରେ ଅସମ୍ଭାଳ ଭିଡ ଦେଖିବାକୁ ମିଳୁଛି। ଏକାଥରେ ୨୦ରୁ ଉର୍ଦ୍ଧ୍ୱ ଲୋକ ଭିଡ଼ ଜମାଉଛନ୍ତି। ରାଜଧାନୀର ମାଉସୀ ମା' ମନ୍ଦିର ନିକଟରେ ଏକ ଚା' ଦୋକାନରେ ଏକାଧିକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏନେଇ ଦୋକାନୀଙ୍କୁ ପଚାରିବାରୁ ସେ ଅଜବ ଯୁକ୍ତିକରି କହିଥିଲେ, ପୋଲିସ ଆମକୁ ବନ୍ଦ କରିବାକୁ କହି ନାହାଁନ୍ତି। କେବଳ ଏହି ଗୋଟିଏ ଚା'ଦୋକାନ ନୁହେଁ ସିଆରପି,ରାଜମହଲ,ଏଜି ଛକ,ରବୀନ୍ଦ୍ର ମଣ୍ଡପ ଛକ ନିକଟରେ ଥିବା ଚା'ଦୋକାନରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା।

### ଭୟରେ ପରୀକ୍ଷା ଦେଲେ ଛାତ୍ରୀଛାତ୍ର

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଘରୋଇ ଏବଂ ସରକାରୀ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଛନ୍ତି। ଏପରିକି ଟିଉସନ୍ ସେଣ୍ଟର ଏବଂ କୋଚି ସେଣ୍ଟର ବନ୍ଦ କରିବା ସହ ଆସନ୍ତା ସୋମବାରଠାରୁ ସମସ୍ତ ପରୀକ୍ଷାଗୁଡିକୁ ବାତିଲ କରାଯାଇଛି। ହେଲେ ଶନିବାର ଅନେକ ବିଶ୍ୱ ବିଦ୍ୟାଳୟରେ ପରୀକ୍ଷା ଥିବାରୁ ଛାତ୍ରୀଛାତ୍ରମାନେ ଭୟରେ ଆସି ପରୀକ୍ଷା ଦେଇଛନ୍ତି। ସଂଗୀତ ମହାବିଦ୍ୟାଳୟରେ ଏକାଧିକ ପିଲା ଭୟରେ ପରୀକ୍ଷା ଦେଇଥିବା କହିଛନ୍ତି। ଯାହାକୁ ନେଇ ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଆମେ ପରୀକ୍ଷା ଦେବାକୁ ଆସି ଏକାଠି ହେଉଥିବାରୁ ଆମକୁ କରୋନା ଭୂତାଣୁ ପ୍ରବେଶ କରିବା ଆଶଙ୍କା କରାଯାଉଛି। ଯଦି ଭୂତାଣୁ ଆମ ଦେହରେ ପ୍ରବେଶ କରେ ତେବେ ଏଥିପାଇଁ କିଏ ଦାୟୀ ରହିବ।

### ୨୫ରୁ ଉର୍ଦ୍ଧ୍ୱ ପିଲା ଖେଳୁଛନ୍ତି କ୍ରିକେଟ

ଏକାଧିକ ଲୋକ ରୁଣ୍ଡ ହେବାକୁ ମନା କରାଯାଇଛି। ହେଲେ ଏହା କାହା ଉପରେ ଫରକ୍ ପକାଉନି। ଅନ୍ୟଦିନ ପରି ୨୫ରୁ ଉର୍ଦ୍ଧ୍ୱ ପିଲା ଏକାଠି ହୋଇ କ୍ରିକେଟ ଖେଳୁଛନ୍ତି। ଗୋଟିଏ ବ୍ୟାଟ୍ ଏବଂ ବଲକୁ ଏକାଧିକ ପିଲା ବ୍ୟବହାର କରୁଛନ୍ତି। ଯାହାଦ୍ୱାରା କରୋନା ଭଳି ମାରାତ୍ମକ ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏୟାରପୋର୍ଟ ଥାନା ସମ୍ମୁଖ ପଡ଼ିଆ, ନୟାପଲୀ ଦୁର୍ଗାପୂଜା ମଣ୍ଡପ ସମ୍ମୁଖରେ ଥିବା ପଡ଼ିଆରେ ଏକାଧିକ ପିଲା କ୍ରିକେଟ ଖେଳୁଛନ୍ତି।

### ଥାନା ଏବଂ କ୍ୟାପିଟାଲ ହସ୍ପିଟାଲ ଫାଙ୍କା

କ୍ୟାପିଟାଲ ହସ୍ପିଟାଲରେ ଦିନକୁ ୨ଶହରୁ ଉର୍ଦ୍ଧ୍ୱ ଲୋକ ନିଜର ରୋଗ ଦେଖାଇବାକୁ ଆସୁଥିଲେ। ଏବେ ୨୦ ଜଣ ଆସିବା କଷ୍ଟକର ହୋଇପଡ଼ିଛି। ହସ୍ପିଟାଲରେ ଦୁଇ ଜଣ କରୋନା ରୋଗୀ ଭର୍ତ୍ତି ହୋଇଥିବାରୁ ଏହା ଭୟରେ ଅନେକ ଲୋକ ହସ୍ପିଟାଲ ମାଟି ମାଡୁନାହାନ୍ତି। ସେହିପରି ରାଜଧାନୀରେ ଥିବା ଏକାଧିକ ଥାନା ଖାଁ ଖାଁ ଲାଗୁଛି। କେବଳ ଡିସିଓ ଅଫିସରଙ୍କୁ ଏବଂ ଥାନାର କର୍ମଚାରୀଙ୍କୁ ଛାଡ଼ିଦେଲେ ଅଭିଯୋଗକାରୀଙ୍କୁ ଦେଖିବାକୁ ମିଳୁନି। ଆଗରୁ ଥାନାରେ ପ୍ରତିଦିନ ୨୫ରୁ ଉର୍ଦ୍ଧ୍ୱ ଅଭିଯୋଗ ହେଉଥିବା ବେଳେ ଏବେ ଦୁଇ, ତିନୋଟି ଅଭିଯୋଗ ଆସୁଛି। କେଉଁଦିନ କୌଣସି ଅଭିଯୋଗ ଆସୁ ନ ଥିବା ଏକାଧିକ ଥାନା ଅଧିକାରୀ କହିଛନ୍ତି।

### ପର୍ଯ୍ୟଟନ ସ୍ଥଳୀରେ ପଶୁପକ୍ଷୀ ହନ୍ତସନ୍ତ

ରାଜଧାନୀରେ ଥିବା ପର୍ଯ୍ୟଟନ ସ୍ଥଳୀରେ ଏକାଧିକ ପଶୁପକ୍ଷୀ ରହିଛନ୍ତି। ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ସେମାନଙ୍କୁ ଖାଇବାକୁ ଦେଇଥାନ୍ତି। ହେଲେ ଏବେ ପର୍ଯ୍ୟଟନ ସ୍ଥଳୀ ବନ୍ଦ ହେବା ଫଳରେ ଏହି ଜନ୍ତୁମାନେ ଖାଦ୍ୟ ପାଇଁ ଆଉଟ ପାଉଟ ହେଉଛନ୍ତି। ବିଶେଷ କରି ଖଣ୍ଡଗିରି ପାହାଡ଼,ଧଉଳି, ନନ୍ଦନକାନନରେ ଥିବା ଏକାଧିକ ମାଙ୍କଡ଼ ଭୋକରେ ଆଉଟ ପାଉଟ ହେଉଛନ୍ତି। ସ୍ଥାନୀୟ କେତେକ ଯୁବକ ସେମାନଙ୍କୁ ଖାଇବାକୁ ଦେଉଥିଲେ ମଧ୍ୟ ତାହା ଯଥେଷ୍ଟ ହେଉନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାତ ନ ଅଣ୍ଟେ ଗୁଡ଼ା ଲୁଣକୁ**
**ଘଇତା ପାଇଛି କୋଉ ଗୁଣକୁ।**

ଘରର ମୁଖ୍ୟ ବୋଲାଉଥିବା ଗୃହସ୍ୱାମୀ ଉପରେ ପରିବାରର ଭରଣପୋଷଣ ଦାୟିତ୍ୱ ନ୍ୟସ୍ତ ଥାଏ। ଯେତେବେଳେ ଘରର ମୁଖ୍ୟ ଅଯୋଗ୍ୟ ଓ ଅପାରଗ ହୋଇଯାଏ ସେତେବେଳେ ଘରର ଆର୍ଥିକ ସ୍ଥିତି ବିଗିଡ଼ିଯିବାକୁ ବେଶି ଡେରି ଲାଗି ନ ଥାଏ। ସାଧାରଣତଃ ସ୍ୱାମୀ ଉପରେ ସ୍ତ୍ରୀ ନିର୍ଭରଶୀଳ। ସ୍ୱାମୀ ତା'ର ବଳ ଓ ସାହାଭରସା। ପରନ୍ତୁ ସ୍ୱାମୀ ଯଦି ଅଯୋଗ୍ୟ ହୁଏ ତା'ହେଲେ ସ୍ତ୍ରୀର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଏ। ସ୍ତ୍ରୀକୁ ପୋଷି ପାରୁ ନ ଥିବା ବ୍ୟକ୍ତି ସ୍ୱାମୀପଣକୁ ଯୋଗ୍ୟ ହେଉ ନ ଥିବା ସ୍ଥଳେ ଭରଣପୋଷଣ କରି ପାରୁ ନ ଥିବା ଅପାରଗ ସ୍ୱାମୀ ପ୍ରତି ଏଭଳି କ୍ଷଭୋକ୍ତି ପ୍ରକାଶ କରାଯାଇଛି।


**ଭେଲ ମିଶା ସୁନା ବାରିବ ଯେ**
**ବଣିଆଙ୍କ ଭେଦ ପାଇବ ସେ।**

ସୁନାରି ବଣିଆ ଅଳଙ୍କାର ଗଢ଼ିଥାନ୍ତି। ଅଳଙ୍କାର ଗଢ଼ିବା ସମୟରେ ସୁନାରେ କିଛି ପରିମାଣର ଖାଦ ମିଶାଇଥାନ୍ତି। ଯାହାର ଭେଦ ବା ଟେର୍ ପାଇବା ସାଧାରଣ ଲୋକଙ୍କ ପକ୍ଷେ ଅତୀବ କଷ୍ଟକର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## କରୋନା ସଂକ୍ରମଣକୁ ରୋକିବା ଲାଗି ଜେଏସ୍‌ପିଏଲ୍‌ର ପଦକ୍ଷେପ

ଭୁବନେଶ୍ୱର, ୨୦।୩



କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) ପକ୍ଷରୁ ପଦକ୍ଷେପ ହାତକୁ ନିଆଯାଇଛି। ନବୀନ ଜିନ୍ଦଲଙ୍କ ନେତୃତ୍ୱାଧିନ ଏହି କମ୍ପାନୀରେ ଥର୍ମାଲ ସ୍କାନିଂ ଦ୍ୱାରା କର୍ମଚାରୀଙ୍କ ଯାଞ୍ଚ କରାଯାଉଛି। ମାସ୍କ ଉପଲବ୍ଧ କରାଇବା ସହ ଡାକ୍ତରଙ୍କ ନିୟମିତ ପରାମର୍ଶ ସୁବିଧା କରାଯାଇଛି। ପ୍ରତ୍ୟେକ ଅଫିସରେ ସାନିଟାଇଜର ବ୍ୟବସ୍ଥା ସହ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ବିଶେଷଜ୍ଞ ଡାକ୍ତରୀ ଦଳ ଦ୍ୱାରା ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦିଆଯାଉଛି। କରୋନାକୁ ପ୍ରତିହତ କରିବା ଲାଗି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି ବୋଲି ଜେଏସ୍‌ପିଏଲ୍ ଅଧକ୍ଷ ନବୀନ ଜିନ୍ଦଲ ସୂଚନା ଦେଇଛନ୍ତି। କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ସ୍ୱରୁପ ସତର୍କତା ଅବଲମ୍ବନ କରୁଥିବା କମ୍ପାନୀର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ରାହୁଲ ତନେଜା କହିଛନ୍ତି। ଏହାବାଦ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ମଧ୍ୟ ବିଭିନ୍ନ ସତର୍କତା ପଦକ୍ଷେପ ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସୂଚନା ଦିଆଯାଇଛି।

## ଆକାଶର ମାଗଣା ଲାଇଭ କ୍ଲାସ

ନୂଆଦିଲ୍ଲୀ,୨୦।୩

କରୋନା ଯୋଗୁ ସାରା ଦେଶରେ ସ୍କୁଲ ଶିକ୍ଷା ପ୍ରଭାବିତ ହୋଇଛି। ଏହାକୁ ଧ୍ୟାନରେ ରଖି ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ ପକ୍ଷରୁ ଏହାର ସହାୟକ ମେରିଟନେଶନ ପଦକ୍ଷେପ ଜରିଆରେ ଛାତ୍ରୀଛାତ୍ରଙ୍କ ଲାଗି ସ୍ୱତନ୍ତ୍ର ମାଗଣା ଲାଇଭ କ୍ଲାସର ପ୍ରଦାନ ନେଇ ଘୋଷଣା କରାଯାଇଛି। ଏହି କ୍ଲାସଗୁଡିକ କ୍ଲାସ ୧ରୁ କ୍ଲାସ ୧୨ ଛାତ୍ରୀଛାତ୍ରଙ୍କ ଲାଗି ଉଦ୍ଦିଷ୍ଟ। ଏହାବାଦ ସ୍ୱତନ୍ତ୍ର ପରୀକ୍ଷା ଜେଇଇ, ଏନ୍‌ଇଇଟି ଦେଉଥିବା ଛାତ୍ରୀଛାତ୍ରଙ୍କ ଲାଗି ଏହା ସହାୟକ ହୋଇ ପାରିବ। ଘରେ ରହି ପାଠ ପଢିବା ଛାତ୍ରୀଛାତ୍ରଙ୍କ ଲାଗି ଉପଯୋଗୀ ହୋଇ ପାରିବ ବୋଲି ମେରିଟ ନେଶନ ସିଇଓ ପବନ ଚୌହାନ କହିଛନ୍ତି। କରୋନା ଯୋଗୁ ପାଠପଢାରେ ଯେଉଁ ବ୍ୟାଘାତ ସୃଷ୍ଟି ହୋଇଛି ଏଭଳି ଟେକ୍ ପ୍ଲାଟଫର୍ମ ଜରିଆରେ ତାର ସମାଧାନ କରିବାକୁ ପଦକ୍ଷେପ ନିଆଯାଇଛି ବୋଲି ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡର ସିଇଓ ଆକାଶ ଚୌଧୁରୀ ସୂଚନା ଦେଇଛନ୍ତି।

## ଯାତ୍ରୀଙ୍କୁ ଆକ୍ରମଣ: ଅଟୋ ଚାଳକ ଗିରଫ

ଭୁବନେଶ୍ୱର, ୨୦।୩ (ବ୍ୟୁରୋ)

ଅଟୋ ଚାଳକଙ୍କ ଉନ୍ମତ୍ତକାଣ୍ଡ। ଦ୍ରୁତ ଗତିରେ ବେପରୁଆ ଅଟୋଚାଳନା ଯୋଗୁ ଅନ୍ୟ ଅଟୋରେ ଯାଉଥିବା ଯାତ୍ରୀଙ୍କ ଉପରେ ପଡ଼ିଲା ରାସ୍ତାପାଣି। ଏହାକୁ ବିରୋଧ କରିବାରୁ ଜଣେ ଯାତ୍ରୀଙ୍କୁ ଲୁହାରଡ୍‌ରେ ପିଟି ମରଣାନ୍ତକ ଆକ୍ରମଣ କଲେ। ଘଟଣାଟି ଘଟିଛି ଖଣ୍ଡଗିରି ଥାନା ଅନ୍ତର୍ଗତ ସିଟି ମହିଳା ମହାବିଦ୍ୟାଳୟ ପାଖରେ। ଅଭିଯୁକ୍ତ ଅଟୋଚାଳକଙ୍କୁ ଗିରଫ କରିଛି ପୋଲିସ। ସେ ହେଲେ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ରେ ରହୁଥିବା ପ୍ରଶାନ୍ତ ପାଇକରାୟ(୩୧)। ତାଙ୍କ ଅଟୋକୁ ପୋଲିସ ଜବତ କରିବା ସହ ପ୍ରଶାନ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲ ହାଜତକୁ ପଠାଇ ଦିଆଯାଇଛି।

ଗୁରୁବାର ରାତି ସାଢେ ୮ଟା। ଏକ ଅଟୋରେ ଶିଶୁଭବନ ଛକରୁ ନିଜଘର ଡୁମୁଡୁମା ହାଉସିଂବୋର୍ଡକୁ ଫେରୁଥିଲେ ସୟଦ୍ ଅହମ୍ମଦ ରାଜା(୪୯)। ସେ ଆସୁଥିବା ଅଟୋ ପଛରେ ପ୍ରଶାନ୍ତଙ୍କ ଅଟୋ ଦୃତଗତିରେ ଆସି ଓଭରଟେକ୍ କରିଥିଲା। ରାସ୍ତାରେ ଥିବା ପାଣି ପଡ଼ିଥିଲା ସୟଦ୍‌ଙ୍କ ଦେହରେ। ତୁରନ୍ତ ପ୍ରଶାନ୍ତଙ୍କ ଅଟୋକୁ ପିଛା କରି ସିଟି ମହିଳା ମହାବିଦ୍ୟାଳୟ ନିକଟରେ ଅଟକାଇଥିଲେ ସୟଦ୍। ପଚାରିଥିଲେ ଏମିତି କ'ଣ ଅଟୋ ଚଲାଇବା କଥା! ତୁମ ପାଇଁ ମୋ ଦେହରେ ରାସ୍ତା ପାଣି ପଡ଼ିଲା। ତୁମଭଳି କିଛି ଚାଳକଙ୍କ ପାଇଁ ଦୁର୍ଘଟଣା ଘଟୁଛି। ଏତିକି କଥାରେ ଉତ୍‌କ୍ଷିପ୍ତ ହୋଇଉଠିଲେ ପ୍ରଶାନ୍ତ। ନିଜ ଅଟୋ ଭିତରେ ରଖିଥିବା ଏକ ଲୁହାରଡରେ ସୟଦ୍‌ଙ୍କୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ ସୟଦ୍ ଦୌଡିବାକୁ ଉଦ୍ୟମ କରିଥିଲେ ମଧ୍ୟ ପ୍ରଶାନ୍ତ ତାଙ୍କୁ ନିର୍ଦ୍ଧୁମ ମାଡ଼ ମାରିବା ସହ ଗୋଇଠା ମାରି ଡ୍ରେନରେ ପକାଇ ଦେଇଥିଲେ। ଗୁରୁତର ସୟଦ୍‌ଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଥାନାରେ ଅଭିଯୋଗ ହେବା ପରେ ପୋଲିସ୨୧୦/୨୦ନମ୍ବରରେ ମାମଲା ରୁଜୁ କରିଥିଲା।

## ସନ୍ଧ୍ୟା ୬ଟାରୁ ଦୋକାନ ବଜାର ବନ୍ଦ କଲା ପୋଲିସ

ବାଲିଅନ୍ତା,୨୦।୩(ଡି.ଏନ୍.ଏ.)

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ କମିଶନରେଟ ପୋଲିସ ଅଧୀନ ବାଲିଅନ୍ତା ଥାନା ପକ୍ଷରୁ ଶୁକ୍ରବାରଠାରୁ ପଦକ୍ଷେପ ନିଆଯାଇଛି। ଶୁକ୍ରବାର ସନ୍ଧ୍ୟା ୬ଟାଠାରୁ ବାଲିଅନ୍ତା ଥାନା ଅଧୀନରେ ଥିବା ବାଲିଅନ୍ତା ବଜାର, ସାଇଫନ ଛକ, ବେଣୁପୁର, ଭିଙ୍ଗାରପୁର ଆଦି ଅଞ୍ଚଳରେ ଥିବା ଦୋକାନ ବଜାରକୁ ବନ୍ଦ କରିଦିଆଯାଇଛି। ବାଲିଅନ୍ତା ଥାନା ଆଇଆଇସି ସୁଶାନ୍ତ ରାଉତ ସନ୍ଧ୍ୟାରେ ସମସ୍ତ ଦୋକାନକୁ ବୁଲି ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କଟକଣାକୁ ବ୍ୟବସାୟୀମାନେ ମାନି ଦୋକାନକୁ ବନ୍ଦ କରିଦେଇଥିଲେ। ସନ୍ଧ୍ୟାରେ ଗ୍ରୋସେରି ସାମଗ୍ରୀ କିଣିବାକୁ ଆସି ଲୋକେ ହଟହଟା ହୋଇ ଫେରିଥିଲେ।

## ୪ ହଜାର ମାସ୍କ ବାଣ୍ଟିଲେ, ଲୋକଙ୍କୁ ସଚେତନ କଲେ

ପୁରୁଣା ଭୁବନେଶ୍ୱର, ୨୦।୩ (ଡି.ଏନ.ଏ.)

କରୋନା ଭୂତାଣୁଠାରୁ ଦୂରେଇ ରହିବାକୁ ଆବଶ୍ୟକ ସଚେତନ ପ୍ରଶାସନିକ ସ୍ତରରେ ଚାଲିଛି। ଆବଶ୍ୟକତାକୁ ପୂରଣ ନେଇ ପ୍ରଶାସନ ସଙ୍ଗେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗର ହାତ ବଢାଇଛନ୍ତି। ଏହିକ୍ରମରେ ଏକମ୍ର ସଙ୍ଗଠନ ପକ୍ଷରୁ ଶୁକ୍ରବାର ବିଏମ୍‌ସି ହସ୍ପିଟାଲରେ ରୋଗୀ ଏବଂ ଡାକ୍ତରଖାନା କର୍ମଚାରୀମାନଙ୍କୁ ମାସ୍କ ବଣ୍ଟନ କରାଯାଇଛି। ଗୁରୁବାର ସଙ୍ଗଠନ ପକ୍ଷରୁ ମଧ୍ୟ ରୁକୁଣା ରଥ ନିର୍ମାଣ ପାଇଁ ନିୟୋଜିତ ଥିବା ୭୨ ମହାରଣାଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। ୨ ଦିନରେ ପ୍ରାୟ ୪ ହଜାର ମାସ୍କ ବଣ୍ଟନ କରାଯାଇଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟରେ ଭାଜପା ରାଜ୍ୟ ଉପସଭାପତି ଅମୀୟ ଦାଶ, ବିଏମସି ହସ୍ପିଟାଲ ମୁଖ୍ୟ ଚିକିସାଧିକାରୀ ଗଣେଶ ପ୍ରସାଦ ଦାଶ, ସମାଜିକ କର୍ମୀ ଶିବ ପ୍ରସାଦ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲିପାଟଣା,୨୦।୩(ଡି.ଏନ୍.ଏ.)

ବାଲିପାଟଣା ଥାନା ଅନ୍ତର୍ଗତ ଭଅଁରାଗଡ ଜଙ୍ଗଲ ନିକଟରୁ ଶୁକ୍ରବାର ପୋଲିସ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ବନମାଳୀପୁରସ୍ଥିତ ବଡ଼ ନୂଆପାଟଣା ଗ୍ରାମର ମୁନା ବେହେରା। ସୂଚନା ଅନୁଯାୟୀ, ମୁନା ଗତ ୩ଦିନ ହେବ ନିଖୋଜ ଥିଲେ। ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏ ନେଇ ବଡ଼ବାପା ରାମଚନ୍ଦ୍ର ବେହେରା ମୁନା ନିଖୋଜ ଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶୁକ୍ରବାର ଜଙ୍ଗଲ ନିକଟରେ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଦେଖି ବାଲିପାଟଣା ପୋଲିସକୁ ଜଣାଇଥିଲେ। ଖବରପାଇ ବାଲିପାଟଣା ଥାନା ଅଧିକାରୀ ରାଧାକାନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ବାଲିପାଟଣା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୦) ରୁଜୁକରି ତଦନ୍ତ ଚଳାଇଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

ହରପ୍ରୀତ କର୍ପୋରେଶନ୍
ଡିଜିଟାଲ କମ୍ପାନୀ
ଡିଜିଟାଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ ଛାତ/ କ୍ଷେତ ଆବଶ୍ୟକ + ଅଗ୍ରିମ 65 ଲକ୍ଷ + ଭଡ଼ା 45 ହଜାର
ଯୋଗାଯୋଗ:-
9811014559

FINANCE

M GROUP FINANCE COMPANY
M GROUP ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜ୍‌ନେସ୍ ଲୋନ୍, ପ୍ରପର୍ଟି, ମାର୍କଶିଟ୍, ସାଲାରୀ ସ୍ଲିପ୍। ମହିଳାଙ୍କ ପାଇଁ 50% ରିହାତି।
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
9911417461
9911417764

MUDRA FINANCE
(Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ASTROLOGY

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା ବୁଝନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା
ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହାଁ ପୁରସ୍କାର
ବି.ଦ୍ର: ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

## ସଂକ୍ଷେପରେ

### ଗୋଟିଏ ଟୁରିଷ୍ଟ ବସ୍ ଫେରିଗଲା

**ପୁରୀ ଅଫିସ,୨୦।୩:** କରୋନା ମୁକାବିଲା ପାଇଁ ପୁରୀ ଜିଲା ପ୍ରବେଶ ପଥଗୁଡ଼ିକୁ ସିଲ୍ କରି ଗାଡ଼ି ଯାଞ୍ଚ ଚଳାଇଛି ପ୍ରଶାସନ। ବାହାରୁ ଆସୁଥିବା କୌଣସି ପର୍ଯ୍ୟଟକଙ୍କୁ ପୁରୀରେ ପ୍ରବେଶ ପାଇଁ ଅନୁମତି ଦିଆଯାଉ ନାହିଁ। ଗତ ୫ଦିନ ମଧ୍ୟରେ ପ୍ରାୟ ୩ହଜାର ପର୍ଯ୍ୟଟକଙ୍କୁ ଫେରାଇ ଦିଆଯାଇଛି। ଶୁକ୍ରବାର ପିପିଲି ଟୋଲଗେଟ୍‌ରେ ପରିବହନ, ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଯାଞ୍ଚ ଚାଲିଥିଲା। କେବଳ ଗୋଟିଏ ଟୁରିଷ୍ଟ ବସ୍ ବ୍ୟତୀତ ଅନ୍ୟ କୌଣସି ପର୍ଯ୍ୟଟକ ଗାଡ଼ି ପୁରୀକୁ ଆସି ନ ଥିଲେ। ରାଜସ୍ଥାନରୁ ଆସିଥିବା ଏହି ଟୁରିଷ୍ଟ ବସ୍‌କୁ ପିପିଲି ଟୋଲଗେଟ୍‌ରୁ ଫେରାଇ ଦିଆଯାଇଥିଲା ବୋଲି ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ସମୀର କୁମାର ଦଳାଇ କହିଛନ୍ତି। ଅନ୍ୟପକ୍ଷରେ ବାହାର ରାଜ୍ୟରୁ ଫେରୁଥିବା ଜିଲାବାସୀଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରାଯାଉଛି। ଏଥିଲାଗି ଆଶାକର୍ମୀମାନଙ୍କୁ ପରାମର୍ଶ ଦିଆଯାଇଛି। କେଉଁ ଗାଁରେ କିଏ ବାହାରୁ ଆସିଲେ ତୁରନ୍ତ ପ୍ରଶାସନକୁ ଜଣାଇବା ଲାଗି କୁହାଯାଇଛି। ସତର୍କତା ଓ ସଚେତନତାକୁ ଅଧିକ କଡ଼ାକଡ଼ି କରାଯାଇଛି। ପୁରୀ ସହରର ସମୁଦ୍ରକୂଳ, ବଡ଼ଦାଣ୍ଡ, ଚକ୍ରତୀର୍ଥ ରୋଡ ଏବଂ ଭିଆଇପି ରୋଡର ବିଭିନ୍ନ ହୋଟେଲ, ଲଜିଂ, ଆଶ୍ରମ, ହଲିଡେ ହୋମ୍, ଧର୍ମଶାଳା ଓ ଭକ୍ତନିବାସରେ ରହୁଥିବା ବହୁ ପର୍ଯ୍ୟଟକ ସହର ଛାଡ଼ି ଚାଲିଯାଇଛନ୍ତି। ଏଥିଯୋଗୁ ରାସ୍ତାଘାଟ ଏକପ୍ରକାର ଜନଶୂନ୍ୟ ଲାଗୁଛି।

### ହସ୍ପିଟାଲରେ ବନ୍ଦ ହୋଇପାରେ ସାଧାରଣ ଓପିଡି

**କଟକ ଅଫିସ,୨୦।୩:** କରୋନାରୁ ରକ୍ଷା ପାଇବା ପାଇଁ ସରକାରୀସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜଧାନୀରେ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥାରେ ଅଡ୍ ଇଭିନ ନିୟମକୁ ଲାଗୁ କରାଯାଇଛି। କିନ୍ତୁ ହସ୍ପିଟାଲଗୁଡ଼ିକର ସାଧାରଣ ଓପିଡିରେ ଗହଳି କମୁ ନ ଥିବାରୁ ସରକାରଙ୍କ ଚିନ୍ତାର କାରଣ ପାଲଟିଛି। ଆଗାମୀ ଦିନରେ ସରକାର ସାଧାରଣ ରୋଗ ନିମନ୍ତେ ଉଦ୍ଦିଷ୍ଟ ଓପିଡିକୁ ଅସ୍ଥାୟୀ ଭାବେ ବନ୍ଦ କରିବାକୁ ନିଷ୍ପତ୍ତି ନେଇପାରନ୍ତି ବୋଲି କେତେଜଣ ଡାକ୍ତରଙ୍କ ଆଲୋଚନା କରୁଛନ୍ତି। ଯେଉଁମାନଙ୍କ ମେଡିକାଲ ଏମରଜେନ୍ସି ନାହିଁ ଅଯଥା ଛୋଟ ସମସ୍ୟା ପାଇଁ ଡାକ୍ତରଖାନା ଆସିବା ଦ୍ୱାରା ହସ୍ପିଟାଲ ପରିସର ଅତ୍ୟଧିକ ଗହଳି ହେଉଛି। ଫଳରେ ସାମାଜିକ ଦୂରତ୍ୱ ନିୟମ ପାଳନ କରାଯାଉ ନ ଥିବାରୁ ଏଭଳି ନିଷ୍ପତ୍ତି ଆସିବାର ସମ୍ଭାବନାକୁ ଏଡାଇ ହେବ ନାହିଁ।

### ରୋଟାରୀ କ୍ଲବ ପକ୍ଷରୁ ସଚେତନତା

**ଜଟଣୀ,୨୦।୩(ଡି.ଏନ.ଏ.):** ଜଟଣୀ ରୋଟାରୀ କ୍ଲବ ପକ୍ଷରୁ କରୋନା ଭୂତାଣୁ ଉପରେ ଶୁକ୍ରବାର ଏଠାରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନ କରାଯିବା ସହ ମାସ୍କ, ସାବୁନ ଆଦି ବଣ୍ଟନ କରାଯାଇଥିଲା। ରୋଟାରୀ କ୍ଲବର ସଭାପତି ଆଦିନାରାୟଣ ଖଣ୍ଡୁଆଳ, ସମ୍ପାଦକ ପଦାରବିନ୍ଦ ସାହୁ, ଆର୍.ଏମ୍. ପଟ୍ଟନାୟକ, ଡାକ୍ତର ପି.କେ.ପଣ୍ଡା, କ୍ରିଷ୍ଣାମୁରାରୀ ଅଗ୍ରୱାଲ, ସୁନୀଲ ଅଗ୍ରୱାଲ, ଏନ୍.କେ. ମହାପାତ୍ର, ରାଜେଶ ଅଗ୍ରୱାଲ ଓ ଅନେକ ସଦସ୍ୟ ଏଥିରେ ସାମିଲ ହୋଇଥିଲେ।

# ସବୁ ଚିକିତ୍ସାଳୟରେ ଆଇସୋଲେଶନ କେନ୍ଦ୍ର

## ଗୋଟିଏ କଲ୍‌ରେ ମିଳିବ ସୂଚନା

**ଖୋର୍ଦ୍ଧା ଅଫିସ,୨୦।୩**

କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ଲାଗି ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଶଯ୍ୟା ବିଶିଷ୍ଟ କରୋନା ଆଇସୋଲେଶନ କେନ୍ଦ୍ର ଖୋଲାଯାଇଛି। ସେଠାରେ ଡାକ୍ତର, ଆବଶ୍ୟକ ସାମଗ୍ରୀ ଓ ସ୍ୱାସ୍ଥ୍ୟସେବା ଉପଲବ୍ଧ ରହିଛି। କରୋନା ସନ୍ଦିଗ୍ଧଙ୍କୁ ଭୁବନେଶ୍ୱର କ୍ୟାପିଟାଲ ଚିକିତ୍ସାଳୟକୁ ପଠାଇବା ଲାଗି ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ କଣ୍ଟ୍ରୋଲ ରୁମ ଖୋଲାଯାଇଛି। କୌଣସି ସୂଚନା ଲାଗି ୯୪୩୯୯୯୪୫୦୪ ଓ ୯୪୩୯୯୯୭୦୯୧ ନମ୍ବରକୁ ଯୋଗାଯୋଗ କରିପାରିବେ। ଗୋଟିଏ କଲରେ ସୂଚନା ମିଳିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍‌ଓ) ବିଶ୍ୱରଞ୍ଜନ ପତି କହିଛନ୍ତି। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସୋଲେଶନ କେନ୍ଦ୍ର, ଆବଶ୍ୟକ ସାମଗ୍ରୀ ଓ ଉପକରଣ ବ୍ୟବସ୍ଥା କରାଯାଇଛି। ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜ୍ୱର, ଥଣ୍ଡା, କାଶ ଆଦି ଚିକିତ୍ସା ଲାଗି ଆବଶ୍ୟକ ଔଷଧ ଦିଆଯାଇଛି। ସମସ୍ତ ମେଡିକାଲ କର୍ମଚାରୀଙ୍କ ଲାଗି ସାନିଟାଇଜର, ହ୍ୟାଣ୍ଡୱାଶ ପ୍ରଭୃତି ଯୋଗାଇ ଦିଆଯାଇଛି। ଏଥିସହ କରୋନା ଭୂତାଣୁ ସଂକ୍ରମଣ ଲାଗି ସଚେତନତା ଉଦ୍ଦେଶ୍ୟରେ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାନର, ଷ୍ଟିଟ ବ୍ୟାନର, ଲିଫଲେଟ, ୱାଲ ପୋଷ୍ଟର ଏବଂ ହୋର୍ଡିଂ ଦିଆଯାଇଛି ବୋଲି ସିଡିଏମଓ ପତି କହିଛନ୍ତି।

### ଜିଲାର ୧୯୦ ପଞ୍ଚାୟତରେ ମିଳିବ ସ୍ୱାସ୍ଥ୍ୟସେବା

ରାଜ୍ୟରେ ଦ୍ୱିତୀୟ କରୋନା ଭୂତାଣୁ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାର ୧୯୦ ପଞ୍ଚାୟତରେ ଶନିବାର ସୁଦ୍ଧା କ୍ୱାରେଣ୍ଟାଇନ ସେଣ୍ଟର ଖୋଲିବା ସହ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି ବୋଲି ପିଡି ଡିଆରଡିଏ ଦିଗନ୍ତ ରାଉତ କହିଛନ୍ତି। କରୋନା ଭୂତାଣୁ ସଂକ୍ରମଣ ସଂକ୍ରାନ୍ତରେ ସଚେତନତା ଲାଗି ବ୍ଲକ ସ୍ତରରେ ବିଡିଓ, ବ୍ଲକ ଚେୟାରମ୍ୟାନ, ସରପଞ୍ଚ, ସମିତିସଭ୍ୟାସଭ୍ୟଙ୍କୁ ନେଇ ବୈଠକ ଆୟୋଜନ କରାଯାଇଛି। ସେହିଭଳି ସମସ୍ତ ପଞ୍ଚାୟତ ସ୍ତରରେ ମଧ୍ୟ ବୈଠକ ଆୟୋଜନ କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ଜିଲା ପରିଷଦ ସଭ୍ୟାସଭ୍ୟମାନଙ୍କୁ ସହଯୋଗ ଲାଗି ଅନୁରୋଧ କରାଯାଇଛି। ପ୍ରତି ପଞ୍ଚାୟତରେ କ୍ୱାରେଣ୍ଟାଇନ ସେଣ୍ଟର ଖୋଲିବ। ସେଠାରେ ସମସ୍ତ ବିଧି ବ୍ୟବସ୍ଥା ଲାଗି ନିର୍ଦ୍ଦେଶ ଦିଆଯାଇଛି। ପାନୀୟଜଳ, ବିଦ୍ୟୁତ ସହିତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ବ୍ୟବସ୍ଥା କରିବା ଲାଗି ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଜନପ୍ରତିନିଧିମାନେ ନିଜ ଅଞ୍ଚଳରେ ସହଯୋଗ ଲାଗି ନିବେଦନ କରାଯାଇଛି। କୌଣସି ସନ୍ଦିଗ୍ଧ ଆଶଙ୍କା ରହିଥିଲେ କଣ୍ଟ୍ରୋଲ ରୁମ ଅଥବା ସ୍ଥାନୀୟ ବ୍ଲକ ପ୍ରଶାସନ ସହ ଯୋଗାଯୋଗ କରିବାକୁ କୁହାଯାଇଛି ବୋଲି ପିଡି ରାଉତ କହିଛନ୍ତି। କରୋନା ଭୂତାଣୁର ମୁକାବିଲା ଲାଗି ସରକାର ଅନେକ ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି। ହିତାଧିକାରୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ମଧୁବାବୁ ପେନ୍‌ସନ ଯୋଜନା ଏବଂ ଜାତୀୟ ସାମାଜିକ ଓ ଭିନ୍ନକ୍ଷମ ସଶକ୍ତୀକରଣ ଯୋଜନାରେ ପ୍ରଦାନ କରାଯାଉଥିବା ବିଧବା, ବାର୍ଦ୍ଧକ୍ୟ ଭତ୍ତା ଆଗାମୀ ୪ ମାସ ପାଇଁ ଏକକାଳୀନ ପ୍ରଦାନ କରାଯିବ। ଏହି ଟଙ୍କା ହିତାଧିକାରୀଙ୍କୁ ସେମାନଙ୍କ ଗ୍ରାମରେ ପ୍ରଦାନ କରାଯିବ। ଏ ନେଇ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ପକ୍ଷରୁ ଜାରି ନିୟମକୁ ପାଳନ ଲାଗି ପିଡି ଡିଆରଡିଏ ରାଉତ ଅନୁରୋଧ କରିଛନ୍ତି।




ଖୋର୍ଦ୍ଧା ସହରର ସମସ୍ତ ଦୋକାନ ବନ୍ଦ ଥିବାବେଳେ ଏକ ମଦ ଦୋକାନ ଖୋଲା ରହିଛି ।

# ବନ୍ଦ ସତ୍ତ୍ୱେ ମଦ ଦୋକାନ ଖୋଲା

**ଖୋର୍ଦ୍ଧା ଅଫିସ,୨୦।୩**

କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ଲାଗି ଜିଲା ଓ ପୌର ପ୍ରଶସନ ପକ୍ଷରୁ ଶୁକ୍ରବାର ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ କରି ଦୋକାନ ବଜାର ବନ୍ଦ କରାଯାଇଥିଲା। ହେଲେ ସହରରେ ନୂଆ ବସଷ୍ଟାଣ୍ଡ ସମେତ ଅନ୍ୟ ସ୍ଥାନରେ ଥିବା ମଦ ଦୋକାନ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲାଥିବା ସାଧାରଣରେ ଅଭିଯୋଗ ହେଉଛି। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଦ ଦୋକାନ ହୋଇଥିବାରୁ ଏହା ବିଳମ୍ବିତ ରାତି ପର୍ଯ୍ୟନ୍ତ କାରବାର ହେଉଥିବା ଅଭିଯୋଗ ହେଉଛି। ତେବେ ପୋଲିସ ସବୁ ଜାଣି ନ ଜାଣିବା ଭଳି ଅଭିନୟ କରୁଛି ବୋଲି କେତେଜଣ ବ୍ୟବସାୟୀ କହିଛନ୍ତି।

# ଦୋକାନ ବଜାର ବନ୍ଦ କଲା ପ୍ରଶାସନ



ପ୍ରଶାସନ ପକ୍ଷରୁ ଶୁକ୍ରବାର ରାତି ୮ଟାରେ ଖୋର୍ଦ୍ଧା ସହରର ସମସ୍ତ ଦୋକାନ ବଜାର ବନ୍ଦ କରିଦିଆଯାଇଛି ।

**ଖୋର୍ଦ୍ଧା ଅଫିସ,୨୦।୩ :**

କରୋନା ଭୂତାଣୁ କୋଭିଡ-୧୯ ସଂକ୍ରମଣ ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଉଛି। ଶୁକ୍ରବାରଠାରୁ ଖୋର୍ଦ୍ଧା ପୌର ପ୍ରଶାସନ ସମସ୍ତ ଦୋକାନ ବଜାର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତେବେ ସନ୍ଧ୍ୟା ପରେ ନୂଆ ବସଷ୍ଟାଣ୍ଡ, ଷ୍ଟେଟ ବ୍ୟାଙ୍କ ଛକ, ପୁରୁଣା ବସଷ୍ଟାଣ୍ଡ ପ୍ରଭୃତି ବଜାରରେ ଦୋକାନ ବଜାର ଖୋଲା ରହିଥିଲା। ଏ ସମ୍ପର୍କରେ ସୂଚନା ପାଇ ଉପଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ, ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ ପ୍ରମୁଖ ପୋଲିସ ଫୋର୍ସ ସହ ବୁଲି ଦୋକାନ ବଜାର ବନ୍ଦ କରିବା ସହ ଦୋକାନୀମାନଙ୍କୁ ତାଗିଦ୍ କରିଥିଲେ। ରାତି ୮ଟା ପରେ ସହରରେ ସମସ୍ତ ଦୋକାନ ବଜାର ବନ୍ଦ ହୋଇଯିବାରୁ ଚାରି ଆଡେ ଶୂନଶାନ ହୋଇଯାଇଥିଲା। ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ଲାଗି ନୋଟିସ୍ ଜାରି କରାଯାଇଛି ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶତପଥୀ କହିଛନ୍ତି। ପୌର ପ୍ରଶାସନ ଏହାର ମୁକାବିଲା କରିବା ଲାଗି ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି। ସମସ୍ତ ସାହିଗଳିରେ ବ୍ଲିଚିଂ ପାଉଡର ପକାଯାଉଛି। ନିୟମିତ ବ୍ୟବଧାନରେ ମେଶିନରେ ଧୂଆଁ ଛଡା ଯାଉଛି। ବିଭିନ୍ନ ସ୍ଥାନରେ ସଚେତନତା ପୋଷ୍ଟର, ବ୍ୟାନର, ହୋର୍ଡିଂ ଲଗାଯାଇଛି ବୋଲି ସେ କହିଛନ୍ତି।

### ୫ ଟଙ୍କାରେ କୁକୁଡ଼ା ବିକ୍ରି

**ଯାଁଲା,୨୦।୩(ଡି.ଏନ.ଏ)**

ଛେଳି ମାଂସ, ଚିକେନ, ଅଣ୍ଡା ଖାଇଲେ କୌଣସି ଅସୁବିଧା ନାହିଁ ବୋଲି ସରକାରଙ୍କ ପକ୍ଷରୁ ବାରମ୍ବାର କୁହାଯାଉଛି। ତେବେ କରୋନା ଭୂତାଣୁ ଭୟରେ ଏହାକୁ ଲୋକେ ଖାଉନାହାନ୍ତି। ଫଳରେ ଏହି ବ୍ୟବସାୟ ଉପରେ ପ୍ରଭାବ ପଡ଼ିଛି। ବିଶେଷକରି କୁକୁଡ଼ା ମାଂସ ତଥା ଚିକେନ ବ୍ୟବସାୟ ଉପରେ ଅଧିକ ପ୍ରଭାବ ଦେଖାଦେଇଛି। ଜଟଣୀ ବ୍ଲକ ଛତାବର ପଞ୍ଚାୟତ ଅଲକର ମୌଜାରେ ଥିବା ଏକ କୁକୁଡ଼ା ଫାର୍ମ ଏହି ପ୍ରଭାବର ଶିକାର ହୋଇଛି। ଏହି ଫାର୍ମରେ ୭ ହଜାର କୁକୁଡ଼ା ରହିଥିଲେ। ହେଲେ ବିକ୍ରି ନ ହେବାରୁ ଫାର୍ମ ମାଲିକ କୁକୁଡ଼ାମାନଙ୍କୁ ଖାଦ୍ୟ ଯୋଗାଇ ପାରି ନ ଥିଲେ। ଅନ୍ୟ ଉପାୟ ନ ପାଇ ୨ ଦିନ ହେବ ପ୍ରଥମେ କିଛି କୁକୁଡ଼ାଙ୍କୁ ମାଗଣାରେ ଦେବା ପରେ କୁକୁଡ଼ା ପିଛା ୫ ଟଙ୍କାରେ ୭ ହଜାର କୁକୁଡ଼ା ବିକ୍ରି କରି ଦେଇଛନ୍ତି। କୁକୁଡା ନେବା ପାଇଁ ଫାର୍ମ ନିକଟରେ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଥିଲା।

### ଠାକୁରପଡା ପ୍ରକଳ୍ପ ବିଦ୍ୟାଳୟରୁ ଚୋରି

**ଖୋର୍ଦ୍ଧା ଅଫିସ, ୨୦।୩ :**

ଖୋର୍ଦ୍ଧା ଟାଉନ ଥାନା ଅଧୀନ ଠାକୁରପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରୁ ଗୁରୁବାର ରାତିରେ କେହି ଦୁର୍ବୃତ୍ତ ବିଦ୍ୟାଳୟ ରୋଷେଇ ଘର ତାଲା ଭାଙ୍ଗି ୫୦ କେଜି ଚାଉଳ ୭ ବସ୍ତା, ୩ଟି ସିଲିଣ୍ଡର ଚୋରି କରି ନେଇ ଯାଇଥିବା ନେଇ ଶୁକ୍ରବାର ଥାନାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କରୋନା ଆତଙ୍କ ଲାଗି ବିଦ୍ୟାଳୟ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିଛି। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ବିଦ୍ୟାଳୟରେ ପଶି ଚୋରି କରିଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି।

# ୭ରୁ ଅଧିକ ବ୍ୟକ୍ତି ଏକତ୍ରିତ ଉପରେ କଟକଣା

## ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ଛାଡି ଅନ୍ୟ ସବୁ ବନ୍ଦ ରହିବ

**ଖୋର୍ଦ୍ଧା ଅଫିସ,୨୦।୩ :**

ସାରା ବିଶ୍ୱରେ କରୋନା ଭୂତାଣୁ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ଦିନକୁଦିନ ବଢ଼ିବାରେ ଲାଗିଛି। ରାଜ୍ୟରେ ଦ୍ୱିତୀୟ ରୋଗୀ ଚିହ୍ନଟ ହେବା ପରେ ସରକାରଙ୍କ ପକ୍ଷରୁ ଏହାର ମୁକାବିଲା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାର ଭୟାବହତାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ପୌରାଞ୍ଚଳରେ ଶନିବାରଠାରୁ ସମସ୍ତ ରେଷ୍ଟୁରାଣ୍ଟ, ବାର, କଫି ଶପ୍, କ୍ୟାଣ୍ଟିନ, ଜଳଖିଆ ଦୋକାନ, ବଜାର ବନ୍ଦ ରହିବ। ଏସବୁ ସ୍ଥାନରେ ୭ରୁ ଅଧିକ ବ୍ୟକ୍ତି ଏକତ୍ରିତ ନ ହେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। କାରଣ ଏହି ସବୁ ସ୍ଥାନରେ ଏକାଧିକ ଲୋକଙ୍କ ଗହଳି ହେଉଥିବାରୁ ଏହି ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ଲାଗି ନୋଟିସ୍ ଜାରି କରାଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ସହରରେ ଯାତାୟାତ କରୁଥିବା ସମସ୍ତ ଯାନ ଯଥା ଟ୍ୟାକ୍ସି ଓ ଅଟୋରିକ୍ସା ସରକାରଙ୍କ ନିର୍ଦ୍ଧାରିତ ନିୟମ ପ୍ରକାରେ ଦିନେ ଛଡା ଦିନେ ନେବା ଆଣିବା କରିବେ। ମାର୍କେଟ, ଶପିଂ ମଲ୍, କମ୍ପ୍ଲେକ୍ସ, ହାଟଗୁଡିକରେ ଅତ୍ୟାବଶ୍ୟକ ସାମଗ୍ରୀ ଔଷଧ, ଗ୍ରୋସେରି, ଦୁଗ୍ଧ, ପରିବା, ମାଂସ, ମାଛ, ଅଣ୍ଡା ପ୍ରଭୃତି ଅତ୍ୟାବଶ୍ୟକ ସାମଗ୍ରୀ ରହିଥିବା ଦୋକାନ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଏହି ଆଦେଶ ବଳବତ୍ତର ରହିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶତପଥୀ କହିଛନ୍ତି। ସେହିପରି ଅନୁରୂପ ଭାବେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଶତପଥୀ କହିଛନ୍ତି।

# ସଚେତନତା ହିଁ ଭୂତାଣୁ ସଂକ୍ରମଣକୁ ନିୟନ୍ତ୍ରଣ କରିବ



କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ପକ୍ଷରୁ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀମାନେ ।

**କୃଷ୍ଣପ୍ରସାଦ, ୨୦।୩(ଡି.ଏନ.ଏ.)**

କରୋନା ଭୂତାଣୁ ସଂକ୍ରମଣ ବିରୋଧରେ ସଚେତନତା ସୃଷ୍ଟି ପାଇଁ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ପକ୍ଷରୁ ସ୍ୱତନ୍ତ୍ର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଭିମନ୍ୟୁ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଇଆଇସି ଅଭିମନ୍ୟୁ ନାୟକ, ତହସିଲଦାର ଜିତେନ୍ଦ୍ର କୁମାର ନାୟକ, ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ବେହେରା, ବ୍ଲକ ସହକାରୀ ଯନ୍ତ୍ରୀ ଇଂ. ପ୍ରସନ୍ନ କୁମାର ସ୍ୱାଇଁ, କନିଷ୍ଠଯନ୍ତ୍ରୀ ପବିତ୍ର କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ। ବ୍ୟାପକ ସଚେତନତା ଦ୍ୱାରା ଏହି ଭୂତାଣୁର ସଂକ୍ରମଣ ନିୟନ୍ତ୍ରିତ ହୋଇପାରିବ। ଏଥିପାଇଁ ସମସ୍ତେ ଗୁରୁତ୍ୱର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ପଞ୍ଚାୟତସ୍ତରରେ ଅଧିକାରୀ କିଭଳି ବ୍ୟାପକ ଭାବେ ଲୋକମାନଙ୍କୁ ସଚେତନତା ସୃଷ୍ଟି କରାଯାଇ ବାହାରୁ ଆସିଥିବା ବ୍ୟକ୍ତିମାନଙ୍କ ବିଷୟରେ ଅବଗତ ହେବା ଓ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସରପଞ୍ଚମାନଙ୍କୁ ଅନୁରୋଧ କରିଥିଲେ।

# ସୁଧାର ଗୃହରେ ଫସିଛନ୍ତି ୧୩ ମହିଳା

## ଘରକୁ ଫେରିପାରୁନାହାନ୍ତି

**ଖୋର୍ଦ୍ଧା ଅଫିସ,୨୦।୩**

ସାରା ବିଶ୍ୱରେ ଲାଗି ରହିଛି କରୋନା ଆତଙ୍କ। ଏ ନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। କରୋନା ସଂକ୍ରମଣ ମୁକାବିଲା ଲାଗି ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ବିଦେଶ ଫେରନ୍ତାଙ୍କ ନାମ ପଞ୍ଜୀକରଣ କରାଯାଉଛି। ସେମାନଙ୍କୁ କ୍ୱାରେଣ୍ଟାଇନ କେନ୍ଦ୍ରରେ ରହିବା ଲାଗି ପରାମର୍ଶ ଦିଆଯାଇଛି। ଏହାର ଭୟାବହତାକୁ ଉପଲବ୍ଧ କରି ବିଦେଶ ଅଥବା ବାହାର ରାଜ୍ୟରେ ରହୁଥିବା ବ୍ୟକ୍ତି ବିଶେଷ ନିଜ ରାଜ୍ୟ ଏବଂ ଜିଲାକୁ ଫେରୁଛନ୍ତି। ଏଭଳି ସ୍ଥିତିରେ ଖୋର୍ଦ୍ଧା ସୁଧାର ଗୃହରେ ଥିବା ବାହାର ରାଜ୍ୟର ୧୩ ଜଣ ମହିଳା ଫସି ରହିଛନ୍ତି। ସେମାନେ ନିଜ ଘରକୁ ଯିବାକୁ ବ୍ୟାକୁଳ ହେଉଛନ୍ତି। ହେଲେ କର୍ତ୍ତୃପକ୍ଷ ସେମାନଙ୍କୁ ଉପଯୁକ୍ତ ପ୍ରମାଣପତ୍ର ବିନା ଛାଡିବାକୁ ନାରାଜ। ଏ ନେଇ ସମ୍ପୃକ୍ତ ମହିଳାମାନେ ଏବଂ ସୁଧାର ଗୃହ କର୍ତ୍ତୃପକ୍ଷ ମୁହାଁମୁହିଁ ହୋଇଥିବା ଜଣାପଡିଛି।

ଭୁବନେଶ୍ୱର କମିଶନରେଟ ପୋଲିସ ୩ଦିନ ତଳେ ୧୩ ଜଣ ବାହାର ରାଜ୍ୟର ମହିଳାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ସୁଧାର ଗୃହରେ ଛାଡିଥିଲା। ଗୁରୁବାର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରୀକ୍ଷା ରିପୋର୍ଟ ନେଗେଟିଭ ଆସିବା ପରେ ପୋଲିସ ସେମାନଙ୍କୁ ଛାଡି ଦେବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି। ଏ ନେଇ ସୁଧାର ଗୃହ ଉପଦେଷ୍ଟା ମୀରା ମାନ୍ଧାତାଙ୍କୁ ପଚାରିବାରେ ପୋଲିସ ଆଣି ସେମାନଙ୍କୁ ଏଠାରେ ଛାଡିଥିଲା। ପୋଲିସ ଲିଖିତନାମା ଦେବା ପରେ ସେମାନଙ୍କୁ ଛଡାଯିବ। ଅଥବା ସେମାନଙ୍କ ପରିବାରର କୌଣସି ସଦସ୍ୟ ଆସି ଉପଯୁକ୍ତ ପ୍ରମାଣପତ୍ର ଦେଲେ ଛଡାଯିବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# କରୋନା ମୁକାବିଲା ପାଇଁ ଜିଲା ପ୍ରଶାସନର ତତ୍ପରତା

**ଖୋର୍ଦ୍ଧା ଅଫିସ,୨୦।୩ :**

କରୋନା ସଂକ୍ରମଣ ମୁକାବିଲା ଲାଗି ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଶୁକ୍ରବାର ଜିଲାପାଳ ସିଦ୍ଧାଂଶୁ କୁମାର ରାଉତ ଜିଲାର ସମସ୍ତ ବିଡିଓ, ତହସିଲଦାରମାନଙ୍କ ସହ ଆଲୋଚନା କରିଛନ୍ତି। ଶନିବାର ସୁଦ୍ଧା ସମସ୍ତ ପଞ୍ଚାୟତରେ ଆଇସୋଲେଶନ କେନ୍ଦ୍ର ବ୍ୟବସ୍ଥା ଲାଗି ତାଗିଦ୍ କରିଛନ୍ତି। ସ୍ୱାସ୍ଥ୍ୟସେବା ଅଗ୍ରଗତି ନେଇ ଆଲୋଚନା କରିଛନ୍ତି। ସମସ୍ତ ଆଇସୋଲେଶନ ସେଣ୍ଟରରେ ଅତ୍ୟାବଶ୍ୟକ ସାମଗ୍ରୀ, ସ୍ୱାସ୍ଥ୍ୟ ଉପକରଣ ମହଜୁଦ ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଲୋଚନା ବେଳେ ପିଡି ଡିଆରଡିଏ ଦିଗନ୍ତ ରାଉତ, ଭୁବନେଶ୍ୱର ଓ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ, ସିଡିଏମଓ, ଦୁଇ ଉପଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ ଲାଗି ବିଡିଓମାନଙ୍କୁ କହିଥିଲେ। କରୋନା ଭୂତାଣୁ ସଂକ୍ରମଣ ଲାଗି ଭୟଭୀତ ହୁଅନ୍ତୁ ନାହିଁ। ନିଜେ ସଚେତନ ହେବା ସହ ଅନ୍ୟକୁ ସଚେତନ କରନ୍ତୁ। ବରିଷ୍ଠ ନାଗରିକମାନେ ଘରେ ରୁହନ୍ତୁ। ଆବଶ୍ୟକ ନ ପଡିଲେ, ଘରୁ ବାହାରନ୍ତୁ ନାହିଁ। ସ୍ୱାସ୍ଥ୍ୟଗତ ସମସ୍ୟା ଥିଲେ ସ୍ଥାନୀୟ ଚିକିତ୍ସାଳୟକୁ ଚିକିତ୍ସା ଲାଗି ଯାଆନ୍ତୁ। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରାଯାଇଛି। ବିଦେଶ ଫେରନ୍ତାଙ୍କ ଉପରେ ତୀକ୍ଷଣ ନଜର ରଖାଯାଇଛି। ବାହାର ରାଜ୍ୟରୁ ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ସରକାରଙ୍କ ଗାଇଡ ଲାଇନ ପାଳନ କରିବାକୁ ଅନୁରୋଧ କରାଯାଉଛି। କୌଣସି ଛକ, ଜନଗହଳି ସ୍ଥାନରେ ଏକାଠି ଠିଆ ହୋଇ, ବସି କଥାବାର୍ତ୍ତା କରନ୍ତୁ ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟତୀତ ସମସ୍ତ ଦୋକାନ, ବଜାର, ଶପିଂ ମଲ୍, ହୋଟେଲ ବନ୍ଦ ଲାଗି ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲାପାଳ ରାଉତ କହିଛନ୍ତି।

# ଅତ୍ୟାବଶ୍ୟକ ସାମଗ୍ରୀ ଛାଡ଼ି ଅନ୍ୟ ଦୋକାନ ହେବ ବନ୍ଦ

**ଜଟଣୀ,୨୦।୩(ଡି.ଏନ.ଏ.)**

କୋଭିଡ-୧୯ର ମୁକାବିଲା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଛାଡ଼ି ଜଟଣୀରେ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବ। ଏଥିପାଇଁ ଜଟଣୀ ମ୍ୟୁନିସିପାଲିଟି ପକ୍ଷରୁ ଶନିବାର ଡାକବାଜି ଯନ୍ତ୍ରରେ ପ୍ରଚାର କରାଯିବ ବୋଲି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର କହିଛନ୍ତି। ପନିପରିବା, ଗ୍ରୋସରୀ, ଔଷଧ ପରି ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ କରୁଥିବା ଦୋକାନ କେବଳ ଖୋଲା ରହିବ ବୋଲି ସେ କହିଛନ୍ତି। ଏହି ଭୂତାଣୁର ମୁକାବିଲା ପାଇଁ ସରକାର ଜାରି କରିଥିବା ନିର୍ଦ୍ଦେଶନାମା କିପରି କାର୍ଯ୍ୟକାରୀ ହେବ ସ୍ଥାନୀୟ ପ୍ରଶାସନ ତତ୍ପର ହୋଇ ଉଠିଥିବା ବେଳେ ଜନସାଧାରଣ ଏହାକୁ ସହଯୋଗ କରୁଛନ୍ତି। ଏହି ନିର୍ଦ୍ଦେଶନାମା ମଧ୍ୟରୁ ଧାର୍ମିକ ଉତ୍ସବ, ବିବାହ, ବ୍ରତ ଆଦି ସାମାଜିକ ସମାଗମଠାରୁ ଦୂରେଇ ରହି ସଂକ୍ରମଣରୁ ସୁରକ୍ଷିତ ରହିବା।

## ଜଟଣୀରେ କୋଭିଡ-୧୯ର ମୁକାବିଲା



କରୋନା ଲାଗି ଜଟଣୀରେ ଉତ୍ତରାୟଣୀ ମନ୍ଦିର ବନ୍ଦ ରହିଛି ।

ଏହି ପରିପ୍ରେକ୍ଷୀରେ ଜଟଣୀ ସହର ଓ ଗ୍ରାମାଞ୍ଚଳରେ କିଛିଦିନ ମଧ୍ୟରେ ଅନୁଷ୍ଠିତ ସମସ୍ତ ଦୋଳ ମେଳଣ ନିରାଡ଼ମ୍ବର ଭାବେ ସମ୍ପନ୍ନ କରାଯାଇଥିଲା। ଫଗୁ ବଦଳରେ ଫୁଲ ଅର୍ପଣ କରାଯାଇଥିଲା। ବହୁ କମ୍ ସଂଖ୍ୟାରେ ଜନସମାଗମ ହୋଇଥିଲା। ବିଭିନ୍ନ ଦେବୀ ପୀଠରେ ଆଗକୁ ହେବାକୁ ଥିବା ନବରାତ୍ର ଉତ୍ସବ ସର୍ବନିମ୍ନ ଭକ୍ତଙ୍କ ଉପସ୍ଥିତିରେ ନିରାଡମ୍ବର ଭାବେ ପାଳନ କରିବାକୁ ମନ୍ଦିର କମିଟିଗୁଡିକ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅନେକ ମନ୍ଦିରରେ କେବଳ ନୀତିକାନ୍ତି ସମ୍ପନ୍ନ କରାଯାଉଛି। ସେହିପରି ମସ୍‌ଜିଦ୍ ଓ ଚର୍ଚ୍ଚରେ ଏହି ନିର୍ଦ୍ଦେଶନାମାକୁ ପାଳନ କରାଯାଉଛି।

### ଏମାନେ କ'ଣ କୁହନ୍ତି...

“ କରୋନା ମୁକାବିଲା ପାଇଁ ସରକାରଙ୍କ ନିର୍ଦ୍ଦେଶନାମା ଓ ପରାମର୍ଶକୁ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚରେ ସମ୍ପୂର୍ଣ୍ଣ ପାଳନ କରାଯାଉଛି। ପ୍ରାର୍ଥନା, ଉପାସନା ଓ ସମସ୍ତ ଚର୍ଚ୍ଚ ସର୍ଭିସକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏପରି ନିୟମ ୧୮ ତାରିଖରୁ ପାଳନ କରିବା ଆରମ୍ଭ ହୋଇସାରିଛି, ଯାହା ୩୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ।


**-ସାଗର ମହାପାତ୍ର, ସମ୍ପାଦକ, ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ, ଜଟଣୀ**

“ ଜଟଣୀର ଆରାଧ୍ୟାଦେବୀ ମା' ଉତ୍ତରାୟଣୀଙ୍କ ପୀଠରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ କରାଯାଇଛି। କେବଳ ମା'ଙ୍କର ନୀତିକାନ୍ତି ସମ୍ପନ୍ନ କରାଯିବ। ମନ୍ଦିର ପରିସରରେ କେହି ଯେପରି ଅଧିକ ସଂଖ୍ୟାରେ ଏକତ୍ରିତ ହେବେ ନାହିଁ ସେଥିପାଇଁ ଗୁରୁତ୍ୱ ଦିଆଯାଇଛି।

**ଶରତ କୁମାର ଶତପଥୀ, ମୁଖ୍ୟ ସେବାୟତ, ଉତ୍ତରାୟଣୀ ମନ୍ଦିର, ଜଟଣୀ**

“ ମସଜିଦ୍‌ରେ ପ୍ରାର୍ଥନା କରିବା ସମୟକୁ କାଟଛାଣ୍ଟ କରାଯାଇଛି। ୧୦ରୁ ୧୫ ମିନିଟ୍ ମଧ୍ୟରେ ପ୍ରାର୍ଥନା ଶେଷ କରିବାକୁ ନିଷ୍ପତ୍ତି ହୋଇଛି। ଏହାଛଡ଼ା ଅଧିକ ସମାବେଶ ବା ଏକତ୍ରିତ ନ ହେବା ଲାଗି ଗୁରୁତ୍ୱ ଦିଆଯାଉଛି। ପ୍ରାର୍ଥନା ପରେ ମସଜିଦ୍‌କୁ ବନ୍ଦ କରାଯିବା ନେଇ ୫ଟି ମସଜିଦ୍‌ର କର୍ମକର୍ତ୍ତାଙ୍କୁ ନେଇ ନିଷ୍ପତ୍ତି ହୋଇଛି। ଏ ନେଇ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଯାଇଛି।

**-ନୁର ଜାଫର, ମୁତୁୱାଲି ବଡିମସଜିଦ୍, ଜଟଣୀ**



ଅପରିଣାମଦର୍ଶିତାର ଫଳ ସର୍ବଦା ବିଷମୟ ହୋଇଥାଏ।
- ସେନେକା



## ସଂକ୍ଷେପରେ

### ପୁରୀରେ କଡ଼ାକଡ଼ି ହେବ ଜନତା କର୍ଫ୍ୟୁ

**ପୁରୀ ଅଫିସ,୨୦।୩:** ପୁରୀ ଜିଲାରେ ଆସନ୍ତା ରବିବାର ଜନତା କର୍ଫ୍ୟୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବୈଠକ ବସି ଏହି ନିଷ୍ପତ୍ତି ହୋଇଛି। କରୋନା ମୁକାବିଲା ଦିଗରେ ସାମାଜିକ ଦୂରତ୍ୱ ରକ୍ଷା କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହାକୁ କିପରି କଡ଼ାକଡ଼ି କରାଯିବ ସେନେଇ ମଧ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ, କୌଣସି ସ୍ଥାନରେ ୭ଜଣରୁ ଅଧିକ ଲୋକ ଏକତ୍ରିତ ହୋଇପାରିବେ ନାହିଁ। ୨୨ ତାରିଖରେ ଜିଲା ସଦର ମହକୁମାଠାରୁ ଆରମ୍ଭ କରି ସମସ୍ତ ବିଜ୍ଞାପିତ ଅଞ୍ଚଳ ଏବଂ ପଞ୍ଚାୟତସ୍ତରରେ ସାଇରନ ବଜାଇ ଡାକବାଜି ଯନ୍ତ୍ର ମାଧମରେ ପ୍ରଚାର କରାଯିବ। ଉକ୍ତ ଦିନ ସକାଳ ୭ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଘରୁ ବାହାରକୁ ନ ବାହାରିବା ନିମନ୍ତେ ଜନସାଧାରଣଙ୍କୁ ସଚେତନ କରାଯିବ । ସେହିପରି ସହରରେ ହୋର୍ଡିଂ ମାଧମରେ ଲୋକଙ୍କୁ ସଚେତନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ଟଙ୍କା ଭାଗବଣ୍ଟାକୁ ନେଇ ଆକ୍ରମଣ, ୨ ଗିରଫ

**ପୁରୀ ଅଫିସ,୨୦।୩:** ଯାତ୍ରୀ ବ୍ୟବସାୟ ଟଙ୍କା ଭାଗବଣ୍ଟାକୁ ନେଇ ଜଣଙ୍କୁ ଆକ୍ରମଣ ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ଲୋକନାଥରୋଡ ଅଞ୍ଚଳର ଲୋକନାଥ ମିଶ୍ର ଓ ଦୁର୍ଗା ମିଶ୍ର। ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୋଗ ଅନୁଯାୟୀ, ଲୋକନାଥ ଓ ଦୁର୍ଗାଙ୍କ ସହିତ ଅଭିଯୋଗକାରୀ ଦେବାଶିଷ ଶ୍ରୀମନ୍ଦିରକୁ ଆସୁଥିବା ଯାତ୍ରୀଙ୍କୁ ନେଇ ମନ୍ଦିର ଭିତରେ ଦର୍ଶନ କରାଇଥାନ୍ତି। ଯାତ୍ରୀଙ୍କଠାରୁ ଯାହା ଟଙ୍କା ପାଇଥାନ୍ତି ତାହାକୁ ଭାଗବଣ୍ଟା କରି ନେଇଥାନ୍ତି। ଏହି ଟଙ୍କା ଭାଗବଣ୍ଟାକୁ ନେଇ ସେମାନଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଗୁରୁବାର ରାତିରେ ଦେବାଶିଷ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ଠିଆ ହୋଇଥିବାବେଳେ ଅଭିଯୁକ୍ତ ଦ୍ୱୟ ତାଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଶୁକ୍ରବାର ଅଭିଯୁକ୍ତ ଦୁଇଜଣଙ୍କୁ ଗିରଫ କରିଥିଲା।

### ସ୍ୱଚ୍ଛ ଓ ସଚେତନ ହେବାକୁ ପରାମର୍ଶ

**ପିପିଲି,୨୦।୩(ସ୍ୱ.ପ୍ର./ଡି.ଏନ୍.ଏ.):** ବର୍ତ୍ତମାନ କରୋନା ପରିସ୍ଥିତି ସଙ୍ଗିନ ହେବାକୁ ଯାଉଥିବାବେଳେ ଭାରତ ୨ୟ ପର୍ଯ୍ୟାୟରେ ପହଞ୍ଚି ଗଲାଣି। ତେବେ ତୃତୀୟ ପର୍ଯ୍ୟାୟକୁ ନ ଯିବା ପାଇଁ ସମସ୍ତଙ୍କୁ ସଜାଗ ସଚେତନତା ରହି ଏହି ବିପତ୍ତିକୁ ମୁକାବିଲା କରିବାକୁ ପଡ଼ିବ ବୋଲି ପିପିଲି ବିଡିଓ ଗୌରବମୟ ପ୍ରଧାନ କହିଛନ୍ତି। ପିପିଲି ବ୍ଲକ ପରିସରରେ ଶୁକ୍ରବାର ହେଉଥିବା କରୋନା ପାଇଁ ଜରୁରୀକାଳୀନ ବୈଠକରେ ଅତିଥି ଭାବେ ଯୋଗଦେଇ ବିଡିଓ ତଥା ପିପିଲି ପଞ୍ଚାୟତ ସମିତି ଅଧିକାରୀ ପ୍ରଧାନ ଏହା କହିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବିଡିଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପିପିଲି ବ୍ଲକ ଅଧକ୍ଷା କଳ୍ପନା ସାମନ୍ତରାୟ, ଉପାଧକ୍ଷ ଯୁଧିଷ୍ଠିର ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ, ବ୍ଲକ ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ, ଜାନକୀ ଭୂଷଣ ପଟ୍ଟନାୟକ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଦୀପକ ଜେନା, ତହସିଲଦାର ସପନ କୁମାର ନନ୍ଦ, ପ୍ରେମାବାଳା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କରୋନା ସମ୍ପର୍କିତ ଜନସଚେତନତା ଉପରେ ଆଲୋଚନା କରିଥିଲେ। ପିପିଲି ବ୍ଲକ ୨୫ଟି ପଞ୍ଚାୟତ କାର୍ଯ୍ୟାଳୟରେ ୫ଟି ଲେଖାଏ ଆଇସୋଲେଶନ ୱାର୍ଡ ଖୋଲାଯିବ। ସେହିଭଳି ପ୍ରତି ପଞ୍ଚାୟତକୁ ଶିବିର ପରିଚାଳନା ଓ କରୋନା ସଂକ୍ରମଣ ସମ୍ପର୍କିତ ସଚେତନତା କରିବା ପାଇଁ ୫ଲକ୍ଷ ଟଙ୍କା ସରକାର ମଞ୍ଜୁର କରିଥିବା ବିଡିଓ ସୂଚନା ଦେଇଛନ୍ତି। ବୈଠକରେ ପିପିଲି ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ପିପିଲି ଥାନାରେ ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟି ଥାନାର ସମସ୍ତ କର୍ମଚାରୀଙ୍କୁ ମାସ୍କ ବ୍ୟବହାର କରିବା, ଥାନାରେ ବେଶି ଗହଳି ନ କରିବା, ପ୍ରତି ଲୋକଙ୍କ ଠାରୁ ଦୂରତ୍ୱ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହାସହ ଥାନାକୁ ଆସୁଥିବା ଜନସାଧାରଣଙ୍କୁ ସଚେତନ କରିବା, ବଜାରକୁ ଯାଇ ଜନତାଙ୍କୁ ପରିଷ୍କାର ଓ ପରିଚ୍ଛନ୍ନ ରହିବା ପାଇଁ ବୁଝାଇବାକୁ କହିଥିଲେ।

# ଆଜିଠୁ ଦୋକାନ ଉପରେ କଟକଣା

**ପୁରୀ ଅଫିସ,୨୦।୩**

- ଗାଡ଼ି ଚଳାଚଳ ନେଇ ଲାଗୁହେବ ଇଭିନ୍, ଅଡ୍ ଫର୍ମୁଲା
- ଅନୁମତି ବିନା କୌଣସି ପ୍ରଚାରପତ୍ର ବାଣ୍ଟିବା ମନା

କରୋନା ଭାଇରସକୁ ନେଇ ଏବେ ସବୁଠି ଆଲୋଚନା। ଏହି ପ୍ରାଣଘାତୀ ଭାଇରସ୍‌କୁ କିପରି ମୁକାବିଲା କରାଯାଇପାରିବ ସେ ନେଇ ରାଜ୍ୟ ସରକାର ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ଜାରି କରୁଛନ୍ତି। ପୁରୀ ଜିଲା ପ୍ରଶାସନ ଏହିସବୁ ନିର୍ଦ୍ଦେଶ କିପରି ଠିକ୍ ଭାବେ କାର୍ଯ୍ୟକାରୀ ହେବ ତାହା ଉପରେ ଗୁରୁତ୍ୱ ଦେଉଛି। ଶନିବାରଠାରୁ ଦୋକାନ ଖୋଲିବା ଉପରେ କିଛି କଟକଣା ରହିବ। ସେହିପରି ଅଟୋ, ଟ୍ୟାକ୍ସି ଚଳାଚଳ ଉପରେ ନିୟନ୍ତ୍ରଣ ଆଣିବାକୁ ଇଭିନ, ଅଡ୍ ଫର୍ମୁଲା ଲାଗୁ ହେବ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି।

ଶୁକ୍ରବାର ଏକ ଭିଡିଓ ମାଧମରେ ଜିଲାପାଳ କହିଛନ୍ତି, କରୋନା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶମତେ ଆହୁରି କିଛି ନୂଆ ପଦକ୍ଷେପ ନେବାକୁ ଯାଉଛୁ। ଶନିବାରଠାରୁ ଦୋକାନ ଉପରେ କଟକଣା କରାଯିବ। ବିଶେଷକରି ଅତ୍ୟାବଶ୍ୟକ ସାମଗ୍ରୀ (ଗ୍ରସେରି, ପନିପରିବା ଆଦି) ବିକ୍ରି ହେଉଥିବା ଦୋକାନକୁ ବାଦ୍ ଦେଇ ଆଉ ସମସ୍ତ ଦୋକାନ ବନ୍ଦ ରହିବ। ରାସ୍ତାକଡ଼ର ଯେଉଁ ଦୋକାନରେ ଲୋକଙ୍କ ଗହଳି ହେଉଛି ତାକୁ ବନ୍ଦ କରାଯିବ। କୌଣସି ଜାଗାରେ ୭ଜଣରୁ ଅଧିକ ଲୋକଙ୍କ ସମାଗମ ହେବ ନାହିଁ। ଏହାକୁ ମଧ କଡ଼ାକଡି କରାଯିବ। ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ସହରରେ ଅଟୋ ଓ ଟ୍ୟାକ୍ସି ଚଳାଚଳକୁ ନିୟନ୍ତ୍ରଣ କରାଯିବ। ଏଥିପାଇଁ ଯୁଗ୍ମ ଏବଂ ଅଯୁଗ୍ମ ନିୟମ ଲାଗୁ ହେବ। ଯୁଗ୍ମ (ଇଭିନ) ତାରିଖରେ ଯୁଗ୍ମ ନମ୍ବର ଥିବା ଗାଡ଼ି ଚଳାଚଳ କରିବ। ସେହିଭଳି ଅଯୁଗ୍ମ (ଅଡ୍) ତାରିଖରେ ଅଯୁଗ୍ମ ନମ୍ବର ଗାଡ଼ି ଗଡ଼ିବ। ଏଥିପାଇଁ ଟ୍ୟାକ୍ସି ଏବଂ ଅଟୋ ଆସୋସିଏଶନ ସହ ଆର୍‌ଟିଓ ଏବଂ ପୋଲିସ ଆଲୋଚନା କରିବେ। ସେହିପରି କରୋନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଲାଗି ଅନେକ ଲୋକ ବ୍ୟକ୍ତିଗତ ଭାବେ ପ୍ରଚାରପତ୍ର (ଲିଫ୍‌ଲେଟ) ବଣ୍ଟନ କରୁଛନ୍ତି। କିନ୍ତୁ ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଥିପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି। ତେଣୁ ବ୍ୟକ୍ତିଗତ ଭାବେ କେହି ଲିଫ୍‌ଲେଟ୍ ବାଣ୍ଟିବାର ଆବଶ୍ୟକତା ନାହିଁ। ବିଶେଷକରି ବିନା ଅନୁମତିରେ ଯଦି କେହି ପ୍ରଚାରପତ୍ର ବାଣ୍ଟନ୍ତି ତେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏତଦ୍‌ବ୍ୟତୀତ କେତେକ ସଙ୍ଗଠନ ମାସ୍କ ଆଦି ବାଣ୍ଟୁଛନ୍ତି। ଏଥିରୁ ସେମାନେ ନିବୃତ୍ତ ରୁହନ୍ତୁ। ଯଦି କାହାର ବାଣ୍ଟିବା ପାଇଁ ଇଚ୍ଛା ଅଛି ତେବେ ସେମାନେ ଜିଲା ମନିଟରିଂ ସେଲ୍‌ରେ ଆସି ଜଣାନ୍ତୁ। ଏହିସବୁ ସାମଗ୍ରୀ କେଉଁଠି ବଣ୍ଟାଯିବ ତାହା ଜିଲାସ୍ତରରେ ହିଁ ନିଷ୍ପତ୍ତି ନିଆଯିବ। ବିଶେଷକରି ସଚେତନତା କ୍ଷେତ୍ରରେ ସାମିଲ ହେଉଥିବା କର୍ମଚାରୀ, ପୋଲିସ, ସଫେଇ କର୍ମଚାରୀଙ୍କ ପାଇଁ ଏହାର ଯଥେଷ୍ଟ ଆବଶ୍ୟକତା ରହିଛି। ତେଣୁ ପ୍ରଶାସନ ମାଧମରେ ସେମାନଙ୍କୁ ଏହା ବଣ୍ଟା ଯାଇପାରିବ। ଏହିସବୁ କଟକଣା ଶନିବାର ଠାରୁ କଡ଼ାକଡ଼ି ହେବ। ତେବେ କରୋନା ପାଇଁ ଯେତେ ପ୍ରକାର କଟକଣା ଲାଗୁ ହେଉଛି ସବୁଥିରେ ଜିଲାବାସୀ ପ୍ରଶାସନକୁ ସହଯୋଗ କରୁଛନ୍ତି। ଏହିଭଳି ସହଯୋଗ ଆଗକୁ ରହିଲେ କରୋନା ଭୂତାଣୁରୁ ସମସ୍ତେ ରକ୍ଷା ପାଇପାରିବା ବୋଲି ଜିଲାପାଳ ସିଂ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାତ ନ ଅଣ୍ଟେ ଗୁଡ଼ା ଲୁଣକୁ**
**ଘଇତା ପାଇଛି କୋଡ ଗୁଣକୁ ।**

ଘରର ମୁଖ୍ୟ ବୋଲାଉଥିବା ଗୃହସ୍ୱାମୀ ଉପରେ ପରିବାରର ଭରଣପୋଷଣ ଦାୟିତ୍ୱ ନ୍ୟସ୍ତ ଥାଏ। ଯେତେବେଳେ ଘରର ମୁଖ୍ୟ ଅଯୋଗ୍ୟ ଓ ଅପାରଗ ହୋଇଯାଏ ସେତେବେଳେ ଘରର ଆର୍ଥିକ ସ୍ଥିତି ବିଗିଡ଼ିଯିବାକୁ ବେଶି ଡେରି ଲାଗି ନ ଥାଏ। ସାଧାରଣତଃ ସ୍ୱାମୀ ଉପରେ ସ୍ତ୍ରୀ ନିର୍ଭରଶୀଳ। ସ୍ୱାମୀ ତା'ର ବଳ ଓ ସାହାଭରସା। ପରନ୍ତୁ ସ୍ୱାମୀ ଯଦି ଅଯୋଗ୍ୟ ହୁଏ ତା'ହେଲେ ସ୍ତ୍ରୀର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଏ। ସ୍ତ୍ରୀକୁ ପୋଷି ପାରୁ ନ ଥିବା ବ୍ୟକ୍ତି ସ୍ୱାମୀପଣକୁ ଯୋଗ୍ୟ ହେଉ ନ ଥିବା ସ୍ଥଳେ ଭରଣପୋଷଣ କରି ପାରୁ ନ ଥିବା ଅପାରଗ ସ୍ୱାମୀ ପ୍ରତି ଏଭଳି କ୍ଷୋଭୋକ୍ତି ପ୍ରକାଶ କରାଯାଇଛି।

**ଭେଲ ମିଶା ସୁନା ବାରିବ ଯେ**
**ବଣିଆଙ୍କ ଭେଦ ପାଇବ ସେ ।**

ସୁନାରି ବଣିଆ ଅଳଙ୍କାର ଗଢ଼ିଥାନ୍ତି। ଅଳଙ୍କାର ଗଢ଼ିବା ସମୟରେ ସୁନାରେ କିଛି ପରିମାଣର ଖାଦ ମିଶାଇଥାନ୍ତି। ଯାହାର ଭେଦ ବା ଟେର୍ ପାଇବା ସାଧାରଣ ଲୋକଙ୍କ ପକ୍ଷେ ଅତୀବ କଷ୍ଟକର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



କରୋନା କଟକଣା ପାଇଁ ପୁରୀ ଗୁଣ୍ଡିଚା ମନ୍ଦିର ବନ୍ଦ ରହିଛି।

### କ୍ଷୁଦ୍ର ବ୍ୟବସାୟୀଙ୍କୁ ଆର୍ଥିକ ସହାୟତା ଦିଆଯାଉ

**ପୁରୀ ଅଫିସ,୨୦।୩**

କରୋନା ମୁକାବିଲା ପାଇଁ ବିଭିନ୍ନ ପ୍ରକାର କଟକଣା ଲଗାଯାଇଛି। ଏହାଦ୍ୱାରା ଅନେକ କ୍ଷୁଦ୍ର ବ୍ୟବସାୟୀ, ରିକ୍ସା ଓ ଅଟୋଚାଳକ ଅଧିକ ମାତ୍ରାରେ ପ୍ରଭାବିତ ହେଉଛନ୍ତି। ତେଣୁ ଏମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ପୁରୀର ପ୍ରମୋଦ କୁମାର ସିଂହ ନାମକ ଜଣେ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ପୁରୀ ଏକ ପର୍ଯ୍ୟଟନ କେନ୍ଦ୍ର। ଏଠାକାର ଅର୍ଥନୀତି କେବଳ ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭରଶୀଳ। ସାମାଜିକ ଦୂରତା ନିୟମ ଲାଗୁ କରାଯାଇଥିବାରୁ ପୁରୀ ସହର ଏକପ୍ରକାର ଅଚଳ ହେବାକୁ ବସିଲାଣି। ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ନିମନ୍ତେ ପୁରୀ ପ୍ରବେଶ ବାରଣ ଥିବାରୁ ଏଠାକାର ପର୍ଯ୍ୟଟନ ଶିଳ୍ପ ଭୁଶୁଡ଼ି ପଡ଼ିଛି। ରିକ୍ସା, ଅଟୋଚାଳକ, କ୍ଷୁଦ୍ର ବ୍ୟବସାୟୀ ୯୦ ପ୍ରତିଶତ, ଲଜିଂ ଓ ହୋଟେଲ ଶିଳ୍ପ ୯୫ ପ୍ରତିଶତ, ଶଙ୍ଖମାଳି ବ୍ୟବସାୟରେ ଶତପ୍ରତିଶତ ଆର୍ଥିକ କ୍ଷତି ଘଟିଛି । ଦୈନନ୍ଦିନ ଛୋଟ ଛୋଟ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ହେବାରେ ଲାଗିଛି। ଫଳରେ ଅନେକେ ସେମାନଙ୍କ ପରିବାର ପ୍ରତିପୋଷଣରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟବସାୟରୁ ଆୟ କମି ଚାଲିଥିବାରୁ ଦୋକାନ ମାଲିକମାନେ କର୍ମଚାରୀ ଛଟେଇ କଲେଣି। ମୂଲିଆ, ମିସ୍ତ୍ରିଙ୍କୁ କାମ ମିଳୁନାହିଁ। ଦିନମଜୁରିଆଙ୍କ ରୋଜଗାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ତେଣୁ ଏହିସବୁ ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ବ୍ୟବସ୍ଥା କରନ୍ତୁ ବୋଲି ସିଂ ଚିଠିରେ ନିବେଦନ କରିଛନ୍ତି।

### ଗୋଟିଏ ଟୁରିଷ୍ଟ ବସ୍ ଫେରିଗଲା

**ପୁରୀ ଅଫିସ,୨୦।୩**

କରୋନା ମୁକାବିଲା ପାଇଁ ପୁରୀ ଜିଲା ପ୍ରବେଶ ପଥଗୁଡ଼ିକୁ ସିଲ୍ କରି ଗାଡ଼ି ଯାଞ୍ଚ ଚଳାଇଛି ପ୍ରଶାସନ। ବାହାରୁ ଆସୁଥିବା କୌଣସି ପର୍ଯ୍ୟଟକଙ୍କୁ ପୁରୀରେ ପ୍ରବେଶ ପାଇଁ ଅନୁମତି ଦିଆଯାଉ ନାହିଁ। ଗତ ୫ଦିନ ମଧରେ ପ୍ରାୟ ୩ହଜାର ପର୍ଯ୍ୟଟକଙ୍କୁ ଫେରାଇ ଦିଆଯାଇଛି। ଶୁକ୍ରବାର ପିପିଲି ଟୋଲଗେଟ୍‌ରେ ପରିବହନ, ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଯାଞ୍ଚ ଚାଲିଥିଲା। କେବଳ ଗୋଟିଏ ଟୁରିଷ୍ଟ ବସ୍ ବ୍ୟତୀତ ଅନ୍ୟ କୌଣସି ପର୍ଯ୍ୟଟକ ଗାଡ଼ି ପୁରୀକୁ ଆସି ନ ଥିଲେ। ରାଜସ୍ଥାନରୁ ଆସିଥିବା ଏହି ଟୁରିଷ୍ଟ ବସ୍‌କୁ ପିପିଲି ଟୋଲଗେଟ୍‌ରୁ ଫେରାଇ ଦିଆଯାଇଥିଲା ବୋଲି ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ସମୀର କୁମାର ଦଳାଇ କହିଛନ୍ତି। ଅନ୍ୟପକ୍ଷରେ ବାହାର ରାଜ୍ୟରୁ ଫେରୁଥିବା ଜିଲାବାସୀଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରାଯାଉଛି। ଏଥିଲାଗି ଆଶାକର୍ମୀମାନଙ୍କୁ ପରାମର୍ଶ ଦିଆଯାଇଛି। କେଉଁ ଗାଁରେ କିଏ ବାହାରୁ ଆସିଲେ ତୁରନ୍ତ ପ୍ରଶାସନକୁ ଜଣାଇବା ଲାଗି କୁହାଯାଇଛି। ସତର୍କତା ଓ ସଚେତନତାକୁ ଅଧିକ କଡ଼ାକଡ଼ି କରାଯାଇଛି। ପୁରୀ ସହରର ସମୁଦ୍ରକୂଳ, ବଡ଼ଦାଣ୍ଡ, ଚକ୍ରତୀର୍ଥ ରୋଡ ଏବଂ ଭିଆଇପି ରୋଡର ବିଭିନ୍ନ ହୋଟେଲ, ଲଜିଂ, ଆଶ୍ରମ, ହଲିଡେ ହୋମ୍, ଧର୍ମଶାଳା ଓ ଭକ୍ତନିବାସରେ ରହୁଥିବା ବହୁ ପର୍ଯ୍ୟଟକ ସହର ଛାଡ଼ି ଚାଲିଯାଇଛନ୍ତି। ଏଥିଯୋଗୁ ରାସ୍ତାଘାଟ ଏକପ୍ରକାର ଜନଶୂନ୍ୟ ଲାଗୁଛି ।

### କଟୁରିରେ ଆକ୍ରମଣ: ଟଙ୍କା, ସୁନା ଗହଣା ଲୁଟ୍

**ନିମାପଡ଼ା,୨୦।୩(ଡି.ଏନ୍.ଏ.)**

ନିମାପଡ଼ା-କାକଟପୁର ରାସ୍ତାର ଖେଦରପୁର ଛକ ନିକଟରେ ଶୁକ୍ରବାର ୩ଜଣ ଦୁର୍ବୃତ୍ତ କଣିଆ ଗ୍ରାମର ସୁଦର୍ଶନ ନାୟକଙ୍କୁ କଟୁରିରେ ଆକ୍ରମଣ କରିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ବନ୍ଧୁକ ଦେଖାଇ ୨୦ହଜାର ଟଙ୍କା ଓ ସୁନାଅଳଙ୍କାର ଲୁଟି ନେଇଛନ୍ତି। ସୁଦର୍ଶନଙ୍କୁ ଗୁରୁତର ଅବସ୍ଥାରେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ସୁଦର୍ଶନଙ୍କ ଭାଉଜ ଶୁଚିସ୍ମିତା ନାୟକଙ୍କ ଅଭିଯୋଗକ୍ରମେ ନିମାପଡ଼ା ପୋଲିସ ଏକ ମାମଲା(ନଂ.୭୨/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କଣିଆ ଗ୍ରାମର ସୁଦର୍ଶନ ତାଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ଓ ଭାଉଜ ଶୁଚିସ୍ମିତା ଜମି ରେଜେଷ୍ଟ୍ରି ପାଇଁ ନିମାପଡ଼ା ସବରେଜେଷ୍ଟ୍ରି ଅଫିସକୁ ଯାଇଥିଲେ। କିନ୍ତୁ ରେଜେଷ୍ଟ୍ରି ହୋଇ ନ ପାରିବାରୁ ଅପରାହ୍ନ ପ୍ରାୟ ୫ଟାରେ ଏକ ଅଟୋରେ ଘରକୁ ଯାଉଥିଲେ। ୩ଜଣ ଦୁର୍ବୃତ୍ତ ସେମାନଙ୍କୁ ପିଛା କରିବା ସହ ଖେଦରପୁର ଛକ ନିକଟରେ ଅଟକାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ବନ୍ଧୁକ, କଟୁରି ଦେଖାଇ ଟଙ୍କା ଓ ସୁନା ଅଳଙ୍କାର ମାଗିଥିଲେ। ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ସୁଦର୍ଶନଙ୍କୁ କଟୁରିରେ ଆକ୍ରମଣ କରିଥିଲେ ମଧ ଦୁର୍ବୃତ୍ତଙ୍କ ନିକଟରେ ଥିବା ବନ୍ଧୁକ ଛଡାଇ ଫୋପାଡିଦେଇଥିଲେ। ଏହାପରେ ଦୁର୍ବୃତ୍ତମାନେ ସୁଦର୍ଶନଙ୍କ ସ୍ତ୍ରୀଙ୍କ ବ୍ୟାଗରୁ ୨୦ହଜାର ଟଙ୍କା ଓ ଏକ ସୁନା କାନଫୁଲ ନେଇ ପଳାଇଥିଲେ। ସୁଦର୍ଶନଙ୍କ ସାହସିକତାକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଥିବା ବେଳେ ତୁରନ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବା ପାଇଁ ଦାବି ହୋଇଛି।

### ମେଳଣ ଆୟୋଜନକାରୀଙ୍କ ବିରୋଧରେ ମାମଲା ରୁଜୁ ନିର୍ଦ୍ଦେଶ

**ପୁରୀ ଅଫିସ,୨୦।୩**

**ମାନିଲେନି କରୋନା କଟକଣା**

କରୋନା ଭୂତାଣୁର ଭୟାବହତାକୁ ଦୃଷ୍ଟିରେ ରଖି ବିଭିନ୍ନ କଟକଣା ଜାରି କରାଯାଇଛି। ବ୍ୟାପକ ଜନସଚେତନତା ସୃଷ୍ଟି ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। କୌଣସି ସ୍ଥାନରେ ଏକତ୍ରିତ ନ ହେବା ଏବଂ ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ସମବେତ ନ ହେବା ଲାଗି ଜିଲାପାଳ ବଲୱନ୍ତ ସିଂ ଗତ ୧୫ ତାରିଖରେ ନିର୍ଦ୍ଦେଶନାମା ଜାରି କରିଥିଲେ। ଖିଲାପକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଏହି ନିର୍ଦ୍ଦେଶକୁ ଅବମାନନା କରି କେତେଜଣ ବ୍ୟକ୍ତି ବୀରହରେକୃଷ୍ଣପୁରଠାରେ ମେଳଣ ଆୟୋଜନ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଲୋକ ଯୋଗଦେଇଥିବା ଜିଲା ପ୍ରଶାସନ ନିକଟରେ ଅଭିଯୋଗ ପହଞ୍ଚିଛି। ସାମୂହିକ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଜାରି ନିର୍ଦ୍ଦେଶନାମାକୁ ଅବମାନନା କରିଥିବା ଅଭିଯୋଗରେ ଆୟୋଜନକାରୀଙ୍କ ବିରୋଧରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁରୀ ତହସିଲଦାର ସଦର ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତହସିଲଦାର ଏହି ମର୍ମରେ ପତ୍ର ସଂଖ୍ୟା ୨୫୨୨ ମାଧମରେ ଆଇଆଇସିଙ୍କୁ ଚିଠି ଲେଖିବା ସହ ଭବିଷ୍ୟତରେ ଏଭଳି ଆୟୋଜନ ଉପରେ ନଜର ରଖିବାକୁ କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

ହରପ୍ରୀତ କର୍ପୋରେଶନ୍ ଡିଜିଟାଲ କମ୍ପାନୀ
ଡିଜିଟାଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ ଛାତ/ କ୍ଷେତ ଆବଶ୍ୟକ + ଅଗ୍ରିମ 65 ଲକ୍ଷ + ଭଡ଼ା 45 ହଜାର
ଯୋଗାଯୋଗ:- 9811014559

FINANCE

M GROUP FINANCE COMPANY
M GROUP ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜ୍‌ନେସ୍ ଲୋନ୍, ପ୍ରପର୍ଟି, ମାର୍କସିଟ୍, ସାଲାରୀ ସ୍ଲିପ୍। ମହିଳାଙ୍କ ପାଇଁ 50% ରିହାତି।
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ।
9911417461
9911417764

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ 40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ASTROLOGY

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

HINDUSTAN FINANCE LIMITED (Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହାଁ ପୁରସ୍କାର
ବି.ଦ୍ର: ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765



ଉପକାର କରି କୌଣସି ଆଶା ରଖିବା ନିଜର ସତ୍‌କର୍ମ ଉପରେ ଆଞ୍ଚ ଆଣିବା ଛଡ଼ା ଅନ୍ୟକିଛି ନୁହେଁ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଧାନ ବିଲରେ ଫୁଟିଲା ପଦ୍ମ



କଣାସ,୨୦।୩(ସ୍ୱ.ପ୍ର.): ସମାଜ ଯେତିକି ଆଧୁନିକ ଆଡ଼କୁ ଗତି କରୁଛି ପାଣିପାଗର ପରିବର୍ତ୍ତନ ଯୋଗୁ ବେଳେବେଳେ ଅଜବ ଘଟଣାମାନ ଦେଖିବାକୁ ମିଳୁଛି। ଜଣେ ଚାଷୀଙ୍କ ଖରାଟିଆ ଧାନ ବିଲରେ ପଦ୍ମ ଫୁଲ ଫୁଟିଥିବାର ଦେଖାଯାଇଛି। ତାହା ବି ପୁଣି ଗୋଟିଏ ଦିନ ନୁହେଁ ପ୍ରତିଦିନ ପଦ୍ମ ଫୁଲ ଫୁଟୁଥିବାର ଚାଷୀ ଶରତ ଶ୍ରୀଚନ୍ଦନ କହିଛନ୍ତି। ଏହା ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ନୂଆଗାଁ ଗ୍ରାମରେ ଦେଖାଯାଇଛି। ଏହି ଫୁଲ ତୋଳାହୋଇ ଗାଁ ଠାକୁର ରାସ ବିହାରୀ ଏବଂ ହନୁମାନଙ୍କଠାରେ ଲାଗିକରାଯାଇଛି। ନୂଆଗାଁ ଗ୍ରାମଠାରୁ ଲୁଣାନଦୀ ବନ୍ଧରେ କରମଳା ଯିବା ବାଟରେ ଉକ୍ତ ଧାନ ବିଲରେ ଦୈନିକ ପଦ୍ମଫୁଲ ଫୁଟୁଛି। ସାଧାରଣରେ ଯଦି ଧାନ ବିଲରେ ଘାସ ଉଠେ କୃଷକଙ୍କ ପାଇଁ ଚିନ୍ତାର କାରଣ ହୋଇପଡ଼େ ଘାସ ଉପାଡ଼ିଲା ପରେ କୃଷକକୁ ଶାନ୍ତି ମିଳେ। କିନ୍ତୁ ଶରତବାବୁଙ୍କ ଧାନ ବିଲରେ ପଦ୍ମ ଫୁଟୁଥିବାରୁ ଶରତବାବୁ ଓ ତାଙ୍କ ପରିବାର ମନରେ ଖୁସିର ଲହରି ଖେଳିଯାଇଛି।

### ସଚେତନ ହେବା ଲାଗି ଗ୍ରାମବାସୀଙ୍କୁ ବିଡିଓଙ୍କ ପରାମର୍ଶ

ଗୋପ,୨୦।୩(ଡି.ଏନ୍.ଏ): କରୋନାକୁ ନେଇ ଏବେ ସାରା ବିଶ୍ୱରେ ଆତଙ୍କ ଦେଖାଦେଇଥିବାବେଳେ ରାଜ୍ୟ ସରକାର ଏହାର ମୁକାବିଲା ନେଇ ତତ୍ପର ହୋଇପଡ଼ିଛନ୍ତି। ଏ ନେଇ ଶୁକ୍ରବାର ଗୋପ ବ୍ଲକ୍ ବୈଠକ ଗୃହରେ ବ୍ଲକ୍ ଅଧକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ାଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପ ବିଡିଓ ଦୀପ୍ତିରାଣୀ ଦାସ, ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ଗୋପ ଥାନାଧିକାରୀ ସୁଧୀର କୁମାର ସାହୁ, ବ୍ଲକ୍ ସହକାରୀ ଯନ୍ତ୍ରୀ ଅଜୟ କୁମାର ପ୍ରଧାନ, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତି, ପୁରୀ ଏମ୍‌ପିଙ୍କ ପ୍ରତିନିଧି ବାଲୁଙ୍କେଶ୍ୱର ସାହୁ ଯୋଗଦେଇ କରୋନା ଭାଇରସ ସମ୍ପର୍କରେ ସଚେତନା କରିଥିଲେ। ବିଡିଓ ଦାସ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନେ ବାହାରକୁ ଆବଶ୍ୟକତା କାମ ପଡ଼ିଲେ ଆସିବା, ସାବୁନ୍‌ରେ ହାତ ଧୋଇବା, ଘରଦ୍ୱାର ସଫା ରଖିବା, ବିଶୁଦ୍ଧ ପାନୀୟ ଜଳ ପିଇବା ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋପ ବ୍ଲକ୍ ୩୧ଗୋଟି ଗ୍ରାମପଞ୍ଚାୟତର ଲୋକ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ସମସ୍ତ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସପ୍ତାହେ ଧରି ୧୦୮ ଆମ୍ବୁଲାନ୍ସ ଅଚଳ

## ରୋଗୀ ସେବା ବାଧାପ୍ରାପ୍ତ

ଗୋପ,୨୦।୩(ଡି.ଏନ.ଏ.):

ରୋଗୀ ସେବା ଲାଗି ସରକାର ବିଶେଷ ଗୁରୁତ୍ୱ ଦେବା ସହ ବହୁ ଯୋଜନା ପ୍ରଣୟନ କରୁଥିବାବେଳେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାହା ବ୍ୟତିକ୍ରମ ଦେଖାଦେଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ସପ୍ତାହେ ଧରି ୧୦୮ ଆମ୍ବୁଲାନ୍ସ ଗାଡ଼ି ଅଚଳ ହୋଇପଡ଼ିଛି। ଫଳରେ ଏହି ସେବା ବନ୍ଦ ରହିବା ଯୋଗୁ ଜରୁରିକାଳୀନ ରୋଗୀ ସେବାରେ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ଆସିଛି। ଏପରିକି ଦୁର୍ଘଟଣା ସହ ଗୁରୁତର ରୋଗୀମାନେ ୧୦୮ ଆମ୍ବୁଲାନ୍ସ ନ ପାଇ ବେସରକାରୀ ଗାଡ଼ି ଉପରେ ଭରସା କରୁଛନ୍ତି।

ସୂଚନାଯୋଗ୍ୟ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଲାଗି ଥିବା ୧୦୮ ଆମ୍ବୁଲାନ୍ସ ଗାଡ଼ିରେ ତ୍ରୁଟି ଥିବାରୁ ଅଧିକାଂଶ ସମୟ ଅଚଳ ହୋଇଯାଉଛି। ଗତ ୧୪ତାରିଖ ଦିନ ରୋଗୀ ଆଣିବା ଲାଗି ଯିବାବେଳେ ଗାଡ଼ିଟିଅଚଳ ହୋଇପଡ଼ିଥିବା ଯୋଗୁ ଅନ୍ୟ ଏକ ଗାଡ଼ିରେ ଅଣାଯାଇଥିଲା। କିନ୍ତୁ ଉକ୍ତ ଗାଡ଼ିରେ ମଧ୍ୟ ପଛ ଗେଟ୍ ନ ଥାଇ ରୋଗୀ ଆଣିବା ନେଇ ଅଭିଯୋଗ ହୋଇଥିଲା। ପରେ ଅଚଳ ୧୦୮ ଆମ୍ବୁଲାନ୍ସ ଗାଡ଼ିଟି ଏବେ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ମରାମତି ନ ହୋଇ ଗୋପ ଥାନା ପରିସରରେ ପଡ଼ିରହିଛି। ଫଳରେ ସମ୍ପୂର୍ଣ୍ଣ ରୂପରେ ଏବେ ରୋଗୀ ସେବା ବନ୍ଦ ରହିଛି। ଏ ସମ୍ପର୍କରେ ପୁରୀ ଜିଲା ୧୦୮ ଆମ୍ବୁଲାନ୍ସ ଦାୟିତ୍ୱରେ ଥିବା ଅଧିକାରୀ ଲଲାଟେନ୍ଦୁ ପ୍ରଧାନ କୁହନ୍ତି, ଅଚଳ ହୋଇପଡ଼ିଥିବା ୧୦୮ ଆମ୍ବୁଲାନ୍ସ ଗାଡ଼ିଟି ପୁରୁଣା ହୋଇଯାଇଥିବାରୁ ମରାମତିରେ ବହୁ ଖର୍ଚ୍ଚ ହେବ। ଏଥିପାଇଁ ଖୁବ୍‌ଶୀଘ୍ର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ନୂଆ ୧୦୮ ଆମ୍ବୁଲାନ୍ସ ଓ ୧୦୨ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ ବୋଲି କହିଛନ୍ତି।




ଅଚଳ ଆମ୍ବୁଲାନ୍ସ।

# ଅନ୍ ଲାଇନ୍ କାରବାର ପାଇଁ ଇପିଏଫ୍ ଉପଭୋକ୍ତାଙ୍କୁ ପରାମର୍ଶ

ଭୁବନେଶ୍ୱର,୨୦।୩ (ବ୍ୟୁରୋ)

ଇପିଏଫ୍‌ଓ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଉପଭୋକ୍ତାମାନଙ୍କୁ ଅନ୍ ଲାଇନ୍ ଜରିଆରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିବେଦନ କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ covid-19 ସଂକ୍ରମଣକୁ ରୋକିବା ପାଇଁ କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ ତରଫରୁ ଏହି ପ୍ରକାର ନିବେଦନ କରାଯାଇଛି। ଇପିଏଫ୍ ସମ୍ବନ୍ଧୀୟ ଜମା ରାଶି ଟଙ୍କା ଉଠାଇବା ପାଇଁ କାର୍ଯ୍ୟାଳୟକୁ ନ ଆସି www.jeevan-pramaan.gov.in ରେ ପ୍ରଦତ୍ତ ୟୁଏଏନ୍ ପୋର୍ଟାଲ ସାହାଯ୍ୟରେ ଦାବିପତ୍ର ଦାଖଲ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି। ପେନସନ୍ ଜୀବନ ପ୍ରମାଣପତ୍ର ପାଇଁ www.jeevanpramaan.gov.in. UMANG App ଏବଂ ଯେକୌଣସି ଅଭିଯୋଗ ପାଇଁ subject column ରେ grievance ଉଲ୍ଲେଖ କରି ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଇମେଲ ro.bhubaneshwar@epfindia.gov.in ରେ ପଠାଇବା ପାଇଁ କୁହାଯାଇଛି। ଏହା ବ୍ୟତୀତ ଅନ୍ୟ କୌଣସି ବିଷୟରେ ଜାଣିବା ପାଇଁ ପ୍ରଦତ୍ତ ଫୋନ୍ ନମ୍ବର ୦୬୭୪-୨୫୪୩୫୬୬, ୨୫୪୩୨୬୯ ତଥା ନ୍ୟାଶନାଲ toll free ନମ୍ବର ୧୮୦୦-୧୧-୮୦୦୫ରେ ଉପଭୋକ୍ତାମାନେ ଯୋଗାଯୋଗ କରିପାରିବେ। ଅନ୍ ଲାଇନରେ ପ୍ରାପ୍ତ ଆବେଦନ ଉପରେ ତୁରନ୍ତ ପଦକ୍ଷେପ ନିଆଯାଇ ଉପଭୋକ୍ତାଙ୍କ ଫୋନ୍ ଏବଂ ଇମେଲ ଜରିଆରେ ସୂଚିତ କରାଯିବ ବୋଲି ଇପିଏଫ୍‌ଓ ଭୁବନେଶ୍ୱର ଅଫିସ୍ ପକ୍ଷରୁ କୁହାଯାଇଛି।

# ମନ୍ଦିରରେ ଚାଲିବ ଦେବନୀତି: ଭକ୍ତଙ୍କ ପ୍ରବେଶ ମନା

ସାକ୍ଷୀଗୋପାଳ,୨୦।୩(ଡି.ଏନ.ଏ.):

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାରଠାରୁ ସାକ୍ଷୀଗୋପାଳ ମନ୍ଦିରରେ କରୋନା ପାଇଁ କଟକଣା କରାଯାଇଛି। ସର୍ବସାଧରଣଙ୍କ ମନ୍ଦିର ପ୍ରବେଶକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବାବେଳେ ପାଳିଆ ସେବକ ଓ କର୍ମଚାରୀମାନେ ଦେବନୀତି ସମ୍ପାଦନ ନିମନ୍ତେ ମନ୍ଦିରରେ ରହିଛନ୍ତି ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ କୁମାର ସ୍ୱାଇଁ କହିଛନ୍ତି। ସିଂହଦ୍ୱାର ସମ୍ମୁଖରେ ମନ୍ଦିର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର କର୍ମଚାରୀମାନଙ୍କ ସହ ଉପସ୍ଥିତ ରହି ସେହିଠାରୁ ଠାକୁରଙ୍କୁ ମୁଣ୍ଡିଆ ମାରି ପର୍ଯ୍ୟଟକଙ୍କୁ ଫେରିଯିବାକୁ ନିବେଦନ କରୁଥିବା ଦେଖାଯାଇଛି। ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର, କର୍ମଚାରୀମାନେ ହ୍ୟାଣ୍ଡୱାଶରେ ହାତଧୋଇ ସଚେତନ ରହିବାକୁ ସେବାୟତମାନଙ୍କୁ ବୁଝାଇଛନ୍ତି। ପୂର୍ବରୁ ଗହଳି ଚହଳି ଲାଗିଥିବା ସାକ୍ଷୀଗୋପାଳ ମନ୍ଦିର ଏବେ ପୂରା ଖାଁଖାଁ ହୋଇଯାଇଛି। ସେହିପରି ସତ୍ୟବାଦୀରେ ବ୍ୟାପକ ସଚେତନା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ଦୋକାନ ବଜାର ପ୍ରାୟ ବନ୍ଦ ହୋଇଥିବା ଦେଖାଯାଇଛି।



ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ସେବକ ଓ ଅନ୍ୟମାନେ।

## ଅଲାରନାଥ ମନ୍ଦିରରେ ଦର୍ଶନ ବନ୍ଦ

ବ୍ରହ୍ମଗିରି,୨୦।୩(ଡି.ଏନ.ଏ)

କରୋନା ଭୂତାଣୁ ସଂକ୍ରମଣରୁ ରୋକିବା ପାଇଁ ସମସ୍ତଙ୍କୁ ସଚେତନତା କରାଇବା ସହ ବ୍ରହ୍ମଗିରିରେ ଥିବା ମହାପ୍ରଭୁ ଅଲାରନାଥ ମନ୍ଦିରରେ ଦର୍ଶନ ପାଇଁ କଟକଣା ଲଗାଯାଇଛି। ଏ ନେଇ ଶୁକ୍ରବାର ପ୍ରଶାସନ ତରଫରୁ ମନ୍ଦିରରେ ଦର୍ଶନ ବନ୍ଦ କରି ଦିଆଯାଇଛି। ଫଳରେ ଅନେକ ଦର୍ଶନାର୍ଥୀ ଆସି ବାହାରୁ ଦର୍ଶନ କରି ଫେରିଥିବାର ଦେଖିବାକୁ ମିଳିଛି। ପର୍ଯ୍ୟଟନ କ୍ଷେତ୍ରରେ ବ୍ରହ୍ମଗିରି ଅଲାରନାଥ ମନ୍ଦିର ଏକ ପ୍ରମୁଖ ସ୍ଥାନ। କରୋନା ପାଇଁ ସାମଜିକ ଦୂରତା ରକ୍ଷା କରିବା ପାଇଁ ଏହି ମନ୍ଦିରରେ ବ୍ରହ୍ମଗିରି ତହସିଲଦାର କିଶୋର କୁମାର ପଣ୍ଡା ଓ ବ୍ରହ୍ମଗିରି ପୋଲିସ ଉପସ୍ଥିତିରେ ବନ୍ଦ କରାଯାଇଛି। କେବଳ ସେବାୟତମାନେ ମନ୍ଦିର ମଧ୍ୟରେ ନୀତିକାନ୍ତି ସାରି ମନ୍ଦିର ବନ୍ଦ ରଖିବା ପାଇଁ ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ବ୍ରହ୍ମଗିରି ଅଞ୍ଚଳରେ ଥିବା ବିଭିନ୍ନ ପ୍ରମୁଖ ଦେବାଳୟକୁ ମଧ୍ୟ ବନ୍ଦ କରାଯାଇଛି।

# ମିଳିମିଶି କରୋନା ମୁକାବିଲା ପାଇଁ ଆହ୍ୱାନ

ନିମାପଡ଼ା,୨୦।୩(ଡି.ଏନ୍.ଏ.):

ମହାମାରୀ କରୋନା ସଂକ୍ରମଣ ସମ୍ପର୍କରେ ସତର୍କତା ଓ ସଚେତନତା ନିମନ୍ତେ ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଏକ ସ୍ୱତନ୍ତ୍ର ଅଧିବେଶନ ବ୍ଲକ ସଭାକକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୪ରୁ ବିଦେଶରୁ ଆସିଥିବା ସମସ୍ତ ବ୍ୟକ୍ତି ପଞ୍ଜୀକରଣ କରିବା ଓ ସେମାନଙ୍କୁ ୧୪ଦିନ ଆଇସେଲେଶନ ଗୃହରେ ରଖାଯିବା, ବାୟୋମେଟ୍ରିକ ଓ ସ୍କାନିଂ ମେଶିନ ବ୍ୟବହାର ନ କରିବା, ମାସ୍କ ବ୍ୟବହାର ଓ ପ୍ରତି ଦୁଇ ଘଣ୍ଟାରେ ହାତ ଧୋଇବା ଆଦି ସଚେତନତା ଉପରେ ଅଧିବେଶନରେ ଗୁରୁତ୍ୱ ଦିଆଯାଇଥିଲା। କୌଣସି ସ୍ଥାନରେ ୭ରୁ ଅଧିକ ଏକତ୍ରିତ ନ ହେବାକୁ ପରାମର୍ଶ ଦିଆଯାଇଥିଲା। ସମସ୍ତେ ମିଳିମିଶି କରୋନା ମୁକାବିଲା ପାଇଁ ଆହ୍ୱାନ ଦିଆଯାଇଥିଲା। ଅଧିବେଶନରେ ବିଡିଓ ମନୋଜ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ଡା. ପ୍ରଶାନ୍ତ କୁମାର ସାମନ୍ତରାୟ, ଡା. ଜଗବନ୍ଧୁ ବେହେରା, ବିଜୟ କୁମାର ବେହେରା, ସୁବାସ ଚନ୍ଦ୍ର ବାରିକ, ଅଶୋକ କୁମାର ତ୍ରିପାଠୀ, ପ୍ରବୀର କୁମାର ବଳ, ଶାରଦା ପ୍ରସନ୍ନ ଦାସ, ପ୍ରଶାନ୍ତ ଦାସ, ଶିବାଶିଷ ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। କରୋନା ସତର୍କତା ଓ ସଚେତନତାକୁ କଡାକଡି ପାଳନ କରିବାକୁ ବିଡିଓ ଗୁରୁତ୍ୱାରୋପ କରିଥିଲେ।

# ନିର୍ଭୟା ଦୋଷୀଙ୍କ ଫାଶି ପରେ ପାଳିଲେ ବିଜୟ ଉତ୍ସବ



ମହିଳାମାନେ ପରସ୍ପରକୁ ମିଠା ଖୁଆଇ ବିଜୟ ଉତ୍ସବ ପାଳନ କରୁଛନ୍ତି।

ଗୋପ,୨୦।୩(ଡି.ଏନ୍.ଏ):

ବହୁ ଚର୍ଚ୍ଚିତ ଦିଲ୍ଲୀ ନିର୍ଭୟା ବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଶୁକ୍ରବାର ସକାଳେ ଦିଲ୍ଲୀ ତିହାର ଜେଲରେ ଫାଶି ଦିଆଯିବା ପରେ ସାରା ଦେଶରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏହାକୁ ନେଇ ଗୋପ ବ୍ଲକ୍ ଅଧୀନ ଶିମିଳି ପଞ୍ଚାୟତର ଶତାଧିକ ମହିଳାମାନେ ମଧ୍ୟ ବିଜୟ ଉତ୍ସବ ପାଳନ କରିବା ସହ କେବଳ ନିର୍ଭୟା ମା' ଓ ତାଙ୍କ ପରିବାରର ବିଜୟ ହୋଇନି ଏହା ସମଗ୍ର ନାରୀ ଜାତିର ବିଜୟ ବୋଲି ମହିଳା ସଂଗଠନର ସଭାନେତ୍ରୀ ମୀନର୍ଭା ରାଉତ କହିଥିଲେ। ଏହି ଅବସରରେ ମହିଳାମାନେ ଦୀପ ଦାନ କରିବା ସହ ବାଣ ଫୁଟାଇ ରଙ୍ଗ ଖେଳି ଓ ମିଠା ବାଣ୍ଟି ଏହି ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ଗୋପ ବ୍ଲକ୍‌ର ମହିଳା ସଭାନେତ୍ରୀ ମିନାକ୍ଷୀ ପୃଷ୍ଟିଙ୍କ ସହିତ ଶତାଧିକ ମହିଳା ବ୍ଲକ୍ ଅଧୀନ ସୁବର୍ଣ୍ଣପୁର ନିକଟରେ ଉତ୍ସବ ମନାଇଥିବାବେଳେ ନାରୀ ଶକ୍ତିର ଜିତ୍ ହୋଇଛି ବୋଲି ପୃଷ୍ଟି କହିବା ସହ ଭାରତୀୟ ନ୍ୟାୟିକ ବ୍ୟବସ୍ଥାକୁ ସ୍ୱାଗତ କରିଥିଲେ।

# ପ୍ରତି ପଞ୍ଚାୟତରେ ଖୋଲାଯିବ ସ୍ୱାସ୍ଥ୍ୟ ଶିବିର

## କରୋନା ବୈଠକ

କଣାସ/ଡେଲାଙ୍ଗ,୨୦।୩ (ସ୍ୱ.ପ୍ର./ଡି.ଏନ୍.ଏ.):

କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ କଣାସ ବ୍ଲକର କଣାସ ପଞ୍ଚାୟତ ସମିତି ଅଫିସ୍ ସଭାଗୃହରେ ଶୁକ୍ରବାର ବ୍ଲକସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସମିତି ଉପାଧ୍ୟକ୍ଷା ସସ୍ମିତା ସୁନ୍ଦରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଜ୍ୟୋତିପ୍ରକାଶ ଆଚାର୍ଯ୍ୟ, ଅତିରିକ୍ତ ବିଡିଓ ମଙ୍ଗଲ ସିଂ ହେମ୍ବରମ୍ ଯୋଗଦେଇ କରୋନା ଭାଇରସ ଯୋଗୁ ଆଜି ସାରା ବିଶ୍ୱ ଥରହର ହେଉଥିବା ବେଳେ ଏଥିରୁ ମୁକ୍ତି ପାଇବା ଲାଗି କି କି ଉପାୟ ଅବଲମ୍ବନ କରାଯିବ ଲୋକ ପ୍ରତିନିଧିମାନେ ଜନସାଧାରଣଙ୍କୁ ସଚେତନ କରିବାପାଇଁ ପରାମର୍ଶ ଦେଇଥିଲେ। ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ସ୍ୱାସ୍ଥ୍ୟସେବା ଶିବିର ଖୋଲିବା ପାଇଁ ବିଡିଓ ପ୍ରଧାନ ସୂଚନା ଦେବାସହ ୩୧ତାରିଖ ମଧ୍ୟରେ ୪ମାସର ଅଗ୍ରୀମ ଭତ୍ତା ଓ ୪ମାସର ରାଶନ ଚାଉଳ ପ୍ରଦାନ କରାଯିବ ବୋଲି କହିଥିଲେ। ସେହିଭଳି ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ କରୋନା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରସନ୍ନ ସାହୁଙ୍କ ଅଧ୍ୟକ୍ଷତାରେ ତହସିଲଦାର ରାଜେନ୍ଦ୍ର କୁମାର ଆଚାରିଆ ସମ୍ମାନିତ ଅତିଥି, ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ. ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ କରୋନା ଭାଇରସ ସଂକ୍ରମଣ ଜନିତ ସଚେତନତା ସମ୍ପର୍କରେ ନିଜ ସୁରକ୍ଷିତ ରହିବା ସହ ଅନ୍ୟକୁ ସୁରକ୍ଷା ରଖିବାକୁ କହିଥିଲେ। ଏହାସହ ପ୍ରତ୍ୟେକ ପଞ୍ଚାୟତ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ସ୍ୱତନ୍ତ୍ର କୋଠରିର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ବୈଠକରେ ଜିଲା ପରିଷଦ ସଭ୍ୟ ମଳୟ ମହାନ୍ତି, ଦେବାଶିଷ ନନ୍ଦ, ପୁଷ୍ପାଞ୍ଜଳି ସାମଲ ପ୍ରମୁଖ ଯୋଗଦେଇଥିଲେ । ବିଡିଓ କ୍ଷୀରୋଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ୫ ଟଙ୍କାରେ କୁକୁଡ଼ା ବିକ୍ରି

ଯାଁଳା,୨୦।୩(ଡି.ଏନ.ଏ):

ଛେଳି ମାଂସ, ଚିକେନ, ଅଣ୍ଡା ଖାଇଲେ କୌଣସି ଅସୁବିଧା ନାହିଁ ବୋଲି ସରକାରଙ୍କ ପକ୍ଷରୁ ବାରମ୍ବାର କୁହାଯାଉଛି। ତେବେ କରୋନା ଭୂତାଣୁ ଭୟରେ ଏହାକୁ ଲୋକେ ଖାଉନାହାନ୍ତି। ଫଳରେ ଏହି ବ୍ୟବସାୟ ଉପରେ ପ୍ରଭାବ ପଡ଼ିଛି। ବିଶେଷକରି କୁକୁଡ଼ା ମାଂସ ତଥା ଚିକେନ ବ୍ୟବସାୟ ଉପରେ ଅଧିକ ପ୍ରଭାବ ଦେଖାଦେଇଛି। ଜଟଣୀ ବ୍ଲକ ଛତାବର ପଞ୍ଚାୟତ ଅଲକର ମୌଜାରେ ଥିବା ଏକ କୁକୁଡ଼ା ଫାର୍ମ ଏହି ପ୍ରଭାବର ଶୀକାର ହୋଇଛି। ଏହି ଫାର୍ମରେ ୭ ହଜାର କୁକୁଡ଼ା ରହିଥିଲେ। ହେଲେ ବିକ୍ରି ନ ହେବାରୁ ଫାର୍ମ ମାଲିକ କୁକୁଡ଼ାମାନଙ୍କୁ ଖାଦ୍ୟ ଯୋଗାଇ ପାରି ନ ଥିଲେ। ଅନ୍ୟ ଉପାୟ ନ ପାଇ ୨ ଦିନ ହେବ ପ୍ରଥମେ କିଛି କୁକୁଡ଼ାଙ୍କୁ ମାଗଣାରେ ଦେବା ପରେ କୁକୁଡ଼ା ପିଛା ୫ ଟଙ୍କାରେ ୭ ହଜାର କୁକୁଡ଼ା ବିକ୍ରି କରି ଦେଇଛନ୍ତି।

# ଚାଷୀଙ୍କୁ ମିଳୁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ

କାକଟପୁର,୨୦।୩(ଡି.ଏନ.ଏ):

ଜାନୁୟାରୀ ୨୩ ନେତାଜୀ ଜୟନ୍ତୀରୁ ନୟାଗଡ଼ ଓଡଗାଁରୁ ଚାଷୀଙ୍କ ପ୍ରାଇସ୍, ପ୍ରେଷ୍ଟିଜ ଓ ପେନସନ ଦାବିରେ ଆରମ୍ଭ କରିଥିବା ଶେଷଦେବଙ୍କ ୧୦୦ଦିନିଆ ନ୍ୟାୟ ଯାତ୍ରା ୫୮ଦିନରେ କାକଟପୁରରେ ପହଞ୍ଚିଛି। କାକଟପୁରରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ ସହଯାତ୍ରୀମାନେ ପ୍ରବେଶ କଲାପରେ ଗମ୍ଭାରୀପଦା, ବରଜୀସାହି, ସୁହାଗପୁର ଓ ଲତାହରଣରେ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ, ସ୍ୱାଧୀନତା ପରେ ଚାଷୀମାନେ ସବୁଠୁ ଅଧିକ ଠକି ଯାଇଛନ୍ତି। ନେତା ଓ ଅମଲାମାନେ ସେମାନଙ୍କୁ ଶୋଷଣ କରୁଥିବାବେଳେ ରାଜନେତାମାନେ ନିଜ ଦରମାକୁ ମନଇଚ୍ଛା ବୃଦ୍ଧି କଲାବେଳେ ଚାଷୀଙ୍କ କ୍ଷେତ୍ରରେ କିଛି ବୃଦ୍ଧି କରୁନାହାନ୍ତି। ଏଥିଲାଗି ବହୁ ଚାଷୀ ହତାଶ ହୋଇ ଆତ୍ମହତ୍ୟା କରୁଛନ୍ତି। ସେହିଭଳି ମହିଳା ଗୋଷ୍ଠୀମାନଙ୍କୁ ସମ୍ବୋଧିତ କରି କହିଲେ, ବ୍ୟାଙ୍କଗୁଡ଼ିକ ସିଧାସଳଖ ଋଣ ମହିଳାମାନଙ୍କୁ ନ ଦେବାରୁ ଫାଇନାନ୍ସ କମ୍ପାନୀକୁ ଅଧିକ ସୁଧ ଦେବାକୁ ପଡୁଛି। ତେଣୁ ମହିଳାମାନେ ମାଇକ୍ରୋ ଫାଇନାନ୍ସ ସଂସ୍ଥାମାନଙ୍କୁ ବିରୋଧ କରିବାର ସମୟ ଆସିଛି। ନବନିର୍ମାଣ ଯୁବ ଛାତ୍ର ରାଜ୍ୟ ସଂଯୋଜକ ମନୱର ଅଲ୍ଲି, ନବନିର୍ମାଣ କୃଷ ସଂଗଠନ ବ୍ଲକ ସଂଯୋଜିକା ମୀନା କୁମାରୀ ସାହୁଙ୍କ ନେତୃତ୍ୱରେ ପଦଯାତ୍ରୀମାନେ ଫକିରସାହି, କଣ୍ଟାପଡା, ପାଟସୁନ୍ଦରପୁର, ପଥରପକା, ରସୁଲପୁର ଦେଇ ଲତାହରଣରେ ପହଞ୍ଚିଛନ୍ତି। ଏହି ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀବାଦୀ ନେତା ବଂଶୀଧର ପଟ୍ଟନାୟକ, ନିରଞ୍ଜନ ପ୍ରଧାନ, ଶଶିଭୂଷଣ ମଲ୍ଲିକ, ଯୁଧିଷ୍ଠିର ମଲ୍ଲିକ, ସୀତା ଗୋଚ୍ଛାୟତ, ବିଷ୍ଣୁପ୍ରିୟା ଗୋଚ୍ଛାୟତ, ବାଉରୀ ବନ୍ଧୁ ବେହେରା, ମାମିନା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଚାଷୀନେତା ଶେଷଦେବ ନନ୍ଦ ଓ ଅନ୍ୟମାନେ।

# ନିଜେ ସୁରକ୍ଷିତ ରହି ଅନ୍ୟକୁ ସଚେତନ କର

ବ୍ରହ୍ମଗିରି/ସାକ୍ଷୀଗୋପାଳ/କୋଣାର୍କ,୨୦।୩(ଡି.ଏନ.ଏ):

ମହାମାରୀ କରୋନା ସଂକ୍ରମଣ ରୋକିବା ପାଇଁ ଶୁକ୍ରବାର ବ୍ରହ୍ମଗିରି ବ୍ଲକରେ ଏକ ସ୍ୱତନ୍ତ୍ର ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ନିର୍ବାଚିତ ପ୍ରତିନିଧିମାନେ ଯୋଗଦେଇ କିଭଳି ନିଜେ କରୋନାରୁ ରକ୍ଷା ପାଇବା ଓ ଅନ୍ୟକୁ ସୁରକ୍ଷା ଦେଇପାରିବ ସେନେଇ ସଚେତନ କରାଇଥିଲେ। ଅଗ୍ରିମ ୪ ମାସର ଭତ୍ତା ଏକା ସମୟରେ ପ୍ରଦାନ କରାଯିବା ସହିତ ହିତାଧିକାରୀଙ୍କୁ ଅଗ୍ରିମ ୩ ମାସର ଖାଉଟୀ ସାମଗ୍ରୀ ପ୍ରଦାନ କରାଯିବ ବୋଲି ବିଡିଓ ଜ୍ୟୋତିପ୍ରକାଶ ସେଠୀ କହିଥିଲେ। କାର୍ଯ୍ୟକ୍ରମରେ ତହସିଲଦାର କିଶୋରଚନ୍ଦ୍ର ପଣ୍ଡା, ଅତିରିକ୍ତ ତହସିଲଦାର ହେମନ୍ତ କୁମାର ଭାରିମଲ୍ଲ, ବିରଞ୍ଚି ନାରାୟଣ ଦାସ, କୈଳାସ ଚନ୍ଦ୍ର ପରିଡା, ହରେକୃଷ୍ଣ ମଲ୍ଲିକ, ବ୍ଲକ ପିଇଓ ଅରକ୍ଷିତ ପ୍ରଧାନ, ସୁମିତ୍ରା ସାହୁ, ପ୍ରଣବ ପ୍ରକାଶ ପୂର୍ଣ୍ଣ, ଖାଦ୍ୟ ଯୋଗାଣ ଅଧିକାରୀ ଶିବ ମହାନ୍ତି, ବ୍ରହ୍ମଗିରି ଥାନା ଆଇଆଇସି ମନୋଜ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସତ୍ୟବାଦୀ ବ୍ଲକସ୍ତରୀୟ ସ୍ୱତନ୍ତ୍ର ବୈଠକ ସ୍ଥାନୀୟ ପଞ୍ଚାୟିକିଆ ଛକସ୍ଥିତ ମାଳବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ୨୪ଟି ପଞ୍ଚାୟତର ଉପସ୍ଥିତ ସରପଞ୍ଚ ଓ ସମିତିସଭ୍ୟା ସଭ୍ୟଙ୍କୁ କରୋନା ସଚେତନତା ନେଇ ପରାମର୍ଶ ଦିଆଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ବ୍ୟତୀତ ବିଭିନ୍ନ ପଞ୍ଚାୟତରେ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲାଯିବାକୁ ହାଇସ୍କୁଲ ଚିହ୍ନଟ କରାଯାଇଛି ବୋଲି ବିଡିଓ ସରୋଜ କୁମାର ଦତ୍ତ ସୂଚନା ଦେଇଛନ୍ତି। ଏଥିରେ ତହସିଲଦାର କସ୍ତୁରୀ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଦେବାଶିଷ ରାୟ, ଅତିରିକ୍ତ ବିଡିଓ ସାରଦା ପ୍ରସନ୍ନ ମହାନ୍ତି ଓ ବ୍ଲକ ଉପାଧ୍ୟକ୍ଷ ବିକ୍ରମ ଜେନା ଯୋଗଦେଇଥିଲେ। ସେହିପରି କୋଣାର୍କ ନିକଟସ୍ଥ ସେଚ୍ଛାସେବୀ ଅର୍କଶ୍ରୀ କାର୍ଯ୍ୟାଳୟ ପରିସରରେ କରୋନା ଭାଇରସ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଅର୍କଶ୍ରୀ ସମ୍ପାଦକ ଉମେଶଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଗୋପ ବ୍ଲକ ସ୍ୱେଚ୍ଛାସେବୀ ସଂଗଠନର ଆବାହାକ ହରିଶଚନ୍ଦ୍ର ଦାଶଙ୍କ ସମେତ ବିଭିନ୍ନ ପଞ୍ଚାୟତର ସ୍ୱେଚ୍ଛାସେବୀମାନେ ଯୋଗଦେଇ କରୋନା ଭାଇରସ ସମ୍ପର୍କରେ କିଭଳି ସଚେତନତା କରାଯିବ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଗୋପ ବ୍ଲକରେ ଥିବା ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମାସ୍କ ଓ ସାନିଟାଇଜର ପ୍ରସ୍ତୁତ କରି ଗ୍ରାମଗୁଡ଼ିକରେ ବଣ୍ଟନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୋଲାର କାର୍ଯ୍ୟକ୍ରମ ସଂଯୋଜକ ଚିତ୍ତରଞ୍ଜନ ପରିଡା, ନାଟ୍ୟଦୀପର ସମ୍ପାଦକ କାଳିନ୍ଦି ଚରଣ ସ୍ୱାଇଁ, ଆବିଷ୍କାରର ସମ୍ପାଦକ ଶରତଚନ୍ଦ୍ର ଦାଶ ଓ ଗୀତାରାଣୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ । ଏହି ଶିବିରରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।




ସତ୍ୟବାଦୀରେ କରୋନା ସଚେତନତା ବୈଠକରେ ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧି ଏବଂ ଅନ୍ୟମାନେ।